ଜାନୁଆରୀ ୨୦୨୩ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website :
www.rebatee.in



ପ୍ରସଙ୍ଗ :
ନୂଆ ମୁହଁ



Har sip mein dum
Ruchi Tea has a delightful blend of taste and strength which constantly energises you, keeps pushing you, for not just more. A lot more.
Introducing
RUCHI FOODLINE
Since 1976
Tea
FREE RUCHI Haldi Powder ₹5 (12g)
Utkal
Dust
Net Wt. 250g
FREE Frozit Ruskdip ₹10 (60g)
Utkarsh
PREMIUM
KADAK CHAI
Net Wt. 250g
Dum Hardam

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ

## ଆମ ମାଟିର ସ୍ୱର

ପଞ୍ଚମ ବର୍ଷ : ୩ୟ ସଂଖ୍ୟା, ଜାନୁଆରୀ ୨୦୨୩ ■ Vol-5, Issue : 3, January 2023



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ : **ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : **ଶିବରାଜ କର୍ଣ୍ଣ**
- ଚିତ୍ରକଳା : **ସଂଜୟ କୁମାର ରାଉଳ**
- ଲେ-ଆଉଟ୍ : **ଦିଲ୍ଲୀପ କୁମାର ସେଣ**
- ଅକ୍ଷର : **ନିରଞ୍ଜନ ସାହୁ**
- ରେବତୀ ନାମାଙ୍କନ : **ଶିଳ୍ପୀ ଶଶିକାନ୍ତ ରାଉତ**

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
**E-mail**
***rebatimedia@gmail.com***

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
**E-mail :**
***rebati.rebati2018@gmail.com***
***rebati.edit2020@gmail.com***

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**


■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

# ସୂ ଚୀ ପ ତ୍ର

। ୫ମ ବର୍ଷ । ୩ୟ ସଂଖ୍ୟା । ଜାନୁଆରୀ ୨୦୨୩ ।

ଆମ ମାଟିର ସ୍ୱର


୭ ସମ୍ପାଦକୀୟ : ନବଜାତକର ନୂଆଯୁଗ : ସୁବାସିନୀ ଜେନା








୮
ବିଶେଷ ମତ : ଅତିବଡ 'ଭାଗବତ':....
ଡକ୍ଟର ଶିଶିର ବେହେରା

୧୦
ମାନନୀୟେଷୁ-୧ : 'ନବପ୍ରଭାତ'ର ନବାବ୍ :
ଡକ୍ଟର ରଂଜନ ପ୍ରଧାନ

୧୮
ଐତିହ୍ୟ : ଗୌରବମୟ ଗାନ୍ଧୀସ୍ମୃତି :
ଶବ୍‌ନମ୍ ଆଦେନୀ

୨୪
ମାନନୀୟେଷୁ-୨ : 'ପୁଷ୍ପଧନୁ'ର....
ରବି ପଣ୍ଡା

୩୪
ପ୍ରସଙ୍ଗ-୧ : ସୃଜନର ପ୍ରଖର ସୁଅ:
ଚିତ୍ତରଞ୍ଜନ ନାୟକ

୪୬
ପ୍ରସଙ୍ଗ-୨ : କଳାର କିମିଆ.... :
ମାନମୟୀ ରଥ

୫୪ ଦ୍ୱି-ପ୍ରଚ୍ଛଦ : ରଶ୍ମିରାଣୀ ପାତ୍ର
୫୬ ଧାରାବାହିକ କାବ୍ୟ : ପ୍ରଫୁଲ୍ଲ କୁମାର ମହାନ୍ତି
୫୭ ସମକାଳ କବିତା : ପ୍ରବୀଣ କୁମାର କବି
୫୮ : ରଂଜିତା ପଣ୍ଡା
୫୯ : ଡକ୍ଟର ହରିଶ୍ଚନ୍ଦ୍ର ବେହେରା
୬୦ : ରବି ଶତପଥୀ
୬୧ : ତ୍ରିଲୋଚନ ମହାନ୍ତି
୬୨ : ସତ୍ୟ ସାହୁ
୬୩ : ତପନ କୁମାର ପଣ୍ଡା
୬୪ : ଐଶ୍ୱର୍ଯ୍ୟା ରାଉତ
୬୫ ପ୍ରସଙ୍ଗ-୩ : କମଳ କୁମାର ମହାନ୍ତି

















୬୯ ପ୍ରସଙ୍ଗ-୪ : ଡକ୍ଟର ହିରଣ୍ମୟୀ ମିଶ୍ର

୭୦ ପ୍ରସଙ୍ଗ-୫ : କ୍ଷେତ୍ରବାସୀ ନାଏକ


୭୧ ପ୍ରସଙ୍ଗ-୬ : ଓଁ ଅଭିଜ୍ଞାନ ସାହୁ

୭୭ ପ୍ରସଙ୍ଗ-୭ : ସୁବ୍ରତ କୁମାର ସେନାପତି

୮୮ କଥା-କାହାଣୀ : ବିନୋଦ

୯୨ ଧାରାବାହିକ : ପବିତ୍ର ମୋହନ ଦାଶ

୯୯ ସ୍ୱାସ୍ଥ୍ୟ-ଚର୍ଚ୍ଚା : ରବୀନ୍ଦ୍ର କୁମାର ବିଶ୍ୱାଳ





## ନିୟମିତ ବିଭାଗ


ରୋଷେଇଶାଳ:

୧୦୧ : ରକ୍ଷିକା ରୁଚିରମ୍ୟା

୧୦୩ : ରୋନାଲିସା ପଣ୍ଡା

୧୦୪ : ଗୀତିକା ଜ୍ୟୋତିପର୍ଣ୍ଣା

୧୦୬ ଶେଷପୃଷ୍ଠା : ନବପ୍ରଜନ୍ମର ପ୍ରତିବଦ୍ଧତା : କୃଷ୍ଣ କୁମାର ମହାନ୍ତି





ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**

ପ୍ରଚ୍ଛଦ ମଡେଲ୍ : **ସନ୍‌ମୀରା ନାଗେଶ୍ /କାଶ୍ମୀରା ନାଗେଶ୍,** ବାରିପଦା

ଉଚ୍ଚତା : **୫ ଫୁଟ୍ ୭ ଇଞ୍ଚ୍ /୫ ଫୁଟ୍ ୩ ଇଞ୍ଚ୍**

ବୃତ୍ତି : **ଅଭିନେତ୍ରୀ/ମଡେଲ୍**

ରୁଚି : **ଚିତ୍ରକଳା ଓ ବହି ପଢା/ଅଭିନୟ ଓ ନାଚ**

ଶିକ୍ଷା : **ସ୍ନାତକ ଅଧ୍ୟୟନରତା/ ବି.କମ୍(ସମ୍ମାନ)**

ପ୍ରଚ୍ଛଦ ଫଟୋଗ୍ରାଫି : **ଆଶିଷ ଗିରି**

ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ,** ସୋନପୁର

ମେକ୍‌ଅପ୍ : **ସୁନୀଲ ଶାହା,** ଭୁବନେଶ୍ୱର

କଷ୍ଟ୍ୟୁମ୍ : **ନିଜସ୍ୱ**

ସ୍ଥାନ : **ହରିପୁରଗଡ଼, ବାରିପଦା**

**ମଲାଟ କଥା :** ଜାନୁଆରୀ ହେଉଛି ଇଂରାଜୀ ବର୍ଷର ପ୍ରଥମ ମାସ । ଏ ମାସର ପ୍ରଥମ ଦିନଟିକୁ ଅର୍ଥାତ ୧ ଜାନୁଆରୀକୁ ନବବର୍ଷ ଭାବେ ସାରା ବିଶ୍ୱ ପାଳନ କରେ । ଡିସେମ୍ବର ୩୧ ରାତି ୧୨ଟା ପରେ ବଦଳି ଯାଏ କ୍ୟାଲେଣ୍ଡରର ପୃଷ୍ଠା । କାନ୍ଥରେ ଝୁଲେ ନୂଆ କ୍ୟାଲେଣ୍ଡର । ନୂତନ ବର୍ଷର ଆଗମନରେ ସଭିଙ୍କ ପ୍ରାଣରେ ଭରିଯାଏ ନୂଆ ଆନନ୍ଦ ଓ ନୂଆ ଉନ୍ମାଦନା । ନୂଆବର୍ଷଟିକୁ ସ୍ମରଣୀୟ କରିବା ପାଇଁ ବୁଲାବୁଲି, ଆତସବାଜି, ଖିଆପିଆ ଓ ଫୁଲତୋଡ଼ା ଦେଇ ଶୁଭେଚ୍ଛାର ସୁଅ ଛୁଟେ । ନୂଆ ସଜବାଜ ସହ ଘରର ଝିଅମାନେ ନାଚଗୀତରେ ହଜେଇ ଦିଅନ୍ତି ନିଜକୁ । ଓଡ଼ିଆ ଚଳଚ୍ଚିତ୍ର ଜଗତର ଅଭିନେତ୍ରୀ ସନ୍‌ମୀରା ନିଜ ଭଉଣୀ କାଶ୍ମୀରାଙ୍କ ସହ ନୂଆବର୍ଷ ମନେଇବାର ନିଆରା ମୁହୂର୍ତ୍ତ ଏ ମାସର ପ୍ରଚ୍ଛଦ ଆମର ।



## ମତ-ଅମତ




### ‘ରେବତୀ’ର ଦାମ ପ୍ରଶଂସନୀୟ

● ‘ରେବତୀ’ର ଡିସେମ୍ବର ସଂଖ୍ୟା ଖୁବ୍ ଭଲ ହେଇଛି । ସମ୍ପାଦନା ଖୁବ୍ ଉଚ୍ଚକୋଟୀର । ବରଗଡ଼ର ଧନୁଯାତ୍ରା ଉପରେ ଆଲେଖ୍ୟଟି ସମୟ ଉପଯୋଗୀ ଏବଂ ଗଳ୍ପ କହିବା ଭଳି ଢଙ୍ଗରେ ସଂଗ୍ରାମ କେଶରୀ ପୃଷ୍ଟିଙ୍କର ବର୍ଣ୍ଣନା ବାନ୍ଧି ରଖୁଛି । ଏଥର ପ୍ରସନ୍ନ କୁମାର ସ୍ୱାଇଁଙ୍କର ବାପାଙ୍କ ସମ୍ପର୍କିତ ରଚନା ସହ କବିତାଟି ହୃଦୟସ୍ପର୍ଶୀ । ପ୍ରତିଥର ଭଳି ‘ଦାସେ ଆପଣେ’ର ପରବର୍ତ୍ତୀ ସଂଖ୍ୟା ପାଇଁ ଉତ୍କଣ୍ଠା ରହିଲା । କିନ୍ତୁ physical uneasiness ର ଓଡ଼ିଆ କଣ ହେଇ ପାରିଲାନି ? ରଂଜନ ପ୍ରଧାନଙ୍କର ଖୁଦୁରୁକୁଣୀ ଓଷାକୁ ନେଇ ଲେଖା ଗପଟି ଭଲ ଲାଗିଲା । ଗାଳ୍ପିକା ଶ୍ୱେତପଦ୍ମାଙ୍କ ରୋଷେଇରେ ରୋଷେଇ ଶାଳରେ ମିଠା ମକାର ବଡ଼ା, ଚାଟ୍ ଓ ଅପେ ର ପ୍ରଣାଳୀ ପଢ଼ିଲି । ଜୟନ୍ତୀ ନାନୀଙ୍କର ଆତ୍ମଜୀବନୀ ମୂଳକ ଆଲେଖିକା କ୍ରମଶଃ ଅଧିକ ଭଲ ଲାଗୁଛି । ପ୍ରତୀକ୍ଷା ଜେନା ଓ ଅମିୟ ରଞ୍ଜନ ମହାପାତ୍ରଙ୍କର କବିତା ପାଠକମାନଙ୍କୁ ଖୁବ୍ ଛୁଇଁବ । ଆଉ ଅଳ୍ପ କିଛି ବାକି ଅଛି । ପଢ଼ିବି । ଶେଷରେ ନିୟମିତ ଭାବେ ଏବେ ମାସ ଆରମ୍ଭରୁ ‘ରେବତୀ’ ଆସି ଯାଉଥିବା ଖୁବ୍ ସ୍ୱାଗତଯୋଗ୍ୟ । ‘ରେବତୀ’ ଭଳି ଉଚ୍ଚମାନର ଫିଚରଧର୍ମି ପତ୍ରିକାଟିଏ ଏତେ କମ୍ ଦାମ୍‌ରେ ଉପଲବ୍ଧ କରାଇବା ଖୁବ୍ ପ୍ରଶଂସନୀୟ ନିଶ୍ଚୟ ।

**ହିରଣ୍ମୟୀ ମିଶ୍ର,** ଭୁବନେଶ୍ୱର

### ଭଲ କବିତାଗୁଡ଼ିକୁ ବାରମ୍ବାର ପଢିଲି

● ‘ରେବତୀ’ର ଡିସେମ୍ବର ସଂଖ୍ୟା ପଢ଼ିଲି । ପ୍ରସନ୍ନଙ୍କ ମୋ ବାପା ବେଶ୍ ଛୁଇଁଲା । ଶ୍ୱେତାଙ୍କ ‘ପୁଷ୍ପବିତାନ’ରୁ ଅନେକ କିଛି ଜାଣିହେଲା । କବିତାରେ ପ୍ରତୀକ୍ଷା ଜେନା, ପ୍ରବାସିନୀ ମହାକୁଡ଼, ଅମିୟ ମହାପାତ୍ର ଓ ପ୍ରୀତିଲେଖା ଦାସ ଭଲ ଲାଗିଲେ, ବାରମ୍ବାର ପଢ଼ିଲି । ଅନ୍ୟ କବିତାସବୁ ବି ପଠନୀୟ । ଈପ୍ସିତାଙ୍କ ‘ଆଲୋକିତ କାବ୍ୟସ୍ୱର’ ହୃଦୟକୁ ଛୁଇଁଗଲା । ସମସ୍ତ କବିଙ୍କୁ ପଢ଼ି ସେ ଖୁବ୍ ଚମତ୍କାର ଆଲୋଚନା କରିଛନ୍ତି । ବିଶେଷକରି ମୋ କବିତାର ଆଲୋଚନାରେ ତାଙ୍କର ଶବ୍ଦ ବିନ୍ୟାସ ଉଚ୍ଚକୋଟୀର । ମୋ ତରଫରୁ ଏଥିପାଇଁ ତାଙ୍କୁ ଅଶେଷ ଧନ୍ୟବାଦ । ‘ଶେଷପୃଷ୍ଠା’ରେ ପ୍ରିୟ କବି କୃଷ୍ଣଙ୍କ ‘ସର୍ଜନଶୀଳତାର ଶ୍ରୀ’ରେ ସାଧନାକୁ ନେଇ ସେ ଯେଉଁ ଉପସ୍ଥାପନ କରିଛନ୍ତି ତାହା ସତ୍ୟ ଓ ବାସ୍ତବତାକୁ ଆଧାର କରିଥିବାରୁ ବହୁତ ଭଲ ଲାଗିଲା । ଅନ୍ୟ ବିଭାଗ ଗୁଡ଼ିକ ମଧ୍ୟ ସୁଖପାଠ୍ୟ ।

**ସଂଜିତ ବଳ,** ମୂଷାଙ୍ଗ, ଭଦ୍ରକ

### କମ୍ ଦାମ୍‌ରେ ଏକ ସର୍ବାଙ୍ଗସୁନ୍ଦର ପତ୍ରିକା: ରେବତୀ

● ରେବତୀ ହାତରେ ଧରିଲେ ଖୁସି ଲାଗେ । ଗ୍ରାଫିକ୍ ଡିଜାଇନ୍, ଲେଖକର ଫଟୋ ହେଉ ବା ପେଣ୍ଟିଂର ସୁନ୍ଦର ଚିତ୍ର ସମୂହ, ଲେ-ଆଉଟ୍, ନିର୍ଭୁଲ ଅକ୍ଷର ସଜ୍ଜା ଆଦିକୁ ନେଇ ଅଳଙ୍କରଣ ବିଭାଗର ଅକ୍ଳାନ୍ତ ପରିଶ୍ରମ, ସମ୍ପାଦକଙ୍କ ଅନୁଭବୀ ତୀକ୍ଷ୍ଣ ନଜର ହେତୁ ସୁନିର୍ବାଚିତ ଉପାଦେୟ ଲେଖା ସହ ପତ୍ରିକାର ପେପର କ୍ୱାଲିଟି ‘ରେବତୀ’କୁ ଏକ ସମ୍ଭ୍ରାନ୍ତ ପତ୍ରିକାର ବର୍ଗରେ ଠିଆ କରାଏ ସତ କିନ୍ତୁ ତା’ର ସ୍ୱଳ୍ପ ମୂଲ୍ୟ ପାଇଁ ସାଧାରଣ ପାଠକ ତାକୁ ସହଜରେ ନିଜ ପରିବାରଭୁକ୍ତ କରିପାରେ । ସେପ୍ଟେମ୍ବର ସଂଖ୍ୟାରେ ବରେଣ୍ୟ କବି ସୀତାକାନ୍ତ ସାର୍‌ଙ୍କ ସମ୍ପର୍କରେ ଅନେକ କଥା ଜାଣିବାକୁ ମିଳିଲା । ‘ମାନନୀୟେଷୁ’ ବିଭାଗ ଯୋଗୁ ଅନେକ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ମାନ ଦେବା ସହ ନୂତନ ପିଢ଼ିକୁ ସେମାନଙ୍କ ସମ୍ପର୍କରେ ଅବଗତ କରାଇବାର ‘ରେବତୀ’ର ଏ ସଫଳ ପ୍ରୟାସ ଅଭିନନ୍ଦନୀୟ ନିଶ୍ଚୟ । ସେହିପରି ଶ୍ୟାମାମଣି ଦେବୀଙ୍କୁ ସମ୍ମାନ ଜଣାଇ ପ୍ରସ୍ତୁତ ଆଲେଖ୍ୟଟି ମନକୁ ଛୁଇଁଲା । କାଠର କିମିଆରେ ଶିଳ୍ପୀଙ୍କ ସମ୍ପର୍କରେ ଜାଣିବା ସହ କାଠର କଳାକୃତି ବିଷୟରେ ସବିଶେଷ ତଥ୍ୟ ପରିବେଷଣ ସହ ଉପସ୍ଥାପନ ଶୈଳୀ ଖୁବ୍ ମାଧୁର୍ଯ୍ୟପୂର୍ଣ୍ଣ । ଶୀତଳ ଷଷ୍ଠୀ ସମ୍ପର୍କିତ ତଥ୍ୟ ପରିବେଷଣ ଶୈଳୀ ଶେଷ ଯାଏଁ ବାନ୍ଧି ରଖିଲା ପଢ଼ିବାକୁ । ଅନେକ କଥା ଜାଣିହେଲା । ଲେଖକଙ୍କୁ ଆନ୍ତରିକ ଧନ୍ୟବାଦ ଏ ସୁନ୍ଦର ସାଂସ୍କୃତିକ ଆଲେଖ୍ୟ ପାଇଁ । ସୁଷମା ଅପା ଯେବେ କାନାଡ଼ା ଯାଇଥିଲେ ସେବେ ମୁଁ ତାଙ୍କ ଯାତ୍ରା ସମ୍ପର୍କିତ ଲେଖା ପଢୁଥିଲି ଫେସ୍‌ବୁକ୍‌ରୁ । ଆଜି ‘ରେବତୀ’ରେ ନାଚେ ନାଏଗ୍ରା ଦେଖି ଖୁସି ଲାଗିଲା । ଦ୍ୱିତୀଚନ୍ଦ୍ରଙ୍କ ଲେଖାରେ ଡଙ୍ଗରିଆ ଜୀବନ ଶୈଳୀକୁ ମୋତେ ଖୁବ୍ ନିକଟରୁ ଅନୁଭବ କଲା ପରି ଲାଗିଲା । ‘ରଙ୍ଗା ଭାଇ କଣ ଖୋଜୁଛ’ ଚମତ୍କାର ଗଳ୍ପଟି ଗଳ୍ପର ଗଢ଼ଣ ଶୈଳୀ ଶିଖାଇଲା । ‘ରେବତୀ’ରେ ଗୋଟିଏ କି ଦୁଇଟି ଗଳ୍ପ ବାହାରେ । କିନ୍ତୁ ତାହା ପ୍ରାୟ ସବୁଥର ଆତ୍ମତୃପ୍ତି ଦିଏ । ନିୟମିତ ବାହାରୁଥିବା ‘ଦାସେ ଆପଣେ’, ‘ପୁଷ୍ପବିତାନ’, ‘ରାଜନୀତିର ରେଖାଚିତ୍ର’, ‘ପ୍ରଜ୍ଞାପୀଠ’ ଆଦି ମୋର ପ୍ରିୟ ବିଭାଗ । ଏଥର ରୋଷେଇରେ ‘ହେଲ୍‌ଦି ଖାଦ୍ୟ’ ବିଭାଗଟି ହିତକର ଖାଦ୍ୟ ସହ ତାର ଗୁଣବତ୍ତା ସମ୍ପର୍କିତ ଆଲୋଚନା ଏକ ସ୍ୱାଗତଯୋଗ୍ୟ ଉପାଦେୟ ପୃଷ୍ଠା । ତାଳପିଠାର ନୂଆ ରେସିପି ମଧ୍ୟ ଭଲ ଲାଗିଲା । ସମ୍ପାଦକୀୟ, ଶେଷପୃଷ୍ଠା, କବିତା ଆଦି ଅନ୍ୟାନ୍ୟ ବିଭାଗ ମଧ୍ୟ ‘ରେବତୀ’କୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ି ତୋଳିଛି । ସମସ୍ତଙ୍କୁ ଶାରଦୀୟ ଶୁଭେଚ୍ଛା ଓ ଶୁଭକାମନା ।

**ଲକ୍ଷ୍ମୀପ୍ରିୟା ଓଝା,** ବରୋଦା, ଗୁଜରାଟ

### ‘ରେବତୀ’ର କବିତା ବିଭାଗ ସବୁଠୁ ବଳିଷ୍ଠ, ତେଣୁ ଆକର୍ଷଣୀୟ

● ‘ରେବତୀ’ ନଭେମ୍ବର ସଂଖ୍ୟାରେ ଆମେ ପାଉ ଏକ ଅନନ୍ୟ ରୋମାଂଚିତ ଅନୁଭବ । ଏଥିରେ ଅଛି ୬ଟି ରାଜବଂଶର କଥା । ମୁଁ ସବୁ ପଢ଼ିଲା ବେଳେ ଅନେକ ଅସମ୍ଭବ କଥା ରାଜା ଓ ରାଣୀଙ୍କୁ ନେଇ ଜାଣିଲି । ଏସବୁ ପଢ଼ିଲେ ଦେହ ରୋମାଂଚିତ ହେଇଯିବ । ରାଜଉଆସ, ରାଜାରାଣୀ, ଯୁଦ୍ଧବିଜୟ, ସିଂହାସନ ଉଚ୍ଛେଦ, ରାଜ୍ୟ ଜୟ ଏମିତି କେତେ କଥା ଓ କଥା ସରେନାହିଁ । ଆପଣମାନେ ପଢ଼ିଲେ ନୂଆ ନୂଆ ଅନୁଭବ ସବୁ ନିଶ୍ଚୟ ପାଇବେ । ଯେଉଁ ରାଜ ଉଆସ କଥା ଆମେ ସ୍ୱପ୍ନରେ ଭାବୁ ତାହା ଆଜି ‘ରେବତୀ’ ଆମ ପାଇଁ ବାସ୍ତବ ରୂପାୟନ କରିଛି । ଆମ ଦେଶ ସ୍ୱାଧୀନ ହେଇଗଲା ପରେ ରାଜତନ୍ତ୍ର ଯଦିଓ ବିଲୁପ୍ତ ହେଇ ଯାଇଛି, ହେଲେ ରାଜଉଆସ ଓ ରାଜବଂଶର ଦାୟାଦ ଅଛନ୍ତି । ସେସବୁ କଥା ଏଇଥିରୁ ଜାଣିବେ । ସାହିତ୍ୟିକ ହରିହର ମିଶ୍ରଙ୍କ ସହିତ ସାକ୍ଷାତ କରିଛନ୍ତି ଗାଳ୍ପିକ ରବି ପଣ୍ଡା । ଖୁବ୍ ଗହନ ଓ ଅଜଣା କଥା ସବୁ ତାଙ୍କ ବିଷୟରେ ସେ ସଂଗ୍ରହ କରିଛନ୍ତି । ତାଙ୍କ ନାମକରଣ ଠୁଁ ବନ୍ଧୁ ପ୍ରଫୁଲ୍ଲ କରଙ୍କ କଥା ଯାଏ ସବୁ ମୋତେ ନୂତନ ପୁଲକ ଦେଲା । ତାଙ୍କ ବହି ଓ ତାଙ୍କ ସମ୍ପର୍କରେ ଅନ୍ୟ ସାହିତ୍ୟିକଙ୍କ ମତ ବି ଖୁବ୍ ପ୍ରାଣୀଧାନଯୋଗ୍ୟ । କବିତା ବିଭାଗରେ ବହୁ ବଳିଷ୍ଠ କବିତା ସବୁ ସ୍ଥାନିତ ହୋଇଛି । ଏହା ହିଁ ‘ରେବତୀ’ର ଆକର୍ଷଣ । ଯାଜପୁରର ଚାମୁଣ୍ଡା ମନ୍ଦିର ବର୍ଣ୍ଣନା ମୋତେ ଅଭିଭୂତ କଲା । ବଳି ଖୁଂଟ ମୋତେ ଭୟଭୀତ କଲା । କାହିଁକି ଧର୍ମ ପୀଠରେ ଏ ବଳି । ରାଜପ୍ରାସାଦ ଆଭାସକୁ ନେଇ ଏକମାତ୍ର ଗପରେ ଖୁବ ନିଷ୍ଠା ଅଛି । ଗାଳ୍ପିକା ଆଗକୁ ଚାଲନ୍ତୁ । ଜୟନ୍ତୀ ରଥଙ୍କ ଏଥରର ଲେଖକ ବର୍ଣ୍ଣନା ମୋତେ ବିମୋହିତ କଲା । ରୋଷେଇ ଓ ରେସିପିରେ ନୂଅ ଚମକ ଅଛି । କୃଷ୍ଣବାବୁଙ୍କ ସୃଜନର ସନ୍ତୁଷ୍ଟି ମୋତେ ଖୁବ୍ ପ୍ରେରଣା ଦେଇଛି । ଲେଖକ ପୁରସ୍କାର ପାଇଁ ନଲେଖୁ । ମୁଁ ଈଶ୍ୱରଙ୍କୁ ଡାକୁଛି ମୁଁ ଆଉ ଶେଷ ନିଶ୍ୱାସ ପର୍ଯ୍ୟନ୍ତ କେଉଁ ପୁରସ୍କାର ନପାଏ । ତାହା ହିଁ ମୋତେ ଆହୁରି ଉତ୍‌ପ୍ରେରିତ କରିବ ଲେଖିବାକୁ । ଧନ୍ୟବାଦ ସମ୍ପାଦକ । ଶେଷକୁ ସୁବାସିନୀ ମାଡ଼ାମଙ୍କୁ କୃତଜ୍ଞତା ସେ ଏମିତି ସୁନ୍ଦର ପତ୍ରିକା ପ୍ରତି ମାସ ଆମ ପାଇଁ ଭେଟି ଦେଉଥିବାରୁ ।

**ଉଦୟ ନାରାୟଣ ଦାସ,** ବାଲେଶ୍ୱର

ରେବତୀ ଆମ ମାଟିର ସ୍ୱର

ସମ୍ପାଦକୀୟ

# ନବଜାତକର ନୂଆଯୁଗ

ଆମେ ଏକ ପାରିବାରିକ ବନ୍ଧନ ଭିତରେ କାଳାତିପାତ କରୁଥିବା ବେଳେ ଏକ ଶୃଙ୍ଖଳା ଓ ସୁସ୍ଥ ପରିବେଶ ପ୍ରାପ୍ତ ହୋଇଥାଉ । ଏହା ଆମର ସାମାଜିକ ପ୍ରତିଷ୍ଠାକୁ ପରିପୁଷ୍ଟ କରିଥାଏ । ଅଧିକ ଶୃଙ୍ଖଳିତ ଏବଂ ସଂସ୍କାରିତ ହେଲେ ହିଁ ସମାଜ ମଧ୍ୟର ଜଣେ ନିଶ୍ଚିତ ଭାବରେ ଏକ ଭଲ ପରିଚୟ ଲାଭ କରିପାରେ । ତେବେ ପ୍ରତିଟି ପରିବାରର ମୂଳଦୁଆ କିନ୍ତୁ ଭିନ୍ନଭିନ୍ନ ହୋଇଥିବା ଦୃଷ୍ଟିରୁ ସେଇ ପରିବାରରୁ ତଦନୁସାରୀ ବ୍ୟକ୍ତିସତ୍ତା ବାହାରିଥାନ୍ତି ଏବଂ ସେମାନଙ୍କୁ ନେଇ ହିଁ ଏକ ସାମୂହିକ ସମାଜ ଗଠନ ହୋଇଥାଏ । ସୁତରାଂ ସୁସ୍ଥ ଓ ଶୃଙ୍ଖଳିତ ସମାଜଟିଏ ପାଇଁ ପ୍ରଥମେ ପରିବାରର ମୂଳଦୁଆକୁ ଠିକ୍ ଭାବରେ ସ୍ଥାପନ କରିବା ବିଧେୟ । ଆମେ ଅନେକ ସମୟରେ, ନିଜ ପରିବାରର ବିଶୃଙ୍ଖଳା ପାଇଁ ନିଜକୁ ଦୋଷୀ ସାବ୍ୟସ୍ତ ନ କରି ଅନ୍ୟ ପରିବାରର ଭଲ ଦିଗଟିକୁ ଉଦାହରଣ ଭାବେ ଗ୍ରହଣ କରି ମାନସିକ ସନ୍ତାପରେ ରହୁ । ଏହାଦ୍ୱାରା ନିଜ ପରିବାର ସୁଗଠିତ ତ ହୁଏନା, ଅଧିକନ୍ତୁ ପରିବାରର ପ୍ରତିଟି ସଦସ୍ୟକୁ ଆମେ ଦେଇପାରୁନା ଉଚିତ୍ ସଂସ୍କାର ଓ ଶୃଙ୍ଖଳା ।

ପରିବାରଟିଏ ଗଢ଼ିବା ସହଜ ମାତ୍ର ସେଇ ପରିବାରକୁ ସୁଚାରୁରୂପେ ଚଳାଇ ନେବା କାଠିକର ପାଠ । ଅନେକ କ୍ଷେତ୍ରରେ ପାରିବାରିକ ବିଶୃଙ୍ଖଳା ଯୋଗୁଁ ପୁରା ପରିବାର ଭିତରେ ଅଶାନ୍ତି ଏବଂ ଗ୍ଲାନିବୋଧ ବିରାଜୁଥାଏ । ପରିବାରକୁ ସୁନ୍ଦର ଭାବେ ଗଢ଼ି ତୋଳିବା ପାଇଁ ଯେଉଁମାନଙ୍କ ଉତ୍ତର ଦାୟିତ୍ୱ ରହିଛି ସେମାନେ ଏହାକୁ  ଆଗକୁ ନେବାରେ ନିଷ୍ଠାଶୀଳ ହେବା ଉଚିତ୍ । ଗୋଟିଏ ପରିବାରକୁ ଗଢ଼ି ତୋଳିବା ଦିଗରେ ଉଭୟ ନାରୀ ଓ ପୁରୁଷର ଦାୟିତ୍ୱକୁ ଅସ୍ୱୀକାର କରିହେବ ନାହିଁ । କିନ୍ତୁ ପ୍ରକୃତ କ୍ଷେତ୍ରରେ ପରିବାରଟି ପାଇଁ ନାରୀ ହିଁ ନିଜକୁ ଉଜେଇଁ ଦେଇଥାଏ ବେଶି । ସତରେ ଯେମିତି ନାରୀକୁ ହିଁ ମିଳିଛି ପରିବାର ପରିଚାଳନାର ଭାର । ସେପରି ଏକ ବିଶ୍ୱାସ ଭିତରେ ପରିବାର ଗଢ଼ିବାର ଏକ ଦ୍ୱନ୍ଦ୍ୱ ଆମକୁ ଅନେକ ସମୟରେ ବିପଥଗାମୀ କରିଥାଏ । ଯଦି ନାରୀଟିଏ ପରିବାର ଗଠନର ଭାର ନିଜ ଉପରକୁ ନେଉଛି ତେବେ  ସେଇଠି ଅନ୍ୟମାନେ ତାକୁ ସହଯୋଗ କରିବା ସହିତ ତାକୁ ତା'ର କାର୍ଯ୍ୟ ପାଇଁ ପ୍ରଶଂସା ଓ ପ୍ରୋତ୍ସାହନ ଦେବା ଉଚିତ । ଏପରି ନକରି ଆମେ ଯଦି ତାକୁ ଅମର୍ଯ୍ୟାଦା କରିବା ସହ ଭର୍ତ୍ସନା ଓ ଅତ୍ୟାଚାର କରିବା, ତେବେ ପରିବାର ଗଠନର ଏକ ମହତ୍ତର ଭାବନା କେବଳ ଦିଗହରା ହେବ ନାହିଁ, ପୁରା ସମାଜ ହିଁ ନଷ୍ଟଭ୍ରଷ୍ଟ ହେଇଯିବ । କାରଣ ଉତ୍ତମ ପରିବାର ହିଁ ସୁସ୍ଥ ସମାଜର ବୀଜମନ୍ତ୍ର । ଆଉ ସୁସ୍ଥ ସମାଜକୁ ନେଇ ଉନ୍ନତ ରାଷ୍ଟ୍ରଟିଏର ସ୍ୱପ୍ନ ଦେଖା ଯାଇପାରେ ।

ପରିବାର ଗଠନର ମୂଳମନ୍ତ୍ର ଯାହା ହେଉନା କାହିଁକି, ପରିବାର ଆଜି ଆଉ କେବଳ ନାରୀର ଏକଚାଟିଆ ଅଗଣା ହୋଇ ରହିନାହିଁ ଯଦିଓ ଏବେ ବି ନାରୀଟି କର୍ମକ୍ଷେତ୍ରରୁ ଫେରି ରୋଷେଇଘରକୁ ଯାଏ ଓ ରୋଷେଇ କରେ ପୁରା ପରିବାର ପାଇଁ, ତଥାପି ଏ ଦୃଶ୍ୟପଟର ଆରପାଖଟିକୁ ମଧ୍ୟ ଆମେ ଅଣଦେଖା କରିପାରିବା ନାହିଁ ଯେ, ଅନେକ କ୍ଷେତ୍ରରେ କର୍ମକ୍ଷେତ୍ରରୁ ଫେରୁଥିବା ନାରୀଟି ତା'ର ପୁରୁଷ ସାଥୀଟି ପାଖରୁ ସମାନ ସାହାଯ୍ୟ ଓ ସହାନୁଭୂତି ପାଇଥାଏ । ରୋଷେଇ ଘରେ ଆଜି ପୁରୁଷଙ୍କୁ ବି ରୋଷେଇ କରିବାର ଦେଖାଯାଏ । ତେଣୁ ପରିବାର ଭିତରେ ଉଭୟେ ସ୍ୱାମୀସ୍ତ୍ରୀ ପରସ୍ପରର କାମକୁ ସହାନୁଭୂତିଶୀଳ ଭାବେ ବାଣ୍ଟି ନେବାର ଏକ ସୁଖଦ ପରମ୍ପରା ଆରମ୍ଭ ହେଲେ ଯାଇ, ଆମେ ଏକ ସଶକ୍ତ ପରିବାର ଗଢ଼ି ପାରିବୁ । ଅନ୍ୟଥା ପାରସ୍ପରିକ ବଡ଼ିମା ବା ଇଗୋ ଭିତରେ ମୁଁ ବଡ଼, ମୁଁ ଚାକିରିଆ, ମୁଁ କାମ କରିବିନି ଭଳି ଛୋଟ ଛୋଟ ମତାନ୍ତର ପରିବାରକୁ କେବଳ ନଷ୍ଟ କରିବ ନାହିଁ, ପରିବାରକୁ ଆସୁଥିବା ନବଜାତର ଭବିଷ୍ୟତକୁ ରୁଗ୍ଣ କରିଦେବ । ଏ କଥାକୁ ଆମେ ଭୁଲିଯିବା ଉଚିତ୍ ନୁହେଁ ।

ଏବେ ଘରେ ଘରେ ବାର୍ଦ୍ଧକ୍ୟ ଏକ ବୋଝ ଭଳି ଉଭା ହୋଇଛି । ବାପା ମାଆ ବୁଢ଼ା ହୋଇଯିବା  ପରେ ଘରେ ନିଃସଙ୍ଗ ଜୀବନ ଅତିବାହିତ କରିବାର ଅସହାୟବୋଧ ନିଜ ଆଖିରେ ନଦେଖିଲେ ଜାଣି ହେବ ନାହିଁ । ଅନେକ ଘରେ ବୃଦ୍ଧ ପିତାମାତା ବୟସାଧିକ୍ୟରେ କାଳାତିପାତ କରୁଥିବା ବେଳେ ଘରେ କେହି ନଥାନ୍ତି ସେମାନଙ୍କର ଯତ୍ନ ନେବାକୁ । ପୁଅ, ଝିଅ ବା ବୋହୂ– ସମସ୍ତେ ଯେଝା କ୍ୟାରିୟର୍‌କୁ ନେଇ ବ୍ୟସ୍ତ । ବାର୍ଦ୍ଧକ୍ୟ ତେଣୁ ଏକ ଅଭିଶପ୍ତ ଜୀବନ ଭଳି ପ୍ରତୀୟମାନ ହେଲାଣି । ଖୁବ୍ ବେଶିରେ ଅନେକ ସ୍ୱଚ୍ଛଳ ପୁଅ ଝିଅ ବୁଢ଼ା ବାପା ଓ ମାଆଙ୍କୁ ଜରାନିବାସ ବା ଓଲ୍‌ଡ୍ ଏଜ୍ ହୋମ୍‌ରେ ରଖିଦେଇ ନିଜର ଦାୟିତ୍ୱ ନିର୍ବାହ କରି ଦେଉଛନ୍ତି । କିନ୍ତୁ ଏଇଠି ଭୁଲିଯିବା ଉଚିତ୍ ନୁହେଁ, ଯେଉଁ ବାପାମାଆ ନିଜର ସୁଖସ୍ୱାଚ୍ଛନ୍ଦ୍ୟକୁ ଜଳାଞ୍ଜଳି ଦେଇ ଆମକୁ ବଡ଼ କରାଇବାରେ, ନିଜ ଜୀବନକୁ ତିଳି ତିଳ ସାରିଦେଲେ, ସେମାନଙ୍କ ଶେଷ ଅବସ୍ଥାରେ ସେମାନେ କ'ଣ ଆମଠୁ ସେତିକି ସେବା ଶୁଶ୍ରୂଷା ବା ଯତ୍ନଆଦର ଲୋଡୁନଥିବେ ! ଏ କଥା ଭୁଲିଯିବା ଉଚିତ୍ ନୁହେଁ । ଠିକ୍ ସେହିପରି ଆଜିର ସମୟରେ ଘରେ ନବଜାତ ଶିଶୁଟିର ଯତ୍ନନେବାକୁ ମାଆବାପା ରହୁ ନାହାନ୍ତି । ଗୋଟେ ନିଃସଙ୍ଗ ଶୈଶବକୁ ନେଇ ବଡ଼ ହେଉଥିବା ଆମର ନୂଆପିଢ଼ି ବଡ଼ ହୋଇ କେଉଁ ପ୍ରକାର ପ୍ରତିଦାନ ଆମକୁ ଦେବେ– ଆମେ ଭାବିଛେଁ କେବେ । ଯେଉଁ ଶିଶୁଟି ତା' ମାଆବାପାର ଆଦରଯତ୍ନ ବା ଜେଜେବାପା, ଜେଜେମାଆଙ୍କ ଗେହ୍ଲାଆଦରରେ ବଡ଼ ହେବା କଥା, ସେ ନିଜକୁ ଏକୁଟିଆ ଆୟା ପାଖରେ ବା କେଉଁଠି କେଉଁଠି ସ୍ୱାମୀସ୍ତ୍ରୀ ଉଭୟ ଚାକିରିଆ ହୋଇଥିଲେ ତାଲା ବନ୍ଦ୍ ଘର ଭିତରେ ଏକୁଟିଆ ପାଉଛି । ପିତୃମାତୃ ସ୍ନେହରୁ ବଂଚିତ ଏକ ନବଜାତକ ଠାରୁ ବଡ଼ ହେଲେ ଆମେ କେଉଁ ଆବେଗ ପଇବା ? ନା କେବଳ ଆକ୍ରୋଶ ଓ ଘୃଣା ହିଁ ମିଳିବ ! ତେଣୁ ନବବର୍ଷରୁ ଆସନ୍ତୁ ସମସ୍ତେ ମିଳିମିଶି ଏକ ସୁନ୍ଦର ପରିବେଶ ଦେବା ଆମ ପରିବାରକୁ ଆସୁଥିବା ନବଜାତକଟିକୁ ଏବଂ ଏକ ନୂଆଯୁଗର ଅୟମାରମ୍ଭ କରିବା ।

ଇଂରାଜି ନବବର୍ଷ ପାଇଁ ଆପଣମାନଙ୍କୁ ସଦିଚ୍ଛା ଓ ଶୁଭକାମନା । ଆମର ପାଠକପାଠିକା, ଲେଖକଲେଖିକା, ବିଜ୍ଞାପନଦାତା, ଶୁଭେଚ୍ଛୁମାନଙ୍କୁ ନୂଆବର୍ଷ ଶୁଭଙ୍କର ହେଉ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ପ୍ରାର୍ଥନା

ସମ୍ପାଦିକା



# ଅତିବଡ଼ 'ଭାଗବତ' : ଅତିବଡ଼ି ଜଗନ୍ନାଥ

**ଡକ୍ଟର ଶିଶିର ବେହେରା**
ସହକାରୀ ପ୍ରଫେସର,
ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ
କେନ୍ଦୁଝର ପରିସର, କେନ୍ଦୁଝର,
ଫୋନ: ୮୨୪୯୮୯୫୨୭୪



▲ ଶିଶିର ବେହେରା

ଓଡ଼ିଆ ଜାତିର ଜୀବନବେଦ ଭକ୍ତକବି ଜଗନ୍ନାଥ ଦାସଙ୍କ 'ଓଡ଼ିଆ ଭାଗବତ' । ଓଡ଼ିଶା ପ୍ରତିଘରେ ଭକ୍ତିର ସହ ପୂଜା ପାଇବା ଏବଂ ଜନ୍ମଠାରୁ ମୃତ୍ୟୁ ଯାଏଁ ପ୍ରତିଟି କର୍ମରେ ଲୋଡ଼ା ହେଉଥିବା ଅମୃତ ଶାସ୍ତ୍ର ଭାଗବତ ହିଁ ଏ ଜାତିର ମହନୀୟ ଅସ୍ମିତାକୁ ପ୍ରମାଣିତ କରିଛି । ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ସନ୍ଥ-ମହପୁରୁଷ ଜଗନ୍ନାଥ ଦାସଙ୍କ ଏହି ଦିବ୍ୟଗ୍ରନ୍ଥ କେବଳ ଓଡ଼ିଆ ଅଧ୍ୟାତ୍ମ-ଚିନ୍ତନର ପ୍ରାମାଣିକ ପ୍ରତିଭୂ ନୁହେଁ; ବରଂ ଓଡ଼ିଆ ଭାଷାର ଶୁଦ୍ଧ ଲିଖନ ପଠନର ମୂଳାଧାର । ତେଣୁ ଜଗନ୍ନାଥ ଦାସଙ୍କ ପ୍ରସଙ୍ଗ ଆସିଲେ ଓଡ଼ିଶାର ପୁରପଲ୍ଲୀରୁ ଆରମ୍ଭ କରି ସର୍ବଭାରତୀୟ ସ୍ତରରେ ଏକ ନୂତନ ଆତ୍ମପ୍ରତ୍ୟୟକୁ ଉପଲବ୍ଧି କରିବାକୁ ହୁଏ । ଜଣେ ସନ୍ଥ, ସିଦ୍ଧ ମହାପୁରୁଷ, ମଧ୍ୟଯୁଗୀୟ ଭକ୍ତି ଆନ୍ଦୋଳନର ଯଥାର୍ଥ ନେତୃତ୍ୱ, ସମାଜ ସଂସ୍କାରକ, ଶାସ୍ତ୍ରବିଦ୍ୟାକୁ ସରଳୀକରଣ କରି ଲୋକବିଦ୍ୟାରେ ରୂପାନ୍ତରଣ କରିବାରେ ସମର୍ଥ ଜନନାୟକ ଜଗନ୍ନାଥ ଦାସଙ୍କ କୃତି ଓ କୀର୍ତ୍ତିକୁ ମଥାନତ କରି ସ୍ୱୀକାର କରାଯାଏ । ଶ୍ରୀଚୈତନ୍ୟଙ୍କ ପ୍ରଦତ୍ତ 'ଅତିବଡ଼' ଉପାଧି ତାଙ୍କ ସର୍ବବିଧ ସାଧନାର ସମୁଚିତ ପରିଚୟ ମାତ୍ର । ଚଳିତ ଡିସେମ୍ବର **ରେବତୀ-୨୦୨୨** ସଂଖ୍ୟାରେ ଲେଖିକା ବିଚିତ୍ରା ଦାଶଙ୍କ 'ଅସାମାନ୍ୟ ଅତିବଡ଼ି' ଆଲେଖଟି ବେଶ୍ ଉପାଦେୟ ଓ ସ୍ୱତନ୍ତ୍ର ବୋଲି ମୋର ବ୍ୟକ୍ତିଗତ ବିଚାର । ଲେଖିକା ଏଥିରେ ଜଗନ୍ନାଥ ଦାସଙ୍କ ପଞ୍ଚସଖୀୟ ଆଭିମୁଖ୍ୟ, ମଧ୍ୟଯୁଗୀୟ ଭକ୍ତିଧର୍ମର ବିବିଧ-ବିଚିତ୍ର ପ୍ରସଙ୍ଗ ସହ ଓଡ଼ିଶାର ଜୀବନରେ ଜଗନ୍ନାଥ ଦାସଙ୍କ ପ୍ରଭାବ ଓ ପ୍ରତିଷ୍ଠାକୁ ତଥ୍ୟାଧାରରେ ବର୍ଣ୍ଣନା କରିଛନ୍ତି । ଏ ସମ୍ପର୍କରେ ମୋର ଏହି ସଂଖ୍ୟାରେ ପାଠକଙ୍କ ଲାଗି 'ବିଶେଷ ମତ' ଉପସ୍ଥାପନ କରୁଅଛି ।

ଭକ୍ତକବି ଜଗନ୍ନାଥ ଏକ ଚଳନ୍ତି ଅନୁଷ୍ଠାନ । ଏହାର ଶାଖା-ପ୍ରଶାଖା ଯେତିକି ପ୍ରସାରିତ, ସେତିକି ତା'ର ମହିମା ଓ ଖ୍ୟାତି ବିସ୍ତାରିତ । ଗଜପତି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱ କାଳରେ ଆବିର୍ଭୂତ ଜଗନ୍ନାଥ ଦାସ ନିଜ ପରିଚୟ ପ୍ରଦାନରେ ନିରବ ରହିଛନ୍ତି । କେବଳ ତାଙ୍କର ଶିଷ୍ୟ ଦିବାକର ଦାସକୃତ 'ଜଗନ୍ନାଥ ଚରିତାମୃତ' ଏ କ୍ଷେତ୍ରରେ ଆମ୍ଭର ସହାୟକ । ପରେ ଈଶ୍ୱର ଦାସଙ୍କ 'ଚୈତନ୍ୟ ଭାଗବତ' ଏବଂ ବଙ୍ଗୀୟ କବି କୃଷ୍ଣ ଦାସଙ୍କ 'ଚୈତନ୍ୟ ଚରିତାମୃତ'ରୁ ତାଙ୍କର ଜୀବନୀ ସମ୍ପର୍କରେ ସ୍ୱଳ୍ପ କିଛି ପ୍ରମାଣ ମିଳିପାରିଛି ।

ଭାଗବତର ନବାକ୍ଷରୀ ବୃତ୍ତ ସରଳ ସାବଲୀଳ ଭାଷା ସକଳଙ୍କୁ ବିସ୍ମିତ କରିଥାଏ । ବ୍ୟାସକୃତ ସଂସ୍କୃତ ଭାଗବତର ଆକ୍ଷରିକ ଅନୁବାଦ ନୁହେଁ; ବରଂ ମୂଳ ଭାଗବତର କଥାବସ୍ତୁ ଅବଲମ୍ବନରେ ଏଥିରେ କବି ଜଗନ୍ନାଥ ନିଜ ପ୍ରତିଭାର ମୌଳିକ ପରିଚୟ ପ୍ରଦାନ କରିଅଛନ୍ତି । ଶ୍ରୀଧର ସ୍ୱାମୀ ସଂସ୍କୃତ ଭାଗବତର ଯେଉଁ ଟୀକା କରିଥିଲେ, ତାହାଦ୍ୱାରା ପ୍ରଭାବିତ ହୋଇ ଜଗନ୍ନାଥ ଓଡ଼ିଆ ଭାଗବତର ପ୍ରଥମ ଏଗାର ଗୋଟି ସ୍କନ୍ଧ ରଚନା କରିଥିଲେ । ପରେ ତହିଁରେ ମହାଦେବ ଦାସ ଏବଂ ଦ୍ୱାରିକା ଦାସ ଦୁଇଟି ସ୍କନ୍ଧର ସଂଯୋଜନା କରିଅଛନ୍ତି । ଦୂରଦର୍ଶୀ ଜଗନ୍ନାଥ ଦାସ ସାରଳା ଦାସଙ୍କ ପରି ଗ୍ରାମ୍ୟ ଭାଷାର ବ୍ୟବହାର  ନକରି ଦେଶଜ ଓ ତଦ୍‌ଭବ ଭଳି ଭାଷାକୁ ପରିହାର କରି ତତ୍‌ସମ ଭାଷାରେ ଭାଗବତ ରଚନା କରିଛନ୍ତି । ଯାହା ସାଧାରଣ ଲୋକଙ୍କ ଠାରୁ ଜ୍ଞାନୀଙ୍କ ଯାଏଁ ସମସ୍ତେ ହୃଦୟଙ୍ଗମ କରିପାରନ୍ତି । ତେଣୁ ଲେଖକଙ୍କ ମୌଳିକ ପ୍ରତିଭା ହିଁ ଏହାକୁ ମୂଳଗ୍ରନ୍ଥ ଭଳି ସ୍ୱାଦ ଦାନ କରିପାରିଛି । 'ଉତ୍କଳ ସାହିତ୍ୟ' ୧୯୩୦ ସଂଖ୍ୟାରେ କୁଳମଣି ଦାସ କାବ୍ୟତୀର୍ଥ ଏ ସମ୍ପର୍କରେ କହିଥିଲେ- "ପୁଣ୍ୟାତ୍ମା ଜଗନ୍ନାଥ ଦାସଙ୍କ ପ୍ରଣୀତ ଶ୍ରୀମଦ୍ ଭାଗବତ ହିଁ ଓଡ଼ିଶା ସାହିତ୍ୟର ଆଦର୍ଶ । ଓଡ଼ିଶାର କି ଶିକ୍ଷିତ କି ଅର୍ଦ୍ଧଶିକ୍ଷିତ ସମସ୍ତେ ସେହି ଭାଗବତର ରସ ଆସ୍ୱାଦନ କରିପାରନ୍ତି । ଏହାର ଭାଷା କିପରି ସରଳ, ମଧୁର ଚିତ୍ତାକର୍ଷକ ଓ ହୃଦୟଗ୍ରାହୀ ତାହା ସମସ୍ତେ ଜାଣନ୍ତି । ସାଧାରଣ ଲୋକଙ୍କୁ ଧର୍ମତତ୍ତ୍ୱ ବୁଝେଇବାକୁ ଯାଇ ସେ ଦେଖିଥିଲେ ଯେ ସଂସ୍କୃତ ଭାଗବତର ସମଗ୍ର ଅଂଶ ସାଧାରଣ ଲୋକଙ୍କର ବୋଧଗମ୍ୟ ନୁହେଁ । ତହିଁରେ ସ୍ଥାନେସ୍ଥାନେ ଏପରି ଦୁରୂହ ଦାର୍ଶନିକ ତତ୍ତ୍ୱମାନ ବ୍ୟାଖ୍ୟା କରାଯାଇଛି ଯେ, ତାହାର ଭାବ ଅନେକ ସମୟରେ ସୁପଣ୍ଡିତମାନଙ୍କ ମସ୍ତିଷ୍କରେ ମଧ୍ୟ ପ୍ରବେଶ କରିପାରେ ନାହିଁ, ତେଣୁ ସେ ସଂସ୍କୃତ ଭାଗବତର କଠିନ ଦାର୍ଶନିକ ତତ୍ତ୍ୱମାନ ତତ୍‌ପ୍ରଣୀତ ଭାଗବତରେ ଆଦୌ ସନ୍ନିବେଶିତ କରିନାହାନ୍ତି ।"

କୁହାଯାଇ ପାରିବ 'ଓଡ଼ିଆ ଭାଗବତ' ଅଷ୍ଟାଦଶ ମହାପୁରାଣର ସାର ସଂକଳନ । କାରଣ ଜଗନ୍ନାଥ ଦାସ ବ୍ୟାସଦେବଙ୍କ ସଂସ୍କୃତ ମହାଭାରତର ବିଷୟକୁ ଆଧାର କରିଥିଲେ ହେଁ ସ୍ୱୀୟ ଜ୍ଞାନ-ପାଣ୍ଡିତ-କଳ୍ପନାରେ ତାହାକୁ ଅସାଧାରଣ କରିଅଛନ୍ତି । ଉତ୍କଳୀୟ ସାମାଜିକ, ସାଂସ୍କୃତିକ ଚିତ୍ର ଏଥିରେ ଅତି ସୁଲଭ । ମୂଳ ଗ୍ରନ୍ଥରେ ଶ୍ରୀକୃଷ୍ଣଙ୍କ ମହାତ୍ମ୍ୟ ବର୍ଣ୍ଣିତ ହୋଇଥିଲେ ହେଁ, ଓଡ଼ିଆ ଭାଗବତରେ ଲେଖକ ଅନେକ କ୍ଷେତ୍ରରେ ଜଗନ୍ନାଥଙ୍କୁ ଆଣି ସଂସ୍ଥାପିତ କରିଅଛନ୍ତି । ପ୍ରସାଦ ଓ ମାଧୁର୍ଯ୍ୟଗୁଣ ହେଉଛି ଏହାର ଅନ୍ୟତମ ବୈଶିଷ୍ଟ୍ୟ । ସେଥିପାଇଁ ଓଡ଼ିଶାର ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗୀର ପରିକଳ୍ପନା । କେବଳ ଓଡ଼ିଶା ନୁହେଁ ପଡ଼ୋଶୀ ବଙ୍ଗଦେଶରେ ମଧ୍ୟ ଓଡଆ ଭାଗବତର ପ୍ରଭାବ ରହିଥିଲା । ଷୋଡ଼ଶ ଶତାବ୍ଦୀରେ ଆଲୋଡ଼ନ ସୃଷ୍ଟି କରିଥିବା ଏହି ମହାନ୍ ଓଡ଼ିଆ ଗ୍ରନ୍ଥ ବଙ୍ଗୀୟ ଜନତାଙ୍କୁ ଆକର୍ଷିତ କରିଛି । ଏହି କାଳରେ ବଙ୍ଗୀୟ ଭାଷାରେ ମଧ୍ୟ ସଂସ୍କୃତ ଭାଗବତର ଅନୁବାଦ ଆରମ୍ଭ ହୋଇନଥିଲା । ଓଡ଼ିଆ ଭାଗବତ ରଚନା ହେବାର ୧୪୮ବର୍ଷ ପରେ ଅର୍ଥାତ୍ ୧୬୫୮ ଖ୍ରୀଷ୍ଟାବ୍ଦରେ ବିପ୍ର

ସନାତନ ଦାସ ଓଡ଼ିଆ ଭାଗବତର ଦଶମ ସ୍କନ୍ଧକୁ ଅନୁବାଦ କରିବାର ପ୍ରୟାସ କରି ବିଫଳ ହୋଇଥିଲେ । ପରେ ବିନୟ ଭାବରେ ଅବିକଳ ଓଡ଼ିଆ ପଦାବଳୀକୁ ବଙ୍ଗଳ ଭାଷାରେ ଅନୂଦିତ କରାଇଲେ । ଏଥିରୁ ଓଡ଼ିଆ ଭାଗବତର ପ୍ରତିଷ୍ଠା ଏବଂ ପ୍ରଭାବ ସଂପର୍କରେ ଅନୁମାନ କରାଯାଇପାରେ । ବିପ୍ର ସନାତନ ଦାସଙ୍କ ନମ୍ରୋକ୍ତି ଥିଲା ଏହିପରି:

"ଶୁନ୍‌ଶୁନ୍ ଶ୍ରୋତାଗନ କରି ନିବେଦନ
ପ୍ରଥମେ ହଇତେ ଗ୍ରନ୍ଥ ଲେଖିଲୁ ଆପନ୍
ଦଶମେର୍ ଶେଷ୍ ଖଣ୍ଡ ଭାଖାନା ପାଇଲ
ଅନେକତ ପଶି ଗ୍ରାମେ ଗ୍ରାମେ ବେଡ଼ାଇଲ
ଏହେତୁ ଉତ୍କଳଭାଷା କରିଲ ଲିଖନ
ଜଗନ୍ନାଥ ଦାସ କୃତ ଅପୂର୍ବ ବର୍ଣ୍ଣନ
ଗ୍ରନ୍ଥ ସମାପନ ହେତୁ ଉତ୍କଣ୍ଠା ହଇୟା
ବଙ୍ଗଜ ଭାଷାୟ ଉତ୍କଳ ମିଶାଇୟା ।"

ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପୂର୍ବରୁ ବିଶେଷକରି ଶ୍ରୀକ୍ଷେତ୍ର ପୁରୀ ଠାରେ ବୈଷ୍ଣବ ପରମ୍ପରାର ପ୍ରତିଷ୍ଠା ଓ ବିକାଶ ସାଧିତ ହୋଇସାରିଥିଲା । ଦ୍ୱୈତବାଦ ଥିଲା ଏହି ପରମ୍ପରାର ପ୍ରମୁଖ ଆଧାର, ଯାହାକୁ ଭିତ୍ତିକରି କାବ୍ୟ, ପରାଣ, ନାଟକାଦି ରଚିତ ହୋଇଥିଲା । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏହି ଦ୍ୱୈତବାଦର ପ୍ରସିଦ୍ଧ ଗ୍ରନ୍ଥ । ଏହାପରେ ରାମାନନ୍ଦ ପଟ୍ଟନାୟକ ୧୫୦୨ ବେଳକୁ ତାଙ୍କର ପ୍ରସିଦ୍ଧ ଦ୍ୱୈତଦର୍ଶନ ଆଧାରିତ 'ଶ୍ରୀଜଗନ୍ନାଥ ବଲ୍ଲଭ ନାଟକ' ରଚନା କରି ଗଜପତି ପ୍ରତାପରୁଦ୍ରଙ୍କୁ ପ୍ରଦାନ କରିଥିଲେ । ଯାହାକୁ ପାଠ କରି ପ୍ରୀତ ହୋଇ ପ୍ରତାପରୁଦ୍ର ତାଙ୍କୁ 'ରାୟ' ଉପାଧି ପ୍ରଦାନ କରିଥିଲେ । ପରେ ଶ୍ରୀଚୈତନ୍ୟଙ୍କର ରାୟ ରାମାନନ୍ଦ ସହିତ ରାଗମାର୍ଗର ଚର୍ଚ୍ଚା କରି ରାଧାଭାବ ସଂପର୍କରେ ଅବହିତ ହୋଇଥିଲେ । ୧୫୧୦ ବେଳକୁ ପୁରୀ ଆସି ବଲ୍ଲଭାଚାର୍ଯ୍ୟଙ୍କ ସହ ଶ୍ରୀଚୈନତ୍ୟ ଜଗନ୍ନାଥଙ୍କ ସହ ଅନ୍ତରଙ୍ଗ ହୋଇଥିଲେ । ବଟମୂଳରେ ଶ୍ରୀଜଗନ୍ନାଥଙ୍କ ସହ ସାକ୍ଷାତ ଓ ଭାଗବତର ଲଳିତ ପଦାବଳୀ ଶ୍ରବଣ କରି ମୁଗ୍ଧ ହୋଇଥିଲେ । ଦୁହିଁଙ୍କ ମଧ୍ୟରେ ଏକାତ୍ମ ଭାବ ଦେଖି ଚୈତନ୍ୟଙ୍କ ବଙ୍ଗୀୟ ଭକ୍ତଗଣ ଈର୍ଷାନ୍ୱିତ ହୋଇଥିଲେ । ପୂର୍ବଜନ୍ମ ପ୍ରସଙ୍ଗରେ ପଚାରିଥିବା ପ୍ରଶ୍ନର ଉତ୍ତର ଦେଇ ଜଗନ୍ନାଥ ଦାସ ବୁଝାଇଥିଲେ ଶ୍ରୀରାଧାଙ୍କ ହାସରୁ ତାଙ୍କର ଜନ୍ମ ଏବଂ ଶ୍ରୀକୃଷ୍ଣଙ୍କ ହାସରୁ ଶ୍ରୀଚୈତନ୍ୟଙ୍କ ଜନ୍ମ । ଏହି ସମ୍ବାଦରେ ଅତ୍ୟନ୍ତ ପ୍ରୀତ ହୋଇ ଶ୍ରୀଚୈତନ୍ୟ ତାଙ୍କୁ 'ଅତିବଡ଼' ବୋଲି ସମ୍ବୋଧନ କରିଥିଲେ । ଏ ସଂପର୍କରେ 'ବୈଷ୍ଣବ ଲୀଳାମୃତ'ରେ ଉଲ୍ଲେଖ ଅଛି : "ପ୍ରଭୁ ଯେ ପ୍ରେମେ ଆଲିଙ୍ଗିଲା । ଏ ଅତି ବରଟି ବୋଇଲା ।

ତୋହ ମୋହର ଏକ ପ୍ରାଣ । ଦେହଟି ମାତ୍ରକେ ଯେ ଭିନ୍ନ । ଅତିବଡ଼ ଏ କଥା କହୁ । ଅତିବଡ଼ ହେଲୁ ଆଜ ହୁଁ ।

କାନ୍ଧରୁ ଉତ୍ତରୀ କାଢ଼ିଲା । ସ୍ୱାମୀ ମସ୍ତକେ ଭିଡ଼ିଦେଲା ।
ବୋଲେ ଏ ଅତି ବଡ଼ପଣ । ସ୍ୱାମୀ ତୁ ମୋହର ପରାଣ ।"
"ସକଳେ କଲେ ଅଙ୍ଗୀକାର । ଏ ଜାତି ବଡ଼ର ବେଭାର ।
ଅତି ବଡ଼ କଥା କହିଲା । ଆଜ ହୁଁ ଅତିବଡ଼ ହେଲା ।"

ଏହି ଅତିବଡ଼ିର ବିବରଣୀ ମଧ୍ୟ ଦେଖିବାକୁ ମିଳେ ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ'ରେ । ଗ୍ରନ୍ଥର ତୃତୀୟ ଅଧ୍ୟାୟରେ କବି ଲେଖିଛନ୍ତି:

"ଆପଣା ଶ୍ରୀଅଙ୍ଗ ପାଛୋଡ଼ି । କାସାବସନ ଅଙ୍ଗୁ କାଢ଼ି ।
ଦାସଙ୍କ ଶିରେ ବାନ୍ଧି ଦେଲେ । ଅତି ବଡ଼ ବୋଲି ବୋଇଲେ ।
ଅତି ବଡ଼ କଥା କହିଲେ । ତେଣୁ ଅତିବଡ଼ ହୋଇଲେ ।"

ଜଗନ୍ନାଥ ଦାସ ନିଜେ ତାଙ୍କର ଦୁତୀବୋଧରେ ଅଙ୍ଗୀକାର କରିଛନ୍ତି:

"ବିପ୍ରକୁଳେ ଜନ୍ମହୋଇ କିଛି ନଜାଣଇ ।
ଅତିବଡ଼ ବୋଲିଣ ଚୈତନ୍ୟ ଚନ୍ଦ୍ର କହି ।"


ଜ୍ଞାନମିଶ୍ର ଭକ୍ତିର ଉପାସକ ଜଗନ୍ନାଥ ଦାସ ଏବଂ ମାଧୁର୍ଯ୍ୟ ଭକ୍ତିର ଉପାସକ ଶ୍ରୀଚୈତନ୍ୟଙ୍କ ମଧ୍ୟରେ ଜଗନ୍ନାଥ ଓ କୃଷ୍ଣଙ୍କୁ ନେଇ କୌଣସି ବିରୋଧଭାବ ଦେଖା ଯାଇନାହିଁ । ପରେ 'ବଡ଼ ଓଡ଼ିଆ ମଠ' ଓ 'ସାତଲହଡ଼ି ମଠ'ରେ ସେହି ଭାବବୋଧର ମାନ୍ତ୍ରିକ ଧ୍ୱନି ଗୁଞ୍ଜରିତ ହୋଇଛି । ଅତିବଡ଼ି ଜଗନ୍ନାଥ ଦାସଙ୍କ 'ଭାଗବତ'ର ଲୋକପ୍ରିୟତା ଏତେ ଯେ ସେଭଳି ଗୌରବ ପ୍ରାଚୀନରୁ ଏଯାବତ୍ କୌଣସି କବିଙ୍କ ଭାଗ୍ୟରେ ଜୁଟି ନାହିଁ । ଏହାର ପ୍ରଥମ କାରଣ ହେଉଛି ସାଧାରଣ ବୋଧ ଭାଷା । ଯାହା କବିଙ୍କୁ ଦେଇଛି ଅସାଧାରଣ ସଫଳତା । ଅନୁବାଦ ହୋଇ ମଧ୍ୟ ତାହା ମୌଳିକ ଓ ସ୍ୱତନ୍ତ୍ର । ଏହା ହିଁ ଏହି ଶାସ୍ତ୍ରର ଅତିବଡ଼ପଣ । ସମାଲୋଚକ ନଟବର ସାମନ୍ତରାୟଙ୍କ ଭାଷାରେ: "ସଂସ୍କୃତ ଭାଗବତର ବିପୁଳକାୟ ବିଷୟବସ୍ତୁକୁ କୌଣସି ଦେଶ– ଭାଷାରେ ଆକ୍ଷରିକ ଅନୁବାଦ କରିଦେଲେ ସେପରି ଅନୁବାଦର ଆକାର ବୃଦ୍ଧି ସଙ୍ଗେ ସଙ୍ଗେ ତାହା ଲୋକପ୍ରିୟ ନହେବାର ଆଶଙ୍କା ଯଥେଷ୍ଟ ଥିବାର ମନେହୁଏ, ଭକ୍ତକବି ଜଗନ୍ନାଥ ଦାସ ସେପରି ଅନୁବାଦ କରିବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି । ଫଳରେ କେତେକ ସ୍ଥଳରେ ମୂଳ ଶ୍ଳୋକର ଆକ୍ଷରିକ ଅନୁବାଦ କରିବା ସଙ୍ଗେ ସଙ୍ଗେ ବହୁ ଶ୍ଳୋକରେ ଥିବା ଭାବର ନିର୍ଯ୍ୟାସ ପ୍ରଦାନ ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି । ଏଥିପାଇଁ ମୂଳଭାବକୁ ପରିପୁଷ୍ଟ କରିବା ପାଇଁ ନିଜର ରୁଚି ଓ ଧାରଣା ଅନୁସରେ ଅଧିକ ବିଷୟ ସେଥିରେ ସଂଯୋଜନା କରି ଦେଇଛନ୍ତି । ଏହାଦ୍ୱାରା ନିଜର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ପ୍ରତିଷ୍ଠା ସହିତ ଗୋଟିଏ ଅନୁବାଦ ଗ୍ରନ୍ଥକୁ ସଂପୂର୍ଣ୍ଣ ଏକ ମୌଳିକ ଗ୍ରନ୍ଥ ରୂପେ ଉପସ୍ଥାପନା କରିବାକୁ ସେ ସମର୍ଥ ହୋଇଛନ୍ତି ।" **(ଓଡ଼ିଆ ଭାଗବତର ସାହିତ୍ୟିକ ଅବଦାନ)**

ଓଡ଼ିଆ ଜାତିର ବଡ଼ପଣ 'ଓଡ଼ିଆ ଭାଗବତ' । ଅତିବଡ଼ିଙ୍କ ଏହି ଅବଦାନ ପାଇଁ ଏ ଜାତି ମଧ୍ୟ ତାଙ୍କୁ ଯଥାମାନ୍ୟ ଦେଇ ଆସୁଛି । ପ୍ରତିବର୍ଷ ଭାଦ୍ରବ ପୂର୍ଣ୍ଣିମା ବା ଇନ୍ଦୁପୂର୍ଣ୍ଣିମା ଦିନ ଓଡ଼ିଆମାନେ 'ଭାଗବତ'କୁ ସମ୍ମାନ ଦେଇ ତାଙ୍କର ଜନ୍ମଦିନ ପାଳନ କରିଥାନ୍ତି । ପୃଥିବୀ ଇତିହାସରେ ଗୋଟିଏ ପୁସ୍ତକର ଜନ୍ମଦିନ ପାଳନ କରିବାରେ ଏହା ହିଁ ବିରଳ ଓ ପ୍ରଥମ ଘଟଣା । ମୃତ୍ୟୁ ଭୟ ଦୂର ପାଇଁ ରଚିତ ହୋଇଥିବା ଭାଗବତର ଆବେଦନ କିନ୍ତୁ ଜଗନ୍ନାଥଙ୍କ 'ଓଡ଼ିଆ ଭାଗବତ'ରେ ବହୁଧା ରୂପ ନେଇଛି । ନୀତିଶାସ୍ତ୍ର, ଧର୍ମଶାସ୍ତ୍ର, ସଂସ୍କାର ମାନସିକତା ପାଇଁ ଏହା ହିଁ ମାନବବାଦର ଜୟଗାନ କରିଛି । ଯଥାର୍ଥରେ ଅତିବଡ଼ କଥା ଏହା, ପ୍ରତିଟି ଓଡ଼ିଆ ଭାଗ୍ୟରେ ।

ଲେଖିକା ବିଚିତ୍ରା ଦାଶ 'ଅସାମାନ୍ୟ ଅତିବଡ଼ି' ଆଲେଖ୍ୟରେ ଯେଉଁ ପ୍ରସଙ୍ଗ ଉତ୍‌ଥାପନ କରିଛନ୍ତି, ତାହା ହିଁ ଭକ୍ତକବି ଜଗନ୍ନାଥ ଦାସଙ୍କ ବଡ଼ପଣର ସମୁଚିତ ପରିଚୟ । 'ରେବତୀ'ର ଚଳିତ ସଂଖ୍ୟାରେ ସ୍ଥାନିତ ଉକ୍ତ ଆଲେଖ୍ୟଟି ପାଠକଙ୍କୁ ବିମଳାନନ୍ଦ ଦେବାରେ ସମର୍ଥ ହୋଇଛି ବୋଲି କୁହା ଯାଇପାରିବ ।


ଲେଖିକା ବିଚିତ୍ରା ଦାଶ

# 'ନବପ୍ରଭାତ'ର ନବାବ୍



**ଡକ୍ଟର ରଂଜନ ପ୍ରଧାନ**
ଜିଲ୍ଲା ପ୍ରତିନିଧି: ସମ୍ବାଦ, କନ୍ଧମାଳ (ଫୁଲବାଣୀ)
ଫୋନ୍: ୯୪୩୭୨୧୩୮୫୪

ମୁଖ୍ୟପୃଷ୍ଠ ପୋଟ୍ରେଟ୍: ସୌମ୍ୟରଞ୍ଜନ ପଟ୍ଟନାୟକ
ଫଟୋ ସୌଜନ୍ୟ: ଲେଖକ

# ଶୈଳୀ ସମ୍ରାଟ୍ ଦେବ୍ରାଜ୍ ଲେଙ୍କା

**କଟକର ବାଉନ୍ ବଜାର ତେପନ୍ ଗଳି ତାଙ୍କ ହାର୍ମୋନିୟମ୍‌ର ସାରେଗାମା । ମସ୍ତରାମ ମଠର ସେ ମସ୍ତ୍ ମଣିଷ । ନିଜ ମର୍ଜିର ମାଲିକ୍ ସେ । ଠୋ ଠା କଥାବାର୍ତ୍ତା । ସାହିତ୍ୟର ନବାବ୍, ନୂଆ ଟ୍ରେଣ୍ଡ୍ ଓ ନୂଆପଣରେ ତାଙ୍କ ସାହିତ୍ୟ ଛିନ୍‌ଛତ୍ର । ବେପରୁଆ, ବେସାଲିସ୍, ବେହେମିଆନ୍ ବ୍ୟକ୍ତିତ୍ୱ ତାଙ୍କର । ଛାତି ଭିତରେ ଟିଣ୍ ଟିଣ୍ କୋମଳପଣ । ସେ ହେଲେ ଆମ ସଭିଙ୍କ ଆଦରଣୀୟ ବେମିଶାଲ୍ ଲେଖକ ଦେବ୍ରାଜ୍ ଲେଙ୍କା । ତାଙ୍କର ଅଗାଧ ସାହିତ୍ୟ ସର୍ଜନାକୁ ଆମେ ଉପଯୁକ୍ତ ମର୍ଯ୍ୟାଦା ଦେଇନୁ ସତ, କିନ୍ତୁ ଅଗଣିତ ପାଠକଙ୍କର ସେ ହେଲେ ପ୍ରିୟ ଲେଖକ । ନିରାସକ୍ତ ଅଥଚ ନିଆରା ଲେଖକ । ତାଙ୍କ ଜୀବନାଲେଖ୍ୟ ଏଥରର ପ୍ରତିଫଳନ । ଡକ୍ଟର ରଞ୍ଜନ ପ୍ରଧାନଙ୍କ ବିଶେଷ ପ୍ରସ୍ତୁତି କେବଳ 'ରେବତୀ' ପାଇଁ ।**



▶ ଲେଖକ ଡ. ରଞ୍ଜନ ପ୍ରଧାନ

କଟକର ବାଉନ ବଜାର ତେପନ ଗଳି ବୁଲି ବୁଲି ହାଇକୋର୍ଟ ଛକରୁ ଚାନ୍ଦିନୀଚୌକ ଛକ; ସେଠୁ କିଛି ବାଟ ଆଗକୁ ଶେଖ ବଜାର ପୂଜାମଣ୍ଡପ ଗଳିରୁ ବାଁ ହାତି ଏକ ପତଳା ରାସ୍ତା ଦେଇ ଗଲା ପରେ ଆମେ ଯେଉଁଠି ପହଞ୍ଚିଲୁ ସେ ଜାଗାର ନାଁ ଥିଲା ମାନସିଂହପାଟଣାର ମସ୍ତରାମ ଗଳି । ମସ୍ତରାମ ମଠର ନାମାନୁସାରେ ହୁଏତ ସେ ଗଳିର ନାମକରଣ ହୋଇଥାଇ ପାରେ । ଠିକ୍ ମସ୍ତରାମ ମଠକୁ ଲାଗି ଓଡ଼ିଆ ସାହିତ୍ୟର ନବାବ **ଦେବ୍ରାଜ ଲେଙ୍କା**ଙ୍କ ଘର । ମସ୍ତରାମ ମଠକୁ ନେଇ ଦେବ୍ରାଜ ଲେଙ୍କା କିମ୍ବା ଦେବ୍ରାଜ ଲେଙ୍କାଙ୍କୁ ନେଇ ମସ୍ତରାମ ମଠ; କିଏ କାହାକୁ ନେଇ ପରିଚିତ, ତାହା କହିବା ମୁସ୍କିଲ । କିନ୍ତୁ ଉଭୟ ମସ୍ତରାମ ମଠ ଓ ଦେବ୍ରାଜ ଲେଙ୍କା ମନ ଭିତରେ ଉନ୍ମାଦନା ସୃଷ୍ଟି କରିଥିଲେ । ଦେବ୍ରାଜ ଲେଙ୍କାଙ୍କ ନାମ ପୂର୍ବରୁ ବସୁଥିବା ଦୁଇଟି ଅତି ପରିଚିତ ବିଶେଷଣ ପଦ ଓଡ଼ିଆ ସାହିତ୍ୟ ଜଗତରେ କାହାକୁ ବା ଅଛପା ଅଛି ? ପ୍ରକୃତରେ ଦେବ୍ରାଜ ଲେଙ୍କା ହେଉଛନ୍ତି ଶୈଳୀ ସମ୍ରାଟ ଓ ଓଡ଼ିଆ ସାହିତ୍ୟର ନବାବ୍ ।

## ମସ୍ତ୍ ମଧ୍ୟାହ୍ନ ଓ ଦେବ୍ରାଜଙ୍କ ସ୍ନେହସାନିଧ୍ୟ

ସେଦିନ ଦେବ୍ରାଜ ଲେଙ୍କାଙ୍କ ଘରେ ମଧ୍ୟାହ୍ନ କଟିଲା ଗୋଟିଏ ଖାସ୍ ଭାତ ଓ ମାଛ ଝୋଳ ଖିଆ ମଉଜ ଭିତରେ । ମୋ' ସାଥୀରେ ପତ୍ନୀ ପ୍ରଜ୍ଞା, ଦୁଇ ଝିଅ ସମୀକ୍ଷା ଓ ସୂଚନା ବି ଥିଲେ । ସେମାନେ ବି ଦେବ୍ରାଜ ଲେଙ୍କାଙ୍କୁ ଟିକେ ଦର୍ଶନ କରିବା ଉଦ୍ଦେଶ୍ୟରେ ଯାଇଥିଲେ । ଦେବ୍ରାଜ ଲେଙ୍କା ଚଉକି ଉପରେ ବସିଥାନ୍ତି । ଟେବୁଲ୍‌ରେ କିଛି ପତ୍ରପତ୍ରିକା ଓ ଏକ ପୁରୁଣା ରେଡିଓ ସେଟ୍ ଥୁଆ ହୋଇଥାଏ । ରେଡିଓକୁ ଦେଖି ସାନଝିଅ ସୂଚନା ପଚାରିଲା, "ଏଇଟା କ'ଣ ?" ମୋ' ବଡ଼ଝିଅ ସମୀକ୍ଷା କୌତୁହଳବଶତଃ ନାତୁଣୀସୁଲଭ ଶୈଳୀରେ ଦେବ୍ରାଜଙ୍କୁ ପ୍ରଶ୍ନଟିଏ କଲା: "ଆପଣଙ୍କ ନାଁ 'ଦେବରାଜ' ନା 'ଦେବ୍ରାଜ' ?" ସେଇଠୁ ଖୋଲିଲା ଦେବ୍ରାଜଙ୍କ ଅସରନ୍ତି ଗପର ପେଡ଼ି । ଦେବ୍ରାଜୀୟ ଶୈଳୀରେ ଗୋଟେ 'ହା ହା ହା' ଶବ୍ଦ କରି ବଡ଼ ପାଟିରେ ହସିଲେ ଓ ପିକଦାନିରେ ମେଞ୍ଚାଏ ପାନଛେପ ପକେଇ କଥା ଆରମ୍ଭ କଲେ ।

## ଦେବ୍ରାଜଙ୍କ ନାଁ ପଛର ଗୁମର

ବାପା ଅତି ଶ୍ରଦ୍ଧାରେ ନାମ 'ଦେବରାଜ' ରଖିଥିଲେ । ଦେବରାଜ ଶବ୍ଦର ଅର୍ଥ ଦେବତାଙ୍କର ରାଜା ସ୍ୱୟଂ ଇନ୍ଦ୍ର । ବାପା ଏକ ଅର୍ଥ ରଖି ନାଁ ଦେଇଥିଲେ । ମାତ୍ର, ଏ ଅର୍ଥକୁ ଅନର୍ଥ କରିବାରେ ଦେବ୍ରାଜ ଥିଲେ ସିଦ୍ଧହସ୍ତ । ଥରେ ସେ 'ଦେବରାଜ'ରୁ 'ଦେବ୍ରାଜ' ଲେଖିଦେଲେ । ପ୍ରକୃତରେ କହିବାକୁ ଗଲେ 'ଦେବ୍ରାଜ' ଶବ୍ଦଟିର କିଛି ବି ଅର୍ଥ ନାହିଁ । ଏକ ଅର୍ଥଶୂନ୍ୟ ଟ୍ରାସ୍ ଶବ୍ଦକୁ ନେଇ ସେ ପରିଚିତ ହେବାକୁ ଚାହୁଁଥିଲେ । ଗୋଟିଏ ପତ୍ରିକାକୁ ଏମିତି ଲେଖୁ ଲେଖୁ 'ଦେବରାଜ ଲେଙ୍କା' ବଦଳରେ 'ଦେବ୍ରାଜ ଲେଙ୍କା' ଲେଖି ପଠାଇ ଦେଲେ ଏବଂ ଏମିତି ନାମରେ ତାଙ୍କର ଗପଟିଏ ପ୍ରକାଶ ବି ପାଇଗଲା । ସେ ଭୁଲ୍‌ରେ ହେଉ କି ଠିକ୍‌ରେ ହେଉ, ସେବେଠୁ ଦେବରାଜଙ୍କ ନାମ 'ଦେବ୍ରାଜ' ହୋଇଗଲା । ସେବେଠୁ ସେ ନିଜ ନାଁ 'ଦେବରାଜ' ବଦଳରେ 'ଦେବ୍ରାଜ' ଲେଖିଲେ । ଆଉ ଏହା ବି ଭଲ ଚାଲିଲା । ପ୍ରକୃତରେ କହିବାକୁ ଗଲେ, ଏହା ହିଁ ଦେବ୍ରାଜଙ୍କ ଷ୍ଟାଇଲ୍ । ଦେବ୍ରାଜ ଲେଙ୍କା ହିଁ ଏମିତି ଅନେକ ଅର୍ଥଶୂନ୍ୟ ଶବ୍ଦକୁ ଅର୍ଥପୂର୍ଣ୍ଣ କରି ପାରନ୍ତି । ଠୋ ଫଟାସ୍ ଘୋଡ଼ା, ଢାଏ ଧଡ଼ାସ ଫଟ୍ ଫଟ୍, ଟୁଲ୍‌ଟୁଲ୍ ଛପନ୍‌ଛୁରୀ, ରମ୍ଭା-ସମ୍ଭା ବାଜିମାତ୍, ଡେଣାକଟା ଛିଟ୍ ଛିଟ୍ ପର୍ଜାପତି, ଶୁନ୍‌ଶାନ୍ ଆର୍ଟିଷ୍ଟ, ଧୂର ପୁର୍ଥିବିର ତରା ଭଳି ଅନେକ କୌତୁକ ଶବ୍ଦ କେବଳ ଦେବ୍ରାଜଙ୍କର ହିଁ ନିଜସ୍ୱ । ଦେବ୍ରାଜ ହିଁ ଏମିତି ଅର୍ଥଶୂନ୍ୟ ଟ୍ରାସ୍ ଶବ୍ଦମାନଙ୍କୁ ତାଙ୍କ ଗପ ଓ ଉପନ୍ୟାସରେ ଖଞ୍ଜି ପାରନ୍ତି । ଏହା ହିଁ ଦେବ୍ରାଜୀୟ ଦୁଃସାହସିକତା ।

ଦେବ୍ରାଜ ଲେଙ୍କା କୌଣସି ପୋଥିଗତ ଶବ୍ଦ, ତତ୍‌ସମ କିମ୍ବା ସଂସ୍କୃତ ଶୁଦ୍ଧ ଶବ୍ଦକୁ ପସନ୍ଦ କରନ୍ତି ନାହିଁ କିମ୍ବା କୌଣସି କଥାକୁ ଅତି ସମ୍ଭ୍ରମର ସହ କହିବାକୁ ଚାହାନ୍ତି ନାହିଁ । ଦେବ୍ରାଜ କହନ୍ତି: ଏସବୁ ଭଦ୍ର ଓ ମାର୍ଜିତ 'ପୋଷାକୀ ଭାଷା'ରେ ସେ ଅଣନିଶ୍ୱାସୀ ହୋଇ ପଡ଼ନ୍ତି । ଚାଲୁ ଦେଶୀ ଶବ୍ଦକୁ ନେଇ ତାଙ୍କର ସର୍ଜନାର ସାମ୍ରାଜ୍ୟକୁ ସେ ବ୍ୟାପକ କରିବାକୁ ଚାହାନ୍ତି । ଉଦାହରଣସ୍ୱରୂପ, 'ନର ନାରୀ' ଶବ୍ଦକୁ ଦେବ୍ରାଜ ଲେଖିବେ 'ଅଣ୍ଡିରା ମାଇ' । 'ପୃଥିବୀ'କୁ 'ପୁର୍ଥିବି', 'ତାରା'କୁ 'ତରା', 'ପାଦପ'କୁ 'ଗଛ', 'ଥାନା'କୁ 'ର୍ଥାନା' । ସେ ପାଠ୍ୟ ଉପଯୋଗୀ ଶିକ୍ଷାନୁଷ୍ଠାନର ଭାଷା ଅପେକ୍ଷା 'କମନମ୍ୟାନ'ର ଭାଷା ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି । ଦେବ୍ରାଜ ମଧ୍ୟ ବ୍ୟାକରଣକୁ ଏତେ ଗୁରୁତ୍ୱ ଦିଅନ୍ତି ନାହିଁ । ଏମିତି ଲେଖିବା ଦେବ୍ରାଜଙ୍କ ଖିଆଲ ।




କେବଳ ଶବ୍ଦ ଚୟନରେ ଦେବ୍ରାଜ ଏତେ ବେହେମିଆନ୍ ନୁହଁନ୍ତି, ଉପନ୍ୟାସର ଚରିତ୍ର ଓ କାହାଣୀକୁ ନେଇ ସେ ଖୁବ୍ କେୟାର୍‌ଲେସ୍ । ଅନ୍ୟ ଲେଖକମାନେ ପୋଷା କୁକୁରକୁ ନେଇ ଗପ ଲେଖିଲେ ଦେବ୍ରାଜ ବୁଲା କୁକୁରଙ୍କୁ ନେଇ କାହାଣୀ ଲେଖନ୍ତି । କିଏ ତା'ର ଈପ୍‌ସିତ ପ୍ରିୟତମାକୁ ନେଇ ରାଶିରାଶି ପ୍ରେମଗପ ଲେଖିଲା ବେଳେ ଦେବ୍ରାଜ ଲେଖନ୍ତି ଗଉଡ଼ସାହିର ସିଙ୍ଗାଣୀନାକୀ ଗୁଲୁରୀକୁ ନେଇ । ବେଳେବେଳେ ବୁଲା କୁକୁର, ଛେଳି, ଭଙ୍ଗା କାର୍, ରେଡିଓ, ଗ୍ରାମଫୋନ ରେକର୍ଡ ଭଳି ମାନବେତର ବସ୍ତୁ ତାଙ୍କ ଉପନ୍ୟାସ କିମ୍ୱା କାହାଣୀର ମୁଖ୍ୟ ଚରିତ୍ର ପାଲଟିଛନ୍ତି । ଦେବ୍ରାଜଙ୍କ ବର୍ଣ୍ଣନା ଶୈଳୀ ଅତି ସାଧାରଣ ଓ ବାସ୍ତବତା ଆଧାରିତ । ଦେବ୍ରାଜଙ୍କର ଆଦ୍ୟକାଳର ଭାଷା ଅପେକ୍ଷା ପରିଣତ ବୟସରେ ରଚନାମାନଙ୍କରେ ଭାଷାରେ ଅନେକ ଫରକ ଦେଖିବାକୁ ମିଳିଥାଏ । 'ଅନ୍ଧମୁହାଁଣୀ' ଏବଂ 'ଠୋ ଫଟାସ୍ ଘୋଡ଼ା ଶୂନଶାନ ଆର୍ଟିଷ୍ଟ' ଉପନ୍ୟାସର ଭାଷା ମଧ୍ୟରେ ଆକାଶ ପାତାଳ ବ୍ୟବଧାନ ଲକ୍ଷ୍ୟ କରାଯାଇପାରେ ।

ଦେବ୍ରାଜ ଲେଙ୍କା ନିଜ ସାହିତ୍ୟରେ ଚଳନ୍ତି ଭାଷାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି । ତାଙ୍କର ଅନେକ ଚାଲୁ ଶବ୍ଦକୁ କେହି କେହି ନାକ ଟେକି ଅଶ୍ଳୀଳ ଶବ୍ଦ ବୋଲି କହନ୍ତି । କିନ୍ତୁ, ଦେବ୍ରାଜ ଏଥିରେ ବିଚଳିତ ହୁଅନ୍ତି ନାହିଁ । କାହାଣୀ ଓ ଚରିତ୍ର ଆବଶ୍ୟକତା କରୁଥିବା ଭାଷାରେ ସେ ସ୍ଥିର ରହନ୍ତି । ଏହା ତାଙ୍କ ଦୁଃସାହସର ପ୍ରମାଣ ଦେଇଥାଏ । ଦେବ୍ରାଜ ଲେଙ୍କାଙ୍କ ଉପନ୍ୟାସ ଓ କାହାଣୀରେ ଅଧିକ ଦେଶଜ, ଗ୍ରାମ୍ୟ, ଉର୍ଦ୍ଦୁ ଓ ପାର୍ସି ଶବ୍ଦର ବହୁଳ ପ୍ରଭାବ ଲକ୍ଷ୍ୟ କରା ଯାଇଥାଏ । ଏହାର କାରଣ ମଧ୍ୟ ସ୍ପଷ୍ଟ । ଦେବ୍ରାଜ ଲେଙ୍କା ଯେଉଁ ମସ୍ତରାମ ଗଳିରେ ରହନ୍ତି ତାକୁ ଲାଗି ଶେଖ୍ ବଜାର, ଭୋଲାମିଆଁ ବଜାର, ମହମ୍ମଦିଆ ବଜାର, କାଫ୍‌ଲା ବଜାର, ଆଲିଶା ବଜାର ରହିଛି । ଦେବ୍ରାଜଙ୍କ ପିଲାଦିନ ଓ କୈଶୋର ଏହିସବୁ ମୁସଲମାନବହୁଳ ଅଞ୍ଚଳରେ କଟିଥିବାରୁ ତାଙ୍କ ସାହିତ୍ୟରେ ଉର୍ଦ୍ଦୁ ଓ ପାର୍ସି ଶବ୍ଦର ପ୍ରଭାବ ଲକ୍ଷ୍ୟ କରିହୁଏ । ଦେବ୍ରାଜ ଏସବୁ କଟକୀ 'ବଜାର ବୋଲି' ଓ କଥ୍ୟ ଭାଷାକୁ ନେଇ ଲେଖିବା ଆରମ୍ଭ କରିଥିଲେ ଏବଂ ଏଥିରେ ସେ ସଫଳ ମଧ୍ୟ ହୋଇଛନ୍ତି ।

ଗପ, ଉପନ୍ୟାସର ନାଁ ଦେବାରେ ଦେବ୍ରାଜ ଜଣେ ଓସ୍ତାଦ କାରିଗର । ଦେବ୍ରାଜଙ୍କର ଏକ ଉପନ୍ୟାସର ନାମ 'ପାନ୍ ବିଡ଼ି ସିଗ୍ରେଟ୍' । ପ୍ରକୃତରେ କହିବାକୁ ଗଲେ, ଦେବ୍ରାଜ 'ପରିତ୍ୟକ୍ତା ପ୍ରିୟତମା' ନାମରେ ଏକ ଉପନ୍ୟାସ ଲେଖିଥିଲେ । ଉପନ୍ୟାସ ଲେଖା ସରିଥିଲା । ନାଁ ବି ଦିଆ ସରିଥିଲା । ହଠାତ୍ ତାଙ୍କର ମୁଡ୍ ବଦଳିଗଲା । ତାଙ୍କୁ ଏ ନାଁ ଭଲ ଲାଗିଲାନି । ଏ ନାଁ ତାଙ୍କୁ

## ମୁଁ ସାହିତ୍ୟରେ ବ୍ୟାକରଣକୁ ଏତେ ଗୁରୁତ୍ୱ ଦିଏ ନାହିଁ : ଦେବ୍ରାଜ ଲେଙ୍କା



●**ଆପଣ କ'ଣ ଆପଣଙ୍କ ପ୍ରଥମ ଉପନ୍ୟାସ 'ଅନ୍ଧ ମୁହାଁଣି'କୁ ଅତିକ୍ରମ କରିପାରିଛନ୍ତି ?**

●●ମୋର ପ୍ରଥମ ଉପନ୍ୟାସ 'ଅନ୍ଧ ମୁହାଁଣି' ନୁହେଁ । ମୋର ପ୍ରଥମ ଉପନ୍ୟାସର ନାମ ହେଉଛି 'ଜୋକର' । ଏହି ଜୋକର ଉପନ୍ୟାସଟି କଟକରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା 'ଜନ ସାହିତ୍ୟ'ରେ ପ୍ରକାଶିତ ହୋଇ ବେଶ୍ ପାଠକୀୟତା ଲାଭ କରିଥିଲା । ମୋର ଦ୍ୱିତୀୟ ଉପନ୍ୟାସ 'ଅନ୍ଧ ମୁହାଁଣି' । ତେବେ 'ଅନ୍ଧ ମୁହାଁଣି' ଉପନ୍ୟାସଟି ମଧ୍ୟ ବେଶ୍ ପାଠକୀୟତା ଲାଭ କରିଛି । ଏହାକୁ ମୁଁ ସ୍ୱୀକାର କରେ । ମାତ୍ର, ଏହାପରେ ମୁଁ ଉପନ୍ୟାସରେ ଅଧିକ ପରୀକ୍ଷାନିରୀକ୍ଷା କରିଛି ।

●**ଆପଣଙ୍କ ଗପଗୁଡ଼ିକ ଏତେ ଦୀର୍ଘ ଯେ, ଏହା ଉପନ୍ୟାସର ଭ୍ରମ ସୃଷ୍ଟି କରିଥାନ୍ତି ?**

●●ଓଡ଼ିଆ ସାହିତ୍ୟରେ ଗଳ୍ପର କ୍ରମବିକାଶ ଓ ଇତିହାସ ଅନୁଧ୍ୟାନ କଲେ ଜଣାଯାଏ ଯେ, ପ୍ରାଥମିକ ଅବସ୍ଥାରେ ଗଳ୍ପମାନେ ଦୀର୍ଘ ଥିଲେ । କ୍ରମଶଃ ତାହା କ୍ଷୁଦ୍ର ହେବାରୁ ସେମାନଙ୍କୁ କ୍ଷୁଦ୍ରଗଳ୍ପର ଆଖ୍ୟା ଦିଆଗଲା । ପରିବର୍ତ୍ତିତ ପରିସ୍ଥିତିରେ ବର୍ଣ୍ଣନାବିଳାସତାକୁ ତ୍ୟାଗ କରି ଭାବକୁ ଅଧିକ ଗୁରୁତ୍ୱ ଦିଆଯିବା କାରଣରୁ ଗଳ୍ପମାନଙ୍କର କାୟା ଶୀର୍ଣ୍ଣ ହୋଇଛି । କ୍ଷୁଦ୍ର ଗଳ୍ପ ମିନି ଗପରେ ଏବଂ ମିନି ଗପ ଅଣୁ ଗଳ୍ପରେ ପରିଣତ ହେଲାଣି । ମୁଁ ସେଗୁଡ଼ାକୁ ଖାତିର୍ କରେନା । ମୋ' ମନ ଯାହା କହେ, ମୁଁ ସେମିତି ଲେଖେ । ମୁଁ କେବେ ପାଠକଙ୍କୁ ଦୃଷ୍ଟିରେ ରଖି ଲେଖେନି । ଗପଟିଏ ଲେଖୁ ଲେଖୁ ଯେତେ ଦୀର୍ଘ ହୋଇଗଲେ ବି ସେଥିରେ ପରବାୟ ନଥାଏ ।

●**ଉପନ୍ୟାସ 'ସତ୍ୟପାଠ'ର ମୁଖ୍ୟ ଚରିତ୍ର ଏକ କାର୍ । ଏମିତି**

ପ୍ରତିଭା ରାୟ କିମ୍ବା ବିଭୂତି ପଟ୍ଟନାୟକଙ୍କ ଉପନ୍ୟାସର ଶୀର୍ଷକ ଭଳି ମନେହେଲା । ସେ ତୁରନ୍ତ ଉପନ୍ୟାସର ଏ ଶୀର୍ଷକକୁ ଉଡ଼ାଇ ଦେଲେ ଏବଂ ନୂଆ ଶୀର୍ଷକ ରଖିଲେ 'ପାନ୍ ବିଡ଼ି ସିଗ୍ରେଟ୍' ଏବଂ ଏ ନାଁ ବି ସୁପରହିଟ୍ ସାବ୍ୟସ୍ତ ହେଲା । ଦେବ୍ରାଜଙ୍କ ମୁଡ୍ ବି ଏପରି । ପାନ, ବିଡ଼ି, ସିଗାରେଟ୍ ଯୋଗୁଁ କିଭଳି କ୍ୟାନ୍ସର ରୋଗ ହୁଏ, ସେଭଳି ଏକ ସ୍ୱାସ୍ଥ୍ୟ ସଚେତନତାମୂଳକ କାହାଣୀ ଉପରେ ତାଙ୍କର ଏ ଉପନ୍ୟାସ ଆଧାରିତ । ସେ ପ୍ରଥମରୁ ପାନ, ବିଡ଼ି, ସିଗାରେଟ୍‌କୁ ପରୋକ୍ଷରେ 'ପରିତ୍ୟକ୍ତା ପ୍ରିୟତମା' ବୋଲି ସମ୍ବୋଧନ କରିଥିଲେ । କିନ୍ତୁ ଏଭଳି ଆଳଙ୍କାରିକ ଉପମା ତାଙ୍କୁ ପସନ୍ଦ ହେଲାନି । ଉପନ୍ୟାସର ନାମ ସିଧାସଳଖ 'ପାନ୍ ବିଡ଼ି ସିଗ୍ରେଟ୍' ରଖିଲେ । ତାଙ୍କର ଏ ଉପନ୍ୟାସ କୋଲକାତାରୁ ପ୍ରକାଶ ପାଉଥିବା ପତ୍ରିକା 'ପ୍ରତିବେଶୀ'ରେ ପ୍ରକାଶ ପାଇଥିଲା । ସମ୍ଭବତଃ ଏଭଳି ନାମକରଣରେ ଦେବ୍ରାଜ ଲେଙ୍କା ଖୁବ୍ ଖିଆଲି ।

ଦେବ୍ରାଜ ଲେଙ୍କାଙ୍କ 'ସତ୍ୟପାଠ' ଉପନ୍ୟାସ ଏଭଳି ଏକ ଉପନ୍ୟାସ, ଯାହାର ନାୟକ (ପ୍ରୋଟାଗୋନିଷ୍ଟ) ହେଉଛି ଏକ କାର୍ ବା ଏକ ଯନ୍ତ୍ର । 'ଟାର୍ଜନ' ସିନେମାରେ କାର୍‌ର କମାଲ ଦର୍ଶକେ ଅନୁଭବ କରିଛନ୍ତି । କିନ୍ତୁ ଗୋଟିଏ ଓଡ଼ିଆ ଉପନ୍ୟାସରେ ଦେବ୍ରାଜ ଲେଙ୍କା ବି ଗୋଟିଏ ଦଦରା କାର୍‌ର କମାଲ ଦେଖାଇ ପାରିଛନ୍ତି । ଗୋଟିଏ ଭଙ୍ଗା କାର୍‌ର ଇତିକଥାକୁ ନେଇ ରଚିତ ଉପନ୍ୟାସ ବିଷୟବସ୍ତୁରେ ନୂତନତା ଆଣି ପାରିଛି । ପିଲାବେଳେ ଶିକ୍ଷକ 'ଶଗଡ଼ର ଆତ୍ମଜୀବନୀ' ଲେଖିବାକୁ କହିଥିଲେ । କିନ୍ତୁ ବଡ଼ ହେଲା ପରେ ଦେବ୍ରାଜ 'କାର୍‌ର ଆତ୍ମଜୀବନୀ' ଲେଖିବାକୁ ଆଗ୍ରହୀ ହେଲେ ଓ ଲେଖିଲେ ଉପନ୍ୟାସ 'ସତ୍ୟପାଠ' । ଏ ଉପନ୍ୟାସରେ ଦେବ୍ରାଜ କାର୍ ଗ୍ୟାରେଜ୍ ଠାରୁ ଆରମ୍ଭ କରି ଇଞ୍ଜିନ, ବଡି, ଚେଚିସ୍, ବନେଟ୍‌ର ପ୍ରାଞ୍ଜଳ ବର୍ଣ୍ଣନା କରିଛନ୍ତି । ସର୍ବୋପରି ଗୋଟିଏ ଭଙ୍ଗା କାର୍‌କୁ ଦେବ୍ରାଜ 'ବିୟୁଟି କୁଇନ୍' ସଜେଇ ଦେଇଛନ୍ତି ।

'ଲଗା ଚୁନ୍‌ରୀ ମେ ଦାଗ୍', ଠୋ ଫଟାସ୍ ଘୋଡ଼ା, ଶୂନଶାନ ଆର୍ଟିଷ୍ଟ ଭଳି କେତେକ ଉପନ୍ୟାସରୁ ଦେବ୍ରାଜ ଲେଙ୍କାଙ୍କ ପାଗଳାମୀ ଜଣାପଡ଼େ । ଦେବ୍ରାଜ କୁହନ୍ତି, ସେ ଟିକେ ଖଚଡ଼ା ରାଇଟର । ଯାହାର ଅର୍ଥ ଅବାଗିଆ ଲେଖକ ବା ଆଡବାୟା ଯାହା ବି ବୁଝିପାର । ତାଙ୍କ ମନ ପବନର ଘୋଡ଼ା ଭଳି । ତାକୁ ନିୟନ୍ତ୍ରଣରେ ରଖିବା ବଡ଼ ମୁସ୍କିଲ ବ୍ୟାପାର ।

ଦେବ୍ରାଜଙ୍କ ଗଳ୍ପଗୁଡ଼ିକ ଖୁବ୍ ଆତ୍ମାଳାପୀ ଓ ଅନର୍ଗଳ । ଆଙ୍ଗିକ ଦୃଷ୍ଟିରୁ ମନେହେବ ତାଙ୍କ ଗପ, ଉପନ୍ୟାସଗୁଡ଼ିକ ଯେମିତି ଗୋଟିଏ ଗୋଲନ୍ଦାଜୀ ଗୋଲକଧନ୍ଦାରେ ପଣବନ୍ଦୀ ହୋଇଥାଏ । ମାପଚୁପ୍ ମାନକ ଭାଷାର ଦାସ ସେ ନୁହଁନ୍ତି । ପ୍ରଥାମୁକ୍ତ କଥା ପୁରୁଷ ସେ । ସେ ମୁକ୍ତ ଆକାଶର ବିହଙ୍ଗ ।

ଦେବ୍ରାଜଙ୍କ ପ୍ରଥମ ଉପନ୍ୟାସ 'ଜୋକର' ପ୍ରକାଶ ପାଏ ସେତେବେଳର ପ୍ରସିଦ୍ଧ ପତ୍ରିକା 'ଜନସାହିତ୍ୟ'ରେ । କେହି କେହି ଭାବନ୍ତି 'ଅନ୍ଧମୁହାଣୀ' ଦେବ୍ରାଜଙ୍କର ପ୍ରଥମ ଉପନ୍ୟାସ । କିନ୍ତୁ ଏହି ତଥ୍ୟଟି ଭୁଲ୍ ବୋଲି ନିଜେ ଦେବ୍ରାଜ କହନ୍ତି ।

ଦେବ୍ରାଜ ଗପ ଓ ଉପନ୍ୟାସରେ ସବୁବେଳେ ପରୀକ୍ଷାନିରୀକ୍ଷା କରିବାକୁ ଭଲ ପାଆନ୍ତି । ଦେବ୍ରାଜ କୁହନ୍ତି କେବଳ ସାହିତ୍ୟ କାହିଁକି; ଜୀବନରେ ବି

**କାହିଁକି ?**

●●ମାନବେତର ଚରିତ୍ରକୁ ପ୍ରୋଟାଗୋନିଷ୍ଟ କରି ଏକ ଉପନ୍ୟାସ ଲେଖିବାକୁ ଇଚ୍ଛା ହେଲା । ଲେଖିଲି । ମୋ' ଇଚ୍ଛା, ମୁଁ କାହାକୁ ଚରିତ୍ର କରିବି ନ କରିବି ଏବଂ କେଉଁ ଭାବକୁ ନେଇ ଲେଖିବି । ବାପାଙ୍କ କାର୍ ଏବଂ ସେ କାର୍ ଡ୍ରାଇଭର ମୋତେ ବେଶି ପ୍ରଭାବିତ କରିଥିଲେ । ବାପା ସେତେବେଳେ ହୀରାକୁଦ ନଦୀବନ୍ଧରେ କଣ୍ଟ୍ରାକ୍ଟର ଭାବେ କାର୍ଯ୍ୟ କରୁଥାନ୍ତି । ସେ କାର୍ ନେଇ ସମ୍ବଲପୁର ଯିବାଆସିବା କରୁଥିଲେ । କିନ୍ତୁ ତାଙ୍କର ସେହି କାର୍‌କୁ ଜଣେ ଯନ୍ତ୍ରୀ ମାଗି ନେଇ ଆଉ ଫେରାଇ ନଥିଲେ । ସେ ଯନ୍ତ୍ରୀଙ୍କ ସମ୍ପର୍କରେ ଆଉ ବେଶି ଭିତିରି କଥା କହିବି ନାହିଁ । ସେହିଭଳି ବାପା ଦୈତାରୀ-ପାରାଦୀପ ଏକ୍ସପ୍ରେସ୍ ହାଇୱେର ନିର୍ମାଣ କାମ ମଧ୍ୟ ବୁଝୁଥିଲେ । ବାପାଙ୍କ କାର୍ ସେତେବେଳେ ମୋ' ପାଇଁ ବଡ଼ ଆକର୍ଷଣ ଥିଲା ।

**●ଆପଣଙ୍କ ସମସ୍ତ ପୁସ୍ତକର ପ୍ରଚ୍ଛଦରେ ନିଜ ନାଁ ଅତି ବଡ଼ ଅକ୍ଷରରେ ଲେଖା ହୋଇଥିବାବେଳେ ବହିର ନାଁ ସାନସାନ ଅକ୍ଷରରେ କାହିଁକି ?**

●●ମୁଁ ଟିକେ ଖଚଡ଼ା ରାଇଟର୍ । ପରୀକ୍ଷା ନିରୀକ୍ଷା କରିବାକୁ ଭଲ ପାଏ । ପରୀକ୍ଷାର ଫଳାଫଳ କାହାକୁ କ'ଣ ଲାଗିବ ନ ଲାଗିବ, ସେଥିପ୍ରତି ଦୃଷ୍ଟି ଦେଇ ନଥାଏ । ଓଡ଼ିଶାରେ ବୋଧେ ମୋ' ବହିର କଭର ଏମିତି ହୋଇଥାଏ, ଯେଉଁଥିରେ ଲେଖକର ନାମ ଖୁବ୍ ବଡ଼ବଡ଼ ଅକ୍ଷରରେ ଲେଖା ଯାଇଥାଏ ଏବଂ ବହିର ନାମ ଛୋଟ ଛୋଟ ଅକ୍ଷର ହୋଇଥାଏ । ତୁମକୁ କ'ଣ ଏହା ଭଲ ଲାଗେନା ?



**●ଆପଣ ଗପରେ ଅଶ୍ଳୀଳ ଓ ଚାଲୁ ଦେଶଜ ଶବ୍ଦର ପ୍ରୟୋଗ କରନ୍ତି ବୋଲି ଅଭିଯୋଗ ହୁଏ । ଏହା ସତ୍ୟ ?**

●●କୌଣସି ପୋଥିଗତ ଶବ୍ଦ, ତତ୍ସମ କିମ୍ବା ସଂସ୍କୃତ ଶୁଦ୍ଧ ଶବ୍ଦ ମୋତେ ଅଣନିଃଶ୍ୱାସୀ କରିଦିଏ । ଏସବୁ ଭଦ୍ର ଓ ମାର୍ଜିତ 'ପୋଷାକୀ ଭାଷା'ର ମୁଁ ଧାର୍ ଧାରେନା । ଅନ୍ୟମାନଙ୍କ ଭାଷାରେ, ଚାଲୁ ଶବ୍ଦ ଓ ଚାଲୁ ଚରିତ୍ରକୁ ନେଇ ମୁଁ ଖେଳ ଖେଳେ । 'ନର ନାରୀ' ଗୋଟେ କ'ଣ ? ତା' ବଦଳରେ ମୁଁ ଲେଖେ 'ଅଣ୍ଡିରା ମାଈ' । 'ପୃଥିବୀ'କୁ 'ପୁର୍ଥିବି', 'ତାରା'କୁ 'ତରା', 'ପାଦପ'କୁ ଗଛ, 'ଥାନା'କୁ 'ର୍ଥାନା' ଲେଖିବା ମୋ' ଆଦତ୍ । ପାଠ୍ୟ ଉପଯୋଗୀ ଶିକ୍ଷାନୁଷ୍ଠାନର ଭାଷା ଅପେକ୍ଷା 'କମନମ୍ୟାନ୍'ର ଭାଷା ମୋର ପସନ୍ଦ । ମୁଁ ବ୍ୟାକରଣକୁ ଏତେ ଗୁରୁତ୍ୱ ଦିଏ ନାହିଁ ।

**●ଆପଣଙ୍କୁ କାହିଁକି 'ଶୈଳୀ ସମ୍ରାଟ' କୁହାଯାଉଛି ? ଏମିତି ଉପାଧି କେଉଁ ସାହିତ୍ୟ ସଂଗଠନରୁ ପ୍ରାପ୍ତ ହୋଇଛି କି ?**

●●ହା ହା ହା (ବଡ଼ ପାଟିରେ ହସି) । 'ମହଲ' ପତ୍ରିକାର ସମ୍ପାଦକ ବଂଶୀଧର ରାଉତ ମୋତେ ପ୍ରଥମେ 'ଶୈଳୀ ସମ୍ରାଟ' ବୋଲି ସମ୍ବୋଧନ କଲେ । ତାଙ୍କ ସମ୍ପାଦକୀୟରେ ମୋତେ ସେ ଶୈଳୀ ସମ୍ରାଟ ବୋଲି ଉପସ୍ଥାପନ କଲେ । ଏହା ପରେ ପରେ ଅନ୍ୟ ସମ୍ପାଦକମାନେ ମଧ୍ୟ ମୋତେ 'ଶୈଳୀ ସମ୍ରାଟ' ବୋଲି ଡାକିବାକୁ ଲାଗିଲେ । ଆଉ କେହି କେହି ମୋତେ 'ନବାବ୍' ବୋଲି ଡାକିଲେ । ସେଇଠୁ ତ ଗୋଟିଏ ଟ୍ରେଣ୍ଡ୍ ଧରିଲା । ପାଠକମାନେ ବି 'ଶୈଳୀ ସମ୍ରାଟ' କହିବାକୁ ଲାଗିଲେ । ତୁ କ'ଣ ମୋତେ କହୁନୁ ?

**●ଜୀବନରେ କିଛି ଅବ୍‌ସୋସ୍ ?**

●●କିଛି ଅବସୋସ ନାହିଁ । ମୁଁ ଏମିତି କୋଉ କୋଣାର୍କ ତିଆରି କରିଥା'ନ୍ତି ଯେ, କରିପାରିନି ?

ଏମିତି ପରୀକ୍ଷା ନିରୀକ୍ଷାର ଆବଶ୍ୟକତା ରହିଛି । ନୂଆ କିଛି କରିବାକୁ ହେଲେ ପରୀକ୍ଷା ନିରୀକ୍ଷା କରିବାକୁ ବାଧ୍ୟ । ପରୀକ୍ଷାରୁ ସବୁବେଳେ କିଛି ନୂଆ ଜିନିଷ ହିଁ ମିଳିଥାଏ । ଦେବ୍ରାଜ ସବୁବେଳେ ଏହି 'ନୂତନତ୍ୱ'ର ଅନ୍ୱେଷଣରେ ଥାନ୍ତି । ଦେବ୍ରାଜ ଗୀତ ବୋଲନ୍ତି, ମହାନଦୀରେ ପହଁରନ୍ତି, ପୁରୁଣା ଗ୍ରାମଫୋନ୍ ରେକର୍ଡ ସଂଗ୍ରହ କରନ୍ତି, ଫଟଫଟିଆ ରାଜଦୂତ ଚଳେଇ ଜୀବନକୁ ଉପଭୋଗ ବି କରନ୍ତି ।

ଦେବ୍ରାଜ ଲେଙ୍କାଙ୍କ ଗପଗୁଡ଼ିକ ବେଶ୍ ଦୀର୍ଘ । ତାଙ୍କ ଗଳ୍ପଗୁଡ଼ିକ ଏତେ ଦୀର୍ଘ ଯେ, ବେଳେବେଳେ ଶତାଧିକ ପୃଷ୍ଠା ଅତିକ୍ରମ କରି ଯାଇଥାଏ । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ 'ଗାଁ ଗାଁ ଆହା ଆହା' ଏବଂ 'କ୍ରାଇସିସ୍' ସିରିଜ୍‌ର ଗପଗୁଡ଼ିକ ଅସମ୍ଭବ ଭାବେ ଦୀର୍ଘ । ଏତେ ଦୀର୍ଘ ଗପଗୁଡ଼ିକୁ କ୍ଷୁଦ୍ର ଗପ କହିବାକୁ ବେଳେବେଳେ ସମାଲୋଚକମାନେ କୁଣ୍ଠା ପ୍ରକାଶ କରିଥାନ୍ତି । ବରଂ ଦେବ୍ରାଜଙ୍କର ଏସବୁ ଦୀର୍ଘ ଗପଗୁଡ଼ିକ ଉପନ୍ୟାସିକାର ଭ୍ରମ ସୃଷ୍ଟି କରିଥାନ୍ତି ।

ସବୁଠୁ ବଡ଼ ମଜାର କଥା ହେଉଛି, ଦେବ୍ରାଜଙ୍କ 'ଗାଁ ଗାଁ ଆହା ଆହା' ଗଳ୍ପ ସଂକଳନର ହିନ୍ଦୀ ଅନୁବାଦ ହୋଇଛି । କିନ୍ତୁ ଏହାର ନାମକରଣ ରହିଛି 'ଚାର୍ ଲମ୍ବି କାହାନିୟାଁ' । ଦୀର୍ଘ ଗପ ଲେଖି ଦେବ୍ରାଜ ଗୋଟିଏ ପରମ୍ପରାକୁ ଭାଙ୍ଗିବାର ସାହସ କରିଛନ୍ତି । ଦେବ୍ରାଜଙ୍କ ଦୀର୍ଘ ଗପ ପଢ଼ି ପାଠକ କେବେ ବୋର୍ ହେବାର ନଜିର ନାହିଁ । ବରଂ ମଦିରାର ଛୋଟ ପେଗ୍ ଭଳି ପାଠକମାନେ ଦେବ୍ରାଜଙ୍କ ଦୀର୍ଘ ଗପଗୁଡ଼ିକୁ ଆସ୍ତେ ଆସ୍ତେ ଉପଭୋଗ କରିଥାନ୍ତି ।

ଗୋଟିଏ ପିତଳ ହଣ୍ଡାକୁ ନେଇ ଦେବ୍ରାଜ ଚମତ୍କାର ଗପ ଲେଖିପାରନ୍ତି । ତାଙ୍କ ଗପ 'ନୁଖୁରୀର ନୁଖୁରା ଜୀବନ' ଏକ ସର୍ବକାଳୀନ କାଳଜୟୀ ଗପ । ହଣ୍ଡା ଚୋରି ପାଇଁ ଜଣେ ନିରୀହ ଲୋକଙ୍କୁ ଦଣ୍ଡ ଦିଆ ଯାଉଛି । କିନ୍ତୁ ବାସ୍ତବରେ ଦଣ୍ଡ ଦେଉଥିବା ଗାଁ ପୁରୋହିତ ହିଁ ହଣ୍ଡା ଚୋରି କରି ନିଜ ଘରର ସଙ୍ଗାରେ ରଖିଛି । ଯେତେବେଳେ ପୁରୋହିତର ଘରେ ନିଆଁ ଲାଗୁଛି ଆଉ ଗାଁ ଟୋକାଏ ନିଆଁ ଲିଭାଇବାକୁ ଯାଇ ଘର ଚାଳ ଓଲରା ଓଲରି କରୁଛନ୍ତି ସେତେବେଳେ ପିତଳ ହଣ୍ଡାଟି ସଙ୍ଗାରୁ ଚିକ୍‌ଚିକ୍ କରୁଛି । ଓଃ, କି ଅଦ୍ଭୁତ ବର୍ଣ୍ଣନା ଶୈଳୀ ଏ ଗପଟିର ! ଦେବ୍ରାଜ ଲେଙ୍କା ହିଁ ଏଭଳି ମାରାତ୍ମକ ଗପ ଲେଖିପାରନ୍ତି ।

## 'ନବପ୍ରଭାତ'ରେ ସାହିତ୍ୟ ଖଟି ଓ ଦେବ୍ରାଜ୍ ଦର୍ବାର୍

ଭୁବନେଶ୍ୱର ମାର୍କେଟ୍ ବିଲ୍‌ଡିଂ ଓ **ନବପ୍ରଭାତ ବୁକ୍ ଷ୍ଟୋର** ଥିଲା ଦେବ୍ରାଜଙ୍କ ସାହିତ୍ୟ ଭୂମି । **ନବ ପ୍ରଭାତ ବୁକ୍ ଷ୍ଟୋର** ଏକଦା ଓଡ଼ିଆ ସାହିତ୍ୟର ଏକ ପ୍ରସିଦ୍ଧ ଖଟି ଭାବେ ମୁଣ୍ଡ ଟେକିଥାଏ । ଏ ସାହିତ୍ୟ ଖଟିର ରିଂ ମାଷ୍ଟର ନିଜେ ଦେବ୍ରାଜ ଲେଙ୍କା । ଭିଣୋଇ ବ୍ରଜକିଶୋର ରାଉତ ଜଣେ ଆଇଏଏସ୍ ଅଫିସର ଥିଲେ । ସେ ନିଜ କ୍ଷମତା ବଳରେ ଦେବ୍ରାଜଙ୍କୁ ମାର୍କେଟ୍ ବିଲ୍‌ଡିଂ ଅଂଚଳରେ ଗୋଟିଏ ଦୋକାନ ଘର ଯୋଗେଇ ଦେଇଥିଲେ । ଦେବ୍ରାଜ ସେଠାରେ ବହି ଦୋକାନ ଆରମ୍ଭ କରିଥିଲେ । ଦେବ୍ରାଜ ଯୁବକ ଓ ବେକାର ଥିବାରୁ ଭିଣୋଇଙ୍କ କଥା ଟାଳି ନପାରି ବହି ଦୋକାନରେ ବସୁଥିଲେ । ତେବେ ଏହି ବହି ଦୋକାନ ହିଁ ଦେବ୍ରାଜଙ୍କ ଲେଖକୀୟ ଜୀବନକୁ ଅଧିକ ସମୃଦ୍ଧ କରିପାରିଥିଲା । ଆଜିର ପ୍ରତିଷ୍ଠିତ କଥାକାର **ଅଜୟ ସ୍ୱାଇଁ, ଗୌରହରି ଦାସ, କୈଳାସ ତ୍ରିପାଠୀ**, ଲେଖିକା **କବିତା ବାରିକ, ତ୍ରିଲୋଚନ ମହାନ୍ତି**, ଗୀତିକାର **ରଜନୀରଂଜନ, ଲାଲା ସେନାପତି, ଉମାପଦ ଘୋଷ**, ଚିତ୍ରଶିଳ୍ପୀ **ଛନ୍ଦା ଆଚାର୍ଯ୍ୟ**, ସିନେ ସମୀକ୍ଷକ **ସୂର୍ଯ୍ୟ ଦେଓ**, 'ପକ୍ଷୀଘର' ପ୍ରକାଶକ **ବନୋଜ ତ୍ରିପାଠୀ** ଆଦି ଦେବ୍ରାଜୀୟ ସୌରଜଗତର ଗୋଟିଏ ଗୋଟିଏ ଗ୍ରହ ହୋଇ ସେତେବେଳେ ଘୁରୁଥାନ୍ତି । ସାହିତ୍ୟ ଖଟି ଜମୁଥାଏ । ସୂର୍ଯ୍ୟର ଆଲୋକରେ ଗ୍ରହ, ଉପଗ୍ରହମାନେ ଆଲୋକିତ ହେଉଥାନ୍ତି । ସାହିତ୍ୟର ଚର୍ଚ୍ଚା, ଆଲୋଚନା ହେଉଥାଏ । **ନବପ୍ରଭାତ ବୁକ୍ ଷ୍ଟୋର** ସାହିତ୍ୟ ସର୍ଜନାର ଏକ କେନ୍ଦ୍ରବିନ୍ଦୁ ପାଲଟିଥାଏ । ସଞ୍ଜକୁ ସମସ୍ତେ ଏକାଠି ହୁଅନ୍ତି । କିନ୍ତୁ ୧୯୯୪ ମସିହା ବେଳକୁ ଦେବ୍ରାଜଙ୍କ ନବପ୍ରଭାତ ବୁକ୍ ଷ୍ଟୋର ବନ୍ଦ ହୋଇ ଯାଇଥିଲା । ଏହା ସହିତ ବି ଦେବ୍ରାଜଙ୍କ ନବପ୍ରଭାତ ସାହିତ୍ୟ ଖଟି ବି ବନ୍ଦ ହୋଇ ଯାଇଥିଲା । ମାତ୍ର, ଦେବ୍ରାଜ ମଝିରେ ମଝିରେ ଭୁବନେଶ୍ୱର ପୁରୁଣା ବସ୍‌ଷ୍ଟାଣ୍ଡ ଖଟିକୁ ଆସୁଥିଲେ ।

## ସେମାନଙ୍କ ଶବ୍ଦରେ ଦେବ୍ରାଜ



**ଓଡ଼ିଆ ସାହିତ୍ୟ ଜଗତରେ ଶ୍ରୀ ଦେବ୍ରାଜ ଲେଙ୍କା ଏକ ବିସ୍ମୟ । ଭାଷାରେ, ଭାବରେ ଓ ବ୍ୟଞ୍ଜନାରେ ତାଙ୍କର ରହିଛି ଅସାମାନ୍ୟ ନୂତନତ୍ୱ, ଅଦ୍ୱିତୀୟ କଳାକୁଶଳତା । ସେ ସାହିତ୍ୟ ପ୍ରତି ସମର୍ପିତ, ଅନୁରକ୍ତ ଏବଂ ପୂର୍ଣ୍ଣତଃ ଉଦାସୀନ ନିଜ ସାହିତ୍ୟିକ ପ୍ରତିଷ୍ଠା ସମ୍ପର୍କରେ ।**

**- ତରୁଣକାନ୍ତି ମିଶ୍ର,** କଥାକାର



**ଦେବ୍ରାଜ ଲେଙ୍କା ଚଳନ୍ତି ସମୟରେ ବି ଓଡ଼ିଆ ଗଳ୍ପ ଓ ଉପନ୍ୟାସ ଲେଖାରେ ଏକ ଦୃଷ୍ଟାନ୍ତ ହୋଇ ରହିଛନ୍ତି । ତାଙ୍କ ଲେଖାର କାରିଗରୀ କତିପୟ ଲେଖକମାନଙ୍କ ଠୁ ଢେର ଅଲଗା । ତାଙ୍କ ଲେଖାର ଚରିତ୍ର, ଘଟଣା ଯଦିଓ ସେ ଭେଟିଥିବା ଓ ଭୋଗିଥିବା ସମୟର, ତଥାପି ସେ ନିଗଡ଼କୁ ଅତିକ୍ରମିବାର ସାହସ ରଖନ୍ତି । ମୋଟାମୋଟି ସେ ଓଡ଼ିଆ ଗପ/ଉପନ୍ୟାସର 'ନୂଆ ଟ୍ରେଣ୍ଡ୍'ର ସ୍ରଷ୍ଟା ।**

**- ଡକ୍ଟର ଅଜୟ ସ୍ୱାଇଁ,** କଥାକାର



**ଦେବ୍ରାଜ ଲେଙ୍କା ଭାଷାର ଯାଦୁଗର । ସ୍କୁଲ୍ ଦିନରୁ ତାଙ୍କୁ ପଢ଼ି ଆସିଛି । ସିଧାସଳଖ କଥା ହେବା ସୁଯୋଗ ପାଇନି । ତାଙ୍କ 'ଗାଁ ଗାଁ ଆହା ଆହା' ବହିଟି ଖୁବ୍ ପ୍ରଭାବିତ କରିଥିଲା, ମୁଁ ସେଥର ଓଡ଼ିଶା ସାହିତ୍ୟ ଏକାଡେମୀର ଚୂଡ଼ାନ୍ତ ପର୍ଯ୍ୟାୟରେ ଜୁରି ଥିଲି, ନିର୍ବିବାଦରେ ତାଙ୍କର ହିଁ ପ୍ରାପ୍ୟ ଥିଲା । ଓଡ଼ିଶା ସାହିତ୍ୟର ଦୁର୍ଭାଗ୍ୟ ଯେ, ଏଭଳି ପ୍ରତିଭାଙ୍କୁ ଅନେକ ପ୍ରାପ୍ତିରୁ ବଞ୍ଚିତ କରିଛି । ମାତ୍ର, ସେ ପାଠକଙ୍କ ହୃଦୟରେ ରହିଛନ୍ତି ଚିରକାଳ ।**

**- ସରୋଜିନୀ ସାହୁ,** କଥାକାର



**ଏକ ନାଟକୀୟ ଭାବରେ ଶୈଳୀ ସମ୍ରାଟ ନାଁରେ ପରିଚିତ ଔପନ୍ୟାସିକ ଦେବ୍ରାଜ ଲେଙ୍କାଙ୍କ ସହ ଦେଖା ହୋଇଥିଲା ୧୯୮୧ ମସିହାରେ ମାର୍କେଟ୍ ବିଲ୍‌ଡିଂରେ । ସେତେବେଳେ 'ନବପ୍ରଭାତ' ନାମକ ଏକ ବହି ଦୋକାନ ଥିଲା । ମାର୍କେଟ୍ ବିଲ୍‌ଡିଂ ପଛପଟେ ମୋ' ବଡ଼ ବାପାଙ୍କ ପୁଅଙ୍କ କ୍ୱାର୍ଟର ଥିଲା । ମୁଁ ନୂଆ ନୂଆ ବାଣୀବିହାରରେ ଓଡ଼ିଆ ବିଭାଗରେ ନାଁ ଲେଖେଇଥିଲି । ହଷ୍ଟେଲ୍ ମିଳି ନଥିବାରୁ ମୁଁ ବଡ଼ବାପାଙ୍କ ଘରେ କେତୋଟି ମାସ ରହିଥିଲି । ପୁରୁଣା ବସ୍‌ଷ୍ଟାଣ୍ଡରେ ରହୁଥିବା ନାଲି ରଙ୍ଗର ଟାଉନ ବସ୍‌ରେ ଯିବାଆସିବା କରୁଥିଲି ଓ ସେ ବହି ଦୋକାନକୁ ଯାଉଥିଲି ଓଡ଼ିଆ ବହି କିଣିବାକୁ । ସେଠାକୁ ନିୟମିତ ଆସୁଥିଲେ ଆମ ଉପରେ ପଢୁଥିବା ଆଜିର ଗାଳ୍ପିକ ଅଜୟ ସ୍ୱାଇଁ, ଗୀତିକାର ରଜନୀ ରଂଜନ ଦାଶ । 'ନବପ୍ରଭାତ' ବହିଦୋକାନୀ ଯେ ସ୍ୱୟଂ ଦେବ୍ରାଜ ଲେଙ୍କା ପରେ ଜାଣିଲି । ସେ ମୋର ପ୍ରଥମ ଉପନ୍ୟାସ ବହି 'ପର୍ଦ୍ଦା**

## ଛନ୍ଦା ଆଚାର୍ଯ୍ୟ ଓ ଉପନ୍ୟାସ ଠୋ ଫଟାସ୍...

ଶିଳ୍ପୀ ଛନ୍ଦା ଆଚାର୍ଯ୍ୟଙ୍କ ଆତ୍ମହତ୍ୟା ଦେବ୍ରାଜଙ୍କୁ ଶକ୍ତ ଆଘାତ ପହଞ୍ଚାଇଥିଲା । ଛନ୍ଦା ଆଚାର୍ଯ୍ୟଙ୍କ ଜୀବନ ସଂଘର୍ଷର କାହାଣୀକୁ ନେଇ ସେ ଲେଖିଲେ ଉପନ୍ୟାସ 'ଠୋ ଫଟାସ୍ ଘୋଡ଼ା ଶୂନଶାନ ଆର୍ଟିଷ୍ଟ୍' । ଛନ୍ଦା ଆଚାର୍ଯ୍ୟଙ୍କର ପ୍ରେମ ବିବାହ ହୋଇଥିଲା । ଛନ୍ଦା ଆଚାର୍ଯ୍ୟ ଏବଂ ତାଙ୍କ ପ୍ରେମିକା ମଧ୍ୟରେ ବାହାଘରରେ ଦେବ୍ରାଜ ଗୋଟିଏ ବଡ଼ ଭୂମିକା ନିର୍ବାହ କରିଥିଲେ । ଏଥିପାଇଁ ଛନ୍ଦା ଆଚାର୍ଯ୍ୟଙ୍କ ଶ୍ୱଶୁର ଶ୍ରୀନିବାସ ଉଦ୍‌ଗାତା ଓ ଦେବ୍ରାଜଙ୍କ ମଧ୍ୟରେ ସମ୍ପର୍କ ତିକ୍ତ ହୋଇଥିଲା । ଏହି ଅନୁଭୂତିରୁ ହିଁ ଦେବ୍ରାଜଙ୍କର 'ଠୋ ଫଟାସ୍ ଘୋଡ଼ା ଶୂନଶାନ ଆର୍ଟିଷ୍ଟ' ଉପନ୍ୟାସ ଲେଖା ହୋଇଥିଲା ।

**ପଛର ଗୀତ'ର ନାଁ ରଖିଥିଲେ । ମୁଁ ନେପଥ୍ୟ ଗୀତି ଦେଇଥିଲି । ଏହାପରେ ଚିହ୍ନା ପରିଚୟ, ଚା ପିଆ, ବହିକିଣା ଆସର ଜମିଥିଲା । ତାଙ୍କ ଯୋଗୁଁ ସେ ଉପନ୍ୟାସଟି ବୁକ୍‌ସ ଆଣ୍ଡ ବୁକ୍‌ସ ୧୯୮୧ରେ ଛାପିଥିଲା । ଖୁବ୍ ସୁନ୍ଦର ଖୋଲା ହୃଦୟର ମଣିଷ ସେ । ମୋ ପାଇଁ ଅଭୁଲା, ଅନନ୍ୟ । ତାଙ୍କ କଥା ମୁଁ ମୋର ପ୍ରଥମ ଭାଗ ଆତ୍ମଜୀବନୀ 'ନିଜ କଥା'ରେ ଲେଖିଛି ।**

**- ଡକ୍ଟର କବିତା ବାରିକ,** କଥାକାର



**କଥାକାର ଦେବ୍ରାଜ ଲେଙ୍କା ଶୈଳୀ ସମ୍ରାଟ ବୋଲି ସମସ୍ତେ କହନ୍ତି । ମୁଁ ବି କହେ । କିନ୍ତୁ ଗୋଟିଏ ମୋହର ମାରିଦେବା ଦ୍ୱାରା ଜଣେ ସ୍ରଷ୍ଟାର ବ୍ୟାପକତା ସଂକୁଚିତ ହୋଇଯାଏ । ଦେବ୍ରାଜ ଜଣେ ଉଚ୍ଚମାନର ସୃଜନଶୀଳ ମଣିଷ, ତାଙ୍କ ଜୀବନ ଶୈଳୀରେ ମଧ୍ୟ ତାହା ଝକଝକ ଦିଶେ । ସେ ଖୁବ୍ ସଙ୍ଗୀତପ୍ରିୟ ଓ ଜଣେ ବାଦ୍‌ଶାହ ଭଳି ତାଙ୍କର ମିଜାସ୍ । ମୋତେ ସବୁଠୁ ବେଶୀ ଆକୃଷ୍ଟ କରେ ଦେବ୍ରାଜ ଲେଙ୍କାଙ୍କ ଅନମନୀୟ ଓ ବେସାଲିସ୍ ବ୍ୟକ୍ତିତ୍ୱ ।**

**- ସଦାନନ୍ଦ ତ୍ରିପାଠୀ,**କଥାକାର



**ଦେବ୍ରାଜ ଲେଙ୍କା ନିଜସ୍ୱ ମୌଳିକତାରେ ଓଡ଼ିଆ କଥା ସାହିତ୍ୟର ସେଇସବୁ ଦିଗକୁ ଆଲୋକିତ କରିଛନ୍ତି, ଯାହା ତାଙ୍କ ପୂର୍ବରୁ ବା ପରେ କେହି କରି ନଥାନ୍ତେ ବା କରିବେ ନାହିଁ । ଜୀବନର ସୂକ୍ଷ୍ମାତିସୂକ୍ଷ୍ମ ଚିଜକୁ ଠାବ କରି କାଗଜ ଉପରେ ଅଭିନବ ଭାବ ଓ ଭାଷାରେ ଥଇଥାନ କରିବାରେ ତାଙ୍କର ସମକକ୍ଷ କେହି ନାହାନ୍ତି । ଆମ ଭଳି ଚହଟଚିକଣ ଗାଳ୍ପିକ ତାଙ୍କ ପାଦ ଧୂଳିକୁ ବି ସରି ହେବେନି ।**

**- ସରୋଜ ବଳ,** କବି ଓ କଥାକାର



**ଓଡ଼ିଆ କଥା ସାହିତ୍ୟର ପ୍ରବାଦ ପୁରୁଷ ସିଏ । ସାରସ୍ୱତ ଜଗତର ଜାଗ୍ରତ ଯାଯାବର ଦେବ୍ରାଜ ଲେଙ୍କା । ମାଟିର ମଣିଷମାନଙ୍କ ମନଗହନର ସ୍ୱପ୍ନ, ଅଭୀପ୍‌ସା ଓ ଅନ୍ୱେଷଣର ଅନନ୍ୟ ରୂପକାର, ମହାନ ଶବ୍ଦକାର, ଶୈଳୀ ସମ୍ରାଟ ଦେବ୍ରାଜ ଲେଙ୍କା ମୋ' ସାହିତ୍ୟ ଜୀବନର ପ୍ରଥମ ପ୍ରେରଣା, ଦିଗ୍‌ଦର୍ଶକ ଓ ଗୁରୁ । ମୁଁ କଥା ସାହିତ୍ୟ ନିର୍ମାଣ କଲା ସମୟରେ ଦେବ୍ରାଜଙ୍କୁ ହିଁ ସର୍ବପ୍ରଥମେ ସ୍ମରଣ କରିଥାଏ । ଜଣେ ଦାର୍ଶନିକର ଦୃଷ୍ଟିଭଙ୍ଗୀ, ଜଣେ ସାରସ୍ୱତ ଶବ୍ଦବିତ୍‌ର ଆତ୍ମା, ଜଣେ ଏକନିଷ୍ଠ ସାଧକର ନିଷ୍ଠାପରତା ଏବଂ ଜୁଡୁବୁଡୁ ଆତ୍ମୀୟତାରେ ଭରପୂର ଅମାୟିକ ସୃଜନଶୀଳ ବ୍ୟକ୍ତିତ୍ୱର ଅଧିକାରୀ ଦେବ୍ରାଜଙ୍କୁ ପଢ଼ିବାର ମାନେ ମୋ' ପାଇଁ ନିଜକୁ ସୃଜନ ସ୍ରୋତରେ ଭସାଇନେବା ।**

**- ସଂଜୟ ଭଟ୍ଟ,** କଥାକାର ଓ ଚିତ୍ରଶିଳ୍ପୀ

## 'ଅନ୍ଧମୁହାଁଣୀ' ଓ ଦେବ୍ରାଜଙ୍କ ବିବର୍ତ୍ତନ

ଯେତେବେଳେ ଧାରାବାହିକ ଶଗଡ଼ ଗୁଳାରୁ ବାହାରି ନୂତନ ରାସ୍ତାରେ ଲୋକଟିଏ ଚାଲେ, ସେତେବେଳେ ଅନ୍ୟମାନେ ଏହାକୁ ନାପସନ୍ଦ କରନ୍ତି । କିନ୍ତୁ ଦେବ୍ରାଜ ଲେଙ୍କା ସେମିତି ଜଣେ କଥାକାର, ଯିଏ କି ପାରମ୍ପରିକ ଶଗଡ଼ ଗୁଳାରେ ଚାଲିବାକୁ ପସନ୍ଦ କରନ୍ତି ନାହିଁ । ଉପନ୍ୟାସ 'ଅନ୍ଧ ମୁହାଁଣୀ' ପରେପରେ ଦେବ୍ରାଜଙ୍କ ସାରସ୍ୱତ ଜୀବନରେ ଗୋଟିଏ ଆକାଶପାତାଳ ରୂପାନ୍ତରଣ ଘଟିଛି । 'ଅନ୍ଧ ମୁହାଁଣୀ' ଉପନ୍ୟାସ ପରେ ପରେ ସେ ଉପନ୍ୟାସ ଓ ଗଳ୍ପରେ ନାନା କଳାକୌଶଳ ଓ ଶବ୍ଦର ପ୍ରୟୋଗ କରିଛନ୍ତି । ପରୀକ୍ଷାନିରୀକ୍ଷା କରିଛନ୍ତି । ଏଣୁ ଦେବ୍ରାଜଙ୍କ ଉପନ୍ୟାସ ଓ ଗଳ୍ପ ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର ହୋଇଥାଏ ।

ଦେବ୍ରାଜ ଲେଙ୍କା ଏଭଳି ଜଣେ ବେହେମିଆନ କଥାକାର, ଯିଏ ନିଜର ପ୍ରତିଷ୍ଠା ପାଇଁ କେବେ ବି ବ୍ୟଗ୍ର ନୁହଁନ୍ତି । କିନ୍ତୁ ସେ ଓଡ଼ିଆ ସାହିତ୍ୟର ଇତିହାସ ପୃଷ୍ଠାରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିପାରିଛନ୍ତି । ସାହିତ୍ୟରେ ଅନେକ ପରୀକ୍ଷା ନିରୀକ୍ଷା କରିଛନ୍ତି । ଲେଖନୀ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି । ସେ ଆଜି ଯାଏଁ କେନ୍ଦ୍ର ସାହିତ୍ୟ ଏକାଡେମୀ, ଶାରଳା ପୁରସ୍କାର କିମ୍ବା ଜ୍ଞାନପୀଠ ଭଳି କୌଣସି ବଡ଼ ପୁରସ୍କାର ହାସଲ କରିନାହାନ୍ତି । ମାତ୍ର, ଦେବ୍ରାଜ ଏସବୁ ପୁରସ୍କାରକୁ ଅତିକ୍ରମ କରି ଢେର୍ ଆଗକୁ ଚାଲି ଯାଇଛନ୍ତି । ସେ ପାଠକଙ୍କ ହୃଦୟରେ ବନ୍ଧା ପଡ଼ିଥାନ୍ତି ସବୁବେଳେ ।

## ବେସାଲିସ୍ ବାଦ୍‌ଶାହ ଓ ପାଠକର ଲେଖକ

ଦେବ୍ରାଜ ଲେଙ୍କା କେବେ ବି ନିନ୍ଦା ବା ପ୍ରଶଂସାକୁ ଗୁରୁତ୍ୱ ଦେଇ ନଥାନ୍ତି । ଆପଣାର ନୂଆ ପଥ ଆବିଷ୍କାର କରି ଖୁବ୍ ସ୍ୱଚ୍ଛନ୍ଦରେ ଆଗକୁ ଆଗକୁ ଚାଲିପାରନ୍ତି । ଦେବ୍ରାଜ କହନ୍ତି; "ଲୋକ ଯଦି ମୋର ବେଗୁଳା ଧାରାର ଲେଖାକୁ ଭଲ ଭାବେ ହଜମ କରି ନପାରି କୁହନ୍ତି, ମୁଁ ଆଳିମାଳିକା ଲେଖେ, ତ ତାଙ୍କ ପାଇଁ ମୁଁ ଆଳିମାଳିକା । ବକ୍‌ବାସ୍ । ଲୋକେ ବି ଯଦି କୁହନ୍ତି, ମୁଁ ଶୈଳୀ ସମ୍ରାଟ, ତାଙ୍କ ପାଇଁ ବି ମୁଁ ଶୈଳୀ ସମ୍ରାଟ ।" ଏଥିରୁ ଜଣାପଡ଼େ ଯେ, ଦେବ୍ରାଜ ଲେଙ୍କା ସମୟ ସହିତ ବେସାଲିସ ଓ ଚଳନ୍ତି ବ୍ୟବସ୍ଥା ପ୍ରତି ବେଖାତିର କରି ଧୀରସ୍ଥିର କର୍ମପନ୍ଥା ଆଦରି ନିଜର ସ୍ଥିତିକୁ ସଦୃଢ଼ କରିବା ସହ ପାଠକୀୟ ଆଦୃତି ହାସଲ କରିପାରିଛନ୍ତି ।

ଦେବ୍ରାଜ ଲେଙ୍କା ସିନା କବିତା ଲେଖନ୍ତି ନାହିଁ, କିନ୍ତୁ ତାଙ୍କ ଗପ, ଉପନ୍ୟାସରେ ଥାଏ ରାଶି ରାଶି କବିତାର ବର୍ଣ୍ଣମାଳା । ତାଙ୍କର ଗଦ୍ୟ ସଦା ଛଳ ଛଳ ଓ ପ୍ରବହମାନ । ତାଙ୍କର ଉପନ୍ୟାସର ଧାଡ଼ିଗୁଡ଼ିକ କବିତା ଭଳି । ଦେବ୍ରାଜଙ୍କ ଉପନ୍ୟାସର ଧାଡ଼ିଗୁଡ଼ିକୁ ସଜେଇ ଲେଖିଦେଲେ ଅନେକ କବିତା ଗଢ଼ି ହୋଇଯିବ ।

## କୁଶପଙ୍ଗୀର ବେପରୁଆ ମଣିଷ ଓ ଦେବ୍ରାଜ୍‌ଙ୍କ ଶୈଶବ

ଦେବ୍ରାଜ ଲେଙ୍କାଙ୍କ ଶୈଶବ ବାଙ୍କିର କୁଶପଙ୍ଗୀ ଏବଂ କଟକର ମାନସିଂହପାଟଣାରେ କଟିଛି । କିନ୍ତୁ ନିଜର କର୍ମସ୍ଥଳୀ ଥିଲା ରାଜଧାନୀ ଭୁବନେଶ୍ୱରର ୟୁନିଟ୍-୨ର ମାର୍କେଟ୍ ବିଲ୍‌ଡିଂରେ ଥିବା **ନବପ୍ରଭାତ ବୁକ୍ ଷ୍ଟୋର** । ବହି ଦୋକାନ ଥିଲା ନାମକୁ ମାତ୍ର । ବହି ବ୍ୟବସାୟ କରି ପରିବାର ଚଳେଇବା କିମ୍ବା ଜମିବାଡ଼ି କିଣିବା, କୋଠା କରିବା ତାଙ୍କର ଉଦ୍ଦେଶ୍ୟ ନଥିଲା । ସେ ଜଣେ ରାଜପୁତ୍ର ଭଳି ମିଜାଜି ଥିଲେ ।

ଦେବ୍ରାଜ ଲେଙ୍କାଙ୍କ ବାପା ଲିଙ୍ଗରାଜ ଲେଙ୍କା ସେତେବେଳେ ହାଇକୋର୍ଟର ସରକାରୀ ଓକିଲ । ଲିଙ୍ଗରାଜ ପାଟ୍‌ନାରୁ ଆଇନ ଶିକ୍ଷା

ଦେବ୍ରାଜ ଲେଙ୍କାଙ୍କ ଘରେ ରଞ୍ଜନ ପ୍ରଧାନ ସପରିବାର



ଲାଭ କରି ହାଇକୋର୍ଟରେ ଓକିଲାତି କରୁଥିଲେ । ମାତ୍ର, ପରବର୍ତ୍ତୀ ସମୟରେ ଓକିଲାତି ଛାଡ଼ି କଣ୍ଟ୍ରାକ୍ଟରି କାମ କରିଥିଲେ । ଦେବ୍ରାଜଙ୍କ ବାପା ତତ୍‌କାଳୀନ ଇଂରେଜ ସରକାରଙ୍କର ପିଡବ୍ଲୁଡି କଣ୍ଟ୍ରାକ୍ଟର ଭାବେ ସୁନାମ ଅର୍ଜନ କରିଥିଲେ । ଦେବ୍ରାଜ ଥିଲେ ବାପାଙ୍କର ଗୋଟିଏ ବୋଲି ପୁଅ । ତିନି ଭଉଣୀରେ ଗୋଟିଏ ଭାଇ । କୁଶପଙ୍ଗୀରେ ଶହଶହ ଏକର ଚାଷଜମି । ଏଣୁ ଦେବ୍ରାଜଙ୍କ ପାଇଁ ଅର୍ଥ ଉପାର୍ଜନ କରିବା ଏକ ବାଧ୍ୟବାଧ୍ୟକତା କେବେ ବି ନଥିଲା । ତଥାପି, ଦେବ୍ରାଜ ନବପ୍ରଭାତ ବୁକ୍ ଷ୍ଟୋରରେ ବସିଥାନ୍ତି । ଉଦ୍ଦେଶ୍ୟ ଥିଲା, ସାହିତ୍ୟ ଖଟିରେ ଆସର ଜମେଇବା ଓ ସାହିତ୍ୟ କରିବା । ସେଇଠି ସେ ସ୍ୱପ୍ନ ଦେଖନ୍ତି ଓ ଯୁବ ଲେଖକଙ୍କୁ ସ୍ୱପ୍ନ ଦେଖାନ୍ତି । ଉପନ୍ୟାସ ପାଇଁ ଚରିତ୍ର ଖୋଜନ୍ତି । ଯୁବ ଲେଖକଙ୍କ ସହ ମିଶି ଉପନ୍ୟାସର ଭାଷା ଓ ଶୈଳୀ ସ୍ଥିର କରନ୍ତି ।

ବାସ୍ତବରେ ନବପ୍ରଭାତ ବହି ଦୋକାନ ଥିଲା ଏକ ଅଣଆନୁଷ୍ଠାନିକ ସାହିତ୍ୟ ଚର୍ଚ୍ଚାର ସ୍ଥାନ । ଯେକୌଣସି ସାହିତ୍ୟ ପ୍ରେମିକଙ୍କ ପାଇଁ ସେ ସ୍ଥାନ ସର୍ବଦା ଉନ୍ମୁକ୍ତ ଥିଲା । ମୁଖ୍ୟତଃ ଯୁବ ସାହିତ୍ୟିକମାନେ ସେଠି ଆଡ୍ଡା ଜମାଉଥିଲେ । ସାହିତ୍ୟ ଆଲୋଚନା ସମୟରେ କୌଣସି କ୍ରେତା ଆସିଲେ ବିକ୍ରେତା ଦେବ୍ରାଜ ତାଙ୍କୁ ସନ୍ତୁଷ୍ଟ କରିବାକୁ ମଧ୍ୟ ବାଧ୍ୟ ନଥିଲେ । ନିଜ ମର୍ଜିର ସୌଦାଗର ଥିଲେ ଦେବ୍ରାଜ ।

ଦେବ୍ରାଜଙ୍କ ଆଉ ଗୋଟିଏ ନୂଆପଣ ହେଉଛି, ତାଙ୍କର ବହିର ପ୍ରଚ୍ଛଦ । ନିଜ ଇଚ୍ଛା ମୁତାବକ ସେ ବହିର ପ୍ରଚ୍ଛଦ ଅଳଙ୍କରଣ କରେଇଥାନ୍ତି । ଲେଖକଙ୍କ ନାମ ପ୍ରାୟ ୨୦୦ ଫଣ୍ଟ ସାଇଜ୍ କରି ପୁସ୍ତକର ନାମକୁ ପ୍ରାୟ ୨୦/୨୫ ଫଣ୍ଟ ସାଇଜ୍‌ରେ କରିଥାନ୍ତି । ତାଙ୍କର ଗୋଟିଏ ଗୋଟିଏ ପୁସ୍ତକର ପ୍ରଚ୍ଛଦର ପ୍ରାୟ ନବେ ଭାଗ କେବଳ 'ଦେବ୍ରାଜ ଲେଙ୍କା'; ଏଇ ଦୁଇଟି ଶବ୍ଦରେ ପୂର୍ଣ୍ଣ ହୋଇ ଯାଇଥାଏ । ପ୍ରଚ୍ଛଦର ବାକି ଦଶ ପ୍ରତିଶତ ସ୍ଥାନରେ ପୁସ୍ତକର ନାମ ରହିଥାଏ । ଏହା ହିଁ ଦେବ୍ରାଜୀୟ ଶୈଳୀ ।

## ନୂଆପଣର ନିଆରା ନବାବ୍ : ଦୁଃସାହସୀ ଦେବ୍ରାଜ୍

ଦେବ୍ରାଜ ଲେଙ୍କା ଉଭୟ ଭାଷା ଓ ଶୈଳୀରେ ନୂଆପଣ ଦେଖେଇ ସାରିଛନ୍ତି । ସେଥିପାଇଁ ତାଙ୍କର ପ୍ରିୟ ପାଠକମାନେ ତାଙ୍କୁ 'ଶୈଳୀ ସମ୍ରାଟ' ସମ୍ବୋଧନ କରିଥାନ୍ତି । ଦେବ୍ରାଜ କୁହନ୍ତି: 'ମହଲ' ପତ୍ରିକାର ସମ୍ପାଦକ ବଂଶୀଧର ରାଉତ ତାଙ୍କୁ ପ୍ରଥମେ 'ଶୈଳୀ ସମ୍ରାଟ' ବୋଲି ସମ୍ବୋଧନ କରିଥିଲେ । ଏହା ପରେ ପରେ ଅନ୍ୟ ସମ୍ପାଦକମାନେ ତାଙ୍କୁ 'ଶୈଳୀ ସମ୍ରାଟ' ବୋଲି ଡାକିବାକୁ ଲାଗିଲେ । ଆଉ କେହି ଦେବ୍ରାଜଙ୍କୁ 'ନବାବ' ବୋଲି କହିଥାନ୍ତି । ସେ ପ୍ରକୃତରେ ଜଣେ ନବାବ୍‌ର ଜୀବନ ବଞ୍ଚୁଥାନ୍ତି ।

ସତ୍ୟ ଘଟଣାକୁ ଲେଖିବାରେ ବେଳେବେଳେ ଗାଳ୍ପିକମାନେ ସାହସ କରି ନଥାନ୍ତି । କାରଣ ସତ୍ୟ ସବୁବେଳେ ଲେଖକକୁ ଅଡୁଆରେ ପକାଇଥାଏ । ମାତ୍ର, ଦୁଃସାହସୀ ଦେବ୍ରାଜ ସତ୍ୟ ଘଟଣାକୁ ଲେଖିବାରେ ଆଦୌ କୁଣ୍ଠା ପ୍ରକାଶ କରନ୍ତିନାହିଁ । ଦସ୍ୟୁରାଣୀ ଫୁଲନ୍ ଦେବୀଙ୍କ ଜୀବନ କାହାଣୀ ଏବଂ ଅନେକ ଅପ୍ରିୟ ସତ୍ୟ ଘଟଣାକୁ ଆଧାର କରି 'ଫୁଲନ୍' ଉପନ୍ୟାସ ଲେଖି ନିଜ ଲେଖକୀୟ ଦୁଃସାହସର ପ୍ରମାଣ ଦେଇଛନ୍ତି ଦେବ୍ରାଜ । ଭାରତୀୟ ସାହିତ୍ୟରେ ଯାଜ୍ଞସେନୀ ପାଞ୍ଚାଳିକୁ ନେଇ ଅନେକ ଲେଖକ, ଲେଖିକା ସାହିତ୍ୟ ସର୍ଜନା କରିଥିବା ବେଳେ ଦେବ୍ରାଜ ବି ଜଣେ ମହିଳାଙ୍କୁ ନେଇ ସାହିତ୍ୟ ଲେଖିଛନ୍ତି । କିନ୍ତୁ ଦେବ୍ରାଜଙ୍କର ଉପନ୍ୟାସର ନାୟିକା ଯାଜ୍ଞସେନୀ ପରିବର୍ତ୍ତେ ଦସ୍ୟୁରାଣୀ ଫୁଲନ୍ ପାଲଟିଛି । ଏହା ହିଁ ଦେବ୍ରାଜଙ୍କର ନିଆରାପଣ ।

ଦେବ୍ରାଜ ଲେଙ୍କାଙ୍କ ଆଉ ଗୋଟିଏ ଉପନ୍ୟାସର ନାମ ହେଉଛି 'ଲଗା ଚୁନ୍‌ରୀମେ ଦାଗ୍' । ଗୋଟିଏ ଓଡ଼ିଆ ଉପନ୍ୟାସର ଏଭଳି ହିନ୍ଦୀ ନାମକରଣ କରିବାକୁ ବୋଧହୁଏ ଦେବ୍ରାଜ ଲେଙ୍କା ହିଁ ଦୁଃସାହସ କରିପାରନ୍ତି । ସେତେବେଳେ ବହିଟିର ଏଭଳି ନାମକୁ ନେଇ ଅନେକ ସମାଲୋଚକ ନାକ ଟେକିଛନ୍ତି । କିନ୍ତୁ ଦେବ୍ରାଜଙ୍କର ସେଥିପ୍ରତି ପରବାଏ ନଥାଏ । ଦେବ୍ରାଜ କହନ୍ତି, "ବହିର ନାମକୁ ବେଳେବେଳେ ଏଭଳି ଆକର୍ଷଣୀୟ କରିବାକୁ ପଡ଼ିଥାଏ । ଏହାଦ୍ୱାରା ବହି ଭିତରେ କ'ଣ ଅଛି ପାଠକେ ଜାଣିବାକୁ ବ୍ୟଗ୍ର ହୋଇଥାନ୍ତି ।"

## ସେପାଖେ ଡ଼ାକେ ମହାନଦୀ, ଏପାଖେ ରେଭେନ୍‌ଶା

ବାଙ୍କି କୁଶପଙ୍ଗୀର ମହାନଦୀ କୂଳ ଦେବ୍ରାଜଙ୍କ ପିଲାଦିନକୁ କରିଛି ସ୍ମରଣୀୟ । ପିଲାଟି ଦିନୁ ମହାନଦୀ ସହ ତାଙ୍କର ଆତ୍ମିକ ସମ୍ପର୍କ । ପୁଣି ମଧ୍ୟ ଦେବ୍ରାଜଙ୍କ ପିଲାଦିନ କଟିଥିଲା କଟକ ସହରର ମାନସିଂହପାଟଣାରେ । ଯେଉଁଠି ବାପା ରହୁଥିଲେ, ବାପାଙ୍କ ସାଥୀରେ ଦେବ୍ରାଜ ବି ସେଇଠି ରହୁଥିଲେ । କେତେବେଳେ କୁଶପଙ୍ଗୀ ତ କେତେବେଳେ ମାନସିଂହପାଟଣା । ମାନସିଂହପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ଶେଷ କରି କଟକ ମିସନ ସ୍କୁଲରୁ ସେ ମାଟ୍ରିକ ପାସ କରିଥିଲେ । ଏହାପରେ ସେ ଖ୍ରୀଷ୍ଟ ମହାବିଦ୍ୟାଳୟରେ ନାମ ଲେଖାଇଥିଲେ । ଖ୍ରୀଷ୍ଟ ମହାବିଦ୍ୟାଳୟରୁ ସ୍ନାତକ ଶେଷ କରିବା ପରେ ରେଭେନ୍‌ଶା' ମହାବିଦ୍ୟାଳୟରେ ସ୍ନାତକୋତ୍ତର ନାଁ ଲେଖେଇଥିଲେ । ମାତ୍ର, ଯୌବନାବସ୍ଥାରେ ଦେବ୍ରାଜଙ୍କୁ ଆଉ କଟକ ସହର, ରେଭେନ୍‌ଶା କଲେଜ ଭଲ ଲାଗିଲାନି । ସେ ଏମ୍.ଏ. ଅଧାରୁ ଛାଡ଼ି ନିଜ ଗାଁ କୁଶପଙ୍ଗୀ ଚାଲିଗଲେ । ସେଠାରେ ମହାନଦୀରେ ଧୂମ୍ ପହଁରିଲେ । ବିସ୍ତୀର୍ଣ୍ଣ ବାଲୁକା ଶଯ୍ୟାରେ ସ୍ୱପ୍ନକୁ ଆକାର ଦେଲେ । ଭାବୁକ ହେଲେ । ଦେବ୍ରାଜ କହନ୍ତି ତାଙ୍କ ଗାଁ କୁଶପଙ୍ଗୀର ତିନି ପାର୍ଶ୍ୱରେ ତିନୋଟି ମୁଣ୍ଡିଆ ପାହାଡ଼ ଓ ଗୋଟିଏ ପାର୍ଶ୍ୱ ଦେଇ ମହାନଦୀ କୁଳୁକୁଳୁ ହୋଇ ବହୁଛି । ତାଙ୍କୁ ମହାନଦୀ ଡାକିଲା । ସେ ରେଭେନ୍‌ଶା କଲେଜରୁ ଏମ୍.ଏ. ଅଧାରୁ ଛାଡ଼ି ଗାଁକୁ ଚାଲିଗଲେ । ସେଇଠି ତାଙ୍କ ପାଠରେ ଡୋରି ବନ୍ଧା ହେଲା ।

ଦେବ୍ରାଜଙ୍କ ଅଚଳାଚଳ ପୈତୃକ ସଂପତି ରହିଛି । 'ଅଭାବ' ବୋଲି ଦେବ୍ରାଜଙ୍କ ଅଭିଧାନରେ ଶବ୍ଦଟିଏ ନାହିଁ । ଏଣୁକରି ତ ସେ ନବାବ୍ । ମହାନଦୀ ଅବବାହିକାର ଉର୍ବର ଜମିରେ ତିନି ଫସଲୀ ହୋଇଥାଏ । ଧାନ, ଆଖୁ ସହିତ ରାଶିରାଶି ପନିପରିବା ଦେବ୍ରାଜଙ୍କ କିଆରିରେ ଲହଡ଼ି ଭାଙ୍ଗେ । ଜମିଦାରୀ ପରିବାରର ଆଦବ କାଇଦା ବି ଅଲଗା । ଦେବ୍ରାଜ ପିଲାଟି ଦିନୁ ଅନଟନ କ'ଣ ଜାଣି ନଥିଲେ । ଏବେ ବି ଅଭାବକୁ ସେ ସାମ୍ନା କରିନାହାନ୍ତି ।

## ସିନେମା, ସଂଗୀତ ଓ ସାହିତ୍ୟର ତ୍ରିବେଣୀ ଘାଟ


ଖ୍ରୀଷ୍ଟ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବାବେଳେ ଦେବ୍ରାଜ ସିନେମା ନିଶାରେ ପଡ଼ି ଯାଇଥିଲେ । ଯୁବକ ଅବସ୍ଥାରେ ପ୍ରଚୁର ସିନେମା ଦେଖୁଥିଲେ ଦେବ୍ରାଜ । ପ୍ରଭାତ ସିନେମା ହଲ, ତିନିକୋଣିଆ ବଗିଚାର କ୍ୟାପିଟାଲ ସିନେମା ହଲ, ରାଣୀହାଟର ହିନ୍ଦ୍ ସିନେମା ହଲ୍‌ରେ ଫିଲ୍ମ ପଡ଼ିବ ମାନେ ଦେବ୍ରାଜଙ୍କ ଦେଖିବା ଥୟ । ଖାଲି ସିନେମା କାହିଁକି, ଦେବ୍ରାଜ ଅନ୍ନପୂର୍ଣ୍ଣା ଥିଏଟରରେ ନାଟକ ବି ଦେଖୁଥିଲେ । ଗପ, ଉପନ୍ୟାସ ଲେଖିବା ସହିତ ଦେବ୍ରାଜଙ୍କର ସଙ୍ଗୀତ ପ୍ରତି ଥାଏ ଚରମ ଦୁର୍ବଳତା । ଏହାରି ଭିତରେ ସେ ଜଣେ ସଙ୍ଗୀତ ଶିକ୍ଷକଙ୍କ ଠାରୁ ଗୀତ ଶିକ୍ଷା କରୁଥିଲେ । କଟକର 'ନ୍ୟାସନାଲ ମ୍ୟୁଜିକ ଆସୋସିଏସନ'ରେ ସେ ସଙ୍ଗୀତ ଶିକ୍ଷା କରୁଥିଲେ । ଦେବ୍ରାଜଙ୍କର ଏକ

## ଦେବ୍ରାଜ ଲେଙ୍କାଙ୍କ ସୃଷ୍ଟି ସମ୍ଭାର

ଦେବ୍ରାଜ ଲେଙ୍କା ଅନେକ ଗଳ୍ପ ଓ ଉପନ୍ୟାସର ରଚୟିତା । ତାଙ୍କର ସୃଷ୍ଟି ସମ୍ଭାରର ଏକ ତାଲିକା ନିମ୍ନରେ ପ୍ରଦାନ କରାଗଲା ।

### ଉପନ୍ୟାସ

୧. ଜୋକର
୨. ଅନ୍ଧମୁହାଁଣି
୩. ପ୍ରେମ ନଗରର ଅନେକ କଥା
୪. ଖେଳ
୫. ପାଉଁଶ ଗଦାରେ ସୁନାର ଧୂଳି
୬. ସେକାଳ ପଖାଳ
୭. ଲଗା ଚୁନ୍‌ରୀମେ ଦାଗ୍‌
୮. ଅକାତ କାତ
୯. ଧୂର ପୃଥିବୀର ଡରା
୧୦. ଅନ୍ୱେଷା ଅନୁକ୍ଷଣ
୧୧. ଠୋ ଫଟାସ ଘୋଡ଼ା ଶୂନଶାନ ଆର୍ଟିଷ୍ଟ
୧୨. ଜୀବନ ରଙ୍ଗ
୧୩. ଯା’ରେ ଭାସି ଭାସି ଯା
୧୪. ଫୁଲନ୍‌
୧୫. ସତ୍ୟପାଠ
୧୬. ପାନ୍‌ ବିଡ଼ି ସିଗ୍ରେଟ୍‌
୧୭. ଚଷା ପୁଅର ଇତିକଥା
୧୮. ଝିଅ କାନ୍ଦୁଛି
୧୯. ଖେଳ
୨୦. ମୋ ଧନମାଳି



### ଗଳ୍ପ

୧. ଦେବ୍ରାଜର ଅର୍କେଷ୍ଟ୍ରା
୨. ଗୋଟେ ବାକ୍ସ ବହି
୩. ଗାଁ ଗାଁ ଆହା ଆହା
୪. ଗପ ମସିହା ୨୦୦
୫. ଜୀବନ ସଙ୍ଗୀତ
୬. କ୍ରାଇସିସ
୭. କ୍ରାଇସିସ-୨
୮. କ୍ରାଇସିସ-୩

### ପୁରସ୍କାର ଓ ସମ୍ମାନ

ପୁରସ୍କାର ଓ ସମ୍ମାନ ପ୍ରତି ଦେବ୍ରାଜ ଲେଙ୍କା ଉଦାସୀନ । ଏମିତିରେ ବି ବଡ଼ବଡ଼ ପୁରସ୍କାର ଓ ସମ୍ମାନ ତାଙ୍କୁ ମିଳିନି । କିନ୍ତୁ ପୁରସ୍କାର କି ସମ୍ମାନ କ’ଣ ଦେବ୍ରାଜଙ୍କ ସୃଜନୀକୁ ଅଟକ କରି ଦେଇପାରେ । ଦେବ୍ରାଜ ଲେଙ୍କା ପାଠକଙ୍କ ସାହିତ୍ୟିକ । ପାଠକଙ୍କ ହୃଦୟରେ ଅଛନ୍ତି ଦେବ୍ରାଜ । ତଥାପି ଦେବ୍ରାଜ ଲେଙ୍କାଙ୍କୁ କିଛିଟା ପୁରସ୍କାର ଓ ସମ୍ମାନ ପ୍ରାପ୍ତ ହୋଇଛି । ସେଗୁଡ଼ିକର ଏକ ତାଲିକା ଦିଆଗଲା ।

▶ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର-୧୯୯୪ (ଗପ ପୁସ୍ତକ ‘ଗାଁ ଗାଁ ଆହା ଆହା’)
▶ବିଶ୍ୱନାଥ ପଶାୟତ ଶତବାର୍ଷିକୀ ସମ୍ମାନ
▶‘କା’ ସମ୍ମାନ-୨୦୦୯
▶ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର
▶ଜେମା ସାମନ୍ତ ସୃଜନୀ ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ-୨୦୧୮
▶ଉତ୍କଳ ସାହିତ୍ୟ ସମାଜ ଉପନ୍ୟାସ ସମ୍ମାନ ଏବଂ ଆଉ କିଛି ପୁରସ୍କାର ଓ ସମ୍ମାନ

ହାରମୋନିୟମ ଥିଲା । ଥରେ ତାଙ୍କୁ ତାଙ୍କର ପୋଷା କୁକୁର କାଟି କୁଟୁକୁଟା କରିଦେଇଥିଲା । ଦେବ୍ରାଜ ସେ ହାରମୋନିୟମ ପାଇଁ ପାଞ୍ଚ ରାତି ଶୋଇପାରି ନ ଥିଲେ । ଦେବ୍ରାଜ କିଛିଦିନ ପାଇଁ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ ପାଖକୁ ସଙ୍ଗୀତ ଶିକ୍ଷା କରିବାକୁ ଯାଇଥିଲେ । ଦେବ୍ରାଜଙ୍କର ଇଚ୍ଛା ଥିଲା, ସେ ଜଣେ ସଙ୍ଗୀତଜ୍ଞ ହେବେ । ମାତ୍ର, ବିଧିର ବିଧାନ ଓଲଟା । ସେ ଜଣେ କଥାକାର ହେଲେ । ଦେବ୍ରାଜ କିଛିଦିନ ଧରି ତାଙ୍କ ବାପାଙ୍କ କାର୍‌ ଡ୍ରାଇଭର ପାଖରୁ ବି ସଙ୍ଗୀତ ଶିକ୍ଷା କରିଥିଲେ । ପୁରୁଣା ହିନ୍ଦୀ ସିନେମା ଗୀତକୁ ସେ ହଜମ କରି ଦେଇଥିଲେ ।

ଦେବ୍ରାଜ ଲେଙ୍କା ହେଉଛନ୍ତି ଓଡ଼ିଶାରେ ଏମିତି ଜଣେ ଔପନ୍ୟାସିକ ଯିଏ କି ନିଜ ଉପନ୍ୟାସ ପାଇଁ ପତ୍ରିକାର ସମ୍ପାଦକଙ୍କ ଠାରୁ ସୁନା ମୁଦି ଉପହାର ପାଇଛନ୍ତି । ‘ଚିତ୍ରା’ର ସମ୍ପାଦିକା **ରତ୍ନମାଳା ସ୍ୱାଇଁ** ନିଜ ପତ୍ରିକା ପାଇଁ ଏକ ଉପନ୍ୟାସ ଲେଖିବାକୁ ଦେବ୍ରାଜ ଲେଙ୍କାଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଦେବ୍ରାଜ କହିଥିଲେ, “ମୋତେ ସୁନା ମୁଦି କି ସୁନା ଚେନ୍‌ ଦେଲେ ଯାଇ ଉପନ୍ୟାସ ଲେଖିବି ।” ଦେବ୍ରାଜ ଲେଙ୍କା ସେଥର ପୂଜା ସଂଖ୍ୟା ‘ଚିତ୍ରା’ ପାଇଁ ଏକ ଉପନ୍ୟାସ ଲେଖିଥିଲେ, ଯାହାର ନାଁ ଥିଲା ‘ଝିଅ କାନ୍ଦୁଛି’ । ଆଉ ଏ ଉପନ୍ୟାସ ‘ଚିତ୍ରା’ରେ ପ୍ରକାଶ ପାଇବା ପରେ ନିଜେ ସମ୍ପାଦିକା ଦେଢ ଭରି ଓଜନର ଏକ ସୁନା ମୁଦି ଆଣି ଦେବ୍ରାଜଙ୍କ ଅଙ୍ଗୁଳିରେ ପିନ୍ଧାଇ ଦେଇଥିଲେ ବୋଲି କହନ୍ତି ଦେବ୍ରାଜ । ଏହି ଘଟଣା ସେତେବେଳେ ତାଙ୍କ ପାଇଁ କୌଣସି ବଡ଼ ପୁରସ୍କାର ଠାରୁ ଅଧିକ ମହତ୍ୱ ବହନ କରିଥିଲା ।

### ଗୋଟେ ଗୀତର ଗୁଣୁଗୁଣୁ ଗୁଞ୍ଜନ ଓ ପ୍ରେମରେ ଫେଲ୍‌ ଲେଖକ

ଦୁଃଖର କଥା, ଦେବ୍ରାଜ କୋଉ ଝିଅକୁ ପ୍ରେମ କରିବାକୁ ସମୟ ପାଇ ନାହାନ୍ତି । ଦେବ୍ରାଜ କହନ୍ତି, “ପ୍ରେମ ଏକ ଗୁପ୍ତ କାମ ଓ ଏକ ନିଶା । ଏହା କବଳରେ ପଡ଼ିଲେ ବିଭ୍ରାଟ ହିଁ ସାର ।” ଦେବ୍ରାଜ କଲେଜରେ ପଢୁଥିବା ବେଳେ ଝିଅଙ୍କୁ ଭାରି ଡରୁଥିଲେ । ଝିଅଙ୍କୁ ଆଖି ଟେକି ଅନେଇ ପାରୁ ନଥିଲେ କି ସେମାନଙ୍କ ସହ ସିଧା କଥା ହୋଇ ପାରୁ ନଥିଲେ । ସେତେବେଳ ସମାଜରେ ଗୋଟିଏ ପୁଅ ଗୋଟିଏ ଝିଅ ସହ କଥା ହେବା ଗୋଟିଏ ନିହାତ ବିରାଟ ଦୁଃସାହସିକ କାର୍ଯ୍ୟକ୍ରମ ବୋଲି କହନ୍ତି ଦେବ୍ରାଜ ।

ସିନେମା, ଗୀତ ଭଳି ରେଡିଓ ଶୁଣିବା ଦେବ୍ରାଜଙ୍କର ଆଉ ଗୋଟିଏ ନିଶା ଥିଲା । ଆଜିର ଦିନରେ ବି ଦେବ୍ରାଜଙ୍କ ମସ୍ତରାମ ଗଳି ଘରେ ରେଡିଓ ଅଛି । ସେ ନିତି ରାତିରେ ରେଡିଓରୁ ପୁରୁଣା ହିନ୍ଦୀ ଗୀତ ଶୁଣନ୍ତି । ଦେବ୍ରାଜ କୁହନ୍ତି, ଥରେ ତାଙ୍କୁ ଶ୍ୟାମାମଣି ଦେବୀ କହିଲେ, ରେଡିଓରୁ ଗୀତ ଶୁଣ । ବହୁତ କିଛି ଶିକ୍ଷା ପାଇବ । ସିନେ ସମୀକ୍ଷକ ସୂର୍ଯ୍ୟ ଦେଓ ବି ତାଙ୍କୁ ରେଡିଓ ଶୁଣିବାକୁ ଅନେକବାର କହିଥିଲେ । ଏଣୁ ତାଙ୍କ ନାତୁଣୀ ତାଙ୍କ ପାଇଁ ରେଡିଓଟିଏ କିଣିଥିଲେ । ସେବେଠୁ ରେଡିଓ ଦେବ୍ରାଜଙ୍କ ନିଃସଙ୍ଗ ଜୀବନର ସାଥୀ ପାଲଟି ଯାଇଛି । ସକାଳୁ ଉଠିବା ମାତ୍ରେ, ବିବିଧ ଭାରତୀ ଓ ବିଭିନ୍ନ ଚ୍ୟାନେଲରୁ ହିନ୍ଦୀ ଫିଲ୍ମ ଗୀତ ଶୁଣିବାଟା ଥୟ । ହିନ୍ଦୀ ଚଳଚ୍ଚିତ୍ର ଗୀତ ନଶୁଣିଲେ ଦେବ୍ରାଜଙ୍କ ଦିନ ଅଧୁରା ରହିଯାଏ । ଦେବ୍ରାଜ କୁହନ୍ତି, ଏ ହିନ୍ଦୀ ଫିଲ୍ମ ଗୀତ ତାଙ୍କ ଶରୀରକୁ ଚାର୍ଜ କରିଦିଏ । ପୁରୁଣା ହିନ୍ଦୀ ଚଳଚ୍ଚିତ୍ରର ଗୀତ ଦେବ୍ରାଜଙ୍କ ମୁହଁରେ ଥାଏ । ଏଣୁକରି ତ ତାଙ୍କର ଅନ୍ୟତମ ଚର୍ଚ୍ଚିତ ଉପନ୍ୟାସ ‘ଲଗା ଚୁନ୍‌ରୀମେ ଦାଗ୍‌’ ମାନ୍ନା ଦେଙ୍କ ଚଳଚ୍ଚିତ୍ର ‘ଦିଲ୍‌ ହି ତୋ ହେ’ର ପ୍ରସିଦ୍ଧ ଗୀତ ଉପରେ ଆଧାରିତ । ରାଜ କପୁର, ନର୍ଗିସ ଦତ୍ତ ତାଙ୍କର ପ୍ରିୟ ଚଳଚ୍ଚିତ୍ର ନାୟକ ଓ ନାୟିକା ।

ଦେବ୍ରାଜ କୁହନ୍ତି, ସେ ଟିକେ ‘ଖଚଡ଼ା ରାଇଟର’ । ସାହିତ୍ୟରେ ଖଚଡ଼ାମୀ ଟିକେ ନ କଲେ ନଚଲେ । ଏବେ ବୟସର ଅପରାହ୍ନରେ ଦେବ୍ରାଜ ଏକ ନୂଆ ଉପନ୍ୟାସରେ ହାତ ଦେଇଛନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୀବନୀ ଓ ସାହିତ୍ୟକୁ ନେଇ ସେ ଏକ ନୂଆ ଉପନ୍ୟାସ ଲେଖିବା ଜାରି ରଖିଛନ୍ତି । ଏ ଉପନ୍ୟାସଟି ଓଡ଼ିଆ ସାହିତ୍ୟରେ ଆଉ ଏକ ଉଜ୍ଜ୍ୱଳମୟ ଐତିହାସିକ ଉପନ୍ୟାସର ମାନ୍ୟତା ପାଇବ ବୋଲି ଆମର ଆଶା । ଦେବ୍ରାଜ ବୁଢ଼ା ନ ହୁଅନ୍ତ ଓ ତାଙ୍କ ଲେଖନୀ ଏମିତି ଚଳଚଞ୍ଚଳ ଥାଉ । ଏହା **ରେବତୀ**ର ଈଶ୍ୱରଙ୍କ ନିକଟରେ କାମନା ।

ଐତିହ୍ୟ

# ଗୌରବମୟ ଗାନ୍ଧୀସ୍ମୃତି



# ମହାତ୍ମାଙ୍କର ଅନ୍ତିମ ୧୪୪ଦିନର ଜୀବନ୍ତ ସାକ୍ଷୀ ବିଡ଼୍‌ଲା ହାଉସ୍


**ଶବ୍‌ନମ୍ ଆଦେନୀ**

ଆର୍-୪୧, ଖିର୍‌କି ଏକ୍ସଟେନ୍‌ସନ୍, ମାଲବୀୟାନଗର
ଦକ୍ଷିଣ ଦିଲ୍ଲୀ, ଦିଲ୍ଲୀ-୧୧୦୦୧୭,
ଫୋନ:୯୫୯୯୨୨୮୭୮୯


ଫଟୋ ସୌଜନ୍ୟ : ଲେଖିକା

୩୦ ଜାନୁଆରୀ ୧୯୪୮ । ସବୁଦିନ ପରି ସମସ୍ତେ ରୁଣ୍ଡ ହୋଇଥିଲେ ପାର୍ଥନା ସଭା ପାଇଁ । ସମୟ ସଂଧ୍ୟା ୫ଟା୧୭ମିନିଟ୍ । ଗୁଳିର କାନଫଟା ଶବ୍ଦରେ ଛିନ୍‌ଛତ୍ର ହେବାକୁ ଲାଗିଲେ ଲୋକମାନେ । ଚଢ଼େଇର କିଚିରିମିଚିରି ଶବ୍ଦରେ ପରିବେଶ ହୋଇ ଉଠିଲା ଗୁରୁଗମ୍ଭୀର । କୋଳାହଳ, ପାଟିତୁଣ୍ଡ ଭିତରେ ହଠାତ୍ ସବୁ ଯେମିତି ଶାନ୍ତ ପଡ଼ିଗଲା । କଳାହାଣ୍ଡିଆ ମେଘ ସେ ଅଞ୍ଚଳକୁ ଯେମିତି ଅନ୍ଧାରରେ ଘୋଡ଼େଇ ଦେଇଗଲା ।

ପଣ୍ଡିତ ଜବାହରଲାଲ ନେହେରୁ ଗେଟ୍ ନମ୍ବର ୧ ଉପରେ ଚଢ଼ି କହିଥିଲେ: ଦି ଲାଇଟ୍ ହାଜ୍ ଗୋନ୍ ଆୟୁଟ୍ ଅଫ୍ ଆୱାର ଲାଇଫସ୍ ଆଣ୍ଡ ଦେର ଇଜ୍ ଡାର୍କନେସ୍ ଏଭ୍ରିହ୍ୱେର୍... ।

ଅଲ୍ ଇଣ୍ଡିଆ ରେଡିଓ ଦିଲ୍ଲୀରୁ ବିଜୁଳି ବେଗରେ ଖବର ସାରା ଦେଶରେ ବ୍ୟାପି ଯାଇଥିଲା । ଖବର : ମହାତ୍ମାଙ୍କୁ ହତ୍ୟା । ବିଡ଼୍‌ଲା ହାଉସ୍‌ରେ ପ୍ରାର୍ଥନା ସଭାକୁ ଯାଉଥିବା ବେଳେ ଦେଶର ପିତା ମହାତ୍ମାଗାନ୍ଧୀଙ୍କୁ ହତ୍ୟା । ଶୋକପୂର୍ଣ୍ଣ ଲୋକଙ୍କ ସୁଅ ଛୁଟିଥିଲା ଶେଷ ଦର୍ଶନ ପାଇଁ ।

ଅଭୁଲା ଅବିସ୍ମରଣୀୟ ସେଇ ସମୟ ଆଜି ବି ଅଟକି ରହିଛି ସେହି ସ୍ଥାନରେ ନିଜ ଛାତିରେ ୩୦ ଜାନୁଆରୀ ୧୯୪୮ର କ୍ଷତକୁ ଜୀବନ୍ତ ଧାରଣ କରି । ସେଦିନର ବିଡ଼୍‌ଲା ହାଉସ୍ ଆଜିର ଗାନ୍ଧୀ ସ୍ମୃତି । ଯୋଉଠି ଦେଶର ପିତା ମହାତ୍ମା ଗାନ୍ଧୀ ନିଜ ଜୀବନର ଶେଷ ୧୪୪ଦିନ କାଟିଥିଲେ । ନିଜ ଜୀବନର ଶେଷ ପ୍ରାର୍ଥନା ସଭାରେ ଯୋଗ ଦେବାକୁ ବାହାରିଥିଲେ ନା ନିଜ ଶେଷ ଯାତ୍ରା ଆଡ଼କୁ, ଜଣା ନଥିଲା ତାଙ୍କୁ । ଏ ସ୍ଥାନଟି ଅନୁଭବର ସ୍ଥାନ । ସେଦିନକୁ ସ୍ମରଣ କରି ଗାନ୍ଧୀଙ୍କୁ ଟିକେ ନିକଟରୁ ଦେଖିବାର ସ୍ଥାନ । ଯଦି ଦିଲ୍ଲୀ କେବେ ଆସୁଛନ୍ତି, ତେବେ ନିଶ୍ଚିତ ଯାଆନ୍ତୁ ଗାନ୍ଧୀ ସ୍ମୃତି ଆଉ ଅନୁଭବ କରନ୍ତୁ ମହାତ୍ମାଙ୍କ ସତ୍ତାକୁ, ତାଙ୍କ ଚିନ୍ତାଧାରା ତାଙ୍କ ଜୀବନ ଦର୍ଶନକୁ । ଛୁଇଁ ଆସନ୍ତୁ ସେ ପାଦ ଚିହ୍ନକୁ ଯୋଉଟା ଗାନ୍ଧୀଙ୍କର ଶେଷପାଦ ଚିହ୍ନ । ଜାଣିବେ ସେ ବ୍ୟକ୍ତିତ୍ୱ କେତେ ବିରାଟ । ତାଙ୍କ ବିଚାର କେତେ ପ୍ରଶସ୍ତ । କାହିଁକି ସେ ଅମର ।

ଦିଲ୍ଲୀରେ ଦୁଇଟି ସ୍ଥାନ ରହିଛି ଗାନ୍ଧୀ ସ୍ମୃତି ଏବଂ ଗାନ୍ଧୀ ଦର୍ଶନ । ଯାହାକୁ ଭାରତ ସରକାର ସେପ୍ଟେମ୍ବର ୧୯୮୪ରେ ମିଶ୍ରଣ କରି ଗାନ୍ଧୀ ସ୍ମୃତି ଏବଂ ଦର୍ଶନ ସମିତି ନାମରେ ସଂସ୍କୃତି ମନ୍ତ୍ରଣାଳୟ ଅଧିନରେ ଏକ ସ୍ୱୟଂଶାସିତ ଅନୁଷ୍ଠାନ କରିଛନ୍ତି । ଗାନ୍ଧୀଙ୍କ ଶେଷ ଜୀବନ ବିଡ଼ଲା ହାଉସ୍‌ରେ ବିତିଥିଲା ଏବଂ ସେଇଠି ତାଙ୍କର ମୃତ୍ୟୁ ଘଟିଥିଲା । ତେଣୁ ସେ ସ୍ଥାନକୁ ଗାନ୍ଧୀ ସ୍ମୃତି ନାମରେ ନାମିତ କରାଯାଇଛି । ଏବଂ ଅନ୍ୟଟି ଗାନ୍ଧୀ ଦର୍ଶନ ଯାହା ରାଜଘାଟରେ ଅବସ୍ଥିତ । ଏହା ୧୯୬୯ରେ ସ୍ଥାପିତ କରାଯାଇଥିଲା । ଯେବେ ସାରା ବିଶ୍ୱ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଶତବାର୍ଷିକୀ ଅବସରରେ ବିଶ୍ୱ ଶାନ୍ତିର ତୀର୍ଥକ୍ଷେତ୍ର (pilgrim of peace) ଭାବେ ଶ୍ରଦ୍ଧାଞ୍ଜଳି ଦେବାକୁ ନିଷ୍ପତ୍ତି ନେଇଥିଲା । ଏହି ସ୍ଥାନରେ ସଂଗ୍ରହାଳୟ 'ଖଦି ଆୟୋଗ' ଅବସ୍ଥିତ ।

## ବିଡ଼୍‌ଲା ହାଉସ୍‌ରେ ଶେଷ ୧୪୪ଦିନ

ବିଂଶ ଶତାବ୍ଦୀର ସର୍ବାଧୁନିକ, ସଦାବ୍ୟସ୍ତ ଏବଂ ନିରନ୍ତର ଦଉଡୁଥିବା ସହର ହେଲା ଦେଶର ରାଜଧାନୀ: ଦିଲ୍ଲୀ । ଆଜି ମଧ୍ୟ ଦିଲ୍ଲୀ ନିଜ ଗର୍ଭରେ ଇତିହାସକୁ ସାଉଁଟି ରଖିଛି । ଏହାର ଉପର ପରସ୍ତକୁ କାଢ଼ିଲେ ଜାଣି ପାରିବେ କେତେ କ୍ଷତ, କେତେ ବଳିଦାନ, କେତେ ରାଜାଙ୍କ ରାଜୁତିର କାହାଣୀକୁ ଦିଲ୍ଲୀ ନିଜ ବକ୍ଷରେ ସାଇତି ରଖିଛି । କେନ୍ଦ୍ରୀୟ ଦିଲ୍ଲୀର ୫, ଟିଜ୍ ଜାନୁଆରୀ ମାର୍ଗରେ ଅବସ୍ଥିତ ଗାନ୍ଧୀ ସ୍ମୃତି । ଏହା ହିଁ ଅତୀତର ବିଡ଼୍‌ଲା ହାଉସ୍ । ଯୋଉଠି ଗାନ୍ଧୀ ସେପ୍ଟେମ୍ବର ୯,୧୯୪୭ରେ କଲିକତାରୁ ଦିଲ୍ଲୀ ଆସିଥିଲେ । କେବେ ଆଉ ନଫେରିବା ପାଇଁ । ନିଜ ବନ୍ଧୁଙ୍କ ଅନୁରୋଧରେ ବିଡ଼୍‌ଲା ହାଉସ୍‌ରେ ଥିବା ଦୁଇଟି ବଖରାକୁ ବାଛିଥିଲେ ରହିବା ପାଇଁ । ୩୦ ଜାନୁଆରୀ ୧୯୪୮ ପର୍ଯ୍ୟନ୍ତ ସେ ଏହିଠାରେ ରହିଥିଲେ । ଏହି ସ୍ଥାନରେ ରହିଛି ଗାନ୍ଧୀଙ୍କର ଶେଷ ଜୀବନର ଅନେକ ସ୍ମୃତି । ତେଣୁ ବିଡ଼୍‌ଲା ହାଉସ୍‌କୁ ଭାରତ ସରକାର ୧୯୭୧ ମସିହାରେ ବିଡଲାଙ୍କ ଠାରୁ କିଣିବା ପରେ 'ଗାନ୍ଧୀ ସ୍ମୃତି' ନାଁରେ ପରିବର୍ତ୍ତନ କରାଯାଇଥିଲା । ଅଗଷ୍ଟ ୧୫, ୧୯୭୩ରେ ଦେଶବାସୀଙ୍କ ପାଇଁ ଅର୍ପଣ କରାଯାଇଥିଲା ।

ସେ ସମୟ ଥିଲା ଦେଶ ବିଭାଜନର କଷ୍ଟକର ସମୟ । ବିଭିନ୍ନ ଲୋକଙ୍କ ସହ ଏବଂ ବିଭିନ୍ନ ସଭା ସମିତିକୁ ଗାନ୍ଧୀ ଯାଉଥିଲେ ଏବଂ ଏହି ଦୁଇ ବଖରା ଘରେ ସେ ସମସ୍ତଙ୍କୁ ଭେଟୁଥିଲେ । ଏହି ବିଡ଼୍‌ଲା ହାଉସ୍‌ରୁ ସାମ୍ପ୍ରଦାୟିକ ସଦ୍‌ଭାବନା ପାଇଁ ୧୩ ଜାନୁଆରୀ ୧୯୪୮ରେ ମହାତ୍ମା ନିଜ ଜୀବନର ଶେଷ ଉପବାସ ଆରମ୍ଭ କରିଥିଲେ । ୧୮ ଜାନୁଆରୀ ୧୯୪୮ରେ ଉପବାସ ଭାଙ୍ଗିଥିଲେ ଯାହାର ୧୨ଦିନ ପରେ ଗାନ୍ଧୀଙ୍କର ମୃତ୍ୟୁ ହୋଇଥିଲା ।

ଆଜି ମଧ୍ୟ ଏହି ସ୍ଥାନର ଯଥାସ୍ଥିତି ବଜାୟ ରହିଛି । ଧଳା ଚକ୍‌ଚକ୍ କୋଠା ବଡ଼ ବଡ଼ ବୃକ୍ଷରେ ଘେରା । ଏଠାରେ ଅଛି ଦୁଇଟି ଗେଟ୍ । ଗେଟ୍ ନମ୍ବର ୧ ହେଉଛି ଭିଆଇପିଙ୍କ ପାଇଁ ।



◀ ଲେଖିକା ଶବ୍‌ନମ୍ ଆଦେନୀ









ଗେଟ୍ ନମ୍ବର ୨ ସାଧାରଣ ଲୋକଙ୍କ ପ୍ରବେଶ ପାଇଁ ଉଦ୍ଦିଷ୍ଟ । ଗେଟ୍ ନମ୍ବର ୨ରୁ ଭିତରକୁ ପଶିଲେ ଶାନ୍ତି ଏବଂ ସକାରାତ୍ମକତାର ଏକ ଭିନ୍ନ ବାତାବରଣକୁ ସାମ୍ନା କରିବେ ଆପଣ, ଯାହା ଆପଣଙ୍କୁ ଦିଲ୍ଲୀରେ ନଥିବାର ଭ୍ରମ ଦେବ ।


ଏଠାରୁ ସିଧା ଗଲେ ଦେଖାଯିବ ଦୁଇଟି ବଖରା । ଏଠି ଗାନ୍ଧୀଙ୍କ ୧୪୪ଦିନ କଟିଛି । ୩୦ ଜାନୁଆରୀ ୧୯୪୮ ସଂଧ୍ୟାରେ ପ୍ରାର୍ଥନା ସଭାକୁ ଯିବା ପୂର୍ବରୁ ଯେମିତି ଥିଲା କକ୍ଷଟି, ଆଜି ବି ଠିକ୍ ସେମିତି ହିଁ ସଂରକ୍ଷିତ ରଖାଯାଇଛି । ପ୍ରଥମ ବଖରାରେ ଧଳା ଚାଦରରେ ଦେଖିବାକୁ ମିଳେ ଗାନ୍ଧୀଙ୍କ ଖଟ ଏବଂ ତକିଆ । ତା ଆରପଟ ଖଟରେ ବସି ଗାନ୍ଧୀ ଲୋକଙ୍କୁ ଭେଟୁଥିଲେ । ଯାହା ଆଜି ବି ଅବିକଳ ସଂରକ୍ଷିତ ।

ଦ୍ୱିତୀୟ ବଖରାରେ ଯଦିଓ ରହିଛି ସେ ବ୍ୟବହାର କରୁଥିବା ଛୋଟ ଟେବୁଲ, ତିନି ମାଙ୍କଡ଼ ଚଷମା, ବାଡ଼ି, ଛୁରୀ, ଫର୍କ ଚାମଚ, ଗାଧୋଇବା ପାଇଁ ବ୍ୟବହାର କରୁଥିବା ପ୍ୟୁମିକ ପଥର, ଚରଖା ଇତ୍ୟାଦି, ତତ୍ ସହିତ ଭିତର ବଖରାରେ ତାଙ୍କ ଜୀବନର ଘଟଣାକୁ ସ୍ଥାନିତ କରାଯାଇଛି । ବଖରା ଗୁଡ଼ିକରେ ୨୮ଟି ପେନେଲରେ ଗାନ୍ଧୀଙ୍କ ବାଳକରୁ ମହାତ୍ମା ପର୍ଯ୍ୟନ୍ତର ଯାତ୍ରାକୁ କଣ୍ଢେଇ ମାଧ୍ୟମରେ ଦର୍ଶା ଯାଇଛି । ଏହି କ୍ରାଫ୍ଟକୁ ତିଆରି କରିଛନ୍ତି ସୁଶୀଲ ରନୀ ପାଟେଲ ।

ସେହି ବଖରାରୁ ବାହାରି ଯେଉଁ ରାସ୍ତାରେ ସେ ପ୍ରାର୍ଥନାସଭା ଆଡ଼କୁ ଯାଉଥିଲେ ସେ ବଖରାର ଗେଟ୍‌ରୁ ସଭା ପର୍ଯ୍ୟନ୍ତର ରାସ୍ତା ଯାହା ଗାନ୍ଧୀଙ୍କର ଶେଷ ଚଲାପଥ ଥିଲା, ତାକୁ ମଧ୍ୟ ସିମେଣ୍ଟ୍‌ରେ ପାଦ ଚିହ୍ନ ତିଆରି କରି ସଂରକ୍ଷିତ ରଖାଯାଇଛି ।

'ଗାନ୍ଧୀସ୍ମୃତି' ଭିତରକୁ ପଶି ବାଁ ପଟ ରାସ୍ତାରେ ଗଲେ ବାମ ପଟେ ପ୍ରଥମେ ୱାର୍ଲ୍ଡ ପିଇସ୍ ଗଂଗ ଦେଖାଯିବ । ଏହାର ଠିକ୍ ସାମନାରେ ଯେଉଁ କୋଠା ଦେଖିବେ ତା ଛାତରେ ଶେଷ ଦର୍ଶନ ପାଇଁ ଗାନ୍ଧୀଙ୍କର ଶରୀର ରଖା ଯାଇଥିଲା । ଯେମିତି ଆଗକୁ ଯିବେ କିମ୍ବା ଗେଟ୍ ନମ୍ବରରୁ ଦେଖାଯିବ ମହାତ୍ମା ଗାନ୍ଧୀଙ୍କର ବୃହତ କଳା ରଂଗର ମୂର୍ତ୍ତି । ପ୍ରତିମାରେ ଗାନ୍ଧୀଙ୍କ ଦୁଇ ପାର୍ଶ୍ୱେ ଦୁଇଟି ଶିଶୁ ରହିଛନ୍ତି । ବାଳକଟି ପାରାକୁ ହାତରେ ଧରିଛି ଏବଂ ବାଳିକାଟି ଫୁଲ ହାତରେ ଧରିଛି । ଏହି ମୂର୍ତ୍ତି ତାଙ୍କ ଜୀବନ ଦର୍ଶନର ବୃହତ ବାର୍ତ୍ତା ପ୍ରଦାନ କରେ । ଏହି ପ୍ରତିମାକୁ ତିଆରି କରିଛନ୍ତି ପ୍ରଖ୍ୟାତ ମୂର୍ତ୍ତିକାର ପଦ୍ମଭୂଷଣ ଶ୍ରୀରାମ ସୂତାର ।

ଆଗକୁ ବଢ଼ିଲେ ଡାହାଣ ହାତରେ ଦେଖାଦେବ ଦୁଇଟି ଲାଲ ରଙ୍ଗର ଖମ୍ବ






ଯେଉଁଥିରେ ଗୀତାର ସାରାଂଶ ଖୋଦିତ ହୋଇଛି । ଏଠୁ ଭିତରକୁ ଗଲେ ଯେଉଁ କୋଠା ଆସିବ ତା ଉପରେ ଲେଖା ଯାଇଛି ଇଟେର୍‌ନାଲ୍ ଗାନ୍ଧୀ । ଏହି କୋଠା ଭିତରେ ଅନେକ ମଲ୍ଟିମିଡ଼ିଆ ହବ୍ ଅଛି । ଗାନ୍ଧୀଙ୍କ ଶେଷ ସମୟକୁ ଦେଖା ଯାଇଛି । ଏଠାରେ ଗାନ୍ଧୀଙ୍କ ଜୀବନର ଆରମ୍ଭରୁ ଶେଷ ପର୍ଯ୍ୟନ୍ତର ଘଟଣାବଳୀକୁ କଳାଧଳା ଫଟୋ ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି ।

ଏହାପରେ ଏକ ବିରାଟ ବଗିଚା ରହିଛି । ଏହାର ଠିକ୍ ମଝି ସ୍ଥାନରେ ଲାଲ ପଥରର ଏକ ବେଂଚ ରହିଛି ଯେଉଁଠି ବସି ଗାନ୍ଧୀ ପ୍ରାର୍ଥନା ସଭାରେ ଲୋକଙ୍କ ସହ ଆଲୋଚନା କରୁଥିଲେ ଏବଂ ପ୍ରାର୍ଥନା କରୁଥିଲେ । ପ୍ରାର୍ଥନା ସଭାରେ ଥିବା ଚିତ୍ରକୁ ରାଜସ୍ଥାନର ଭୁର ସିଂ ଶେଖାୱତ ଏବଂ ତାଙ୍କର ଛାତ୍ର ଡିପାରେଖ ଆଙ୍କିଛନ୍ତି । ଯାହା ମୋହନ ଦାସଙ୍କ ବିଶ୍ୱ ମାନବ ଛବିକୁ ଦର୍ଶାଉଛି ।

ସେହି ସଭାସ୍ଥଳରେ ବର୍ତ୍ତମାନ ବି ରକ୍ତ ରଂଜିତ ସେଇ ସ୍ଥାନର ଦୃଶ୍ୟ ଦେଖିବାକୁ ମିଳିବ ଯେଉଁଠି ନିଜର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ମହାତ୍ମା । ସବୁଦିନ ପରି ରୁଟିନ ସମାନ ଥିଲା ଗାନ୍ଧୀଙ୍କର । ନିଜ ଅନୁଗାମୀଙ୍କ ସହିତ



ବଖରାରୁ ବାହାରି ଚାଲିଥିଲେ ସଭାସ୍ଥଳକୁ । ସମୟ ସଂଧ୍ୟା ୫ଟା ୧୭ମିନିଟ୍ । ଯେତେବେଳେ ତାଙ୍କ ଛାତିକୁ ଭେଦ କରିଥିଲା ଗୁଳି... ।

'ହେ ରାମ୍ !'... ଶେଷ ବାକ୍ୟଟି ଲାଲ ରଂଗର 'ଶହୀଦସ୍ତମ୍ଭ'ରେ ସେ ସମୟ ଏବଂ ତାରିଖ ସହିତ ଖୋଦିତ ରହିଛି । ଯାହାକୁ ପରିକ୍ରମା ସ୍ଥଳ କୁହାଯାଉଛି ।

ବଗିଚା ଆର ପଟେ ବ୍ରୋଞ୍ଜ୍ ତିଆରି ଏକ ଅନନ୍ତ ଜ୍ୟୋତିର ମୂର୍ତ୍ତି ଦେଖିବାକୁ ମିଳେ ଯାହାକୁ ଶଙ୍ଖ ଚୌଧୁରୀ ତିଆରି କରିଛନ୍ତି । ଏହା ଗାନ୍ଧୀଙ୍କ ଅମର ଜ୍ୟୋତିର ପ୍ରତୀକ ଭାବେ ଦେଖିବାକୁ ମିଳେ ।

'ଗାନ୍ଧୀସ୍ମୃତି'ରେ ଗାନ୍ଧୀଙ୍କର ମୋହନ ଦାସ କରମଚାନ୍ଦ ଗାନ୍ଧୀରୁ ମହାତ୍ମା ପର୍ଯ୍ୟନ୍ତର ଘଟଣାବଳୀ, ତାଙ୍କର ଦସ୍ତଖତ, ଓଡ଼ିଆ ସମେତ ଅନ୍ୟ ଆଂଚଳିକ ଭାଷାରେ ଏକ ଚଳନ୍ତି ପ୍ରଦର୍ଶନୀ ମାଧ୍ୟମରେ ଦର୍ଶାଯାଇଛି । ଆଧୁନିକ ଜୀବନକୁ ଆଖିରେ ରଖି ବର୍ତ୍ତମାନ ଡିଜିଟାଲ୍ ମ୍ୟୁଜିୟମ୍ ମଧ୍ୟ ରହିଛି ।

ଆଜି ଗାନ୍ଧୀଙ୍କ ଦର୍ଶନକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପହଁଚାଇବାକୁ ଅନେକ ପ୍ରୟାସ ହେଉଛି । ବିଭିନ୍ନ ପରିସ୍ଥିତିର ମୁକାବିଲା କରିବା ପାଇଁ ଗାନ୍ଧୀଙ୍କ ଜୀବନ ଦର୍ଶନ ଲୋକଙ୍କୁ ସାହାଯ୍ୟ କରୁଛି । ପ୍ରୋଟୋକଲ୍ ରହିଥିବାରୁ ନିଜ ପରିଚୟ ଲୁଚାଇ 'ଗାନ୍ଧୀସ୍ମୃତି'ରେ କାର୍ଯ୍ୟରତ ଜଣେ ଅଧିକାରୀ କୁହନ୍ତି, "ସେ ବିଗତ ୨୦ବର୍ଷ ହେଲା ଏଠାରେ କାମ କରୁଛନ୍ତି । ପ୍ରଥମେ ପ୍ରଥମେ ଏଠି କାମ କରିବାକୁ ଭଲ ଲାଗୁ ନଥିଲା । କିନ୍ତୁ ଧୀରେ ଧୀରେ ଯେବେ ଗାନ୍ଧୀଙ୍କୁ ଜାଣିଲି ମୁଁ ତାଙ୍କ ଆଦର୍ଶ ଆଉ ଜୀବନ ଦର୍ଶନରେ ପ୍ରଭାବିତ ହେଲି । ଧୈର୍ଯ୍ୟ କଣ ତାହା ମୁଁ ଗାନ୍ଧୀଙ୍କ ଜୀବନରୁ ଜାଣିଲି ଏବଂ ତାକୁ ନିଜ ଜୀବନରେ ପ୍ରୟୋଗ କରିଛି । ଆମ ଦେଶରେ ଗାନ୍ଧୀଙ୍କୁ ନେଇ ଅନେକ ସମାଲୋଚନା ହୁଏ କିନ୍ତୁ ବାହାର ଦେଶରେ ଗାନ୍ଧୀଙ୍କୁ ନେଇ ଅନୁସନ୍ଧାନ କରାଯାଏ । ଠିକ୍ ଅଛି ଗାନ୍ଧୀ ହିଁ ସମସ୍ତଙ୍କୁ ଏପରି କରିବାକୁ ପ୍ରେରଣା ଦେଇଛନ୍ତି । ଆମେ ଗାନ୍ଧୀଙ୍କ ଜୀବନ ଦର୍ଶନକୁ ସମସ୍ତ ଶିକ୍ଷା କେନ୍ଦ୍ରରେ ପହଁଚାଇବାକୁ ପ୍ରୟାସ କରୁଛୁ ଏବଂ ଏହା ଜାରି ରହିବ ।"

ପ୍ରତିଦିନ ଦେଶ ତଥା ଦେଶ ବାହାରର ଅନେକ ପର୍ଯ୍ୟଟକ ଏଠାକୁ ଆସନ୍ତି, ସେମାନଙ୍କ ଭିତରୁ ଜଣେ ଫ୍ରାନ୍ସର ପର୍ଯ୍ୟଟକ ମେରୀ କହିଲେ, "ମୁଁ ଶୁଣିଛି ଗାନ୍ଧୀଙ୍କ ବିଷୟରେ ସେ ଜଣେ ବେଶ୍ ପରିଚିତ ବ୍ୟକ୍ତିତ୍ୱ । ତେଣୁ ମୁଁ ପ୍ଲାନିଙ୍ଗ କରିଥିଲି ଭାରତ ଭ୍ରମଣ ସମୟରେ ଗାନ୍ଧୀଙ୍କୁ ଜାଣିବି । ଏଇଠି ଆସିବା ପରେ ମୁଁ ମନ୍ତ୍ରମୁଗ୍ଧ ତାଙ୍କ ବିଷୟରେ ଜାଣି ।"

ଔରଙ୍ଗାବାଦର ଶ୍ରବଣ ବିଶ୍ୱକର୍ମା କୁହନ୍ତି, "ଗାନ୍ଧୀ ଆମର ଜାତିର ପିତା,







ଏଠାକୁ ଆସି ତାଙ୍କ ବିଷୟରେ ଜାଣି ବହୁତ ଭଲ ଲାଗିଲା । ଆହୁରି ବୁଲିବାର ଅଛି ତାଙ୍କ ସମାଧୀ ସ୍ଥଳ ରାଜଘାଟ ଯାଇ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବି ।"

## ଗାନ୍ଧୀ ଦର୍ଶନ

ଏବେ 'ଗାନ୍ଧୀସ୍ମୃତି' ଏବଂ ଦର୍ଶନ ସମିତିର ଦ୍ୱିତୀୟ ଭାଗ ଗାନ୍ଧୀ ଦର୍ଶନ । ଯାହା ଗାନ୍ଧୀଙ୍କ ସମାଧିସ୍ଥଳ ରାଜଘାଟର ବିପରୀତ ପାର୍ଶ୍ୱରେ ଅବସ୍ଥିତ ।

ଗାନ୍ଧୀ ଦର୍ଶନ ଗଛଲତା ଭିତରେ ଆଶ୍ରମ ଢାଞ୍ଚାରେ ନିର୍ମିତ ହୋଇଛି । ଏଠାରେ ରହିଛି ଏସିଆର ସର୍ବବୃହତ ଅଭିଲେଖାଗାରର ଫଟୋଗ୍ରାଫିକ ପ୍ରଦର୍ଶନୀ । ଏଠାରେ ମଧ୍ୟ ମହାତ୍ମାଙ୍କ ଜୀବନ ସଂପର୍କରେ ଚିତ୍ର ପ୍ରଦର୍ଶିତ




ହୋଇଛି । ଗାନ୍ଧୀଙ୍କର ଜନ୍ମସ୍ଥାନ, ସେବାଗ୍ରାମ ଆଶ୍ରମ, ସାଉଥ୍ ଆଫ୍ରିକାର ଜୀବନ ସହ ବାକି ଜୀବନର ସମସ୍ତ ଘଟଣା ।

ଏ ଜାଗାର ମୁଖ୍ୟ ଆକର୍ଷଣ ହେଉଛି ନୌକା ଏବଂ ଜିପ୍ । ୭୯ ଜଣ ସତ୍ୟାଗ୍ରହୀଙ୍କ ସହିତ ମାର୍ଚ୍ଚ ୧୨, ୧୯୩୦ରେ ଅହମଦାବାଦରୁ ନିଜ ସାରବମତି ଆଶ୍ରମରୁ ଐତିହାସିକ ଦାଣ୍ଡି ଯାତ୍ରା ଆରମ୍ଭ କରିଥିଲେ ମହାତ୍ମା । ୨୪୧ ମାଇଲ ବୁଲି  ଭାରତୀୟଙ୍କ ଭିତରେ ଜାଗୃତି ଆଣିବା ପରେ ୨୪ଦିନରେ ଏହି ଯାତ୍ରା ଶେଷ ହୋଇଥିଲା । ଏଠାରେ ସେଇ ନୌକାକୁ ସଂରକ୍ଷିତ କରି ରଖାଯାଇଛି ଯୋଉଥିରେ ବସି ମହାତ୍ମାଗାନ୍ଧୀ କଂକପୁରରେ ମାହି ନଦୀ ପାର୍ କରିଥିଲେ ।

ତା'ପାଖରେ ରହିଛି ସେ ଐତିହାସିକ ଜିପ୍ । ଯାହା ଉପରେ ଗାନ୍ଧୀଙ୍କର ଶେଷ ଯାତ୍ରା ତାଙ୍କ ମୃତ ଶରୀରକୁ ରଖି ଶେଷକୃତ୍ୟ ପାଇଁ ନିଆ ଯାଇଥିଲା । ଆଜି ବି ସଂରକ୍ଷିତ ଜିପ୍ ନମ୍ବର ୬୧/୧୬୬ । ବିଡ୍‌ଲା ହାଉସ୍‌ରୁ ରାଜଘାଟର ଯାତ୍ରା ମହାତ୍ମା ଏହି ଜିପ୍‌ରେ କରିଥିଲେ, ଲକ୍ଷ ଲକ୍ଷ ଲୋକଙ୍କ ଅସମ୍ଭାଳ ଭିଡ଼ ଜମିଥିଲା ତାଙ୍କ ଶେଷ ଦର୍ଶନ ପାଇଁ ।

ରାଜଘାଟ ଗାନ୍ଧୀଙ୍କ ସମାଧିସ୍ଥଳ । ଯୁଗଜନ୍ମା ବ୍ୟକ୍ତିତ୍ୱ ଶେଷ ନିଦ୍ରାରେ ଏଇଠି ଅମର । ଆଜି ଦେଶ ମହାତ୍ମା ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କର ୧୫୩ତମ ଜୟନ୍ତୀ ପାଳନ କରୁଛି । ତାଙ୍କ ସ୍ମୃତି ଚାରଣରେ ସରକାରୀ ଏବଂ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ କେରାଯାଉଛି । ଗାନ୍ଧୀଙ୍କର ଜୀବନ ଦର୍ଶନ, ଭାରତର ଚିତ୍ର ଶାନ୍ତି ବାର୍ତ୍ତାକୁ ସମସ୍ତଙ୍କ ନିକଟରେ ପହଁଚାଇବାକୁ ପ୍ରୟାସ କରାଯାଉଛି । ତାଙ୍କ ଜନ୍ମଦିନକୁ ଆନ୍ତର୍ଜାତୀୟ ସ୍ତରରେ ଆନ୍ତର୍ଜାତୀୟ ଅହିଂସା ଦିବସ ଭାବେ ୧୫ଜୁନ୍ ୨୦୦୭ରୁ ପାଳନ କରାଯାଉଛି ।

ଜୀବନ ଠାରୁ ବୃହତ ଗାନ୍ଧୀଙ୍କ ଜୀବନ । ଯାହାକୁ ଯେତେ ଚିହ୍ନିଲେ ବି କିଛି ବାକି ରହିଯାଏ । ଗାନ୍ଧୀଙ୍କୁ ଜାଣିବାକୁ ହେଲେ ଗାନ୍ଧୀଙ୍କ ଅନୁଭବରେ ବଂଚିବାକୁ ହୁଏ । ରାଷ୍ଟ୍ରପିତା ମହାତ୍ମାଙ୍କୁ ହୃଦୟରୁ ପ୍ରଣାମ ଓ ଶ୍ରଦ୍ଧାଞ୍ଜଳି ।

**(ଲେଖାଟିରେ ଲେଖିକାଙ୍କ ନିଜସ୍ୱ ଗାନ୍ଧୀ ଦର୍ଶନର ଅନୁଭବ ପ୍ରତିଫଳିତ । ଉତ୍ସ: mkgandhi.orgରେ ମହଜୁଦ ତଥ୍ୟ ଏବଂ ଆଉ କିଛି ୱେବସାଇଟ୍ ।)**




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**

ମାନନୀୟେଷୁ-୨

# 'ପୁଷ୍ପଧନୁ'ର ପ୍ରେମିକ କବି



# ପ୍ରେମ ପୃଥିବୀର ପରିବ୍ରାଜକ

**ରବି ପଣ୍ଡା**

ପ୍ଲଟ୍ ନଂ-୯/୩୫୩୪
କପିଳ ପ୍ରସାଦ, ଭୁବନେଶ୍ୱର-୭୫୧୦୦୨

ଫଟୋ ସୌଜନ୍ୟ : ରବୀନ୍ଦ୍ର କୁମାର ବିଶ୍ୱାଳ

**ପ୍ରେମରେ ସେ ପରିପୂର୍ଣ୍ଣ । ପ୍ରେମର ପରିବ୍ରାଜକ । ଫୁଲମୟ ତାଙ୍କ କାବ୍ୟ-ଅଗଣା । 'ପ୍ରିୟତମା'ର ସେ ପୁଣି ପ୍ରେମିକ କବି । 'ପୁଷ୍ପଧନୁ' ତାଙ୍କ ପ୍ରେମର ଚାରଣ ଭୂଇଁ । ସେ ହେଲେ ବିଶିଷ୍ଟ ବର୍ଷୀୟାନ କବି ଡକ୍ଟର ଫନୀ ମହାନ୍ତି । ରାଶି ରାଶି ରୋମାଣ୍ଟିକ୍ କବିତାର ସେ ଉନ୍ନିଦ୍ର ଉପାସକ । ଅନେକ କବିତା ବହିର ସଫଳ ସ୍ରଷ୍ଟା ବି । ସ୍ନେହରେ ଛଳ ଛଳ ସଦା ଏ କବି ଭଲପାଇବାର ଭୋଅର୍‌କୁ ନେଇ ବିଭୋର୍ । ତାଙ୍କ ଜନ୍ମ ମାସ ଏଇ ଜାନୁଆରୀ । ତାଙ୍କ ଜନ୍ମ ମାସରେ 'ରେବତୀ'ର ଏଇ ସ୍ୱତନ୍ତ୍ର ଆୟୋଜନ । ଗାଳ୍ପିକ ରବି ପଣ୍ଡାଙ୍କ ବିଶେଷ ଉପସ୍ଥାପନା ।**

ଡିସେମ୍ବରର ଏକ କୋମଳ ପୂର୍ବାହ୍ନ ।

ମୁଁ 'ପୁଷ୍ପଧନୁ'ରେ ପହଞ୍ଚିଲା ବେଳକୁ ଆକାଶରୁ ବିଛେଇ ହୋଇ ପଡୁଚି ମଧୁର ଖରା । ଏ ଖରାଦେହକୁ ଉଷ୍ମ ଓ ମନକୁ ଉଲ୍ଲସିତ କରେ । ସେ ଉଲ୍ଲାସକୁ ଆହୁରି ରୋମାଞ୍ଚିତ କରୁଛି ଏ ଶବ୍ଦ 'ପୁଷ୍ପଧନୁ' । ସ୍ୱର୍ଗର ସବୁଠୁ ସୁନ୍ଦର ପୁରୁଷ କନ୍ଦର୍ପ କାମ ଚେତନାର ପ୍ରତିଭୂ କାମଦେବ, ଯାହାଙ୍କ ତୂଣୀରରେ ଶ୍ୱେତପଦ୍ମ, ଅଶୋକଚ୍ୟୁତ, ମଲ୍ଲୀ ଓ ପଦ୍ମପୁଷ୍ପର ଶାୟକ । ଧନୁପୁଷ୍ପ ମଣ୍ଡିତ । ପ୍ରେମିଳ ସ୍ପର୍ଶ, ପ୍ରେମାକ୍ରାନ୍ତ ସ୍ପନ୍ଦନ ଓ ରୋମାଞ୍ଚିତ ହୃଦୟରେ ମିଳନର ତୀବ୍ର ଅଭିଳାଷା ଜାଗ୍ରତ କରିବାରେ ଯେଉଁ ଧନୁ ସର୍ବଦା ଟଂକାର କୁ ଅପେକ୍ଷା ରଖେ, ସେପରି ଏକ ପୁଲକିତ ଚେତନାର ନାମକରଣ କରି ଏ ଘରେ ହୁଏତ ରହୁଛନ୍ତି ଜଣେ କମଳ ଦେଶର ରାଜକୁମାର । ସତୁରି ଦଶକ ଶେଷ ଆଡ଼କୁ ପ୍ରଫୁଲ୍ଲ କରଙ୍କ ସେଇ ରୋମାଣ୍ଟିକ ଗୀତ ଶୁଣି କିଏ ବା ନିଜକୁ କମଳଦେଶର ରାଜକୁମାର ଭାବି ହାତରେ ପୁଷ୍ପଧନୁ ଧରି ନଥିବ ! ମୁଁ ତ କହିବି ଏଇ ଗୀତଟି ହିଁ 'ପୁଷ୍ପଧନୁ' ଶବ୍ଦଟିକୁ ସର୍ବଜନଗ୍ରାହ୍ୟ ଓ ସର୍ବଜନପ୍ରିୟ କରି ଦେଇଛି-ସତରେ !

ସେଇଭଳି ଏକ ନିର୍ଣ୍ଣାୟକ ଓ ନିଆରା ନାମ ବହନ କରୁଥିବା ଏହି ଦ୍ୱିତଳ ଆବାସଟିରେ ଅବସ୍ଥାନ କରନ୍ତି ଜଣେ ମୁଗ୍ଧ ଚେତନାର କବି, **ଫନୀ ମହାନ୍ତି** । ଯାହାଙ୍କ ଜୀବନ ଓ ସୃଜନ ସଂପର୍କରେ ଆଲୋଚନା କରିବାକୁ ମୁଁ ଆସି ପହଞ୍ଚିଛି ।

ମୁଁ ଦୁଆର ଟପି ବୈଠକଖାନାକୁ ପଶୁ ପଶୁ କବିଙ୍କର ସ୍ନେହଶୀଳ ସମ୍ବୋଧନ ଶୁଭିଲା, "ରବି, ଆସିଲ....ଆସ ଆସ.... ।"

ମୁଁ ସାର୍‌ଙ୍କୁ ନମସ୍କାରାନ୍ତେ ବସିଲି । ବୈଠକ ଘରଟି ବହି ଆଲମିରା, ବୁକ୍‌ସେଲ୍‌ଫ୍ ଓ ଗଦଗଦା ପତ୍ରିକାର ସଜ୍ଜିତ ଭୂଖଣ୍ଡ । କବିଙ୍କର ସୃଜନ ସାମ୍ରାଜ୍ୟ ।

ଏମିତି କିଛି ବ୍ୟକ୍ତିଗତ କଥା ହେଉ ହେଉ ସାର୍ ଭିତର ଘର ଆଡ଼କୁ ମୁହଁ ବୁଲାଇ ଡାକିଲେ, "ପୁଷ୍ପା... ।"

ଏ ନାଁ ଶୁଣୁଶୁଣୁ ମୁଁ ଛିଟିକି ଆସିଲି 'ପୁଷ୍ପଧନୁ' ପାଖକୁ । କବି କ'ଣ ପତ୍ନୀଙ୍କ ନାମ ଆଧାରରେ ଘରର ନାଁ ଦେଇଛନ୍ତି 'ପୁଷ୍ପଧନୁ' ? ପୁଣି କବିଙ୍କର ବହୁ ଚର୍ଚ୍ଚିତ ଏକ କବିତା ସଂକଳନର ନାଁ ମଧ୍ୟ 'ପୁଷ୍ପଧନୁ' ତାହାବି କ'ଣ ପତ୍ନୀଙ୍କ ନାମାନୁସାରେ ! ଏ ଭଦ୍ର ମହିଳା କ'ଣ କବିଙ୍କର ପ୍ରେମିକା ଥିଲେ ? ପରେ ପତ୍ନୀ !

ଏ ମାୟାବର୍ତ୍ତରୁ ମୁଁ ମୁକୁଳି ପାରୁନଥିଲି ।

ଟ୍ରେରେ ଚା' ଦୁଇକପ୍ ଓ ପାଣି ନେଇ ଯିଏ ଆସିଲେ ସେ ବୟସ ସତ୍ତ୍ୱେ ତାଙ୍କର ଦେବୀ ସୁଲଭ ଔଜ୍ଜଲ୍ୟ ହରେଇ ନଥିଲେ । ଓଠରେ ଲାଗି ରହିଥିଲା ଶ୍ରଦ୍ଧାପୂର୍ଣ୍ଣ ଆପଣାପଣର ସ୍ମିତହାସ୍ୟ । ମୁଁ ନମସ୍କାର କଲି ।

ଟ୍ରେ ଥୋଉ ଥୋଉ କହିଲେ, "ତମ ପାଇଁ ଅଳ୍ପ ଆଣିଚି । ସକାଳୁ କେତେଥର ପିଇଲଣି ?" ସ୍ୱରରୁ ତାଙ୍କର ସୁମଧୁର ଆକଟ ବାରିହେଇ ପଡୁଥିଲା । ସାର୍ ମଧ୍ୟ ଆମୋଦ ଜନକ କଟାକ୍ଷ କଲେ, "ହଉ ହଉ, ତୁ ଆଉ ଡାକ୍ତର ହ'ନା..."

ଆମ ସମସ୍ତଙ୍କର ଉଚ୍ଛଳ ହସ ହିଁ ଥିଲା ସେତେବେଳର ସ୍ଥିତି କେବଳ ।

ମାଡାମ୍ ଭିତରକୁ ଚାଲିଗଲେ । ଅଭ୍ୟସ୍ତ ଓ ଅଙ୍ଗାଙ୍ଗୀ ସେ କବିଙ୍କ ବ୍ୟଞ୍ଜନା ସହ । ଦାମ୍ପତ୍ୟର କଟିଗଲାଣି ଢେର୍ ବର୍ଷ ।

ଚା' ପିଉ ପିଉ ସାର୍ କହିଲେ, "ଜାଣ ରବି, ପୁଷ୍ପା ବହୁତ ଭଲ ଗପ ଲେଖୁଥିଲେ । ଏବେ ସବୁ ଜଂଜାଳ ଭିତରେ ଆଉ ଲେଖି ପାରୁ ନାହାନ୍ତି । ଆଉ ଗୋଟେ କଥା ସେ ଘର ସମ୍ଭାଳୁ ନଥିଲେ ମୁଁ କି କବି ହୋଇ ପାରିଥାନ୍ତି ! ହଁ, କବିତା ହୁଏତ ଲେଖୁଥାନ୍ତି, କିନ୍ତୁ ଏ ବିପୁଳ ସୃଜନ ଓ ପ୍ରତିଷ୍ଠା କ'ଣ ସହଜ ଓ ସୁଗମ ହେଇ ପାରିଥାନ୍ତା !"

ସାର୍‌ଙ୍କର ଏ ଆବେଗ ପ୍ରବଣ ସ୍ୱୀକାରୋକ୍ତିରୁ ମୁଁ କିଛିଟା ଅନୁମାନ କରୁଥିଲେ ବି ପଚାରିବାକୁ ଭରସି ପାରୁନଥିଲି, "ଆପଣଙ୍କର କ'ଣ ପ୍ରେମ ବିବାହ ?" 'ପୁଷ୍ପଧନୁ' ନାମଟି ଆଧାର କରି କିଛି କଥା ପଚାରିଲେ ସାର୍ ନିଶ୍ଚେ ଫିଟାଇବେ ରହସ୍ୟ । ତାଙ୍କ କବିତା ଓ ବହି ଗୁଡ଼ିକର ନାମ ବି ଜଣାଇ ଦିଏ କବିଙ୍କର ପ୍ରେମିକ ଭାବ ।

ମୁଁ ପଚାରିଲି, "ସାର୍, ଏ ଘରର ଏ ରୋମାଞ୍ଚକ ନାଁଟି ଆପଣ ନିଶ୍ଚେ ମାଡାମଙ୍କ ନାଁକୁ ନେଇ ଦେଇଛନ୍ତି ।"


▶ ଲେଖକ ରବି ପଣ୍ଡା


କବି ଫନୀ ମହାନ୍ତିଙ୍କ ସହିତ ରବି ପଣ୍ଡା

ସାର୍ ହସିଲେ । ଖୁବ୍ ହୃଦୟ ଖୋଲା ହସ । କହିଲେ, "ମତେ ବି ଲାଗୁଚି ତମେ ସେଇଠି ଅଟକିଛ । କାହିଁକି ମୁଁ କନ୍ଦର୍ପର ଆୟୁଧଟିକୁ ନେଇ ମୋ ଘରର ନାଁ ଦେଲି ! ମୁଁ କନ୍ଦର୍ପ ନୁହେଁ, କବି । କନ୍ଦର୍ପର ଫୁଲଶର ନୁହେଁ ମୋ କବିତାର ପ୍ରେମଶର ବିନ୍ଧିବାରେ ବିଶ୍ୱାସୀ, ଛଦ୍ମରେ ନୁହେଁ, ଉନ୍ମୁକ୍ତ ହେଇ ମୁଁ ପ୍ରେମ ସ୍ୱୀକାରରେ ବିଶ୍ୱାସ ରଖେ ।

ବରଗଡ଼ ପଞ୍ଚାୟତ କଲେଜରେ ଅଧ୍ୟାପନା କରୁଥିଲା ବେଳେ ଯେଉଁ ତନୁପାତଳୀ ଝିଅଟି ସହିତ ମୋର ପ୍ରଥମ ଦେଖା ହେଲା, ଅହେତୁକ ଭାବେ ମୁଁ ତା ପ୍ରତି ଆକୃଷ୍ଟ ହେଇ ପଡ଼ିଲି ଆଉ ମନକୁ ମନ ଠିକ୍ କରିନେଲି ଯେ, ଜୀବଦ୍ଦଶାରେ ଯଦି କାହାକୁ ନେଇ ଘରସଂସାର କରିବି, ତେବେ ସେହି ଅସାଧାରଣ ମାନବିକ ଗୁଣାବଳୀ ଓ ପ୍ରତିଭାର ଅଧିକାରିଣୀ ସେଇ ଝିଅକୁ, ଯା'ର ନାଁ ପୁଷ୍ପା । ତାହା ହିଁ ହେଲା । ୧୯୭୩ ମସିହାରେ ପୁଷ୍ପା ସହିତ ମୋର ବିବାହ । ଏଥିରେ ଅବଶ୍ୟ ପ୍ରମୁଖ ଭୂମିକା ରଖିଥିଲେ ଗାଳ୍ପିକ, ଔପନ୍ୟାସିକ ଦୟାଲାଲ ଯୋଶୀ ।

ପରବର୍ତ୍ତୀ ସମୟରେ ପୁଷ୍ପା ମୋର ସୁଖଦୁଃଖ, ହର୍ଷ ବିଷାଦରେ ଛାଇ ଭଳି ରହି ଆସିଛି । ମୋର ଘୋର ଦୁଃସମୟ ବେଳେ ସେ ଘରର ଯାବତୀୟ ଜଂଜାଳ ବ୍ୟାଧିଗ୍ରସ୍ତା ବିଧବା ମାଆର ସେବା ଶୁଶ୍ରୁଷା ତଥା ଦୁଇ ପୁଅଙ୍କ ପାଠପଢ଼ା ପ୍ରତି ବିଶେଷ ଧ୍ୟାନ ଦେବା ସଂଗେ ସଂଗେ ସମସ୍ତ ଦାୟିତ୍ୱ ନେଇ ଏ ଘରଟି ତୋଳିଛି । ଏଥିରେ ମୋ ଭୂମିକା ଗୌଣ । ସେଇଥିପାଇଁ ବହୁ ଚିନ୍ତା କରି ଏ ଘରର ନାମ ତା ନାଁକୁ ନେଇ ଦେଇଛି ।"

# ନିରୋଳା ନିଃସର୍ତ୍ତ ଭଲପାଇବା ହିଁ ପ୍ରେମର ଯଥାର୍ଥ ପରିଭାଷା

**▶ଆପଣଙ୍କ ପାଇଁ କବିତା କ'ଣ ?**

● କବିତା ମୋ ପାଇଁ ଜୀବନ । କବିତା ନଲେଖି ମୁଁ ବଞ୍ଚି ପାରିବି ନାହିଁ । ମୁଁ ଜାଣେ କବିତା ଠାରୁ ଜୀବନ ବିଶାଳତର । ସେହି ମର ଜୀବନକୁ ଅର୍ଥପୂର୍ଣ୍ଣ କରିବା ପାଇଁ ମୁଁ ସାଧ୍ୟମତେ ଚେଷ୍ଟା କରେ । ଅଳ୍ପ କେତେ ଯୋଡ଼ା ଶବ୍ଦକୁ ଭାଙ୍ଗି ଗଢ଼ି ଗୋଟିଏ ନୂତନ ଚିତ୍ର ଦେବା ପାଇଁ ।

**▶ଆପଣ ପ୍ରଥମେ ଗଳ୍ପ ଲେଖୁଥିଲେ । କବିତାକୁ କାହିଁକି ଆପଣେଇଲେ ?**



● ସାଧାରଣତଃ କବିତାରୁ ସମସ୍ତଙ୍କର ସୃଜନ ଯାତ୍ରା ଆରମ୍ଭ ହୋଇଥାଏ, କିନ୍ତୁ ମୁଁ ପ୍ରଥମେ ଗପ ଲେଖିବା ଆରମ୍ଭ କରିଥିଲି । 'କାଳସର୍ପ' ନାମକ ସଂକଳନ ବି ପ୍ରକାଶ ପାଇଥିଲା । 'ଲୋକଟିଏ' ଶୀର୍ଷକରେ ଉପନ୍ୟାସଟିଏ ମଧ୍ୟ ପ୍ରକାଶ ପାଇଛି । କିନ୍ତୁ ବିଖ୍ୟାତ ସାହିତ୍ୟିକ ତଥା ମୋର ପୂଜ୍ୟଗୁରୁ ମୋ ଭାଷାର କାବ୍ୟିକତା ଦେଖି ମୋତେ କବିତା ଲେଖିବାକୁ ପରାମର୍ଶ ଦେଲେ । ବାଶ୍, ମୁଁ ଗପ ଛାଡ଼ି କବିତାକୁ ଆସିଲି ।

**▶ଆପଣଙ୍କ କବିତାରେ ପ୍ରେମ ମନସ୍କତାର ପ୍ରାଧାନ୍ୟ ଅଧିକ, କାରଣ କ'ଣ ?**

● ନିରୋଳା ନିଃସର୍ତ୍ତ ଭଲପାଇବା ହିଁ ପ୍ରେମର ଯଥାର୍ଥ ପରିଭାଷା ମୋ ପାଇଁ । ମୁଁ ଖାଲି ମୋ ପ୍ରେମିକା କି ପତ୍ନୀକୁ ନୁହେଁ ରକ୍ତମାଂସର ସବୁ ମଣିଷ, ପଶୁପକ୍ଷୀ, କୀଟପତଙ୍ଗ, ସ୍ଥାବର ଜଙ୍ଗମ, ପ୍ରକୃତି ଓ ସର୍ବୋପରି ସମସ୍ତଙ୍କୁ ଭଲପାଏ । ଦର୍ଶନର ଛାତ୍ର ମୁଁ । ଭାରତୀୟ ଦର୍ଶନର ମଞ୍ଜ ସହ ମୁଁ ଓତଃପ୍ରୋତ ଭାବେ ଜଡ଼ିତ । ସେ ମୋତେ ବିଶ୍ୱ ପ୍ରେମର ଭାବ ଶିଖାଇଛି ।

**▶କବିତା ପ୍ରକୃତରେ କ'ଣ ? ଆପଣଙ୍କ ଲିଖନ ପ୍ରକ୍ରିୟାଟି କ'ଣ ?**

● କବିତା ଏକ ନିରୋଳା ନିବିଡ଼ ଉତ୍ସବ । ଏହାର ସ୍ଥିର ନିଷ୍ଠିତ ସଂଜ୍ଞା ଦେବା ସହଜ ନୁହେଁ । ଜୀବନାନୁଭୂତିର କଳାତ୍ମକ କାବ୍ୟିକ ପ୍ରକାଶ ହେଉଛି କବିତା । ମୋ ଲିଖନ ପ୍ରକ୍ରିୟାଟି ସମସ୍ତ ଲେଖକଙ୍କ ପରି ସ୍ୱାଭାବିକ ଓ ଏକ ସାରସ୍ୱତ ଆରାଧନା ପରି ।

**▶ଆପଣ ଅନାମ କାବ୍ୟ ଆନ୍ଦୋଳନ ସହ ସଂପୃକ୍ତ ଥିଲେ । ତାହାର ସ୍ୱର ନିର୍ବାପିତ ହୋଇଗଲା କାହିଁକି ?**

● ଷଷ୍ଠ ଦଶକର ମଧ୍ୟ ଭାଗରେ ଯେତେବେଳେ ଆମ କବିମାନେ ଆମ ସ୍ୱାଭିମାନ ଓ ଐତିହ୍ୟ ସଂପନ୍ନ ମୂଳ ଠାରୁ ବିଚ୍ୟୁତ ହୋଇ ନିଜ ପ୍ରଜ୍ଞା ଓ ପାଣ୍ଡିତ୍ୟର

ଏକଥା କହିଲା ବେଳେ ସେ ଖୁବ୍ ଆବେଗପ୍ରବଣ ହେଇ ପଡୁଥିଲେ କବି । ଅତୀତକୁ ଫେରିଗଲା ପରି ସେ କହୁଥିଲେ: "'ପୁଷ୍ପଧନୁ' ମୋ ସାରସ୍ୱତ ଜଗତକୁ ନୂଆରୂପ ଦେଇଛି । ମତେ ଜାତୀୟ ଓ ରାଜ୍ୟସ୍ତରୀୟ ପରିଚିତି ଦେଇଛି । ଏ ପୁଷ୍ପଧନୁ ଆମ ଦୁହିଁଙ୍କର ସ୍ମୃତିର ସ୍ମାରକୀ । ଏହାକୁ ନେଇ କବିତା ବି ଲେଖିଛି ।

'ଏମିତି ଗୋଟେ କାରୁଣ୍ୟ ଓ ଗଦ୍‌ଗଦ୍ ଆନନ୍ଦରେ
ଭରପୁର ଗୋଟେ ଘର ଯେଉଁଠି ପଦ୍ମଗନ୍ଧା ନାରୀଟିଏ
କି ଦିନ କି ରାତି ନସର ପସର ହୋଇ ଅତିଥି
ଅଭ୍ୟାଗତଙ୍କ ସେବାରେ ବୁଡ଼ି ରହିଥାଏ
ଚିତ୍ରକର କାନ୍‌ଭାସ୍‌ରେ ଗଢ଼ା ଯେ କାଞ୍ଚନିକ
ଘରକୁ କାଳକାଳ ପାଇଁ ଜଗି ବସିଥାଏ ।"

ମୁଁ ଆଶ୍ୱସ୍ତିରେ ଦୀର୍ଘଶ୍ୱାସଟିଏ ଛାଡ଼ିଲି । ମୋ ଅବଦମିତ ଜିଜ୍ଞାସା ତାର ଉତ୍ତର ପାଇ ସାରିଥିଲା । ସୁତରାଂ ପୁଷ୍ପଧନୁ କେବଳ ଘରର ଠିକଣା ନୁହେଁ । କବି ଓ କବିତାର ଅସଲ ଠିକଣା । ଅନ୍ୟପକ୍ଷରେ 'ପୁଷ୍ପଧନୁ'ର କବି କହିଲେ ଫନୀ ମହାନ୍ତିଙ୍କୁ କେବଳ ବୁଝାଏ, ଯେଉଁଠି ତାଙ୍କ ପ୍ରେମର ଚରମ ଉତ୍କର୍ଷ ଉତ୍‌କୀର୍ଣ୍ଣ । ଏ କବିତା ପୁସ୍ତକରୁ ପ୍ରେମୀ କବି, କବିଙ୍କ ପତ୍ନୀ, କବିଙ୍କ ଗୃହ ଓ କବିଙ୍କ ଗ୍ରନ୍ଥ- ଏ ସମସ୍ତ ଏକାଠି ଭେଟିହୁଏ ।


କବି ଫନୀ ମହାନ୍ତି ଓ ପୁଷ୍ପା ମହାନ୍ତିଙ୍କ ସହିତ ରବି ପଣ୍ଡା

ଓଡ଼ିଆ କବିତାର ସଦା ସତେଜ କବି ଫନୀ ମହାନ୍ତିଙ୍କ ଜନ୍ମ ଫକୀରଗଡ଼ ଗାଁରେ । ଭୁବନେଶ୍ୱର ଠାରୁ ମାତ୍ର ୧୯କି.ମି. ଦୂର ସେ ଗାଁ । ମୂଳତଃ ଏହା ପୁରୀ ଜିଲ୍ଲାରେ ଥିଲା । ଜିଲ୍ଲା ବିଭକ୍ତି କରଣ ପରେ ସଂପ୍ରତି ଏହା ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ । ରାଜଧାନୀ ସହରର ଏତେ ପାଖରେ ଥିଲେ ବି ସେ ବିଜେବି କଲେଜରୁ ପଢ଼ା ଶେଷ କଲାଯାଏଁ ଗାଆଁକୁ ରାସ୍ତାଟିଏ ସେତେବେଳେ ନଥିଲା । ଦୟାନଦୀ ଉପରେ ପୋଲ ନଥିବାରୁ ଗାଁରୁ କାଦୁଅ ପଚପଚ ମାଟି ରାସ୍ତାରେ

ପରାକାଷ୍ଠା ଦେଖାଇବାକୁ କାବ୍ୟ କବିତା ରାଜ୍ୟରେ ଅବୋଧ୍ୟ ଓ ଦୁର୍ବୋଧ୍ୟ ସୃଷ୍ଟି କ୍ରିୟାରେ ଲିପ୍ତ ରହିଲେ, ତାରି ବିରୋଧରେ ମୁଖ୍ୟତଃ ସ୍ୱର ଉତ୍ତୋଳନ କରିଥିଲେ କବିମାନେ । ୧୯୭୪-୭୫ ମସିହାରେ ବାରିଷ୍ଟର ରଣଜିତ ମହାନ୍ତିଙ୍କ ପିତା ମଧୁସୂଦନ ମହାନ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ଅନାମ ଗୋଷ୍ଠୀରେ ଯୋଗ ଦେଇଥିଲି । କୁମାର ମହାନ୍ତି ଏହାର ପ୍ରବର୍ତ୍ତକ ଥିଲେ ହେଁ କବି ହରିହର ମିଶ୍ର, ବିଶୁ ମିଶ୍ର, ଉଦୟ ଦାସ, ଗୋକୁଳି ମହାନ୍ତି ଏଥିରେ ସାମିଲ ଥିଲେ । ଅବଶ୍ୟ ଅନାମ 'ସାହିତ୍ୟ ଓ ଦର୍ଶନ' ସଂପର୍କରେ ସାଧାରଣଙ୍କ ଯେଉଁ ଅବଧାରଣା ଥିଲା, ମୁଁ ସେଥିରୁ ବ୍ୟତିକ୍ରମ ଥିଲି । ଅନାମ କବିମାନେ ଶିରୋନାମା ନଦେଇ କବିତା ଲେଖୁଥିଲା ବେଳେ ମୁଁ କବିତାରେ ଶିରୋନାମା ଦେଉଥିଲି । 'ଅନାମ ଆନ୍ଦୋଳନ' ହଜିଯିବାର ବହୁ କଥା ସଂକ୍ଷେପରେ କହିବା ସମ୍ଭବ ନୁହେଁ ।

**▶ଆପଣ ଏକଦା ଦୀର୍ଘଦିନ ଧରି ପତ୍ରିକା ସମ୍ପାଦନା କରୁଥିଲେ । ବନ୍ଦ ହେଇଗଲା କାହିଁକି ?**

● ମୋ ଜିପିଏଫ୍ ପାଣ୍ଠିରୁ ଟଙ୍କା ଆଣି ମୁଁ ଦୀର୍ଘ ଦଶବର୍ଷ କାଳ 'ସଂଯୋଗ' ପତ୍ରିକା ପ୍ରକାଶ କରିଥିଲି । ସେଥିରେ ବହୁ ମୂର୍ଦ୍ଧନ୍ୟ ବର୍ଗର ଲେଖକଙ୍କ ସମେତ ତରୁଣମାନଙ୍କ ଲେଖା ମଧ୍ୟ ପ୍ରକାଶ କରୁଥିଲି । କୌଣସି ସଂଖ୍ୟାରେ ସମ୍ପାଦକୀୟ ବ୍ୟତୀତ ମୋର କବିତା କି ମୋ ସଂପର୍କରେ କୌଣସି ଲେଖା ପ୍ରକାଶ ପାଇନାହିଁ । ଲେଖାର ଗୁଣାତ୍ମକ ମାନ ସହିତ ମୁଁ କେବେ ସାଲିସ୍ କରୁନଥିଲି । ଅର୍ଥ ରୋଜଗାର ପରିବର୍ତ୍ତେ ଏକ ଉଚ୍ଚାଙ୍ଗ ମୂଲ୍ୟବୋଧ ଭିତ୍ତିକ ସାହିତ୍ୟ ପତ୍ରିକା ପ୍ରତିଷ୍ଠା କରିବା ମୋର ଲକ୍ଷ୍ୟ ଥିଲା । କିନ୍ତୁ ତାହା ବହୁତ କାରଣରୁ ବନ୍ଦ ହୋଇଗଲା ।

**▶ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କବିତା ସଂକଳନ 'ବିଷାଦଯୋଗ'ର ମୁଖ୍ୟ ସ୍ୱର କ'ଣ ?**

● ଆଜିର ପୃଥିବୀ ଓ ସଂସାରରେ ମଣିଷ ନିର୍ବନ୍ଧୁ ଭାବେ କାଳାତିପାତ କରିବା ସହ ଏପରି ଅସହାୟ ଓ ନିଃସଙ୍ଗ ଅବସ୍ଥାରେ ଅଛି ଯେ ତା'ର କେହି ଶାଖା-ସଖା ନାହାନ୍ତି । ଏପରିକି ଈଶ୍ୱର ଓ ଭାଗ୍ୟ ମଧ୍ୟ ତାର ପକ୍ଷଭୁକ୍ତ ହେଉନାହାନ୍ତି । ଏହା ଅର୍ଜୁନଙ୍କ ବିଷାଦଯୋଗ ଠୁଁ ବଳି ଅତି ଯନ୍ତ୍ରଣା ଜର୍ଜର । ସେ ଭୁଲ୍ ଠିକ୍ ଯାହା କରୁ ତାକୁ ପଦେ କହିବାକୁ କେହି ନାହାନ୍ତି । ସେ ହିଁ ସବୁ ଆରମ୍ଭର ଆରମ୍ଭ, ସବୁ ଶେଷର ଶେଷ । ଏପରି ଏକ ମାନସିକ ଅବସ୍ଥା ଭିତର ଦେଇ ଗତି କରୁଥିବା ବେଳେ 'ବିଷାଦଯୋଗ'ର ଜନ୍ମ ।

**▶'ସନ୍ଦିଗ୍ଧ ମୃଗୟା' ଓ ଫନୀ ମହାନ୍ତିଙ୍କ ମୃଗୟା ଭିତରେ ମୌଳିକ ପ୍ରଭେଦଟି କ'ଣ ବୋଲି କବି ଭାବନ୍ତି ?**

● ପ୍ରୋଟାଗୋନିଷ୍ଟ ଯେଉଁ ଯାତ୍ରା ପଥରେ ଚାଲିଛି ତା ପ୍ରଚେଷ୍ଟାରେ ଶ୍ରଦ୍ଧା, ମମତ୍ୱବୋଧ ଗୁରୁତ୍ୱପୂର୍ଣ୍ଣ । ଅନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳର ଯାତ୍ରୀ । 'ମୃଗୟା' ଲକ୍ଷ୍ୟସ୍ଥଳ ହେଲେ ଆନନ୍ଦ ହିଁ ଶେଷକଥା ଓ ସେଠି ପହଞ୍ଚିପାରେ ବା ପହଞ୍ଚିନପାରେ । ମୋ ଶ୍ୱାସପ୍ରଶ୍ୱାସ ଚାଲୁଥିବା ଯାଏଁ ସେହି ପ୍ରଚେଷ୍ଟା ଅବ୍ୟାହତ ରହିବା ହିଁ ଚାହେଁ ।

**▶ଓଡ଼ିଶାରେ ସାହିତ୍ୟରେ ପୁରସ୍କାର ବ୍ୟବସ୍ଥାଟିକୁ ଆପଣ କିଭଳି ଦୃଷ୍ଟିରେ ଦେଖନ୍ତି ?**

● ଅନେକ ସମୟରେ ପୁରସ୍କାର ଦୋଷମୁକ୍ତ ହେଉ ନାହିଁ । ଯେଉଁ ସଂସ୍ଥା ବା ବ୍ୟକ୍ତି ବିଶେଷ ଏହି ପୁରସ୍କାରକୁ ନିୟନ୍ତ୍ରଣ କରୁଛନ୍ତି, ସେମାନେ ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ କଳେବଳେ କୌଶଳେ ପୁରସ୍କାର ଦେଉଛନ୍ତି । ଏଠି ଧୁଆମୂଳା ଅଧୁଆ ମୂଳା ସମାନ ହେଇ ଯାଉଛନ୍ତି । ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୁରସ୍କାର ମଧ୍ୟ ନିରପେକ୍ଷ ଓ ଦୋଷମୁକ୍ତ ନୁହଁ । ଏଥପାଇଁ ଅନେକେ ଏବେ ସାହିତ୍ୟ ପୁରସ୍କାରକୁ ନେଇ ନାସିକା କୁଂଚନ କରୁଛନ୍ତି । ସାହିତ୍ୟ ପୁରସ୍କାରରେ ଏବେ ବି ଫିକ୍ସିଂ ଚାଲିଛି । ବିନା ସାଧନରେ ବି ଅନେକ ଲୋକ ପୁରସ୍କାର ପାଉଛନ୍ତି । ଏହାଦ୍ୱାରା ସେମାନଙ୍କ ଅହଂଭାବ ବଢ଼ୁଛି ।

**▶ନୂଆକବି, ଲେଖକମାନଙ୍କୁ ଆପଣଙ୍କ ପରାମର୍ଶ କ'ଣ ?**

● ସେମାନଙ୍କୁ ମୋର ପରାମର୍ଶ ଏତିକି ଯେ, ସେମାନେ ନିଷ୍ଠାବାନ ହେବା ଉଚିତ୍ । ପ୍ରଚୁର ଅଧ୍ୟୟନ କରିବା ଉଚିତ । ସାହିତ୍ୟ ହେଉଛି ଏକ ନିରଳସ ତପସ୍ୟା । ଏକ ଅସରନ୍ତି ସାଧନା । ସୁନ୍ଦର ସୃଷ୍ଟି ପାଇଁ ବହୁ ପରିଶ୍ରମ କରିବାକୁ ପଡ଼ିବ ।




ଚାଲି ଚାଲି ବାଲକାଟି ଆସି ଡଙ୍ଗାରେ ନଈପାରି ହୋଇ ପୁରୀ କିମ୍ୱା ଭୁବନେଶ୍ୱର ଆସୁଥିଲୁ ବୋଲି ସେ କହନ୍ତି ।

କବିଙ୍କର ପାରିବାରିକ ଜୀବନ ସଂପର୍କରେ ପଚାରିଲେ ସେ କହନ୍ତି– "ଆମର ଜମିଦାର ରାୟ ବାହାଦୂର ପରିବାର ଥିଲା । ଜମିଦାରୀ ଯିବା ପରେ ପରିବାର ଆର୍ଥିକ ଦୁର୍ଗତିର ଶୀକାର ହୋଇ ସର୍ବସ୍ୱାନ୍ତ ହୋଇଗଲା । ଜମି ବାଡ଼ି ଗୋଟିକ ପରେ ଗୋଟିଏ ବିକ୍ରି ହେଲା । ଗଛ ବୃକ୍ଷ ବି ବାଦ ପଡ଼ିଲା ନାହିଁ । ବିରାଟ ଏକ ନିମ୍ନ ମଧ୍ୟବିତ୍ତ ପରିବାର । ବାପା, ତିନିଜଣ ଦାଦା, ଦୁଇଜଣ ଜେଜେ ବାପା । ବଡ଼ ଦୁଃଖ କଷ୍ଟରେ ଅଭାବ ଅସୁବିଧାରେ କଟିଚି ପିଲାଦିନ । ଘରେ ଖାଇବାକୁ ଭାତ ବି ନଥାଏ । ଭାତ ଥିଲେ ଡାଲି କି ତରକାରି ନାହିଁ । କୋଠ ପୋଖରୀରୁ ବୋଉ ତୋଳି ଆଣୁଥିବା ସୁନୁସୁନିଆ ଶାଗ କି କଳମ ଶାଗ ଭଜାରେ ଭାତ ଖିଆଯାଏ । ପୁଣି ବାସି ତୋରାଣିରେ ପାଚିଲା ବରକୋଳି ଚକଟି ପଖାଳ ଖିଆଯାଏ ।

ପିଲାବେଳର ସ୍ମୃତି ତାଙ୍କ ଜୀବନର ଅଭୁଲା ସନ୍ତକ । ମାଟି ସରସର ଘରେ ହାଫ୍ ପ୍ୟାଣ୍ଟ୍ ଖଣ୍ଡେ ପିନ୍ଧି ପୋଲାଙ୍ଗ ତେଲର ଡିବି ଆଲୁଅରେ ନିଦ ମଳମଳ ଆଖିରେ ସ୍କୁଲ୍ ପାଠ ପ୍ରସ୍ତୁତ କରୁଥିଲେ । ସାଙ୍ଗମାନଙ୍କ ମେଳରେ ବାଗୁଡ଼ି ବୋହୂଚୋରୀ ଖେଳ ଚାଲୁଥିଲା । ରାତିରାତି ମେଳଣ ପଡ଼ିଆରେ ତାଳପତ୍ର ଚଟେଇ ପକେଇ ଅପେରାଙ୍କ ପାଲା ଦେଖିବା ଥିଲା ତାଙ୍କର ନିଶା । ପୁଣି ନିଜେ ଦଶହରା କି ରଜରେ ମୁହଁରେ ରଂଗବୋଳି ଡ୍ରାମା କରୁଥିଲେ । ଦାଶକାଠିଆ ବଜାଉଥିଲେ । ଭୋଜି କରିବା ପାଇଁ କାହା ବାଡ଼ିରୁ କଦଳୀ କାହା ପିଢ଼ାରୁ କଖାରୁ କାହା ଗଛରୁ ଅମୃତ ଭଣ୍ଡା, କାହା ବିଲରୁ ଆଳୁଗଛ ଓପାଡ଼ି ଆଣି ସାଙ୍ଗମେଳରେ ଡାଲମାଭାତ କରି ଖାଉଥିଲେ । ଅଙ୍କ ଓ ଭୂଗୋଳରେ ଭଲ କରୁ ନଥିବାରୁ ବାପାଙ୍କ ଠାରୁ ସୁନା କନିଅର ଛାଟରେ ମାଡ଼ଖାଇ ଦେହ ହାତରେ ନୋଳା ଫଟାଇ ଗଧ ଛାତ୍ରର ଉପାଧି ପାଉଥିଲେ । ଏସବୁ କଥା କହିଲା ବେଳେ କବିଙ୍କର ପ୍ରଗଲ୍‌ଭତା ବଢ଼ି ଯାଉଥିଲା । ଦୀର୍ଘଶ୍ୱାସ ଛାଡ଼ିଲା ପରି ସେ କହୁଥିଲେ, "ହାୟ....ଅଭୁଲା ସେ ପିଲାଦିନ, ଅବିସ୍ମରଣୀୟ ସେ ସ୍ମୃତି । ଏସବୁ ମୋ ସୃଜନର ମୂଳଭିତ୍ତି ।"

ପିଲାଦିନର ଅନୁଭବ ଯାହାର ଅଧିକ ତୀବ୍ର, ସେ ତୀବ୍ରତାର ଆଲୋଡ଼ନ ମଧ୍ୟ ପ୍ରଖର । ଏହାମଧ୍ୟ କରିଦିଏ ସୃଜନ ମୁଖର । କବିଙ୍କର ସୃଜନଶୀଳତା ଉପରେ ମୋ ପ୍ରଶ୍ନର ଉତ୍ତର ଦେଇ ସେ କହିଲେ ବଂଶାନୁକ୍ରମରେ ତାଙ୍କ ପରିବାରର ଲୋକମାନଙ୍କ ଭିତରେ କବିତା ପ୍ରତି ଦୁର୍ବଳତା ରହି ଆସିଛି । ତାଙ୍କ ବାପା ଭୋଳାନାଥ ମହାନ୍ତି ତାଙ୍କ ଗାଁ ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ । ଗ୍ରାମାଂଚଳରେ ଜଣେ ଜଣାଶୁଣା କବି ଓ ସର୍ଜନାତ୍ମକ ସ୍ରଷ୍ଟା ଭାବରେ ପରିଚିତ ଥିଲେ । 'ସରଗଫଳ' ନାମକ ଖଣ୍ଡିଏ ଖଣ୍ଡକାବ୍ୟ ମଧ୍ୟ ତାଙ୍କର ପ୍ରକାଶିତ । ମୋ ଜେଜେବାପା କବି ନଥିଲେ ମଧ୍ୟ କାବ୍ୟକବିତା, ରାମାୟଣ ମହାଭାରତ, ଭାଗବତ,କାର୍ତ୍ତିକ ପୁରାଣ ଓ ଗୀତା ଆଦି ଧର୍ମଗ୍ରନ୍ଥମାନ ପ୍ରତ୍ୟହ ପାଠ କରି ଗ୍ରାମବାସୀମାନଙ୍କୁ ଶୁଣାଉଥିଲେ । ସେ ତାଙ୍କର ୮୪ବର୍ଷର ଜୀବନ କାଳ ଆଧ୍ୟାତ୍ମିକ ଚିନ୍ତନ, ଚର୍ଚ୍ଚା ଓ ବୃକ୍ଷରୋପଣ ଆଦି ନାନାଦି ଜନହିତକର କାର୍ଯ୍ୟରେ ବିତେଇଥିଲେ । ଏସବୁର ପ୍ରଚ୍ଛନ୍ନ ପ୍ରଭାବ ମୋ ଉପରେ ପଡ଼ିଥିଲା ପିଲାଦିନରୁ ।

ମୁଁ ପଞ୍ଚମ ଶ୍ରେଣୀ ପାଶ୍ କଲା ପରେ ମୋ ବାପା ସିଧାସଳଖ ଜନବିଦ୍ୟାମନ୍ଦିର, ଚଣାହାଟ ମାଧ୍ୟମିକ ବିଦ୍ୟାଳୟରେ ମୋ ନାଁ ୭ମ ଶ୍ରେଣୀରେ ଲେଖାଇ ଦେଲେ । ସେଠାରେ ପଢ଼ିଲା ବେଳେ ମୁଁ କବି ଅନନ୍ତ ପଟ୍ଟନାୟକଙ୍କୁ ଦେଖିଲି । ସେ ସେଇ ଚଷାହାଟ ଗ୍ରାମର ବାସିନ୍ଦା । ପୁଣି ଆମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଁ କବି ରାଧାମୋହନ ଗଡ଼ନାୟକଙ୍କୁ ଦେଖିଲି । ତାଙ୍କ କବିତା ମୁଁ ସେ ସଭାରେ ଆବୃତ୍ତି କରିଥିଲି । ସେ ମୋ ଆବୃତ୍ତିରେ ମୁଗ୍ଧ ହୋଇ ମୋ ପିଠି ଆଉଁସି ଦେଇଥିଲେ । ଏହା ମୋ ଭିତରେ ଯେମିତି ସୃଜନର ମହାଭାବ ସୃଷ୍ଟି କରି ଦେଇଥିଲା ।

କିନ୍ତୁ ଦୁଇ ଦୁଇଟି ଦାରୁଣ ଆଘାତ ମୋ ଜୀବନର ଗତିପଥକୁ ସଂପୂର୍ଣ୍ଣ ବଦଳାଇ ଦେଲା । ବାପା ଚାଲିଗଲେ । ଗୋଟେ ଘୋର ବିଷଣ୍ଣ ଭାବ ଆମକୁ ଘେରି ରହିଥିଲା ବେଳେ ମୋର ସାନଭାଇ ରବୀନ୍ଦ୍ର ନବମ ଶ୍ରେଣୀରେ ପଢୁଥିଲା ବେଳେ ତାର

ଆକସ୍ମିକ ବିୟୋଗ ଘଟିଲା ।

ମୋର ସ୍କୁଲ୍ ପାଠ ପରେ ପରେ ଆମେ ଅଜାଘରକୁ ଚାଲିଗଲୁ । ତାହା ବାଳକାଟି ପାଖରେ ଦୟାନଦୀ କୂଳରେ ସତ୍ୟଭାମାପୁର । ସେଠାକାର ହାଇସ୍କୁଲରୁ ମୁଁ ୧୯୫୯ରେ ମାଟ୍ରିକ୍ ପାଶ୍ କଲି ।

ଏଠାରେ କବିଙ୍କ ଜୀବନରେ ଆଉ ଏକ ମୋଡ଼ ଆସିଲା । ସେ ସମ୍ପର୍କରେ ସେ କହନ୍ତି, "ଆର୍ଥିକ ଦୁରାବସ୍ଥା ଯୋଗୁଁ କଲେଜରେ ପଢ଼ିବା ସହଜ ନହେବାରୁ ମୋ ଅଜା ମୋ ପାଇଁ ଚାକିରି ଅନ୍ୱେଷଣରେ ରହିଲେ । ମିଳିଗଲା ଟେଲିଗ୍ରାଫ୍ ମେସେଞ୍ଜର୍ ଚାକିରି ।" ମାତ୍ର ଷୋହଳ ବର୍ଷ ବୟସ । ପ୍ରଥମ ପୋଷ୍ଟିଂ ତାଳଚେର । ଶୀତଦିନ । କବି ପୁରୀ ତାଳଚେର ଟ୍ରେନରେ ବାକ୍ସ ଖଣ୍ଡିଏ ଧରି ପହଞ୍ଚିଲେ ତାଳଚେରରେ ।


କବି ଫନୀ ମହାନ୍ତିଙ୍କ ସହିତ ରବୀନ୍ଦ୍ର ବିଶ୍ୱାଳ

ସେଠାକାର ପୋଷ୍ଟ ମାଷ୍ଟର ଜଣେ ବଙ୍ଗାଳୀ ଭଦ୍ରଲୋକ । ଡାକ ବାଣ୍ଟିବାକୁ ଯାଉଥିବା ଡାକ ପିଅନକୁ ଡାକି କହିଲେ, ମତେ ନେଇ ତାଳଚେରର ଗମ୍ୟ ଅଗମ୍ୟ ସ୍ଥାନ ଦେଖାଇ ଦେବାକୁ ସାଇକେଲ ଖଣ୍ଡିଏ ଦେଲେ ଯେ ସେଥିରେ ପମ୍ପ୍ ନଥାଏ । ସାଇକେଲରେ ପବନ ଦେଇ ତା ପଛରେ ଗଲି । ସେ ମୋତେ ଏ ଗଳି ସେ ଗଳି ମନଇଚ୍ଛା ବୁଲେଇଲା । ମୁଁ ଥକ୍କି ପଡ଼ିଲିଣି ସେତେବେଳକୁ । ପ୍ରବଳ ଭୋକ । ସେ ମୋତେ କହିଲା, "ଏଇଟା ଜରୁରି । ରାତିଦିନ ଯେତେବେଳେ ଯା' ଟେଲିଗ୍ରାମ୍ ଆସିବ, ନେଇ ଦେବାକୁ ହେବ ।"

ମୁଁ ଭାଙ୍ଗି ପଡ଼ିଲି । ଭାବିଲି ଏ କାମ ମୋ ଦ୍ୱାରା ହେବ ନାହିଁ । ମନେମନେ ଠିକ୍ କଲି, ଘରକୁ ପଳାଇବି । କହିଲି, ବାବୁ ତାଳଚେର-ପୁରୀ ଟ୍ରେନ କେତେବେଳେ ? ମତେ ଟିକେ ଷ୍ଟେସନରେ ଛାଡ଼ିଦିଅ, ମୁଁ ଚାଲିଯିବି । ମୋତେ ସେ ଏ ଚାକିରିର ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ବହୁତ ବୁଝାଇଲା । ମୁଁ ତ ବର୍ତ୍ତମାନ ଅବସ୍ଥାକୁ ଦେଖୁଥିଲି, ଭବିଷ୍ୟତ କିଏ ଦେଖିଚି ?"

ତା କଥାକୁ ଆଦୌ କାନ ନଦେଇ ଫେରନ୍ତା ଟ୍ରେନ ଧରି କବି ପହଞ୍ଚିଲେ ଭୁବନେଶ୍ୱରରେ । ଅନ୍ଧାର ରାତି । ନଈ ଡେଇଁ, ଟ୍ରଙ୍କ୍ ମୁଣ୍ଡେଇ ପହଞ୍ଚିଗଲେ ଗାଁରେ । ଅଜା ଖପ୍ପା । ଚାକିରି ଛାଡ଼ି ଦେଇଥିବାରୁ ସାରାକାସାରା ପରିବାର ନିରାଶ ।

"ତା'ପରେ ମୁଁ ନିଷ୍ପତ୍ତି କଲି ଯେତେ ଯାହା ବାଧାବିଘ୍ନ ଆସୁ ମୁଁ କଲେଜରେ ପଢ଼ିବି ।" ପାଠପଢ଼ା ଆରମ୍ଭ ହେଲା ।

୧୯୬୦-୧୯୬୨ରେ କବି ବିଜେବି କଲେଜରେ ନାମ ଲେଖାଇଲେ । ପ୍ରଥମ ବର୍ଷ କଳା । ସେଠାରେ ସେ ସାନ୍ନିଧ୍ୟ ପାଆନ୍ତି ପ୍ରଥିତଯଶା ସାହିତ୍ୟିକ ମହାପାତ୍ର ନୀଳମଣି ସାହୁ, ନଟବର ସାମନ୍ତରାୟ, କୃଷ୍ଣ ପ୍ରସାଦ ମିଶ୍ର, ଶାନ୍ତନୁ ଆଚାର୍ଯ୍ୟ ଆଦି ଲେଖକମାନଙ୍କର । ସେ ସ୍ୱୀକାର କରନ୍ତି ଯେ କୃଷ୍ଣ ପ୍ରସାଦ ମିଶ୍ରଙ୍କର ସାନ୍ନିଧ୍ୟ ଓ ଅବଦାନ ତାଙ୍କ ଜୀବନକୁ ପୁଷ୍କଳ କରିଛି । ଏପରିକି ସେ ପୁରୀ କଲେଜକୁ ବଦଳି ହେଇଗଲା ପରେ କବି ଫନୀ ମହାନ୍ତି ବିଜେବି ଛାଡ଼ି ପୁରୀରେ ପଢ଼ିବାକୁ ଚାଲିଗଲେ । ସେଠାରେ ଫିଲୋସଫି ପଢ଼ିଲେ । କବି ସେଠାରୁ ଉତ୍ତୀର୍ଣ୍ଣ ହୋଇ ଆସି ବାଣୀବିହାରରେ ପଢ଼ିଲା ବେଳକୁ କୃଷ୍ଣପ୍ରସାଦ ମଧ୍ୟ ସେଠାରେ ଅଧ୍ୟାପକ ।


କବି ଫନୀ ମହାନ୍ତି ପ୍ରିୟତମା ପତ୍ନୀଙ୍କ ସହିତ

ବାଣୀବିହାରରୁ ଏମ୍.ଏ. ପାଶ୍ ପରେ ଅଧ୍ୟାପନା ଆରମ୍ଭ କରିବା ପୂର୍ବରୁ ସେକ୍ରେଟାରିଏଟ୍‌ରେ ମଧ୍ୟ କିଛିଦିନ ଚାକିରି କରିଥିଲେ କବି । ସୋନପୁରରେ ତାଙ୍କର ଜୀବନ ଥିଲା ସୃଜନମୁଖର । କବିତାଲେଖା, ଗପଲେଖା ଚାଲିଥାଏ । ହଁ, କବିଙ୍କ ସ୍ୱୀକାରୋକ୍ତି ହେଉଛି, କବିତା ଲେଖିବା ପୂର୍ବରୁ ସେ ଗଳ୍ପ ଲେଖୁଥିଲେ । ଅନେକ ଗଳ୍ପ ତାଙ୍କର ବିଭିନ୍ନ ପ୍ରତିଷ୍ଠିତ ପତ୍ରିକା ମାନଙ୍କରେ ପ୍ରକାଶ ପାଉଥିଲା । ଜଗନ୍ନାଥଙ୍କ ପ୍ରକାଶନୀ ସଂସ୍ଥା ତାଙ୍କର 'କାଳସର୍ପ' ନାମକ ଏକ ଗଳ୍ପ

## ଏମାନଙ୍କ ଦୃଷ୍ଟିରେ କବି ଫନୀ ମହାନ୍ତି




ଫନୀ ମହାନ୍ତି ଯନ୍ତ୍ରଣାର କବି । ସତ୍ତାର ଯନ୍ତ୍ରଣା, ଦେହର ଯନ୍ତ୍ରଣା ତାଙ୍କୁ ବିକଳ କରିଛି । ତଥାପି ସେ ବେଳେବେଳେ ଯନ୍ତ୍ରଣାର ଦଧିନଉତି ଟପି ଏକ ମୁକ୍ତ ଆକାଶକୁ ଛୁଇଁବାକୁ ଚେଷ୍ଟା କରିଛନ୍ତି ।

**ମହାକବି ସଚ୍ଚିରାଉତ ରାୟ**



ଓଡ଼ିଆ ସାହିତ୍ୟର ପରମ୍ପରାକୁ ଅକ୍ଷତ ରଖି ଫନୀ ମହାନ୍ତି କବିତାକୁ ପରିପୁଷ୍ଟ କରିଛନ୍ତି । ପ୍ରେମ ଜ୍ୟୋତିରେ ସେ ମରଲୋକ ଓ ଅମରଲୋକକୁ ଉଦ୍‌ଭାସିତ କରି ପ୍ରେମର ମର୍ଯ୍ୟାଦା ବଢ଼ାଇବା ସହିତ ଭାରତୀୟ ଉପନିଷଦ ଓ ଦର୍ଶନମାନଙ୍କର ମହାସତ୍ୟର ମଧ୍ୟ ସମ୍ମାନ କରିଛନ୍ତି ।

**କବି ପ୍ରଫୁଲ୍ଲ କୁମାର ମହାନ୍ତି**



ଫନୀ ତା ନାଆଁ ଯୋଗୁଁ ବିଭିନ୍ନ ସଂଶୟର ପାତ୍ର ହୋଇଚି । ସେ ଫଣୀ ନା ଫନୀ, କାରଣ ଇଂରାଜୀରେ ଲେଖିବାକୁ ଗଲେ ଦୁଇଟା ଯାକର ବନାନ ଏକା । ସେ ନିଶ୍ଚୟ ହେଇଥିବ ଫଣୀନ୍ଦ୍ର ନାଥ ବା ଫଣୀନ୍ଦ୍ର ମୋହନ । କିନ୍ତୁ ୧୯୬୬ ମସିହାରେ ମୁଁ ତାଙ୍କୁ ପ୍ରଥମଥର ବାଣୀ ବିହାର କ୍ୟାମ୍ପସରେ ଦେଖିଲା ବେଳକୁ ସେ ହୋଇ ସାରିଥିଲା, ଫନୀ ମହାନ୍ତି । ଫନୀ ମହାନ୍ତି ! How funny! ଆମେ କହୁ ଆଉ ହସୁ ।

**କବି ଦେବଦାସ ଛୋଟରାୟ**



ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କବିତାର ବହୁମୁଖୀ ତଥା ଜଟିଳ ଗତିଧାରାରେ ଡକ୍ଟର ମହାନ୍ତି ନବ୍ୟ-କାବ୍ୟ-ପ୍ରଯୋଜନାର ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ଅନ୍ୟପକ୍ଷରେ ସେ ଭାରତୀୟ ଜୀବନ-ଦର୍ଶନର ଜଣେ ପ୍ରଗଲ୍‌ଭ ପ୍ରବକ୍ତା ।

**ପ୍ରାବନ୍ଧିକ ଶରତ କୁମାର ମହାନ୍ତି**



ପ୍ରୟୋଗବାଦୀ କାବ୍ୟ ଶିଳ୍ପର ଅନ୍ୟତମ ବିଧାଣୀ ହେଉଛନ୍ତି କବି ଫନୀ ମହାନ୍ତି ! ମୁଖ୍ୟତଃ ପ୍ରେମ ପ୍ରଣୟ ବିଷାଦ ଓ ନିବିଡ଼ ଜୀବନାନୁଭୂତିର ଆଧାରରେ ନିର୍ମିତ ହୋଇଛି ତାଙ୍କର ସମୁଦାୟ କାବ୍ୟ ପୃଥିବୀ ।

**ସମାଲୋଚକ ଡ. ବେଣୁଧର ପାଢ଼ୀ**

ସଂକଳନ ପ୍ରକାଶ କରିଥିଲେ ।

ସେତେବେଳେ ସେ ଉତ୍କଳ ବିଶ୍ୱବିଦ୍ୟାଳୟରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଓ ଦର୍ଶନ ସଂପର୍କରେ ଗବେଷଣା କରୁଥିଲେ । ତାଙ୍କର ଗାଇଡ୍ ଥିଲେ ତାଙ୍କର ପ୍ରିୟ ଶିକ୍ଷକ କୃଷ୍ଣ ପ୍ରସାଦ ମିଶ୍ର । ସେ ଦିନେ କହିଲେ, "ଫନୀ ତମେ ଯେଉଁ ଗଳ୍ପସବୁ ଲେଖୁଚ, ସେ ଗଳ୍ପରେ ବ୍ୟବହୃତ ଶବ୍ଦ ଅଧିକାଂଶ କାବ୍ୟିକ । ତେଣୁ ତମେ ଗପ ଛାଡ଼ି କବିତା ଲେଖ ।"

"ଡ. ମିଶ୍ରଙ୍କ କଥାକୁ ସ୍ୱୀକାର କରି ମୁଁ ଗପ ଛାଡ଼ି କବିତାକୁ ଆସିଲି ।"

କବିଙ୍କର ପ୍ରଥମ କବିତା ସଂକଳନ ପ୍ରକାଶ ପାଇଥିଲା, ୧୯୭୩ରେ । ଯେତେବେଳେ ସେ ଏନ୍.ସି. କଲେଜ, ଯାଜପୁରରେ ଅଧ୍ୟାପକ ଥିଲେ । ବହିଟିର ନାଁ ଥିଲା 'ମାନଚିତ୍ର' ।

ମାନଚିତ୍ର (୧୯୭୩) ଠାରୁ ନିର୍ବାଚିତ କବିତା (୨୦୨୨) ପର୍ଯ୍ୟନ୍ତ ଦୀର୍ଘ କବିତା ଯାତ୍ରା କବିଙ୍କୁ ଦେଇଛି ଅସାମାନ୍ୟ ପ୍ରସିଦ୍ଧି ଓ ସଫଳତା । ବିଭିନ୍ନ ଭାଷାରେ ଅନୂଦିତ କବିତା ସଂକଳନଗୁଡ଼ିକ ମଧ୍ୟ ପ୍ରାନ୍ତୀୟ ଜନପ୍ରିୟତା ପାଇବାରେ ସଫଳ ହୋଇଛି ।

କବି ଫନୀ ମହାନ୍ତି ବ୍ୟକ୍ତିତ୍ୱରେ ଯେମିତି ଉଦାର ଓ ମୁକ୍ତ ହୃଦୟର ଅଧିକାରୀ କବିତାରେ ମଧ୍ୟ ସେମିତି ସ୍ୱଚ୍ଛନ୍ଦ ଓ ସାବଲୀଳ । ସେ କହନ୍ତି ତାଙ୍କ ବହିର ପ୍ରତି ପୃଷ୍ଠା, ପ୍ରତି ପୃଷ୍ଠାର ପ୍ରତିଟି ବାକ୍ୟ, ବାକ୍ୟାଂଶ, ପାରାଗ୍ରାଫ୍‌ରେ ଯାହାସବୁ ପତ୍ରସ୍ଥ ହୋଇଛି ତାହା ସବୁ ତାଙ୍କର ଅଙ୍ଗେନିଭା ଅନୁଭୂତି । ଶହେରୁ ଶହେ ଭାଗ ଯେ ସତ ଏଥିରେ ଦ୍ୱିରୁକ୍ତି ନାହିଁ । "ସଂପର୍କର ନିଗଡ଼ ବନ୍ଧନରୁ, ନିଷ୍ପାପ ସ୍ନେହ ମମତାର ନିଃଶବ୍ଦ କୋଳାହଳ ଭିତରୁ କବିତାର ନବଜନ୍ମ ଘଟେ ବୋଲି ମୋର ବିଶ୍ୱାସ । କବିତାର ସ୍ରଷ୍ଟା ପ୍ରତିଶ୍ରୁତିବଦ୍ଧ ହେବାକୁ ବାଧ୍ୟ । ମୋ ବିଚାରରେ ବର୍ତ୍ତମାନକୁ ଅତୀତ ସହିତ ଯୋଡ଼ିବାକୁ, ଭବିଷ୍ୟତର ସ୍ୱପ୍ନରେ ମସଗୁଲ ହେବାକୁ, ଇତିହାସର ଅନ୍ଧଅର୍ଗଳିରୁ କବିତାକୁ ମୁକ୍ତି ଦେବାକୁ, ଅନିଶ୍ଚିତ ଯନ୍ତ୍ରଣାରେ ଛଟପଟ ହେଉଥିବା ଉତ୍ତର ପୁରୁଷଙ୍କୁ ଆତ୍ମବିଶ୍ୱାସର ସହ ଆଶା-ଆଶ୍ୱାସନା ଦେବାକୁ ମୁଁ କବିତା-କର୍ମରେ ସଂପୃକ୍ତ ଅଛି । ମୁଁ କାହାକୁ ଅନ୍ଧ ଅନୁକରଣ କରିନାହିଁ । ଅଯଥା ବିମ୍ବ, ପ୍ରତୀକ, ରୂପକଳ୍ପ କି ମିଥ୍ ପ୍ରୟୋଗ କରି, ସରଳ-ସାବଲୀଳ ଭାଷାକୁ ଜଟିଳ କି କୁଟିଳତାକୁ ଭାରାକ୍ରାନ୍ତ କରିବାକୁ ଚାହିଁନି । ମୁଁ କବିତା ଲେଖେ, ପଢ଼େ ନାହିଁ ।"

ସତରେ କବି ଫନୀ ମହାନ୍ତି ଫେନୀଳ ଛଳଛଳ । ଛଳନାହୀନ ବ୍ୟକ୍ତିସତ୍ତାଟି ସୃଜନକ୍ଷେତ୍ରରେ ମଧ୍ୟ ଦରଦ-ଜର୍ଜର । କବିତା ତାଙ୍କ ପାଇଁ ନିରୋଳା ଉତ୍ସବ । ନିରୋଳା ନିବାଡ଼ ଉତ୍ସବରେ ତଲ୍ଲୀନ ଥିଲାବେଳେ ସେ ଭୁଲି ଯାଆନ୍ତି କବିତାର ସଂଜ୍ଞା ଓ ବ୍ୟାକରଣ । ପାଶୋରି ଯାଆନ୍ତି ଆରମ୍ଭ, ଶେଷ, ଭାଗ୍ୟ ଭବିଷ୍ୟତ, କର୍ମ ଓ କର୍ମଫଳ ଓ ସର୍ବୋପରି ଜନ୍ମଜନ୍ମାନ୍ତରର ସଂସ୍କାର ସଂଭୂତ ପ୍ରାପ୍ତି ଅପ୍ରାପ୍ତି, ଯଶ ଅପଯଶ ଓ ଜୟ ପରାଜୟର କଥା ।

ପ୍ରେମ ସରେ ନାହିଁ । କବିତା ସରେ ନାହିଁ । ପ୍ରେମିକ କବିର ଆଳାପ ବା ଅଳ୍ପ ହୁଅନ୍ତା କିପରି । ଏହା ଭିତରେ ଆଉଥରେ ଚା' ଓ ସ୍ନାକ୍ସ ସରିଗଲାଣି । ସମୟ ମଧ୍ୟାହ୍ନ ଟପୁଛି । ମୁଁ ଉଠିଲି । ସାର୍‌ଙ୍କୁ ପ୍ରଥମେ କେବେ ଦେଖିଥିବାର ସ୍ମୃତି ଏବେ ବି ଜୀବନ୍ତ ଅଛି । ୧୯୭୨ରୁ ୧୯୭୪ ମସିହାଯାଏଁ ସେ ଯାଜପୁର ଏନ୍‌ସି କଲେଜରେ ଅଧ୍ୟାପକ ଥିଲା ବେଳେ କୌଣସି ଏକ ସାଂଧ୍ୟକାଳୀନ

### ଆତ୍ମ ବିବରଣୀ



ନାମ: **ଡକ୍ଟର ଫନୀ ମହାନ୍ତି**

ଠିକଣା : **'ପୁଷ୍ପଧନୁ', ପ୍ଲଟ୍ ନଂ-୨୨୦/୨୦୩୯, କେନାଲ ରୋଡ଼, ଭୁବନେଶ୍ୱର-୭୫୧୦୧୦,**

**ଫୋନ:୯୯୩୭୯୬୧୮୭୮**

ଜନ୍ମ ତାରିଖ : **୨୫.୦୧.୧୯୪୪**

ଜନ୍ମ ସ୍ଥାନ : **ଫରିକପଡ଼ା, ବାଲିପାଟଣା, ଖୋର୍ଦ୍ଧା**

ଶିକ୍ଷା : **ଏମ୍.ଏ., ଫିଲୋସଫିରେ ପିଏଚ୍‌ଡି, ଉତ୍କଳ ୟୁନିଭର୍ସିଟି**

ଶିକ୍ଷକତା : **୨୫ ବର୍ଷ ଘରୋଇ ଏବଂ ସରକାରୀ କଲେଜର ଅଧ୍ୟାପକ ଏବଂ ଫିଲୋସଫିରେ ପ୍ରାଧ୍ୟାପକ**

ପ୍ରଶାସନୀୟ ଅଭିଜ୍ଞତା: **ଡେପୁଟି ଡାଇରେକ୍ଟର ୧୯୯୧-୧୯୯୨, ଜଏଣ୍ଟ ଡାଇରେକ୍ଟର (୧୯୯୬-୯୭), ଡେପୁଟି ଡାଇରେକ୍ଟର (୧୯୯୭-୨୦୦୧), ଷ୍ଟେଟ୍ ଏଜୁକେସନ୍ ସର୍ଭେ ଅଫିସର (୧୯୯୫-୨୦୦୧), ଆଡ଼ମିନିଷ୍ଟ୍ରେଟିଭ୍ ଅଫିସର୍ (୧୯୯୨-୯୫)**

## କବି ଫନୀ ମହାନ୍ତିଙ୍କ ସୃଷ୍ଟିସମ୍ଭାର

### ଓଡ଼ିଆ କବିତା ସଂକଳନ

- ମାନଚିତ୍ର-୧୯୭୩
- କାଳସର୍ପ-୧୯୭୮-ଗଳ୍ପ
- ସ୍ୱୟଂବରା-୧୯୮୧
- ବିଦଗ୍ଧ ହୃଦୟ-୧୯୮୧
- ରୁଚିର ନଗର-୧୯୯୦
- ରୁବି ପାଇଁ କେତୋଟି କବିତା-୧୯୯୦
- ପ୍ରିୟତମା-୧୯୯୮, ୧୯୯୨, ୨୦୧୮
- ମାୟାଦର୍ପଣ-୧୯୯୨-୨୦୧୮
- ବିଷାଦଯୋଗ-୧୯୯୨,୨୦୧୭
- ବଂଶୀବାଦକ- ୨୦୧୫
- ସୁନୟନା- ୨୦୧୬
- ରେବନ୍ତରା - ୨୦୧୯
- ଅଧାଗଡ଼ା ଅଧାବର୍ଣ୍ଣମାଳାରେ-୨୦୨୦
- ମୃଗୟା-ସାନ୍ତାଳୀ-୨୦୧୭
- ଶହେବର୍ଷର ଓଡ଼ିଆ କବିତା-୨୦୧୮
- ସମକାଳୀନ ଓଡ଼ିଆ କବିତା-୨୦୧୧
  ଓ.ସା.ଏପୁରସ୍କାର
- ଅହଲ୍ୟା-୧୯୯୬
- ଚିତ୍ରପ୍ରତିମା-୨୦୦୨
- ଅହଲ୍ୟା (ସଂସ୍କୃତ)୨୦୦୩
- ପ୍ରିୟତମା-ଇଂରାଜୀ-୨୦୨୦
- ଦ୍ୱିତୀୟ ଈଶ୍ୱର-୨୦୦୨
- ପୁଷ୍ପଧନୁ-୨୦୧୭
- ବିଷାଦଯୋଗ-ହିନ୍ଦୀ-୨୦୦୬
- ଅହଲ୍ୟା ହିନ୍ଦୀ-୨୦୨୦
- ମୃଗୟା ୨୦୦୫ କେ.ସା.ଏ. ପରସ୍କାର
- ମୃଗୟା ହିନ୍ଦୀ-୨୦୧୨
- ମୃଗୟା-ଇଂରାଜୀ-୨୦୧୬
- ଦିନେଦିନେ-୨୦୦୮
- ଚିତ୍ରନାରୀ-୨୦୦୯
- କେବଳ ପ୍ରେମରେ-୨୦୧୦
- ଅର୍ଦ୍ଧନାରୀଶ୍ୱର-୨୦୧୪

### ପୁରସ୍କାର

- ସଂସ୍କୃତି ସମ୍ମାନ-୧୯୯୪
- ଉତ୍କଳ ସମ୍ମାନ-୧୯୯୪
- ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର-୧୯୯୫ 'ବିଷାଦଯୋଗ'
- ଭାନୁଜୀ ରାଓ ସ୍ମାରକୀ ସମ୍ମାନ-୨୦୦୬
- ସଚ୍ଚି ରାଉତରାୟ କବିତା ସମ୍ମାନ-୨୦୧୪
- ତପସ୍ୱିନୀ ସମ୍ମାନ-୨୦୧୫
- ଶ୍ୱେତ ସଂକେତ ସାରସ୍ୱତ ମଂଚ ପ୍ରତିଭା ସମ୍ମାନ-୨୦୧୫
- ରାଜୀବ ସମ୍ମାନ-୨୦୦୫
- କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର-୨୦୦୯, 'ମୃଗୟା'
- ଫକୀରମୋହନ ସାହିତ୍ୟଶ୍ରୀ ସମ୍ମାନ-୨୦୨୧
- କବି ଜୟଦେବ ସମ୍ମାନ-୨୦୧୮
- ଲୋକ ଉତ୍ସବ ସମ୍ମାନ-୨୦୨୦
- ବିଦ୍ୟାରତ୍ନ ସମ୍ମାନ-୨୦୦୩
- ସାହିତ୍ୟ ଶିଖର ଶ୍ରୀ ସମ୍ମାନ- ଇଂଟର ନେସନାଲ ହିନ୍ଦୀ ପୂଜାଷ୍ପଦ, ପାଟନା
- ଆର୍ଯ୍ୟ ଆୱାର୍ଡ଼ - ୨୦୨୨

ଆୟୋଜନ :

- ଅଲ ଇଣ୍ଡିଆ ପୋଏଟସ୍ ମିଟ୍, ଭୁବନେଶ୍ୱର-୨୦୧୬
- ବାଇ ଲିଙ୍ଗୁଆଲ ପୋଏଟସ ମିଟ୍, ଚେନ୍ନାଇ-୨୦୦୨

### କବିଙ୍କ ଅନୁବାଦିତ ପୁସ୍ତକ

- ପ୍ରିୟତମା- ଇଂରାଜୀ, ହିନ୍ଦୀ, ବେଙ୍ଗଲୀ, ଆସାମୀ ଭାଷା
- ଅହଲ୍ୟା-ସଂସ୍କୃତ, ହିନ୍ଦୀ
- ବିଷାଦଯୋଗ- ହିନ୍ଦୀ, ଇଂରାଜୀ
- ମୃଗୟା- ଇଂରାଜୀ, ହିନ୍ଦୀ, ସାନ୍ତାଳୀ



ସାହିତ୍ୟ ସଭାରେ ତାଙ୍କୁ ଦେଖିଥିଲି । ମୁଁ ପଢୁଥିବା ମହତାବ ହାଇସ୍କୁଲ ମଙ୍ଗଳପୁରର କୌଣସି କକ୍ଷରେ ଚାଲୁଥିଲା ଏ ସଭା । ଜଣେ କବି ଆସିଛନ୍ତି ଫନୀ ମହାନ୍ତି । ମୁଁ ସେତେବେଳେ ହାଇସ୍କୁଲ୍ ଛାତ୍ର । ପାଠ୍ୟପୁସ୍ତକରୁ କବି ଶବ୍ଦଟି ଜାଣୁଥିଲି । ଅସୀମ କୌତୁହଳ ଥିଲା ଶବ୍ଦଟି ପ୍ରତି । ହୁଏତ ସେଇ କୌତୁହଳ ମୋତେ ଟାଣି ନେଇଥିଲା ସେଠିକି । ହୁଏତ ଫନୀ ମହାନ୍ତି ହେଉଛନ୍ତି ମୋର ପ୍ରଥମ 'କବି' ଦର୍ଶନ ।

ଏହା ଭିତରେ ବହୁତ ବର୍ଷ ବିତିଗଲାଣି । ଅର୍ଦ୍ଧଶତାବ୍ଦୀ ପ୍ରାୟ । ଆଜି ଆସିଛି କବିଙ୍କ ସୃଜନ ବ୍ୟକ୍ତିତ୍ୱର ଅନୁସନ୍ଧାନରେ । ନିୟତିର କି ଅଦ୍ଭୁତ ନିୟୋଗ ! ହୁଏତ ଏହା ପୂର୍ବ ନିର୍ଦ୍ଧାରିତ ।

ମୁଁ କବିଙ୍କ ଠାରୁ ବିଦାୟ ମାଗି ଦୁଆର ଆଡ଼େ ଆସୁ ଆସୁ ଅଟକିଗଲି । ସାର୍ ହସି ଉଠିଲେ, କହିଲେ, "ରୁହ, ମୁଁ ଆଗରେ ଯାଏ । ମୋ ପଛେପଛେ ଆସ ।" ମୁଁ ସନ୍ତର୍ପଣରେ ସାରଙ୍କ ପଛେପଛେ ଗଲି ।

ଏ ସନ୍ତର୍ପଣ ଓ ଭୟର ହେତୁ ଟାଇଗର୍ । ଏ ନାମ ସହ ସକାଳେ ପରିଚିତ ହେଇଛି । ସାର୍ ଯେତେବେଳେ ଗେଟ୍ ଖୋଲିବାକୁ ଆସିଲେ ସେତେବେଳେ ତାର ପ୍ରଚଣ୍ଡ ପ୍ରତିବାଦ ଯେମିତି ଜଣାଇ ଦେଉଥିଲା, "ତୁ କିଏ ? କୁଆଡ଼େ ଆସିଛୁ ?" ସାର ତାକୁ ପ୍ରବୋଧନ ଦେଉଥିଲେ, "ରହ ଟାଇଗର...ରହ ।" ପୁଷ୍ପ ବାଟିକାରେ ବାଘ ! ମୁଁ ବିସ୍ମିତ ହେଉଥିଲି ।

ଏବେ ଫେରିବା ବେଳେ ତାକୁ ଆକଟ କରିବାକୁ ଆଗେ ଆଗେ ସାର୍ ଗଲେ । ବାସ୍ତବରେ ଏ' ଟାଇଗର ନାମଧାରୀ ପ୍ରାଣୀଟି ସାରଙ୍କ ପୋଷା କୁକୁର । ଦେଶୀ, କିନ୍ତୁ ବିଦେଶୀ ପରି ଆତଙ୍କପ୍ରଦ ଓ ଆକ୍ରାମକ ।

ମୁଁ ଗେଟ୍ ଟପି ବାହାରକୁ ଆସିଲି । ପୁଣି ନଜରକୁ ଆସିଲା ପାଚେରୀ ସଂଯୁକ୍ତ ଫଳକ 'ପୁଷ୍ପଧନୁ' । ଏବେ ଏ ଶବ୍ଦଟି ମୋତେ ଗୋଟେ ଘରର ପରିଚୟ ସୂଚକ ଭାବେ ଆଉ ଦେଖା ଯାଉନି ବରଂ ସେଠାରେ

## ବିବାହର ରହସ୍ୟ ଉନ୍ମୋଚନ କରନ୍ତି କବିପତ୍ନୀ ପୁଷ୍ପା ମହାନ୍ତି



ମୋତେ ସେତେବେଳକୁ ସତର ବା ଅଠର ବର୍ଷ ।

ନା ମୁଁ ଫନୀ ବାବୁଙ୍କୁ ନା ତାଙ୍କ ମନକୁ ବୁଝୁଥିଲି । ବାସ୍ ଗୋଟିଏ ଭାବମଗ୍ନ ଅବୁଝା ମନ । ମୋର ବାଲ୍ୟ ଚପଳତା ସରି ନଥିବାରୁ ବାପା ମୋ ବଡ଼ ଭଉଣୀ ବାହାଘର ପରେ ମୋ ବାହାଘର କରିବାର ନିଷ୍ପତ୍ତିରେ ଥିଲେ । ଅବଶ୍ୟ ପୂର୍ବରୁ ଥରେ ବାପା ପଚାରି ଦେଇଥିଲେ, ତୁମେ ଦୁଇ ଭଉଣୀ ଏକାଠି ବାହାହେଇ ଯିବ କି ? ମୁଁ ରାଗି ଯାଇଥିଲି । ମନା ମଧ୍ୟ କରି କହିଥିଲି ଯେ ମୁଁ ଏମ.ଏ. ପାଶ କଲା ପରେ ବାହା ହେବି । ମୁଁ ସେତେବେଳେ ଆଇ.ଏ. ଦ୍ୱିତୀୟ ବର୍ଷରେ ପଢୁଥାଏଁ ।

କିନ୍ତୁ ଫନୀବାବୁ ଥରେ ଯେବେ ଆମଘରକୁ ଆସିଥିଲେ ସେ ବାପାଙ୍କୁ ଆମ ବାହାଘର ପ୍ରସଙ୍ଗରେ ପଚାରିଥିଲେ । ବାପା କିନ୍ତୁ କହିଥିଲେ, ପୁଷ୍ପା ରାଜି ହେଉ ନାହିଁ । ମୁଁ ତଥାପି ଆଉଥରେ ପଚାରିବି । ଯଦି ସେ ରାଜିହୁଏ, ତା'ହେଲେ ଏକା ସାଙ୍ଗରେ ଦୁଇ ଝିଅଙ୍କ ବିଭାଘର କରିଦେବି ।

ମୁଁ ଭାରି ଫୁଲପ୍ରିୟ । ସଂଧ୍ୟାରେ ଆମ ଅଗଣା ଜୁଇଫୁଲ ମହକରେ ବାସ୍ନାୟିତ ହୋଇଯାଏ । ମୁଁ ଫୁଲ ତୋଳି ମାଳା କରି ମୁଣ୍ଡରେ ଲଗାଏ । ଦିନେ ଫୁଲ ତୋଳିବା ସମୟରେ ସଂଧ୍ୟାରେ ସାମ୍ନାରେ ଫନୀବାବୁଙ୍କୁ ଦେଖି ଚମକି ପଡ଼ିଲି । ସେ ଫିସ୍ ଫିସ୍ କରି କହିଲେ, ବାପା ଯାହା ପଚାରିବେ, ହଁ କରିବ । ମୁଁ ଆଶ୍ଚର୍ଯ୍ୟ ହେଲି । ମୁଁ ତ ଜାଣିନାହିଁ ବାପା କ'ଣ ପଚାରିବେ !

ସେଦିନ ଭୁବନେଶ୍ୱରରୁ ବଡ଼ ଭଉଣୀକୁ ଦେଖିବାକୁ ଓ ନିର୍ବନ୍ଧ ବିଷୟରେ କଥା ହେବାକୁ ଭଦ୍ରଲୋକଙ୍କ ସହିତ ଫନୀବାବୁ ଯାଇଥାଆନ୍ତି ।

ରାତିରେ ଭଦ୍ରଲୋକମାନେ ଭୁବନେଶ୍ୱର ଫେରିବା ପୂର୍ବରୁ ବାପା ହଠାତ୍ ଡାକି ସେମାନଙ୍କ ଆଗରେ ପଚାରିଲେ, ତୁମ ଦୁଇଭଉଣୀଙ୍କ ବିଭାଘର ଏକା ସାଙ୍ଗରେ କରା ହେବ । ମୁଁ ନିରବ ରହିଲି । ବାପା ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ତୁ ତ' ମନା କରୁଥିଲୁ, ଏବେ କ'ଣ ଚୁପ୍ ରହୁଚୁ ?

ମୁଁ କିଛି ନଭାବି ଚଟ୍ କରି କହି ପକାଇଲି, ଆଜି ସଂଧ୍ୟାରେ ଫନୀବାବୁ ମୋତେ ଶିଖେଇ ଦେଇଛନ୍ତି, ତୁମେ ଯାହା କହିବ ମୁଁ ରାଜି ହେଇଯିବି ।

ଏ କଥା ଶୁଣି ଫନୀବାବୁଙ୍କ ମୁହଁ ଲାଜରେ ଲାଲ୍ ହେଇଗଲା । ତା'ପରେ ଆମର ବାହାଘର ।

ଖୋଦେଇ ହେଇଛି ପଦେ କବିତା,
"କବି ହିଁ ନିଜେ ନିଜର ପ୍ରତିଧ୍ୱନି
ଅନନ୍ତ କୋଳାହଳ ।
ଆରମ୍ଭର ଆରମ୍ଭ । ଶେଷର ଶେଷ ।
ଶବ୍ଦମୟ ନୀରବତା
କବି ଓ କବିତାର ଅନ୍ତିମ ନିର୍ଯ୍ୟାସ ।"



ମୁଁ ଟିକେ ଆଖିବୁଜି ଠିଆ ହେଲି । କୋଉଠି ଗୋଟେ ବଂଶୀସ୍ୱନ ଶୁଭିଗଲା କି ! ପ୍ରେମର ! !

### କେମିତି କଟୁଛି ସମୟ

ମୋ ବଡ଼ ପୁଅ ପ୍ରୀତମ (ପାପୁ)ର ପୁଅ ରାହୁଲ, (ପ୍ରେମ୍ ପୀୟୁଷ) ସାନପୁଅ ପ୍ରମୀତ(ରିଙ୍କୁ)ର ପୁଅ ରୋହନ (ପ୍ରୀତ୍ ପ୍ରତୀକ)ଙ୍କ ଗହଳ ଚହଳରେ ମସ୍ତ ହୋଇ ନିଜକୁ ଭୁଲିବା, ମୋ ପୋଷାକୁକୁର ପୋଷା ଶୁଆ ମିଟୁ ଓ ଟିଟୁଙ୍କ କିଚିରି ମିଚିରି ଅବୋଧ୍ୟ ଭାଷାର ମାୟାଜାଲରେ ପଡ଼ି ନିଜର ସକଳ ଦୁଃଖ ଜଂଜାଳକୁ ଭୁଲିଯିବାକୁ ଚେଷ୍ଟା କରୁଛି ।

### ପତ୍ନୀଙ୍କ ସୃଜନରେ ଆପଣଙ୍କ ଭୂମିକା କ'ଣ ?

ମୋର ପତ୍ନୀ ପୁଷ୍ପା ମହାନ୍ତି ମଧ୍ୟ ଲେଖାଲେଖି କରନ୍ତି । ତାଙ୍କର ତିନୋଟି ଗଳ୍ପ ସଂକଳନ 'ନିଃସଙ୍ଗ ନକ୍ଷତ୍ର', 'ଶାଳବଣର ପରୀ' ଓ 'ନବଜାତକ' ପ୍ରକାଶିତ ହୋଇ । ଖଣ୍ଡିଏ ହିନ୍ଦୀ ଅନୁବାଦ ପୁସ୍ତକ 'ନିଃସଙ୍ଗ ନକ୍ଷତ୍ର' ମଧ୍ୟ ତାଙ୍କର ଅଛି । ପାରିବାରିକ ବ୍ୟସ୍ତତା ଓ ଜଞ୍ଜାଳରୁ ଆଉ ସେ ଏବେ ଲେଖାଲେଖି ପ୍ରତି ଧ୍ୟାନ ଦେଇ ପାରୁନାହାନ୍ତି । କିନ୍ତୁ ତାଙ୍କୁ ଉତ୍ସାହିତ କରିବାରେ ମୁଁ କେବେ ବିରତ ହୋଇନାହିଁ ।

### ମୋ ସୃଜନରେ ପୁଷ୍ପା ଏକ ଅଫୁରନ୍ତ ପ୍ରେରଣା

ମୋ ପତ୍ନୀ କଥାକାର ପୁଷ୍ପା ମହାନ୍ତି ମତେ ମୋ ରଚନାତ୍ମକ ଜୀବନରେ ଯେତିକି ସାହାଯ୍ୟ ଓ ସହଯୋଗ କରିଛନ୍ତି ତାହା ଭୁଲିବାର ନୁହେଁ । ମୋ ପରି ଜଣେ ସଂସାର ବୈରାଗୀର ସବୁ ଔଦ୍ଧତ୍ୟ ଅତ୍ୟାଚାର ସେ ଅତିରେ ସହ୍ୟ କରିଛନ୍ତି । ପ୍ରଚୁର ପ୍ରେମ ଦେଇଛନ୍ତି । ମୁଁ ଏକବାଗିଆ ଭାବେ ମାଡ଼ିଗଲା ବେଳେ ମତେ ଠିକଣା ବାଟରେ ଯିବାକୁ ସତର୍କ କରାଇଛନ୍ତି । ଶତ୍ରୁମିତ୍ର ନିର୍ବିଶେଷରେ ମଣିଷକୁ ଭଲପାଇବା ଶିଖେଇଛନ୍ତି ଓ ଏକ ସୁସ୍ଥ ସୁନ୍ଦର ଜୀବନ ବଂଚିବା ପାଇଁ ପ୍ରୋତ୍ସାହନ ଦେଇଛନ୍ତି । ସେଥିପାଇଁ ମୁଁ ତାଙ୍କ ପାଖେ ଚିରଋଣୀ ।

SUPRATIK INFRAVENTURES

# LIFESTYLE Project - II

**Limited 2 & 3 BHK**
**Flat Available**

RERA APPROVED





7205330222

sales@supratikinfraventures.com

Follow us on :

/ supratikinfraventures

www.supratikinfraventures.com

**Branch Office :** Alupur, Near Laxminarayan Temple
O. T. Road, Balasore - 756001

ପ୍ରସଙ୍ଗ-୧

# ୯ ନୂଆ ମୁହଁ: ସୃଜନର ପ୍ରଖର ସୁଅ



# ନଅ ନୂଆ ମୁହଁ : ବିଶ୍ୱାସର ଜହ୍ନାଲୁଅ


**ଚିତ୍ତରଞ୍ଜନ ନାୟକ**

ଅତିରିକ୍ତ ବିଡ଼ିଓ, ଘଟଗାଁ,
କେନ୍ଦୁଝର-୭୫୮୦୨୭,
ଫୋନ:୯୯୩୭୫୬୫୪୯୨


ଫଟୋ ସୌଜନ୍ୟ : ଲେଖକ

**ନୂଆ ବର୍ଷର ନୂଆ ସକାଳରେ 'ରେବତୀ' ନବବର୍ଷ ସଂଖ୍ୟାଟିକୁ ଉତ୍ସର୍ଗ କରେ ନୂଆମୁହଁ ପାଇଁ । ସାହିତ୍ୟ, ଚିତ୍ରକଳା, ପତ୍ରିକା ସମ୍ପାଦନା, ପୁସ୍ତକ ପ୍ରକାଶନ କ୍ଷେତ୍ରରୁ ନବପ୍ରତିଭାମାନଙ୍କୁ ସାଉଁଟି ଆଣି ଆଉଁସି ଦିଏ ସ୍ନେହରେ । ଏଥର କବିତା ଜଗତରୁ ନଅ ନୂଆମୁହଁଙ୍କୁ ଜାଣନ୍ତୁ ।**



▶ ଲେଖକ ଚିତ୍ତରଞ୍ଜନ ନାୟକ

କଣ କଣ ସବୁ ଭେଟିଲେ ? ପଜା ହେଇନଥିବା ଛୁରୀ, ଶୁଖି ଶୁଖି ଆସୁଥିବା କ୍ଷେତର ଗୁମାନ, ଫସଲ ଅମଳ ପୂର୍ବରୁ ପଙ୍ଗପାଳଙ୍କ ବଣଭୋଜି ? ଆତଙ୍କର ଆଁ ଭିତରେ ଇନ୍ଦ୍ରଧନୁ ହେଇ ନାଚୁଥିବା କଲମ ? ରଜା ଝିଅ ସାଙ୍ଗେ ତୁଟି ଯାଇଥିବା ଭାବ ? ଦେହର ଧାଙ୍ଗଡ଼ା ନାଚରେ ତରଳି ଯାଉଥିବା ଆତ୍ମାର ବୈରାଗ୍ୟ ? ଦେଖି ପାରିଲେ ସେଇଠି ଦାଣ୍ଡ ଧୂଳିରେ ସଢେଇକୁ ଜାବୁଡି ଧରିଥିବା ନିରପରାଧ ପ୍ରେମ ? ଲୁହଙ୍କୁ ଅଳତା କରି ଅଙ୍କା ହେଇଥିବା ଅପେକ୍ଷା ? ପ୍ରଶ୍ନମାନଙ୍କୁ ବେଖାତିର କରି ଉତ୍ତରମାନଙ୍କ ବିରୁଦ୍ଧରେ କିଛି ଝୁଙ୍କ୍‌ମାନଙ୍କ ଲଢେଇ ? ଦେଖିଲେ ତ ? ହଁ, ସେଇଠି ହିଁ ସ୍ୱପ୍ନର ଷଠିଘର । ସେଇଠି ହିଁ ଘଷିମାଜି ସଫା ହୁଏ ଅହଙ୍କାର । ସେମାନେ ନିଜକୁ ଫେଡ଼ିବାର ନିଶାରେ ଯୋଡି ହେଇଯାଆନ୍ତି ସମୟର ଆତୁର ଡାକରେ । କଣ ସେ ଡାକ ଆବେଗର ? ଅନ୍ଧାର ଛାତିକୁ କଣା କରି ଆଲୁଅକୁ ଓଟାରି ଆଣିବାର ଦାମ୍ଭିକତାର ? ନା ନିଜକୁ ନିଜେ ସମୟ ଓ ଈଶ୍ୱରଙ୍କ ମଝିରେ ଠିଆ ହେବାର ମହୁମହୁ ମାତାଲପଣ ? ନା ସେ ହଜିଯିବାର ଶୂନ୍ୟତା ଭିତରେ ସବୁକିଛି ପାଇଯିବାର ଉନ୍ମାଦ ଫଗୁଣ ? ହଁ, ଏଇଠି ହିଁ ଝଡ଼କୁ ଆହୂତି ଦେଇ ଉଚ୍ଚାରିତ ହୁଏ ତାରୁଣ୍ୟର ମନ୍ତ୍ରପାଠ । ଏଇଠି ହିଁ ଝଲସୁଥାଏ ଛଳଛଳ ବିଭୋରପଣରେ ଚଅଁରି ଆସୁଥିବା ଗୀତ । ଏଇ ଗୀତଗୁଡିକୁ ଟିକେ ଅନ୍ତରଙ୍ଗତା ଓ ଟିକେ ଅନୁସନ୍ଧିତ୍ସାରେ ଭୋଗିବା ସକାଶେ 'ରେବତୀ'ର ସ୍ୱତନ୍ତ୍ର ଉପସ୍ଥାପନା- ନଅ ନୂଆ ମୁହଁ । ନଅ ଜଣ ତରୁଣଙ୍କ ସୃଜନ ସଂପୃକ୍ତିକୁ ଭିନ୍ନ ବାଗରେ ପରଷି ଦେଉଛୁ ଏ ନୂଆବର୍ଷର ପହିଲି କିରଣ ସହ । ତେବେ ଆସନ୍ତୁ ଭେଟିବା ଆମ ସମୟର ୯ ଜଣ ପ୍ରତିଶ୍ରୁତିବଦ୍ଧ ନିଆରା ତରୁଣ ସ୍ରଷ୍ଟା ବୀରେନ୍ଦ୍ର ନାୟକ, ଗୌରୀ ସାହୁ, ଅଜୟ ଜେନା, ଶୁଭସ୍ମିତା ତ୍ରିପାଠୀ, ଲକ୍ଷ୍ମୀଧର ବେହେରା, ପ୍ରତିଚୀ ନନ୍ଦ, ଅଂଶୁମାନ ସାହୁ, ଶ୍ରୀସିକ୍ତା ଶୁଭଦର୍ଶିନୀ ଓ ମନୀଷା ବିଶ୍ୱାଳଙ୍କ କାବ୍ୟିକ ଉତ୍ତରଣକୁ । ତରୁଣଙ୍କ ସଖା ଚିତ୍ତରଞ୍ଜନ ନାୟକଙ୍କ ନିଷ୍କର୍ଷ ।

## ବୀରେନ୍ଦ୍ର ନାୟକ(ଜନ୍ମ ୨୦୦୧)

ଆମ ସମୟର ଜଣେ ନୀରବ ଓ ନିମଗ୍ନ ସ୍ୱର ଯିଏ କବିତା ଠୁଁ ବେଶି ଜୀବନକୁ ଉତ୍ତାରନ୍ତି ତାଙ୍କ ଶବ୍ଦରେ । ସେ ସରଳତାର ଗହଣା ପିନ୍ଧି ସମୟକୁ ଅଳି କରନ୍ତି । ମାଗନ୍ତି ଝଡ଼, ଆହ୍ୱାନ ଓ ସମର୍ପଣ । ମାଗନ୍ତି ଏଇ ଅଛି, ଏଇ ନାହିଁର ଚୁମ୍ବକୀୟ ପ୍ରେମ । ସେ କବିତାର ଦର୍ପଣରେ ନିଜ ମୁହଁ ଦେଖି ଚମକିବା ପରିବର୍ତ୍ତେ ନିଜ କବିତାକୁ ଦର୍ପଣଟିଏ କରିବାର ଆସ୍ପର୍ଦ୍ଧା ବି କରିପାରନ୍ତି । ତାଙ୍କ କବିତାରେ ଆଉ କିଛି ଥାଉ ବା ନଥାଉ, ଭରପୁର ଥାଏ ଜୀବନ । ଆଗାମୀ ଦିନର ସାହିତ୍ୟ ବୀରେନ୍ଦ୍ର ମାନଙ୍କୁ ଆଖିର ଝରକାରେ ଯେ କେବଳ ସ୍ୱପ୍ନଙ୍କ ବିଭୋର ନୃତ୍ୟ ଦେଖେଇବ ତାହା ନୁହେଁ ବରଂ ଠୋ ଠା ବାସ୍ତବତାର ରଡ଼ନିଆଁ ଦେଖେଇବ, ଏହା ନିଃସନ୍ଦେହ । ବିବିଧ ରଙ୍ଗରେ ଉଦ୍‌ଭାସିତ ହୁଏ ତାଙ୍କ ଶବ୍ଦର ନଅର, ଯୋଉଠି ସେ ନିଜେ ହିଁ ରାଜା, ନିଜେ ପ୍ରଜା, ନିଜେ ଅଙ୍ଗୀକାର, ନିଜେ ଅମୃତର ବିନ୍ଦୁ ଓ ନିଜେ ହିଁ ଜହର । ଏବେ ତାଙ୍କୁ ତାଙ୍କ ଶୈଳୀରେ ଆସନ୍ତୁ ପଢିବା, ବୁଝିବା , ଶୁଣିବା ଓ ପ୍ରଶ୍ନ କରିବା ।

### ସୃଜନର କାଠଗଡ଼ାରେ କବି

❑ **ସାହିତ୍ୟ ଗୋଟେ ଉନ୍ମାଦ ନିଶା ନା ବୌଦ୍ଧିକ ସୁଖବୋଧ ନା ସାମାଜିକ ଦାୟିତ୍ୱବୋଧ ? ବୀରେନ୍ଦ୍ର ଯା ଭିତରୁ କେଉଁଠାରେ ନିଜକୁ ସହଜ ମନେକରନ୍ତି ?**

● ସାହିତ୍ୟ ମୋ ପାଇଁ ଗୋଟେ ଉନ୍ମାଦ ନିଶା ଯାହା କୌଣସି ଏକ ମାଦକ ଦ୍ରବ୍ୟ ଠାରୁ ମଧ ବେଶୀ ଘାରେ ମତେ । ଆଉ ଯେଉଁ ନିଶାରେ ବୁଡି ରହିଲେ ମତେ ମୋର ପ୍ରାପ୍ତି ମିଳିଲା ପରି ମନେ ହୁଏ: ଏଇ ନିଶାଟି ଅଛି ବୋଲି କିଛି କହି ହେଉନଥିବା ଯନ୍ତ୍ରଣା ଆଉ ସହି ହେଉନଥିବା ଦରଜକୁ ଭୁଲିପାରେ କିଛି ମୁହୂର୍ତ୍ତ । ଏଇ ପାଗଳପଣ ପାଇଁ ମୁଁ ମାପିପାରେ ବାପାଙ୍କ ଝାଲୁଆ ଦେହର ତାପମାତ୍ରା, ଭୋଗିପାରେ ଫଟା ଗୋଇଠିରେ ମାଟି ପଶିବାର ଦରଜ, ଆଉ ପଢିପାରେ ହଳେ ପେଜୁଆ ଆଖିରେ ଧୂସର ସ୍ୱପ୍ନଙ୍କ ଲମ୍ବା ତାଲିକା । ସାହିତ୍ୟ ମୋ ପାଇଁ ଏକ ଏମିତି ଉନ୍ମାଦ ନିଶା ଯେଉଁ ନିଶାରେ ମୁଁ ବୁଡିକି ଥିଲେ ମୁଁ ମାପିପାରେ ଅନ୍ୟର ଛାତି ତଳେ ଉଠୁଥିବା କୋହଝଡର ତୀବ୍ରତା ।

❑ **ଜୀବନ ଓ ସାହିତ୍ୟ , ଏହା ଭିତରେ ସମୟ ଏକ ପାଳଭୂତ ନା ପ୍ରେମ ପ୍ରେମ ବାସୁଥିବା ଫଗୁଣର ଗୀତ ?**




ରେବତୀ ଆମ ମାଟିର ସ୍ୱର

● ମୋ ମତରେ ଜୀବନ ସାହିତ୍ୟ ଓ ସମୟ ପରସ୍ପର ଖୁବ୍ ପରିପୂରକ । ଯୋଉଠି ଜୀବନ ନାହିଁ ସେଠି ସାହିତ୍ୟ ନାହିଁ କିମ୍ବା ଯୋଉଠି ସାହିତ୍ୟ ନାହିଁ ସେଠି ଗୋଟିଏ ସୁସ୍ଥ ଓ ସତେଜ ଜୀବନର ପରିକଳ୍ପନା କରିପାରିବା ନାହିଁ, ଯଦି ସମୟର କିଛି ଭୂମିକା ନାହିଁ ବୋଲି ଆମେ ଭାବିବା ତେବେ କୋଉଠି ନା କୋଉଠି ସାହିତ୍ୟ ଏବଂ ଜୀବନ ଉଭୟେ ଅସ୍ତିତ୍ୱ ହରାଇବେ ।

ମୋ ମତରେ ସାହିତ୍ୟ ହେଉଛି ଆମ ସମାଜର ଏକ ସ୍ୱଷ୍ଟ ଦର୍ପଣ ଏବଂ ସମୟ ହେଉଛି ସେହି କାନ୍ଥ ଯୋଉ କାନ୍ଥରେ ଲଟକିଛି ସେ ସାହିତ୍ୟ ନାମକ ଦର୍ପଣଟି ଯେଉଁ ଦର୍ପଣକୁ ଦେଖି ପ୍ରତି ମୁହୂର୍ତ୍ତରେ ନିଜକୁ ସଜାଡି ନେଉଥାଏ ଜୀବନ ।


▶ ଗୌରୀ ସାହୁ

## ବୀରେନ୍ଦ୍ରଙ୍କ କବିତା : ଗୋଟିଏ ଅକ୍ଷର

ଘଡ଼ିଏ ହେଲା ପହଡ଼ ଗଲେଣି ମାହାପୁରୁ
ଶୁଭୁନି ଘଣ୍ଟ ଘଣ୍ଟା ଖୋଳ ମାର୍ଦ୍ଦଳ
ଶୁଭୁନି ଶୋରଶବଦ
ପଡିଛି କଂସା କବାଟ
ବାଜୁନି ଜାଉଁଳି ବେତ
ନିରବୀ ଯାଇଛନ୍ତି ସବୁ !

ମାହାପ୍ରୁ ଏବେ କୋଉଠି
ଯାଆନ୍ତି କୁଆଡେ ଆଉ କରନ୍ତି କଣ ?
ତାଙ୍କର କ'ଣ ଦେହ ଭଲ ନାହିଁ
ମାହାପ୍ରୁ ଏବେ ମିଳିବେ କୋଉଠି ?

ପଚାରିଲି ବ୍ରାହ୍ମଣକୁ
ଈଶ୍ୱର ଏବେ କୋଉଠି ?
ସେ ଗୁଣୁଗୁଣୁ କଲେ
ଅଧରମ୍ ମଧୁରମ୍,ନୟନମ୍ ମଧୁରମ୍
ମଧୁରାଧିପତେ ସଶ୍ରିତମ୍ ମଧୁରମ୍
ଆଉ କହିଲେ ଈଶ୍ୱର ଏବେ ଏଇଠି !

ପଚାରିଲି ଘଣ୍ଟୁଆକୁ
ସେ ବଜେଇଲା ଘଣ୍ଟ ଜୋରରେ ଜୋରରେ
ଝାଳନାଳ ହେଲା,
ହଠାତ୍ ଓଁକାର ଧ୍ୱନିରେ ଚିତ୍କାରୀ ଉଠିଲା
କହିଲା ପାଇଲୁ ଈଶ୍ୱର !

ପଚାରିଲି ଖୋଳିଆକୁ,
ଈଶ୍ୱରଙ୍କୁ ଦେଖିଛ ?
ବଜେଇଲା- ଘେନଲ ଘେଟା ଘେଟା ଘେନଲ ଘେଁ....
କହିଲା ଦେଖିଲୁ ଈଶ୍ୱର
ଈଶ୍ୱର ପା ଏବେ ମୋ ଚାରି ଆଙ୍ଗୁଠିରେ ଥିଲେ !

ପଚାରିଲି ରୂପକାରକୁ ଚିତ୍ରକରକୁ
ଆଙ୍କିଦେଲେ ଆଖିଟେ କେବଳ
କହିଲେ ପାଇଲୁ ଈଶ୍ୱର
ନହେଲେ ଖୋଜ ଏଇଠି !

ଫିଟିଲା ପହଡ଼
ଈଶ୍ୱର ବସିଥିଲେ ଚକାପାରି
ଜଳୁଥିଲା ଦୀପ
ବାସୁଥିଲା ଅଗରୁ ଚନ୍ଦନ
ପଚାରିଲି କୋଉଠି ଥିଲ ହେ ମାହାପୁରୁ ?
ଯାଇଥିଲ କୁଆଡ଼େ ?
ହସିଲେ ଓଠ ଚିପି
କହିଲେ-
ତୁ ଏଠି ସେଠି ଖୋଜୁ
ମୁଁ ତୋ ଭିତରେ ହିଁ ଥାଏ
ତୁ ପ୍ରଶ୍ନରେ ପ୍ରଶ୍ନରେ ବୁଡୁ
ମୁଁ ଗୋଟେ ଅକ୍ଷରୀ ଉତ୍ତର
ଯିଏ ଆଲୁଅର ଅଭିଷେକ କରୁକରୁ
ଅନ୍ଧାରକୁ ଭଲପାଏ !!

**ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ, ଇଂରାଜୀ ବିଭାଗ ଉତ୍କଳ ବିଶ୍ୱବିଦ୍ୟାଳୟ**
**ବାଣୀବିହାର ଭୁବନେଶ୍ୱର ଫୋନ: ୭୩୭୭୯୪୨୮୫୦**

## ଗୌରୀ ସାହୁ (ଜନ୍ମ ୨୦୦୦)

ପ୍ରେମ ଓ ପ୍ରତ୍ୟାଶା ଭିତରେ ତାଙ୍କ କବିତା ମାଟିର ଆଁରୁ ଥରକୁ ଥର ସାଉଁଟେ ଜିଇବାର ଅଣୁ ପରମାଣୁ । ସାଧାରଣ ଦୃଶ୍ୟ ଓ ଭୋଗାଭୋଗି ନେଇ ସେ କବିତାକୁ ଗଢନ୍ତିନି ବରଂ ଆପେଆପେ କବିତା ସେଇ ଦୃଶ୍ୟର ଭିତ୍ରୁ ପ୍ରତ୍ୟୟ ଆଣି ନିଜକୁ ନିଜେ ଗଢିପାରେ । ଠୋପାଏ ଲୁହରେ ସେ ଖୋଜି ପାଆନ୍ତି ହସମାନଙ୍କ ତାରକସି । ଧାଡ଼ିଏ ଆନ୍ତରିକତାରେ ସେ ବୁଣିପାରନ୍ତି ସ୍ୱପ୍ନର ସ୍ୱେଟର । କଞ୍ଚା କଞ୍ଚା ଶବ୍ଦମାନେ ତାଙ୍କ କବିତାର କିଆରିରେ କେତେବେଳେ ଯେ ପାକଳ ହେଇଯାଆନ୍ତି, ଜଣା ପଡେନାହିଁ । ସେ ବିନା କୌଣସି ବାଧା କି ବନ୍ଧନରେ ତାଙ୍କ ଶବ୍ଦମାନଙ୍କୁ ଛାଡିଦିଅନ୍ତି କବିତାର ଖେଳ ପଡ଼ିଆରେ । ଆସନ୍ତୁ ଭେଟିବା ତାଙ୍କ ବିଶ୍ୱସ୍ତ ସମର୍ପଣକୁ ।

### ସୃଜନର କାଠଗଡ଼ାରେ କବି

❑ କବିତା ଗୋଟେ ଚିରସ୍ରୋତା ନଈ । ତାକୁ ବିଭିନ୍ନ ବାଦ, ତତ୍ତ୍ୱ ଓ ଚେତନାର ଡ୍ୟାମ୍ ବନେଇ ରୋକିବା ସାହିତ୍ୟକୁ ବାସ୍ତବତା ଓ ଆବେଗ ଠାରୁ ଦୂରେଇ ନିଏ ବୋଲି କେତେକ ଆଲୋଚକ ମତ ଦିଅନ୍ତି । ତେବେ ଗୌରୀ ନିଜକୁ କବିତାରେ କୋଉଠି ଦେଖନ୍ତି ?

● କବିତା ଗୋଟେ ଚିରସ୍ରୋତା ନଈ । ବାସ୍, ଏଇ କଥାଟି ପରେ ଆଉ କିଛି କହିବାର ଅବକାଶ ନାହିଁ । ନଈର ଧର୍ମ ସେ ବହିବହି ଯିବ । କୁଳୁକୁଳୁ ନାଦ କରି, ଛଳଛଳ ଆବେଗର ସୁଅରେ ସେ ବହି ଚାଲିଥିବ ଯେତେ ବାଧା, ବନ୍ଧନକୁ ପରବାୟ ନ କରି । ମୁଁ ଭାବେ, ବାଦ, ତତ୍ତ୍ୱ ଓ ଚେତନା ଏସବୁ ପ୍ରାଥମିକ କାରକ ତ ନୁହଁନ୍ତି କେବେ ବି । କବିତା ମୌଳିକ, ପ୍ରଥମ ସୃଜନୀ । ପରେ ତାକୁ ବିଶ୍ଳେଷଣ କରିବାକୁ ଯାଇ ନାନା ତତ୍ତ୍ୱର ଆବିଷ୍କାର, ପରିଚୟ । ତେବେ, ମୁଁ ବିଶ୍ୱାସ କରେ, ଯଥାର୍ଥ ତଥା ସକାରାତ୍ମକ ବାଦ, ତତ୍ତ୍ୱ ଓ ଚେତନା ଆଦିର ଆଲୋଚନା କବିତାର ପରିସରକୁ ସମୃଦ୍ଧ କରେ, ନୂଆ ଦିଗ ଦେଖାଇ ଦିଏ । ମାତ୍ର ଅନେକ କ୍ଷେତ୍ରରେ ଏସବୁର ଅଯଥା ପରିକଳ୍ପନା କେତେକାଂଶରେ କବିତାର ଭାବଧାରାକୁ ବିଚ୍ଛିନ୍ନ ମଧ୍ୟ କରେ । ସୁତରାଂ କବିତା ଛାତିକୁ ଛୁଇଁବାର ସାମର୍ଥ୍ୟ ରଖୁ । ସରଳ, ସାବଲୀଳ ହେଉ । ଭାବରେ ଜୁଡୁବୁଡୁ ହେଉ । ଶବ୍ଦରେ ସୌନ୍ଦର୍ଯ୍ୟ ଭରୁ । ବାକି ସବୁ କଥା ପଛକୁ ରହୁ । ମୁଁ ମୋ ଆବେଗରେ ଓଜନିଆ ହୋଇ ପଡିଲେ ହାଲୁକା ହେବାକୁ କବିତା ଲେଖେ, କେବେ କେବେ ପୁଣି ଲେଖି ଦେଇ ଓଜନିଆ ବି ହେଇଯାଏ । ମାତ୍ର ଏସବୁ ମୋ ପାଇଁ ନ୍ୟାୟସଙ୍ଗତ; ଯେଣୁ ମୁଁ କବିତାକୁ ଆତ୍ମୀୟ ମନେ କରେ, ନିଜ ଠୁଁ ବି ବେଶୀ ଭଲ ପାଏ ।

**❑ ଆପଣ ନିଜକୁ ସାମ୍ବାଦିକତା ପାଠ୍ୟକ୍ରମ ଭିତରେ ସାମିଲ କରିଥିବା ବେଳେ କବିତାର ପ୍ରେମ ଠୋ ଠା ବାସ୍ତବତାର କଥା କହେ ନା କଳ୍ପନାର**

## ଇନ୍ଦ୍ରଧନୁରେ ମଜ୍ଜିଯିବାକୁ ହାତ ଠାରି ଡାକେ ?

● କବିତା ବାସ୍ତବତା ଏବଂ କଳ୍ପନାର ମିଶ୍ରଣ । ଆମ ସାମ୍ବାଦିକତା ପାଠ୍ୟକ୍ରମରେ ଆମେ ବାସ୍ତବତାକୁ ବଖାଣୁ । ଯେଣୁ ସବୁକିଛି ସତ ଲେଖିବାର ଥାଏ । ମନରୁ ଫାନ୍ଦି ଦୁଇଧାଡ଼ି କିଛି ଅଧିକ ଲେଖିବା ପ୍ରତି ସଚେତନ ରହିବାକୁ ହୁଏ । ମାତ୍ର କବିତାର କିଛି ପରିସୀମା ନାହିଁ ମୋ ପାଇଁ । ସେ ବ୍ୟାପ୍ତ, ବିସ୍ତୃତ । ମୁଁ କେତେ ଯାଏଁ ଭାବି ପାରିବି, ସେ ନେଇ କିଛି ନିୟମ କି ନିୟନ୍ତ୍ରଣ ତ ନାହିଁ ମୋ ଉପରେ । କେବେକେବେ ବାସ୍ତବତାର ସାଧା କାଗଜରେ ଭାବନା ବା କଳ୍ପନାର ରଙ୍ଗ ମାଖି କବିତାର ଛବିଟିଏ ଆଙ୍କି ହୁଏ । କେବେ ପୁଣି କଳ୍ପନାର ସାଧା କାଗଜରେ ବାସ୍ତବତାର ରଙ୍ଗ ମାଖି କବିତାର ଛବି ଆଙ୍କି ହୁଏ । ସୁତରାଂ ସେମିତି କୌଣସି ଧରାବନ୍ଧା ସୂତ୍ର ତ ନାହିଁ । ପୁଣି ଅନେକ୍ ସମୟରେ କବିତା ମୋ ପାଇଁ କଳ୍ପନା ଏବଂ ବାସ୍ତବତା ଉଭୟ ଠୁଁ ବି ଖୁବ୍ ଉର୍ଦ୍ଧ୍ୱରେ ବୋଲି ମୁଁ ଅନୁଭବ କରିଛି । ହୁଏତ ଏଇନେ ଏଇ ଉତ୍ତରରେ ସେ ଅନୁଭବକୁ ମୁଁ ବ୍ୟକ୍ତ କରି ପାରିବିନି, ଯେଣୁ ସେଇଟି ମୋର ଏକାନ୍ତ, ଆତ୍ମୀୟ, ଅନ୍ତରଙ୍ଗ ଅନୁଭବ ବୋଲି ମୁଁ ଉପଲବ୍ଧି କରିଛି । ହୁଏତ ବାସ୍ତବତା, କଳ୍ପନା କିମ୍ବା ଉଭୟ ଅଥବା ଉଭୟଠୁଁ ଉର୍ଦ୍ଧ୍ୱରେ ସେଇ ଅଲୌକିକତା; ସବୁ ପରେ ମୁଁ ଏତିକି ବୁଝେ, କବିତା ମୋର ଆତ୍ମୀୟ, ମୋ ନିଜର କେହି ।

## ଗୌରୀଙ୍କ କବିତା: ଡିସେମ୍ବର

ଏ ଡିସେମ୍ବର ମୋତେ ବିଭୋର କରେ
ମୁଁ ଖୋଜେ ଝରକା ଫାଙ୍କରୁ ଆକାଶ
ଖଣ୍ଡେ ସାଧା କାଗଜ ଆଉ କଲମ
କିଏ ଗୋଟେ ଖୁବ୍ ବେଶୀ ମନେ ପଡ଼େ
ଚୁଲିରୁ ଚାହା ଭଳି କବିତା ବି ଉତୁରେ....



▶ଗୌରୀ ସାହୁ

ମୋତେ ଛୁଇଁ ପାରେନି ଶୀତ
କି ମୁଁ ଖୋଜେନି କମ୍ବଳ
ଅତୀତର ସ୍ମୃତି ସବୁକୁ
ମୁଁ ଡାକିହୁଏ ପରସ୍ତ ପରସ୍ତ
ଯାହା ଏବେ ବି ବତୁରିନି
ଆଗ ଭଳି ଅଛି ଅବିକଳ..

ଆରମ୍ଭ ହେଲାଣି ମଉଛବ
ସଜା ହେଲାଣି ବଜାର ଘାଟ
ମନେ ପକା, ସେଦିନ ମେଳାରେ
ଚୁନୁରି ସଜାଡୁ ସଜାଡୁ
ମିଶିଥିଲା ଯୋଉ ନଜର,
ତୁ ଆସ୍ତେକିନା କହିଥିଲୁ
ଏ ଓଠ ତ ଓଠ ନୁହେଁ
ଗୋଟେ ରକ୍ତରଙ୍ଗର ଗୋଲାପ,
ଏ ଆଖି ଗୋଟେ ନିରୀହ ନୀଳ ସାଗର,
ସେଇ ସେବେଠୁଁ ମୁଁ ମୁକୁଳି ପାରିନି
ଛାଡ଼ିଲା ପରେ ବି ତୋ ସହର
ସେଇ ସେବେଠୁଁ ମୁଁ ଆଲୁଅକୁ
ପ୍ରମାଣସିଦ୍ଧ କରୁଥିବା ନୂଆ ଉପାପାଦ୍ୟ
ଆଉ ତୁ ସେଇ ଅଜଣା ଅନ୍ଧାର !

ଆକାଶେ ଲାଜକୁ କଜଳ କରି
ମୁଁ ପିନ୍ଧିଥିଲି ଆଖିରେ..
ମୋ ଓଠ ତଳ କଳାଜାଇ ଆଖେପାଖେ
ତୋ ହୃଦୟ ବନ୍ଧା ପଡ଼ିଥିଲା,
ଏ ଡିସେମ୍ବର ଅନେକ କିଛି ଦେଇଥିଲା
ତା ଠୁ ବେଶି ଛଡ଼େଇ ନେଲା....

ମୁଁ ଫେରିଲେ ତୋ ସହର
ଆଉ ବଜାର ବୁଲେନି
କେଉଁ ଜଣାଶୁଣା ଅନ୍ତରଙ୍ଗ
ସେ ଗାଡ଼ିର ହର୍ଣ୍ଣ
ଆଉ ମୋତେ ଆନମନା କରେନି..
ମିଠା ମକାର ମହକ
ଯେତେ ଆନମନା କଲେ ବି
କେଉଁ ଏକ ଅଜଣା ପ୍ରଶ୍ନର ଭୟରେ
ସେ ବୁଢ଼ା ମଉସାଙ୍କ ଷ୍ଟଲ୍‌ର ପାଖ
ମୁଁ କାଇଁ କେବେଠୁ ମାଡ଼ିନି....

ହଁ ମାନୁଛି, ବର୍ଷା ଛିଟାରେ
ମୁଁ ବାରି ପାରେ ତୋ ଛୁଆଁର ସ୍ପର୍ଶ
ଜହ୍ନ ଦେଖିଲେ
ମନେ ପଡ଼େ ତୋ ମୁହଁ,
ମୁଁ ଧାଇଁ ଯାଇ ଚେକ୍ କରେ ତୋ ହ୍ୱାଟ୍‌ସ୍‌ଆପ୍
ଜୁମ୍ କରି ଦେଖେ ତୋ ପ୍ରୋଫାଇଲ୍ ଫଟୋ,
ମୋ ଫେସ୍‌ବୁକ୍ ପୋଷ୍ଟରେ ତୁ ପ୍ରେମ ଚିହ୍ନ ମାରି
ଫେରେଇ ନେଉ ପ୍ରତିଥର....
ସବୁଥର ପରି ମୁଁ ଭ୍ରମରେ ଭାବି ନିଏ
ଏ ଚିହ୍ନ ବି ପ୍ରେମର
ଏ ଚିହ୍ନ ବି ମେଘମେଘ ଆକାଶର
ଯୋଉଠି ପ୍ରଶ୍ନଟିଏ ଫିଙ୍ଗି ପବନକୁ
ଖରାରେ ଦେହ ସେକୁଥାଏ ଡିସେମ୍ବର !

**ଛାତ୍ରୀ, ସାମ୍ବାଦିକତା ଓ ଗଣଯୋଗାଯୋଗ,**
**ଭୁବନେଶ୍ୱର, ଫୋନ:୮୦୧୮୨୫୧୬୦୮**

## ଅଜୟ କୁମାର ଜେନା (ଜନ୍ମ ୧୯୯୪)

ସେ ଆମ ସମୟ ପାଇଁ ଜଣେ ବିଶ୍ୱସ୍ତ ବେପରୁଆପଣ । କୌଣସି ଗୋଟିଏ ଧାରା କି ଶୈଳୀର ଗୁଳାରେ ନିଜକୁ ଠିଆନକରି ସେ ଭିନ୍ନ ଭିନ୍ନ ରାସ୍ତାରେ ନିଜକୁ ଭେଟନ୍ତି ତାଙ୍କ କବିତାର ଅର୍ଥ ନୂଆ ବାସ୍ନାରେ । କେବେ ପ୍ରେମର ପଣିକିଆ ତ କେବେ ପ୍ରେମହୀନତାର ଉଜୁଡ଼ା କ୍ଷେତ । କେବେ ଅଙ୍କାହୁଏ ବାଞ୍ଝ ମାଟିରେ ପ୍ରତିଶ୍ରୁତିର ମୂରୁଜ ତ କେବେ ରକ୍ତରେ ନିଆଁ ଲଗାଏ ବିଦ୍ରୋହର ଗୀତ । ସେ ହଁ ନାର ଦ୍ୱନ୍ଦ୍ୱ ଭିତରେ ସବୁବେଳେ ତୃତୀୟ ଅଦୃଶ୍ୟ ବିକଳ୍ପକୁ କୋଳେଇ ନିଅନ୍ତି ତାଙ୍କ କବିତାର କୁହୁରେ । ଆସନ୍ତୁ ଭେଟିବା ତାଙ୍କ କବିତା ଓ କବିତାକୁ ନେଇ କିଛି କଥାକୁ ।

### ସୃଜନର କାଠଗଡ଼ାରେ କବି

❑ **ଆପଣ ସାମ୍ପ୍ରତିକ ସାହିତ୍ୟରେ ବିଭିନ୍ନ କବିଙ୍କ ଦ୍ୱାରା ଅନୁପ୍ରାଣିତ ହେଇ କବିତାର ସାମ୍ରାଜ୍ୟରେ ପାଦ ରଖିଲେ ନା କବିତାର ମୋହିନୀ ମାୟା ଆପେ ଆପେ ହାତ ଠାରି ଡାକି ଆଣିଲା ? କବିତା କଣ ଦେଇଛି ଆଉ କଣ ଦେଇ ପାରିନାହିଁ ?**

● ସତ କହିବାକୁ ଗଲେ ପ୍ରଥମେ କବିତାର ମୋହିନୀ ମାୟା ମୋ ଭିତରେ କୋଉଠି ନା କୋଉଠି ଲୁଚିଲୁଚି ନିରୋଳାରେ ଉଖାରିଥିଲା ମୋ ଛାତିକୁ ନିଶ୍ଚୟ,

ଯେଉଁଥିପାଇଁ +୨ ପଢ଼ିବା ବେଳର ସେ ଅଜଣା ଝିଅ କଥା ଭାବୁଭାବୁ ଗାରେଇ ଦେଇଥିବା କେତୋଟି ନିଛକ ଧାଡ଼ିକୁ ନେଇ ମୁଁ ମୋ ସାଙ୍ଗମାନଙ୍କୁ ଦେଖାଇ ମୁଁ କବିତାଟିଏ ଲେଖିଛି ବୋଲି କହିଥିଲି ସେଦିନ । ଯଦିଓ ସେବେଠାରୁ କବିତାର ଧାରା ମୋ ଭିତରେ ଚଳଚଞ୍ଚଳ ନଥିଲା, କିନ୍ତୁ କୋଉଠି ନା କୋଉଠି ନିଶବ୍ଦ ଝରଣାଟିଏ ପରି ସେ ଭାଙ୍ଗି ଚାଲିଥିଲା ମୋ ଭିତରର ଜମା ହେଇଥିବା ଜଡତାକୁ, ଯାହା ପରେ ପରେ ମୋର +୩ ବେଳାର ବନ୍ଧୁ ପ୍ରବୀଣ କୁମାର କବି ଠାରୁ ପ୍ରେରଣା ପାଇ ଗୋଟେ ଅମାନିଆ ନଈ ହେଇ ବହି ଚାଲିଛି ଏଯାବତ ।

ବାସ୍ତବରେ ଯେତେବେଳେ ମୁଁ ନିୟମିତ ଭାବେ କବିତା ଲେଖା ଆରମ୍ଭ କଲି, ମୋର କବିତାରୁ କିଛି ପାଇବାର ଆଶା ନଥିଲା(ଏବେ ମଧ ନାହିଁ) । କିନ୍ତୁ, କବିତା ମତେ ଅନେକ କିଛି ଦେଇଛି । ଏଇ ଯେମିତି ଶୁଖିଲା କ୍ଷେତରେ ଅସରାଏ ବର୍ଷା ଦେଖି ଚାଷୀଟିଏ ତା'ର ତମାମ୍ ଅବସାଦକୁ କାଗଜ ଡଙ୍ଗାଟିଏ କରି ଭସେଇ ଦିଏ । ସେହିପରି ମୋ ଚାରିପଟେ ଯେତେବେଳେ କିଛି ଦୁଃଖ, କିଛି ଅଭାବବୋଧ, କିଛି ପ୍ରେମ ଓ କିଛି ବିଦ୍ରୋହ ଚକା ଆସନ ମାଡ଼ି ବସିଥାନ୍ତି, ସେତେବେଳେ କବିତାଟିଏ ମୋ ଭିତରୁ ତୋଫା ଜହ୍ନ ପରି ମୁହଁଟିଏ ଧରି ବାହାରି ଆସି ମତେ ଯାଚିଦିଏ ପୁଳାଏ ବ୍ୟାଗ୍ ଭର୍ତ୍ତି ବସନ୍ତର ଋତୁ, ଯାହାକୁ ନେଇ ମୁଁ ଜିଉଥାଏ ଚିରକାଳ !

**❑ କବିତାରେ କେବେ ଆତ୍ମସନ୍ତୋଷ ମିଳିଛି ? ଯଦି ହଁ ତେବେ କିପରି ମିଳିଛି, ଯଦି ନା ତେବେ ସେଇ ଅସନ୍ତୋଷ ଅଜୟଙ୍କୁ କେତେ ଆକ୍ରାନ୍ତ କରିଛି ?**

● ହଁ, କବିତାରେ ଅନେକ ଥର ଆତ୍ମସନ୍ତୋଷ ମିଳିଛି । ଯଦି ନମିଳିଥାନ୍ତା ତେବେ ମୁଁ କବିତା ଲେଖା ଆରମ୍ଭରୁ ହିଁ ତ୍ୟାଗ କରିଥାନ୍ତି । କବିତାଟିଏ ଖାଲି ଯେ ଲେଖିଦେଲେ ସନ୍ତୁଷ୍ଟି ମିଳେ ତା ନୁହେଁ । ନିଜର କବିତାକୁ ପଢି ଅନ୍ୟ ଲେଖକ ହୁଅନ୍ତୁ ବା ପାଠକ ଯେତେବେଳେ ନିର୍ଭେଜାଲ 'ଆଃ', 'ଉଃ' କି 'ବାଃ' ବୋଲି ମତଟିଏ ରଖେ ଅବା କୌଣସି ମାଧ୍ୟମରେ ଶୁଭେଚ୍ଛା ବାର୍ତ୍ତାଟିଏ ନିଃସ୍ୱାର୍ଥପର ଭାବରେ ଯାଚିଦିଏ, ସେତେବେଳେ ଆତ୍ମସନ୍ତୋଷ ମିଳିବା ସହ ଅନେକ ପ୍ରେରଣା ମଧ ମିଳେ ।

ଆହୁରି ମଧ 'ପାହାଚ', ଓ 'ଜ୍ୟୋତିର୍ମୟ' ଭଳି ପତ୍ରିକା, 'ସଂଚାର', 'ପ୍ରଗତିବାଦୀ', 'ନିର୍ଭୟ' ଓ 'ସମ୍ବାଦ' ଭଳି ଖବରକାଗଜରେ ଲେଖା ପ୍ରକାଶ ପାଇ ମିଳିଛି ଖୁବ୍ ଆତ୍ମସନ୍ତୋଷ । ସମ୍ବାଦ ଏଇ ମାସର ଯୁବ ଲେଖକ ପୁରସ୍କାର ଓ କଥା ନବପ୍ରତିଭା ସମ୍ମାନ ମଧ ଆଉ ପାଦେ ଆଗକୁ ବଢ଼ିବାକୁ ଯୋଗାଇଛି ଢେର ପ୍ରେରଣା ।

## ଅଜୟଙ୍କ କବିତା : ଦେଶ

ଘୋଷଣା ହେଲା...
ମୋ ମୁଣ୍ଡ କାଟିଲେ,ପାଞ୍ଚଶହ ଟଙ୍କା ଇନାମ !
ମୋ ସମଗୋତ୍ର, ସମଧର୍ମୀ, ସମକର୍ମୀ,ସମପକ୍ଷ,
ସାକୁଲ୍ୟ ଓ ସମଦଶାପନ୍ନ ପୁଞ୍ଜିଏ ବ୍ୟକ୍ତି
ଆଲୁଅ ଜାଳିବା ଛାଡି ମୋ ଆଗରେ ଠିଆକଲେ ଅନ୍ଧାର !
ଦାସତ୍ୱର ଦରଜା କିଳି ଲୁଚାଇଲେ ଦେହ ଓ
ସମୁଦ୍ରର ଭଟ୍ଟା ପରି ଫେରିଗଲେ ପଛକୁ, ଅନେକ ପଛକୁ !


▶ଅଜୟ କୁମାର ଜେନା

ଏତିକିରେ ହେଲେ ସରିଯାଇଥାନ୍ତା କାଳ !
ମୁଁ ଭାଗ୍ୟର ଭଙ୍ଗା ଭବନରେ ଲୁଚେଇ ରଖିଥାନ୍ତି
ନିଷ୍ପାପ ହସ,ମୁଠାଏ ଭୋକ,ଅଦେଖା ଭବିଷ୍ୟ ଓ
ବାପାଅଜା ତେପନପୁରୁଷର ଏ ନିଷ୍କର ଭୂଇଁ ସବୁକୁ ।
ଏତିକିରେ ନସରି ଆଗକୁ ଅଗ୍ରସର ହେଲା ଦୁଃଖ,
ନଦେଖି ବି ପଢ଼ିହେଉଥିଲା ମୋ ଜନ୍ମର ଜାତକ !

ଏସବୁକୁ ବେଖାତିର କରି ମୁଁ ମାଟି ପାଇଁ ଲେଖିଦେଲି
ଜିଇଁବାର ଧାଡ଼ିଏ କବିତା....
ପବନରେ ପ୍ରସାରିଲି ପ୍ରତିବାଦ, ମାଟିରେ ସଂଚରିଲି ବିଦ୍ରୋହ
ତାତି ଉଠିଲେ ପାହାଡ଼ ପର୍ବତ, ତେଜିଲା ଆନ୍ଦୋଳନ,
ପଥରର ପ୍ରତିଶ୍ରୁତିରେ ତିଆରି ହେଲା ଶବ୍ଦର କମାଣ ।
ସବୁ ଶବ୍ଦରେ ଜିତି ହୁଏନା ଯୁଦ୍ଧ,
ସୁରକ୍ଷିତ ରହି ପାରେନା ଚାଖଣ୍ଡେ ମୂଳକ ।
ମୁଁ ମାଟିକାଙ୍ଗାଳ, ବୁଝି ପାରିଲିନି କିଛି ଶବ୍ଦ ଆଜନ୍ମ ପଳାତକ !

ଯେଉଁମାନେ ଧରିଥିଲେ ମୋ ସାଥିରେ ମାଟିର ମଶାଲ
ସେମାନେ ମୋ ଗୋଛିକାଟି ଫେରିଗଲେ ପଛକୁ !
ତାଙ୍କପାଇଁ ଆଖିରୁ ଯେବେ ଲୁହ ଝରୁଥିଲା
ମୋ ଆଖିରେ ଧୂଳିଦେଇ, ଏ ଦେଶକୁ ପଛକରି
ପାଞ୍ଚଶହ ଟଙ୍କାପାଇଁ କାଟିଲେ ମୋ ମୁଣ୍ଡକୁ !

ବଡ଼ରମ୍ପାସ, ହାଟଡିହି, କେନ୍ଦୁଝର,ଫୋନ:୬୩୭୨୨୬୦୪୭୯

## ଶୁଭସ୍ମିତା ତ୍ରିପାଠୀ (ଜନ୍ମ ୧୯୯୭)

ସାମ୍ପ୍ରତିକ ଓଡ଼ିଆ କବିତା ପାଇଁ ପ୍ରଚୁର ପ୍ରତିଶ୍ରୁତି ଓ ପ୍ରତିବଦ୍ଧତା ନେଇ ଶୁଭସ୍ମିତାଙ୍କ କବିତା ଏକ ନିଆରା ସ୍ୱରର ମଧୁର ରାଗିଣୀ ତୋଳେ । ଶବ୍ଦ ମାନଙ୍କ ସ୍ୱଚ୍ଛନ୍ଦ ବିଚରଣ ଆବେଗକୁ ବିନା ଦ୍ୱିଧାରେ ବୋହିବାରେ ଆଦୌ କାର୍ପଣ୍ୟ କରେନି । ସେ ପ୍ରକାଶ୍ୟ ହେବାରେ ଅଧିକ ବିଶ୍ୱାସ ରଖନ୍ତି ଏକଥା ସତ ହେଲେ ଯେଉଁ ଟିକକ କଥା ଅପ୍ରକାଶ୍ୟ ହେଇ ରୁହେ ସେଇଥିରେ ହିଁ ମଙ୍ଗଳାଚରଣ ଗାଏ ସମୟ । ସେଇଠି ହିଁ ଛାତିରେ କଣ୍ଟା ପିଟି ସେ ଟାଙ୍ଗି ଦିଅନ୍ତି ମିଠାମିଠା ଜୀବନର ତୈଳଚିତ୍ର । ତାଙ୍କ କବିତାର ଏକ ଅଦ୍ଭୁତ ସମ୍ମୋହନ ଥାଏ ଯାହା ପ୍ରତିଟି ଧାଡ଼ିରେ ପାଠକକୁ ଆଉ ଏକ ଧାଡ଼ିରେ ଲୁଚି ରହିଥିବା ବିଭୋରପଣ ଆଡକୁ ହାତ ଧରି ନେଇଯାଏ । ଆସନ୍ତୁ ଭେଟିବା ତାଙ୍କ କବିତା ଓ ଜୀବନ ପରି ନୃତ୍ୟରତ ଶବ୍ଦଙ୍କ ଅଙ୍ଗୀକାରକୁ ।

### ସୃଜନର କାଠଗଡ଼ାରେ କବି

**❑ କବିତା ଗୋଟେ ଅର୍ଥପୂର୍ଣ୍ଣ ମିଠା ଅହଙ୍କାର, ନା ଅର୍ଥହୀନ ଆବେଗର ଜୁଆର ନା ଅର୍ଥ ଖୋଜୁଥିବା ସମୟର ଯାଯାବର ? ଶୁଭସ୍ମିତା ନିଜକୁ କୋଉଠି ଭେଟିବାରେ ଆନନ୍ଦ ପାଆନ୍ତି ?**

● ନିତି ଫୁଟି ପୁଣି ମଉଳି ଯାଉଥିବା ଫୁଲଟିକୁ ଯଦି କେହି ପଚାରି ବସେ ଯେ ତାର କ୍ଷଣିକ ଜୀବନ ଦର୍ଶନର କେଇ ମୁହୂର୍ତ୍ତର ମଧୁରିମା କଣ ତାର ଅର୍ଥ ପୂର୍ଣ୍ଣ ମିଠା ଅହଂକାର ? ? ନା, ସେ ଅର୍ଥ ଖୋଜୁଥିବା ସମୟର ଯାଯାବର ! ପୁଣି ଅର୍ଥହୀନ ଆବେଗ ଯଦି ଆବେଗ ହୁଏ,ତେବେ ଫୁଲ ବି ଆଉ ଫୁଲଟିଏ ହୋଇ ରହେ ନାହିଁ ! କବିତା ଲେଖୁଥିବା ଅବୁଝା ଝିଅଟିକୁ ଯଦି ପଚରାଯାଏ, ସେ ନିଜକୁ କେଉଁଠି ଭେଟିବାକୁ ଭଲପାଏ; ତେବେ ମୁଁ କହିବି ସେ ଭଲପାଏ ନିଜେ ନିଜ ସହ ଭେଟିବାକୁ, ଅବଶ୍ୟ ତା ନିଜ ଚାରିପାଖର ପୃଥିବୀକୁ ସେ ରଙ୍ଗୀନ କରେ କେଉଁ ଅହେତୁକି ଇଚ୍ଛାରେ, ହୃଦୟର ହରିଦ୍ରା ପୁଣି ପ୍ରୀତିର ଅଲକ୍ତକ ରାଗ ଦେଇ ସଜାଉଥାଏ ତା ଅଭୀପ୍ସିତର ମୁହଁ .....କେଜାଣି କେମିତି ସବୁ ତା' ପରେ କବିତା କବିତା ବାସେ !!

**❑ କବିତାକୁ ଯଦି ପ୍ରଶ୍ନ ପଚାରିବାକୁ ହୁଏ କଣ ପଚାରିବେ ? କବିତାର ରହସ୍ୟକୁ ଭେଦ କରିବାକୁ ଯାଇ କେବେ ନିଜକୁ ବି କାଠଗଡ଼ାରେ ଠିଆ କରିଛନ୍ତି ?**

● ଇଚ୍ଛାହୁଏ, କବିତାର ଅବିରତ ଝରି ଯାଉଥିବା ମନ୍ଦାକିନୀରେ ହେବାକୁ ଆତ୍ମବିସ୍ମୃତ, ପୁଣି କରିବାକୁ ଆତ୍ମସନ୍ଧାନ ବିସ୍ମୃତିର ପୁଣ୍ୟତୋୟାରେ ହଜିଗଲା ପରେ.....ନିଜକୁ ଖୋଜି ପାଇବାରେ ଯେଉଁ ଆନନ୍ଦ, ତା' ଠାରୁ ହଜାଇ



ଉତ୍କର୍ଷ ଆମ ମାଟିର ସ୍ୱର

# ସମ୍ବାଦ ଓ ସାମ୍ବାଦିକତା



ଲେଖକ: ଡକ୍ଟର ମହେଶ୍ୱର
ରାଜ୍ୟ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ,
ସମ୍ପାଦକ: ସମୀକ୍ଷା ସମ୍ବାଦପତ୍ର

"ଲେଖକ ସାମ୍ବାଦିକ ଡ଼ଃ ମହେଶ୍ୱର ଏଥିରେ ଖବରର ସଂଜ୍ଞା ନିରୂପଣ କରିବାଠାରୁ ଆରମ୍ଭ କରି ସମ୍ପାଦନା, ସାମ୍ବାଦିକତାର ପୃଷ୍ଠଭୂମି, ସମ୍ବାଦପତ୍ରର ଇତିହାସ, ପୃଷ୍ଠା ବିନ୍ୟାସ, ସରବରାହ ସଂସ୍ଥା, ଫଟୋ ସାମ୍ବାଦିକତା, ପ୍ରେସ୍ ଆଇନ୍, ଓଡ଼ିଶାରେ କାର୍ଯ୍ୟରତ ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ସମେତ ସୂଚନା ଅଧିକାର ଆଇନ ଅତି ସୁନ୍ଦର ଭାବେ ଆଲୋଚନା କରିଛନ୍ତି । ସାମ୍ବାଦିକତା କରିବା ପାଇଁ ଏହି ପୁସ୍ତକଟି ଜରୁରୀ ।"




ପୁସ୍ତକଟି ସାମ୍ବାଦିକତା ଜଗତର୍

**ଏକ ମାଇଲ୍ ଖୁଣ୍ଟ**

ଆପଣ କିପରି ସାମ୍ବାଦିକତା କରିପାରିବେ; ତାହା ଏହି ପୁସ୍ତକରୁ ଅତି ସହଜରେ ଜାଣିପାରିବେ ।

**ଚତୁର୍ଥ ସଂସ୍କରଣ**

Dhauli

**ଧଉଳି ପବ୍ଲିକେଶନ୍ସ, ଭୁବନେଶ୍ୱର**

ଯୋଗାଯୋଗ କରନ୍ତୁ: 9040077035, 9338457035

ଦେବାରେ ଅଧିକ । ଅଥଚ, ମତେ ହଜିଯିବାର ଭୟ ଘାରୁଥାଏ ଅହରହ.... ବୋଧେ ଏ ଚିରାଚରିତ ବଞ୍ଚି ରହିବାର ମୋହ; ଏଇ ଥଳକୂଳହୀନ କବିତାର ନୀଳ ଇଲାକାରେ ଏମିତି କିଛି ଅସ୍ତବ୍ୟସ୍ତ କରୁଥିବା ଅପରିପୂର୍ଣ୍ଣତାର ଖିଅ! ତବେ, ମୋର କବିତାକୁ ପ୍ରଶ୍ନ ଏମିତି କାହିଁକି ହୁଏ ? ? କାହିଁକି ମୁଁ ଯାହା, ସମ୍ପୂର୍ଣ୍ଣ ତାହା ହୋଇ ପାରେନା କବିତାରେ ? ? ବାକି ରହିଲା କବିତାର ରହସ୍ୟକୁ ଭେଦ କରିବାର କଥା, କିନ୍ତୁ କବିତା ଯେ ରହସ୍ୟମୟୀ ! ସେଇ ସୁକୁମାରୀ ରହସ୍ୟ ପାଇଁ ତ କେତେ ରଙ୍ଗିନ ଆବେଗରେ ଉବୁଟୁବୁ ହୁଅନ୍ତି ଏ ସଚରାଚର କବିକୁଳ ।

## ଶୁଭସ୍ମିତାଙ୍କ କବିତା : ଅବୋଧ କବିତା

ବିନ୍ଦୁଏ ଆଲୁଅ,
କିଛି ବର୍ଷାବୁନ୍ଦା ଏବଂ
ସୂର୍ଯ୍ୟ କିରଣର ସୁନେଲି ରଙ୍ଗରେ
ଯେଉଁ ଚିତ୍ର ମୁଁ ଆଙ୍କେ
ସେ ଠିକ୍ ତମ ପରି !


▲ ଶୁଭସ୍ମିତା ତ୍ରିପାଠୀ

ଆଖିରେ ଆଖିଏ ଲୁହ
ଆଉ ଅନନ୍ତ ଯୁଗର ସ୍ୱପ୍ନ ଧରି
ତମେ ଯା' ଆସ ହୁଅ
ଉଦ୍‌ଭ୍ରାନ୍ତ ପବନରେ....

ମୁଁ ହଜାଏ ତମକୁ

ଶତ ସହସ୍ର ଚିତ୍ରକଳ୍ପେ କେତେକି ଆବିଳତା ! !
ଅବା ଶରତ ଜହ୍ନର ସ୍ୱଚ୍ଛତାରେ
ଚନ୍ଦନ ଚର୍ଚ୍ଚିତ ତୁମ ଈପ୍‌ସିତ ମୁହଁ,
ଆଖି ଓ ଓଠରେ ଅସୀମ ଉପହାସ...

ଦୃଷ୍ଟିରେ ସ୍ନିଗ୍ଧତା କେବେ,
କେବେ ଅପରୂପ ରୋମାଞ୍ଚର ଛାଇ !

ମେଘ ପଦ୍ମଫୁଲେ ପାଦ ଥାପି
ତମେ ଆସିବା ବେଳର ଉତ୍ତାଳ ବାସ୍ନାରେ
ମୋ କଳ୍ପଚିତ୍ରମାନେ ହସନ୍ତି ମୁହଁ ଟେକି

ଜୀବନ୍ୟାସ ପାଏ ତାଙ୍କ ଦରୋଟି ଓଠ,
ଆଖିପତା ଏବଂ ଘୁଙ୍ଗୁର ବନ୍ଧାପାଦ
ହେଲେ କୋଉ ନାଚିପାରନ୍ତି ସେମାନେ
ତମ ପରି ଲମ୍ପଟର ଭୂମିକାରେ.... ? ?

ମୋ ଆଖିରେ ଉଦ୍ଭାସିତ ହେବା ପରେ ପରେ
ପଚାରି ବସନ୍ତି ଏଇ ଅଦ୍ଭୁତ ଆକର୍ଷଣର
କେତେ ଗଭୀରତା ? ? ?

ଦର୍ପଣରେ ମୁହଁ ଦେଖୁ ଦେଖୁ
ପ୍ରତିବିମ୍ବ ହସି ହସି କହେ,
ଏ ଆକର୍ଷଣ ଲାଗି ଭୋଗିବାକୁ ହେବ
ଜନ୍ମ ଜନ୍ମର ଦୂରତା !

**ବି.ଇଡି. ଛାତ୍ରୀ, ଖଲ୍ଲିକୋଟ ମହାବିଦ୍ୟାଳୟ, ବ୍ରହ୍ମପୁର**
**ଫୋନ : ୮୪୮୦୮୬୭୧୯୦**

## ଲକ୍ଷ୍ମୀଧର ବେହେରା (ଜନ୍ମ ୧୯୯୫)

ତାଙ୍କ କବିତା ନଗ୍ନ ବାସ୍ତବତାର ଝୋଟିଚିତା । ଅନୁଭବର ତରଳ ଭାସ୍କର୍ଯ୍ୟ । ଗୋଟେ ନଷ୍ଟାଲଜିକ୍ ଆଖିର ଆକାଶରେ ଅଧାଅଙ୍କା ଇନ୍ଦ୍ରଧନୁ । ଗୋଟେ ଅହଙ୍କାର ଓ ଆଟୋପହୀନ ଇଚ୍ଛାର ପ୍ରମତ୍ତ ପ୍ରେମ ଯାହା ବାହାରକୁ ପାଣିଚିଆ ଦିଶିଲେ ବି ଭିତରେ ଭିତରେ ଖୁବ ବହଳିଆ । ସେ ଶବ୍ଦମାନଙ୍କୁ ପ୍ରଶ୍ନଚିହ୍ନ କରି ଠିଆ କରନ୍ତି ଓ ସେଇ ଶବ୍ଦମାନଙ୍କୁ ଉତ୍ତର କରି ବି ପାଠକକୁ ଆଶ୍ଚର୍ଯ୍ୟ କରିଦେବାର ସାମର୍ଥ୍ୟ ରଖନ୍ତି । ତାଙ୍କ କବିତା କେବଳ କଳ୍ପନାର କୁଞ୍ଜରେ ବଂଶୀ ବଜେଇବା ଜାଣେନି ବରଂ ବାସ୍ତବତାର ଅଗଣାରେ ଜହ୍ନରାତି ହେଇ ପ୍ରେମ ବିଞ୍ଚିପାରେ ବିନା ବିରାମରେ । ନିଜକୁ ନିଜେ ତନ୍ନତନ୍ନ କରି ଅଜାଡ଼ିଦେବାର ମାଦକତା ହିଁ ତାଙ୍କ କବିତାର ବିରଳ ଗହଣା । ଆସନ୍ତୁ ଭେଟିବା ଓ କଥା ହେବା ତାଙ୍କ ସୃଜନର ମିଠାପଣ ସହ ।

### ସୃଜନର କାଠଗଡ଼ାରେ କବି

❑ **କୁହାଯାଏ ଯେ ଯାହା ଚେତନାକୁ ଘାରେ ତାହା କବିତା । ତେବେ ଯାହା ଘାରେ ନାହିଁ ତା ଭିତରେ ବି କଣ କବିତାର ଆତ୍ମା ନଥାଏ ?**

● ଯାହା ଚେତନାକୁ ଘାରେ ତାହା କବିତା ଏକଥା ସୁନିଶ୍ଚିତ । କିନ୍ତୁ ଏକଥା କହିହେବ ନାହିଁ ଯେ ଯାହା ଚେତନାକୁ ଘାରେ ନାହିଁ ତାହା କବିତା ନୁହଁ । ପ୍ରକୃତର କଥା ହେଲା କବିଟିଏ ଭିତରେ ଆତ୍ମା ସବୁବେଳେ ଚଳଚଞ୍ଚଳ ଥାଏ । ସମୟ କ୍ରମରେ ବିଭିନ୍ନ ଘଟଣା ତା ଭିତରେ ଅହରହ ଧନ୍ଦି ହେଇ ଯେତେବେଳେ କବିତାର ରୂପ ନେଇ ଆସେ ତା ଭିତରେ ଆତ୍ମା ହିଁ ଥାଏ । କିଛି କିଛି କ୍ଷେତ୍ରରେ ସାଉଁଟା ସମୟରେ ଆତ୍ମା ଭରିବାକୁ ହୁଏ ଯଦି ଆତ୍ମା ଠିକ୍ ସେ ଭରି ନହେଲା ତେବେ ତାକୁ କବିତା କହିବା ଉଚିତ୍ ହେବ ନାହିଁ ।

❑ **କବିତା କେବେ ହାତ ପତେଇ ମାଗିଛି ରାତିର ନିଦ, ସକାଳର ଅଳସ କି ପ୍ରେମର ବୟସ ? ଯଦି ହଁ, କବି ନିଜକୁ ସମର୍ପଣରେ ଅଧିକ ବିଶ୍ୱାସ ରଖନ୍ତି ନା ନିଜକୁ ନିଜ ଭିତରେ ଲୁଚେଇବାରେ ଆନନ୍ଦ ପାଆନ୍ତି ?**

● କବିତା ଅନେକ କିଛି ମାଗେ ଯାହା କହି ନହୁଏ ଯାହା ଦେଇ ନହୁଏ ତାହା ବି ମାଗେ । କବିଟିଏ ହିସାବରେ ସମର୍ପଣ ନକଲେ କବିତାରେ ଜୀବନ ନଥିବା ପରି ଲାଗେ ।

## ଲକ୍ଷ୍ମୀଧରଙ୍କ କବିତା : ଶୂନ

ଧରିନିଅ ମୁଁ ଗୋଟେ
ଲମ୍ବା ରାସ୍ତା
ମୋ ଦୁଇପାଖେ ଗଛଲତା,ପାହାଡ଼,ଝରଣା ଘର,ନଈ...
ମୋ ଉପରେ କଉ ପ୍ରେମିକ ଛାଡ଼ି ଯାଇଚି
ଗଲାକାଲି ରାତିରେ ରକ୍ତରେ ଲେଖିଥିବା ଚିଠିଖଣ୍ଡେ
ମୁଁ କିନ୍ତୁ ତା ପ୍ରେମିକାର ଠିକଣା ପାଉନି.....

ଧରିନିଅ ମୁଁ ଆକାଶ
ମୋ ଛାତିରେ ଖେଳୁଚି ଜହ୍ନ
ମେଘଖଣ୍ଡ ଭାସୁଛି ରାମଗିରିରୁ ଅଳକାନଗରି
ଯକ୍ଷର ସନ୍ଦେଶକୁ ଧରି...
ରାମଗିରିରେ ଅନ୍ଧାର ଘିଟିଘିଟି
କିନ୍ତୁ ଯକ୍ଷୀଣୀର ଗାଁରେ ଜହ୍ନରାତି


▲ ଲକ୍ଷ୍ମୀଧର ବେହେରା

ଧରିନିଅ ମୁଁ ଏ ଡାଳରୁ ସେ ଡାଳକୁ ଉଡୁଥିବା ପକ୍ଷୀ
ମୋ ଦେହରୁ ଛଡି ଯାଇଥିବା ପର
ଏବେ କାହା ବହିରେ ସାଇତା
ମୁଁ କିନ୍ତୁ ଚେନାଏ ଆକାଶକୁ ଥଣ୍ଟରେ ଧରି

ପିଞ୍ଜରା ଚାରିପାଖେ ଘୁରିବୁଲୁଚି

ଧରିନିଅ ମୁଁ ରାସ୍ତା ପାଖରେ ଥିବା ଷ୍ଟ୍ରିଟ୍ ଲାଇଟ୍
ମୋ ଆଖିରେ ହଜାରେ ରାତିର ନିଦ
ଧାଡି ଧାଡି ହୋଇ ଛିଡା ହୋଇଛନ୍ତି ସ୍ୱପ୍ନ
କେହି ଜଣେ ମୋତେ ଭୁଲି ଯାଇଛି
ଦିନ ଆଲୁଅରେ ବି ମୁଁ ଚେଇଁ ରହିଛି ।

ଧରିନିଅ ମୁଁ କାଗଜଡଙ୍ଗା
ଦିନେ ରଫ୍ ଖାତାର ପୃଷ୍ଠାଟେ ଥିଲି
ଏବେ ମୁଁ ଠିକଣା ନଥିବା ବାଟୋଇ
ବାଟସାରା ଖାଲି ଖାଁ ଖାଁ
କଂକ୍ରିଟରେ ମୋ ଦେହ ଖଣ୍ଡିଆ...

ଧରିନିଅ ମୁଁ ଲୁହ
ହସୁ ହସୁ ବି ଆଖିରୁ ଝରି ପଡୁଛି
ଅନ୍ଧାର ରାତିରେ ତକିଆ ପିଉଚି ମୋତେ
କିଏ ଦେଖୁଛି ନା ଜାଣୁଚି
ମୋ ମୁହଁ କିନ୍ତୁ ସବୁବେଳେ ହସ ହସ

ମୁଁ କେହି ନୁହଁ କିଛି ନୁହଁ
ମୁଁ ଶୂନ୍
ଯୋଉଠି ବସିବି ଏକା ନୁହେଁ
ପାଖରେ ରଖିଥିବି ଶୂନ୍ୟସ୍ଥାନ ।

ମନ୍ଦାରୀ, ବାସୁଦେବପୁର, ଭଦ୍ରକ, ଫୋନ:୯୦୪୦୬୮୦୦୩୦

## ପ୍ରତୀଚୀ ନନ୍ଦ(ଜନ୍ମ ୧୯୯୩)

ପ୍ରତିଚୀ କବିତାର ପିଠିରେ ଲାଉ ହେଇ ପୃଥିବୀକୁ ପ୍ରଦକ୍ଷଣ କରିବାର ଦାୟିକତା ରଖନ୍ତି, ଏହା ତାଙ୍କର କବିତା ପଢିଲେ ଜଳଜଳ ହେଇ ଦେଖାଯାଏ । ତାଙ୍କର ଅନେକ କବିତାରେ ମାଟି ପ୍ରତି ମମତ୍ୱବୋଧ, ସ୍ୱପ୍ନ ପ୍ରବଣତା ଓ ଜୀବନ ଦର୍ଶନ ଉଭୟ ସରଳ ଓ ବକ୍ର ଭାବେ ଗତିଶୀଳ ହେଇଥାଏ । ଛୋଟ ଛୋଟ ଘଟଣା ବା ଅନୁଭବକୁ ପୁଞ୍ଜି କରି ସେ ରଚି ପାରନ୍ତି ଏକ ବିଶାଳ ହୃଦୟର ମଧୁଗୀତି । ଶାଶ୍ୱତ ଚେତନା ଓ କାବ୍ୟିକ ସମ୍ପୃକ୍ତି ତାଙ୍କୁ ଅନ୍ୟମାନଙ୍କ ଠାରୁ ଭିନ୍ନ କରେ । ସେ ଶବ୍ଦ ମାନଙ୍କୁ ନାଆ କରି ଆବେଗର ନଈ ପହଁରିବାରେ ସିଦ୍ଧହସ୍ତା । ଆସନ୍ତୁ ଭେଟିବା ପ୍ରତିଚୀଙ୍କ ବିଶ୍ୱାସ ଓ କାବ୍ୟିକ କୁହୁକକୁ ଏକ ନଷ୍ଟାଲଜିକ୍ କବିତାର କୋମଳତାରେ ।

## ସୃଜନର କାଠଗଡ଼ାରେ କବି

**❑ କେବେ କବିତାରେ ଯାହା କହିବାକୁ ଚାହୁଁଥିଲେ ତାହା କହିନପାରିବାର ଦୁଃଖ ଆଉ ଏକ କବିତାକୁ ଜନ୍ମ ଦେଇଛି ? ଯଦି ହଁ, ସେଇ ଗର୍ଭବେଦନାରେ କବି କିପରି ନିଜକୁ ଦେଖିଛନ୍ତି ?**

● ପ୍ରତି କବିତା ଉତ୍ସର ସ୍ରଷ୍ଟା ,ଦ୍ୱିତୀୟ ଈଶ୍ୱର । ଯେହେତୁ ତା ଭିତରେ ଶବ୍ଦ ମାଂସ, ଭାବ ହୃଦୟ ଓ ଚେତନା ଆତ୍ମା ନେଇ ଜନ୍ମ ପ୍ରଯତ୍ନ ରୀତିମତ ଚାଲେ । କିଏ କେତେବେଳେ ଭୂମିଷ୍ଠ ହେବ ନହେବ ତାହା ପାଇଁ ସେ ଚିନ୍ତିତ ନଥାଏ ବରଂ ମାତୃତ୍ୱ ପ୍ରାପ୍ତି ଆନନ୍ଦରେ ତନୁପୁଲକିତ ଥାଏ ।

ସଂଯୋଗକୁ କାହାକୁ ନ କହି ପାରିବାର ଦୁଃଖ ଅନ୍ୟ ଏକ କବିତା ଆଣିପାରେ କିନ୍ତୁ ଏହା ପୂର୍ବ କବିତାର ଆତ୍ମ ଐଶ୍ୱର୍ଯ୍ୟ ରୋମନ୍ଥନରୁ ଜାତ, ଭିନ୍ନ ନୁହେଁ ।

ମୁଁ...ମୁଁ ନଥାଏ କବିତା ଲେଖିଲା ବେଳେ । କବିତା ଜନ୍ମ ସାରି ହୋସକୁ ଫେରିଲା ବେଳକୁ ଏନ୍ତୁଡିଶାଳର ମହମହ ବାସ୍ନା ପୁଣି ରୁନ୍ଧି ନିଏ ।

**❑ କିଛି କବିତା ବିନା ଡ଼ାକରାରେ ଆସି ମନର ଡାଳରେ ବସା ବାନ୍ଧେ । କିଛି କବିତା ଯେତେ ଡାକିଲେ ବି ଉନ୍ମାଦ ଚଢ଼େଇ ପରି ଫୁର୍ କିନା ଉଡିଯାଏ । ପ୍ରତିଚୀଙ୍କୁ କବିତାର ଏ ଦୁଇଟି ରୂପ କେବେ ଆକ୍ରାମାକ୍ରା କରିଛି ?**

● ନୀରବ ଥିବା ଶବ୍ଦମାନେ ଜନ୍ମ ହେବା ପୂର୍ବ ଭାବସମ୍ବେଦନା ଜାତ ହେଲେ ମୁଁ ଆତ୍ମାରୁ ଧରି ରଖିବାକୁ ଚାହେଁ, ସେ ଅଫୁରନ୍ତ ଉତ୍ସକୁ । ବେଳେବେଳେ ସେ ନିଜ ଆଡୁ ଧରାଦିଏ ଓ ବେଳେବେଳେ ଖସି ଯାଏ ।

କେବେ ହସରେ ଲୁହାଏ ଓ ଲୁହରେ ହସେ ଏଣୁ ବୁଝିଯାଏ, ମୁଁ ବ୍ୟତିକ୍ରମ ନୁହେଁ ବରଂ ବ୍ୟଥିତ କ୍ରମ ।

## ପ୍ରତୀଚୀଙ୍କ କବିତା : ଉତ୍‌କ୍ରମଣ

ବିରତିର ଅନେକ ସୋପାନ ପରେ
ଆଜି ଖୋଜିବାକୁ ଇଚ୍ଛା ହୁଏ
ଟିକିଏ ସୁଯୋଗ
ଗୋଟିଏ ଚୋରା ଗଳି
ଯେଉଁଥିରେ ଲେଉଟି ହେବ
ରାତି ଗହଳିରେ
ଫୁଙ୍ଗୁଳା ପାଦରେ ।


▲ ପ୍ରତୀଚୀ ନନ୍ଦ

ଲେଉଟି ଆସନ୍ତା ନିଷ୍ପାପ ବୟସ
ଅବୁଝା କଅଁଳ ସକାଳ
ଲୋରୀର ଗହମ ନିଦ
ପୁଣି ନିଦରେ ଷଠୀ ମାଆର ଆସର
ମୁହଁରେ ଅଜ୍ଞାତ ହସ କାନ୍ଦର ସମାବେଶ
କେବେ କେବେ ଶୁଭେ
ଦୁଃଖର ନୁହେଁ; ଭୋକର କୁଆଁ କୁଆଁ
ଝରି ଆସେ ମମତା ଛାତିର ଅମୃତ ।

ଆଇନରେ ଦିଶନ୍ତା
ସୁରକ୍ଷାର କଳାଚାନ୍ଦ କବଚ
ବିଛଣାରେ ଶୋଇ ରୁହନ୍ତା କଜଳପାତି
ସରାଗ ଭିଜା ପଣତ ତଳେ
ଆଶ୍ୱସ୍ତ ହୁଅନ୍ତା ମାତୃତ୍ୱ
ପୂଜି ପୂଜି ଦ୍ୱିତୀୟା, ଦ୍ୱାଦଶୀ ଚାନ୍ଦ
ଅବା ଦ୍ୱିତିବାହନ ।

ସନ୍ଧ୍ୟା ପାପୁଲିରେ ଖସି ପଡ଼ନ୍ତା
ଶରଦୀ ଜହ୍ନମାମୁ
ଚିକ୍ ଚିକ୍ ତାରକସୀ ଆକାଶରେ
ମାଆ ଚିହ୍ନାଇ ଦିଅନ୍ତା ସପ୍ତର୍ଷି
ଆଉ ସେଇ ଆଖପାଖରେ
ତାରା ହେଇ ଦେଖୁଥିବା ଆତ୍ମୀୟ ପୂର୍ବଜଙ୍କୁ ।

ମାଡ଼ି ଆସନ୍ତା ବହଳ ରାତି
ଆଇମା କାହାଣୀର ପୃଷ୍ଠଭୂମି ହୋଇ
ଚେଇଁ ଉଠନ୍ତେ ବୁଢ଼ୀ ଅସୁରୁଣୀ, ରାଜାପୁଅ,
ବେତାଳ ପରି କେତେ ଚରିତ୍ର
ଭରି ଦେବାକୁ ଆଖିରେ ଅଳସୀ ନିରବତା

ସବୁ କାମଶେଷ କରି
ପହଞ୍ଚି ଯାଏ ନିଦ ମାଉସୀ
ଗଢ଼ି ଦେବାକୁ ରଙ୍ଗମିଶା ସତେଜ ସ୍ୱପ୍ନ
ଆଉ ଲେଖିବାକୁ ଆଖି ତଳର ମୋହିନୀ କବିତା ।

ହଁ ଏଇଠୁ ହିଁ ଆରମ୍ଭ ହୁଏ
ଶୋଷର ନାଲିଗୋଡି ରାସ୍ତା
ଏଇଠୁ ହିଁ ଅଙ୍କୁରୋଦଗମ ହୁଏ
ଫୁଲ ପରି ନିବିଡ଼ ଏ ନୀରବତା ।

ଅମ୍ବାପୂଜା,ହଳଦୀପଦା,ବାଲେଶ୍ୱର-୭୫୬୦୨୭,
ଫୋନ: ୭୦୬୪୫୧୫୭୯୪

## ଅଂଶୁମାନ ସାହୁ (ଜନ୍ମ ୨୦୦୦)

ଉଭୟ ଗଳ୍ପ ଓ କବିତା ତାଙ୍କ ଚେତନାର ଚାରଣଭୂଇଁ । ଶବ୍ଦମାନଙ୍କ ସତର୍କ ପ୍ରୟୋଗ ଓ ଆବେଗକୁ ଅତ୍ୟନ୍ତ ସଶକ୍ତ ଭାବେ କବିତାରେ ଆଣି ଠିଆ କରିବା ତାଙ୍କର କାବ୍ୟିକ ପ୍ରବୃତ୍ତି । ସେ ପ୍ରତିବାଦ ଜାଣନ୍ତି, ପ୍ରେମ ବି ଜାଣନ୍ତି । ପାପୁଲିଏ ଛଳନାହୀନ ସମ୍ପର୍କର ଦ୍ୱାହିରେ ସେ ଅସ୍ୱୀକାର କରିପାରନ୍ତି ଜହ୍ନର ଅଭିସାର । ଛାତିଏ ଘା' ନେଇ ସେ ସାମ୍ନା କରିପାରନ୍ତି ରାତିରାତି ନିର୍ଜନତାର ଶାଣିତ ଅସ୍ତ୍ରକୁ । କେଇ ବୁନ୍ଦା ବିଶ୍ୱସ୍ତ ଝାଳର ପ୍ରେମରେ ସେ ପିଇପାରନ୍ତି ଉତ୍କଟ ଜହର । ଆସନ୍ତୁ ଅଂଶୁମାନଙ୍କୁ ବୁଝିବା, ଭଲପାଇବା ଓ ସାମ୍ନା କରିବା ।

### ସୃଜନର କାଠଗଡ଼ାରେ କବି

❑ **ଉଭୟ ଗଳ୍ପ ଓ କବିତାର ଅଲଗା ଅଲଗା ରାସ୍ତାରେ ନିଜକୁ ବାରମ୍ବାର ଭେଟିବା ଭିତରେ କେଉଁ ରାସ୍ତାଟି ଅଂଶୁମାନଙ୍କ ପାଇଁ ଅପେକ୍ଷାକୃତ ସହଜ ଓ ଗମ୍ୟ ?**

● ଗଳ୍ପ ଆଉ କବିତା ଉଭୟକୁ ଦୁଇଟି ଅଲଗା ଅଲଗା ବାଟ ବୋଲି ମୁଁ କାଇଁ ମନେ କରୁନି । ଏ ରାସ୍ତାର ନାଆଁ ସାହିତ୍ୟ ହିଁ ଥାଉ । ଏ ରାସ୍ତାରେ ମୁଁ ନିଜକୁ ବାରମ୍ବାର ଭେଟିବାକୁ ସାଧନାର ସଂଜ୍ଞା ଦିଆଯାଉ । ଗପ ଯଦି ପାହାଡଟେ ହୁଏ, କବିତା ତେବେ ଝରଣା । ପୁଣି ପାହାଡ଼ ଆଉ ଝରଣାର ସମ୍ପର୍କ ଯେ ଖୁବ୍ ଅନ୍ତରଙ୍ଗ । ଅନେକ ସମୟରେ ଗପଟିଏ ଲେଖିବାକୁ ଯାଇ ମୁଁ ଲେଖି ବସିଛି କବିତା । ପୁଣି କବିତା ଲେଖୁଲେଖୁ ଲେଖି ହେଇ ଯାଇଚି ଗପଟେ । ପ୍ରତ୍ୟେକଟି ଭାବନା ନିଜ ନିଜ ଭାଗ୍ୟ ନେଇ ଆସନ୍ତି । କିଛି କଥା କବିତାରେ ସହଜ ହୁଏ, କିଛି କଥା ଗପରେ । ତେବେ ମୋ ପାଇଁ ବେଶୀ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ଯେ, ମୋର କିଛି କଥା କହିବାର ଅଛି । ମୁଁ ଯଦିଓ ମୋର ସାହିତ୍ୟ ରଚନାକୁ ସାଧନା ବୋଲି ପ୍ରଥମରୁ ଗ୍ରହଣ କରିଛି, ତେବେ ବି ମୁଁ ସେତେ ସଚେତନ ନ ହୋଇ ଅନେକାଂଶରେ ବେପରୁଆ ହେଇଥାଏ । ଯାହା ଯେମିତି ଆତ୍ମପ୍ରକାଶ କରିବାର ଥାଏ, ମୁଁ ଅଧିକ ଯତ୍ନଶୀଳ ନ ହୋଇ ନିଜକୁ ସେ ସ୍ୱାଧୀନତା ଦିଏ । ଗପ ଅନେକ୍ ଠେଇଁ ବିସ୍ତୃତି, ବ୍ୟାପକତା ଚାହେଁ, କବିତା ପୁଣି ଅନେକ୍ ଠେଇଁ ଚାହେଁ ଅଳ୍ପରେ ଅନେକ କିଛି । ଯେଉଁ ଭାବ ଯାହା ଚାହେଁ, ମୁଁ ତାକୁ ସେ ପ୍ରକାର ନ୍ୟାୟ ଦେବାକୁ ଚେଷ୍ଟା କରେ । ଲେଖି ସାରି ମୋ ଧାଡିମାନଙ୍କୁ ଭଲ ପାଇବାକୁ ଚାହେଁ । ଏଯାବତ୍ ମୁଁ ଜଟିଳତା ଭିତରକୁ ସେତେ ହୁଏତ ପ୍ରବେଶ କରିନି । ସହଜ ବାଟର ବାଟୋଇ ବୋଲି କୁହା ଯାଇପାରେ ମୋତେ ।

❑ **କେବେ ଗପଟିଏ ଭିତରୁ କବିତାଟିଏ ପ୍ରକଟ ହେଇ ବିଦ୍ରୋହ କରିଛି ? ଯଦି ହଁ, ତେବେ ଏହାର ଦମନ ପାଇଁ ଆପଣ କେଉଁ ଉପଚାର କରିଛନ୍ତି ? ଗପର ଖୋଲା ପଡ଼ିଆରେ ଶବ୍ଦ ସହ ଶବ୍ଦ ହେଇ ଖେଳିଛନ୍ତି ନା କବିତାର ଗୁମସୁମ କୋଠରୀରେ ନିଜକୁ ପରସ୍ତ ପରସ୍ତ କରି ଖୋଲି ଦେଇଛନ୍ତି ?**

● ହଁ, ଏମିତି ହୋଇଛି । ମୋର ଗୋଟେ ଗପର ତ ଆରମ୍ଭ ହିଁ ଏକ କବିତାରୁ ହେଇଚି । ନା ମ, ଦମନ ପୁଣି କଣ ଯେ ! ମୁଁ ତ ବରଂ ଖୁସି ହେଇଚି ସେପରି ସ୍ଥଳେ । ମୁଁ ଭାବେ, ସୃଜନଶୀଳତା ବୋଧହୁଏ ସେମିତି ଏକ ଅଲୌକିକତା ; ଯାହା ଦ୍ୱାରା ଗପର ଖୋଲା ପଡିଆରେ ବି ଗୋଟେ ରୁଦ୍ଧ କୋଠରୀଟେ ଅନୁଭବ କରିହେବ, ପୁଣି କବିତାର ଗୁମ୍‌ସୁମ୍ କୋଠରୀରେ ବି ଭୋଗିହେବ ଗୋଟେ ବିସ୍ତୃତ ଖେଳ ପଡିଆର ପ୍ରଶସ୍ତ ଉନ୍ମୁକ୍ତପଣ, ଉଜ୍ଜ୍ୱଳତା । ସୁତରାଂ ମୁଁ ପ୍ରତ୍ୟେକଟି ଭାବନାକୁ ଗ୍ରହଣ କରି ନେଇଚି । ଉପଲବ୍ଧି କରିଛି । ଲେଖିଛି । ଏଇ ଯେମିତି ଆପଣ ମତେ ପଚାରି ପାରନ୍ତି ପୁଣି, ଏମିତି କେମିତି..? କାହିଁକି..? ଆଉ ମୋ ଉତ୍ତର ବି ଠିକ୍ ମୋ ଗପର ଏଇ ଧାଡ଼ିଟି ପରି, 'ପ୍ରେମରେ କୌଣସି କାହିଁକି, କେମିତିର ଉତ୍ତର ନାହିଁ ।' ଅତଏବ୍ ମୁଁ ଉଭୟ କବିତା ଏବଂ ଗପକୁ ପ୍ରେମ କରିଛି । ଆଉ ଉଭୟରେ ଛନ୍ଦି ହେଇ ଅଣନିଃଶ୍ୱାସୀ ହେବାରେ ବି ଲଭିଛି ପରମ ଆଶ୍ୱସ୍ତି । ଆଉ ଏସବୁ କେବଳ ସହଜ, ସମ୍ଭବ ହେଇଚି ମୋର ସତ ପ୍ରେମ ଯୋଗୁଁ । ହଁ, ଯେହେତୁ ଗପରେ ଟିକେ ଅଧିକ କଥା ଲେଖି ଦେଇଚି ସମ୍ଭବତଃ; ସେଇ ଦୃଷ୍ଟିରୁ ମୁଁ ଭାବେ, ଗପ ମୋ ପ୍ରେମିକା ଆଉ କବିତା ମୋ ଈପ୍‌ସିତା ପ୍ରେୟସୀ ।

### ଅଂଶୁମାନଙ୍କ କବିତା: ପୃଥିବୀର ସବୁ ବାପାମାନଙ୍କୁ

ଯେ ଅକ୍ଷର ଲେଖିବା ଶିଖାଇଛି,
ତା ପାଇଁ କବିତା କି ଲେଖିହୁଏ ?

ନିହାତି ଦଦରା ସାଇକେଲ୍‌ଟାକୁ
ଯୋଉ ଲୋକ ଚଳେଇ ଦେଲା
ଆହୁରି ଦଶ ବର୍ଷ ଯାଏ,
ଦାରୁଣ ଜୀବନଟାକୁ ବି
ସେ ଯେ ଚଳେଇ ନେବ
ଜୀବନର ଶେଷ ଯାଏ
ମୃତ୍ୟୁର ସ୍ପର୍ଶ ଯାଏ....


▶ ଅଂଶୁମାନ ସାହୁ

ତା ଗୋଇଠି ଫାଟି ଆଁ କଲେ
କି ଖଣ୍ଡିଆ ହେଇ ରକ୍ତ ବହିଲେ
ସେ ଯେତିକି ମଲମ ଲଗାଏନି,
ଛାତ କଣାରୁ ପାଣି ଗଳିଲେ କିନ୍ତୁ
ପିଠି କରି ଛିଡା ହୋଇଯାଏ....

ନିର୍ଦ୍ଧୁମ ଖରାରେ ପୋଡି ହେଇ
ଯେମିତି ତା ଦେହର ରଙ୍ଗ କଳା,
ଜାଳର ନିଆଁରେ ସିଝି ସିଝି
ସେମିତି ତା ଜୀବନର ରଙ୍ଗ ଧଳା ;
ତଥାପି ବି କେଉଁଠୁ କେଜାଣି
ଏତେ ରଙ୍ଗ ଆଣେ ସିଏ,
ହସି ହସି ସବୁରି ଜୀବନେ
ନିତି ବୋଳି ଦେଉଥାଏ....

ତାକୁ କାନ୍ଦିବାର
କେହି ଦେଖିନି କେବେ ବି,
ହସିଲେ ବି ଓଠ ଚାପିଦିଏ ;
କିଏ ଜାଣେ କେମିତିକା
ସଜୀବ ପଥରଟେ ସିଏ....!

ଏଇ ତ
ତମାମ ପୃଥିବୀ ଆଜି ଶୋଇ ଗଲା ପରେ

ଆସନ୍ତାକାଲିର ଚିନ୍ତା ସବୁ
ଲୁହ ହୋଇ ଝରୁଥାନ୍ତି ତା ହୃଦୟ ଭିତରେ....
ହେଲେ ଦିଶେନି କାହାକୁ ;
ଦିଶିବ ବା କେମିତି ?
ସେ ଯେ ଆଖିରୁ ଲୁହ ଝରାଇ ପାରେନି,
ଛାତିରୁ କାନ୍ଦେ.....

ତା ସାର୍ଟର ଫଟା କାଖ,
ତା ପ୍ୟାଣ୍ଟର କଟା ଗୋଡ଼,
ତା ଘଣ୍ଟାର ଛିଣ୍ଡା ଫିତା,
ତା ଗାମୁଛାର ଚିରା ସୂତା
ତାକୁ ଯେତିକି ଧୂଳି କରି ଉଡେଇ ନେଉଥାଏ
ସେ ପୁଣି ଫେରି ଆସୁଥାଏ ପ୍ରତି ଥର
ଆହୁରି ବଳ ଗୋଟେଇ,
ସବୁରି ଜୀବନରେ ଅବିରତ
ସୁଖର ବର୍ଷା କରିଚାଲିଥାଏ ;
ଅତି ଭୀଷଣ ଭିନ୍ନ ଏକ ବାତ୍ୟାଟିଏ ହେଇ ।

ସେ ବାତ୍ୟାର ନାଆଁ ଦେଇଛି ମୁଁ 'ବାପା'
ଯିଏ ଲାଣ୍ଡଫଲ୍ କରେ ଲୁହରେ ଲୁହରେ
ଅବପାତ ହୁଏ ମାଟିର ମାୟାରେ
ଅତିକ୍ରମ କରେ ଈଶ୍ୱରଙ୍କ ଛାଇରେ ଛାଇରେ !

**ସ୍ନାତକୋତ୍ତର ଛାତ୍ର, ସାଧାରଣ ପ୍ରଶାସନ, ସାମ୍ବାଦିକତା ଏବଂ ଗଣଯୋଗାଯୋଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ଫୋନ:୯୧୧୪୦୮୫୦୯୫**

## ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ(ଜନ୍ମ ୨୦୦୨)

ଗୋଟେ ଅଦ୍ଭୁତ ନୀରବତା ବେଶ୍ ସହଜ ସାବଲୀଳ ଢଙ୍ଗରେ ଅନୁଭବ ମାନଙ୍କୁ ଶିଳ୍ପୀ ସାଜି ରଙ୍ଗେଇ ଚାଲେ । ଗୋଟେ ଅବ୍ୟକ୍ତ ଅସହାୟତା ଶବ୍ଦଙ୍କର ଓଢଣୀ ଘୋଡେଇ ପ୍ରତି ମୁହୂର୍ତ୍ତରେ ସମୟକୁ ସାମ୍ନା କରେ ସମ୍ମୁଖ ଯୁଦ୍ଧରେ । ଗୋଟେ ଫୁଲଫୁଲ ମଦମତ୍ତ ପାଗଳାମି ଜୀବନକୁ ଭିଡିଧରେ ଗଭୀର ପ୍ରେମରେ । କିଏ ସେ ଉଦ୍‌ବେଳନ ଯାହା କବିତାକୁ କୁହୁକିନୀ କରେ ? ହଁ, ସେ ଆମ ସମୟର ତରୁଣ ଉଦ୍ଦାମତା ଶ୍ରୀସିକ୍ତା । ସେ ଜୀବନର ଜଳଛବି ନୁହେଁ ଜଳଛବିରୁ ସାଇତି ରଖନ୍ତି ଜୀବନକୁ । ଆସନ୍ତୁ ଭେଟିବା ତାଙ୍କ କବିତାର କୁହୁ ଓ ଜୀବନର ଉହୁ ।

### ସୃଜନର କାଠଗଡ଼ାରେ କବି

❑ **କବିତା କଣ କେବେ ଅଭିମାନ କରେ ? ସେ ଆପଣଙ୍କୁ କଣ ସବୁ କହେ ? କବି କଣ କବିତାର କଥା ସବୁବେଳେ ରଖିବାରେ ସମର୍ଥ ହେଇପାରେ ?**

● କବିତା ରାଗେ, ରୁଷେ, ଖୁବ୍ ବେଳ ଯାଏ ମୁହଁ ଫୁଲେଇ ବସେ । କେବେ କେବେ ତ ରାଗରେ ନାଲି ପଡି ଧରାଛୁଆଁ ଦିଏନି । କବିତା ମୋତେ ଦରଜକୁ କାଗଜରେ ଉତାରିବାକୁ କୁହେ, କବିତା ଭାବାବେଗକୁ ମଲମ କରି ଦରଭଙ୍ଗା ହୃଦୟରେ ବୋଳେ । କବିଟେ କବିତାର ଦାସ (କବିତା କବିର ନୁହେଁ), କବିତା ତା' ଇଚ୍ଛାରେ ହସେ,ଖେଳେ ଅନିଚ୍ଛାରେ ଇଞ୍ଚେ ଘୁଞ୍ଚେନି । ଅତଏବ ସମୟ ସମୟରେ କବି କବିତାର କଥା ମାନିବାରେ ଅସମର୍ଥ ହୁଏ,କିନ୍ତୁ କବିତାର କଥା ରଖିବା ଛଡା କବିର ଅନ୍ୟ ଗତି କାହିଁ ଯେ !

❑ **କବିତା ଲେଖିନପାରିବାର ଅସନ୍ତୋଷ ଓ ଲେଖିସାରିବା ପରର ଆନନ୍ଦ ମଝିରେ ଶ୍ରୀସିକ୍ତା କୋଉଠି ନିଜକୁ ଦେଖନ୍ତି ? ଶବ୍ଦ ଓ ଆବେଗର ହେମ ହରିଣୀ ପଛରେ ଦୌଡ଼ନ୍ତି ନା ନୀରବତାକୁ ରତୁଟିଏ କରି ନିଜକୁ ଖୋଜନ୍ତି ?**

● ମନ ଭିତରେ ଲେଖା ସରିଥିବା କବିତାଟିକୁ କାଗଜରେ ଉତାରି ନ ପାରିବାର କ୍ଲେଶ ମୋତେ ବେଳ ଅବେଳରେ କ୍ଷତାକ୍ତ କରେ ଓ କବିତାଟିଏ ଲେଖିସାରିବା ପରେ ଆତ୍ମସନ୍ତୋଷରେ ବିଭୋର ହୁଏ । ସବୁଥର କବିତା ଲେଖିସାରିବା ପରେ ନୂଆ କରି କବିତାଟିଏ ଲେଖିବା ପରି ଅନୁଭବ ହୁଏ । ସ୍ଥଳବିଶେଷରେ ପ୍ରତିଟି କବିତା ଲେଖିବା ପୂର୍ବରୁ ଓ ପରେ ନୀରବତାକୁ ସାଥୀ କରି ମୁଁ ନିଜକୁ ଭଲପାଏ, ଘୃଣା କରେ, ଭାଙ୍ଗେ, ଗଢିହୁଏ, ପୁଣି ନିଜକୁ ହଜେଇ ଦେଇ ଖୋଜିପାଏ ।

### ଶ୍ରୀସିକ୍ତାଙ୍କ କବିତା : ଈଶ୍ୱର



▲ ଶ୍ରୀସିକ୍ତା ଶୁଭଦର୍ଶିନୀ ନାୟକ

ଶୀତକୁ ମଫଲର୍ ପିନ୍ଧେଇ ଦେଇ
ସେ ପ୍ରେମକୁ ନିଆଁ କରି ଜଳିଯାଏ, ପୋଡିଯାଏ
ଖରାଟିଆ ପାଗରେ ତାତିକୁ ଫ୍ରିଜ୍‌ରେ ରଖି
ଝାଞ୍ଜିବାଆକୁ ନେସିହୁଏ ଦେହରେ ମନରେ
ବାଦଲକୁ ଗୋଟେ ସାତରଙ୍ଗୀ ଛତାରେ ଘୋଡେଇ
ଓଳିପାଣିରେ ଭାବାନ୍ତରକୁ ଡଙ୍ଗା ଭଳି ଭସାଏ ।

ସେ ବୁଝେନି କବିତାରେ କେତେ କଥା,
ହେଲେ ମୁଁ ଲେଖିବସିଲେ ଲିଭେଇ ଦେଇଯାଏ
ଶୋଇବା ଘରର ଆଲୁଅ, କେବେ ଥରେ କହିଥିଲି
ଅନ୍ଧାରରେ ଧରାଦିଏ ଯେତେସବୁ ଶବ୍ଦ ଆଉ ଭାବ !
ମୁଁ ପୁନେଇଁ ରାତିରେ ଜହ୍ନ ଦେଖେ, ସେ ଅଳ୍ପ ହସେ
ସେ କଥା କୁହେ, ମୋତେ ଶୁଭେ ଜହ୍ନମାମୁ ଗପ
ମୁଁ ଶୁଣାଏ କବିତା,ସେ ଶୋଇଯାଏ ଆଖି ମୁଦି
ସେ ଶୋଇଗଲା ପରେ, ମୁଁ ଭୋଗେ ଅମେଇସା କଳାରାତି ।

ସେ ଖୁବ ଭଲକି ଜାଣେ
କେମିତି ଶାଢ଼ୀକରି ଭାଙ୍ଗିହୁଏ ଦୁଃଖ
ଗଲାକାଲିର ଦାଗ ଭଳି ପୋଛିହୁଏ ଯନ୍ତ୍ରଣା
କେମିତି ଦରଜରେ ଘଷାଯାଏ ସ୍ମିତହାସ୍ୟର ମଲମ
ପୁଣି ଉଡ଼ାଯାଏ କୋହକୁ ଧୂପକାଠିର ଧୂଆଁକରି !
ମାଟିଘର କାନ୍ଥ ଭଳି ମୁଁ ଲୁହରେ ବତୁରିଗଲାବେଳେ
ମେରିଖୁଣ୍ଟ ହୋଇ ସେ ଗଢିଦିଏ ମୋ ସ୍ୱପ୍ନର ମହଲ
ଦୀର୍ଘଶ୍ୱାସରେ ଆଉଟି ହୋଇ ବିଞ୍ଚିହୋଇଗଲେ
ସେ ସାଉଁଟିନେଇ ମୋତେ ଫୁଲ ଭଳି ସଜାଏ
ମୋ ଆକୁଳ ଆଖିଦୁଇକୁ ପଢିନେଇ ସେ
ତା' ଛାତିରେ ଆଉଜେଇ ଦେଲାବେଳେ
ମୁଁ ତା'ଠି ବିଭୋରବେଳାରେ ପ୍ରେମିକଟେ ନୁହେଁ
ଅଗୁରୁ,ଚନ୍ଦନର ମହମହ ବାସରେ ଈଶ୍ୱରଙ୍କୁ ଭେଟେ ।

**ସ୍ନାତକ ତୃତୀୟ ବର୍ଷର ଛାତ୍ରୀ, ରେଭେନ୍ସା ବିଶ୍ୱବିଦ୍ୟାଳୟ,ଗ୍ରାମ : ବାଇଁଗୋଳ, ପୋ : ତେନ୍ତୁଳିପଦା, ଜିଲ୍ଲା : ଜଗତସିଂହପୁର-୭୫୪୧୩୬, ଫୋନ:୮୨୪୯୨୯୯୭୮୯**

## ମନୀଷା ବିଶ୍ୱାଳ (ଜନ୍ମ ୨୦୦୦)

ଆମ ସମୟର ଜଣେ ପ୍ରଖର ଜୀବନବାଦୀ ତରୁଣ କବି ରୂପେ ମନୀଷା ଏକ ଉଜ୍ଜ୍ୱଳ ସମ୍ଭାବନାର ସ୍ୱାକ୍ଷର । ପ୍ରେମ ଓ ଜୀବନ ତାଙ୍କ ପାଇଁ ଉଭୟ ପରିପୂରକ । ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ କଜଳ କରି ଆଖିରେ ନାଇବାର କଳାରେ ସେ ଧୁରୀଣ । ଦେହର ଦାସକାଠିଆ ଗୀତରେ ନୁହେଁ ବରଂ ବିଦେହର ସଶକ୍ତ ଆବେଗ ତାଙ୍କୁ ପ୍ରେମ ସହ ସନ୍ଧି କରିବାକୁ ପ୍ରେରଣା ଦିଏ । ଜୀବନକୁ ତିଳତିଳ

କରି ଭୋଗିବାର ଜଟିଳତା ଭିତରେ ସେ ଆଙ୍କିପାରନ୍ତି ସ୍ୱପ୍ନଙ୍କ ସରଳ ସ୍ଥାପତ୍ୟ । ଜହ୍ନରାତି ତାଙ୍କ ପାଇଁ ପ୍ରବଣତା ନୁହେଁ ବରଂ ହୃଦୟର ସ୍କେଟରେ ଗାର ହେଇ ହସୁଥିବା ଗୋଟେ ନିରୀହ ସରଳରେଖା ଯିଏ ଲିଭିଯିବାର ଅର୍ଥ କଣ ଜାଣେ । ସରଳ ଶବ୍ଦଙ୍କ ଅଭିମନ୍ତ୍ରିତ ମଧୁରତାରେ ତାଙ୍କ କବିତା ପକ୍ଷୀର କଳରବ ପରି ବେଶ୍ ଆପଣାର । ଆସନ୍ତୁ ଭେଟିବା ମନୀଷାଙ୍କ କାବ୍ୟିକ ପ୍ରତିବଦ୍ଧତାକୁ ।

## ସୃଜନର କାଠଗଡ଼ାରେ କବି

**❑ ନର୍ସିଂ ଭଳି ଅତ୍ୟନ୍ତ ଦାୟିତ୍ୱପୂର୍ଣ୍ଣ ଓ ସେବା ଆଧାରିତ କର୍ମରେ ସାମିଲ ଥିବା ବେଳେ କବିତାର ଆତୁର ଡାକ କେବେ ଦିଗହରା କରିଛି ନା ସେଇ ସେବାର ପ୍ରତିଟି ସୋପାନ ଭିତରେ କବିତାଟିଏ ହିଁ ମନୀଷାଙ୍କୁ ଆଗକୁ ଆଗକୁ ଟାଣିନେଇଛି ?**

● ନର୍ସିଂ ମୋର ବୃତ୍ତି, ଏହା ପୁଣି ମୋ ପାଇଁ ଅସୁମାରୀ କବିତାର ଖୋରାକ । ରୋଗ, ଦୁଃଖ,ଶୋକ,ଭୋକ ସବୁଠି ମୁଁ କବିତାଟେ ଭୋଗେ । କେବେ କେବେ ସମୟର ସ୍ୱଳ୍ପତାରେ କବିତାର ଡାକକୁ ଅଣଦେଖା କରିଛି, ସେହି କ୍ରମରେ କବିତା ରୁଷିବସେ ହେଲେ ପ୍ରତିଦିନ ମୋ ବୃତ୍ତିଗତ ସୋପାନରେ ମୁଁ ଅସଂଖ୍ୟ କବିତା ଭେଟେ ।

**❑ କବିତାକୁ ନେଇ କିଛି ସ୍ୱପ୍ନ ଅଛି ନା ସ୍ୱପ୍ନ ମାନଙ୍କ ମିଠାପଣ ହିଁ କବିତା କବିତା ବାସିଛି ?**

● କବିତାକୁ ନେଇ ମୋର ସ୍ୱପ୍ନ କବିତା ଚିରକାଳ କବିତାଟେ ହୋଇ ରହୁ; ଅନୁଭବରେ ଜଡ଼ସଡ଼, ଅନୁଭୂତି ବିଜଡିତ । ତମାମ ସ୍ୱପ୍ନଙ୍କ କୋଳାହଳ ହିଁ ମୋ ପାଇଁ ସବୁଠୁ ମିଠା କବିତା । ସ୍ୱପ୍ନରେ ବି ଈପ୍ସିତ ପ୍ରେମ ସମ୍ଭବ,ଏତକ ମୋତେ କବିତା ହିଁ ଶିଖେଇ ଦେଇଛି ।

## ମନୀଷାଙ୍କ କବିତା : ସେ ଆଖି

ସେ ଆଖି ଦି'ଟା ଆଖି ନୁହେଁ
ତୁଚ୍ଛା ମେଘ;
ବହିଯିବେ ଏଇ ଲମ୍ବିଥିବା ରାସ୍ତାରେ
ଅପେକ୍ଷା ଯେତେ ମୂଲ୍ୟହୀନ ।

ସେ ଆଖି ଡ଼ରେ
ଦାନ୍ତରେ ଜରି ପ୍ୟାକେଟ୍ ଛିଣ୍ଡେଇଲା ବେଳେ,
ତାଳ ଗଛରୁ
ପକ୍ଷୀଟା ଫଡ଼ଫଡ଼ ହେଲେ;
ନାଆରେ ପାଲ ଟାଣିଲେ ।

ସେ ଆଖି ଖରାକୁ ପିଏ
ରାତିରେ ତାକୁ ଜର ହୁଏ;
ଲୁହ ଗଜଲ ଗାଏ
ଏ ସବୁ ରୀତିମତ ଚାଲେ ।


ମନୀଷା ଭିଞ୍ଚ

ସେ ଆଖି ଭୂଇଁରେ ପଡିଛି
ଠାଏ ଠାଏ ହେଇ...
କିଛି ଝରିପଡ଼ିଥିବା ଫୁଲ ସହ ସନ୍ଧି କରି
ପାଖରେ ପଡ଼ିଛି ବତୁରା ବିସ୍କୁଟ ଫାଳ ।

ସେ ଆଖି ଈଶ୍ୱର ହୁଏ
ହେଲେ ଛଦ୍ମବେଶୀ;
ଗଛର କୋରଡ଼ରେ ସେ ସଜାଏ ନିଜକୁ
ନିଦ ଥିଲେ ସିନା ସ୍ୱପ୍ନ ! ନହେଲେ,
ଭାବନାମାନଙ୍କର ଭିଡ଼ ।

ସେ ଆଖି ଧଳା ଲୁଗା ପିନ୍ଧା ଶବ
ସ୍ୱଇଚ୍ଛାରେ ଆତ୍ମାର ଗମନାଗମନ.,
ଆଞ୍ଜୁଡ଼ା ଦାଗ ଗୁଡ଼ା ଲୁଚି ଯା'ନ୍ତି
ସହର ଶେଷରୁ ନିର୍ଗତ ଧୂଆଁ ଯେତେରେ;
ବଳକା କିଛି ଚିହ୍ନା ପକ୍ଷୀ
ଉଡିବା ଭୁଲିଯାଇଛନ୍ତି ।

ସେ ଆଖି ଅଧାଚିରା ରଫ୍‌ଖାତା
ହିସାବ ରଖିଛି ହାଟସଉଦା,ବାଲି ସିମେଣ୍ଟ
ଅଳନ୍ଧୁରେ ଛନ୍ଦା ସନ୍ଦେହ,
ଅଭାବୀ ଅଭିମାନ ! !
ସମସ୍ତ ଉପଲବ୍ଧି ଓ ନୀରବ କାହାଣୀର ।


ସେ ଆଖି ଝରକା ସେପାଖର ଆଲୁଅ
ଯେଉଁଠି ଅନ୍ଧାରର ଇସ୍ତାହାର;
କିଛି ଜୀବନ ବିକାଳୀ ମାନଙ୍କ ଚିତ୍କାର !
ଯେଉଁଠି ଲେଖି ହେବ କବିତା
ବିପରୀତ ଶବ୍ଦମାନଙ୍କୁ ଯୋଡ଼ି ।

ସେ ଆଖି ଦି'ଟା ହିଁ ପ୍ରେମ
ଯାହାକୁ ଭୋଗିବାକୁ ଲୋଡ଼ା ଅନନ୍ତ ପ୍ରତୀକ୍ଷା ।

ଶୁଭଶ୍ରୀ ଭିଲ୍ଲା, ଡମଣା, ଭୁବନେଶ୍ୱର, ଫୋନ:୮୬୫୮୦୦୦୭୬୨

## ଶେଷ କଥା

**ହଁ, ଏଇଠି ସାରିବା ୯ ଜଣଙ୍କ ନୂଆପଣର ନଈପହଁରା ? ହେଲେ ଏ ଫଗୁଣର ବଗିଚାରୁ ଫୁଲଗଛ କଣ ମରେ ନା କବିତାର ଏ କୁହୁକିନୀ ଗପ କଣ ସରେ ! ସବୁ ଶେଷର ଏ ଘାଟରେ ପୁଣି ଆସି ଲାଗେ ଗୋଟେ ଗୋଟେ ନୂଆ ନାଆ । ବୋଝେଇ ହୁଏ ଭଳିକି ଭଳି ସ୍ୱପ୍ନ । ବୋଝେଇ ହୁଏ ସମୟ ସହ ଲଢେଇ ପାଇଁ ଭଳିକି ଭଳି ହତିଆର । ନିଆଁର ଲକ୍ଷ୍ୟଭେଦ କରୁକରୁ ଅଣ୍ଟା ଯାଏଁ ଜାବୁଡିଧରେ ଝରଣା । ଶୋଷମାନଙ୍କୁ ଧୋରେ ବାୟା ଧୋ ଶୁଣାଇ ଶୁଆଇ ଦେବା ବେଳେ ଛାତିରେ ବିଞ୍ଚିହୁଏ ସରାଗର ଫୁଲ । ଗୋଟିଏ ଶବ୍ଦର ଗୀତରେ ଶୀତଳ ହୁଏ ସବୁ ନିଆଁଝୁଲ । ଏଇଠି ହିଁ ଜୀବନର ସଂକୀର୍ତ୍ତନ କରେ ନୂଆପଣ । 'ରେବତୀ'ରେ ସ୍ଥାନିତ ଏଇ ନଅ ନୂଆମୁହଁ ବି କାହା କାହା ପାଇଁ ହୁଏତ ପୁରୁଣା । କାହା କାହା ପାଇଁ ବିଶ୍ୱାସର ବୀଜ । ହେଲେ ନୂଆପଣର ଏ ବାସ୍ନା ଯେ କିଛି ସମୟ ପାଇଁ ଅନେକ କାବ୍ୟମନସ୍କ ପାଠକଙ୍କୁ ଆନ୍ଦୋଳିତ କରିବ, ଏହା ନିଃସନ୍ଦେହ । ଆମର ଏ ପ୍ରୟାସ ଗୋଟେ ଗଡ଼ ଜିତିବାର ଅହଙ୍କାର ନୁହେଁ ବରଂ କବିତାର କାଣ୍ଡାରିପଣ ପ୍ରତି ଛୋଟ ସମର୍ପଣ ହିଁ ହେଉ । ଏହା କବିତାର ଦର୍ପଣରେ ମୁହଁ ଦେଖୁଥିବା ଉଲ୍ଲସିତ ବିଶ୍ୱାସ ନହେଉ ବରଂ ଦର୍ପଣ ଆଗରେ ଲଙ୍ଗଳା ହେଇ ଠିଆ ହେଇଥିବା ଗୋଟେ ଗୋଟେ କବିତାର ନିରୀହ ହସ ହିଁ ହେଉ । ବାସ୍, ଜୀବନକୁ ଭୋଗିବାର ଦାୟରେ ହେଉ କି ଜୀବନକୁ କବିତାର ଭାଗ୍ୟ ବନେଇବାର ଦୁଃସାହସ ହେଉ, କିଛିଗୋଟେ ତ ହେଉ । ଆସ, ସେଇ ନିଦା ନିଃଶ୍ୱାସ ମାନଙ୍କୁ ଏଇଠି ଛାଡ଼ିଦେବା ନିଜ ନିଜ ଉଦାମତାରେ । ନଈ ପହଁରା ଏଇ ତ ଆରମ୍ଭ । ଆରଥରକୁ ଆଉ ଥୋକେ ନୂଆମୁହଁ ସହ ଆସିବି ।**



HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com

ପ୍ରସଙ୍ଗ - ୨

# ୯ କଳାର କିମିଆ ମୁହଁ ନୂଆ ନୂଆ



















# କଳାର ନୂଆ ଆୟୋଜନ
# ଶିଳ୍ପୀ ନଅ ଜଣ


**ମାନମୟୀ ରଥ**

ଅଧ୍ୟକ୍ଷା: ସେଣ୍ଟ ଜାଭିଆର କିଡ୍ସ,
ବାଲିପୁଟ, ପୁରୀ
ଫୋନ:୭୯୭୮୫୭୯୩୯୯


ଫଟୋ ସୌଜନ୍ୟ : ଲେଖିକା

**ନୂଆବର୍ଷର ନୂଆ ସକାଳରେ 'ରେବତୀ' ନବବର୍ଷ ସଂଖ୍ୟାଟିକୁ ଉତ୍ସର୍ଗ କରେ ନୂଆମୁହଁ ପାଇଁ । ସାହିତ୍ୟ, ଚିତ୍ରକଳା, ପତ୍ରିକା ସମ୍ପାଦନା, ପୁସ୍ତକ ପ୍ରକାଶନ କ୍ଷେତ୍ରରୁ ନବପ୍ରତିଭାମାନଙ୍କୁ ସାଉଁଟି ଆଣି ଆଉଁସି ଦିଏ ସ୍ନେହରେ । ଏଥର ଚିତ୍ରକଳା ଜଗତରୁ ନଅ ନୂଆମୁହଁଙ୍କୁ ଜାଣନ୍ତୁ ।**

ପିକାଶୋଙ୍କ 'ଗୁଏର୍ନିକା' ହେଉ କି ସାଲ୍‌ଭାଡାର ଦାଲିଙ୍କ 'ରୋଜ୍ ଇନ୍ ମେଡିଟେସନ୍', ଭ୍ୟାନ୍ ଗଗ୍‌ଙ୍କ 'ଦି ଷ୍ଟାରି ନାଇଟ୍' ହେଉ କି ସାରଳା ମହାଭାରତରେ ବର୍ଣ୍ଣିତ ନବଗୁଞ୍ଜରର ପ୍ରତ୍ୟେକ ଚିତ୍ର ପଛରେ ଉଙ୍କି ମାରୁଥାଏ କାହାଣୀ । ଭାବକୁ ଇଙ୍ଗିତମୟ କରି ରଙ୍ଗ ଓ ରେଖା ମାଧ୍ୟମରେ ଶିଳ୍ପୀ ତାହାର ପରିସ୍ଫୁଟନ କରାଏ, ସ୍ଥପତି ହୋଇ ଗଢେ ତ ଆଉ କେଉଁଠି କଳାକୁ ବିଭିନ୍ନ ପ୍ରୟୋଗ ସାହାଯ୍ୟରେ ରୂପାନ୍ତରିତ କରେ । ରେଖାକୁ ନେଇ, ରଙ୍ଗକୁ ନେଇ, ବାଲିକୁ, ଅଙ୍ଗାରକୁ, ପଥରକୁ, ଗଛର ଅବୟବକୁ ନେଇ ଏମିତି ଅଜସ୍ର ମାଧ୍ୟମକୁ ନେଇ ଶିଳ୍ପୀ ତାର କଳ୍ପନାରେ ଅଧିକରୁ ଅଧିକ ଧୀଶକ୍ତି ପ୍ରୟୋଗ କରି ଦେଖଣାହାରୀଙ୍କୁ ଆଚମ୍ବିତ କରେଇବାର ଚେଷ୍ଟାରେ ଥାଏ । ଭାବକୁ ଚିତ୍ରରେ ବଦଳାଇ ପାରିବାର ଦକ୍ଷତା ହିଁ ଠୁଳ କରିଥାନ୍ତି ବିଧାତା ଏହି ଶିଳ୍ପୀମାନଙ୍କ ପାଖରେ । ସେହି ଶିଳ୍ପୀ ଯିଏ ମନଭୂଇଁରେ ଦିଶୁଥିବା କଳ୍ପନାର ଝାପ୍‌ସା ଚିତ୍ରକୁ ନିରିଖେଇ ସତତ ପ୍ରୟୋଗରେ ଥାଏ କାଗଜରେ, କାନ୍‌ଭାସ୍‌ରେ, କାନ୍ଥରେ, ବାଡ଼ରେ, ଚଟାଣରେ, ଦେଉଳର ଦେହରେ ଆଉ କେଉଁ କେଉଁ ସର୍ଜନ କ୍ଷେତ୍ରରେ ।

ଚରିତ୍ରର ନିଖୁଣ ଭାବରୂପକୁ ପରିସ୍ଫୁଟନ କରିବା ପାଇଁ କେଉଁ କେଉଁ ଶିଳ୍ପୀ କଳାର ଆନୁଷ୍ଠାନିକ ଶିକ୍ଷାକେନ୍ଦ୍ରର ସହାୟତା ନେଇ କାମ କରନ୍ତି ତ ଆଉ କେହି କଳ୍ପନାକୁ, ପ୍ରକୃତିକୁ, ଆଖପାଖରେ ଦ୍ରୋଣଙ୍କୁ ଠାବ କରି ଆଙ୍କୁଥାନ୍ତି ଚିତ୍ର ଓ ବିସ୍ମୟବିହ୍ୱଳ କରୁଥାନ୍ତି ଦର୍ଶକଙ୍କୁ । ଓଡ଼ିଆ ପରମ୍ପରାକୁ ଅତ୍ୟନ୍ତ ମନୋରମ ଶୈଳୀରେ ପଟ୍ଟଚିତ୍ରରେ ଆଙ୍କୁଥିବା ଦାଣ୍ଡସାହିର ରଶ୍ମିତା, ବାଙ୍ଗାଲୋର୍‌ରେ ଗ୍ରାଫିକ୍ସ କଳାକୁ ଆଧୁନିକ ଜୀବନରେ ପ୍ରୟୋଗ କରୁଥିବା କଂପ୍ୟୁଟର ଇଞ୍ଜିନିୟର ଅନ୍ୱେଷା, ସୁଦୂର ଆମେରିକାରେ ସଫ୍ଟୱେର ଇଞ୍ଜିନିୟର ଭାବରେ କାମ କରୁଥିବା ଅଭିମନ୍ୟୁଙ୍କ ପ୍ରତୀକାତ୍ମକ ଚିତ୍ର ମାଧ୍ୟମରେ ସ୍ୱପ୍ନଦେଖା, ବିଶ୍ୱକାନ୍ତଙ୍କ ସଙ୍ଘର୍ଷମୟ ଜୀବନର ଚିତ୍ର, ଅନ୍ତଃକରଣର ଇଙ୍ଗିତମୟ ଶୋଷରେ ଅଧୀର ମୟୂରଭଞ୍ଜର ଶିଳ୍ପୀ ଆଶିଷ, ଚିତ୍ରରେ ମୁକ୍ତିର କାହାଣୀକୁ ପ୍ରତିକୀତ କରୁଥିବା ମୁକ୍ତିପଦ, ଲୋକକଳା ଓ ସଂସ୍କୃତିକୁ ଆଧାର କରି ଚିତ୍ର ଆଙ୍କୁଥିବା ସୁଭଦ୍ରାଙ୍କ ଉଦାହରଣ ହେବାର ଅଭିଳାଷ, କୈଶୋରାବସ୍ଥାରେ ଥିବା ବ୍ୟକ୍ତିତ୍ୱ ବିଶେଷକୁ ସଂସ୍କାରର ଅଭିନବ ଧାରାରେ ପକେଇବାକୁ ଚାହୁଁଥିବା ସଶିବ, ଚିତ୍ରର ପ୍ରେମରେ ନିଜେ ଚିତ୍ର ହେବାକୁ ପସନ୍ଦ କରୁଥିବା ଈପ୍‌ସିତା ସର୍ବଦା ସେହି କଳାର ଆୟୋଜନରେ ଥାଆନ୍ତି ଯାହାର ସ୍ୱରୂପ ଅତୀତରୁ ଆରମ୍ଭ ହୋଇ ବର୍ତ୍ତମାନରେ ଗଚ୍ଛିତ ହୋଇରହେ ଭବିଷ୍ୟତ ପାଇଁ ।

## ସଂଘର୍ଷମୟ ଜୀବନର ଚିତ୍ର : ବିଶ୍ୱକାନ୍ତ ପଣ୍ଡା

ଯାମିନୀ ରାୟ, ରାଜା ରବି ବର୍ମା, ଏମ. ଏଫ. ହୁସେନ, ଏସ. ଏଚ. ରାଜା ପ୍ରମୁଖ ଚିତ୍ରଶିଳ୍ପୀଙ୍କ ଛବି ଦ୍ୱାରା ପ୍ରଭାବିତ ଆମର ଏହି ସ୍ୱନାମଧନ୍ୟ ଚିତ୍ରକର ୨୦୧୬ ମସିହାରେ ଚାଉଳ ଏବଂ ଧାନକୁ ବ୍ୟବହାର କରି ପୃଥିବୀର ସର୍ବବୃହତ ରାକ୍ଷୀ ପ୍ରସ୍ତୁତ କରି ନିଜ ନାଁକୁ ଲିମ୍‌କା ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନିତ କରିଛନ୍ତି । ତାଙ୍କ ଚିତ୍ର ଜୀବନର ଆଦ୍ୟ ପ୍ରେରଣା ତାଙ୍କର ମାଆ ହିଁ ଯାହାଙ୍କ ମାଣବସା ଗୁରୁବାରର ଝୋଟିଚିତା, କାର୍ତ୍ତିକ ପୂର୍ଣ୍ଣିମାର ମୂରୁଜର ଲୋଭନୀୟ ରୂପ ତାଙ୍କୁ ଚିତ୍ରକର ହେବାକୁ ପ୍ରବର୍ତ୍ତେଇଛି । ୧୯ଜୁନ ୧୯୯୨ରେ ଜନ୍ମିତ ବିଶ୍ୱକାନ୍ତ ପଣ୍ଡା କମର୍ସରେ ଯୁକ୍ତ ଦୁଇ ଅଧ୍ୟୟନ କଲା ପରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଅଧୀନରେ ଭିଜୁଆଲ ଆର୍ଟରେ ସ୍ନାତକ, ସ୍ନାତକୋତ୍ତର ଏବଂ ଏମ୍ ଫିଲ୍ କରି ସଂପ୍ରତି ଧଉଳି କଲେଜ ଅଫ୍ ଆର୍ଟ ଆଣ୍ଡ୍ କ୍ରାଫ୍ଟରେ ଅଧ୍ୟାପନା କରୁଛନ୍ତି । ଫଟୋଗ୍ରାଫିରେ ସ୍ୱତନ୍ତ୍ର ତାଲିମ ନେଇଥିବା ବିଶ୍ୱକାନ୍ତ ପ୍ରୟୋଗାତ୍ମକ ଚିତ୍ରରେ ବହୁପ୍ରକାରର ପରୀକ୍ଷା ନିରୀକ୍ଷା କରିଥାନ୍ତି । ସେ କୁହନ୍ତି ଚିତ୍ରରେ ଅନେକ କିସମର ଶୈଳୀର ପ୍ରୟୋଗ କରି ସେ ଆତ୍ମସନ୍ତୋଷ ଲାଭ କରନ୍ତି । ରଙ୍ଗର ମାନ, ସ୍ଥିତି ଓ ସାଙ୍କେତିକ ପ୍ରୟୋଗରେ ଚିତ୍ରର ଅର୍ଥବଦଳ ଏବଂ ତାକୁ ନେଇ ନୂଆ କିଛି କରିବାର ସଂକଳ୍ପରେ ବିଶ୍ୱକାନ୍ତ ସଦା ଚେଷ୍ଟିତ ଥାଆନ୍ତି । ସେ ତାଙ୍କ ଶିଳ୍ପୀସତ୍ତାର ଛାପ ଛାଡିବାକୁ ଚେଷ୍ଟା କରନ୍ତି ନିଜର ଏକ ସ୍ୱତନ୍ତ୍ର ଧାରା ତିଆରି କରି । ନିଜ ଚିତ୍ରରେ ପରିବେଶ ଆଧାରିତ ବାର୍ତ୍ତାକୁ ପ୍ରଦର୍ଶିତ କରିବାକୁ ସେ ଇଚ୍ଛା କରିଥାନ୍ତି । ଇଚ୍ଛା ବି କରିଥାନ୍ତି ନିଜର ଆରାଧ୍ୟ ଜଗନ୍ନାଥ ଅଥବା ପ୍ରିୟତମ



▶ ଉପସ୍ଥାପିକା ମାନମୟୀ ରଥ



▶ ବିଶ୍ୱକାନ୍ତ



ମଣିଷଙ୍କୁ କେଉଁଠି ନା କେଉଁଠି ନିଜ ଚିତ୍ରରେ ସ୍ଥାନିତ କରିବାକୁ ।

ଜୀବନ ଓ ଜୀବିକା ଦୃଷ୍ଟିରୁ ଶିଳ୍ପୀଟିଏ ହୋଇ ବଞ୍ଚିବା ଯଦିଓ କଷ୍ଟକର କିନ୍ତୁ ଶିଳ୍ପୀର ଭାବଟି ହୃଦୟରେ ପୋଷଣ କରିବା ଖୁବ୍ ଆନନ୍ଦମୟ । ଶିଳ୍ପୀ ଜୀବନ କେବେ ହେଁ ସରଳରୈଖୀୟ ନୁହେଁ, ତାର କାର୍ଯ୍ୟ ପରି ତାକୁ ମଧ୍ୟ ବହୁ ସ୍ତର ଦେଇ ଗତି କରିବାକୁ ପଡିପାରେ ବୋଲି ସେ କୁହନ୍ତି । କେବଳ ଓଡ଼ିଶା ନୁହେଁ ସାରା ପୃଥିବୀରେ ଶିଳ୍ପୀର ଜୀବନ ସଂଘର୍ଷମୟ । କିନ୍ତୁ କଳା ମାଧ୍ୟମରେ ଶିଳ୍ପୀ ନୂତନ ପୃଥିବୀର ଆବିଷ୍କାର କରିପାରେ ବୋଲି ତାକୁ ଦ୍ୱିତୀୟ ଈଶ୍ୱର କୁହାଯାଏ, ବିଶ୍ୱକାନ୍ତ ଅଳ୍ପ ହସି କହନ୍ତି । ଜଣେ ଛାତ୍ରବସ୍ତଳ ଅଧ୍ୟାପକ ହିସାବରେ ବିଶ୍ୱକାନ୍ତ ବିଶ୍ୱସ୍ତରରେ ଚିତ୍ରକରର ସକଳ ଦାୟିତ୍ୱବତ୍ତାକୁ ନେଇ ଆପଣା କଳାକୃତିରେ ଚର୍ଚ୍ଚିତ ହେବେ ବୋଲି ଆମେ ଗଭୀର ଆଶାବାଦୀ । (ଫୋନ : ୯୦୯୦୩୯୧୦୬୦)

## ଉଦାହରଣ ହେବାର ସ୍ୱପ୍ନ : ସୁଭଦ୍ରାଙ୍କ ଚିତ୍ରାଙ୍କନ

ମୟୂରଭଞ୍ଜ ଜିଲ୍ଲାର ଜାମଦା ଥାନା ଅନ୍ତର୍ଗତ ବାଘିଆ ଗ୍ରାମର ଝିଅ ସୁଭଦ୍ରା କାରଆଙ୍କ ଜନ୍ମ ଜୁନ ଛଅ ୧୯୯୬ରେ କୋହ୍ଲ ଆଦିବାସୀ ସମ୍ପ୍ରଦାୟରେ । ପିଲାଦିନୁଁ ମାଆ ସୁମି କାରଆଙ୍କ ଝୋଟି ଅଙ୍କା, ଫୁଲ ସଜାକୁ ଦେଖି ଦେଖି ଚିତ୍ର ଅଙ୍କା ପ୍ରତି ଆଗ୍ରହ । ସେହି ଆଗ୍ରହ ଅଙ୍କେଇ ନେଉଥିଲା ଅନେକ ଅନାବନା ଚିତ୍ର ବହିଖାତା ଏବଂ ଘରର କାନ୍ଥ ଓ ଚଟାଣରେ । ଷଷ୍ଠ ଶ୍ରେଣୀରେ କିସ୍ ମହାବିଦ୍ୟାଳୟକୁ ଆସିଲା ପରେ ଚିତ୍ର ଆଙ୍କିବାର ଆଗ୍ରହରେ ଅଧିକ ରଙ୍ଗ ଲାଗିଲା । ପ୍ରଥମ ଥର ପାଇଁ କଳାର ଏକ ବିଶାଳ ଦୁନିଆଁକୁ ଦେଖି ମୁଗ୍ଧ ହୋଇଥିଲେ ସୁଭଦ୍ରା ବିକେ ଆର୍ଟ ଆଣ୍ଡ୍ କ୍ରାଫ୍ଟ କଲେଜକୁ ଷ୍ଟଡି ଟୁର୍‌ରେ ଯାଇ । କଳାର ଏତେ ବିଭାଗ ଏବଂ କଳାର ଆବେଦନ ଏତେ ମନୋରମ ହୋଇପାରେ, ଚିତ୍ର କହିଲେ ମାଛ, ପାହାଡ଼, ସୂର୍ଯ୍ୟ କି ଦେଉଳ ଆଙ୍କୁଥିବା



▶ ସୁଭଦ୍ରା କାରଆ

ସୁଭଦ୍ରା ବିଶ୍ୱାସ କରିପାରୁନଥିଲେ । ପଟ୍ଟଚିତ୍ର, କାନ୍‌ଭାସ୍ ଚିତ୍ର, ସ୍ଥାପତ୍ୟ ଆଦି ଦେଖି ସେ ବିସ୍ମିତ ହୋଇଥିଲେ ଏବଂ ମନେ ମନେ ସେଇଠି ପଢ଼ିବାର ଇଚ୍ଛାକୁ ହୃଦୟରେ ଜନ୍ମେଇ ନିଜ ବିଦ୍ୟାଳୟକୁ ଫେରିଥିଲେ । ବାପା ସନାତନ କାରଆ ମାନି ନେଇପାରୁନଥିଲେ ଝିଅର ଚିତ୍ରକର ହେବାର ଆଗ୍ରହକୁ । 'ହୋ' ସମ୍ପ୍ରଦାୟର ଝିଅ ସୁଭଦ୍ରା ବିଜ୍ଞାନ ପଢି ଭଲ କୌଣସି ସରକାରୀ ଚାକିରୀ କରି ଖୁସି ରହୁ ବୋଲି ବାପା ସବୁ ବାପାଙ୍କ ଭଳି ଇଚ୍ଛା କରିଥିଲେ । କିନ୍ତୁ ଦୃଢ଼ ଇଚ୍ଛାଶକ୍ତିର ଅଧିକାରିଣୀ ସୁଭଦ୍ରା ଘର ଲୋକଙ୍କୁ ମନେଇ ପରିଶେଷରେ ସେଇଠି ହିଁ ପଢିଲେ । ଆର୍ଟର ବିଭିନ୍ନ ବିଭାଗକୁ ଜାଣିଲେ, ବୁଝିଲେ ଏବଂ କାମ କଲେ । ପ୍ରିଣ୍ଟ୍ ମେକିଙ୍ଗକୁ ନିଜର ବିଭାଗ ଭାବରେ ଗ୍ରହଣ କଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ସ୍ନାତକୋତ୍ତର ହାସଲ କରିଥିବା ସୁଭଦ୍ରା ନିଜର କଳାକ୍ଷେତ୍ର ପାଇଁ ମଧ୍ୟ କାର୍ଯ୍ୟ ଜାରି ରଖିଛନ୍ତି ।

'ଆଗକୁ କଣ କରିବାକୁ ଚାହୁଁଛନ୍ତି'ର ଉତ୍ତରରେ ସୁଭଦ୍ରା କହନ୍ତି, "ମୋର ଚିତ୍ରକଳାକୁ ନେଇ ଗୋଟେ ଏକକ ପ୍ରଦର୍ଶନୀ କରିବାକୁ ଚାହୁଁଛି । ନିଜ କଳାର ସ୍ୱତନ୍ତ୍ରତାକୁ ଲୋକଲୋଚନକୁ ଆଣିବାକୁ ଚାହୁଁଛି । ଯେହେତୁ ମୁଁ ହୋ ଆଦିବାସୀ ସମ୍ପ୍ରଦାୟ ଅନ୍ତର୍ଭୁକ୍ତ, ଆମ ସମାଜର ସ୍ୱତନ୍ତ୍ରତା ଯଥା ଭାଷା, ନାଚ, ଗୀତ ଓ ଅନ୍ୟାନ୍ୟ ପରମ୍ପରାକୁ ଚିତ୍ରରେ ଫୁଟେଇବାକୁ ଚେଷ୍ଟା କରୁଛି । ଆମ ସଂସ୍କୃତି, ପରମ୍ପରା ଆଉ ପରିବେଶକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରେଇବାକୁ ଚାହୁଁଛି ।"



ଟ୍ରାଇବାଲ୍ ପେଣ୍ଟିଙ୍ଗର ଛାପ ଥିବା ସୁଭଦ୍ରାଙ୍କ ଚିତ୍ରଗୁଡ଼ିକ ଅନେକ କାହାଣୀ କହେ । ହୋ ସମ୍ପ୍ରଦାୟର ପାରମ୍ପରିକତା, ସେମାନଙ୍କ ବର୍ଣ୍ଣମାଳାକୁ ଆଧାର କରି ସେ ଆଙ୍କିଛନ୍ତି ଅନେକ ଚିତ୍ର । ତାଙ୍କ ମତରେ ସଂସାରର ଆରମ୍ଭ ବିବାହରୁ ଯାହା ନୂଆ ଏକ ସୃଷ୍ଟିର ସମ୍ଭାବନା ଆଣେ । ବିବାହକୁ ବିଷୟ କରି ହୋ ପରମ୍ପରାର ପ୍ରତୀକ, ଯଥା ଢୋଲ, ଗଛ, ଅକ୍ଷର, ମାଛ ଆଦି ତହିଁରେ ସ୍ଥାନ ଦେଇଛନ୍ତି । ନିରିଖେଇ ଦେଖିଲେ ସୁଭଦ୍ରାଙ୍କ ମନରେ ନିଜ ସଂସ୍କୃତି ପ୍ରତି ଅନୁରାଗ ଚିତ୍ରରେ ପରିଚ୍ଛନ୍ନ ହୋଇ ଦିଶେ ।

'ଚିତ୍ର ପାଇଁ କି ଭାବନା ରହିଛି'ର ଉତ୍ତରରେ ସେ କୁହନ୍ତି, "କଳା ଜଗତରେ ପ୍ରସିଦ୍ଧି କେତେ ଅର୍ଜନ କରିବି କି କେତେ ଖ୍ୟାତି ଓ ଯଶ ପାଇବି ଜାଣେନି । କିନ୍ତୁ ଚିତ୍ରରେ ନିମଜ୍ଜିତ ହେବାର ଆନନ୍ଦ ସବୁବେଳେ ମୋ' ସହ ଥାଉ ଏବଂ ମୁଁ ଚିତ୍ରକରର ପରିଚୟରେ ବଞ୍ଚୁଥାଏ । ମୋର କଳାକୁ ଭଲପାଉଥିବା ହୋ, କିମ୍ବା ମୟୂରଭଞ୍ଜର କଳାପ୍ରେମୀ,କଳା ଅନୁଗତ/କଳା ପ୍ରତି ଆକର୍ଷଣ ଥିବା ଅନୁଜମାନଙ୍କ ପାଇଁ ଯଦି ଗୋଟେ ଛୋଟ ଉଦାହରଣ ହେଇ ପାରିବି ମୁଁ ଆନନ୍ଦିତ ହେବି । ପରୀକ୍ଷାମୂଳକ ଭାବରେ ଆମ ସମ୍ପ୍ରଦାୟର ସଂସ୍କୃତିକୁ ନେଇ ଯେଉଁ ଚିତ୍ରକଳାର କାମ ଆରମ୍ଭ କରିଛି ତାହା ଉପଯୁକ୍ତ ପରିବେଶ ଏବଂ ସହଯୋଗରେ ବିକଶିତ ହେଉ ବୋଲି ମୁଁ ଚାହୁଁଚି । ଦର୍ଶକ ମୋର ଚିତ୍ର ଦେଖୁ ଦେଖୁ ଯେମିତି କହି ଦେଇ ପାରୁଥିବ- ଏହା ନିଶ୍ଚୟ ସୁଭଦ୍ରା କାରଆର କାମ ହୋଇଥିବ ।" (ଫୋନ : ୮୪୮୦୬୯୯୧୫୪)

## ଚିତ୍ରକର ଅଭିମନ୍ୟୁଙ୍କ ଚିତ୍ର ମେନ୍ୟୁ

ମହାନ ଶିଳ୍ପୀ ପିଟର ପଲ୍, ଡୋନାଟେଲୋ, କାରାଭାଜିଓ ଏବଂ ଏଡ଼ଗାର ଦେଗାସ୍‌ଙ୍କ ପରି ଆନ୍ତର୍ଜାତୀୟ ଶିଳ୍ପୀମାନେ ହେଉଛନ୍ତି ତାଙ୍କ ଚିତ୍ରକର ଜୀବନର ପ୍ରେରଣା ଓ ସାମର୍ଥ୍ୟ । ସେମାନଙ୍କ ଚିନ୍ତାଶୀଳ ଓ ସମୂହ ପରିପ୍ରକାଶଧର୍ମୀ ଚିତ୍ର ଏହି ଚିତ୍ରକରଙ୍କୁ ଢେର ପ୍ରଭାବିତ

କରିଛନ୍ତି । ଆମେରିକାର ଏକ ଆଇ.ଟି. ସଂସ୍ଥାରେ ଜଣେ ସଫ୍ଟୱେର ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ଆମର ଏହି ନିଆରା ଚିତ୍ରକର ଅଭିମନ୍ୟୁଙ୍କୁ ସାଧାରଣ ଜୀବନର ସରଳ ଆବେଗ ସମୂହ ଅଙ୍କେଇ ନିଅନ୍ତି ଚିତ୍ର । ବାଲୁଗାଁ, ଖୋର୍ଦ୍ଧାରେ ୨୯ ଏପ୍ରିଲ ୧୯୮୪ରେ ଜନ୍ମିତ ଅଭିମନ୍ୟୁ ସାମନ୍ତସିଂହାରଙ୍କ ଚିତ୍ରକର ଜୀବନ ଆରମ୍ଭ ହୁଏ ନବୋଦୟ ବିଦ୍ୟାଳୟର ଚିତ୍ରଶିକ୍ଷକଙ୍କ ପ୍ରେରଣାରୁ । ପିତା ସୁରେନ୍ଦ୍ର କୁମାର ସାମନ୍ତସିଂହାର ପୁଅ ଭିତରେ ଥିବା ଶିଳ୍ପୀ ପ୍ରତିଭାକୁ ଆଦର କରନ୍ତି । ବୃତ୍ତିରେ ପ୍ରଯୁକ୍ତି କ୍ଷେତ୍ରକୁ ବାଛିଥିବା ଅଭିମନ୍ୟୁ ଚିତ୍ରକୁ ହିଁ ନିଜର ଚାଳିକା ଶକ୍ତି ମନେ କରନ୍ତି । ରତନ୍ ଟାଟାଙ୍କ ସ୍କେଚ୍ ଆଙ୍କି ଟିସିଏସ୍‌ରେ ପ୍ରଥମ ପୁରସ୍କାର ପାଇଥିବା ଅଭିମନ୍ୟୁ ପଢୁଥିବା ଅନୁଷ୍ଠାନ ସହ ବିଭିନ୍ନ ସଂସ୍ଥା ଦ୍ୱାରା ନିଜ ରାଜ୍ୟ ଓ ଦେଶରେ ପୁଣି ଦେଶ ବାହାରେ ଚିତ୍ରକର ଭାବରେ ଢେର୍ ଆଦର ଓ ସୁନାମ ପାଇ ଆସୁଛନ୍ତି ।



▶ ଅଭିମନ୍ୟୁ

ଚିତ୍ର କରିବାର ପ୍ରକ୍ରିୟାକୁ ନେଇ ଅଭିମନ୍ୟୁ କୁହନ୍ତି, "ଯଦିଓ ଆମେ କେତେଗୁଡ଼ିଏ ରଙ୍ଗ ଓ ସେସବୁର ବିଶେଷ ଅର୍ଥ ଜାଣୁ କିନ୍ତୁ ମୋ କାର୍ଯ୍ୟ ହେଲା ମୁଁ ଏହା ସମ୍ପର୍କରେ କି ଧାରଣା କରୁଛି ଏବଂ ମୋ ଜୀବନରେ କେତେ ଦୂର ତାହା ପ୍ରତିଫଳିତ ହେଉଛି ସେସବୁକୁ ନିଜ ହିସାବରେ ଦର୍ଶକଙ୍କ ପାଖରେ ସ୍ୱଷ୍ଟ ଭାବରେ ତୋଳି ଧରିବା ।"

ତାଙ୍କର ସମସ୍ତ ଚିତ୍ର ଭିନ୍ନଭିନ୍ନ ଆବେଗ, ବାର୍ତ୍ତା ଓ କଳ୍ପନାର ପ୍ରତିଫଳକ ହୋଇଥାଏ । 'ଓଡ଼ିଶାରେ ଚିତ୍ରକୁ ଜୀବିକା କରି ବଞ୍ଚିହେବ କି ନା' ପ୍ରଶ୍ନରେ ଅଭିମନ୍ୟୁ କୁହନ୍ତି, "ଯଦି ଆମେ ଜୀବନ ସୁଖମୟ ହେବ ବୋଲି ଅର୍ଥକୁ ଗୁରୁତ୍ୱ ଦେବା ତେବେ ଓଡ଼ିଶାରେ ଚିତ୍ରକର ହୋଇ ବଂଚିବା କଷ୍ଟକର ହେବ ନିଶ୍ଚୟ । ଅନ୍ୟ ପକ୍ଷରୁ କାର୍ଯ୍ୟକୁ ନେଇ ସନ୍ତୋଷ ଭାବ ରହିଲେ କଳାକାରର ଜୀବନ ବୋଧହୁଏ ସମସ୍ୟାବହୁଳ ହେବ ନାହିଁ ।"



ଅଭିମନ୍ୟୁଙ୍କ ଚିତ୍ର ଓ ସ୍କେଚ୍‌ଗୁଡ଼ିକର ଅନନ୍ୟତାର କାରଣ ହେଉଛି ସେଗୁଡ଼ିକ ସରଳ ହେଲେ ମଧ୍ୟ ପ୍ରଭାବଶାଳୀ ପ୍ରକାଶଧର୍ମୀ । ସମୟ ଓ ସୁବିଧା ମିଳିଲେ ରାଜ୍ୟର ସମୃଦ୍ଧ ସଂସ୍କୃତି ପାଇଁ କାମ କରିବାକୁ ଚାହୁଁଥିବା ଅଭିମନ୍ୟୁ ନିଜ ଚିତ୍ର ଦୁନିଆଁକୁ ନେଇ ଖୁବ୍ ଆଶାବାଦୀ । (ଫୋନ : ୩୧୭୨୦୨୫୮୨୮)

## ଓଡ଼ିଆ ପରମ୍ପରାର ଅନୁଗତା : ଚିତ୍ରଶିଳ୍ପୀ ରଶ୍ମିତା

ପୁରୀ ଜିଲ୍ଲା ଚନ୍ଦନପୁର ନିକଟସ୍ଥ ପ୍ରସିଦ୍ଧ ଦାଣ୍ଡସାହିରେ ଜନ୍ମିତ ରଶ୍ମିତା ସାହୁ ନିଜ ପିତା ସ୍ୱର୍ଗତ ପୂର୍ଣଚନ୍ଦ୍ର ସାହୁ ଓ ମାତା ଉଜ୍ଜ୍ୱଳଲକ୍ଷ୍ମୀ ସାହୁଙ୍କ ଠାରୁ ପ୍ରେରଣା ପାଇ ପାରମ୍ପରିକ ଚିତ୍ର ପ୍ରତି ଆଗ୍ରହୀ ହୋଇଥିଲେ । ପଟ୍ଟଚିତ୍ର, ଟସର ଏବଂ ତାଳପତ୍ର ଖୋଦେଇ କାମରେ ନିଜର ଦକ୍ଷତା ଓ ଚମକ ଦେଖେଇ ପାରିଥିବା ଚିତ୍ରଶିଳ୍ପୀ ରଶ୍ମିତା ଅତ୍ୟନ୍ତ ମାଟିମନସ୍କ । ବ୍ୟକ୍ତିଗତ ଜୀବନର ସଂଘର୍ଷ ଭିତରେ ରଙ୍ଗ ଓ ରେଖାକୁ ନେଇ ତାଙ୍କର ଅନୁରକ୍ତି ତାଙ୍କ ଚିତ୍ରକୁ କରିଛି ବେଶ ଆଧାତ୍ମିକ । ପଟ୍ଟଚିତ୍ରର ବ୍ୟାକରଣ ତାଙ୍କୁ ଶିଖେଇଛି ଧୈର୍ଯ୍ୟ ଓ ଶୃଙ୍ଖଳା । ଚିତ୍ର ଆଙ୍କିବା ପ୍ରକ୍ରିୟାରେ ସେ ଆୟତ୍ତ କରିଛନ୍ତି ପୌରାଣିକ ଘଟଣାବଳୀକୁ ରଙ୍ଗ ମାଧ୍ୟମରେ ଉକୁଟେଇବାର ଅନୁପମ କୌଶଳ । ତାଙ୍କର ଚିତ୍ରଗୁଡ଼ିକୁ ଦେଖିଲେ ଦେଖଣାହାରୀ ଆନନ୍ଦିତ ହେବ ହିଁ ହେବ । ଅଙ୍କନରେ ସମନ୍ୱୟ ଏବଂ ସନ୍ତୁଳନ ତାଙ୍କ ଚିତ୍ରଗୁଡ଼ିକୁ ଦେଇଥାଏ କୁହୁକ ସ୍ପର୍ଶ । ସାଧାରଣତଃ ଆମ ଓଡିଶୀ ଚିତ୍ରକଳା ହେଉଛି ଆମ ପରମ୍ପରାର ଧାରକ ଓ ବାହକ । ସେହି କାରଣରୁ ଆଉ ଟିକେ ନିବିଡ଼ ହୁଏ ଦେଖଣାହାରୀ ଏହି ନିର୍ଦ୍ଦିଷ୍ଟ ଶୈଳୀର ଚିତ୍ର ଆଡ଼କୁ । ବିଭିନ୍ନ ସାମ୍ପ୍ରତିକ ଭାବବସ୍ତୁକୁ ନେଇ ସେ ମଧ୍ୟ ଆଙ୍କିବାକୁ ଚାହାଁନ୍ତି ଏହି ଓଡିଶୀ କଳା । ଚେଷ୍ଟାରେ ଥାଆନ୍ତି ଚିତ୍ରରେ ପ୍ରସ୍ଫୁଟିତ କରିବାକୁ ପରମ୍ପରା ଭିତରେ ଆଧୁନିକତାର ସନ୍ଧାନ । ପଟ୍ଟ ଚିତ୍ର, ତାଳ ପତ୍ର ଖୋଦେଇ ଓ ଭିତ୍ତି ଚିତ୍ରରେ ସେ ଦେଖେଇଛନ୍ତି ନିଜର ପାରଦର୍ଶିତା ।



◀ ରଶ୍ମିତା ସାହୁ

ନିଜର କଳା ଓ ଚିତ୍ରକୁ ଚରିତାର୍ଥ କରିବା ପାଇଁ ଶିଳ୍ପୀଗୁରୁ ଅନନ୍ତ ମହାରଣା, ଗୁରୁ ଅର୍ଜୁନ ମହାରଣା ଓ ଡ଼. ଜଗନ୍ନାଥ ମହାପାତ୍ରଙ୍କ ଠାରୁ ବିଶେଷ ଭାବେ ତାଲିମପ୍ରାପ୍ତ ରଶ୍ମିତା ପୁଣି ରାଜ୍ୟ ହସ୍ତଶିଳ୍ପ ଉନ୍ନୟନ ଇନ୍‌ଷ୍ଟିଚ୍ୟୁଟ୍‌ରୁ କାଗଜ ମୁଖା ତିଆରିରେ ତାଲିମ ନେବା ସହ ରାଜ୍ୟ ନାରିକେଳ ଉନ୍ନୟନ ବୋର୍ଡ଼ରୁ ନଡ଼ିଆ ସଢେଇ କଳା ଉପରେ ତାଲିମ ଗ୍ରହଣ କରିଛନ୍ତି । ପାରମ୍ପରିକ ପଦ୍ଧତିରେ ଅଙ୍କନ ସହ ଆଧୁନିକତାର ସ୍ପର୍ଶ ଦେଇ କଳାରେ ଫ୍ୟୁଜନ୍ କରନ୍ତି ସେ । ମୋଟ ଉପରେ କହିବାକୁ ଗଲେ ରଙ୍ଗକୁ ନେଇ ପରୀକ୍ଷା ନିରୀକ୍ଷା କରିବାକୁ ରଶ୍ମିତା ପସନ୍ଦ କରନ୍ତି । ସେ କୁହନ୍ତି ପଟ୍ଟଚିତ୍ରରେ ବର୍ଣ୍ଣ (ରଙ୍ଗ)ବିନ୍ୟାସ ଏବଂ ତାର ଶାସ୍ତ୍ରୀୟ ଭାବ ତାଙ୍କୁ ମୁଗ୍ଧ କରେ । ମିତ୍ର ବର୍ଣ୍ଣ ଓ ବୈରୀ ବର୍ଣ୍ଣର ବ୍ୟାକରଣକୁ ଆୟତ୍ତ କରିଥିବା ରଶ୍ମିତାଙ୍କ ଚିତ୍ରରେ ଗୌରବର୍ଣ୍ଣ (ହଳଦୀ ଓ ଧଳା) ଓ କୃଷ୍ଣବର୍ଣ୍ଣର ବହୁଳ ପ୍ରୟୋଗ ହୋଇଥାଏ । ନିଜ ଚିତ୍ର ପାଇଁ ଐତିହ୍ୟସମ୍ପନ୍ନ ତାଙ୍କ ଗାଁରେ ଆୟୋଜିତ ବିଭିନ୍ନ ଶିବିରରେ ରଶ୍ମିତା ସମ୍ମାନିତ ଏବଂ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ଲଳିତ କଳା ଏକାଡେମୀ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଭାଗ ନେଇଛନ୍ତି ।

'କେମିତି ଆଙ୍କିବାକୁ ଚାହାଁନ୍ତି ଚିତ୍ର'ର ଉତ୍ତରରେ ରଶ୍ମିତା କୁହନ୍ତି "ଓଡିଶୀର ପ୍ରାଚୀନ ଭାବ ସହ ସମସାମୟିକ ବିଷୟବସ୍ତୁକୁ ଯୋଡି ପଟ୍ଟଚିତ୍ରକୁ ପ୍ରସ୍ତୁତ



କରିବାକୁ ଚାହେଁ, ଯାହା ଯେକୌଣସି ବର୍ଗର ଲୋକଙ୍କୁ ଦେଖିଲା ବେଳେ ଆଲୋଡିତ କରିପାରୁଥିବ । ଏଥିସହ ମହିଳାମାନଙ୍କୁ ଅଧିକରୁ ଅଧିକ ଏହି ପାରମ୍ପରିକ ଚିତ୍ରକଳା ପ୍ରତି ଆଗ୍ରହୀ କରେଇବାର ଚେଷ୍ଟା କରିବି- ଯାହାଦ୍ୱାରା ସେମାନେ ସମ୍ମାନର ସହ ରୋଜଗାର କରି ସ୍ୱାବଲମ୍ୱୀ ହେଇପାରିବେ ।"

**(ଫୋନ : ୮୨୪୯୪୦୩୯୯୬)**

## ରଙ୍ଗ ଓ ରେଖାରେ ମୁକ୍ତିବୋଧ : ଚିତ୍ରଶିଳ୍ପୀ ମୁକ୍ତିପଦ

ପିତା ପୂର୍ଣ୍ଣେନ୍ଦୁ ନନ୍ଦି ଏବଂ ମାତା ଯାଜ୍ଞେଶ୍ୱରୀ ନନ୍ଦିଙ୍କ ସୁପୁତ୍ର ମୁକ୍ତିପଦ ନନ୍ଦିଙ୍କ ଚିତ୍ରଅଙ୍କା ଆଖିରେ ଖୁନ୍ଦି ହୋଇରହିଛି ମୁକ୍ତିର ଅସୁମାରୀ ସୂତ୍ର ଓ ରହସ୍ୟ । ପ୍ରଦୂଷିତ ବାୟୁମଣ୍ଡଳରୁ ମୁକ୍ତି, ମଣିଷର ଉଚ୍ଚଆକାଂକ୍ଷାରେ ବଳି ପଡୁଥିବା ସୁନ୍ଦର ପ୍ରକୃତିର କ୍ଷତାକ୍ତ ହେବାରୁ ମୁକ୍ତି, ବିଷୟାସକ୍ତ ମଣିଷ କରି ଚାଲିଥିବା ଯାବତୀୟ ବିଶୃଙ୍ଖଳାରୁ ମୁକ୍ତି- ଏମିତି ମୁକ୍ତିର ସମ୍ଭାବନାରେ ସେ ଆଙ୍କୁଥାନ୍ତି, ରଙ୍ଗ ଭରୁଥାନ୍ତି ଏବଂ କ୍ୟାମେରା ଲେନ୍ସରେ ସାଇତି ରଖନ୍ତି ମୁକ୍ତିମନା ଅଭିଳାଷ । ଏହି ପ୍ରତିଭାବାନ ଚିତ୍ରଶିଳ୍ପୀ ମୁକ୍ତିପଦଙ୍କ ଜନ୍ମ ଏପ୍ରିଲ ଏଗାର ୧୯୮୨ ମସିହାରେ, ବାଲେଶ୍ୱର ଜିଲ୍ଲାର ଜଳେଶ୍ୱରରେ । ବିଦ୍ୟାଳୟରେ ବାହାବା ପାଇବାର ଲୋଭରୁ ଚିତ୍ର ଆଙ୍କିବା କାମକୁ ସେ ଆଗହରେ କର କର ଜାଣି ପାରିନଥିଲେ କଳାକ୍ଷେତ୍ରରେ ତାଙ୍କ ପାଦ କେତେବେଳେ ଶକ୍ତ ଭାବରେ ଥାପି ହୋଇ ଯାଇଛି ।



ମୁକ୍ତିପଦ

ନିଜ କୃତୀ ପାଇଁ ମୁକ୍ତିପଦ ଲଳିତ କଳା ଏକାଡେମୀ ତରଫରୁ କୋଭିଡ ୧୯-୨୦୨୦ ପୁରସ୍କାର ଠାରୁ ୨୦୧୬ ମସିହାରେ ଯୁବ କଳାକାର ସମ୍ମାନ, ଜଳରଙ୍ଗର କାମ ପାଇଁ ରାଜ୍ୟସ୍ତରୀୟ ପୁରସ୍କାର ଭଳି ଅନେକ ସମ୍ମାନ ଓ ସୁନାମ ଅର୍ଜନ କରିଛନ୍ତି । ସାଉଥ୍ କୋରିଆ, ପଞ୍ଜାବ, ଭୋପାଳ ଆଦି ଦେଶର ଅନେକ ସ୍ଥାନରେ ଅନୁଷ୍ଠିତ ଜାତୀୟ ଏବଂ ଆନ୍ତର୍ଜାତୀୟ ଚିତ୍ରକଳା ଏବଂ ନାମକରା ଫଟୋଗ୍ରାଫି ପ୍ରଦର୍ଶନୀରେ ଅଂଶ ଗ୍ରହଣ କରି ଫଟୋଗ୍ରାଫିର ସ୍ୱତନ୍ତ୍ରତାକୁ ସଗର୍ବେ ପ୍ରତିପାଦନ କରିଛନ୍ତି । ଜଳେଶ୍ୱର ଯୁବ ଚିତ୍ରକର ସମ୍ମାନ ପ୍ରାପ୍ତ ଆମର ଏହି ନିଆରା ଚିତ୍ରଶିଳ୍ପୀ ଆର୍କିଲିକ୍ ରଙ୍ଗରେ ବେଶି କାମ କରନ୍ତି । କୁହନ୍ତି, "ଯୁଗୋପଯୋଗୀ କାମ ନକଲେ କଳା କ୍ଷେତ୍ରରେ ରହିବା ଖୁବ୍ କଷ୍ଟକର ।" ଜଳରଙ୍ଗ ସହ ଫେବ୍ରିକ୍ ଓ ତୈଳ ରଙ୍ଗରେ କାମ କରିବାରେ ସହଜ ଓ ସ୍ୱଚ୍ଛନ୍ଦ ମୁକ୍ତିପଦଙ୍କ ଶିଳ୍ପୀ ହାତ ଓ ମସ୍ତିଷ୍କ ରଙ୍ଗମାନଙ୍କ ବ୍ୟବହାର ଓ ପ୍ରୟୋଗକୁ ନେଇ ଅନେକ ପରୀକ୍ଷାନିରୀକ୍ଷା ଚଳାନ୍ତି ।

ପ୍ରକୃତିର ସୌନ୍ଦର୍ଯ୍ୟ, ପ୍ରଦୂଷଣ, ମଣିଷର ହିଂସ୍ର ପ୍ରବୃତ୍ତିର ପରିଣାମ, ପାରମ୍ପରିକ ତଥା ପୌରାଣିକ ଚରିତ୍ରର ଚିତ୍ର କରିବାକୁ ପସନ୍ଦ କରନ୍ତି ସେ । ପ୍ରକୃତିର ସୁନ୍ଦରତା ସହ ରାଧାକୃଷ୍ଣଙ୍କ ଯୁଗଳ ଚିତ୍ର ନିଜ ହିସାବରେ ବିଭିନ୍ନ ପ୍ରକାରେ ଆଙ୍କିଛନ୍ତି ମୁକ୍ତିପଦ । ଚିତ୍ରରେ ମୋଟା ମୋଟା ରଙ୍ଗ ବ୍ୟବହାର କରନ୍ତି ବୋଲି ହସି ହସି କୁହନ୍ତି ।



ଆଧୁନିକତା ଓ ସଭ୍ୟତାର ବିକାଶ ନାଁରେ ପରିବେଶକୁ ଧ୍ୱଂସାତ୍ମକ ଦିଗ ଆଡ଼କୁ କିଭଳି ଟାଣି ନେଉଛି ମଣିଷ , ପ୍ରକୃତିକୁ ନଷ୍ଟ କରି କିଭଳି ଲକ୍ଷ ଲକ୍ଷ ସଂଖ୍ୟାରେ ପ୍ରାସାଦମାନ ନିର୍ମାଣ କରୁଛି ସେହି କ୍ଷୋଭକୁ ସେ ତାଙ୍କ ଚିତ୍ରରେ ପ୍ରକାଶ କରିବାକୁ ଚେଷ୍ଟା କରୁଥାନ୍ତି ସବୁବେଳେ । ଆନ୍ତର୍ଜାତିକ ସ୍ତରରେ ଜନ୍ମ ମାଟିର ନାମକୁ ଚିତ୍ରକାମରେ ଉଜ୍ଜ୍ୱଳ କରି ଦେଖେଇବା, ନିଜ ଗ୍ରାମକୁ ଏକ ଶିଳ୍ପପ୍ରସିଦ୍ଧ ଗ୍ରାମରେ ପ୍ରସିଦ୍ଧ କରେଇବା, କଳା ମାଧ୍ୟମରେ ନିଜ ଅଞ୍ଚଳର ବିକାଶ କରେଇବା ତାଙ୍କର ସ୍ୱପ୍ନ ବୋଲି କହନ୍ତି ଜଳେଶ୍ୱର ଆର୍ଟ ଫାଉଣ୍ଡେସନର ଏହି ପ୍ରତିଭାବାନ୍ ଚିତ୍ରକର ।

**(ଫୋନ : ୭୪୩୮୮୭୭୪୬୬)**

## ଈପ୍‌ସିତ ଚିତ୍ରଜଗତରେ ଈପ୍‌ସିତା

ଚିତ୍ରକଳା କ୍ଷେତ୍ରରେ ପର୍ଯ୍ୟାପ୍ତ ଡିଗ୍ରୀ ତାଙ୍କର ନାହିଁ । ନାହିଁ ବି କଳା ସଙ୍ଗଠନମାନଙ୍କ ଦ୍ୱାରା ଆହରିତ ଶିକ୍ଷଣ ଅଭିଜ୍ଞତା । କିନ୍ତୁ ତାଙ୍କର ହାତଅଙ୍କା ସୁଦୃଶ୍ୟ ଚିତ୍ରକଳା ଏବଂ ଶିଳ୍ପୀସୁଲଭ ନମ୍ରତା ତାଙ୍କୁ ତାଙ୍କ ନାଁ ଭଳି ଆକର୍ଷଣୀୟ କରି ରଖେ । ବୟସରେ ଢେର୍ ସାନ ଏହି କୋମଳମନା ଚିତ୍ରକର ହେଉଛନ୍ତି ଈପ୍‌ସିତା ଦେ । ବାପା ଶିବନାଥ ଦେ, ମାଆ ପ୍ରତିଭା ଦେଙ୍କ ସୁଯୋଗ୍ୟ ସନ୍ତାନ ଈପ୍‌ସିତାଙ୍କ ଜନ୍ମ ୨୬ ଜାନୁଆରୀ ୨୦୦୨ରେ ବାରବାଟୀ, ମୋତିଗଞ୍ଜ ବାଲେଶ୍ୱର ଠାରେ । ବାରବାଟୀ ଗାର୍ଲସ ହାଇସ୍କୁଲ, ବାଲେଶ୍ୱରରୁ ମାଧ୍ୟମିକ ଶିକ୍ଷା ଗ୍ରହଣ କରି କେକେଏସ୍ ଓମେନ୍ସ କଲେଜରେ ବିଜ୍ଞାନ ନେଇ ପଢୁଥିବା ଈପ୍‌ସିତାଙ୍କ ଅନୁରାଗର ବିଷୟ ଥିଲା ଚିତ୍ରକଳା । ପରେ ପରିବାରର ସହଯୋଗରେ ଆନୁଷ୍ଠାନିକ ଭାବରେ ଶିଖୁଛନ୍ତି ବାଲେଶ୍ୱର ଆର୍ଟ କଲେଜରେ । 'ଚିତ୍ରାଙ୍କନ ପଛରେ ପ୍ରେରଣା କିଏ' ବୋଲି ପଚାରିଲେ ସେ କହନ୍ତି, ମୋର ପ୍ରଥମ ପ୍ରେରଣା ବାପା । ଗୁରୁ ଶିରୀଶ ଚନ୍ଦ୍ର ଚାନ୍ଦଙ୍କ ଠାରୁ ଶିଖିଛି ଉଭୟ କଳା ଓ ଜୀବନଚର୍ଯ୍ୟାର ମନ୍ତ୍ର । ଭାରତୀୟ ଚିତ୍ରଶିଳ୍ପୀ ରାଜା ରବି ବର୍ମା, ପାଶ୍ଚାତ୍ୟ ଶିଳ୍ପୀ ଲିଓନାର୍ଡୋ ଡା ଭିନ୍ସି, ଭିନ୍‌ସେଣ୍ଟ ଭାନ୍ ଗଗ, ପିକାଶୋଙ୍କ ଜୀବନୀ ଓ କଳା ଦ୍ୱାରା ମୁଁ ବିଶେଷ ଅନୁପ୍ରାଣିତ ।"


ବିଷୟ ଚୟନ, ମାନସିକତା ଓ ପାରିପାର୍ଶିକ ଅବସ୍ଥିତିକୁ ଆଧାର କରି ଈପ୍‌ସିତା ରଙ୍ଗର ମାଧ୍ୟମ ପ୍ରସ୍ତୁତ କରିଥାନ୍ତି । ତାଙ୍କୁ ରଙ୍ଗ ପ୍ରୟୋଗକୁ ନେଇ



▶ ଈପ୍ସିତା ଓ

ଗବେଷଣା କରିବାକୁ ଭଲ ଲାଗେ । ଅଧିକାଂଶ ଚିତ୍ରଗୁଡ଼ିକ ସେ ମିକ୍ସ ମିଡିଆରେ କରିଥାନ୍ତି । ତା ସହ ଜଳରଂଗ, ତୈଳରଂଗ, ସଫ୍ଟ ପେଷ୍ଟାଲ, ଅଏଲ ପେଷ୍ଟାଲ ମାଧ୍ୟମରେ କାମ କରିବାକୁ ପସନ୍ଦ କରନ୍ତି । 'ଚିତ୍ରରେ କେଉଁ ନିର୍ଦ୍ଦିଷ୍ଟ କଥାକୁ ଗୁରୁତ୍ୱ ଦିଅନ୍ତି' ବୋଲି ପଚାରିଲେ ଈପସିତା କହନ୍ତି, "ବର୍ତ୍ତମାନ ସମୟରେ ମନ୍ଦିର ଭାସ୍କର୍ଯ୍ୟର ସୌନ୍ଦର୍ଯ୍ୟ ତଥା ଏହାର ସଂରକ୍ଷଣର ଆବଶ୍ୟକତାକୁ ନିଜ ଚିତ୍ର ମାଧ୍ୟମରେ ଦର୍ଶାଇବା ପାଇଁ ମୁଁ ଚେଷ୍ଟା କରୁଛି । କନ୍ୟାଭ୍ରୂଣ ହତ୍ୟାକୁ ବିରୋଧ, ଜଳ ସଂରକ୍ଷଣ, ସୁସ୍ଥ ଜୀବନଚର୍ଯ୍ୟା, ଓଡ଼ିଶାର କଳା ସଂସ୍କୃତି, ବାଲ୍ୟବିବାହ ପ୍ରଥା ଭଳି ଚିନ୍ତାଧାରାକୁ ବିରୋଧ କଲାଭଳି ବାର୍ତ୍ତା ଦେଉଥାଏ ମୋର ଚିତ୍ର ।" ନିଜ ଚିତ୍ରକଳାର କୃତୀକୁ ନେଇ ସେ ଲାଭ କରିଛନ୍ତି ଉଚ୍ଚ ଜାତୀୟ ବୃତ୍ତି, ସାଦୃଶ୍ୟ ନେଚର ପୁରସ୍କାର, ସ୍ୱାଧୀନତାର ଅମୃତ ମହୋତ୍ସବ ପାଇଁ ବିଶେଷ ସମ୍ବର୍ଦ୍ଧନା ଭଳି ଅନେକ ମାନସମ୍ମାନ ।

'ଚିତ୍ରକୁ ନେଇ ଆଗକୁ ଯୋଜନା କଣ ପ୍ରସ୍ତୁତ କରିଛନ୍ତି ?' ଏପରି ପ୍ରଶ୍ନର ଉତ୍ତରରେ ଈପସିତା କହନ୍ତି, "ଭବିଷ୍ୟତରେ କଳାକ୍ଷେତ୍ରରେ କାମ କରିବାକୁ ଇଚ୍ଛା ମୋର । ଚିତ୍ର ମାଧ୍ୟମରେ ଭାରତର କଳା ଓ ଐତିହ୍ୟକୁ ବିଶ୍ୱସ୍ତରରେ ଉପସ୍ଥାପିତ କରିବା ପାଇଁ ମୁଁ ଆଶାୟୀ । ଶିକ୍ଷକତା ପାଇଁ ଆଗ୍ରହ ଅଛି । ତେଣୁ ଛୋଟ ପିଲାମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ ନେଇ ଚିତ୍ର ଶିଖାଇବା ପାଇଁ ଗୋଟେ ଚିତ୍ରକଳା ଏକାଡେମୀର ଯୋଜନା ରଖିଛି ।" **(ଫୋନ : ୯୧୭୮୫୬୧୩୨୧)**



## ଚିତ୍ରରେ ସଂସ୍କାର ଆଣିବାର ପ୍ରୟାସ : ଶଶିବ ଦାସ

ନିଜ କକା ଶ୍ରୀଯୁକ୍ତ ଚାରୁଚନ୍ଦ୍ର ଦାସଙ୍କୁ ନିଜ କଳାକାର ଜୀବନର ଆଦ୍ୟଗୁରୁ ମାନୁଥିବା ଶଶିବ ଦାସ ଲିଓନାର୍ଡୋ ଦା ଭିନ୍ସି, ଭେନଗଗ୍, ବିଜୟ ବିଶ୍ୱାଳ, ରଘୁନାଥ ସାହୁଙ୍କ ଚିତ୍ର ଅଙ୍କନକୁ ନିଜର ଆଦର୍ଶ ଓ ପ୍ରେରଣା ମନେ କରନ୍ତି । ୧୯୯୪ ମସିହାରେ ଦେଉଳମାଳି ସାହି, ବାରିପଦାରେ ଜନ୍ମଗ୍ରହଣ କରିଥିବା ଏହି ଚିତ୍ରକର ଜଣଙ୍କ ଚିତ ଜୀବନକୁ ନେଇ ଖୁବ୍ ଉତ୍ସାହୀ । ବିଶେଷ କରି ସାମାଜିକ ଜୀବନଧାରାକୁ ଜୀବନ୍ତ ରୂପ ଦେଇ ନୂତନ ସଂସ୍କାରର ଆଭାସ ଦେଉଥିବା ଚିତ୍ର ତାଙ୍କର ପସନ୍ଦ ।



▶ ଶଶିବ ଦାସ

'ଚିତ୍ର କରିବାର ପ୍ରକ୍ରିୟାଟି କେମିତି'ର ଉତ୍ତରରେ ଶଶିବ କହନ୍ତି, "ଅଳ୍ପ ସମୟ ମଧ୍ୟରେ ଅଳ୍ପ ତୂଳୀରଙ୍ଗ ବ୍ୟବହାର କରି ଲୋକଙ୍କର ହୃଦୟସ୍ପର୍ଶୀ ହେବା ଭଳି ଚିତ୍ର ମାନ କରିବା ମୋର ପସନ୍ଦ । ମୋ ଅଙ୍କିତ ଚିତ୍ରକାମ ସବୁ କିପରି ଲୋକଙ୍କ ପାଇଁ ପ୍ରେରଣାପ୍ରଦ ହୋଇପାରିବ ସେହି ପ୍ରୟାସରେ ମୁଁ ନିରନ୍ତର କାମ କରୁଥାଏ ।"

ସାଧାରଣତଃ କିଶୋର ଓ କିଶୋରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଚିତ୍ରମାନ ସେ ଆଙ୍କିବାରେ ଆଗ୍ରହ ଦେଖାନ୍ତି ଯେହେତୁ ଏହି କୈଶୋରାବସ୍ଥା ଭଲରେ ଗଢ଼ି ହେବା ପାଇଁ ଉପଯୁକ୍ତ ସମୟ । ସେ ବିଶ୍ୱାସ କରନ୍ତି ସେମାନଙ୍କୁ ସାମାଜିକ ଭାବରେ ସଚେତନ କରେଇବା ପାଇଁ, ଯୁଗୋପଯୋଗୀ ହେବା ପାଇଁ ଚିତ୍ର ହିଁ ଏକ ପ୍ରେରଣାଦାୟୀ ମାଧ୍ୟମ ।




'ଚିତ୍ରକୁ ଜୀବିକା କରି ଓଡ଼ିଶାରେ ବଞ୍ଚିହେବ କି ନାହିଁ'ର ଉତ୍ତରରେ ଶଶିବ କୁହନ୍ତି, "ଉଚ୍ଚମାନର ଚିତ୍ର ପ୍ରଦର୍ଶନ କରିପାରିଲେ ଓଡ଼ିଶାରେ ଜୀବିକାକୁ ନେଇ ଜୀବନ ଯାପନ କରିବାରେ କୌଣସି ଅସୁବିଧା ହେବ ନାହିଁ ।" ଭବିଷ୍ୟତ ପାଇଁ ସେମିତି କିଛି ଲୋଭନୀୟ ଲକ୍ଷ୍ୟ ନାହିଁ ଆମ ଏହି ଚିତ୍ରକରଙ୍କର । ହସିକି କହନ୍ତି, "ବାସ୍ତବ ଚିତ୍ରକଳା ମାଧ୍ୟମରେ ସମାଜ ସଂସ୍କାର ଆଣିଦେବା ତାଙ୍କ ଚିତ୍ରକଳାର ମୁଖ୍ୟ ଅଭିଳାଷ ।" **(ଫୋନ : ୮୮୯୫୯୬୭୬୧୫)**


## ଅନ୍ୱେଷାଙ୍କ ଅନନ୍ୟ ଅନ୍ୱେଷଣ

ଗ୍ରାଫିକ୍ସ ଡିଜାଇନ୍‌ରେ ବିଧିବଦ୍ଧ ତାଲିମ ହାସଲ କରି ବାଙ୍ଗାଲୋରରେ କାର୍ଯ୍ୟରତ ଅନ୍ୱେଷା ପରିଡ଼ାଙ୍କ ଚିତ୍ରାଙ୍କନର ପ୍ରେରଣା ହେଉଛନ୍ତି ତାଙ୍କ ପିତାମାତା

ଯେଉଁମାନଙ୍କର ଉତ୍ସାହ, ଅଙ୍ଗୀକାରବଦ୍ଧତା, କଠିନ ପରିଶ୍ରମ ତାଙ୍କୁ ଜଣେ ଅଣପେସାଦାର ଶିଳ୍ପୀ ଭାବେ ଉତ୍ସାହିତ କରିଛି ।

ଭିନ୍‌ସେଣ୍ଟ୍ ଭ୍ୟାନଗଗ୍ ଏବଂ ଫ୍ରିଡ଼ା କଲୋ ଅନ୍ୱେଷାଙ୍କ ଚିତ୍ରକର ଜୀବନକୁ ବିପୁଳ ଭାବେ ପ୍ରଭାବିତ କରିଛନ୍ତି ବୋଲି ସେ ସ୍ୱୀକାର କରନ୍ତି । ସାର ଗଗଙ୍କର ଏକ ଅନନ୍ୟ ଚିତ୍ର ଶୈଳୀ ଇମ୍ପାଷ୍ଟ ଯାହା ସାହାଯ୍ୟରେ ସେ ଅପର୍ଯ୍ୟାପ୍ତ ଏବଂ ଉଲ୍ଲେଖନୀୟ ଚିତ୍ରାଙ୍କନ କରିଛନ୍ତି ଏବଂ ଅନ୍ୱେଷା ତହିଁରେ ଢେର ମୁଗ୍ଧ ହୋଇ ଆସୁଛନ୍ତି ବୋଲି ସେ କୁହନ୍ତି । ଜଣେ ଉତ୍ତମ ଇଂପ୍ରେସନିଷ୍ଟ ଶିଳ୍ପୀ ଭାବରେ ସେ ତାଙ୍କର ଆବେଗ ଓ ମାନସିକ ପ୍ରତିକ୍ରିୟା ସହିତ ରଂଗ ବ୍ୟବହାର କରି ସାଙ୍କେତିକ ତଥା ପରିପ୍ରକାଶ ଧର୍ମୀ ଚିତ୍ର ଆଙ୍କିଛନ୍ତି । ବ୍ୟାପକ ଏବଂ ଝଟକକୁ ନେଇ ବିଭିନ୍ନ କୌଶଳ କରି ମାଡାମ କାଲହୋ ଯେଉଁ ବିଭିନ୍ନ ପ୍ରକାରର ଚିତ୍ର ଆଙ୍କିଛନ୍ତି ସେଥିରେ ନିହିତ ଥିବା ବ୍ୟକ୍ତିଗତ ଅନୁରାଗ ଓ ଯନ୍ତ୍ରଣା ଖୁବ୍ କଳାତ୍ମକ ଢଙ୍ଗରେ ପ୍ରକାଶିତ । ସେହି ସବୁ ଚିତ୍ରଗୁଡ଼ିକର ଗଭୀର ଆବେଗ ଅନ୍ୱେଷାକୁ ଛୁଇଁଥାଏ ବୋଲି ଅନ୍ୱେଷା ସ୍ୱୀକାର କରନ୍ତି ।


▶ ଅନ୍ୱେଷା ପତି



ଚିତ୍ରଗୁଡ଼ିକୁ ଯଦି ସାଧାରଣ ଲୋକ ମନକୁ ଛୁଏଁ ତେବେ ତାହାର ମୂଲ୍ୟ ରହିବ ଏବଂ ଶିଳ୍ପୀ ଚିତ୍ରକୁ ଆଧାର କରି ଜିଇଁପାରିବ ବୋଲି ଅନ୍ୱେଷା ବିଶ୍ୱାସ କରନ୍ତି ।

ଅନ୍ୱେଷା ଆଙ୍କିଥିବା ଚିତ୍ରଗୁଡ଼ିକ ନିଜନିଜ ବାଟରେ ଅନନ୍ୟ ବୋଲି ସେ ବିଶ୍ୱାସ କରନ୍ତି । ସେ କୁହନ୍ତି ତାଙ୍କ ମନକୁ ଯାହା ଆସେ ସେ ତାହା ଆଙ୍କନ୍ତି । ତାହା ଚନ୍ଦ୍ର ହୋଇପାରେ, କାଗଜର ଟୁକୁଡ଼ା ହୋଇପାରେ ବା ସାର ଗଗଙ୍କର ତାରକିତ ରାତିର ପୁନଃ ଅଙ୍କନ ହୋଇପାରେ । କିଛି ନା କିଛି ନୂଆ ଓ ଆହ୍ୱାନ ସୃଷ୍ଟିକାରୀ ଚିତ୍ର ଆଙ୍କିବାକୁ ଚାହୁଁଥିବା ଅନ୍ୱେଷା ଜଣାଇଦେବାକୁ ଚାହାଁନ୍ତି ଯେ ସେ ଅଣପେସାଦାର ହେଲେ ବି ଅଭ୍ୟନ୍ତରରୁ ଜଣେ ସୂକ୍ଷ୍ମ ଚେତନାର ଚିତ୍ରକର । (ଫୋନ : ୯୦୭୮୪୧୨୨୨୪)

## ଅନ୍ତଃକରଣର ଶୋଷ : ଶିଳ୍ପୀ ଆଶିଷ

ନିଜ ଚିତ୍ରକର ଜୀବନର ପ୍ରେରଣାର ଶ୍ରେୟ ଦିଅନ୍ତି ପିତା ଧନଞ୍ଜୟ ସାହୁ, ମାତା ହେମାଙ୍ଗିନୀ ସାହୁ ଓ ପରିବାରବର୍ଗଙ୍କୁ ଏହି ଶିଳ୍ପୀ । ସେମାନଙ୍କ ଅକୁଣ୍ଠ ସହଯୋଗ ଏହି ଚିତ୍ରକରଙ୍କ ଚିତ୍ରକୁ ନେଇ ଭବିଷ୍ୟତ ଗଢ଼ିବାରେ ସାହାଯ୍ୟ କରିଛି । ୧୯ମେ ୧୯୮୪ ମସିହାରେ ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ଠାରେ ଜନ୍ମଗ୍ରହଣ କରିଥିବା ଏହି ଶିଳ୍ପୀ ଜଣଙ୍କ ହେଉଛନ୍ତି ଆଶିଷ କୁମାର ସାହୁ ଯିଏ ବହୁବିଧ କଳାରେ ଆପଣା ପ୍ରତିଭା ପ୍ରଦର୍ଶନ କରି ଢେର ପ୍ରଶଂସିତ ଏବଂ ସମ୍ମାନିତ ।

ବାଲେଶ୍ୱର ଜିଲ୍ଲା ପ୍ରୋଜେକ୍ଟ ଅଫିସ୍‌ରେ କାର୍ଯ୍ୟରତ ଆଶିଷ ୨୦୦୧ରେ କଲେଜ ସ୍ତରୀୟ ଆର୍ଟ ପ୍ରତିଯୋଗିତା ଜିତିବା ସହ ସେହିବର୍ଷ ପୋଷ୍ଟର ଅଙ୍କନ ପାଇଁ ମଧ୍ୟ ପୁରସ୍କୃତ ହୁଅନ୍ତି । ସେହିଠାରୁ ଆରମ୍ଭ ହୁଏ ତାଙ୍କ ସଫଳତାର ଯାତ୍ରା । ଚିତ୍ରକଳା ତାଙ୍କ ପାଇଁ ଅନେକ ସମ୍ମାନ ଆଣିଛି । ୨୦୦୭ ବାଲୁକା କଳା ପାଇଁ ପୁରସ୍କୃତ ହୋଇଥିବା ଆଶିଷ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ରରେ ମଧ୍ୟ ବିଧିବଦ୍ଧ ଶିକ୍ଷା ଲାଭ କରିଛନ୍ତି ।


▶ ଆଶିଷ କୁମାର ସାହୁ

ଅବନୀନ୍ଦ୍ର ନାଥ ଠାକୁର, ଯାମିନୀ ରାୟଙ୍କ ଚିତ୍ରକଳାରେ ପ୍ରଭାବିତ ଆଶିଷ ଭାରତୀୟ ଚିତ୍ର ଶୈଳୀ ପ୍ରତି ବେଶ ଆଗ୍ରହୀ । ଦେଶଭକ୍ତିର ଚିତ୍ର, ନୂତନତ୍ୱର ପରିକଳ୍ପନା ଓ ଅଳ୍ପ ସଂସ୍କୃତିକୁ ସମାଜ ଆଗରେ ପରିପ୍ରକାଶ କରିବାର ଚିତ୍ରକଳା ତାଙ୍କୁ ବେଶି ଦାୟିତ୍ୱବାନ କରାଏ ବୋଲି ସେ କୁହନ୍ତି । ଚିତ୍ରରେ କୌଣସି ପ୍ରତିବନ୍ଧକକୁ ଖାତିର କରୁନଥିବା ଚିତ୍ରକରଙ୍କ ଚିତ୍ରରେ ପ୍ରକୃତି ସହ ନୂତନ ଶୈଳୀର ମିଶ୍ରଣ, ଭାରତୀୟ ଚିତ୍ରକଳାରେ ଆଞ୍ଚଳିକ ଚିତ୍ରର ଅଙ୍କନ, ଆଧ୍ୟାତ୍ମିକ ଚିତ୍ର କଳା ସହିତ ଆଧୁନିକ ଚିତ୍ରକଳାର ମିଶ୍ରଣ ଦେଖିବାକୁ ମିଳେ । ରଙ୍ଗମାନଙ୍କ ସାଙ୍କେତିକ ଅର୍ଥ ଉପରେ ନିଜର ମତ ରଖିବାକୁ ଯାଇ ସେ କୁହନ୍ତି, ଆଖି ଅଭ୍ୟନ୍ତରର କୋଷଗୁଡ଼ିକ ଭିତରେ ପ୍ରତିସରିତ ହୁଏ ବର୍ଣ୍ଣାଳୀ । ତହିଁରୁ ଉକୁଟୁଥିବା ବିବିଧ ରଙ୍ଗକୁ ସେ ଚିହ୍ନଟ କରି ରଖିଥାନ୍ତି । ତେଣୁ ବର୍ଣ୍ଣକୁ ଚିହ୍ନିବା ତାଙ୍କୁ ରଙ୍ଗ ବ୍ୟବହାର କରିବା ପାଇଁ ସହାୟକ ହୁଏ । ତାଙ୍କ ଚିତ୍ର ସମାଜ ପାଇଁ ପ୍ରେରଣାଦାୟକ, ସୁଧାରମୂଳକ, ନୂତନତ୍ୱ ପ୍ରଦାନକାରୀ ବୋଲି ଦୃଢ଼ୋକ୍ତି କରନ୍ତି । ଦେଶବିଦେଶରେ ତାଙ୍କ ଚିତ୍ରର ପରକାଷ୍ଠା ନିଶ୍ଚୟ ରହିବ ବୋଲି ତାଙ୍କର ବିଶ୍ୱାସ ଅଛି । ଓଡ଼ିଶାରେ ଚିତ୍ରକୁ ପେସା କରି ବଞ୍ଚିବା କଷ୍ଟ କିନ୍ତୁ ଚିତ୍ର ଅଙ୍କନ ସମୟରେ ସେ ଏତେ ମଗ୍ନତା ଭିତରେ ରୁହନ୍ତି ଯେ ଜୀବିକା ପାଇଁ ଚିନ୍ତା ତାଙ୍କ ମୁଣ୍ଡରେ ନଥାଏ ବୋଲି ସେ କୁହନ୍ତି । କଳାର ଭଣ୍ଡାର ଓଡ଼ିଶାରେ କଳାକାରଙ୍କୁ ଉପଯୁକ୍ତ ମର୍ଯ୍ୟାଦା ମିଳେନି ବୋଲି ସେ କ୍ଷୋଭକ୍ତି କରନ୍ତି । ଚିତ୍ରରେ ବସ୍ତୁ ଆକୃତି ସହ ଆଧ୍ୟାତ୍ମିକତାର ପ୍ରତିଫଳନ ତାଙ୍କ ଚିତ୍ରର ସ୍ୱତନ୍ତ୍ରତା । (ଫୋନ : ୯୪୩୮୭୫୧୭୭୬)



**ଶେଷକଥା:** ପ୍ରତ୍ୟେକ ଶିଳ୍ପୀଙ୍କ ରଙ୍ଗ ଅବଧାରଣା ଓ ତାର ପ୍ରୟୋଗରେ ଭିନ୍ନତା ଅଛି । ଠାଏ ଠାଏ ସାମଞ୍ଜସ୍ୟ ବି ଥାଇପାରେ । ମାତ୍ର ଭିନ୍ନତା ହିଁ ସେମାନଙ୍କୁ ଦେଇଛି ଅନନ୍ୟତା । ଏମାନଙ୍କ ବାହାରେ ହୁଏତ ଆହୁରି ଅଗଣନ ଶିଳ୍ପୀ ଅଛନ୍ତି, ନିଜ ନିଜ ବାଟରେ ସାଧନା ବି କରୁଛନ୍ତି । ସେ ସମସ୍ତଙ୍କୁ ନୂଆବର୍ଷର ଢେର ଶୁଭକାମନା । ଆସନ୍ତାଥରକୁ ଆଉ ନଅ ନୂଆମୁହଁ ନେଇ ଆସିବି ।






# Utkalika

1959

**63 years of Excellence**

## Pioneer of Cultural Heritage Since 1959

*Odisha's Art & Crafts has occupied a significant place in the world due to its intricacy and exclusiveness. Watch the creativity in myriad shades of Odisha handloom and handicrafts at Utkalika. Every single rendition is a breathtaking example of Odisha's traditional heritage and artistry.*

**Our Branches**

| Inside the State | | |
|---|---|---|
| Bhubaneswar | : | 1. Unit-II,Market Building<br>2. Airport |
| Cuttack | : | Dargha Bazar |
| Rourkela | : | Sector- 5 |
| Puri | : | Grand Road |
| Jeypore | : | Debottar Market |
| Sambalpur | : | VSS Marg |

| Outside the State | | |
|---|---|---|
| New Delhi | : | Baba Kharag Singh Marg, |
| Kolkata | : | Dhakuria |
| Hyderabad | : | Saifabad |
| Pune | : | Farguson Road |
| Mumbai | : | Navi Mumbai |
| Bengaluru | : | Residency Road |

**Authentic Handloom & Handicraft of Odisha**

**www.utkalikaodisha.com**

**Odisha State Co-operative Handicrafts Corporation Ltd. (Utkalika)**

(Under Handlooms, Textiles & Handicrafts Dept., Govt. of Odisha)

D- 2/3, Industrial Estate, Rasulgarh, Bhubaneswar- 751010

Phone- 0674-2549090, E-mail : oschcltd@gmail.com, Website : www.utkalika.co.in




ପ୍ରଚ୍ଛଦ କଳ୍ପନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ ମଡେଲ୍ : **ରଶ୍ମିରାଣୀ ପାତ୍ର**
ଉଚ୍ଚତା : **୫ ଫୁଟ୍ ୩ ଇଞ୍ଚ୍**
ବୃତ୍ତି : ମ୍ୟାନେଜର ଅର୍ଥସେବା (ସିଙ୍ଗାପୁରର ଏଚ୍ଏସ୍‌ବିସି ଲାଇଫ୍)
ଶିକ୍ଷା : ଏମ୍‌ବିଏ (ଫାଇନାନ୍ସ ଓ ଆଇଟି)
ରୁଚି : ଭ୍ରମଣ, ମଡେଲିଂ ଓ ଅଭିନୟ
ପ୍ରଚ୍ଛଦ ଫଟୋଗ୍ରାଫି : **ସୁଶାନ୍ତ ମାନ୍ନା**
ପ୍ରଚ୍ଛଦ ଡିଜାଇନ୍ : **ଶିବରାଜ କର୍ମ**, ସୋନପୁର
ମେକ୍‌ଅପ୍ ଓ କଷ୍ଟ୍ୟୁମ୍ : **ରଶ୍ମି ଓ ସୁଜୟା**
ସ୍ଥାନ : **ସିଙ୍ଗାପୁର**

ଲେଣ୍ଡର

# ଜାନୁଆରୀ - ୨୦୨୩

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

ଛୁଟିଦିନ

୦୧/୦୧/୨୦୨୩ : ଇଂରାଜୀ ନବବର୍ଷ
୧୪/୦୧/୨୦୨୩ : ମକର ସଂକ୍ରାନ୍ତି
୨୩/୦୧/୨୦୨୩ : ନେତାଜୀ ସୁଭାଷ ବୋଷ ଜୟନ୍ତୀ
୨୬/୦୧/୨୦୨୩ : ୭୪ତମ ସାଧାରଣତନ୍ତ୍ର ଦିବସ, ସରସ୍ୱତୀ ପୂଜା

### ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | | | | |

### ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ଅପ୍ରେଲ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ଜୁନ୍

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | |

### ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | ୩୧ | | | | | |

### ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୧୯ | ୩୦ |

### ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | | |

### ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

# ଦ୍ରୌପଦୀ-୨୩

## ପ୍ରଫୁଲ୍ଲ କୁମାର ମହାନ୍ତି



**(କୃଷ୍ଣଙ୍କ ପ୍ରବୋଧନା ଓ ସମାଧାନ)**

କୃଷ୍ଣ ଟାଣିନେଲେ ରାଜା ଦ୍ରୁପଦଙ୍କୁ
ମହାରାଜ- ଉଗ୍ର ବିଚାର କ୍ଷଣିକ ଉତ୍ତେଜନା
ସବୁବେଳେ ଆଣେ ତୀବ୍ର ପରିଣାମ
ଉପସ୍ଥିତ ମୁହୂର୍ତ୍ତର ଜଟିଳତା ଅତିକ୍ରମ ଲାଗି
ଆବଶ୍ୟକ ଧୈର୍ଯ୍ୟ ସ୍ଥିତିର ପର୍ଯ୍ୟାଲୋଚନା
ଆମେ କେହି ଜାଣିନାହୁଁ କଣ ଅଛି ସମୟ ଗର୍ଭରେ
ସୃଷ୍ଟିର ରୂପକାର କଣ ଗଢ଼େ କେମିତି ସଜାଏ
ତା'ର ସୃଜନ ଚିତ୍ର ଘଟଣାର ଦୃଶ୍ୟପଟ
କେଉଁ ଦର୍ଶନରେ ଗଢ଼େ ଇତିହାସ
ନିଜର ମନୋରଞ୍ଜନ ପାଇଁ ନା ଅସହାୟ ଭାବେ
ମଣିଷର କଳ୍ପନା ବାହାରେ ତର୍କ ସୀମାନ୍ତରେ
ରହସ୍ୟ ଆନନ୍ଦ ପାଇଁ ଉଠାଏ ମାୟାବତୀ
ଇନ୍ଦ୍ରଧନୁ ଠାରୁ ସୁନ୍ଦର ପ୍ରଳୟଠୁ ଭୟଙ୍କର
ତେଣୁ ହେ ରାଜନ୍ ମୁହୂର୍ତ୍ତେ ଅପେକ୍ଷା କର
ଆଜିର ଏ ମୁହୂର୍ତ୍ତ ସମ୍ଭାବନାରେ ଗର୍ଭବତୀ
ପ୍ରସବ ବେଦନାରେ ଧୈର୍ଯ୍ୟ ନହରାଇ
ଧୈର୍ଯ୍ୟ ଧର କଳିନିଅ ସମୟର ଗତି
ଆମେ ସବୁ ପ୍ରକୃତିର ପଣବନ୍ଦୀ
ମୁକୁଳିବା ପାଇଁ ଗ୍ରହଣ କରିଯାଅ
ସୀମିତ ଜୀବନର ସବୁ ସମ୍ଭାବନା
ସୂର୍ଯ୍ୟ ଚନ୍ଦ୍ର ଗଛଲତା ମାଟିର ଆକାଶ
ସମସ୍ତେ ନିୟମବନ୍ଧା ଲଂଘିବାର ଶକ୍ତି ନାହିଁ
ଲଙ୍ଗଳା ମଣିଷର ପାରିବନି ଖୋଜି ସିଏ
ଅନ୍ଧାରରେ ନିଜ ଛାଇ ଆକାର ପ୍ରକାର
ଅପେକ୍ଷା କର ରାଜା ସୂର୍ଯ୍ୟ ଉଇଁବ ଠିକ୍ ସମୟରେ
ଉଦୟ ରାଗ ଗୁଞ୍ଜରିବ ଆଲୁଅ ଆସିବ
ନୂଆ ପତ୍ରରେ ଲେଖା ହେବ ଜୀବନ ବିଭବ


ପୁଣି ଆରମ୍ଭିବ ଆଶାର ପାର୍ବଣୀ
ପ୍ରକୃତିର ଆତ୍ମଶକ୍ତି ସ୍ୱୀକାର କର
ଇଚ୍ଛା କାମନାର ମଞ୍ଜୁରୀ ପାଇଁ
ଭିନ୍ନ ମୁହୂର୍ତ୍ତର ସମାବର୍ତ୍ତନରେ ।

କିନ୍ତୁ ଦ୍ରୌପଦୀ କିପରି ହେବ
ବହୁପତି ଭାର୍ଯ୍ୟା ପାଞ୍ଚ ପାଣ୍ଡବଙ୍କ ପତ୍ନୀ
କେମିତି ମୁଁ ସ୍ୱୀକାରିବି ଅନାର୍ଯ୍ୟ ବିଧାନ ?
ମୁହୂର୍ତ୍ତର ନିର୍ବିକଳ୍ପ ଦାନ ଗ୍ରହଣ କର ରାଜା
ରାଜକୀୟ ମର୍ଯ୍ୟାଦାରେ ଦୀପ୍ତିମୟ କର
ଜଟିଳ ସମୟର ମାୟା ଅନ୍ଧାରକୁ ।
ସମସ୍ତଙ୍କୁ ନେଇ ଚାଲନ୍ତୁ ପ୍ରାସାଦକୁ
ଉତ୍ସବ ମୁଖର କର କାମ୍ପିଲ୍ୟ ରାଜବାଟି
ଫେରନ୍ତୁ ଦିନରାତି ଅତିଥି ହାତ ଚାଟି
ଘୋଷଣା କରନ୍ତୁ ଆର୍ଯ୍ୟାବର୍ତ୍ତ ସାରା
ପାଣ୍ଡବ ଜୀବିତ କୁରୁ ଚକ୍ରାନ୍ତ ପଣ୍ଡ କରି
ବିଜୟ ଗର୍ବରେ ଆଜି ପାଞ୍ଚାଳ ଜାମାତା
ଆଉ ଭୟ ନାହିଁ ଦ୍ରୁପଦର ସେ ଆଜି
ପୃଥିବୀର ଭାଗ୍ୟଶାଳୀ ଦ୍ରୌପଦୀର ପିତା

ଦ୍ରୌପଦୀର ହାତ ଧରି କହିଲେ ଶ୍ରୀକଷ୍ଣ
ଭିତରକୁ ଶୋଷି ନିଅ ଦୁଃଖର ସବୁ ଧାର
ଅଟକାଅ ବିଶ୍ୱର ଅମୂଲ୍ୟ ମୁକ୍ତା ପରି
ଛଳଛ ବିନ୍ଦୁର ଚମକ ଉଭାର
ଆଦାୟ କର ରତ୍ନର ସବୁ ମୂଲ୍ୟ
ଏମିତି ଫିଙ୍ଗ ନାହିଁ ମଲା ଘାସ ପରେ
ସଖୀ ମୋର ବିଶାଳ ବିରାଟ ତୁମ ଆତ୍ମା
ଭାବ ନାହିଁ ହଜିଯିବ ତୁମ ଭାଗ୍ୟ ବିଚିତ୍ରାରେ
ସମୟର ଆଖିଠାର ହେବ ତୁମ ପିୟୁଷ ଆଧାର
ପୃଥିବୀର ରଙ୍ଗମଞ୍ଚ ପରେ ମେଲିଦିଅ
ତୁମ ହୃଦୟର ବ୍ୟାପ୍ତ ଶୃଙ୍ଗାର ହସିହସି
ରଚ ତୁମ ନାୟିକା ମନର କାବ୍ୟ ନାଟିକା

ସଭ୍ୟତାର ମହାଲୋକ ତୁମେ ତାପିତ ନାୟିକା
ପାଞ୍ଚ ଭୂମିକାରେ ଗଢ଼ି ଦିଅ ନୂଆ ମୋଡ଼
ଇତିହାସ ବଦଳାଅ ନାରୀତ୍ୱର ମର୍ଯ୍ୟାଦାରେ
ଇଚ୍ଛା ଦମନ କରି ଖୋଲିଦିଅ ଆତ୍ମା
ବିସ୍ତାରୀ ଯାଉ ସିଏ ପ୍ରକୃତିର ସହସ୍ର ଭଙ୍ଗୀରେ
ତୁମେ ଅଗ୍ନି ତୁମେ ରାଜକନ୍ୟା
ଜାଳିଦିଅ ମଣିଷର କାମନା କଳୁଷ
ଯାଅ ସଖୀ ଜୀବନକୁ ଆଲିଙ୍ଗନ କର
ମୁଁ ଅଛି ରହିବି ତୁମ ଭାବ ସଞ୍ଚାଳକ
ବିଷ ପିଇ ଦିଅ ତୁମେ ଜୀବନ୍ୟାସ ମଧୁ ।

'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୬୨୩



ପ୍ରଫୁଲ୍ଲ କୁମାର ମହାନ୍ତି

## ଆଭିମୁଖ୍ୟ

ବିଶ୍ୱସାହିତ୍ୟର ଇତିହାସରେ ଦ୍ରୌପଦୀ ପରି ଏକ ନାରୀ ଚରିତ୍ର ନାହିଁ, ଯାହାଲାଗି ପ୍ରମାଣର ଆବଶ୍ୟକତା ନାହିଁ । ନାରୀର ଦୁଇଟି ମୁଖ୍ୟରୂପ : ପ୍ରେମିକା ଓ ପତ୍ନୀ । ପରେ ନାରୀ ଜନନୀର ମହାନତା ପାଏ । ପ୍ରେମିକା ହିସାବରେ ବୋଧହୁଏ କ୍ଲିଓପାଟ୍ରା ଠାରୁ ଅଧିକ ଲାସ୍ୟମୟୀ, ବିଦୂଷୀ, ମେଧାଶକ୍ତି ସଂପନ୍ନା ଓ ବିବିଧ ଭାବାବେଗର ବିସ୍ମୟିନୀ ସାହିତ୍ୟ ( ଓ ଇତିହାସ)ରେ ନାହିଁ । ସେହିପରି ପତ୍ନୀପ୍ରିୟା ଭାବେ ଦ୍ରୌପଦୀ ପରି ବିଦୂଷୀ, ରାଜଶ୍ରୀ ସଂପନ୍ନା, ବିବିଧତାର ପାବକିନୀ ନାହିଁ । ଏକା ସଙ୍ଗେ ପାଣ୍ଡବ ପାଞ୍ଚଭାଇଙ୍କ ପରି ବିବିଧ ମାନସିକତାର ବିରାଟ ବ୍ୟକ୍ତିତ୍ୱ ସହିତ ପତ୍ନୀଧର୍ମ ପାଳନ କରିଥିବା ନାରୀ ମିଥ୍ ଓ ଇତିହାସରେ ଦେଖାଯାଏ ନାହିଁ । ତେଣୁ ଭାରତୀୟ ନାରୀ ମାନସିକତାରେ ବ୍ୟାପ୍ତି, ଦ୍ୟୁତି, ଦ୍ୱନ୍ଦ୍ୱ, ସହନଶୀଳତା, ଭଦ୍ରତା, ରାଜକୀୟତା ଏବଂ ସମାଜସଂସ୍କୃତିର ତତ୍କାଳୀନ ସ୍ଥିତିରେ ତାପିତା, ଲାଂଛିତା ନାରୀଶ୍ରେଷ୍ଠ ଦ୍ରୌପଦୀ ଉପରେ ଏହି କାବ୍ୟ ରଚିତ: ଏହା ଉଭୟ ଇଂରାଜୀ ଓ ମାତୃଭାଷା ଓଡ଼ିଆରେ ଲେଖା ଯାଉଛି । ପାଠକପାଠିକାଙ୍କ ସହୃଦୟତା କାମନା କରି ପରଷି ଦେଉଛି ଦ୍ରୌପଦୀର ମହାବ୍ୟାପ୍ତିର କାବ୍ୟ ।

ପ୍ରଫୁଲ୍ଲ କୁମାର ମହାନ୍ତି

# ପଥର

ପ୍ରବୀଣ କୁମାର କବି



▶ ଚିତ୍ର : ଶିଳ୍ପୀ Tarab Khan

ବୋଉ କହେ
ନିଘୋଡ଼ ନିଦରେ ରଜନୀ ଶୋଇଗଲେ
ଆମ ବାଟଘର ଖଟ ପରେ
ପଥରଟାଏ ଗୁମୁରି ଗୁମୁରି କାନ୍ଦେ,

ସେ କାନ୍ଦ କିନ୍ତୁ ଶୁଭେନା ସଭିଙ୍କୁ
କେବଳ ତାକୁ ଶୁଭେ,
ଯିଏ ପଥର ହେବାକୁ ଚାହେଁ !

ଶୁଣିଛି,
ସେ ପଥରର ପାଦ କାଳେ
ଗୋଟେ ହଜିଲା ସ୍ୱପ୍ନର ସହର,
ଶୁଣିଛି ସେ ପଥରର ଆଖି କାଳେ
ଦି'ଟୋପା ଲୁହର କବର ।

ଶୁଣିଛି ସେ ପଥରର କାନ କାଳେ
ନିବିଡ଼ ନୀରବ ସ୍ପନ୍ଦନ,

ଶୁଣିଛି ସେ ପଥରର ମନ କାଳେ
ଲହୁଭିଜା କୋହର ଆଷାଢ଼ !

ଶୁଣିଛି ତା ଦେହସାରା ଏଯାଏଁ ଲାଖିଚି
ଗୋଟେ ଭିଟା ମାଟିର ଭାବ ଓ ବିଶ୍ୱାସ,
ଶୁଣିଛି ତା ଭିତରେ ଏବେବି ବହୁଛି
ଝଡ଼ାପତ୍ରର ନିଦୁଆ ନିଃଶ୍ୱାସ ।

ହଁ,
ଏବେ ବି ସେ ପଥର
ଅନ୍ତରରୁ ଅନ୍ତରୀକ୍ଷର ଯାଏଁ ବ୍ୟାପ୍ତ,
ଏବେ ବି ତା ଭିତରେ ଲହଡ଼ି ଭାଙ୍ଗନ୍ତି
ଅପ୍ରମିତ ଦୁଃଖ ଓ ଦରଜ ।

ହଁ
ଏବେ ବି ସେ ଆଞ୍ଜୁଳାଏ ପାଉଁଶର ଝଡ଼
ଅଲୋଡ଼ା, ଅଖୋଜା
ଏ ମାୟାଲିପ୍ତ ସମ୍ପର୍କ ଭିଡ଼ରେ,

ସେ ଏକ ଅସଜଡ଼ା ମାଟିଖଣ୍ଡ
ଏକ ନିଷିଦ୍ଧ ସୀମାନ୍ତ
ଏ ପ୍ରବଞ୍ଚନାର ଶ୍ୟାମଳ ସହରେ ।

ସମସ୍ତେ ଜାଣନ୍ତି
ସେ କେବଳ ଗୋଟେ ନିରୋଳା ପଥର,
ନିର୍ଜୀବ, ନିରସ, ନିଦୁରିତ ଧୂଳିର ଚାଦର ।

ହେଲେ କେହି ବି ଜାଣନ୍ତିନି
ତାକୁ ଦେଖୁଦେଖୁ ବହିଯାଏ ଆବେଗ
ଛୁଉଁ ଛୁଉଁ ତରଳିଯାଏ ହୃଦୟ,
ଧରୁଧରୁ ଉଛୁଳି ପଡ଼େ ପ୍ରେମ
ଆଉ ଚିପୁଡ଼ିଲେ ନିଗିଡ଼ି ପଡ଼େ ରକ୍ତ !

♥ ସମ୍ପାଦକ: ବଣମଲ୍ଲୀ, ଅଧ୍ୟାପକ,
ପତିତପାବନ ମହାବିଦ୍ୟାଳୟ, ସାଇଁକୁଳ,
କେନ୍ଦୁଝର-୭୫୮୦୪୩,
ଫୋନ:୭୬୦୯୦୭୭୦୨୩



▶ ଫଟୋ ପ୍ରଦୀପ ଫଟୋ



ଚିତ୍ର : ଶିଳ୍ପୀ ପ୍ରତ୍ୟୁଷା ଦେଓ

# କୁହୁକ କୁହୁଳେ

ରଂଜିତା ପଣ୍ଡା

ଗୋଟେ କୁହୁକ କୁହୁଳେ
ଯେବେ ସେ ମୋ ଠାରୁ ସହସ୍ର କୋଶ ଦୂରେ
ରହି ବି ମୋ ପାଦଚିହ୍ନ ଉପରେ ତା' ନିଜ ଛାଇ
ଆଙ୍କି ଆମ ଯୁଗ୍ମ ସ୍ୱପ୍ନଟିଏ କଳେ
ସେତେବେଳେ ଗୋଟେ କୁହୁକ କୁହୁଳେ ।

ସେ ମତେ ଡାକେ ନାହିଁ, ପ୍ରାର୍ଥନାରେ ମାଗେ ନାହିଁ
ସେ ଜାଣିଛି ଭଲ କରି ଖୋଲା ଆଖିର କଳ୍ପନା
କେବଳ ଧୂମକେତୁର ଗାର ।
ଋଣ କରି ରଖିହୁଏନା ଜୀବନର ଆଧାର
କି ଦେଇ ହୁଏନା ମନପସନ୍ଦର ଆକାର ।

ତା' ଅଗଣା ମୋର ନୁହଁ
ତା' ବିଛଣାରେ ଶୋଇରୁହେ ଯେଉଁ ଅଳସୀ ଦ୍ୱିପ୍ରହର,
ସଞ୍ଜ ହେଲେ ଧୂପ ଦେଇ ଆବାହନ କରୁଥାଏ ନିତି
ଦଶଦିଶାର ଈଶ୍ୱର ।

ଝଡ଼ ଆସେ ଝଡ଼ ଯାଏ,
ପତ୍ରଝଡ଼ା ଋତୁମାନଙ୍କୁ ନେଇ ଦ୍ରୁତଗତିରେ ସମୟ ଚାଲୁଥାଏ
ହେଲେ କେବେ କଣ ମୋ ନାଁ ସେ
କେଉଁ ଅଚିହ୍ନା ପିଚୁ ସଡ଼କ ଉପରେ ପାଦର
ବୁଢ଼ା ଆଙ୍ଗୁଳିରେ ଲେଖୁଥାଏ ।


ମନ ସଦା ଭ୍ରମ ପାଳେ
ଭ୍ରମରଟେ କଣ କେବେ
ଚାଖଣ୍ଡେ ମାଟିରେ ନଅର ତୋଳେ !

ତଥାପି ଏ ଜୀବନ ତା ମୋହରେ ମହୁ ମହୁ ହୁଏ
ତା' ଦୂରତାରେ ଲୁହ ଲୁହ ହୁଏ
ଏ କେଉଁ ସଙ୍ଗୀତ କେଜାଣି
ସେ ମତେ ମନେ ପକେଇଲେ
ତା' ବିରହରେ ମୁଁ ବେଘର ବେଚାରି ହୁଏ ।

ତା' ନାମକୁ ଜପାମାଳ କରି
ମୁଁ ନିଜ ଠାରୁ ନିର୍ବାସିତ ହୁଏ
ଟୁକୁଡ଼ା ତୁଳା ପରି ତା' ସ୍ମୃତି ଆକାଶରୁ
ନୀଳ ଖୋଜୁଥାଏ ।

ତା' ଓଠରୁ ଟୋପେ ନିଆଁ ଯେବେ
ମୋ ବୁକୁର ଅରଣ୍ୟକୁ ଜାଳେ,
ସେତେବେଳେ ଗୋଟେ କୁହୁକ କୁହୁଳେ ।

ଆନନ୍ଦନଗର, ସୋନପୁର
ଫୋନ:୯୯୩୭୯୩୨୯୭୮



ଫଟୋ ରଂଜିତା ପଣ୍ଡା

# ନିରବ ଆଖିର ଭାଷା

## ଡକ୍ଟର ହରିଶ୍ଚନ୍ଦ୍ର ବେହେରା



▶ଚିତ୍ର : ଶିଳ୍ପୀ ଡାକ୍ତର ଦୀନବନ୍ଧୁ ସାହୁ

ନିରବ ଆଖିର ଭାଷା କେତେ ବାଙ୍ମୟ
ଖୋଲି ଦିଏ ସମସ୍ତ ନିବୁଜ ଦୁଆର
ସମୟର ସ୍ରୋତ କେତେ ଧାରୁଆ
ସଂସିଲ କରିଦିଏ ମନ ଭିତର ଅମସୃଣ ପଥର ସବୁ

ଅନ୍ଧାରକୁ ଆଡ଼େଇ ଆଡ଼େଇ
ଆସିଛି ଦେଖିବାକୁ
ଅଥଚ ପାଉନି
କେବଳ କାଚ ଭାଙ୍ଗିବାର ଶବ୍ଦ ଶୁଭୁଛି କେଉଁଠୁ

ସ୍ୱପ୍ନ ଭିତରେ ତ ଅନେକଥର ସେ ଆସିଛି
ଛୁଇଁବା ବେଳକୁ ବରଫ ପରି ତରଳି ବୋହି ଯାଇଛି
ନଈଟିଏ ହୋଇ
କେଉଁ ଅଝଟ ଥିଲା ଯେ ଦେଇ ପାରିଲିନି ବୋଲି
ଏତେ ଅଭିମାନ !

ମୁଁ କ'ଣ ଜାଣିନି ତା' କେଇପଦ କହି ନପାରିଥିବା କଥାରେ
ଖୋଲିଯାଏ ଅଚିହ୍ନା ପୃଥିବୀର ଅର୍ଦ୍ଧେକ ଢାଙ୍କୁଣି
ସେ ନଥିବା ବେଳେ ଗୋଟେ ବାସ୍ନା ମହକୁଥାଏ ଘର ଯାକ
କେଉଁଠି ଅଛି ବୋଲି ଦରାଣ୍ଡୁ ଥାଏ ଦେହସାରା

ସେ କୁଆଡ଼େ ଇନ୍ଦ୍ରଧନୁରେ ଚାଲେ
କହେ କେତେଥର

ଜୁଡ଼ାରେ ବାନ୍ଧିପାରେ ବଣ ସାରାର ମହକ
ନିଃଶ୍ୱାସରେ ବଉଳିଯାଏ ଅଦିନ ବସନ୍ତ

ଅନ୍ଧାରକୁ ସଜେଇ ଦିଏ ଅସରନ୍ତି ଲୋଡ଼ିବା ପଣର
କୁଟିକମ ତାରକସିରେ

ଲୁହ କେବେ ପଡ଼ିଯାଏ ଘାସ ଉପରେ ତ
ଚୁନା ଚୁନା ମୁକ୍ତାଫୁଲ ଫୁଟେ

କଷି-ଜହ୍ନରେ ସେ ମୁହଁ ଦେଖେ
ଅମାବାସ୍ୟାର ଅନ୍ଧାରକୁ କହେ ଏ ମୋ କେଶ
ଯେଉଁଠି ବସି ମିଷ୍ଟର କାଉଲ୍ ସୁରା ପିଏ
ଆତ୍ମ-ରମଣରେ ମାତିଥାଏ

ଛମ୍‌ଛମ୍ ପାଉଁଜି ଶୁଭେ ସେଇଠି
ଯେଉଁଠି ଗୋଟେ ସଜଫୁଟା ନୀଳକଇଁ ନେବାକୁ ଜିଗର କରୁଥିଲା
ବିଡ଼ମ୍ବିତ ଭାଗ୍ୟ କ'ଣ ଜାଣି ନଥିବା
ଅପ୍ରାପ୍ତ ବୟସୀ ଝିଅଟି ।

♥ କଲ୍ୟାଣନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ଫୋନ:୯୪୩୭୮୧୩୭୦୮



▶କବି ଡ. ହରିଶ୍ଚନ୍ଦ୍ର ବହେରା

# ରବିବାର

**ରବି ଶତପଥୀ**

କଥା ଦେଇ
ତୁମେ ଯେଉଁଦିନ ଆସ ନାହିଁ
ସେଦିନ ରବିବାର,
ସେଦିନ ବି ପ୍ରଜାପତି ସବୁ
ଡେରିରେ ଆସନ୍ତି
ପରିଚିତ ଫୁଲ ବଗିଚକୁ,
ଲାଗେ, ସେଦିନ
ସକାଳ ଟିକେ ଡେରିରେ ଆସେ,
ଅନ୍ୟମନସ୍କରେ ଥରକୁ ଥର
ଥଣ୍ଡା ହେଉଥାଏ ଚା କପ୍ ।
ଖବରକାଗଜର ସାହିତ୍ୟ ପୃଷ୍ଠାରେ
ଚୁପ୍ କରି ବସିଥାନ୍ତି ମନଲାଖି କବିତା ।

ହଠାତ୍ ମାଛଭଜାର ବାସ୍ନାରେ
ଆନମନା ହୁଏ ଦ୍ୱିପ୍ରହର
କୁଆଡ଼େ ଥାଏ ସେ ଭୋକ
ଅଭିମାନ କରି ବସେ ଡାଇନିଂ ଟେବୁଲ୍‌ରେ ।
ଠିକ୍ ଏତିକିବେଳେ ଲାଗେ
ଛୁଟିଦିନର କାମ ସାରି
ତୁମେ ତରତର ହୋଇ ଆସୁଛ ?
ଠିକ୍ ଯେତେବେଳେ ଅମାନିଆ ପବନ
ଖୋଲିଦିଏ ଘରର ଦାଣ୍ଡକବାଟ ।
ଦେଖୁ ଦେଖୁ ଗୋଟେ ବାସ୍ନା ତମ ଦେହର



ଚିତ୍ର : ଶିଳ୍ପୀ ଡାକ୍ତର ଦୀନବନ୍ଧୁ ସାହୁ

ଆସି ନୀରବରେ ଘରସାରା
ବୁଲି ଦେଇ ଫେରିଯାଏ ।
ନଷ୍ଟ ହୋଇଯିବ କି ପ୍ରତୀକ୍ଷାର
ଏଇ ନୂଆ ରବିବାର
ଭୟ ଲାଗେ ପୁଣି ଲାଗେ ନାହିଁ ।

କାହିଁକି କେଜାଣି
ରବିବାର ସଂଜରେ
ବେଶି ବେଶି ମଲ୍ଲୀଫୁଲ ଫୁଟେ
ଅଥଚ, ବାସ୍ନା ବେଶି ଜଣା ପଡ଼େନାହିଁ,
ଆଉ ରାତି ଆସିଲେ ଲାଗେ
ରବିବାର ସରିଯାଏନି ତ ମରିଯାଏ ।

ଅଂଧାରକୁ ଦେଖିଲେ ଲାଗେ
ରବିବାରେ ଆସ କହି
କାହାକୁ ଗୋଟେ ଛାଡ଼ି ଆସିଛି
ଅଧାବାଟରେ ଯେ,
ତାକୁ ଖୋଜିଲା ବେଳକୁ
ପାହି ଯାଇଥିବ ରାତି,
ରାସ୍ତା ମଝିରେ ଠିଆ ହୋଇ
ହସି ଦେଉଥିବ ସୋମବାରର ବ୍ୟସ୍ତ ସକାଳ ।

♥ ଅଧ୍ୟାପକ: ଓଡ଼ିଆ ବିଭାଗ, ନନ୍ଦପୁର କଲେଜ, କୋରାପୁଟ
ଫୋନ: ୯୪୩୭୭୮୪୮୫୯



କବି ରବି ଶତପଥୀ

# ନିରବତା ଓ ତୁମେ

## ତ୍ରିଲୋଚନ ମହାନ୍ତି



▲ ଚିତ୍ର : ଶିଳ୍ପୀ Ankita Kumar

ହେ ପ୍ରିୟତମା !
ତମେ କଣ ଭୁଲିଗଲ କି ସେ ମେଳଣ ପଡ଼ିଆର କୋଳାହଳ
ଭୁଲିଗଲ କି ସେ ମୁହଁ ସଞ୍ଜର ହାସ୍ୟରୋଳ
ଭୁଲିଗଲ କି ସେ ନଈ ସେପାରିର
ମେଘମେଘ ମହନୀୟ ମାୟା
ଭୁଲିଗଲ କି ସେ ତେଲଲୁଣ ସଂସାରରେ
ଦିବାନିଶି ଦୌଡୁଥିବା ସପନର ଛାୟା
ଭୁଲିଗଲ କି ସେ ପ୍ରଶାନ୍ତି ପ୍ରେମର ଝିମିଟି ଖେଳ
ଭୁଲିଗଲ କି ସେ ଅସହ୍ୟ ଅପେକ୍ଷାର ଅମୃତଫଳ ।

କେଜାଣି କାହିଁକି
ଆଜିକାଲି ତମେ ଏତେ ନିବିଡ଼ ଭାବେ ନିରବ
ତମ ନିରବତା କଣ
ଭେଦି ପାରିବ ସେ ଅଭୁତ ନିର୍ମମତାର ଦୁର୍ଗ
ଭାଙ୍ଗି ପାରିବ ସେ ଅଶ୍ରଦ୍ଧ ଅସହିଷ୍ଣୁତାର ମାର୍ଗ
ଦେଇପାରିବ ସେ ସ୍ୱକୀୟ ସ୍ୱପ୍ନର ସିଂହାସନ
ପାଇପାରିବ ସେ ଆଲୋକିତ ଆଶାର ଇନ୍ଦ୍ରାସନ
ଜିଣିପାରିବ ସେ କର୍କଶ କଠୋରତାର ହୃଦୟ
ଆଣିପାରିବ ସେ ଶତାୟୁ ଶତ୍ରୁ ଉପରେ ବିଜୟ ?

ତେବେ !
ତମେ କାହିଁ ଆଦରିଲ ନିର୍ଦ୍ଦୟ ନୀରବତା
ତମେ କଣ !



▲ ତ୍ରିଲୋଚନ ମହାନ୍ତି

ବୁଝିଗଲ ଯେ
ସେ ତ ସବୁ ଇତି ଓ ଆରମ୍ଭର ମାହେନ୍ଦ୍ର ବେଳ
ସେ ତ ସବୁ ମହମହ ମଧ୍ୟାହ୍ନର କାଳ
ସେ ତ ସବୁ ନଈ ଓ ସାଗରର ସଙ୍ଗମ ସ୍ଥଳ
ସେ ତ ସବୁ ଜୁଆର ଓ ଭଟ୍ଟାର ସକାଳ ।

ପୁଣି
ସେ ତ ସବୁ ସମ୍ଭାବନାର ଅୟମାରମ୍ଭଟିଏ
ସେ ତ ସବୁ ବିଜ୍ଞତାର ମହାକୁମ୍ଭଟିଏ
ସେ ତ ସବୁ ଉତ୍ତରର ଭରା ମାଠିଆଟିଏ
ସେ ତ ସବୁ ଶବ୍ଦଙ୍କ ଠୁଁ ବେଶି କଥାଟିଏ
ସେ ତ ସବୁ କ୍ଷମତାର ଅମୋଘ ଅସ୍ତ୍ରଟିଏ
ସେ ତ ସବୁ ମନର ମାତାଲ ଭଅଁରଟିଏ

ହେ ପ୍ରିୟତମା !
ଏଇଥିପାଇଁ ସତେ
ଏକାକୀ ଆଦରିଲ ନିରବଧି ନିରବତା
ଏଇଥିପାଇଁ କଣ
ଏଠି ଠୋପା ଠୋପା କାକରରେ ଜଳୁଛି
ଏ ଗୋଲାପ ରଙ୍ଗର ଅପେକ୍ଷାର ଚିତା ।

♥ ସନ୍ତପଡ଼ା, ବନ୍ଧପଡ଼ା, ରାଜନଗର, କେନ୍ଦ୍ରାପଡ଼ା
ଫୋନ:୮୨୮୦୧୯୯୭୭୫



▶ ଚିତ୍ର : ଶିଳ୍ପୀ ଗୌରାଙ୍ଗ ଡାଣ୍ଡିଆ

# ସଙ୍ଗୀତ

## ସତ୍ୟ ସାହୁ

ବେଳେବେଳେ ନିଜକୁ ଖୋଜେ ଅଚାନକ
କଳାପଟା, ରଂଗବେରଙ୍ଗ ଚକ୍ ଖଡ଼ି ସାମ୍ନାକୁ ଆସିଯାନ୍ତି ଆପେ ଆପେ

ମୋ ଭିତରୁ ବାହାରିଯା'ନ୍ତି ଛଅ ଋତୁ ବାର ମାସ
କ୍ଷୁଧା ଆଉ ଉଲଗ୍ନ ଶିଶୁ
ବସି ଯାଆନ୍ତି ବେଞ୍ଚରେ ସୁଧାର ସୁଠାମ ସୁହାସ

ଯେତିକି ଜରୁରୀ ନୁହେଁ କହିବା
ଏଇ ସନ ଜଗୁ ଦଉଡ଼ି ଦେବା
ବାୟା, ସପନ ହେରିକା ବିଷ ପିଇବା
ସେତିକି ବିଚିତ୍ର ନୁହେଁ, ଏମାନେ
ଖୋଜିଥିଲେ କିନ୍ତୁ ଗର୍ଭିଣୀ ମାଈ ମେଘ
ଦେଖିଥିଲେ ନଈକୁ ଅନ୍ତ ଖାଇବାର
ବୁଝି ପାରିଲେନି ଏକରେ ଏକ ମିଶି ଏକ ହୁଏ
ପଢିନଥିଲେ କି ମନ-ମିଞ୍ଜାସ୍ ପାଠ ସେମାନେ

ବାଡ଼ଛାଟି ଜୀବନ-କାଂଥ ପଞ୍ଜରାକୁ
ଠିକା ଆଣି ଛଅ ଋତୁ ଲଗାଏ ଧର୍ମ ଲଂକାଗଛ
ବସାଏ ଗଣଧାରଣା ନଳକୂପ ଆଉ-
ବାଂଟେ ଅମୃତ ମାର୍କା ଚକଚକିଆ ରାଜନୀତି
ବାରମାସ ଝୁଲେଇଦିଏ କାଂଥରେ
ଯୋଜନା ଫଳକ କ୍ୟାଲେଣ୍ଡର, ଫଟୋ
ଛୁଆ କାଖେଇ ଦେଢ଼ କିଲୋମିଟର ଲାଇନରେ
ଠିଆ ହେଇଥାଏ କୁସୁମାନି ।



ମୌସମ୍ ମହୋତ୍ସବ ନାଟ ପ୍ରେମାନନ୍ଦ ସବୁ ଥାଇ
କେମିତି ଭୁଲିଗଲେ ଶୁଣିବାକୁ ପୂର୍ବଜଙ୍କ ଧୂନ୍
ପଢିନଥିଲେ କି ମୈତ୍ରୀ-ମନ୍ତ୍ର ସେମାନେ

ଏମିତି ତ ନୁହେଁ ବିଭାଗୀ ମଣିଷର ଛାଇରୁ
ମା' ଥନ ରସ ଖୋଜେ ମଣିଷପଣିଆ
ଅନ୍ଧାର ଭିତରେ ତ ନ ଥାଏ ଅଜ୍ଞାନ
କ୍ଷୁଧା ତ ଚିର ସ୍ରୋତସ୍ୱିନୀ, ଶବ ପିଠିରେ ପାରି କରେ
ମୃତ୍ୟୁ ତ ରମଣଶ୍ରୀ, ପ୍ରତୀକ୍ଷା ନୟନୀ ଉଜାଗରୀ
ରାତ୍ରି ତ ରହସ୍ୟ ସାଥିରେ ଈଶ୍ୱର, ଆରପାରି, ନାରୀ
ବେଶ୍ ହସମୁଖ ଖେଳପଡ଼ିଆ ସୂର୍ଯ୍ୟ ରଙ୍ଗ ପେଣ୍ଡୁରେ
ବେଶ୍ ଦୁଷ୍ଟ ବିଲ ବାଡ଼ି ମନ ରଙ୍ଗ ମଧୁଶାଳାରେ

କି ମାରକ ଦଶା ଛୁଇଁଯାଇଛି ଯେ କେବେଠୁ
ଭୁସ୍ କିନା ବାହାରି ପଡେ କୁଟୀଳ ବନ୍ଦନୀ
ପଢ଼ିନଥିଲେ କି ଜୀବନ-ବୋଧ ସଂହିତା ସେମାନେ

ବେଦମ୍ ହସୁଥିଲା ସୁଠାମ ସୁହାସ ସେ ଉଲଗ୍ନ ଶିଶୁ ।

♥ ସିଟି କୋପରେଟିଭ ବ୍ୟାଙ୍କ, ଦର୍ଜି ପୋଖରୀ,
ରାଣୀପାଟଣା,ବାଲେଶ୍ୱର-୭୫୬୦୦୧
ଫୋନ : ୮୯୧୭୨୨୦୬୯୯/୭୦୬୪୦୯୯୯୫୯



ଚିତ୍ର : ଶିଳ୍ପୀ ରାଜଶ୍ରୀ ମହାପାତ୍ର

# ଆରମ୍ଭ

## ତପନ କୁମାର ପଣ୍ଡା

ଶେଷ ହେଉଛି ଏଇଠି ରାସ୍ତା ।
ଗୁଡ଼ାଏ ଛନ୍ଦାଛନ୍ଦି ହାତରେଖା ସରି ଯାଉଛି
ଏଇଠି,

ଗୋଟେ ଫୁଲଗଛ ଲାଗିଥିଲା ମଳୟ ଅପେକ୍ଷାରେ,
ଦିନେ ମହକି  ଯାଇଥା'ନ୍ତା ଶରୀର,
କେଉଁ ଦୂର ମରୁବାଲିରେ
ପୋତା ହେଇଥିଲା ଶୀତଳ ସ୍ପର୍ଶ ଭଳି ପ୍ରେମ,
କେହିଜଣେ ଅଚାନକ ଖୋଲି ଦେଇଥାନ୍ତା ଦ୍ୱାର,

ଶେଷ ହେଉଛି ମୁହୂର୍ତ୍ତ,
ଶେଷ ହେଉଛି ବର୍ଷ ଆଉ ବୟସ ।

ମୋ ପାଦ ମୋର ଅବିଶ୍ୱସ୍ତ,
ଚାଲିଲେ ନିଜ ନିଜ ଅଭିସନ୍ଧିରେ,
ଦିନେ ପର୍ବତ ଶିଖରରେ ଠିଆହେବାର ପାଇଲି...
ହାତ ବଢ଼େଇଲେ ଯେଉଁ ମୁଠାମୁଠା ନକ୍ଷତ୍ର
ତୋଳି ହେଇଗଲେ ମୁହୂର୍ତ୍ତରେ
ସେମାନେ ମୋର ଚିରଶତ୍ରୁ,
ଶୁଏଇ ଦେଲେନି ଗଲା ବର୍ଷସାରା ରାତିରେ ।

ଥରେ କିଏ ଜଣେ ନାୟିକା
ମୋର ସ୍ୱପ୍ନରେ ଆସିଥିଲା,
କହିଥିଲା ମୁଁ ଘୁରିବୁଲିବି ଲିଡା ରୁ ଦଣ୍ଡ,

ସହରୁ ସହର ପୁଣି ଫେରି ଆସିବି କ୍ଲାନ୍ତ,
ପାହାର ପରେ ପାହାର ସହିଲା ଭଳି
ମୁଁ ମଜବୁତ କଲି ଛାତି,
ଦିନେ ବି କେଉଁଠି,
କେଉଁ ଫୁଲବଗିଚାରେ ଝୁଣ୍ଟି ପଡ଼ିଲିନି ବାସ୍ନାରେ,

ଶେଷ ହେଉଛି କ୍ୟାଲେଣ୍ଡରର ପୃଷ୍ଠା,
ଶେଷ ହେଉଛି ମୋର ବିଶ୍ୱାସର ଫର୍ଦ୍ଦ ।

ସେ ଅଭିଯୋଗ କରେ,
ଜଳନ୍ତା ଶୀତର ନରମ ଖରାରେ
ବୟସ ଦେଖେଇ ଆରୋପ କରେ,
ଏକମାତ୍ର ଜାହାଜ ଭାସୁଥିବାର କହେ ସମୁଦ୍ରରେ,
ଆମ ବିଚ୍ଛେଦ ପର ଠୁ
କିଭଳି ଝଡ଼ି ପଡ଼ିଛି ଦେହରୁ ରକ୍ତ ମାଂସ,
ଆମ ବିଚ୍ଛେଦ ପର ଠୁ ସେ ଯେ କଙ୍କାଳ...
ଅଭିଯୋଗ କରେ ।

ଶେଷ ହେଉଛି ଗୋଟେ ବର୍ଷ
ଶେଷ ହେଉନି ଏଇଠି ଗୋଟେ ଗପ ।

ମୁଁ ଅଜଗରୀ ଶୋଷ,
ମୁଁ ହୁଏତ ଏବେ ନୀରବ,
ମୁଁ ହୁଏତ ସ୍ଥିର ଆଉ ପ୍ରଶାନ୍ତ...
ଯିଏ ନିଆଁ ହେଇ ଜାଳି ଦେଉଛି ମୋର ଅତୀତ,
ସେଇ ହିଁ ଏକା କହିବ
ଇଏ କେଉଁ ଆଶ୍ଚର୍ଯ୍ୟର ଆରମ୍ଭ ।

ପ୍ରୋ-ଭାଇସ୍ ଚାନ୍ସେଲର୍, ଏମ୍ଆଇଟି-ଡବ୍ଲୁପିୟୁ, ପୁଣେ-୪୧୧୦୩୮,
ଫୋନ:୭୦୮୨୪୬୪୮୦୦



କବି ତପନ କୁମାର ପଣ୍ଡା



ଚିତ୍ର : ସସ୍ମିତା ସାହୁ

# ବର୍ଣ୍ଣବୋଧ

## ଐଶୂର୍ଯ୍ୟା ରାଉତ

ସହଜ ତ ନଥିଲା ଏତେ
ନିବିଡ଼ ବନ୍ଧନରୁ ମୁକୁଳି
ତଥ୍ୟ, ତତ୍ତ୍ୱ ରହସ୍ୟ ଅଣ୍ଡାଳିବା ;
ଅରଣା ମଇଁଷିର ମୁଣ୍ଡିଆ ଭୁଲି
ଛଳଛଳ ଅବନାରୁ କ୍ରମଶଃ କ୍ଲିଷ୍ଟ ହେବା !

ଖୁବ୍ ସହଜରେ କିନ୍ତୁ ତୁମେ ଭୁଲିଗଲ
କାଉ ରାବିବା ପରର ମଅଠ
ସତ କହି ଭଲ ଚାଟ ହବାର ବାଟ,
ପାଶୋରିଲ, ଟଗର ଫୁଲର ରଙ୍ଗ
ନିରୀହ ଛେଳି ଛୁଆର ଅସହାୟତା
ପାଚିଲା ବେଲର ସ୍ୱାଦ ଆଉ ବିବିଧ ପାଠ ।

ତୁମେ ତ, ସଭ୍ୟତାର ଘୋଡ଼ା ଚଢ଼ି
ପାର୍ ହେଇଗଲ ଚକାଭଉଁରୀର ପରିଧି
ଛାଡ଼ିଗଲ ଅଝଟ ବୟସର ସବୁ ବାୟା ପଣ,
ଡଙ୍ଗା କରି ଭସେଇ ଦେଲ
ପାଣିଚାରେ ଇନ୍ଦ୍ରଧନୁର ପ୍ରତିଛବି
ଭୁଲିଗଲ କାନକୁହା - ମେଣ୍ଢା ମୁଣ୍ଡଟି ବଡ଼ ଟାଆଣ ।

କେମିତି କହିବି ?
ଛାଣି ଛାଣି ପିଇବାକୁ ହୁଏ ଜୀବନ
ଗଣିଗଣି ମାପିବାକୁ ହୁଏ ପାଦର ବୟସ,
ମାଟି ଭିତରେ ହିଁ ବୃକ୍ଷମୂଳ
ଶଙ୍ଖ ବଜାଇଣ ଲଙ୍ଘି ହୁଏ ଘୋର ବନ
ଘୋଷିଲା କଣ୍ଠ ହିଁ ବାରିପାରେ ପଣିକିଆ ନିୟମ ।

ତୁମେ କଣ ଆଉ ଖୁସି ହେଇପାର !
ଏ ବିଶାଳ ସଂସାରର ସୁନ୍ଦରତାରେ
ଗ୍ରହ ନକ୍ଷତ୍ରର ବିତରି ଯାଉଥିବା ଜ୍ୟୋତିରେ
ତୁମ ସ୍ୱର କଣ ଭେଦି ପାରେ ?
ଫୁଲ ହେଇ ମହକି ଯିବାର ପ୍ରାର୍ଥନା
କାଳିଆ ଘୋଡ଼ାରେ ଚଢ଼ିବାର ପ୍ରତିଜ୍ଞା
ଭୁଷୁଡ଼ି ପଡୁଥିବା କଟକ ନଗରର ବେଦନା !

ହୁଏତ, ତୁମେ ଆଜି ବି ହେଜିନପାର
ବିଦ୍ୟା ଉପାର୍ଜନ କରିବାର କାରଣ
ବୟସ୍କ ବିରାଡ଼ିର ନିଶବ୍ଦ ଉଚ୍ଚାରଣ
ବୁଝି ନପାର,
ଓଟ, ଅରଟ, କଳମର ବନାନ
ଶୁଣି ନପାର ଅମ୍ଳୀୟତାର ମଗ୍ନ ତାନ ।

ଏଣୁ.......
ଏ ନିଆଁ ମଉଳି ଯିବା ଆଗରୁ ଥରେ ଆସ
ମଲା ପାଉଁଶକୁ ଆଡେଇ
ଫୁଙ୍କିଦିଅ ଆଦରରେ
ମୁଁ ଜଳିଯିବି ଅନାୟାସରେ
ତୁମ ଦରୋଟି କଥାରେ,
ବାରମ୍ବାର ଭୁଲ ହେଉଥିବା ମାତ୍ରା, ଫଳାରେ
ତୁମ ଅନ୍ୟମନସ୍କ କଟକ ନଗର ଆଉ ଧବଳ ଟଗରରେ !!


ନୂଆଗାଁ, ମଂଜୁରୀ ରୋଡ,
କେନ୍ଦୁଝର-୭୫୬୧୨୧
ଫୋନ:୭୬୦୯୯୬୯୦୩୯




ଫଟୋ ଐଶୂର୍ଯ୍ୟା ରାଉତ

ପ୍ରସଙ୍ଗ-୩

# ମନପସନ୍ଦ୍‌ର ୩ ତରୁଣ



# ନବପ୍ରଜନ୍ମର ସୃଜନସ୍ୱାକ୍ଷର


## କମଳ କୁମାର ମହାନ୍ତି

ଫ୍ଲାଟ୍ ନଂ ୧୧୯, ଭିଏସ୍‌ଏସ୍ ନଗର ଏପାର୍ଟମେଣ୍ଟ,
ରଙ୍ଗବଜାର, ସତ୍ୟଭାମାପୁର,
ବାଲକାଟି, ଭୁବନେଶ୍ୱର-୭୫୨୧୦୦
ଫୋନ: ୮୨୪୯୩୩୬୫୮୭


ଫଟୋ ସୌଜନ୍ୟ : ଲେଖକ

**ପ୍ରାୟତଃ ଅଭିଯୋଗ ହୁଏ ଯେ ନୂଆମାନଙ୍କୁ ବା ତରୁଣପିଢିଙ୍କୁ ପଢନ୍ତି ନାହିଁ ତାଙ୍କ ଉପର ପିଢି ବା ସିନିୟର୍ ଲେଖକମାନେ । ଏ ଅଭିଯୋଗର ସତ୍ୟତା ଅସ୍ପଷ୍ଟ । କାରଣ ଆମେ ପାଉଛୁ ନବପିଢିଙ୍କୁ ସିନିୟରଙ୍କ ତୁଣ୍ଡରେ ଖଇ ଫୁଟିଲା ପରି । ବିଶ୍ୱାସ ହେଉନି ? ପଢନ୍ତୁ 'ରେବତୀ' ।**



▲ଲେଖକ କମଳଙ୍କ ଫଟୋ ସହ


ନବପ୍ରଜନ୍ମର ସୃଜନ ସ୍ୱାକ୍ଷରମାନଙ୍କୁ ହାତ ପାଆନ୍ତାରେ ଦେଖିଲେ ବେଳେବେଳେ ଚକିତ ହେବାକୁ ପଡ଼େ । ସତରେ ଏହି ନୂଆ ସୃଜନ କଳିକାମାନେ ଦିନେ କମନୀୟ ପୁଷ୍ପଭାରରେ ଉତ୍କଳମାତାର ବାଣୀଭଣ୍ଡାରକୁ ସମୃଦ୍ଧ କରିପାରିବେ ତ ! କାରଣ, ଚାରିଆଡ଼େ କେବଳ ଖବର ଖୋଜା ଓ ବସ୍ତୁ ବ୍ୟାପାରର ଭାଗଦୌଡ଼ !

ତରୁଣ ଓଡ଼ିଆଟିଏ ପାଠ ପଢ଼ିବା ସରି ନଥିବ, ଏଣେ କ୍ୟାରିଅର୍ ପାଇଁ ଆପଣାକୁ ପ୍ରସ୍ତୁତ କରି ଚାଲେ । ସାହିତ୍ୟ ପୃଥିବୀଟା ତା'ଲାଗି ଏକାନ୍ତ ବିରକ୍ତିକର ଓ ଅସଂଲଗ୍ନ । ତେବେ କତିପୟ ତରୁଣ ନିଜ ଚାରିପାଖର ପୃଥିବୀରୁ ଭାବ ଓ ଚରିତ୍ର ଖୋଜି ତାକୁ ଜୀବନ୍ୟାସ ଦେବାରେ ସଫଳ । ସେମାନେ ବି କ୍ୟାରିଅର୍ ଗଢ଼ନ୍ତି । ହେଲେ ସୃଜନର ପୃଥିବୀରେ ନିଜନିଜର ପଦାଙ୍କ ଛାଡ଼ି ଆଗାମୀ ପିଢ଼ି ପାଇଁ ଭିତ୍ତି ପକାଇ ନୂଆ ଦିଶା ତିଆରି କରନ୍ତି । ସେମାନେ ସେଥିପାଇଁ ଭିନ୍ନ ଓ ଅନନ୍ୟ ।

ଏମିତି ତରୁଣ ଲେଖକମାନଙ୍କର ନିଷ୍ଠା ଓ ନିବେଦନ, ପ୍ରେମ ଓ ପ୍ରତିଶ୍ରୁତିକୁ ଅନୁଧ୍ୟାନ କଲେ କତିପୟଙ୍କୁ ଉଲ୍ଲେଖ ଓ ଅନୁଶୀଳନ କରିବାକୁ ଇଚ୍ଛା ହୁଏ । ସେହିମାନଙ୍କ ଭିତରୁ ମୋ ପସନ୍ଦର ତିନି ତରୁଣଙ୍କୁ ମୁଁ ମୋର ଅନୁଶୀଳନର ଲେନ୍ସରେ ମାପିଛି । ସେମାନେ ହେଲେ ଗାଳ୍ପିକ ଭାବରେ ଶାନ୍ତନୁ କୁମାର ନାୟକ, କବି ଭାବରେ ସୁମିତ୍ ପଣ୍ଡା ଓ ଆଲୋଚକ ଭାବରେ ମାଧବାନନ୍ଦ ପାତ୍ର । 'ରେବତୀ'ର ଏ ଦାୟିତ୍ୱକୁ ମୁଁ ନିଷ୍ଠାର ସହ ତୁଲାଇଛି ।

## ଶାନ୍ତନୁ କୁମାର ନାୟକ

**ଜନ୍ମ ୧୬.୫.୧୯୯୨,**
**ଉଚ୍ଛବପୁର, କେଦାରପୁର, ସୋର, ବାଲେଶ୍ୱର**



▲ଶାନ୍ତନୁଙ୍କ ଫଟୋ ସହ

ତରୁଣ ପିଢ଼ିର ସ୍ରଷ୍ଟାମାନସ **ଶାନ୍ତନୁ କୁମାର ନାୟକ** ଗଳ୍ପ ଓ ଆଲୋଚନାରେ ଲେଖନୀ ଚଳାଇବାକୁ ପସନ୍ଦ କରନ୍ତି । ସେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, କେନ୍ଦ୍ରିୟ ବିଶ୍ୱ ବିଦ୍ୟାଳୟ, କୋରାପୁଟରେ ଏମ୍.ଏ., ଏମ୍.ଫିଲ୍. ଓ ପି.ଏଚ୍.ଡି. ସମାପ୍ତ କରିଛନ୍ତି । ସମ୍ପାଦନା ପୁସ୍ତକ: ସାହିତ୍ୟ ବିମର୍ଶ (ସମାଲୋଚନା), ଅବତୀର୍ଣ୍ଣ (ଗଳ୍ପ), ରଜନୀକାନ୍ତ ଗଳ୍ପବିନ୍ୟାସ : ବୀକ୍ଷା ଓ ବିମର୍ଶ (ସମାଲୋଚନା) ଇତ୍ୟାଦି ତାଙ୍କର ଅଦ୍ୟାବଧି ସର୍ଜନାର ପରିଧି । କୋରାପୁଟ ଜିଲ୍ଲା ସୁନାବେଡ଼ା ଏରୋନୋଟିକ୍ସ କଲେଜରେ ଅଧ୍ୟାପନା ହେଉଛି ତାଙ୍କର ବୃତ୍ତି ।

'କଥା ନବପ୍ରତିଭା ପୁରସ୍କାର' ଓ 'କାଦମ୍ବିନୀ ନବଉନ୍ମେଷ ପୁରସ୍କାର' ପାଇ ସାରିଥିବା ତରୁଣ କଥାଶିଳ୍ପୀ ଶାନ୍ତନୁ ତାଙ୍କ ଗଳ୍ପ ରଚନାରେ ଯେ ସମସାମୟିକ ଗଳ୍ପ ପାଇଁ ଅସୁମାରି ଆଶା ଓ ବିଶ୍ୱାସ, ଏହା କହିବାରେ




ରେବତୀ
ଆମ ମାଟିର ସ୍ୱର

ମୋର ତିଳେ ମାତ୍ର ଦ୍ୱିଧା ନାହିଁ । ଆମ ସମୟର ଦୁଃଖ ଓ ଅବକ୍ଷୟ ଏବଂ ବିଗିଡ଼ି ଯାଇଥିବା ସ୍ଥିତାବସ୍ଥାକୁ ସଠିକ୍ ନିରୂପଣ କରି ଆଖି ଆଗର ଚରିତ୍ରମାନଙ୍କୁ ନିଜ ଗଳ୍ପର କାନ୍‌ଭାସ୍‌ରେ ସଜାଇ ଚିତ୍ରଣ କରିବାରେ ଶାନ୍ତନୁ ଏବେଠାରୁ ତାଙ୍କର ଅଦ୍ଭୁତ କରିସ୍ମା ଦେଖାଇଛନ୍ତି । ହାତରେ ଗୋଟିଏ ମାତ୍ର ଗଳ୍ପବହି, ହେଲେ ସର୍ଜନାର ଭୂମି ଆପଣାର ତୀକ୍ଷ୍ଣ ଦୃଷ୍ଟିବୋଧରେ ବେଶ୍ ପୁଷ୍କଳ । ତାଙ୍କ କାହାଣୀର ଭିତ୍ତି ହେଉଛି ସେ ବଞ୍ଚୁଥିବା ଗୋଟେ ଯନ୍ତ୍ରଣାକ୍ତ ସମୟ । ଯେଉଁ ସମୟ ରାଜନୈତିକ ବ୍ୟଭିଚାର, ମାନବିକ ଅବକ୍ଷୟ, ଅନୈତିକ ତଥା ସାମାଜିକ ବିସଙ୍ଗତିକୁ ନେଇ ଅସନ୍ତୁଳିତ, ସେହି ସମୟକୁ ପଢ଼ି ନିରେଖି ସେ ଭଲ ଗପର ଉପହାର ସବୁ ପରସି ଦେଇଛନ୍ତି । ତାଙ୍କ ସଙ୍କଳନ 'ଅବତୀର୍ଣ୍ଣ' ମାତ୍ର ଷୋହଳଟି ଗଳ୍ପର ସମାହାର । ସବୁଗୁଡ଼ିକ ସମସାମୟିକ ସମାଜ ଓ ଜୀବନକୁ ନେଇ ସିକ୍ତ ଓ ଅନୁପମ । 'ପ୍ରେମିକାର ମାନଚିତ୍ର' ଗଳ୍ପରେ ପ୍ରେମିକାର ଉକ୍ତି ଏହିପରି – 'ହଁ ସଂଜୟ ମୁଁ ସବୁ ଜାଣେ, ତୁମେ ସହଜରେ ମୋତେ ଭଗବାନର ଚୌକିରେ ବସାଇ ଦେଲ । ହେଲେ ଏଥିରେ ମହାନତା ମୋର ନୁହଁ । ମୋ ମାଧ୍ୟମରେ ଗୌରବ ତୁମେ ହିଁ ଅର୍ଜନ କରୁଛ । କାରଣ ଭଗବାନଙ୍କ ଠାରୁ ଭଗବାନଙ୍କ ଆସନରେ ବସାଇଥିବା ମଣିଷ ହେଉଛି ସିଆଣିଆ, ବୁଦ୍ଧିମାନ । ସେଥିପାଇଁ ପଥରକୁ ତ ଭଗବାନ କରି ଦିଆ ହୋଇଛି । ଯାହାର କିଛି ପ୍ରତିକ୍ରିୟା ନାହିଁ, ଅଥଚ ତା' ପାଖ ଲୋକର ହଜାରେ ପ୍ରତିକ୍ରିୟା, 'ଯେମିତି ତୁମେ... ।' ଏ ସଙ୍କଳନ ବାହାରେ ଅନ୍ୟ ଏକ ଗଳ୍ପ ପୂଜା ପତ୍ରିକାରୁ ପଢ଼ିଥିଲି । ଶୀର୍ଷକ 'କବଚ' । ଗଳ୍ପନାୟକ ଜଣେ ଆର୍ମିର ସିପାହୀ । ଛୁଟିରେ ଘରକୁ ଆସି ସେ ପୁଣି ସୀମାନ୍ତକୁ ଫେରିଯିବାକୁ ଅନିଚ୍ଛା ପ୍ରକାଶ କରୁଛି । ଘରେ ପତ୍ନୀ, ଶିଶୁ ପୁତ୍ର ଓ ବୁଢ଼ିମାକୁ ଦେଖି ସଂସାରର ମାୟା ଲାଗି ଯାଇଛି । ସୈନିକର ଦେଶ ଜଗିବାର ବୈରାଗ୍ୟ କିନ୍ତୁ ସଙ୍ଗେସଙ୍ଗେ ବଦଳି ଯାଇଛି ମାଆର ତାଗିଦାରେ । ପୁଅ ସିନା ସୀମାନ୍ତ ଜଗି ବିରକ୍ତି ପ୍ରକାଶ କରୁଛି, ନିଜ ମାଆର ଯତ୍ନ ନେଇ ପାରୁନି ବୋଲି । ହେଲେ ମାଆ ତାକୁ ବୁଝାଇ ଦେଇଛି, 'ଜାଣିଛୁ ଧନ, ଜଣେ ମାଆର ସ୍ୱାଭିମାନ ସନ୍ତାନର ଉଚିତ୍ କର୍ମରେ ଥାଏ । ପୁଅ ଚୋର ତସ୍କର ନୁହେଁ, ଦେଶରକ୍ଷାରେ ନିୟୋଜିତ ଜବାନ । ସେ ମୋର ଯତ୍ନ ନେଇ ପାରୁନି, ହେଲେ ମୋ' ପରି କୋଟି କୋଟି ମାଆର କୋଳ ସୁରକ୍ଷିତ ରଖିପାରିଛି ।' ମାଆର ଏତିକି କଥାରେ ପୁଅର ବିଷାଦଯୋଗ ଦୂର ହୋଇଛି । ମାଆର କଥା ତା'ପାଇଁ ବିବେକର ଆଶ୍ୱାସନା ପାଲଟିଛି । ଶେଷରେ ସେ ତା'ର କର୍ମକ୍ଷେତ୍ରକୁ ଅଗ୍ରସର ହୋଇଛି ।

ମାନବିକତାର ଜୟଗାନ ହେଉଥିବା ଯାଏଁ ସାହିତ୍ୟ ବଞ୍ଚିଥିବ । ସମାଜର ବିଭିନ୍ନ ଚରିତ୍ରମାନଙ୍କୁ ଠାବ କରି ନିଜର ଗପତୂଳିରେ ଚିତ୍ରିତ କରିପାରୁଥିବା ମଣିଷଟି ଶାନ୍ତନୁ କୁମାର ନାୟକ । ସେ ନିଜ ଗଳ୍ପକାରିତାକୁ ନେଇ ଯେତେ ଆଶାବାଦୀ, ତାଙ୍କ ଗଳ୍ପକାରିତାକୁ ନେଇ ପାଠକ ଭାବରେ ମୁଁ ବି ସେମିତି ବିଶ୍ୱାସ ରଖେ ସେ ଯୁଗଜୟୀ ହେବେ ।

## ମାଧବାନନ୍ଦ ପାତ୍ର

**ଜନ୍ମ : ୧୯୯୬**

**ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା**



◄ ମାଧବାନନ୍ଦ ପାତ୍ର

'କଥା ନବ ପ୍ରତିଭା ପୁରସ୍କାର' ଓ 'କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର' ପ୍ରାପ୍ତ ମାଧବାନନ୍ଦଙ୍କର କୌଣସି ସଙ୍କଳନ ପ୍ରକାଶ ପାଇନାହିଁ । ମାତ୍ର ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଗପ, କବିତା ଓ ପ୍ରବନ୍ଧମାନ ପ୍ରକାଶିତ । ଅଧୁନା ସେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ସାହିତ୍ୟ ବିଭାଗରେ ଗବେଷଣାରତ ।

ମାଧବାନନ୍ଦ ଗଳ୍ପସର୍ଜନାରେ ପରିଚୟ ଆଣିଥିଲେ ବି ପ୍ରବନ୍ଧ ଓ ଆଲୋଚନା ସାହିତ୍ୟରେ ସ୍ୱତନ୍ତ୍ର ରୁଚି ରଖିଥିବା କଥାଟି ତାଙ୍କର କତିପୟ ପ୍ରବନ୍ଧ ଲେଖାରୁ ସ୍ପଷ୍ଟ ହୋଇପଡ଼େ । ଆଶ୍ଚର୍ଯ୍ୟ ବି ହେବାକୁ ପଡ଼େ ଯେ ସେ ଗଳ୍ପରେ ଥାଇ ବି ପ୍ରବନ୍ଧ ଓ ଆଲୋଚନା ଲେଖାରେ ଜିଜ୍ଞାସା ବଳାଇଲେ କିପରି ! ପ୍ରବନ୍ଧ ପ୍ରତି ଅଧୁନା ତରୁଣପିଢ଼ି ବୀତସ୍ପୃହ ହୋଇ ଉଠୁଥିବା ଆମ ସାହିତ୍ୟ ପାଇଁ ନିରୁତ୍ସାହଜନକ ବାତାବରଣ ସୃଷ୍ଟି କରୁଥିବାବେଳେ ମାଧବ କିନ୍ତୁ ଏହି ଦିଗଟି ପ୍ରତି ନିଜର ଧ୍ୟାନ କେନ୍ଦ୍ରିତ କରିଥିବା ଉତ୍ସାହପ୍ରଦ ଖବରଟିଏ ଅବଶ୍ୟ । ତିନିବର୍ଷ ତଳେ ସେ 'ପାହାଚ'ର ପାର୍ବଣ ସଂଖ୍ୟାରେ ସମସାମୟିକ ଗାଳ୍ପିକ ଓ ଗାଳ୍ପିକାଙ୍କୁ ନେଇ ଏକ ଚମତ୍କାର ପ୍ରବନ୍ଧ ପରଷି ଦେଇଥିଲେ । ଏତେ ସ୍ୱଳ୍ପ ବୟସରୁ ସମାଲୋଚନା ସାହିତ୍ୟରେ ପାଦ ଥାପିବାକୁ ସାହସ କରିବା ହିଁ ବଡ଼କଥା । ଆଜି ପ୍ରଚୁର ଅଧ୍ୟୟନ ସହିତ ଲେଖାରେ ରହିଥିବା ଭଲ ଦିଗ ତଥା ଦୋଷତ୍ରୁଟିକୁ ବିଚାରକ ଭାବରେ ପରଖି ପାରୁଥିବା ସମାଲୋଚକଙ୍କର ଘୋର ଅଭାବ । ଗୋଟିଏ ଲେଖାର ବୀକ୍ଷା ତଥା ସମୀକ୍ଷାରେ କେବଳ ଲେଖାର ଉତ୍ତମ ଦିଗ ପ୍ରତି ପ୍ରଶଂସାର ମୋଟାଏ ଶବ୍ଦପୁଞ୍ଜ ବଖାଣି ଦେଇ ତା'ର ଦୁର୍ବଳତାକୁ ଜାଣିଶୁଣି ଉପେକ୍ଷା କରିବାର ସଲାସୁତୁରା ଏବେ ପରମ୍ପରାଟିଏ ହୋଇ ମୁଣ୍ଡ ଟେକିଛି । ଏହା ଆମ ସାହିତ୍ୟକୁ ଦିଶାହୀନ ଅବା ବ୍ୟଭିଚାରୀ କରିଦେଇପାରେ ।ଏଭଳି ସ୍ଥିତିର ସୁଧାର କେବେ ଆସିବ କେଜାଣି ! ମାଧବଙ୍କ ପରି ନୂଆକରି ସମାଲୋଚନାର ମଙ୍ଗ ଧରିଥିବା ଯୁବପିଢ଼ି ଏହି ସୁବିଧାବାଦର ରାସ୍ତାକୁ ଆପଣେଇ ନଯାଇ,ବାଟ ଭାଙ୍ଗି ଚାଲିବେ ବୋଲି ଆଶା କରାଯାଏ ।

ନିକଟରେ ମାଧବ ଆମ ସମୟର ଅନ୍ୟତମ ପ୍ରତିଭାବାନ ଯୁବଗାଳ୍ପିକ ଡିଲେଶ୍ୱର ରଣାଙ୍କର 'ସେରଁରା' ସଙ୍କଳନଟିର ସମୀକ୍ଷା କରି ପାଠକଙ୍କ ଭିତରେ ନୂତନ ଆଶା ସଞ୍ଚାର କରିଛନ୍ତି । ପୂଜାସଂଖ୍ୟା, 'ଅକ୍ଷାଂଶ', ୨୦୨୧ରେ 'ମନସ୍ୱୀ ମନୋଜ : ଏକ ଶ୍ରଦ୍ଧାର୍ଘ୍ୟ' ଶୀର୍ଷକରେ ମନୋଜ ଦାସଙ୍କ ପାଇଁ ପ୍ରବନ୍ଧଟିଏ ବାଢ଼ି ଦେଇଥିଲେ ମାଧବ । ଦିବ୍ୟାତ୍ମା ମନୋଜ ଦାସଙ୍କ ଚେତନାକୁ କିଞ୍ଚିତ୍ ବୁଝି ନିଜ ଚିନ୍ତନରେ ତା'ର ଭାବର ପରିମାପକୁ ବୀକ୍ଷଣ କରିବା ଏକ ଦୁଃସାହସ, ଯାହା କରିବାକୁ ସାହସ ଜୁଟାଇଛନ୍ତି ମାଧବ ସେ ପ୍ରବନ୍ଧରେ । 'ସମୁଦ୍ରର ଅକାତ ଜଳରାଶିରେ ୨୯

ଏପ୍ରିଲର ପ୍ରାତଃକାଳରେ ମହାନ ସାଧକ ମନୋଜ ଦାସଙ୍କ ଅସ୍ଥି ବିସର୍ଜନ ବେଳାରେ ଆକାଶର ସୂର୍ଯ୍ୟଙ୍କ କିରଣରେ ଚିକ୍ ଚିକ୍ କରି ଉଠୁଥିଲା ତମାମ୍ ପରିବେଶ । ଯେଉଁ ମଣିଷ ସମୁଦ୍ରକୁ ପ୍ରାଣଭରି ଭଲ ପାଉଥିଲେ, ସିଏ ସମୁଦ୍ର କୂଳର ଏକ କ୍ଷୁଦ୍ର ଗ୍ରାମରେ ଜନ୍ମହୋଇ ମଧ୍ୟ ସୁଦୂର ପଣ୍ଡିଚେରୀର ସମୁଦ୍ରକୂଳସ୍ଥ ଅରବିନ୍ଦ ଆଶ୍ରମରେ ଅବସ୍ଥାନ କଲେ । ଶେଷରେ ସେହି ସମୁଦ୍ର ମଧ୍ୟ ତାଙ୍କ ପାର୍ଥିବ ଶରୀରର ଶେଷ ଅଂଶକୁ କୋଳେଇ ନେଲା ଆଗ୍ରହରେ' - ଏହା ସେ ପ୍ରବନ୍ଧର ଏକ ଛୋଟ ଉଦ୍ଧୃତାଂଶ ।

ଏହି କ୍ରମରେ ମାଧବଙ୍କର 'ସଂକ୍ରାନ୍ତି ପୁରୁଷ ଫକୀର ମୋହନ' ଶୀର୍ଷକରେ ୧୯-୨୫ ଜାନୁଆରୀ, ୨୦୧୯ ସଂଖ୍ୟା 'ସମାଜ ସାପ୍ତାହିକୀ'ରେ ଆଉ ଏକ ଚମତ୍କାର ପ୍ରବନ୍ଧ ପ୍ରକାଶ ପାଇଥିଲା । ଫକୀର ମୋହନଙ୍କ ବିଷୟରେ ପ୍ରବନ୍ଧ ଲେଖିବା ବି ଏକ ଦୁଃସାହସିକ ଉଦ୍ୟମ । ଏହା ସୂଚାଇଦିଏ ଯେ ଏହାପରେ ଚୁପଚାପ୍ ନବସି ଆଗକୁ ଲେଖିବାର ପ୍ରୟାସ ଦୋହରାଇବେ ଲେଖକ । ଏ ପ୍ରବନ୍ଧଟିରେ ମଧ୍ୟ ଲେଖକ ମାଧବଙ୍କର ପୂଜ୍ୟପୂଜାର ଆଦର ସହିତ କିମ୍ବଦନ୍ତୀ ପ୍ରଜ୍ଞାପୁରୁଷଙ୍କ ପ୍ରତି ଅନୁରକ୍ତି ଓ ଆରାଧନାର ଭାବ ଓ ଭାଷା ଉଲ୍ଲେଖନୀୟ ।


ଅନେକ ସମୟରେ ପୁରସ୍କାର ଓ ସମ୍ମାନ ଯୁବପିଢ଼ିର କତିପୟଙ୍କୁ ଉପରମୁହାଁ କରିଦେବାର ଲକ୍ଷ୍ୟ କରାଯାଏ । ହେଲେ ଯେଉଁମାନଙ୍କର ସାରସ୍ୱତ ପ୍ରେମ ଓ ପ୍ରତିବଦ୍ଧତା ନୂଆନୂଆ ବିସ୍ମୟକର ସର୍ଜନା ଆଣେ, ସେମାନଙ୍କ ମଧ୍ୟରେ ମାଧବାନନ୍ଦ ପାତ୍ର ଆମ ପାଇଁ ଅନ୍ୟତମ ପ୍ରିୟ ବିଶ୍ୱାସ ।

ତାଙ୍କର ପ୍ରବନ୍ଧ ଲିଖନର ବ୍ରତ ଆଗାମୀ ସମୟର ସାହିତ୍ୟକୁ ବିନ୍ୟସ୍ତ ଓ ପୁଲକିତ କରୁ ।

## ସୁମିତ୍ ପଣ୍ଡା

**ଜନ୍ମ : ୧୨ ଫେବୃଆରୀ, ୧୯୯୩**
**ଶିକ୍ଷା : ଇଂଜିନିୟରିଂ**
**ସଂପ୍ରତି ଇନଫୋସିସ, ଭୁବନେଶ୍ୱର ତାଙ୍କର କର୍ମକ୍ଷେତ୍ର ।**

'ଆଂଜୁଳାଏ ଆକାଶ' କବିତା ପାଣ୍ଡୁଲିପି ପାଇଁ ଦ୍ୱିତୀୟ ଟାଇମ୍‌ପାସ୍ ପ୍ରଥମା ପୁରସ୍କାର ପ୍ରାପ୍ତ ସୁମିତ୍ ପଣ୍ଡା ଜଣେ କବିତାପ୍ରାଣ ତରୁଣ ସମ୍ଭାବନା ।


ସୁମିତ୍ ପଣ୍ଡା

ନବପ୍ରଜନ୍ମର ଜଣେ ବିଚକ୍ଷଣ କବି ସୁମିତ୍ । ସେ ବୃତ୍ତିରେ ଇଂଜିନିୟର ହୋଇ ମଧ୍ୟ ବ୍ରତରେ କବି । କିଛିବର୍ଷ ତଳେ ତାଙ୍କ ଭିତରେ କବିତାର ସଂଭାବନାକୁ ଆବିଷ୍କାର କରିଛନ୍ତି କବି-ପ୍ରକାଶକ ସରୋଜ ବଳ, ଟାଇମ୍‌ପାସ୍‌ର ପ୍ରଥମା ପୁରସ୍କାର ମାଧ୍ୟମରେ । 'ଆଂଜୁଳାଏ ଆକାଶ' ଓ 'କେଜାଣି କାହା ଅପେକ୍ଷାରେ'- ଏମିତି ଦୁଇଟି ସଙ୍କଳନର ସ୍ରଷ୍ଟା ସୁମିତଙ୍କ ମନୋଭୂମିରେ କିନ୍ତୁ ଅନେକ କବିତାର ପୁଞ୍ଜିନିବେଶ । ଶବ୍ଦର କଞ୍ଜୁସି, ମିଠାପଣ ଓ ମିତବ୍ୟୟିତାରେ ତାଙ୍କର କାବ୍ୟର ମିନାର୍ ଠିଆ । ମାତ୍ର ମିନାର୍ ଭାଙ୍ଗିବାର ଭୟ ନାହିଁ । ଶବ୍ଦ ଓ ଭାବରେ ଖଂଜା ଇଟାଖଣ୍ଡ ସବୁ ନିଦାପଣରେ ସିଦ୍ଧ ଓ ସୁଠାମ । ଯେମିତି ଅଯଥା ଶବ୍ଦଗୁଡ଼ିକୁ ସେ କବିତାର ଅନ୍ଦରମହଲରେ ପ୍ରବେଶର ଅଧିକାର ଦିଅନ୍ତି ନାହିଁ । ନୂଆପିଢ଼ିର କବିମାନଙ୍କ ଭିତରେ ତାଙ୍କ କବିତା ହୋଇଯାଏ କବିମାନଙ୍କର ଈର୍ଷା ଓ ତାଙ୍କ ନିଜ ପାଇଁ ଗରିମା । ଏହା ମୁଁ ସରୋଜ ବଳଙ୍କର ସଦ୍ୟ ସମାପନ ହୋଇଥିବା 'ତରୁଣ ତରଙ୍ଗ' କାର୍ଯ୍ୟକ୍ରମରେ ନିଜେ ଦେଖି ଚକିତ ହୋଇଛି ଏବଂ ମନେ ମନେ ଉଲ୍ଲସିତ ହୋଇଛି ଯେ ଏତେଦିନକେ ଆମକୁ ତରୁଣଙ୍କ ଭିତରେ ଆଉ ଜଣେ ପ୍ରବୀଣ ବିପିନ୍ ନାୟକଙ୍କର ସମ୍ଭାବନା ମିଳିଯାଇଛି (ବିପିନ୍ ନାୟକ ଆମ ସମୟର ବହୁଚର୍ଚ୍ଚିତ ବରିଷ୍ଠ କବି) । ଆଜିକାଲିର ତରୁଣ କବିମାନେ ସ୍ୱ ସ୍ୱ ଚେତନାର ମନ୍ତ୍ରରେ ଦୀକ୍ଷିତ । ସେମାନେ ପ୍ରେମଭୁକ୍ ଓ ସ୍ୱପ୍ନଭୁକ୍ ବି । ହେଲେ କବିତାରେ ପ୍ରତାରିତ ପ୍ରେମ ଅବା ବିରହରେ ଭାଙ୍ଗିପଡ଼ିବାର ଭାବ ବିନ୍ୟାସ ସବୁ ତରୁଣ କବିଙ୍କର ଏକାପରି ନୁହେଁ । ବିଶେଷ କରି ସୁମିତଙ୍କ କବିତାରେ ଖୁନ୍ଦି ହୋଇଥାଏ ଏକ ବିଶେଷତା, ଯାହା ପଢ଼ିଲେ ଭାବପ୍ରବଣତାରେ ବୁଡ଼ ମାରେ ପାଠକ । ସ୍ୱପ୍ନସହ ରମଣ କରନ୍ତି କବି, ହେଲେ ଘନିଷ୍ଠତା ରହିଥାଏ ନିବିଡ଼ ଜୀବନମନସ୍କତାରେ । ସବୁ ବାସ୍ତବ ଅନୁଭବକୁ ଭୋଗି ତାହାକୁ କବିତା କରିଦେବାରେ ଓସ୍ତାଦ୍ ସେ । ଏହି ଯେମିତି 'ବହିଥାକ ଝାଡୁଝାଡୁ / ତମକଥା ମନେ ପଡ଼ିଲା / ମନର ଅଳନ୍ଧୁସବୁକୁ କପଡ଼ାରେ ପୋଛିହୁଏନା କାହିଁକି / ଗୁମ୍ ମାରି ବସିଥିବା ବହିକୁ / ହାତରେ ଧରିଲେ କିଛି ସମୟ, ତାତିଉଠେ ବହି ! **('ବହିଥାକ', କେଜାଣି କାହା ଅପେକ୍ଷାରେ')** ଏମିତି ଆଉ ଏକ ଦୃଷ୍ଟାନ୍ତ 'ସିକା' କବିତାରେ: 'ସିକାରେ / ଝୁଲେଇ ଦେଇ ଧର୍ମ / ଘର ମୁରବି / କହିଲେ / ଭଗବାନ ସେଇଠି ବସନ୍ତି / ହାତ ନ ପାଇଲେ ବି/ ଆଖି ଦେଖେ କେବଳ ସିକାକୁ / ନିରାକାରକୁ ସିକା କେମିତି ବାନ୍ଧି ଧରେ ?/ ଉତ୍ତର ଖୋଜିଲା ବେଳକୁ/ ନଥାନ୍ତି ମୁରବି/ ନଥାନ୍ତି ଉତ୍ତରଦାତା / ଖାଲି ଝୁଲୁଥାଏ ଧର୍ମ ।' **('ସିକା', କେଜାଣି କାହା ଅପେକ୍ଷାରେ)**

କବିତା ସବୁ ଆପଣାଛାଏଁ ଭାବୋଦ୍ଦୀପନାରେ ରସଯୁକ୍ତ ହୋଇଯାଏ । ଏବେ ଯେଉଁମାନେ କବିତାକୁ ଆପଣେଇଛନ୍ତି, ହୁଏତ ସମସ୍ତେ ଆସନ୍ତା କାଲି ନଥାଇ ପାରନ୍ତି । କ୍ୟାରିଅରିଷ୍ଟ ହେବାର ମୋହ, ବ୍ୟାପାରୀ ହେବାର ମୋହ ତଥା ଅନ୍ୟାନ୍ୟ ଝଡ଼ଝଞ୍ଜାର କଷଟି ପଥରରେ ଘଷି ମାଜି ସମୟ କତିପୟଙ୍କୁ ଫୋପାଡ଼ି ଦେଇପାରେ ହୁଏତ । ହେଲେ ଯିଏ ଶିରରେ ଜଟା ବାନ୍ଧି ଆସିଥାଏ, ସିଏ ସବୁ ଝଡ଼କୁ ଫୁ'କରି ଦେଇଥାଏ । ସୁମିତଙ୍କ କବିତା ପ୍ରେମର ପ୍ରାଣପ୍ରବାହରେ ଯେତିକି ମହମହ, ସେତିକି ବି ଗହଗହ ପାଠକାଦୃତିରେ ।

ଏଇ କେତେଦିନ ହେଲା ମୁଁ ସୁମିତଙ୍କୁ ପଢୁଛି ଓ ତାଙ୍କ କବିତାର ପୃଥିବୀରେ ବିଚରଣ କରୁଛି ପ୍ରଚୁର । ଦିନରେ ବହିମେଳା ଓ ରାତିରେ ସୁମିତଙ୍କ କବିତା ପଢ଼ା । ଶିଖୁଛି ଅନେକ । ଭାବୁଛି,ଏ ପିଲାଟି ପରି ମୁଁ କାହିଁକି ଲେଖିପାରିଲି ନାହିଁ ! ତାଙ୍କର ପ୍ରତିଟି କବିତା ପାଠକ ପାଇଁ ଜୀବନମନସ୍କତାର କଥା କହିଦିଏ । ସେ ଯେମିତି ଏ ସମୟରେ ଯୁବପିଢ଼ି ପାଇଁ କବିତାର ଗୋଟେ ନୂଆ ଟ୍ରେଣ୍ଡ ଓ ନୂଆ ଆଦର୍ଶ । କବିତାରେ ଲମ୍ବା ଲମ୍ବା ଲମ୍ଫଦେଇ ସେ ନିର୍ମଳ କାବ୍ୟଯାତ୍ରାର ପାନ୍ଥ ସାଜନ୍ତୁ । ଲାଗୁଛି ଯେମିତି ଏହି ସମୟଟା କବିତା ପାଇଁ ତିଆରି ହୋଇଛି ଓ ସୁମିତ୍ ମାନେ ସେଥିପାଇଁ ଜନ୍ମ ନେଇଛନ୍ତି ।

ପ୍ରସଙ୍ଗ-୪

# ମୋ ପସନ୍ଦର ନୂଆ ମୁହଁ :ଗଳ୍ପରେ



▶ ଲେଖିକା ହିରଣ୍ମୟୀ ମିଶ୍ର


**ଡକ୍ଟର ହିରଣ୍ମୟୀ ମିଶ୍ର**
ନିର୍ଦ୍ଦେଶିକା, ମହିଳା ଅଧ୍ୟୟନ ବିଭାଗ,
ୟୁ.ଏନ୍.କଲେଜ୍, ଅଡ଼ସପୁର,
କଟକ-୭୫୪୦୧୧, ଫୋନ: ୮୨୬୦୬୮୩୨୨୬


## ଲୋପାମୁଦ୍ରା : ଲୋଭନୀୟ ଗପର ମୁଦ୍ରା

ଓଡ଼ିଆ ସାହିତ୍ୟର ସୁନେଲି ସମୟ ଏବେ । କେତେ ନୂଆ ମୁହଁ, ତେବେ ନୂଆ କଳ୍ପନା, କେତେ କେତେ ନୂଆ ଗପ ଓ କବିତା ! ଆଉ ସେଇ ସୁନେଲି ସମୟର ଖରା ପଡ଼ି ଚିକ୍‌ଚିକ୍ କରୁଥିବା ସମ୍ଭାବନାମୟ ମୁହଁଟିଏ: **ଲୋପାମୁଦ୍ରା ମିଶ୍ର** ।

ଲୋପାମୁଦ୍ରା ନିଜ ଆଖପାଖର ମଣିଷମାନଙ୍କର ଜୀବନ ଯାତ୍ରା ଓ ଜୀବନ ଜଞ୍ଜାଳକୁ ଖୁବ୍ ତୀକ୍ଷ୍ଣ ଭାବେ ଅନୁଧ୍ୟାନ କରିପାରନ୍ତି । ସେଥିପାଇଁ ତ ତାଙ୍କର ଫେସ୍‌ବୁକ୍ କାନ୍ଥରେ ଅନେକ ସମୟରେ ତାଙ୍କ ଗାଁର ବା ପରିଚିତ ପୃଥିବୀର ଜୀବନ ସଂଗ୍ରାମରେ ଥକି ପଡୁଥିବା ଚରିତ୍ରମାନଙ୍କର କଥା ସେ ଲେଖିବସନ୍ତି । ଲୋପାମୁଦ୍ରା ତାଙ୍କର ସ୍ୱାମୀ ଓ ପୁଅଙ୍କ ସହ ରହନ୍ତି ସୁନ୍ଦରଗଡ଼ରେ । କିନ୍ତୁ ହୃଦୟ ତାଙ୍କର ଯେମିତି ଏବେବି ରହିଥାଏ ତାଙ୍କ ନିଜ ଗାଁରେ, କେତେ ଶହ ମାଇଲ୍ ଦୂରରେ ।

ଲୋପାମୁଦ୍ରାଙ୍କର କିଛି କବିତା ଓ କିଛି ନାଟକ ବି ରହିଛି । କିନ୍ତୁ ଗଳ୍ପ ଓ ଉପନ୍ୟାସ ରଚନାରେ ସେ ଅଧିକ ମୁଖର । ଗୋଲାପୀ ଜାକେଟ୍ ତାଙ୍କର ପ୍ରଥମ ଗଳ୍ପ ସଂକଳନ । ପର ପରେ ଭିନ୍ନ ଏକ ସାବିତ୍ରୀ ନାମରେ ତାଙ୍କର ଆଉ ଏକ ଗଳ୍ପ ସଂକଳନ ପ୍ରକାଶ ପାଏ । 'ଗୋଲାପୀ ଜାକେଟ୍' ଟାଇମ୍ ପାସ୍ ପ୍ରକାଶକଙ୍କର 'ପ୍ରଥମା' ସିରିଜ୍‌ର ବହି ଓ 'ଭିନ୍ନ ଏକ ସାବିତ୍ରୀ' ପକ୍ଷିମା ପବ୍ଲିକେସନ୍ ଦ୍ୱାରା ପ୍ରକାଶିତ । 'ମାୟାଜାଲ' ଓ 'ଚିତ୍ରଗୀତି' ନାମରେ ତାଙ୍କର ଦୁଇଟି ସୁପାଠ୍ୟ ଉପନ୍ୟାସ ପକ୍ଷିମା ପବ୍ଲିକେସନ୍ ଦ୍ୱାରା ପ୍ରକାଶିତ ।

ଖୁବ୍ ଅଳ୍ପବୟସରୁ ସେ ବେଶ୍ ସମାଜ ସଚେତନ । ସେଥିପାଇଁ ତାଙ୍କର ଗପ ଗୁଡ଼ିକରେ ଆମେ ଯେଉଁ ଚରିତ୍ରମାନଙ୍କୁ ଦେଖୁ, ସେମାନେ ଆମର ପରିଚିତ ଭଳି ମନେହୁଅନ୍ତି । ଚିତ୍ର ଅଙ୍କନରେ ରୁଚି ରଖୁଥିବାରୁ ଲୋପାମୁଦ୍ରାଙ୍କର ଉପନ୍ୟାସ ଗୁଡ଼ିକରେ ପ୍ରକୃତିର ବା ଜୀବନର ବର୍ଣ୍ଣନା ଦିଶୁଥାଏ ଚିତ୍ର ପରି ।

ଥରେ ପଢ଼ିଲେ ପାଠକ ଲୋପାମୁଦ୍ରାଙ୍କର ଗପ ଓ ଉପନ୍ୟାସ ପଢ଼ିବା ପାଇଁ ଅପେକ୍ଷାରେ ରହିବ । ତାଙ୍କର କାହାଣୀରେ ରହିଛି ବିବିଧତା, ଚରିତ୍ରମାନଙ୍କୁ ଗୁନ୍ଥିବାର ଶୈଳୀ, ଗପଟିଏକୁ କହିବାର ଢଙ୍ଗ ଓ ଦୀର୍ଘ ଉପନ୍ୟାସଟିଏ ଲେଖିବାର ଧୈର୍ଯ୍ୟ ତାଙ୍କ ପାଖରେ ଅଛି ।

ସବୁଠୁ ବଡ଼ କଥା ହେଲା ଯେ ସେ ନୀରବରେ ତାଙ୍କ କାମ କରି ଯାଉଥାନ୍ତି । ପାଠକର ନିନ୍ଦା ଓ ପ୍ରଶଂସାକୁ ସେ ସହଜ ଭାବରେ ଗ୍ରହଣ କରିନିଅନ୍ତି । ସମାଲୋଚନା ତାଙ୍କୁ ବ୍ୟସ୍ତ କରେନା, ବରଂ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦିଏ । ଏତେ କମ୍ ବୟସରୁ ଦୁଇଟି ବେଶ୍ ଦୀର୍ଘ ଆକାରର ଉପନ୍ୟାସ ଲେଖି ସେ ଓଡ଼ିଆ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି ।

ତାଙ୍କର 'ମାୟାଜାଲ' ଓ 'ଚିତ୍ରଗୀତି' ଦୁଇଟି ଉପନ୍ୟାସରେ ସେ ତାରୁଣ୍ୟର ସଂଘର୍ଷ ଓ ଦ୍ୱିଧାର ଦୃଶ୍ୟ ହିଁ ଅଧିକ ଦେଖେଇଛନ୍ତି । ପ୍ରେମ, ବିରହ ଓ ପାଇ ନପାଇବାର ବିନ୍ଦୁ ସବୁ ତାଙ୍କର ଉପନ୍ୟାସର ମୁଖ୍ୟ ଆକର୍ଷଣ । ଲୋପାମୁଦ୍ରାଙ୍କର ଲେଖାଲେଖିର ସବୁଠାରୁ ଗମ୍ଭୀର ଦିଗଟି ହେଲା ସେ ସାମାଜିକତାର ସୀମା ବିରୁଦ୍ଧରେ ବିଦ୍ରୋହ ଘୋଷଣା କରନ୍ତି ନାହିଁ, କିନ୍ତୁ ସାମାଜିକ ପ୍ରତିବଦ୍ଧତା ଭିତରେ ଥାଇ ଏକ ମୁକ୍ତ ଓ ଦ୍ୱିଧାହୀନ ସମାଜ ଗଠନର ସ୍ୱପ୍ନ ଦେଖି ପାରନ୍ତି । ପାରିବାରିକ ସଂପର୍କର କୋମଳତା ସହ ନିଷ୍ଠୁର ବାସ୍ତବ ଚିତ୍ରସବୁ ଆଙ୍କିବାରେ ସେ ବେଶ୍ ନିର୍ଭୀକ ଓ ସ୍ୱଚ୍ଛ । ମୋର ମନେହୁଏ, ଗତ ଦଶନ୍ଧି ଭିତରେ ଓଡ଼ିଆ ସାହିତ୍ୟରେ ପ୍ରବେଶ କରିଥିବା ଅନେକଙ୍କ ଠାରୁ ତାଙ୍କ କଲମ ଟିକିଏ ଅଧିକ ବାସ୍ତବବାଦୀ । ସାହିତ୍ୟ ସ୍ୱପ୍ନ ଓ କଳ୍ପନାର କଥା ହୁଏତ କେବେକେବେ କହେ, କିନ୍ତୁ ବାସ୍ତବ ଜୀବନର କାହାଣୀ ହିଁ ପାଠକମନକୁ ଅଧିକ ଆନ୍ଦୋଳିତ କରେ । ଲୋପାମୁଦ୍ରା ନିଜେ ବଂଚୁଥିବା ଜୀବନଟି ହୁଏତ ବାହାରୁ ସହଜ ଦେଖା ଯାଉଥାଇପାରେ, କିନ୍ତୁ ତାଙ୍କର ଅନ୍ତଃଦୃଷ୍ଟିରେ ସମାଜର ଓ ପରିବାରର ସମସ୍ୟା ଓ ବିଡ଼ମ୍ବିତ ଦୃଶ୍ୟସବୁ ସ୍ୱଚ୍ଛ ଦିଶୁଥାଏ । ସେଇଥିପାଇଁ ଏତେ କମ୍ ବୟସର ହେଇ ବି ତାଙ୍କ ଲେଖାସବୁରେ ଦିଶୁଥାଏ ଗୋଟେ ପ୍ରକାର ଅଦ୍ଭୁତ ପରିପକ୍ୱତା ।



▶ ଲୋପାମୁଦ୍ରା ମିଶ୍ର

ତାଙ୍କର 'ମାୟାଜାଲ' ଉପନ୍ୟାସର ଏଇ କିଛି ଧାଡ଼ିକୁ ଲକ୍ଷ୍ୟ କରନ୍ତୁ । "ଆଜି ଆକାଶକୁ ମେଘ ଢାଙ୍କି ରଖିଛି, ଅଳ୍ପ ଅଳ୍ପ ଶୀତ ବି ହେଉଛି । ସଂଧ୍ୟାରେ ପାହାଡ଼ ବେଶ୍ ଧୂଆଁଳିଆ ଦିଶୁଥିଲା । କି ଅପୂର୍ବ ଦୃଶ୍ୟ ! ତୁ ଜାଣୁ ଧୂଆଁ ମୋର କେତେ ପସନ୍ଦ । ଯେହେତୁ ସେ ପାହାଡ଼ ଉପରର ଧୂଆଁକୁ ମୁଁ ଛୁଇଁ ପାରେନି, ସେଥିପାଇଁ ସିଗାରେଟ୍‌ର ଧୂଆଁର କୁଣ୍ଡଳୀ ଭିତରେ ନିଜକୁ ହଜେଇବାକୁ ଇଚ୍ଛା କରେ ।"

'ଗୋଟିଏ ଚାଳଘରର କାହାଣୀ' ଗପରେ ଲୋପାମୁଦ୍ରାଙ୍କର ବର୍ଣ୍ଣନାର ସୌନ୍ଦର୍ଯ୍ୟ ଦେଖନ୍ତୁ- "ନୂଆଁଣିଆ ଚାଳଛପର ମାଟି ଘରଟିଏ । ଘର ଆଗରେ ତୁଳସୀ ଚଉଁରା । ଚଉଁରାର ଟିକେ ଆଗକୁ ଓ ଘରର ଗୋଟେ କଡ଼କୁ ଥିଲା ଦୁଇଟି ଟଗର ଗଛ ଓ ଗୋଟିଏ ନାଲି ମନ୍ଦାର ଗଛ । ଆହୁରି ବି କେତୋଟି ଛୋଟ ଛୋଟ ରଙ୍ଗଣୀ ଓ କୁକୁଡ଼ା ମୁକୁଟ ଫୁଲଗଛରେ ନାଲି, ହଳଦୀ ଫୁଲମାନ ଭର୍ତ୍ତି ହେଇ ଘର ସାମ୍ନାଟାର ସୌନ୍ଦର୍ଯ୍ୟକୁ ଖୁବ୍ ଆକର୍ଷଣୀୟ କରୁଥିଲା । କଣି ବାଉଁଶର ବାଡ଼ ଆଉ ଧଡ଼ା ଘରଟିକୁ ବେଢେଇ ରଖିଥିଲେ ।"

ଚିତ୍ରଟିଏ ଦିଶି ଯାଉଛି ପାଠକର ଆଖି ସାମ୍ନାରେ । ଲୋପାମୁଦ୍ରାଙ୍କର ମାଟିମନସ୍କତାର ଏ ଆଉ ଏକ ନମୁନା । ଲୋପାମୁଦ୍ରା ଉପରେ ଭାସିବା ଭଳି ତୋଳି ଆଣି ଶବ୍ଦ ଯୋଡ଼ନ୍ତିନି, ବରଂ ତାଙ୍କ ଶବ୍ଦର ପ୍ରୟୋଗ ପଛରେ ତାଙ୍କର ଅନୁଭବ ଓ ପ୍ରାଣପ୍ରାଚୁର୍ଯ୍ୟ ଭରପୁର ହେଇ ଦିଶେ । ସେ ଯେମିତି ଅଟକି ଯାଇଛନ୍ତି ତାରୁଣ୍ୟର ଅନ୍ୱେଷା ଆଉ କୈଶୋରର ଅନ୍ୟମନସ୍କତା ଭିତରେ ।

ଜୀବନ ଅନେକ ଅସରନ୍ତି କାହାଣୀର ସମାହାର- ଏ କଥାରେ ବିଶ୍ୱାସ ରଖନ୍ତି ଲୋପାମୁଦ୍ରା ।

# ମୋ ପସନ୍ଦର ନୂଆ ମୁହଁ :ଗଳ୍ପରେ



▶ଫୋଟୋ: କ୍ଷେତ୍ରବାସୀ ନାଏକ

**କ୍ଷେତ୍ରବାସୀ ନାଏକ**
'ସମ୍ବାଦ ଭବନ'
ବି-୨୭, ରସୁଲଗଡ଼ ଶିଳ୍ପାଂଚଳ
ଭୁବନେଶ୍ୱର-୭୫୧୦୧୦
ଫୋନ: ୯୪୩୭୩୩୦୯୯୨

## ଧର୍ମରାଜଙ୍କର ଜୟ ହେଉ

ଛାତି ଭିତରେ ଡହକୁଥିବା ଅଙ୍ଗାରକୁ ଯେବେ ଚାପି ଦେବାକୁ ହୁଏ ଛାତି ଭିତରେ, ଗୋଟେ ଆଭା ଖେଳେ; ହୁଏତ ନିରବତାଠୁଁ ବି ଆହୁରି ତୀକ୍ଷ୍ଣ ସେ ମୁହୂର୍ତ୍ତ, ସେଇ ମୁହୂର୍ତ୍ତ ହିଁ ମୋର ପ୍ରେରଣା । ନିଜ ସାହିତ୍ୟିକ ଉନ୍ମେଷର ସତ୍ୟପାଠ ଦେଲାବେଳେ ଏମିତି କିଛି ଗମ୍ଭୀର ଉଚ୍ଚାରଣ କରୁଥିବା ଜଣେ ତରୁଣ ଲେଖକ **ଧର୍ମରାଜ ମହାମଲ୍ଲିକ** । ସେ ଆହୁରି ମଧ୍ୟ କହନ୍ତି ଯେ, ସାହିତ୍ୟ ଓ ସମାଜ ହାତ ଧରାଧରି ହୋଇ ଚାଲନ୍ତି ଆବାହନ କାଳରୁ । ଏହି ଦ୍ୱିତୀୟ ଉକ୍ତିଟି ତାଙ୍କର ଚିରାଚରିତ, ଅଥଚ ମୋତେ ଆକର୍ଷିତ କରିଛି, କାହିଁକିନା ତାଙ୍କର ଗୋଟିଏ ଗଳ୍ପ ଏବଂ କେତୋଟି କବିତା ପଢ଼ିବା ପରେ ଉକ୍ତିଟିର ସାର୍ଥକତା କିଛି କିଛି ବାରିହେଉଥିଲା, ମୋ ଦୃଷ୍ଟିରେ ।

କଥା ନବପ୍ରତିଭା ବିଶେଷାଙ୍କ ୨୦୨୨ରେ ପାଠକମାନେ ଅବଶ୍ୟ ପଢ଼ିଥିବେ ଧର୍ମରାଜଙ୍କ ଗଳ୍ପ 'ବୁଢ଼ା ଡଙ୍ଗରର ଗୁମର' । ଏ ଲେଖାର ଗୁମର ଫିଟାଇବା ପୂର୍ବରୁ ଧର୍ମରାଜଙ୍କ ଠିକଣା ବିଷୟରେ ଦିପଦ କହିବାରୁ ନିଜକୁ ଅଟକାଇ ପାରୁନାହିଁ । ତାଙ୍କ ଠିକଣା- କୁସୁର୍ଡା, ପାଣିମୋରା, ବରଗଡ଼ । ବରଗଡ଼ ଜିଲ୍ଲାର କୁସୁର୍ଡା ଗାଁ ବିଷୟରେ କିଛି ମୋତେ ଜଣା ନାହିଁ । କିନ୍ତୁ ତାଙ୍କ ଗାଁ ପାଖ- ପାଣିମୋରା ଓଡ଼ିଶାର ଏକ ସ୍ୱତନ୍ତ୍ର ଗାଁ । ସ୍ୱାଧୀନତା ଆନ୍ଦୋଳନରେ ଏହି ଗାଁର ୩୨ ଜଣ ସଂଗ୍ରାମୀ ଯୋଗ ଦେଇ ଜେଲ୍ ଯାଇଥିଲେ । ଏହି ସଂଗ୍ରାମୀ ପୀଠରେ ପ୍ରତିଦିନ ସକାଳୁ ରାମଧୂନ୍ ବୋଲାଯିବାର ପରମ୍ପରା ରହିଥିଲା (କରୋନା ପରବର୍ତ୍ତୀ କାଳରେ କଣ ସବୁ ପରିବର୍ତ୍ତନ ହୋଇଛି ଜଣାନାହିଁ ।) ତେବେ ଗାନ୍ଧୀବାଦକୁ ହୃଦୟଙ୍ଗମ କରିଥିବା ଗାଁଟିଏ ପାଣିମୋରା, ତା ପାଖରେ ରହିଛି ଧର୍ମରାଜଙ୍କ ଗାଁ କୁସୁର୍ଡା । ଏବେ ନ ହେଲେ ସୁଦ୍ଧା, ସେତେବେଳେ କୁସୁର୍ଡା ଗାଁର ଲୋକେ ପାଣିମୋରାକୁ ନେଇ ନିଶ୍ଚୟ ଗର୍ବ କରିଥିବେ । ସ୍ୱାଧୀନତା ସଂଗ୍ରାମ ଓ ଗାନ୍ଧୀବାଦର ପରଶ ନିଶ୍ଚୟ ପୁଲକିତ କରିଥିବା କୁସୁର୍ଡାକୁ । ତେବେ କୁସୁର୍ଡାର ଧର୍ମରାଜ ବୁଢ଼ା ଡଙ୍ଗରର ଗୁମରରେ ଲେଖିଛନ୍ତି, ମାଓବାଦ ଓ ମିଲିଟାରିର ଛକାପଞ୍ଝା ଭିତରେ ପୀଡ଼ିତ ଆଦିବାସୀର କଥା, ଯାହା ବାସ୍ତବ ମନେହୁଏ । ଗଳ୍ପ ହେଲେ ସୁଦ୍ଧା ଏଥିରେ ବିଶେଷ ଅତିରଂଜନ ନାହିଁ । ଗାନ୍ଧୀବାଦର ଗାଁରୁ ସେ ଲେଖୁଛନ୍ତି ମାଓବାଦର ଗପ । କିଛି ଦୂର ହେଲେ ସୁଦ୍ଧା ତାଙ୍କ ଅଂଚଳର ଏକ ସମସ୍ୟା, ସମସ୍ୟାର ଶିକାର ହେଉଥିବା ଗୋଟେ ଛନଛନିଆ ଆଦିବାସୀ ଦମ୍ପତିର କଥା ସେ କହୁଛନ୍ତି । ତରୁଣ କଲମର ସ୍ପର୍ଶରେ ଅନେକ କଥା ସିଧା ସିଧା କୁହାଯାଇଥିଲେ ବି ସେ ଭିତରେ ବ୍ୟବସ୍ଥାର ବିକଟ ରୂପ, ଉଗ୍ରତାର ଉଦ୍ଦଣ୍ଡ ନୃତ୍ୟ ଆଉ ପ୍ରେମିକ ପୁରୁଷ ପ୍ରେମିକା-ପତ୍ନୀକୁ ଖୋଜୁ ଖୋଜୁ ନିଜେ ହଜିଯିବାର ବର୍ଣ୍ଣନା ଅନେକ ଦିଗରୁ ଅଲଗା ଲାଗେ ।

ଶବ୍ଦର ଯୋଗାଡ଼ ଆଉ ସରଳ ମନେହେଉଥିବା ଜଟିଳ ଭାବନାର କଥା ଆଜିର ସମୟର ଗଳ୍ପ ଜଗତର ଏକ ଆକର୍ଷକ ବ୍ୟଞ୍ଜନ । ଗାଁରେ, ଘରେ, ନିଜ ନିଜ ଭିତରେ କଥାବାର୍ତ୍ତା କରୁଥିବା ବେଳେ ଆମେ ଯେଉଁ ଶବ୍ଦ ବ୍ୟବହାର କରିଥାଉ, ସେଭଳି ଶବ୍ଦ ଠିକ୍ ଜାଗାରେ ଠିକ୍ ଭାବରେ ଖଂଜି ହୋଇ ଯାଇଥିଲେ, ଅଖାଡୁଆ ଲାଗ ନାହିଁ, ଅଧିକ ମିଠା ଲାଗେ । ଧର୍ମରାଜ ଏ ଶବ୍ଦଖଂଜାଣରେ ଏକାଧିକ ପ୍ରତିବନ୍ଧକକୁ ଅତିକ୍ରମ କରିଛନ୍ତି । ବରଗଡ଼ର ଗାଁର ଶବ୍ଦ, ବାଲେଶ୍ୱରର ପାଠକ ପାଇଁ ନୂଆ ହେଲେ ସୁଦ୍ଧା ଯଦି ତାହା ମିଠା ମିଠା ଲାଗିଲା ଆଉ ସାମଗ୍ରିକ ଅର୍ଥ ବୁଝିବାରେ କୌଣସି ବାଧା ଦେଲା ନାହିଁ, ସେଥିରେ ସାର୍ଥକତା ବାଟ ଦେଖୁଥାଏ । ଏ କଥାଟି ଧର୍ମରାଜଙ୍କ କ୍ଷେତ୍ରରେ ଘଟିଛି ।

"ପଅର ଦିନ ଡଙ୍ଗର ରଜାର ପରବ । ଗାଁସାରା ଉତ୍ସବର ପରିବେଶ । ସବୁ ଯୁଆନ ମରଦମାନେ ତତ୍ପର । ନିଜ ନିଜ ଭିତରେ କାମମାନଙ୍କର ଭାଗବଂଟା, କାହାର ଦାୟିତ୍ୱରେ ସାଜସଜ୍ଜା ତ ଆଉ କାହା ଭାଗରେ ସମସ୍ତଙ୍କୁ ନିମନ୍ତ୍ରଣର ଗୁରୁ ଦାୟିତ୍ୱ । ଏଇ ଭିତରେ ସୋରେନର କାର୍ଯ୍ୟଭାର ଟିକେ ଅଧିକ । ମହୁଲି ରାନ୍ଧିବାକୁ ହେବ ଡଙ୍ଗର ରଜାର ପ୍ରସାଦ ପାଇଁ । ଏପଟେ ଧାଙ୍ଗଡିମାନଙ୍କର ବି ପ୍ରାକ୍-ପ୍ରସ୍ତୁତି, କୁରେଇ ଫୁଲର ଖୁଜାନୁରା ସଜେଇବା ପାଇଁ ଗଭାରେ । କିଏ ଲାଗିଛି ବେକର ହାର ଗୁନ୍ଥିବାରେ ତ କିଏ ଅଳତା ମାଖୁଛି ପଦଯୁଗଳରେ । ଉତ୍ସବର ମୁଖରତା ପିଟି ପିଟି ହୁଏ ଲାଞ୍ଜିଗଡ଼ ଗାଁର ଛାତିରେ ।"

ଆଦିବାସୀ ଗାଁରେ ପରବର ବର୍ଣ୍ଣନା, ଆଜିର ସମୟରେ ଏଭଳି ଭାବରେ କରିଛନ୍ତି ରସାୟନ ବିଜ୍ଞାନ ପାଠ ପଢ଼ିଥିବା ଧର୍ମରାଜ । ଏଭଳି ଉତ୍ସବର ମାଦକତା ଭିତରେ ମନ ଦିଆନିଆ ହୋଇଛନ୍ତି ତାଙ୍କ ଗପର ନାୟକ ଚୁଡ଼କା ସୋରେନ୍ ଆଉ ନାୟିକା ଫୁଲମତି । ମନ ମିଶିବାରୁ ଦିହେଁ ବାହା ହୋଇଛନ୍ତି ।

ଗାଳ୍ପିକଙ୍କ ଆଉ ଏକ ବର୍ଣ୍ଣନାର ଛଟା: "ଫଲ୍‌ଗୁର ଫାଲ୍‌ଗୁନ । ପଶ୍ଚିମ ଦିଗରୁ ବହୁଥାଏ ହୁରହୁରିଆ ବଉଳିଆ ପବନ । ଗଛମାନଙ୍କର ଗର୍ଭବତୀ ହେବାର ସମୟ । ଫୁଲର କହଁରରେ ପ୍ରଗଲ୍‌ଭା ହେଉଥାଏ ଫୁଲମତି ।

ବୁଢ଼ା ଡଙ୍ଗରରେ ସୋରେନ୍ ଗୀତ ଗାଇଛି- ଫୁଲମତି ମୋର ମାଗୁରଗୁରି / ଗିଲିର ଫୁଲିଆ ଖଉସା / ଛନେଁ ଚୁମିଦେଲେ / ହେସୁ କାଁଯେ ରିସା ?"

ତେବେ ଏଭଳି ପ୍ରେମର ନଈ ଆଉ ପ୍ରଣୟର ପବନରେ ମତୁଆଲା ହେଉଥିବା ଦୁଇ ପ୍ରାଣପକ୍ଷୀ ଅଲଗା ହୋଇ ଯାଇଛନ୍ତି । କମ୍ରେଡ ଜାହାଙ୍ଗିର ଦଳବଳ ସହିତ ଦିନେ ଆସି ଫୁଲମତିର ହାତରୁ ମହୁଲି ପିଇଛନ୍ତି । ଖାଲି ମହୁଲି ପିଇଲେ ନାହିଁ ଯେ ମହୁଲ ବଣ ସେପାରିକୁ ନେଇଗଲେ ତାକୁ । ମାଇପିକୁ ନ ପାଇ ଜଖାବଝା ହୋଇଯାଇଛି ସୋରେନ୍ । ତାପରେ ଧନୁ ତୀର ସଜାଇଛି ଫୁଲମତିକୁ ସେମାନଙ୍କ କବଳରୁ ଛଡ଼ାଇ ଆଣିବାକୁ । କିନ୍ତୁ କେଇ ଦିନ ପରେ ମିଲିଟାରି ଗାଡ଼ିଟିଏ ଲାଞ୍ଜିଗଡ଼ ଗାଁକୁ ଆସିଲା, ଯେଉଁଥିରେ ଥିଲା ଚୁଡ଼କା ସୋରେନର ଶବ । ଖବରକାଗଜରେ ବାହାରିଲା: 'ମାଓବାଦୀଙ୍କ ଖବରୀ ଚୁଡ଼କା ସୋରେନ ମିଲିଟାରି ଅପରେସନରେ ମୃତ ।'

ଏ ଗପର ଅନ୍ତଃସ୍ୱରଟି ଆଜିର ଦିନରେ ବି ଆଦିବାସୀ ବହୁଳ ଓ ମାଓ ଉପଦ୍ରୁତ ଅଂଚଳର ଏକ ସବୁଠୁ ବଡ଼ ପ୍ରସଙ୍ଗକୁ ଉଜାଗର କରିଛି । ଫୁଲମତୀ- ଏଠାରେ ପ୍ରକୃତିର ଏକ ପ୍ରତୀକ । ସେ ଆଜି ଅପହୃତ । ପୁଲିସ ଜୁଲୁମ ଆଉ ମାଓବାଦୀଙ୍କ ହୁଙ୍କାର ଭିତରେ ଜୀବନ ବିତଉଥିବା ମଣିଷଙ୍କ ସ୍ଥିତି ହିଁ ଧର୍ମରାଜଙ୍କ ଏ ଗପ । ଧର୍ମରାଜ, ତାଙ୍କ ସାହିତ୍ୟରେ ବାସ୍ତବ କାହାଣୀଟିଏ ରଖିଛନ୍ତି, ଗଳ୍ପକଳାକୁ ଆଦୌ ଊଣା ନ କରି । ଧର୍ମରାଜଙ୍କର ଜୟ ହେଉ ।



ପ୍ରସଙ୍ଗ-୬

# ପ୍ରକାଶନ ପୃଥିବୀରେ ୬ ନୂଆମୁହଁ



# ସମୟର ମୋଡ଼ରେ ପ୍ରକାଶନ ଓ ନୂଆମୁହଁ

**ଓଁ ଅଭିଜ୍ଞାନ ସାହୁ**
ବନମାଳୀ ଭବନ, ଖାନ ନଗର, କଟକ
ଫୋନ: ୯୪୩୭୦୧୦୭୫୮

ଫଟୋ ସୌଜନ୍ୟ : ଲେଖକ

**ନୂଆ ବର୍ଷର ନୂଆ ସକାଳରେ 'ରେବତୀ' ନବବର୍ଷ ସଂଖ୍ୟାଟିକୁ ଉତ୍ସର୍ଗ କରେ ନୂଆମୁହଁ ପାଇଁ । ସାହିତ୍ୟ, ଚିତ୍ରକଳା, ପତ୍ରିକା ସମ୍ପାଦନା, ପୁସ୍ତକ ପ୍ରକାଶନ କ୍ଷେତ୍ରରୁ ନବପ୍ରତିଭାମାନଙ୍କୁ ସାଉଁଟି ଆଣି ଆଉଁସି ଦିଏ ସ୍ନେହରେ । ଏଥର ପ୍ରକାଶନ ଜଗତରୁ ଛଅ ନୂଆମୁହଁଙ୍କୁ ଜାଣନ୍ତୁ ।**



ଲେଖକ ଓଁ ଅଭିଜ୍ଞାନ ସାହୁ

ଆଧୁନିକ ଓଡ଼ିଆ ସାହିତ୍ୟରେ ବ୍ୟାସକବି ଭାବରେ ସୁପରିଚିତ ପ୍ରସିଦ୍ଧ ଔପନ୍ୟାସିକ ଫକୀର ମୋହନ ସେନାପତି ପାଦ୍ରୀମାନଙ୍କ ଆଗମନ ସଂପର୍କରେ ଚମତ୍କାର କଥାଟିଏ କହିଛନ୍ତି । ତାହା ହେଲା–

"ଆଗେ ଆଗେ ଆସୁଥିଲେ ଯେତେ ମିସନାରୀ
ସେହିସବୁ ସାହେବଙ୍କୁ ପୂଜା କରେ ଭାରି ।
ପ୍ରଥମରେ ପଢ଼ାଇଲେ ଇସ୍କୁଲିଆ ପାଠ
ପ୍ରଥମରେ ଦେଖାଇଲେ ଇସ୍କୁଲିଆ ବାଟ
ଛପାପୋଥି ଆଣି ଦେଖାଇଲେ ପ୍ରଥମରେ
ଔଷଧ ବାଣ୍ଟିଲେ ପ୍ରଥମରେ ଘରେ ଘରେ ।"

କହିବା ବାହୁଲ୍ୟ ଓଡ଼ିଶାରେ ସାଂସ୍କୃତିକ ଓ ସାମାଜିକ ପରିବର୍ତ୍ତନ ପାଇଁ ଇଂରେଜ ରାଜତ୍ୱ କାଳରେ ପାଦ୍ରୀମାନଙ୍କର ଏ ଦେଶକୁ ଆଗମନ ଓ ଶିକ୍ଷା ପ୍ରଚାର ସହିତ ମୁଦ୍ରଣଯନ୍ତ୍ର ପ୍ରତିଷ୍ଠାକୁ ଓଡ଼ିଶାରେ ପ୍ରକାଶନ ଶିଳ୍ପର ଅୟମାରମ୍ଭ ବୋଲି କୁହାଗଲେ ଅତ୍ୟୁକ୍ତି ହେବ ନାହିଁ । ୧୮୩୮ରୁ ପାଠ୍ୟପୁସ୍ତକ ଓ ମିଶନାରୀ ଧର୍ମ ପୁସ୍ତକ ପ୍ରକାଶନରୁ ଆରମ୍ଭ ହୋଇ ୨୦୨୨ ପର୍ଯ୍ୟନ୍ତ ଓଡ଼ିଶାର ପ୍ରକାଶନ ଶିଳ୍ପର ଇତିହାସ ବେଶ୍ ସଂଘର୍ଷପୂର୍ଣ୍ଣ ।

ଊନବିଂଶ ଶତାବ୍ଦୀର ସତୁରୀ ଓ ଅଶୀ ଦଶକ ବେଳକୁ ସରକାରଙ୍କ ପାଠାଗାର ଅନୁଦାନ ତଥା ରାଜା ରାମମୋହନ ରାୟ ପାଠାଗାର ଭଳି ସରକାରୀ ସଂସ୍ଥାମାନଙ୍କ ବହୁଳ ପୁସ୍ତକ କ୍ରୟ ଅନେକ ପୁସ୍ତକ ପ୍ରକାଶନ ସଂସ୍ଥାକୁ ଜନ୍ମ ଦେଇଥିଲା । କେବଳ ସରକାରୀ ତଥା ପାଠାଗାର ଅନୁଦାନ ଉପରେ ପ୍ରାୟତଃ ନିର୍ଭରଶୀଳ ଓଡ଼ିଆ ପ୍ରକାଶନ ଶିଳ୍ପ ଅଧିକାଂଶ ଭାବେ କେତେକ ମୁଷ୍ଟିମେୟ ଅଧ୍ୟାପକ ଓ ଉଚ୍ଚ ଅଧିକାରୀଙ୍କ ଲେଖାକୁ ନେଇ ସମୃଦ୍ଧ ଥିଲା । ଏହି ସମୟ ଭିତରେ କୌଣସି ପ୍ରକାଶନ ସଂସ୍ଥା ସିଧାସଳଖ ପାଠକମାନଙ୍କ ପାଖରେ ପୁସ୍ତକ ଉପଲବ୍ଧ କରେଇବାର କୌଣସି ବ୍ୟବସ୍ଥା ପ୍ରତି ଆଗ୍ରହ ଦେଖେଇଥିବା ନଜିର ନାହିଁ । ଉଦାହରଣ ସ୍ୱରୂପ ଶିଶୁ ସାହିତ୍ୟ କିଣାଯିବା ପାଇଁ କୌଣସି ଅନୁଦାନ ଆସିଲେ ଅଧିକାଂଶ ପ୍ରକାଶନ ସଂସ୍ଥା ହଠାତ ଶିଶୁ ସାହିତ୍ୟ ପ୍ରତି ଅଧିକ ଆଗ୍ରହୀ ହୋଇପଡନ୍ତି । ନମୁନା ପୁସ୍ତକ ଦାଖଲର ଶେଷ ତାରିଖ ପରେ ଶିଶୁ ସାହିତ୍ୟ ପ୍ରକାଶନ ପ୍ରତି ଆଉ ସେପରି ଆଗ୍ରହ ଦେଖାନ୍ତି ନାହିଁ । ଏଥରୁ ସ୍ପଷ୍ଟ ଯେ ପ୍ରାୟ ନବେ ଦଶକର ଶେଷ ଯାଏଁ ଏହି ଶିଳ୍ପର ସିଂହଭାଗ କେବଳ ସରକାରୀ ଅନୁଦାନ ଉପରେ ନିର୍ଭରଶୀଳ ଥିଲା । କିନ୍ତୁ ପରଶ୍ରୀକାତରତା, ପ୍ରତିଯୋଗିତା, ପାରସ୍ପରିକ ଅସହିଷ୍ଣୁତାରୁ ବିଭିନ୍ନ ମାଲି ମକଦ୍ଦମା ଓ ଚଳିତ ଶତାବ୍ଦୀର ପ୍ରାରମ୍ଭରେ ଦେଖା ଦେଇଥିବା ଅର୍ଥନୈତିକ ମାନ୍ଦାବସ୍ଥା ଯୋଗୁଁ ସରକାରୀ ଖର୍ଚ୍ଚକାଟ ଅଶି ଦଶକରେ ନୂଆ ନୂଆ ମୁଣ୍ଡ ଟେକୁଥିବା ପ୍ରକାଶନ ସଂସ୍ଥା ବନ୍ଦ ହୋଇଯିବା ଅଥବା ନାମକୁ ମାତ୍ର ନାମଫଳକରେ ସୀମିତ ହୋଇଗଲେ । ଓଡ଼ିଆ ପ୍ରକାଶନ ଶିଳ୍ପ ଅନେକ ସଂଘାତ ଓ ସଂଘର୍ଷ ଭିତର ଦେଇ ଗତି କରୁଥିବା ବେଳେ ପ୍ରାୟ ବିଗତ ଦଶନ୍ଧିରେ ପ୍ରକାଶନ ଶିଳ୍ପରେ ଆସିଛି ଏକ ଅଦ୍ଭୁତ ଉଦ୍ଦୀପନା । ପୁରାତନ ସଂସ୍ଥାମାନଙ୍କ ଉତ୍ତର ପିଢ଼ି ତଥା ଅନେକ ଉଚ୍ଚ ଶିକ୍ଷିତ ଯୁବକ ଯୁବତୀମାନେ ପ୍ରକାଶନ ଶିଳ୍ପ ପ୍ରତି ଆଗ୍ରହ ଦେଖାଉଥିବା ଅନେକାଂଶରେ ଶୁଭ ସୂଚନା ନିଶ୍ଚେ ।

ଯଦିଓ ଏହାକୁ ଆମେ ପ୍ରକାଶନ ଶିଳ୍ପ ଭାବେ କହୁଛୁ କିନ୍ତୁ ଶିଳ୍ପର ଉନ୍ନତି ପାଇଁ ଅନେକ ସରକାରୀ ଯୋଜନାରୁ ଏହା ବଞ୍ଚିତ । ଏହି ବ୍ୟବସାୟ ସହ ଜଡିତ ମୁଦ୍ରଣ ଖାନା, ବାଇଣ୍ଡିଙ୍ଗ୍, କାଗଜ ଓ ମୁଦ୍ରଣ କାଳି ପଭୃତି ଶିଳ୍ପର ମାନ୍ୟତା ପାଇଥିବା ବେଳେ ପୁସ୍ତକ ପ୍ରକାଶନ ବ୍ୟବସାୟ ଏଥିରୁ ବଞ୍ଚିତ । ପ୍ରକାଶକଟିଏ ହେବା ପାଇଁ କୌଣସି ଟିକସ ବିଭାଗର ଅନୁମତି ଲୋଡ଼ା ନାହିଁ । ଲେଖକଙ୍କୁ ପାରିଶ୍ରମିକ ଦେଲ କି ନାହିଁ ଯଦି ଦେଲ କେତେ ଦେଲ କିମ୍ୱା ଯଦି ନଦେଲ ତେବେ କାହିଁକି ନଦେଲେ ବୋଲି ପଚାରିବାକୁ କୌଣସି ସଂଗଠିତ ଗୋଷ୍ଠୀ ନାହିଁ । ଅର୍ଥାତ ଏଭଳି ଏକ ବେୱାରିସ ବ୍ୟବସାୟରେ ଯେକେହି କୌଣସି ସମୟରେ ପ୍ରବେଶ ଓ ପ୍ରସ୍ଥାନ କରିପାରେ । କେତେ ଉତ୍ପାଦନ ହେଲା ଓ କେତେ ବିକ୍ରି ହେଲା ଏହାର ହିସାବ କୌଣସି ସଂସ୍ଥାନକୁ ଦେବା ପାଇଁ ପ୍ରକାଶକ ବାଧ୍ୟ ନୁହେଁ । ପଞ୍ଜୀକରଣ ବ୍ୟବସ୍ଥା ବି ନାହିଁ । ହୁଏତ ଏହି ସରଳ ଓ ସହଜ ପ୍ରବେଶ ଓ ପ୍ରସ୍ଥାନ ହେତୁ କେବଳ ଭୁବନେଶ୍ୱରରେ ଏବଂ ତାର ଆଖପାଖରେ ପ୍ରାୟ ଅଢ଼େଇ ଶହ ପ୍ରକାଶନ ସଂସ୍ଥା ବ୍ୟବସାୟ କରୁଥିବା ସୂଚନା ମିଳେ । ଏ ସଂଖ୍ୟା ଆହୁରି ବଢିବ ବୋଲି ଆଶା କରାଯାଏ ।

# ସାଧାରଣ ଭାବରେ ମୁଣ୍ଡକୁ ଆସୁଥିବା କିଛି ପ୍ରଶ୍ନକୁ ଆଧାର କରି ମିଳିଥିବା ଉତ୍ତରରୁ ଆକଳନ କରାଯାଉ ପ୍ରକାଶକଙ୍କ ତତ୍ପରତା ଓ ପ୍ରତିବଦ୍ଧତା

୧. ଆପଣ ପ୍ରକାଶନ ଆଡ଼କୁ ଆକୃଷ୍ଟ ହେଲେ କାହିଁକି ?
୨. ଆପଣଙ୍କ ପ୍ରକାଶନର ନୂତନତ୍ୱ ଓ ବିଶେଷତ୍ୱ କଣ ?
୩. ଆପଣ ପ୍ରକାଶ କରୁଥିବା ବହି ପାଇଁ ସ୍ୱତନ୍ତ୍ର ସମ୍ପାଦକ ରଖିବାରେ ବିଶ୍ୱାସ କରନ୍ତି କି ?
୪. ଆପଣ ପ୍ରକାଶ କରିଥିବା ପୁସ୍ତକ ବିପଣନ କିପରି କରନ୍ତି ?
୫. ପ୍ରକାଶକ ଓ ଲେଖକ ଭିତରେ ଥିବା ସମ୍ପର୍କ କିପରି ହେବା ଉଚିତ ବୋଲି ମନେ କରନ୍ତି ?

## ଲୁକ୍କାୟିତ ସାହିତ୍ୟ ପ୍ରତିଭାକୁ ମୁଖ୍ୟସ୍ରୋତକୁ ଆଣିବାର ଦାୟିତ୍ୱବୋଧ ଆମକୁ ପ୍ରକାଶକ କରିଛି

**● ଭାଗୀରଥି ବେହେରା**

**ଅଧ୍ୟକ୍ଷ: ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ, ବ୍ରହ୍ମପୁର, ଗଞ୍ଜାମ**



୧. ପୁସ୍ତକ ପ୍ରତି ଅହେତୁକ ଆକର୍ଷଣ ହିଁ ମୋତେ ସାହିତ୍ୟ କ୍ଷେତ୍ରରେ ପ୍ରବେଶ କରେଇଥିଲା । ମଫସଲ କିନ୍ତୁ ପ୍ରକୃତିର ଗନ୍ତାଘର ଚିଲିକାକୂଳରେ ଥିବା ମୋ ଗାଁ ଲଙ୍ଗଳେଶ୍ୱରରୁ ପିଲାବେଳେ ଗୋଟିଏ 'ନୀଡ଼' ନାମକ ସାହିତ୍ୟ ପତ୍ରିକା ସମ୍ପାଦନ କରୁଥିଲି ଯାହା ବାଲୁଗାଁରୁ ମୁଦ୍ରିତ ହେଉଥିଲା । ସେଇଠୁ ଅନେକ ପ୍ରତିଭାଙ୍କ ସହ ଭେଟ । ଗୋଟିଏ ପୁସ୍ତକ ପ୍ରକାଶନ ସମ୍ବନ୍ଧରେ ଅନଭିଜ୍ଞ ଅନେକ ସାହିତ୍ୟିକ ଯେତେବେଳେ ସେମାନଙ୍କ ପୁସ୍ତକ ପ୍ରକାଶନ ପାଇଁ ଚିନ୍ତା କଲେ, ବୋଧେ ସେହି ଚିନ୍ତା ଚିନ୍ତନ ହୋଇ ମୋତେ ପ୍ରକାଶନ ଆଡ଼କୁ ଆକୃଷ୍ଟ କରେଇଚି । ସହରୀ ମୁଦ୍ରଣ ସୁବିଧାରୁ ଦୂରତା ଏବଂ ଲୁକ୍କାୟିତ ପ୍ରତିଭାକୁ ସାହିତ୍ୟ ଜଗତକୁ ଟାଣି ଆଣିବାର ଦାୟିତ୍ୱବୋଧ ପ୍ରକାଶନ କ୍ଷେତ୍ରକୁ ଅଣେଇଚି ।

୨. ଆମେ ହେଲୁ ଅପ୍ରକାଶିତ ଲେଖକଙ୍କ ବନ୍ଧୁ । ବହି ପ୍ରକାଶ ହେଇ ପାରୁନଥିବା, ମୁଦ୍ରଣ ଜ୍ଞାନ ନଥିବା, ପ୍ରେସ୍ କି ଅନ୍ୟ ପ୍ରକାଶନ ସଂସ୍ଥା ପାଖକୁ ଯିବାକୁ ଇଚ୍ଛା କି ସମୟ ନଥିବା ସାହିତ୍ୟିକଙ୍କ ଅନୁରୋଧରେ ପୁସ୍ତକ ପ୍ରକାଶନ ହିଁ ଆମ ଦାୟିତ୍ୱ । ପ୍ରକାଶନ ଆମ ଟ୍ରଷ୍ଟ୍‌ର କିମ୍ବା ମୋର ବ୍ୟବସାୟ ନୁହଁ । ତେଣୁ ଏତିକି କହିହେବ ଲେଖକଙ୍କୁ ପ୍ରକାଶନ ପ୍ରକ୍ରିୟାରେ ସାମିଲ କରିବା ଆମର ନୂତନତ୍ୱ ଏବଂ ପ୍ରକାଶନର ସୃଜନାତ୍ମକ ଦିଗ ହିଁ ଆମର ବିଶେଷତ୍ୱ । ୨୦୨୨ ରେ ୧୦୨୪ ପୃଷ୍ଠାର ସଜଳ୍ ଗ୍ରନ୍ଥ ତାର ପ୍ରମାଣ ।

୩. ବର୍ତ୍ତମାନ ମୁଁ ଓ ମୋର କିଛି ସାହିତ୍ୟିକ ବନ୍ଧୁ ଏ କାମ କରୁଅଛୁ । କିନ୍ତୁ ମୋର ଅନୁଭବ କହୁଚି ଯେ ପୁସ୍ତକ ପ୍ରକାଶନ ଏକ ବିଜ୍ଞାନ । ମୁଦ୍ରିତ ଓ ପ୍ରକାଶିତ ପୁସ୍ତକ ଯେପରି ଭବିଷ୍ୟ ପିଢ଼ି ପାଇଁ ଭାଷାଗତ ଓ ତଥ୍ୟଗତ ବିଭ୍ରାଟ ସୃଷ୍ଟି ନକରୁ, ସେଥିପାଇଁ ସ୍ୱତନ୍ତ୍ର ଭାବରେ ପେସାଦାର ସମ୍ପାଦକ ରଖିବା ନିତାନ୍ତ ଆବଶ୍ୟକ ।

୪. ଲେଖକ ଯେତିକି ବହି ବରାଦ କରନ୍ତି ଆମେ ତାଙ୍କୁ ଦେଇଦେଉ । ବିପଣନ ପାଇଁ ଆମ ପାଖରେ କୌଣସି ବ୍ୟବସ୍ଥା ଓ ସୁବିଧା ନାହିଁ । କିନ୍ତୁ ପୁସ୍ତକର ସମୀକ୍ଷା, ପ୍ରଚାର, ପ୍ରସାର, ଉନ୍ମୋଚନ ଓ ଲେଖକ ଦୁଆରେ ପହଞ୍ଚେଇବାର ବ୍ୟବସ୍ଥା ଅଛି ।

୫. କ୍ଷୀର ଓ ନୀରର ସମ୍ପର୍କ ଯେମିତି ସେମିତି ହେବା ଦରକାର । ଦୁଇ ଜଣଙ୍କ ଘନିଷ୍ଠ ଉଦ୍ୟମରେ ହିଁ ଭାଷା ଓ ସାହିତ୍ୟର ଉନ୍ନତି ହେବ । ସ୍ୱତଃ ତା ପରେ ଲେଖକ ଓ ପ୍ରକାଶକ ଲାଭବାନ ହେବେ । ଦୁହିଁଙ୍କ ପାଇଁ ମୁଦ୍ରିତ ପୁସ୍ତକ ହିଁ ମୁଖ୍ୟ ହେବା ଦରକାର । ବ୍ୟକ୍ତିଗତ ପାର୍ଥକ୍ୟ ଯେମିତି ମଝିରେ ନ ଆସୁ ।

## କ୍ଷୀର-ନୀର ଭଳି ସମ୍ପର୍କ ରହିବା ଉଚିତ ଲେଖକ ଓ ପ୍ରକାଶକଙ୍କ ମଧ୍ୟରେ

**● ପବିତ୍ର ବ୍ରହ୍ମପୁତ୍ର ନାୟକ**

**ପ୍ରକାଶକ: ବନଫୁଲ ପ୍ରକାଶନୀ, ରାଜନଗର**



୧. ବାପା କଥାକାର, ଘରେ ନୀତି ସାହିତ୍ୟିକଙ୍କ ମେଳି ହୁଏ । ପିଲାବେଳୁ ପତ୍ରପତ୍ରିକା ଦେଖି ସାହିତ୍ୟ ପ୍ରତି ଧୀରେ ଧୀରେ ଆକୃଷ୍ଟ ହେଲି । ପ୍ରଥମେ ପ୍ରଥମେ କବିତା ଲେଖୁଥିଲି, ଧୀରେଧୀରେ ପ୍ରକାଶନ ଜଗତରେ ପାଦ ଥାପିଲି ।

୨. ନୂତନତା ଅନେକ ବିଶେଷତ୍ୱ ବି ଅନେକ । ବହିଟିକୁ ସୁନ୍ଦର ଭାବେ ନିର୍ଭୁଲ ଭାବରେ ପ୍ରକାଶ କରିବା ପରେ ବହିର ପ୍ରଚାର, ପ୍ରସାର ଓ ପାଠକଙ୍କ ପାଖକୁ ଦ୍ରୁତ ଡାକ ଯୋଗେ ପଠାଏ । ଦିନକ ୨୪ ଘଣ୍ଟା ହିସାବରେ ମୋର କିଛି ଘଣ୍ଟା ଡ଼ାକଘରେ ବିତୁଥାଏ ।

୩. ନା, ଆଦୌ ନୁହେଁ । ଲେଖକ ହିଁ ନିଜ ପାଣ୍ଡୁଲିପି ପାଇଁ ସବୁକିଛି ଭାବେ । ଭୁଲ୍ ଥିଲେ ଠିକ୍ କରେ । କିନ୍ତୁ ଲେଖକଙ୍କ କୌଣସି ଗୋଟିଏ ଶବ୍ଦ ମୁଁ ବଦଳାଏ ନାହିଁ ।

୪. ଭାରତୀୟ ଦ୍ରୁତ ଡ଼ାକ ବ୍ୟବସ୍ଥା ଯୋଗେ ନିୟମିତ ବହି ପଠାଏ । ଆମର ଅନେକ ପାଠକ ଅଛନ୍ତି ୧୦୦୦ ଟଙ୍କାରୁ ଉର୍ଦ୍ଧ୍ୱ ନିୟମିତ ବହିକିଣନ୍ତି ।

୫. କ୍ଷୀର ଓ ନୀର ପରି ସମ୍ପର୍କ ରହିବା ଉଚିତ ।

## ▶▶ଲେଖକଙ୍କ ଭିତରେ ନିଜ ପାଇଁ ଆତ୍ମସମ୍ମାନ ବଢ଼େଇବା ଆମର ବିଶେଷତ୍ୱ◀◀



### ● ମାନମୟୀ ରଥ

**ପ୍ରକାଶିକା: ଅଭିମାନ ପବ୍ଲିଶର୍ସ, ପୁରୀ**

**୧.** ମୋ ଆଖପାଖର କିଛି କବି ଲେଖକ ଯେଉଁମାନେ ନିଜ ନିଜ ଲେଖକୀୟ ସ୍ଥିତିକୁ ଜାହିର କରିବା ପାଇଁ ପ୍ରତିଯୋଗିତାର ଦୌଡ଼ରେ ନାହାଁନ୍ତି ଅଥଚ ନିଜ ଲେଖାକୁ ସଂକଳିତ କରି ସାଇତି ରଖିବାକୁ ଚାହାଁନ୍ତି ସେମାନଙ୍କ ପାଇଁ ବୋଧହୁଏ ମୋ 'ଅଭିମାନ'। ଲେଖକୀୟ ଗୁଣବତ୍ତାର ସକଳ ବିଭବ ସହ କିଛି ସ୍ୱାଭିମାନୀ ମଣିଷ ଅଛନ୍ତି ଯେଉଁମାନଙ୍କ ବହି ଯେତିକି ଗୁରୁତ୍ୱର ସହ ପ୍ରକାଶିତ ହେବା କଥା ହୋଇନି, ସେମାନଙ୍କ ବହି ପ୍ରକାଶନ ପାଇଁ ମୋ 'ଅଭିମାନ'। ପ୍ରଚ୍ଛଦ ସଜ୍ଜା ଠାରୁ ଅଳଙ୍କରଣ, ସମ୍ପାଦନା ଠାରୁ ସଂଶୋଧନ ସମସ୍ତ କାମକୁ ସ୍ୱାଧୀନ ଭାବରେ ନିଜ ମୁତାବକ କରିବାର ସାମର୍ଥ୍ୟ ଅଛି ମୋର। ଆତ୍ମନିର୍ଭରଶୀଳ ହୋଇପାରିବା ସଙ୍ଗେ ସଙ୍ଗେ ନିଜ ପାଇଁ ନିଆରା ସ୍ଥାନଟେ ତିଆରି କରିପାରିବି ସେଥିପାଇଁ ମୋର ଏହି 'ଅଭିମାନ'।

**୨.** ପ୍ରତିଷ୍ଠିତ ପ୍ରକାଶନୀମାନଙ୍କ ଭଲଦିଗଟିକୁ ନିଜ ବାଗରେ ପରଖି ତାକୁ ନିଜ ପ୍ରକାଶନୀ କ୍ଷେତ୍ରରେ ପ୍ରୟୋଗ କରିବା ବୋଧହୁଏ ଆମ ନୂଆପଣ। ନୂଆ କିନ୍ତୁ ପ୍ରତିଭାବାନମାନଙ୍କୁ ଖୋଜି ଆଣି ସସମ୍ମାନେ ପ୍ରକାଶିତ କରେଇବାର ଆଗ୍ରହ ବୋଧହୁଏ ଆମର ବିଶେଷତ୍ୱ। ଲେଖକଙ୍କ ସହ ସ୍ୱଚ୍ଛତା ଓ ବନ୍ଧୁତା ରଖିବା ବୋଧହୁଏ ଆମ ନୂତନତ୍ୱ। ସମଯୋପଯୋଗୀ ହେବା ସହ ନିଜ ତ୍ରୁଟିକୁ ସୁଧାରି ନେବାର ପ୍ରୟାସ ବୋଧହୁଏ ଆମ ବିଶେଷତ୍ୱ। ଲେଖକଙ୍କୁ ନିଜେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ସେ ଗୁରୁତ୍ୱ ଅନୁଭବ କଲା ଭଳି ପରିବେଶ ତିଆରି କରେଇବା ବୋଧହୁଏ ଆମର ବିଶେଷତ୍ୱ। ମୋଟ ଉପରେ ଲେଖକଙ୍କ ଭିତରେ ଗଭୀର ଆତ୍ମସମ୍ମାନର ଭାବଟିକୁ ଜାଗ୍ରତ କରେଇବା ଆମ ଲକ୍ଷ୍ୟ।

**୩.** ବର୍ତ୍ତମାନ ପାଇଁ ଆବଶ୍ୟକ ପଡ଼ିନି। ଆଗକୁ ପୁସ୍ତକର ସଂଖ୍ୟା ବଢ଼ିଲେ ରଖିବା ନିହାତି ଦରକାର ପଡିବ।

**୪.** ଲେଖକଙ୍କୁ ତାଙ୍କ ଚାହିଦା ମୁତାବକ ବହି ଯୋଗେଇ ଦେଲା ପରେ ବହି ପ୍ରତି ସାଧାରଣ ପାଠକଙ୍କ ଆଗ୍ରହ ଯେମିତି ତିଆରି ହେବ ସେଥିପାଇଁ ବିଭିନ୍ନ ବିଜ୍ଞାପନ, ସୋସିଆଲ ମିଡିଆରେ ପ୍ରଚାର, ସମୀକ୍ଷା ଏବଂ ଆଲୋଚନା ଉପରେ ଗୁରୁତ୍ୱ ଦେଉ। 'ଆମାଜନ୍'ରେ ବହି ପହଞ୍ଚେଇବାର ଚେଷ୍ଟାଟି କରିଛୁ। ସେହିମାନଙ୍କ ପାଖରେ ବହିମାନ ପହଞ୍ଚେଇବାକୁ ଚେଷ୍ଟା କରୁ ଯେଉଁମାନେ ବହିକୁ ଗୁରୁତ୍ୱ ଦେଇ ପଢିବେ ଏବଂ ଅନ୍ୟ ଦୁଇଜଣଙ୍କୁ ଅନ୍ତତଃ ପଢିବା ପାଇଁ ପ୍ରେରିତ କରେଇବେ। ଏତଦ୍‌ବ୍ୟତିତ ପ୍ରତି ସ୍କୁଲ କଲେଜର ଲାଇବ୍ରେରୀରେ କେମିତି ଆମ ବହି ଶିକ୍ଷାର୍ଥୀଙ୍କ ପଠନାର୍ଥେ ବ୍ୟବହାର ହୋଇ ପାରିବ ସେଥିପାଇଁ କ୍ଷୁଦ୍ର ପ୍ରୟାସଟିଏ ଅନବରତ ଚାଲିଥାଏ।

**୫.** ବିଶ୍ୱାସ ଓ ବୁଝାମଣା ଯାହା ଗୋଟେ ସାଧାରଣ ବନ୍ଧୁତାରେ ଆବଶ୍ୟକ ହୋଇଥାଏ। ଆବଶ୍ୟକ ବି ପାରସ୍ପରିକ ସମ୍ମାନ।

## ▶▶ଓଡ଼ିଆ ସାହିତ୍ୟ ପାଇଁ ଅଧିକରୁ ଅଧିକ ପାଠକ ସୃଷ୍ଟି କରେଇବା ଆମର ଆଭିମୁଖ୍ୟ◀◀

### ● ଦେବାଶିଷ ସାମନ୍ତରାୟ

**ପ୍ରକାଶକ: ଆଦିତ୍ୟ ଭାରତ ପ୍ରକାଶନୀ, କଟକ**




**୧.** ମୁଁ ନିଜେ ଜଣେ ସାରସ୍ୱତ ସାଧକ। ସାରସ୍ୱତ ଅନୁଷ୍ଠାନ କଳିଙ୍ଗ ଲିଟରେଚର୍ ଫେଷ୍ଟିଭାଲ୍ ସହ ସମ୍ପୃକ୍ତ। କିଛି ବର୍ଷ ପୂର୍ବେ ମୁଁ ଅନୁଭବ କଲି ଓଡ଼ିଆ ସାହିତ୍ୟର ପ୍ରସାରର ମୂଳଭିତ୍ତି ହେଲା ଅଧିକ ପାଠକ ସୃଷ୍ଟି କରିବା। ତାକୁ ଉଦ୍ଦେଶ୍ୟରେ ରଖି ଚିନ୍ତା କଲି ବହିଗୁଡ଼ିକୁ କିପରି ତୃଣମୂଳ ସ୍ତରରେ ପହଞ୍ଚାଇ ହେବ। ଏହି ଦିଗରେ ଅଭାବ ପରିଲକ୍ଷିତ କରି ପ୍ରକାଶନ ସଂସ୍ଥା ଆରମ୍ଭ କରିବାକୁ ଚିନ୍ତା କଲି। ବିଶ୍ୱ ସାହିତ୍ୟର ଅନୁବାଦ, ଓଡ଼ିଆ ସାହିତ୍ୟର ଅନ୍ୟ ଭାଷାକୁ ଅନୁବାଦ ଓ ଶିଶୁମାନଙ୍କ ପାଇଁ ପୁସ୍ତକ ଛପେଇବା ସହ ତୃଣମୂଳ ସ୍ତରରେ ଓଡ଼ିଆ ବହିକୁ ପାଠକଙ୍କ ପାଖରେ ଉପଲବ୍ଧ କରେଇବା ପାଇଁ 'ଆଦିତ୍ୟ ଭାରତ ପ୍ରକାଶନ' ସଂସ୍ଥା ଆରମ୍ଭ କରାଯାଇଛି।

**୨.** ମୁଁ ଏପରି ଏକ ସମୟରେ ପ୍ରକାଶନ ସଂସ୍ଥା ଆରମ୍ଭ କଲି ଯେତେବେଳେ ଲେଖକମାନେ ପ୍ରକାଶକଙ୍କୁ ଟଙ୍କା ଦେଇ ବହି ପ୍ରକାଶ କରିଆସୁଛନ୍ତି। ଆଉ କିଛି ପ୍ରକାଶକ ଅଛନ୍ତି ଯେଉଁମାନଙ୍କ ପାଖରେ ଲେଖକମାନେ ପହଞ୍ଚି ପାରୁନଥିଲେ। ଆମ ସଂସ୍ଥାର କାମ ରହିଲା ଜଣେ ସାଧାରଣ ଲେଖକର ବହି ପ୍ରକାଶ କରିପାରିବା। ସେ ବହିକି ଠିକ୍ ଭାବେ ପ୍ରଚାର ପ୍ରସାର କରିପାରିବା। ଲେଖକଙ୍କ ପାଇଁ ପାଠକ କେମିତି ତିଆରି କରା ଯାଇପାରିବ ତାହାକୁ ଗୁରୁତ୍ୱ ଦେବା।

**୩.** ମୁଁ ଏ ପଦ୍ଧତିରେ ବିଶ୍ୱାସ କରେ। ବିନା ସମ୍ପାଦକରେ କୌଣସି ବହି ପ୍ରକାଶିତ ହେବା ଉଚିତ ନୁହେଁ। କିନ୍ତୁ ଏବେ ଓଡ଼ିଶାର ପ୍ରକାଶନ ଶିଳ୍ପ ଅବସ୍ଥା ଯାହା ସେଥିପାଇଁ ନିର୍ଦ୍ଦିଷ୍ଟ ଭାବେ ଜଣେ ସମ୍ପାଦକଙ୍କୁ ନିଯୁକ୍ତି ଦେବା ସମ୍ଭବ ନୁହେଁ। ଯେହେତୁ ମୁଁ ନିଜେ ଜଣେ ଗାଳ୍ପିକ ତେଣୁ ପ୍ରକାଶ ପାଇଁ ଆସୁଥିବା ଗଳ୍ପ କି ଉପନ୍ୟାସର ପାଣ୍ଡୁଲିପିକୁ ନିଜେ ଚୟନ କରିପାରେ। ତା ସହ କବିତା ଓ ଅନ୍ୟାନ୍ୟ ବିଭାଗର ବହି ପାଇଁ କିଛି ବିଶିଷ୍ଟ ସାହିତ୍ୟିକଙ୍କ ସାହାଯ୍ୟ ନେଉ। ଭବିଷ୍ୟତରେ ଆମେ ଦୁଇ ତିନିଜଣ ନିୟମିତ ସମ୍ପାଦକଙ୍କୁ ରଖିବାର ଯୋଜନା ରଖିଛୁ।

**୪.** ଦୁଃଖର କଥା ହେଲା ଏଠି ବିକ୍ରି ପାଇଁ କୌଣସି ଦୋକାନରେ ବହି ଦେଲେ ସେଠୁ ବିକ୍ରି ଲବ୍ଧ ଅର୍ଥ ଫେରି ପାଇବାରେ ଅନିଶ୍ଚିତତା। ସେଥିପାଇଁ ଏବେ ନୂଆ ଟେକ୍ନୋଲୋଜି ଯାହାକି ଆମଜନ, ଫ୍ଲିପ୍ କାର୍ଡ ଇତ୍ୟାଦି ଭଳି ସଂସ୍ଥାମାନଙ୍କ ସହଯୋଗରେ ବହି ବିକୁଛୁ। ପ୍ରତିଦିନ ଆମର ପ୍ରାୟ ଚାଳିଶ ଖଣ୍ଡ ବହି ଏହି ମାଧ୍ୟମରେ ବିକ୍ରି ହୋଇଥାଏ। ତା ସହିତ ଆମେ ବହିର ସୂଚନା ବିଭିନ୍ନ ଗଣମାଧ୍ୟମର ଜରିଆରେ ପାଠକମାନଙ୍କୁ ଦେଇଥାଉ। ଆମର




**ପଢନ୍ତୁ କବି ଓ କଥାଶିଳ୍ପୀ ବନ୍ଦନା ପଣ୍ଡାଙ୍କ**
**ପ୍ରଥମ କବିତା ବହି**

ଯୋଗାଯୋଗ:
ପେନ ଇନ ବୁକ୍ସ
୦୬୭୪ ୨୫୪୦୨୦୩

ଯୋଜନା ଅଛି ବିଭିନ୍ନ ଜିଲ୍ଲାରେ ଖୁବ୍ ଶୀଘ୍ର ଆଦିତ୍ୟ ଭାରତର ନିଜସ୍ୱ ବୁକ୍ ପଏଣ୍ଟ ରଖିବୁ । ଯେଉଁ ଜାଗାରୁ ଆମ ପ୍ରକାଶିତ ବହି ସବୁ ପାଠକମାନଙ୍କୁ ସହଜରେ ଉପଲବ୍ଧ କରା ଯାଇପାରିବ ।

**୫.** ଅତି ଦୁଃଖର ସହ କହିବାକୁ ପଡୁଛି ଯଦି ଆପଣ ପ୍ରକାଶକ ଓ ଲେଖକ ଭିତରେ ସମ୍ପର୍କ ଦେଖିବାକୁ ଚାହିଁବେ ତେବେ ଆପଣଙ୍କୁ ଲାଗିବ ଗୋଟେ ଗଣିକା ଓ ଗୋଟେ ନାଗରର ସମ୍ପର୍କ ଭଳି । ଗୋଟେ ଲେଖକ ବୁଲି ବୁଲି ବିଭିନ୍ନ ପ୍ରକାଶକଙ୍କ ପାଖରେ ବହି ଛପାଉଛି । ବହି ପ୍ରସ୍ତୁତି ପାଇଁ ଅର୍ଥ ଖର୍ଚ୍ଚ କରୁଛି ପ୍ରକାଶକ । ବୌଦ୍ଧିକ ଖର୍ଚ୍ଚ କରୁଛି ଲେଖକ- ଏଇ ଦୁଇଟା ଭିତରେ ସମନ୍ୱୟ ରକ୍ଷା ହେବା ଉଚିତ । ଲେଖକ ଭାବୁଛି ବହି ଛପା ସରିଲା ପରେ ତାହାର ଦାୟିତ୍ୱ ସରିଗଲା । ଲେଖକଟିଏ ନିଜସ୍ୱ ପାଠକ ଗୋଷ୍ଠୀ ତିଆରି କରିନି ଆଜି ଯାଏଁ । ଜଣେ ପ୍ରତିଷ୍ଠିତ ଲେଖକଙ୍କୁ ପଚରା ଗଲେ ସେ ନିଜର ପଚାଶଟି ଭଲ ପାଠକଙ୍କ ନାଁ କହି ପାରିବ ନାହିଁ ।

## ▶▶କେବଳ ଓଡ଼ିଶାରେ ନୁହେଁ ଓଡ଼ିଆ ଭାଷାସାହିତ୍ୟକୁ ଅନୁବାଦ କରି ଦେଶବିଦେଶରେ ପରିଚିତି ଦେବା ଆମର ଲକ୍ଷ୍ୟ◀◀

**● ଡ. ତନ୍ମୟ ପଣ୍ଡା, ଡ. ସୁନନ୍ଦା ମିଶ୍ର ପଣ୍ଡା**

**ପ୍ରତିଷ୍ଠାତା: ବିଦ୍ୟା ପବ୍ଲିଶିଂ, ଟରେଣ୍ଟୋ, କାନାଡ଼ା**





**୧.** ଓଡ଼ିଶା ତଥା ଭାରତ ବାହାରେ ଓଡ଼ିଆ ବହି ନ ମିଳିବା ଓ ଓଡ଼ିଶାରେ ଅନେକ ପୁରୁଣା ବହିର ପୁନର୍ମୁଦ୍ରଣ କରିବା ହେଉଛି ବିଦ୍ୟା ପବ୍ଲିସିଙ୍ଗର ମୁଖ୍ୟ କାରଣ । ଏହାଛଡ଼ା ବହି ପ୍ରକାଶିତ କରିବାଟା ଯେ ଲେଖକ ମାନଙ୍କ ପାଇଁ ଏକ ବଡ଼ ଖର୍ଚ୍ଚକର ବ୍ୟାପାର ହେଲାଣି ସେଇଟା ବି ଦ୍ୱିତୀୟ କାରଣ । ଅନେକ ନୂଆ ଏବଂ ପ୍ରତିଭାବାନ ଲେଖକଙ୍କୁ ପରିଚିତ କରାଇବା ତୃତୀୟ କାରଣ ଏବଂ ଶେଷରେ ଓଡ଼ିଆ ଭାଷା, ସାହିତ୍ୟକୁ ଅନୁବାଦ କରି ବିଦେଶରେ ପହଂଚାଇବା ଶେଷ କାରଣ ।

**୨.** କୌଣସି ଜିନିଷର ଆଜିକା ଦିନରେ ନୂତନତ୍ୱ ନାହିଁ । ଏ ଖବର ଯୁଗରେ ଯାହା ଆଜି ନୂତନ ତାହା କାଲି ପୁରାତନ । ତେବେ ହଁ, ଆମର ବିଶେଷତ୍ୱ ହେଉଛି ଗ୍ଲୋବାଲ୍ ଡିଷ୍ଟ୍ରିବ୍ୟୁସନ୍ ଥ୍ରି ପ୍ରିଣ୍ଟ ଅନ୍ ଡିମାଣ୍ଡ୍ । ଏହାର ଅର୍ଥ ଆମର ବହି ପ୍ରାୟ ୨୮ରୁ ଉର୍ଦ୍ଧ୍ୱ ଦେଶରେ ଉପଲବ୍ଧ ହେବ । ଯେତେବେଳେ ଯିଏ ଯେଉଁଠୁ ବହିଟିଏ କିଣିବ, ସଂଗେ ସଂଗେ ସେଠୁ ବହି ଛପା ହୋଇ ପାଠକଙ୍କ ପାଖକୁ ପଠା ହୋଇଯିବ । ଦ୍ୱିତୀୟରେ ଆମର ବହି କାନାଡ଼ା କଂଗ୍ରେସ ଲାଇବ୍ରେରୀରେ ରହିବ ଯେହେତୁ ଆମର ISBN କାନାଡ଼ାର । ବାକି ବହିର ଗୁଣବତ୍ତା ଏବଂ ବନାନଗତ ଶୁଦ୍ଧତା ଉପରେ ଆମେ ଯଥେଷ୍ଟ ଧ୍ୟାନ ଦେଇଥାଉ, ଯାହା ଆପଣ ଆମର ଲେଖକମାନଙ୍କ ଠାରୁ ଜାଣି ପାରିବେ ।

**୩.** ନିଶ୍ଚିତ ଭାବେ । ବିନା ସମ୍ପାଦକରେ ଭଲ ବହିଟିଏ ବାହାରିବା ସମ୍ଭବ ନୁହେଁ । ଆମର ବି ସମ୍ପାଦକ ଅଛନ୍ତି ଯେଉଁମାନଙ୍କ ଠାରୁ ଆମେ ଅନେକ କିଛି ଦିଗ୍‌ଦର୍ଶନ ପାଇଥାଉ ।

**୪** ବିପଣନ ପାଇଁ ଆଞ୍ଚଳିକ ବ୍ୟବସାୟୀ ଏବଂ ପ୍ରାୟ ସବୁ ଡିଜିଟାଲ୍ ପ୍ଲାଟଫର୍ମ ଭିତରେ ଚେଷ୍ଟା କରୁ । ବିଦ୍ୟା ପବ୍ଲିସିଙ୍ଗର ଭୁବନେଶ୍ୱର ଅଫିସ୍‌ରେ ମଧ୍ୟ ବହି ମିଳୁଛି । ଆମେ ପାଠକଙ୍କ ଘରକୁ ମଧ୍ୟ ଡାକ ଯୋଗେ ବହି ପଠାଇଥାଉ ।

**୫.** ବିଶ୍ୱାସର, ଶ୍ରଦ୍ଧା ଏବଂ ସମ୍ମାନର । ଦୁହେଁ ଦୁହିଁଙ୍କ ଅଭିବୃଦ୍ଧିରେ ପରସ୍ପରର ସହାୟକ।

**ଶେଷକଥା** : ପ୍ରକାଶନ ସଂସ୍ଥା ମୁଖ୍ୟତଃ ତିନି ବିଭାଗରେ – ପାଠ୍ୟପୁସ୍ତକ, ଜନ ବା ଲୋକସାହିତ୍ୟ ଓ ଉଚ୍ଚାଙ୍ଗ ସାହିତ୍ୟ । ପାଠ୍ୟପୁସ୍ତକ ପ୍ରକାଶକଙ୍କ ବିତରଣର ନିର୍ଦ୍ଦିଷ୍ଟ ଗ୍ରାହକ ଓ ସ୍ରୋତ ଅଛି । ଜନ ବା ଲୋକ ସାହିତ୍ୟ ପ୍ରକାଶ କରୁଥିବା ପ୍ରକାଶକ ସିଧା ପାଠକଙ୍କ ଘର ବାରଣ୍ଡା ଯାଏଁ ଯାଇ ପହଂଚିବାର ସ୍ୱବନ୍ଦୋବସ୍ତ କରିଛନ୍ତି । କିନ୍ତୁ ଉଚ୍ଚାଙ୍ଗ ସାହିତ୍ୟ ପ୍ରକାଶ କରୁଥିବା ପ୍ରକାଶକ ପାଠକଙ୍କ ଅପେକ୍ଷା ପାଠାଗାର ଓ ବିଭିନ୍ନ ବହି କିଣା ସ୍କିମ୍ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅନୁଗ୍ରହ ଉପରେ ନିର୍ଭର କରୁଛନ୍ତି ।

ଏବେ ଭାରତର ଅନେକ ପ୍ରସିଦ୍ଧ ପୁସ୍ତକ ପ୍ରକାଶକ ଓଡ଼ିଶାରେ ଦପ୍ତର ଖୋଲି ବ୍ୟବସାୟ କରୁଥିଲେ ହେଁ କେବଳ ପାଠ୍ୟପୁସ୍ତକ ପ୍ରକାଶନ ଭିତରେ ନିଜକୁ ସୀମିତ ରଖିଛନ୍ତି । ଓଡ଼ିଶାରେ ବ୍ୟବସାୟ କରି ଲାଭବାନ ହେଉଥିଲେ ବି ଏହି ସବୁ ଆର୍ଥିକ ସ୍ୱଚ୍ଛଳ ପ୍ରକାଶନ ସଂସ୍ଥାମାନେ ଓଡ଼ିଆ ଭାଷା ସାହିତ୍ୟ ତଥା ଉଚ୍ଚାଙ୍ଗ ସାହିତ୍ୟର ପ୍ରକାଶନ ପ୍ରତି ବିମୁଖ ଅଟନ୍ତି । ପାଞ୍ଜି, ତଅପୋଇ ଓଷା, ଲକ୍ଷ୍ମୀପୂଜା, ବାଟ ଓଷା ଭଳି ବହି ପ୍ରକାଶ କରୁଥିବା ପ୍ରକାଶକ ମାନ ସମ୍ମାନର ସହ କୌଣସି ବଡ଼ ଅଧିକାରୀଙ୍କ ଅନୁଗ୍ରହକୁ ଅପେକ୍ଷା ନକରି ସିଧା ପାଠକଙ୍କ ପାଖରେ ଗାଁ ହାଟ ଫେରିବାଲା ଇତ୍ୟାଦିଙ୍କ ମାଧ୍ୟମରେ ପହଞ୍ଚି ଯାଏ । କିନ୍ତୁ ଉଚ୍ଚାଙ୍ଗ ସାହିତ୍ୟ ତଥା ଭଦ୍ରଲୋକଙ୍କ ସାହିତ୍ୟ ଛାପୁଥିବା ପ୍ରକାଶକ ବହୁ ବିଭାଗ ଆଗରେ ନତଜାନୁ ହେବାକୁ ପଡେ । ବହୁ ପ୍ରତିଷ୍ଠିତ ସାହିତ୍ୟିକଙ୍କ ପାଣ୍ଡୁଲିପି ଫେରେଇ ଦେଉଥିବା ବେଳେ କ୍ଷମତାସୀନ ଅଧିକାରୀଙ୍କ ପାଣ୍ଡୁଲିପି ଆଗ୍ରହରେ ମାଗି ଛାପିବାକୁ ପଡେ । ନଚେତ ସୂତା ଠୁ ସୁତୁଲୀ ଯାଏଁ ସବୁ ଖର୍ଚ୍ଚ ଲେଖକ ଧନରେ ହୁଏ । ଏ ପ୍ରକାର ସାଲିସ ଯେଉଁମାନେ ନକଲେ ସେମାନେ ଅତୀତରେ ଏଭଳି ସ୍ୱାଭିମାନ ଦେଖେଇଥିବା ଅଧିକାଂଶ ଭଦ୍ରଲୋକ ସାହିତ୍ୟ ପ୍ରକାଶକଙ୍କ ଭଳି ବଜାରରୁ ଉଭାନ ହେଇଯାଇଛନ୍ତି । 'ସ୍ୱାମୀ ଘରେ ନାହାଁନ୍ତି' କିମ୍ବା 'ବୁଧେଇ ଓଷା' ଭଳି ଚଟି ବହି ଛପେଇ ଗାଁ ହାଟରେ ସିଧା ପାଠକଙ୍କୁ ବିକୁଥିବା ପ୍ରକାଶକ ସ୍ୱାଭିମାନର ସହ ବ୍ୟବସାୟ କରେ । ଅପରପକ୍ଷେ ଲେଖକ ଠାରୁ ଖର୍ଚ୍ଚ ନେଇ ହେଉ ଅଥବା ନିଜ କଷ୍ଟ ଅର୍ଜିତ ଧନରେ ଅତି ଉଚ୍ଚାଙ୍ଗ ସାହିତ୍ୟ ଛାପୁଥିବା ପ୍ରକାଶକ ବହି ବିକିବା ପାଇଁ ବାର ଦୁଆର ତେର ଶୁଣ୍ଢି ହେଉଥିବା କିମ୍ବା ପିଅନ ଠାରୁ ଅଧିକାରୀଙ୍କ ପାଖରେ କିପରି ନତଜାନୁ ହୋଇ ଠିଆ ହେବାକୁ ପଡେ ତାହା କେବଳ ଭୁକ୍ତଭୋଗୀଙ୍କୁ ଜଣା ।

ଗତ ଦଶନ୍ଧିକୁ ଅନୁଧ୍ୟାନ କଲେ ଜଣା ପଡିବ । ନୂତନ ପ୍ରକାଶନ ସଂସ୍ଥାଙ୍କ ବହୁଳ ଆବିର୍ଭାବ ଘଟିଛି । ନୂତନ ଜ୍ଞାନ କୌଶଳ ସହ ଉଚ୍ଚକୋଟୀର ପରିପାଟୀ ସୁଦୃଶ୍ୟ ପୁସ୍ତକ ବ୍ୟବସାୟକୁ ଆହୁରି ଆଭିଜାତ୍ୟର ସ୍ପର୍ଶ ଦେଉଛି । ବିଭିନ୍ନ ଗଣ ମାଧ୍ୟମ ସହ ଆମାଜନ, ଫ୍ଲିପ୍‌କାର୍ଟ ଭଳି ସଂସ୍ଥାମାନଙ୍କ ଜରିଆରେ ସିଧା ପାଠକଙ୍କ ପାଖରେ ପହଂଚିବାର ଅଭିନବ ଉପାୟ ଏବେ ସହଜ ଭାବେ ଉପଲବ୍ଧ । ଆଶା କରାଯିବ ନୂତନ ଭାବେ ପ୍ରକାଶନ ବ୍ୟବସାୟକୁ ଆଦରି ନେଇଥିବା ଯୁବପିଢ଼ି ନିଜର ସ୍ୱାଭିମାନକୁ ବଜାୟ ରଖିବା ସହ ନିଜର ଭାଷା ସାହିତ୍ୟର ଉନ୍ନତି ସହ ସାମାଜିକ ପ୍ରତିବଦ୍ଧତାକୁ ସମ୍ମାନ ଦେବେ । ପ୍ରକାଶନ କ୍ଷେତ୍ରରେ କିଛି ନୂଆମୁହଁଙ୍କୁ ନେଇ 'ରେବତୀ'ର ଏଥରର ଏ ସ୍ୱତନ୍ତ୍ର ଆବେଦନ, ଏଇଠି ଶେଷ କରୁଛି । ପୁଣି ଆରବର୍ଷ ଆଉ କିଛି ନୂଆ ପ୍ରକାଶକଙ୍କୁ ଆଣି ଆସିବି ।

ପ୍ରସଙ୍ଗ-୭

# ୪ ନୂଆ ପତ୍ରିକା
# ଆଶାର ନୂଆ ଦିଶା



# ନୂଆ ପତ୍ରିକା ନୂତନ ଆଶା


## ସୁବ୍ରତ କୁମାର ସେନାପତି

ଖାରବେଳ ହଷ୍ଟେଲ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୭୫୧୦୦୩
ଫୋନ: ୭୯୭୮୧୬୮୧୯୩


ଫଟୋ ସୌଜନ୍ୟ : ଲେଖକ

**ପ୍ରାୟତଃ ଅଭିଯୋଗ ହୁଏ ଯେ ନୂଆମାନଙ୍କୁ ବା ତରୁଣପିଢିଙ୍କ ଲେଖା ପତ୍ରପତ୍ରିକାରେ ସ୍ଥାନିତ କରାଯାଏନା । ବା ସେମାନଙ୍କ ଲେଖାକୁ ଅଗ୍ରାଧିକାର ଦିଆଯାଏନା । ଏ ଅଭିଯୋଗକୁ ଅସତ୍ୟ ପ୍ରମାଣିତ କରନ୍ତି ଏମିତି କିଛି ନୂଆ ପତ୍ରିକାର ସମ୍ପାଦକମାନେ । ବିଶ୍ୱାସ ହେଉନି ? ପଢନ୍ତୁ କେତୋଟି ନୂଆ ପତ୍ରିକାର ଆଭିମୁଖ୍ୟକୁ ନେଇ ପ୍ରସ୍ତୁତ ଏ ଆଲେଖ ।**



▶ ଲେଖକ ଶ୍ରୀ ସୁବ୍ରତ କୁମାର ସେନାପତି

ଏକ ବିଶେଷ କାଳଖଣ୍ଡରେ ମାନବୀୟ ଚିନ୍ତା, ଚେତନା, ଚଳଣୀ ପରିପ୍ରକାଶର ଏକ ଉତ୍କୃଷ୍ଟ ମାଧ୍ୟମ ହେଉଛି ପତ୍ରପତ୍ରିକା । ପତ୍ରିକା ଗୋଟିଏ ଦେଶର, ଗୋଟିଏ ଜାତିର ଜ୍ଞାନ ବିଜ୍ଞାନ,ଇତିହାସ, ଅର୍ଥନୀତି ଏହିପରି ବହୁ ଗୁରୁତ୍ୱପୂର୍ଣ୍ଣ ଦିଗ ସହ ଜଡିତ । ମଣିଷ ସଭ୍ୟତାର ସଂସ୍କୃତି, ପରମ୍ପରାର ପରିଚୟ ମଧ୍ୟ ଏହି ପତ୍ରିକା ପ୍ରଦାନ କରିଥାଏ । ଜନ ସମାଜ, ଅସରନ୍ତି ପାଠକମାନଙ୍କ ଭିତରେ ବହୁବିଧ ନୂତନ ଚିନ୍ତନ ଉଦ୍ଭବ ଦିଗରେ ତଥା ସଚେତନତା ସୃଷ୍ଟି କରିବା ଦିଗରେ ପତ୍ରିକା ମାନଙ୍କର ଥିବା ଯଥେଷ୍ଟ ଭୂମିକାକୁ କେହି ଅସ୍ୱୀକାର କରି ପାରିବ ନାହିଁ । ପତ୍ରିକାର ଏହିସବୁ ବିଶେଷ ଭୂମିକାକୁ ୧୭୬୯ ମସିହାରୁ ଅଦ୍ୟାବଧି ବେଶ କରି ଅନୁଭବ କରି ଆସିଛନ୍ତ ବୁଦ୍ଧିଜୀବୀ ଗଣ । ସାଧାରଣ ଲୋକଙ୍କୁ ସାମ୍ପ୍ରତିକ ସ୍ଥିତି ଓ ଓଡ଼ିଆ ଭାଷା ସମ୍ପର୍କରେ ଅବଗତ କରିବା ଉଦ୍ଦେଶ୍ୟରେ ପତ୍ରିକାର ଅନ୍ୱେଷଣ ଆରଂଭ ହୋଇଥିଲା ୧୭୬୯ରୁ । କଟକ ଚୌଦ୍ୱାର ନିକଟସ୍ଥ କୁଜିବର ମଠର ମହନ୍ତ ସାଧୁସୁନ୍ଦର ଦାସ ୧୭୬୯ରେ 'କୁଜିବର ପତ୍ର' ନାମରେ ଏକ ହାତଲେଖା ପତ୍ରିକା ଆରମ୍ଭ କରିଥିଲେ ।

ଆମ ଦେଶରେ ଉନବିଂଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ପତ୍ରପତ୍ରିକାର ପ୍ରସାର ଅନେକ ମାତ୍ରାରେ ଘଟି ସାରିଥିଲା । କିନ୍ତୁ ଓଡିଶା ଏ କ୍ଷେତ୍ରରେ ବିଶେଷ ଅଗ୍ରଗାମୀ କରି ପାରି ନଥିଲା । ପ୍ରଥମେ ମିସନାରୀମାନଙ୍କ ପ୍ରଚେଷ୍ଟାରେ 'ଜ୍ଞାନାରୁଣ' ନାମକ ଏକ ପତ୍ରିକା ଡବ୍ଲ୍ୟୁ. ସି. ଲେସିଙ୍କ ସମ୍ପାଦନାରେ ୧୮୪୯ ମସିହାରେ ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ଦ୍ୱିତୀୟ ଛାପା ପତ୍ରିକା ରୂପେ ୧୮୫୬ ମସିହାରେ ପ୍ରକାଶ ପାଇଥିଲା ଉଇଲିୟମ ଲେସିଙ୍କ ଦ୍ୱାରା ସମ୍ପାଦିତ 'ପ୍ରବୋଧ ଚନ୍ଦ୍ରିକା' । କଟକ ମିଶନ ପ୍ରେସ୍‌ରୁ ଡବଲିଉ ବ୍ରୁକ୍ସଙ୍କ ଦ୍ୱାରା ଏହା ଛପା ହେଉଥିଲା । ଏହା ମିଶନାରୀ ମାନଂକ ଦ୍ୱାରା ପ୍ରକାଶିତ ହେଉଥିଲେ ମଧ୍ୟ ଏଥିରେ କୌଣସି ଖ୍ରୀଷ୍ଟ ଧର୍ମ ପ୍ରଚାର ବିଷୟ ବସ୍ତୁ ନଥିଲା, ବରଂ ଏହା ଥିଲା ଏକ ସାହିତ୍ୟ ଓ ସମାଚାର ପତ୍ରିକା । ପାଠକ ଓ ଗ୍ରାହକ ଅଭାବରେ ଏହାର ପ୍ରକାଶନ ବାଧାପ୍ରାପ୍ତ ହୋଇଥିବାରୁ ଲେସ୍‌ଲି ଓଡ଼ିଶାର ତତ୍କାଳୀନ କମିଶନର ସାମୁଏଲ୍‌ଙ୍କୁ ଆର୍ଥିକ ଅନୁଦାନ ପାଇଁ ଅନୁରୋଧ କରିଥିଲେ । କିନ୍ତୁ ସାମୁଏଲ୍‌ଙ୍କ ଆର୍ଥିକ ଅନୁଦାନର ପ୍ରତିଶ୍ରୁତି ସତ୍ତ୍ୱେ ଓଡ଼ିଶାରେ ନବଶିକ୍ଷିତ ଗୋଷ୍ଠୀର ଅଭାବ ହେତୁ ଏହି ପତ୍ରିକା ତିନି ବର୍ଷର ପ୍ରକାଶନ ପରେ ବନ୍ଦ ହୋଇଯାଇଥିଲା । 'ପ୍ରବୋଧ ଚନ୍ଦ୍ରିକା'ରେ ପ୍ରଥମ ଥର ପାଇଁ ବିଜ୍ଞାନ ସମ୍ବନ୍ଧୀୟ ଲେଖା ପ୍ରକାଶିତ ହୋଇଥିଲା । ଏହା ସାଧାରଣ ଲୋକଙ୍କ ପାଇଁ ପ୍ରଥମ ବିଜ୍ଞାନ ପତ୍ରିକା ଭାବେ ଖୁବ ଖ୍ୟାତ । ଏହା ପରେପରେ ୧୮୬୧ ମସିହାରେ ଆତ୍ମ ପ୍ରକାଶ କରିଥିଲା 'ଅରୁଣୋଦୟ' ଖ୍ରୀଷ୍ଟିଆନ ଭର୍ଣ୍ଣାକୁଲାର ଲିଟରେଚର ସୋସାଇଟିର ପୃଷ୍ଠପୋଷକତାରେ ଅରୁଣୋଦୟ ନାମକ ଏକ ପତ୍ରିକା । ତାରକା ତ୍ରୟୀ, ତଥା ଖ୍ରୀଷ୍ଟିୟ ବାନ୍ଧବ, ପ୍ରଭାତୀ ତାରା,ଶୁଭ ବାର୍ତ୍ତା, ତାରକା ଇତ୍ୟାଦି ସେ ସମୟରେ ପ୍ରକାଶିତ ପତ୍ରିକାଗୁଡିକ ମଧ୍ୟ ମିଶନାରୀ ପତ୍ରିକାରେ ଅନ୍ତର୍ଭୁକ୍ତ ।

୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ହିଁ ଓଡ଼ିଆ ଜାତିକୁ ପରୋକ୍ଷରେ ପ୍ରରୋଚିତ କରିଥିଲା ନିଜ ଅସ୍ତିତ୍ୱର ଅନ୍ୱେଷଣ ଦିଗରେ । ଏହି ଅନ୍ୱେଷଣର ଫଳ ସ୍ୱରୂପ ହିଁ ଜନ୍ମ ନେଇଥିଲା କର୍ମବୀର ଗୌରୀ ଶଙ୍କର ରାୟଙ୍କ ସମ୍ପାଦନାରେ 'ଉତ୍କଳ ଦୀପିକା' ଯାହାକୁ ଅର୍ଦ୍ଧ ଶତାବ୍ଦୀ ଓଡ଼ିଶାର ଜୀବନ୍ତ ଦଲିଲ ରୂପେ ବିବେଚନା କରାଯାଏ । ମିସନାରୀ ମାନଙ୍କ ଦ୍ୱାରା ପ୍ରସ୍ତୁତ ପତ୍ରିକା ମାନଙ୍କରେ ଓଡ଼ିଆ ଭାଷା,ସଂସ୍କୃତି ଉପରେ ଯେଉଁ ଅପରିପକ୍ୱ ଲେଖା ମାନ ପ୍ରକାଶ ପାଉଥିଲା ତାର ଅଭାବବୋଧକୁ ପରିପୂରଣ କରିପାରିଥିଲା ଉତ୍କଳ ଦୀପିକା । ପରବର୍ତ୍ତୀ ସମୟରେ ଏ ଧାରାକୁ ମଧ୍ୟ ଆଗେଇ ନେଇଥିଲେ ଫକୀର ମୋହନଙ୍କ ଦ୍ୱାରା ବାଲେଶ୍ୱରରୁ ପ୍ରକାଶିତ ସମ୍ବାଦ ବାହିକା, ସୁବଳ ପ୍ରେସରୁ ସମ୍ବଲପୁରରୁ ପ୍ରକାଶିତ ହିତୈଷିଣୀ ପରି ସମ୍ବାଦ ଓ ସାହିତ୍ୟ ଭିତ୍ତିକ ପତ୍ର ପତ୍ରିକା ମାନ ।

ଓଡ଼ିଆ ଭାଷାରେ ପ୍ରକାଶିତ ପ୍ରଥମ ନିଚ୍ଛକ ସାହିତ୍ୟ ପତ୍ରିକା ରୂପେ 'ଉତ୍କଳ ଦର୍ପଣ'କୁ ହିଁ ବିବେଚନା କରାଯାଏ ଯାହା ପ୍ରକାଶ ପାଇଥିଲା ୧୮୭୩ ମସିହାରେ । ଏହାର ସମ୍ପାଦକ ଥିଲେ ଇନ୍ଦ୍ର ବଲ୍ଲଭ ଭଟ୍ଟାଚାର୍ଯ୍ୟ ଓ ପୃଷ୍ଠପୋଷକ ଥିଲେ ବୈକୁଣ୍ଠ ନାଥ ଦେ । ଏହା ୧୮୭୩ ଜାନୁଆରୀରୁ ୧୮୭୪ ଡ଼ିସେମ୍ବର ପର୍ଯ୍ୟନ୍ତ ମାସିକ, ୧୮୭୫ ଜାନୁଆରୀରୁ ୧୮୭୯ ଯାଏଁ ପାକ୍ଷିକ,୧୮୭୯ ରୁ ୧୮୮୮ ଯାଏଁ ଦୀର୍ଘ ଦଶ ବର୍ଷ ଧରି ସାପ୍ତାହିକ ଭାବେ ପ୍ରକାଶ ପାଇ ଆସୁଥିଲା । ଓଡ଼ିଆ ସାହିତ୍ୟର ଭିନ୍ନଭିନ୍ନ ବିଭବକୁ ଗୁରୁତ୍ୱ ଦେଇ ଏହା ପରେ ପରେ ଭିନ୍ନ ଭିନ୍ନ ପତ୍ରିକା ମାନ ପ୍ରକାଶ ପାଇ ସାରିଛି ଆମ ଓଡ଼ିଆ ଭାଷାରେ । ଉନବିଂଶ ଶତାବ୍ଦୀରେ 'ଉତ୍କଳ ଦର୍ପଣ' ବ୍ୟତିରେକ ଯେଉଁ ଯେଉଁ ପତ୍ରିକା ସବୁ ଓଡ଼ିଆ ଭାଷା ସାହିତ୍ୟର ବିକାଶ କଳ୍ପେ ପ୍ରକାଶ ପାଇଥିଲା ତନ୍ମଧ୍ୟରୁ ଉତ୍କଳ ମଧୁପ, ଶିକ୍ଷାବନ୍ଧୁ, ନବ ସମ୍ବାଦ, ଓଡ଼ିଆ ଓ ନବ ସମ୍ବାଦ, ଉତ୍କଳ ପ୍ରଭା, ଉତ୍କଳ ସାହିତ୍ୟ, ଉତ୍କଳ ହିତୈଷିଣୀ, ଉତ୍କଳ ଶୁଭକରୀ, ଉତ୍କଳ ପୁତ୍ର, ବିଦେଶୀ, ଧର୍ମ ବୋଧିନୀ,କୋହିନୂର, ପୁରୁଷୋତ୍ତମ

ଦୀପିକା, ପୁରୁଷୋତ୍ତମ ପତ୍ରିକା, ତାରିକା, ସେବକ, ସଂସ୍କାରକ, ପ୍ରଦୀପ, ଆଶା, ଭକ୍ତି ତତ୍ତ୍ୱ, ଇନ୍ଦ୍ରଧନୁ, ବିଜୁଳି, ବ୍ରାହ୍ମ, ଉତ୍କଳ ବନ୍ଧୁ, ଗଂଜାମ ଓଡ଼ିଆ ହିତବାଦିନୀ, ଆଲୋଚନା ଇତ୍ୟାଦିର ନାମ ଉଲ୍ଲେଖଯୋଗ୍ୟ । ଇନ୍ଦ୍ରଧନୁ ପ୍ରାଚୀନ ସାହିତ୍ୟର ଆଲୋଚନା ପାଇଁ ଏବଂ ବିଜୁଳି ପତ୍ରିକା ଆଧୁନିକ ସାହିତ୍ୟର ଆଲୋଚନା ପାଇଁ ସେ ସମୟରେ ଖୁବ ବିତର୍କ ମୂଳକ ବାତାବରଣ ସୃଷ୍ଟି କରିଥିଲା ।

ବିଂଶ ଶତାବ୍ଦୀରେ ମଧ୍ୟ ଓଡ଼ିଆ ସାହିତ୍ୟରେ ଅନେକ ପାକ୍ଷିକ, ମାସିକ, ଦ୍ୱିମାସିକ, ତ୍ରୟମାସିକ, ଷାଣ୍ମାସିକ, ବାର୍ଷିକ ପତ୍ରିକା ମାନ ପ୍ରକାଶ ପାଇଛି । ବିଂଶ ଶତାବ୍ଦୀର ପ୍ରମୁଖ ପତ୍ରିକା ମଧ୍ୟରେ ମୁକୁର, ସତ୍ୟବାଦୀ, ସହକାର, ନବ ଭାରତ, ଆଧୁନିକ, ଶଙ୍ଖ, ଚତୁରଙ୍ଗ, ଝଂକାର, ଆସନ୍ତାକାଲି, କୋଣାର୍କ, ପୌରୁଷ, ନବରବି, ମାନସ ଇତ୍ୟାଦିର ନାମ ବେଶ୍ ସ୍ମରଣୀୟ । ଏତଦ୍ ବ୍ୟତୀତ ଅଧୁନା, ଇସ୍ତାହାର, ଏଷଣା, କୁଂକୁମ, କଥା, ଗଳ୍ପ, ଗଳ୍ପଝରେ, ଗୋକର୍ଣ୍ଣିକା, ଚନ୍ଦ୍ରିକା, ଡଗର, ଦିଗନ୍ତ, ନବପତ୍ର, ପ୍ରଜ୍ଞା, ପଂଚରଙ୍ଗ, ପାଞ୍ଚଜନ୍ୟ, ଫଲଗୁ, ବାରୁଣୀ, ବୀଣା, ବାଇଶି ପାହାଚ, ପ୍ରଦୀପ, ବସୁନ୍ଧରା, ଯୁଗବୀଣା, ଆରତୀ, ସପ୍ତର୍ଷି, ମୂଲ୍ୟାୟନ, ସମାବେଶ, ସାମ୍ମୁଖ୍ୟ, ନବଲିପି, ଅକ୍ଷପାଦ, ସମାସ, ଶ୍ରୀ ଜଗନ୍ନାଥ ଇତ୍ୟାଦି ପତ୍ରିକା ମଧ୍ୟ ପ୍ରକାଶିତ ହୋଇ ଓଡ଼ିଆ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ଦିଗରେ ବ୍ରତୀ ହୋଇଛି ।

ବିଂଶ ଶତାବ୍ଦୀର ଶେଷ ଭାଗକୁ ପତ୍ରିକା ଜଗତରେ ପାଦ ଥାପିଥିବା ପତ୍ରିକା ମାନଙ୍କ ମଧ୍ୟରେ କଥା କଥା କବିତା କବିତା, ପ୍ରତିବେଶୀ, ଆମରି ଗପ, ପଶ୍ଚିମା, ପକ୍ଷୀଘର, ବିଶ୍ୱମୁକ୍ତି, ଯୁଗଶ୍ରୀ ଯୁଗନାରୀ, କାବ୍ୟଲୋକ, ଅକ୍ଷାଂଶ, ଚିତ୍ରା, ସ୍ପର୍ଶ, ଅମୃତାୟନ, ତୀର ତରଙ୍ଗ, ଅପୂର୍ବା, ବର୍ତ୍ତିକା, ବେଦବ୍ୟାସ, ପଞ୍ଚବଟୀ, ଜନସୁଧା, କାହାଣୀ, ଶୈଳଜା ଇତ୍ୟାଦିର ପ୍ରଭାବ ପାଠକମାନଙ୍କ ମନରେ ଖୁବ୍ ଅନୁଭୂତ ହୁଏ ।


ଏକବିଂଶ ଶତାବ୍ଦୀରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବହୁଳ ବିକାଶ ପତ୍ରିକା ଜଗତ ଉପରେ ନକାରାତ୍ମକ ପ୍ରଭାବ ପକାଇବ ବୋଲି ଯେଉଁ ପ୍ରାଥମିକ ଦୁଶ୍ଚିନ୍ତା ଗ୍ରାସ କରିଥିଲା ସାହିତ୍ୟିକ ମହଲରେ ତାହାକୁ କିନ୍ତୁ ଭୁଲ୍ ପ୍ରମାଣିତ କରିଚି ଅନେକ ପତ୍ରିକାର ଅଭ୍ୟୁଦୟ, ସେମାନଙ୍କର ଚାହିଦା ତଥା ପାଠକୀୟ ଆଦୃତି । ଏହାର ମୁଖ୍ୟ କାରଣ ବୋଧହୁଏ ହୋଇପାରେ, ପତ୍ରିକାକୁ ନେଇ ନାନାଦି ପରୀକ୍ଷାନିରୀକ୍ଷା ଏହି ସମୟରେ ହିଁ ସମ୍ପାଦକମାନେ ଅତି ନିଷ୍ଠାର ସହ କରୁଛନ୍ତି । ପତ୍ରିକା କେବଳ ପ୍ରବନ୍ଧ, ଗଳ୍ପ, କବିତା ଓ ସମାଲୋଚନାରେ ସୀମିତ ନରହି ଅଣୁ ଗପ, ନାନୋ ଗପ, ମିନି ଗପ, ଗଳ୍ପିକା, ଉପନ୍ୟାସିକା, ଚିତ୍ରୋପନ୍ୟାସ, କାବ୍ୟ ଉପନ୍ୟାସ, ଫିଚର, ଚିତ୍ର କବିତା ପରି ଅସରନ୍ତି ନୂଆ ନୂଆ ବିଭାଗକୁ ସ୍ଥାନିତ କରି ପାଠକମାନଙ୍କ ରୁଚି ଅନୁସାରେ ସେସବୁ ବିଭାଗକୁ ପ୍ରାଧାନ୍ୟ ଦେଉଛି । ଆକର୍ଷଣୀୟ ପ୍ରଚ୍ଛଦ, ସଜ୍ଜିକରଣ, ଅଳଙ୍କରଣ ପାଠକ ମାନଙ୍କ ମନକୁ କିପରି ଆହୁରି ସ୍ପର୍ଶ କରିପାରିବ ସେଦିଗରେ ସମ୍ପାଦକମାନେ ମଧ୍ୟ ଦୃଷ୍ଟି ଦେଉଛନ୍ତି । ଏ କ୍ଷେତ୍ରରେ ପ୍ରତିବେଶୀ, ସାମ୍ନା, ପକ୍ଷୀଘର, ତୀରତରଙ୍ଗ, ବିଶ୍ୱମୁକ୍ତି, ପଶ୍ଚିମା, ରେବତୀ, ଶୈଳଜା, କାଦମ୍ବିନୀ ଇତ୍ୟାଦି ପତ୍ରିକାର ନାମ ଉଲ୍ଲେଖଯୋଗ୍ୟ ।

ନିୟମିତ ମାସିକ ଭିତ୍ତିରେପ୍ରକାଶ ପାଇ ଆସୁଥିବା ପତ୍ରିକାମାନଙ୍କ ଭିତରେ କଥା, କାଦମ୍ବିନୀ,କଥା କଳିକା, ଝଙ୍କାର, ସମାରୋହ, ଜନସୁଧା, ନବଲିପି, ସାଗରିକା, ଅମୃତାୟନ, ରେବତୀ ଇତ୍ୟାଦି ଅନ୍ୟତମ । ଏକଦା ଏ ସମୟରେ ପ୍ରକାଶ ପାଇ ଆସୁଥିବା ଚର୍ଚ୍ଚିତ 'ଶିଶିର' ପତ୍ରିକା ଏବେ ଅବଶ୍ୟ ବନ୍ଦ ହୋଇଯାଇଛି । ସେହିପରି ପୂଜା ସମୟରେ ଏକଦା ପ୍ରକାଶ ପାଉଥିବା ବହୁଚର୍ଚ୍ଚିତ ପତ୍ରିକା ଦୁଇଟି: ଯୁବ ସମ୍ପାଦକ ଶୁଭ୍ରାଂଶୁ ପଣ୍ଡାଙ୍କ ସମ୍ପାଦିତ 'ସମକାଳ' ଏବଂ ସରୋଜ ବଳଙ୍କ ଦ୍ୱାରା ସମ୍ପାଦିତ 'ସାମ୍ନା'ର ପ୍ରକାଶନ ମଧ୍ୟ ବନ୍ଦ ଅଛି । କିନ୍ତୁ ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ପୂଜା ସମୟରେ ଅଶୀରୁ ଊର୍ଦ୍ଧ୍ୱ ପତ୍ରିକା ଆମ ଓଡ଼ିଆ ଭାଷାରେ ପ୍ରକାଶ ପାଉଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ଓ ଆଶ୍ଚର୍ଯ୍ୟଜନକ କଥା ଯେ, କରୋନା ମହାମାରୀ ପରେ ପତ୍ରିକା ପ୍ରକାଶନକୁ ନେଇ ଯେଉଁ ଆଶଙ୍କା କରାଯାଇଥିଲା ତାହାକୁ ଏ ଦୁଇ ବର୍ଷ ଭିତରେ ଭୁଲ ପ୍ରମାଣିତ କରିଛି ଆମ ଓଡ଼ିଆ ଭାଷାରେ ପ୍ରକାଶିତ ହେଉଥିବା ପତ୍ରିକା ମାନଙ୍କ ବର୍ଦ୍ଧିତ ସଂଖ୍ୟା । ଏ ଦୁଇ ବର୍ଷ ଭିତରେ ଅନେକ ନୂଆ ନୂଆ ପତ୍ରିକା ସାହିତ୍ୟ ଜଗତରେ ସାମିଲ ହେବା ସହ ଅନେକ ତରୁଣମାନଂକୁ ମଧ୍ୟ ସମ୍ପାଦନା କ୍ଷେତ୍ରରେ ଦେଖିବାକୁ ମିଳିଛି । ପବିତ୍ର ବ୍ରହ୍ମପୁତ୍ର (ରାଜଭୂମି, ସାହିତ୍ୟ ଫର୍ଦ୍ଦ), ରୂପେଶ ସାହୁ (ଜ୍ୟୋତିର୍ମୟ), କ୍ଷୀରୋଦ ବିହାରୀ ବିଶ୍ୱାଳ (ଗଦ୍ୟାଂଶ), ସନ୍ତୋଷ କୁମାର (ଡଟ୍ ସାହିତ୍ୟ), ଶ୍ରୀମତୀ ଗୌରପ୍ରିୟା ଦାଶ (ଆଭା) ପରି ତରୁଣମାନେ ପତ୍ରିକା ସମ୍ପାଦନା କ୍ଷେତ୍ରରେ ପଦାର୍ପଣ କରିଛନ୍ତି ।

ଗୋଟିଏ ବଗିଚାରେ ନୂଆ ଫୁଲ ଫୁଟିଲେ ସମସ୍ତଙ୍କ ଆକର୍ଷଣ ଯେପରି ତା ଉପରେ ଅଧିକ ଥାଏ, ଠିକ୍ ସେପରି ନୂଆ ପତ୍ରିକାଟିଏ ସାହିତ୍ୟ ଜଗତରେ ପ୍ରବେଶ କଲେ ପାଠକ, ଲେଖକ, ସାହିତ୍ୟ ପ୍ରେମୀ, ସମୀକ୍ଷକ, ଅନ୍ୟ ସଂପାଦକ ମାନଙ୍କ ନଜର ମଧ୍ୟ ସେହି ପତ୍ରିକା ଉପରେ ପଡିଥାଏ । ୨୦୨୨ ମସିହାରେ ଯେଉଁ କେତୋଟି ନୂଆ ପତ୍ରିକା ନିଜ ନିଜର ସ୍ୱତନ୍ତ୍ରତାର ଛାପ ସାହିତ୍ୟ ଜଗତରେ ଛାଡ଼ିବାକୁ ପ୍ରୟାସ କରିଛନ୍ତି ତନ୍ମଧ୍ୟରୁ ଗଦ୍ୟାଂଶ, ଡଟ୍ ସାହିତ୍ୟ, ରନ୍ଚିରା, ମାଳିନୀ, ପୂରବୀ, ଶବ୍ଦ ଓ ସ୍ୱର, ମୌସୁମୀ, ପୂର୍ବରଙ୍ଗ ଆଦି ପତ୍ରିକାର ନାମ ଉଲ୍ଲେଖଯୋଗ୍ୟ । ସମ୍ପାଦକଙ୍କ ସହଯୋଗ ଓ ଅନୁମତି ଏବଂ ସହଜ ଉପଲବ୍ଧତା କ୍ରମେ ସେହି ନୂଆ ପତ୍ରିକା ମାନଙ୍କ ମଧ୍ୟରୁ ଅଳ୍ପ କିଛି ପତ୍ରିକା ସମ୍ପର୍କରେ ଏଠାରେ ଆଲୋକପାତ କରିବାକୁ ସକ୍ଷମ ହୋଇପାରିଛି ଏ ଲେଖକ ।

## ପତ୍ରିକା : ଡଟ୍ ସାହିତ୍ୟ

ଚଳିତ ପୂଜା ଋତୁରେ ନୂଆ ତ୍ରୈମାସିକ ପତ୍ରିକା ରୂପେ 'ଡଟ୍ ସାହିତ୍ୟ' ପତ୍ରିକା ପ୍ରଥମ ଥର ପାଇଁ ବଜାରରେ ପ୍ରବେଶ କରି ଅନେକ ପାଠକୀୟ ଆଲୋଡନ ସୃଷ୍ଟି କରିବାରେ ହୋଇଚି ସକ୍ଷମ । ଏହାର ସମ୍ପାଦନା ଦାୟିତ୍ୱକୁ ସୁଚାରୁ ରୂପେ ତୁଲାଇଛନ୍ତି ଯୁବ ସମ୍ପାଦକ **ସନ୍ତୋଷ କୁମାର** । ସବୁଠୁ ଆକର୍ଷଣୀୟ ହୋଇଚି ପତ୍ରିକାର ଲେଆଉଟ୍ ଓ ସାଜସଜ୍ଜା । ତରୁଣ ଏବଂ ପ୍ରବୀଣଙ୍କ ଅନନ୍ୟ ଲେଖାର ସମାହାରରେ ଏହି ପତ୍ରିକା ହୋଇଛି ଋଦ୍ଧିମନ୍ତ । ସଂପାଦକଙ୍କ ବହି କିଣିବା ଏବଂ ପଢିବା ପ୍ରତି କରିଥିବା ଆହ୍ୱାନ ବାସ୍ତବରେ ଏ ସମୟର ପ୍ରକୃତ ସମୁଚିତ ଡାକ । ଏହି ପତ୍ରିକାଟିରେ ଚାରିଜଣ ଫିଚର୍ ଲେଖକ ଖୁବ୍ ସୁନ୍ଦର୍ ଭାବରେ ଲେଖାମାନ ଉପସ୍ଥାପନା କରିଛନ୍ତି । ଓଡ଼ିଆ ସାହିତ୍ୟର ଶିଖର ପୁରୁଷ ମନୋଜ ଦାସଙ୍କ ଉପରେ ଲେଖା ଯାଇଥିବା ଫିଚରଟି ଖୁବ୍ ଉଚ୍ଚକୋଟୀର ହୋଇଛି । ଗଳ୍ପରେ ସମକାଳର ବଛା ବଛା କାହାଣୀକାରଙ୍କ ଲେଖା ସ୍ଥାନ ପାଇଛି । କିଶୋର ଆକାଶ, ରବି ପଣ୍ଡା, ଅନୀଲ କୁମାର ପାଢ଼ୀଙ୍କ ପରି ବରିଷ୍ଠମାନଙ୍କ ସହିତ ଅନେକ ଯୁବ ସ୍ରଷ୍ଟାଙ୍କ ଲେଖା ପାଠକମାନଙ୍କୁ ସ୍ପର୍ଶ କରିପାରିବାର ପ୍ରଭୂତ କ୍ଷମତା ରଖେ । ସେହି ପରି କବିତା ବିଭାଗ ମଧ୍ୟ ଭରି ଉଠିଛି ଅନେକ କଳାତ୍ମକ କବିତା ସହିତ, ସମକାଳର ଚିତ୍ରପଟ୍ଟକୁ ନେଇ ।



ଫେସ୍‌ବୁକ୍ ସାହିତ୍ୟକୁ ନେଇ ପାଞ୍ଚ ଜଣ ସ୍ରଷ୍ଟାଙ୍କ ଉତ୍ତର ଭିନ୍ନ ଏବଂ ଗ୍ରହଣୀୟ ମଧ୍ୟ ଯାହାକୁ ଅତି ସୁନ୍ଦର ଭାବେ ପ୍ରସ୍ତୁତ କରିଛନ୍ତି ସୁପ୍ରିୟା ପଣ୍ଡା । 'ଡଟ୍ ସାହିତ୍ୟ'ର ଚର୍ଚ୍ଚା ଆଲୋଚନା ବିଭାଗରେ ଏହି 'ଫେସ୍‌ବୁକ୍ ସାହିତ୍ୟ' ଏକ ସ୍ୱତନ୍ତ୍ରତା ବହନ କରିଚି ପତ୍ରିକାଟି ପାଇଁ । ଦୁଇଟି ପୁସ୍ତକର ସମୀକ୍ଷା ମଧ୍ୟ ସ୍ଥାନିତ ହୋଇଚି ଏହି ନୂଆ ପତ୍ରିକାରେ । ଉପନ୍ୟାସ କ୍ଷେତ୍ରରେ ତରୁଣ ପିଢ଼ି ପଛେଇ ଯାଉଛନ୍ତି : ଏ ଅଭିଯୋଗକୁ ଖଣ୍ଡନ କରିଚି 'ଡଟ୍ ସାହିତ୍ୟ' ଦୁଇ ଯୁବ ସ୍ରଷ୍ଟାଙ୍କ ଭିନ୍ନ ସ୍ୱାଦର ଉପନ୍ୟାସକୁ ସ୍ଥାନିତ କରି । ତୃପ୍ତି ରଞ୍ଜନ ଦାସଙ୍କ 'ଶୂନ୍ୟତାର ସ୍କ୍ରିନ୍‌ସଟ୍' ଉପନ୍ୟାସ ପଢିବା ବେଳେ କିଛି କିଛି ଦୃଶ୍ୟର ବର୍ଣ୍ଣନା ବେଳେ ସ୍ରଷ୍ଟା ଫିଜିକ୍ସ ଥିଅରିର ଯେଉଁ ସଫଳ ପ୍ରୟୋଗ କରିଛନ୍ତି ତାହା ଖୁବ୍ ଭଲ ଲାଗିବ ପାଠକକୁ, ବିଶେଷ କରି ତରୁଣମାନଙ୍କୁ । ସେହିପରି ନବପ୍ରଜନ୍ମର ଅନ୍ୟତମ ପ୍ରତିଶ୍ରୁତିମୟୀ ଲେଖିକା ନର୍ମଦା ସାହୁଙ୍କ ଉପନ୍ୟାସ 'ଦୀପିଆ' ନୂତନ ଦିଶା ଦେଖାଇବାରେ ହୋଇଚି ସମର୍ଥ । ଶହେ ଛପନ ପୃଷ୍ଠା ବିଶିଷ୍ଟ ଏ ପତ୍ରିକାଟିର ପ୍ରତିଟି ବିଭାଗକୁ ତରୁଣ ସମ୍ପାଦକ ସନ୍ତୋଷ କୁମାର ସରସ ସୁନ୍ଦର କରିବା ଦିଗରେ ଯେଉଁ ସଚେତନତା ଓ ସମ୍ପାଦକୀୟ ସ୍ୱଚ୍ଛତା ଅବଲମ୍ୱନ କରିଛନ୍ତି ତାହା ପତ୍ରିକାଟିକୁ ପଢିବା ବେଳେ ପାଠକ ବେଶ୍ ଅନୁଭବ କରିପାରିବ । ସମ୍ପାଦକ ତାଙ୍କର ଏହି ଧାରା ପ୍ରତିଟି ସଂଖ୍ୟାରେ ବଳବତ୍ତର କରି ରଖିପାରିଲେ ପତ୍ରିକାର ଭବିଷ୍ୟତ ଉଜ୍ଜ୍ୱଳ ହୋଇପାରିବ, ଏଥିରେ କୌଣସି ସଂଦେହ ନାହିଁ ।

## ସମ୍ପାଦକ ସନ୍ତୋଷ କୁମାର ଯାହା କହନ୍ତି

**୧. 'ଡଟ୍ ସାହିତ୍ୟ' ପତ୍ରିକାର ନାମକରଣ ଏପରି କାହିଁକି ? ଓଡ଼ିଆ ପତ୍ରିକାର ନାମକରଣ ଓଡ଼ିଆରେ ମଧ୍ୟ କରାଯାଇ ପାରିଥାନ୍ତା !**

▶ମୋର ପ୍ରକାଶନୀ ସଂସ୍ଥା 'ଡଟ୍ ବୁକ୍ସ'ର ବ୍ରାଣ୍ଡ ନେମ୍‌କୁ ଗୋଟେ କଂଟିନ୍ୟୁଏସନ୍ ବା କ୍ରମାନୁଶୀଳତା ଦେବା ଲାଗି ପତ୍ରିକାର ନାଁ 'ଡଟ୍ ସାହିତ୍ୟ' ରଖିଥିଲି । ଦୀର୍ଘଦିନରୁ ମୁଁ ଯେତେବେଳେ ପ୍ରକାଶନୀ ଓ ପତ୍ରିକା କରିବା କଥା ଭାବି ଆସୁଥିଲି, ତାର ନାଁ କଥା ଭାବିବା ବେଳେ ଭିଜୁଆଲ ବା ଦୃଶ୍ୟ ହିସାବରେ ଗୋଟେ 'ଡଟ୍' ବା ବିନ୍ଦୁଟିଏ ହିଁ ମୋ' ଆଖି ଆଗକୁ ସବୁବେଳେ ଚାଲି ଆସୁଥିଲା । ଆହୁରି ବି ଅନେକ ନାଁ ସବୁ ମନକୁ ଆସୁଥିଲା ଏବଂ ଯାଉଥିଲା । ଯାହା ମୋ' ମନରେ ଆସୁଥିଲା, ସ୍ଥିର ରହି ଯାଉଥିଲା ଏବଂ ଆଦୌ ଫେରୁ ନଥିଲା, ସେଇ ଗୋଟିକ ଥିଲା ବିନ୍ଦୁ ବା 'ଡଟ୍' । ତେଣୁ, ପ୍ରକାଶନୀ ଓ ପତ୍ରିକା ସମ୍ପର୍କରେ ମୋ' ଭିତରେ ଚାଲିଥିବା ହିସାବକିତାବ ସରିବା ବେଳକୁ ନିର୍ଯ୍ୟାସ ଯାହା ଥିଲା, ତାହା ଥିଲା ଏଇ 'ଡଟ୍' । ନିଶ୍ଚିନ୍ତରେ ନାଁ ଦେଲି 'ଡଟ୍ ବୁକ୍ସ', 'ଡଟ୍ ସାହିତ୍ୟ' । ମୋର ଧାରଣା ଯେ ଦୃଶ୍ୟ କି କଳ୍ପନାକୁ ଆପଣ କୌଣସି ଭାଷା ଭିତରେ ବାନ୍ଧି ପାରିବେ ନାହିଁ । ମୁଁ ହୁଏତ ଇଂରାଜୀ ନାଁଟି ବାଛି ଥାଇପାରେ, କିନ୍ତୁ ତାହା ଓଡ଼ିଆ ସାହିତ୍ୟ ପାଇଁ ନିର୍ମଳ ଭାବରେ କାମ କରିବ ବୋଲି ନିଃସନ୍ଦେହରେ କହିପାରେ ।



▶ସନ୍ତୋଷ କୁମାର

**୨. ଆପଣ ଯେହେତୁ ନିଜେ ଗପ ଲେଖନ୍ତ, କେବେକେବେ ଆପଣଙ୍କୁ ଅନୁଭବ ହୁଏନି ଏ ସମ୍ପାଦନା କ୍ଷେତ୍ରରେ ପାଦ ଦେବା ଭିତରେ ଆପଣାର ସୃଜନ ହ୍ରାସ ପାଇଯିବ !**

▶ଏ ଆଶଙ୍କା ଗୋଟେ ପ୍ରକାର ସତ । ମୁଁ ସାମ୍ବାଦିକତା ଓ ଉନ୍ନୟନମୂଳକ ଯୋଗାଯୋଗ (ଡେଭଲପମେଂଟାଲ କମ୍ୟୁନିକେସନ୍)ରେ କାମ କରିବା ସହ ଅନ୍ୟ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହେ । କିନ୍ତୁ ଏ ବ୍ୟସ୍ତତା ଭିତରେ ଗୋଟେ ଲେଖକ ଭାବରେ କିଛି ଭାବିବା, ଖିଆଲରେ ରହିବା କି ଚିନ୍ତା କରିବା ଆଦୌ ଛାଡ଼ି ନାହିଁ । ମୁଁ ଯେତେବେଳେ ଯେଉଁଠି ଥାଏ, ଗପର ଚରିତ୍ର ଓ କାହାଣୀମାନଙ୍କୁ ଦେଖୁଥାଏ, ଭେଟୁଥାଏ । କିନ୍ତୁ ଦୁଃଖ ଏୟା ଯେ, ସେମାନଙ୍କୁ ମନର କଳ୍ପନା ଜଗତରୁ କାଗଜ ପିଠିକୁ ଆଣିବାକୁ ଯିବାବେଳେ ବାରମ୍ବାର ନାନା ହସ୍ତକ୍ଷେପ ଆସେ ମୋ' ବୃତ୍ତିରୁ । କିଛି ନା କିଛି କାମ ଆସି ପହଂଚେ ଆଉ ମୁଁ ଲେଖି ପାରେନି । ମୁଁ ଆଦୌ ଲେଖିପାରିନି କହିଲେ ଭୁଲ୍ ହେବ । ସକଳ ବ୍ୟସ୍ତତା ଭିତରେ ଓ ଅସୁସ୍ଥତା ସତ୍ତ୍ୱେ ମୁଁ ମୋ' ନିଦର ସମୟ ତକ ବିନିଯୋଗ କରି ଲ୍ୟାପଟପ୍‌ରେ ଲେଖିବାକୁ ବସିଛି, କିନ୍ତୁ ବୃତ୍ତିଗତ ଅସ୍ଥିରତା ମୋତେ ସ୍ଥିର ହୋଇ ଲେଖିବାକୁ ଦେଇନାହିଁ । ଯେତିକି ସମୟ ସ୍ଥିର ହୋଇ ରହି ପାରିଛି, ସେତିକିରେ ଅଳ୍ପ କିଛି କାହାଣୀକୁ ସମ୍ପୂର୍ଣ୍ଣ ଲେଖିଛି । ମୋତେ ଲାଗେ, ମୋ' ଭିତରେ ଯେତେବେଳେ କାହାଣୀମାନଙ୍କର କରେଂଟ୍ ଖେଳୁଥାଏ, ଠିକ୍ ସେତିକିବେଳେ ମୋ' ବୃତ୍ତି ହଠାତ୍ ଯେମିତି ଆସି ମୋତେ ସୁଇଚ୍ ଅଫ୍ କରିଦେଇ ମୋ' ଭିତରର ପ୍ରବାହକୁ ବନ୍ଦ କରିଦିଏ । ଅନେକ ଲେଖା ତ ସେମିତି ସେଇ କାରଣରୁ ଅଧାରେ ରହି ଯାଇଛି । ସାରି ପାରିନି । ଯେତିକି ବି ଲେଖିଛି ସେତିକି ମଧ୍ୟ କୌଣସି ପତ୍ରପତ୍ରିକାକୁ ପଠାଇ ପାରିନାହିଁ । ବହୁ ଆଗରୁ ମୁଁ ମୋ' ଲେଖା ଓ ତାର ପ୍ରକାଶନକୁ ଅବହେଳା କରିଆସିଛି । ତାହାର ଅବ୍‌ସୋସ୍ ଦୀର୍ଘଦିନରୁ ମୋତେ ବୀତସ୍ପୃହ କରି ରଖିଛି । କିଛିଦିନ ତଳେ ହଠାତ୍ ମୁଁ ସ୍ଥିର କଲି ପତ୍ରିକାଟିଏ ପୁଣି ନିଷ୍ପତ୍ତି କରିବି । 'ପୁଣି' ବୋଲି ଏଇଥିପାଇଁ କହିଲି ଯେ ୨୦୦୯ରେ ଗୋଟିଏ ଶିଶୁପତ୍ରିକା ପ୍ରକାଶ କରୁଥିଲି । ଅଳ୍ପ କେତୋଟି ସଂଖ୍ୟା ପ୍ରକାଶ ପାଇ ମୁଁ ସାମ୍ବାଦିକତାରେ ପଶିବା ପରେ ତାହା ବନ୍ଦ ହୋଇଗଲା । ଏବେ ଯେତେବେଳେ ସାହିତ୍ୟ ପତ୍ରିକା କରିବା କଥା ସ୍ଥିର କରିବା ପରେ ଲେଖା ମାଗିବା ଆରମ୍ଭ କଲି, କୃଷ୍ଣ ସାର୍ (କବି ତଥା 'ରେବତୀ' ପତ୍ରିକାର ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତ) ଫୋନ୍‌ରେ ଅତି ସ୍ନେହାଧିକାରରେ ଆକଟ କରି କହିଲେ- 'ସନ୍ତୋଷ, ମୁଁ ତୁମକୁ ଲେଖା ଦେବିନାହିଁ । ମୁଁ ଚାହୁଁନି ତୁମେ ସମ୍ପାଦନାରେ ବ୍ୟସ୍ତ ରହି ନିଜର ସୃଜନକଳାକୁ ଅବହେଳା କର ବୋଲି ।' କୃଷ୍ଣ ସାରଙ୍କ ଆଶଙ୍କା ବି ଅମୂଳକ ନଥିଲା । ଅନେକ ଲେଖକ ଯେଉଁମାନେ ସମ୍ପାଦନା କ୍ଷେତ୍ରକୁ ଯାଇଛନ୍ତ, ସେମାନେ ନିଜ ଲେଖାକୁ ଭୀଷଣ ଅବହେଳା କରି ଲେଖକୀୟ ପରିଧିରୁ ଦୂରେଇ ଯାଇଛନ୍ତ । କିନ୍ତୁ ମୁଁ ସେମାନଙ୍କ ଜାଗାରେ ଯେଉଁ ଲେଖକମାନେ ନିଜେ ସୃଜନରେ ବ୍ରତୀ

ରହିବା ସହ ପ୍ରକାଶନୀ ଓ ପତ୍ରିକା ସମ୍ପାଦନା କରି ଅନ୍ୟ ଲେଖକମାନଙ୍କୁ ଉତ୍ସାହିତ କରି ଆସୁଛନ୍ତ, ସେହିମାନଙ୍କୁ ମୋର ଆଦର୍ଶ ଭାବରେ ନେଲି । ସ୍ଥିର ନିଶ୍ଚିତ ହେଲି ଯେ ପତ୍ରିକା ନିଶ୍ଚୟ କରିବି । ଏକଦା 'ସମାଜ'ର ରବିବାର ସାହିତ୍ୟ ପୃଷ୍ଠା ସମ୍ପାଦନା କରିବା ବେଳେ ତ ମୁଁ ସମ୍ପାଦନା ସହ ନିଜ ସୃଜନକର୍ମରେ ମଧ୍ୟ ଖୁବ୍ ସକ୍ରିୟ ଥିଲି । ତେଣୁ, ମୋର ବିଶ୍ୱାସ ପତ୍ରିକା ସମ୍ପାଦନା ସହ ମୁଁ କିଛି ଲେଖିପାରିବି ନିଶ୍ଚୟ । କିଛି ମାସ ତଳେ ମୋର ଦ୍ୱିତୀୟ ଗଳ୍ପ ସଂକଳନ 'ମୋ ଗାଁରେ ଥିଲା ଜଣେ ଷ୍ଟୋରୀ ଟେଲର୍' ବି ପ୍ରକାଶ ପାଇଛି 'ଡଟ୍ ବୁକ୍ସ'ରୁ । ଯଦିଓ ଏଥିପାଇଁ ମୋତେ ଅଧିକ ଟିକେ କଷ୍ଟ ସ୍ୱୀକାର କରିବାକୁ ପଡ଼ିଛି ।

**୩. ଆଜିକାଲି ତରୁଣ ପିଢ଼ି ଉପନ୍ୟାସ ରଚନା ଦିଗରେ ବିମୁଖ ବୋଲି ଶୁଣିବାକୁ ମିଳୁଥିବା ବେଳେ ଆପଣ ଉପନ୍ୟାସ ପରି ବିଭାଗରେ ପୁଣି ପ୍ରଥମ ସଂଖ୍ୟାରେ କିପରି ତରୁଣ ପିଢ଼ି ଉପରେ ବିଶ୍ୱାସ ରଖି ପାରିଲେ ?**

▶ ଏକଥା ସତ । ଖାଲି ଆମ ତରୁଣ ପିଢ଼ି ନୁହେଁ, ଅନ୍ୟ ପିଢ଼ିରେ ମଧ୍ୟ ଉପନ୍ୟାସ ଲେଖା କମିଛି ବୋଲି ମୋର ମନେହୁଏ । ବିଶେଷକରି ଗବେଷଣାଧର୍ମୀ ଉପନ୍ୟାସ ତ ବିରଳ ହେବାକୁ ଯାଉଛି । କିନ୍ତୁ ଆମ ପିଢ଼ିର କଲମରୁ ନିୟମିତ ଉପନ୍ୟାସ ଆସୁ ବୋଲି ମୋର ଏକାନ୍ତ ଇଚ୍ଛା ରହିଆସିଛି । ଆମ ତରୁଣ ପିଢ଼ିର କେହି ଉପନ୍ୟାସ ଲେଖିଲେ କିମ୍ବା ସେମାନଙ୍କ ବହି ପ୍ରକାଶ ପାଇଲେ ମୁଁ ଅପରିଚିତ ହୋଇଥିଲେ ମଧ୍ୟ ଦେଖି ଭାରି ଖୁସି ହୁଏ । ସଂଗ୍ରହ କରେ । କେହି ଉପନ୍ୟାସଟିଏ ଲେଖିଲେ, ମୋତେ ଲାଗେ ଗୋଟେ ସିନେମାଟିଏ ତିଆରି ହେଲା । ବହି ହେଲେ ଲାଗେ, ସିନେମା ପ୍ରେକ୍ଷାଳୟକୁ ଆସିଲା । ଔପନ୍ୟାସିକ ସେତେବେଳେ ମୋତେ ଗୋଟେ ସେଲିବ୍ରିଟି ଭଳି ଲାଗେ । ଲେଖକ ନିହାତି ଜଣେ ସେଲିବ୍ରିଟି । ଇଣ୍ଟେଲେକ୍ଚୁଆଲ ସେଲିବ୍ରିଟି । ତେଣୁ, ଖୁସି ହେବା ତ ସ୍ୱାଭାବିକ କଥା । ଲକ୍ଷ୍ୟ କରିବାର କଥା ହେଉଛି ଯେ, ଉପନ୍ୟାସ ମରୁଡ଼ି ଭିତରେ ବି କିଛି ଚମତ୍କାର ଉପନ୍ୟାସ ଲେଖା ହେଉଛି ନିଶ୍ଚୟ । ମୋ' ପିଢ଼ିର ତରୁଣ ଲେଖକ ମଧ୍ୟ ଦମଦାର୍ ଉପନ୍ୟାସ ଲେଖି ପାରୁଛନ୍ତ । ତେଣୁ, 'ଡଟ୍ ସାହିତ୍ୟ'ର ପ୍ରଥମ ସଂଖ୍ୟା କରିବା ବେଳେ ମୁଁ ମୋ' ପିଢ଼ିର ଆକର୍ଷଣକୁ ଅଣଦେଖା କରିପାରିଲି ନାହିଁ । ଖୋଜିଲି ତରୁଣ ପିଢ଼ିର ଉପନ୍ୟାସକୁ । ଦୁଇଜଣ ମିଳିଲେ, ସେ ପୁଣି ଜଗତ୍‌ସିଂହପୁରରୁ । ଯେଉଁ ମାଟି ଭାଗିରଥୀ ଦାସ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟଙ୍କ ଭଳି ମାଷ୍ଟରପିସ୍ ଔପନ୍ୟାସିକ ତିଆରି କରିଛି । ମୁଁ ଛାପିଥିବା ତରୁଣ ପିଢ଼ିର ସେଇ ଦୁଇଜଣ ଔପନ୍ୟାସିକ ହେଲେ ତୃପ୍ତି ରଞ୍ଜନ ଦାସ ଓ ନର୍ମଦା ସାହୁ । ମୁଁ ସେମାନଙ୍କୁ ଛାପି ଭାରି ଖୁସି ଅନୁଭବ କରିଛି ।

**୪.ଜଣେ ତରୁଣ ସମ୍ପାଦନା କ୍ଷେତ୍ରରେ ପାଦ ଦେଲା ବେଳେ ବରିଷ୍ଠ ସଂପାଦକମାନଙ୍କ ପ୍ରେରଣା, ପରାମର୍ଶ କିଛି ମିଳେ ? ଏ କ୍ଷେତ୍ରରେ ଆପଣଙ୍କ ଅଭିଜ୍ଞତା କିଛି ଅଛି ?**

▶ତରୁଣମାନେ ସମ୍ପାଦନାକୁ ଓହ୍ଲାଇବା ବେଳେ ସେମାନଙ୍କ ପାଇଁ ମାର୍ଗଦର୍ଶନର ବାଟ ୩ ପ୍ରକାର ବୋଲି ମୁଁ ଭାବେ । ପ୍ରଥମ, ନିଜେ ଅନ୍ୟ ସମ୍ପାଦକମାନଙ୍କର କାମ ଦେଖି କିମ୍ବା ସେମାନଙ୍କ ସହ କାମ କରି ସମ୍ପାଦନାର ଅଭିଜ୍ଞତା ହାସଲ କରି ପାରିବେ । ଦ୍ୱିତୀୟ, ବରିଷ୍ଠ ସମ୍ପାଦକମାନଙ୍କ ପାଖକୁ ଯାଇ ମଧ୍ୟ ପରାମର୍ଶ ପାଇପାରିବେ । ତୃତୀୟ, ବଡ଼ପଣରେ ବରିଷ୍ଠମାନେ ମଧ୍ୟ ତରୁଣମାନଙ୍କ ପାଖକୁ ସ୍ୱତଃ ଆସି କିଛି ପରାମର୍ଶ ଦେଇପାରିବେ । କେବେ କେବେ ପତ୍ରିକାର ପାଠକ ଓ ଲେଖକମାନେ ମଧ୍ୟ ସମ୍ପାଦନାରେ ନଥାଇ ମଧ୍ୟ ଅତି ସୁନ୍ଦର ଓ ଗଠନମୂଳକ ପରାମର୍ଶ ଦିଅନ୍ତ । ମୁଁ ପତ୍ରିକା କରିବା ବେଳେ ପ୍ରଥମ ପ୍ରକାରରେ ଏବଂ ପରୋକ୍ଷ ଭାବରେ ବରିଷ୍ଠମାନଙ୍କ ଠାରୁ ଦିଗ୍‌ଦର୍ଶନ ପାଇଛି । କାରଣ ମୁଁ ମୋର ପ୍ରଥମ ପତ୍ରିକା କରିବା ବେଳେ ମୋ' ଅଂଚଳ ବାହାରେ କୌଣସି ଲେଖକ ଲେଖିକା କି ସମ୍ପାଦକମାନଙ୍କ ସହ ମିଶି ନଥିଲି । କିନ୍ତୁ ପତ୍ରପତ୍ରିକା, ଖବରକାଗଜରୁ ସେମାନଙ୍କୁ ଜାଣିଥିଲି । ସେମାନଙ୍କର କାମ ଦେଖୁଥିଲି । ତେଣୁ ସେହି ବରିଷ୍ଠ ଯେଉଁମାନେ ସମ୍ପାଦନାରେ ସଫଳ, ସେମାନଙ୍କ ପତ୍ରିକାର ଆଉଟ୍‌ପୁଟ୍‌କୁ ଅନୁଧ୍ୟାନ କରି କରି ମୁଁ ଅନେକ କିଛି ଶିଖିଛି । ତେଣୁ ମୋଟାମୋଟି କଥା ହେଉଛି, ବରିଷ୍ଠମାନେ ନିଜେ ତରୁଣମାନଙ୍କ ପାଖକୁ ଆସି ଦିଗ୍‌ଦର୍ଶନ ଦିଅନ୍ତୁ କିମ୍ବା ତରୁଣମାନେ ଦୂରରୁ ସେମାନଙ୍କୁ ଦେଖି ଦିଗ୍‌ଦର୍ଶନ ପାଆନ୍ତୁ, ସେମାନେ ସବୁବେଳେ ତରୁଣମାନଙ୍କ ଲାଗି ଶିଖିବାର ଗୋଟେ ଲାଇଟ୍ ହାଉସ୍ ବା ବତୀଘର ହେଇ ରୁହନ୍ତି । 'ଡଟ୍ ସାହିତ୍ୟ'ର ପ୍ରଥମ ସଂଖ୍ୟା ଆସିବା ପରେ କୃଷ୍ଣ ସାର୍‌ଙ୍କ ଗଠନମୂଳକ ମତାମତ ପ୍ରଥମେ ମିଳିଥିଲା, ଯାହା ପ୍ରେରଣାଦାୟୀ ଥିଲା ।


**୫. ସମ୍ପାଦକ ପାଇଁ ପତ୍ରିକା ନିଜର ଶିଶୁ ପରି । 'ଡଟ୍ ସାହିତ୍ୟ'କୁ ନେଇ ଆପଣଙ୍କର ସ୍ୱପ୍ନ କଣ ସବୁ ରହିଛି ଆଗକୁ ?**

▶ହଁ, ପତ୍ରିକା ସମ୍ପାଦନା ସନ୍ତାନ ପାଳିଲା ପରି । ଆପଣଙ୍କ ସଂସ୍କାର, ସୃଜନ, ଶକ୍ତି, ସାମର୍ଥ୍ୟ, ବ୍ୟକ୍ତିତ୍ୱ ସବୁ ସେଥିରେ ପ୍ରତିଫଳିତ ହୁଏ । 'ଡଟ୍ ସାହିତ୍ୟ'କୁ ମୁଁ ସାହିତ୍ୟ ଓ ସଂସ୍କୃତିର ଗୋଟେ ଫିଚର୍ ପତ୍ରିକା ଭାବେ ଗଢ଼ିବାକୁ ଚାହେଁ । ପାଠକ କେବଳ ଲେଖକର ଲେଖାକୁ ପଢ଼ିବାରେ ସୀମିତ ନରହୁ । ଲେଖକର ଅଭିବ୍ୟକ୍ତି, ତାର ସୃଜନ ସଂଘର୍ଷ, ସାହିତ୍ୟର ପରିସଂସ୍ଥା– ଏ ବିଷୟରେ ମଧ୍ୟ ଅନେକ କିଛି ଜାଣିବାର ଅବସର ଓ ସୁଯୋଗ ପାଉ । ଏ ବିଷୟରେ ନାନା ଏକ୍ସପେରିମେଣ୍ଟ୍ କରିବାକୁ ମୋର ଇଚ୍ଛା । ଯେଉଁଥିରେ ସୃଜନକୁ ନେଇ କିଛି କସରତ ହେବ । କିଛି ଭଲ ନିର୍ଯ୍ୟାସ ମିଳିବ ସାହିତ୍ୟ ଭଣ୍ଡାରକୁ । 'ଡଟ୍ ସାହିତ୍ୟ'ର ସ୍ଲୋଗାନ ହେଉଛି 'ବିନ୍ଦୁରୁ ବ୍ୟାପ୍ତି' । ଏହା କେତେ ବ୍ୟାପ୍ତ ହେବ, ସମୟ କହିବ ।

## ପତ୍ରିକା : ଶବ୍ଦ ଓ ସ୍ୱର

ଶବ୍ଦ ନଥିଲେ ସାହିତ୍ୟର ବା ସ୍ଥିତି କାହିଁ ! ଆଉ ସ୍ୱର ନଥିଲେ ସେ ଶବ୍ଦକୁ ହୃଦ୍‌ବୋଧ କରିବାର କ୍ଷମତା ବା କାହିଁ ! ସାମାଜିକ ମୂଲ୍ୟବୋଧ, ଭାଷା ସଂସ୍କୃତିର ଅକ୍ଷୁର୍ଣ୍ଣତା, ସର୍ବୋପରି ମାନବୀୟ ଚେତନାକୁ ଉର୍ଦ୍ଧ୍ୱମୁଖୀ କରି ତୋଳିବାର ପ୍ରତିବଦ୍ଧତା ରଖି ଏଥରର ପୂଜାରେ ନୂତନ କରି ପ୍ରକାଶ ପାଇଥିବା ଆଉ ଏକ ତ୍ରୈମାସିକ ପତ୍ରିକା 'ଶବ୍ଦ ଓ ସ୍ୱର'ର ପ୍ରଥମ ସଂଖ୍ୟା ସମୃଦ୍ଧ ହୋଇଚି ପାଞ୍ଚଟି ପ୍ରବନ୍ଧ, କୋଡ଼ିଏଟି କବିତା, ଛଅଟି ଗଳ୍ପ ଏବଂ ଗୋଟିଏ ସାକ୍ଷାତକାରରେ । **ସ୍ୱାତୀବାଳା ମହାପାତ୍ର** ଓ **ଭକ୍ତିଲତା ମହାନ୍ତି**ଙ୍କ ମିଳିତ ସମ୍ପାଦନାରେ ପ୍ରକାଶ ପାଇଥିବା 'ଶବ୍ଦ ଓ ସ୍ୱର'ର ବିଶେଷତ୍ୱ ହେଉଚି ଏହା ଏକ ବିଜ୍ଞାପନ ରହିତ ପତ୍ରିକା । ବିନା ବିଜ୍ଞାପନରେ ଅଧୁନା ସମୟରେ ଏକ ପତ୍ରିକା ପ୍ରକାଶନ ଖୁବ୍ କଷ୍ଟ ହୋଇଥିଲେ ମଧ୍ୟ ପ୍ରତିଭା ଅନ୍ୱେଷଣ, ପ୍ରତିଶ୍ରୁତିବଦ୍ଧ ସ୍ରଷ୍ଟା ନିର୍ମାଣ ଓ ଏ ଦିଗରେ ନୂତନ ନୂତନ ପରୀକ୍ଷଣର ଆଶା ଘେନି ପତ୍ରିକା ଜଗତରେ ସାମିଲ ହୋଇଥିବା ଏହି ପତ୍ରିକାର ସାହସ ଓ ପ୍ରଚେଷ୍ଟା ନିଶ୍ଚିତ ରୂପେ ପ୍ରଂଶସାଯୋଗ୍ୟ । ପତ୍ରିକାରେ ପ୍ରବନ୍ଧ ବିଭାଗରେ ସ୍ଥାନିତ ହୋଇଥିବା ଡକ୍ଟର ସୁଶୀଳ କୁମାର ବାଗଙ୍କ 'ତପସ୍ୱିନୀରେ କାରୁଣ୍ୟ' ଶ୍ରୀ ନିରଞ୍ଜନ ପଣ୍ଡାଙ୍କ 'ଓଡ଼ିଆ ସାହିତ୍ୟ ଇତିହାସର ଇତିବୃତ୍ତି' ଓଡ଼ିଆ ଭାଷା ସାହିତ୍ୟର ଛାତ୍ର , ଅଧ୍ୟାପକ ଓ ଗବେଷକଙ୍କ ଦୃଷ୍ଟି ନିଶ୍ଚିତ ରୂପେ ଆକର୍ଷଣ କରିବାର କ୍ଷମତା ରଖେ । ରଶ୍ମୀ ସାମଲଙ୍କ 'ମାନବିକତାର ଅଧୋପତନ' ପୁଣି ଥରେ ମାନବିକତାର ମହାମନ୍ତ୍ରକୁ ସ୍ମରଣ କରାଇ ଆମ ଉଦାର ସଂସ୍କୃତିର କଥା କହିବାକୁ ଚେଷ୍ଟା କରିଚି । ପତ୍ରିକାର ଅନ୍ୟତମ ଆକର୍ଷଣ ହେଉଛି ଏହାର ନାମକରଣ ଏବଂ ଏହି ନାମକରଣକୁ ସାର୍ଥକ କରିବା ଦିଗରେ ବ୍ରତୀ ହୋଇଛନ୍ତି ମଧ୍ୟ ସମ୍ପାଦିକା । କାରଣ ପ୍ରଥମ ସଂଖ୍ୟାରେ ହିଁ ସଙ୍ଗୀତକୁ ଜୀବନର କାନ୍‌ଭାସ୍‌ରେ ତୋଳି ଧରିଥିବା ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ତଥା ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ବିଜୟ କୁମାର ଜେନାଙ୍କ ସହ ସାକ୍ଷାତକାରକୁ

ସ୍ଥାନିତ କରିଛନ୍ତି । ସଙ୍ଗୀତର ବିଭିନ୍ନ ଧାରା ଓ ଗତି ସମ୍ପର୍କରେ ଜାଣିବାକୁ ପାଇବେ ପାଠକ ଓ ସଙ୍ଗୀତ କଳାପ୍ରେମୀ ମଣିଷ ମାନେ ଏହି ସ୍ୱତନ୍ତ୍ର ସାକ୍ଷାତକାରରୁ । ଚନ୍ଦ୍ରପ୍ରକାଶ ପାତ୍ର, ସୁଜିତ୍ କୁମାର ମହାପାତ୍ର, ଡକ୍ଟର ସନ୍ତୋଷ ପାଣିଗ୍ରାହୀ, ସଞ୍ଜୟ ଭଟ୍ଟ, ତିଲୋତ୍ତମା ପାଣିଗ୍ରାହୀ, ପ୍ରବୋଧ ରାଉତଙ୍କ ଗଳ୍ପରେ ଗଳ୍ପ ବିଭାଗଟି ସମୃଦ୍ଧ ହୋଇଥିବା ବେଳେ କୋଡ଼ିଏ ଜଣ କବିଙ୍କ ଭିନ୍ନ ଭିନ୍ନ ସ୍ୱାଦର କବିତା ପତ୍ରିକାରେ ସ୍ଥାନ ପାଇଛି । ପରବର୍ତ୍ତୀ ସମୟରେ ସମ୍ପାଦିକା ଫିଚର୍ସ ଓ ଅନୁବାଦ ଇତ୍ୟାଦି ବିଭାଗ ପ୍ରତି ଧ୍ୟାନ ଦେଲେ ପତ୍ରିକାଟି ଆହୁରି ସୁନ୍ଦର ଓ ସମ୍ପୂର୍ଣ୍ଣ ଲାଗିବ ନିଶ୍ଚୟ । "ଯେଉଁ ପ୍ରତିଭାବାନ ସ୍ରଷ୍ଟାଟିଏ ଲେଖୁଛି କିନ୍ତୁ ମାଧ୍ୟମଟିଏ ପାଉନି, ତାର ଅନ୍ତର୍ନିହିତ ଶବ୍ଦ ସମୂହକୁ ପାଠକ ଆଗରେ ପରିବେଷଣ କରିବାକୁ ବା ଏହାକୁ ଭବିଷ୍ୟ ପିଢ଼ି ପାଇଁ ସାଇତି ରଖିବାକୁ 'ଶବ୍ଦ ଓ ସ୍ୱର' ଏକ ଉତ୍ସର୍ଗୀକୃତ କାନଭାସ୍ ।" ସଂପାଦକୀୟ ପୃଷ୍ଠାରେ ସମ୍ପାଦିକାଙ୍କ ଏ ପ୍ରେରଣାପୁଷ୍ଟ ଧାଡ଼ି ନିଶ୍ଚିତ ରୂପେ ଆମ ଓଡ଼ିଶାରେ ଲୁକ୍କାୟିତ ଅନେକ ପ୍ରତିଭା,ସାରସ୍ୱତ ସ୍ୱର ସାଧକମାନଙ୍କୁ ସାହସ ଯୋଗାଇବ କହିଲେ ଅତ୍ୟୁକ୍ତି ହେବ ନାହିଁ ।




## ସମ୍ପାଦିକା ସ୍ୱାତୀବାଳା ମହାପାତ୍ର ଯାହା କହନ୍ତି

**୧. ଅଧିକାଂଶ ଓଡ଼ିଆ ପତ୍ରିକାର ନାମକରଣ ଗୋଟିଏ ଶବ୍ଦକୁ ନେଇ ହେଉଥିବା ବେଳେ ଆପଣ କିନ୍ତୁ ପତ୍ରିକାର ନାମ ରଖିଛନ୍ତି 'ଶବ୍ଦ ଓ ସ୍ୱର' । ଆପଣଙ୍କ ନାମକରଣରେ ଏ ବିଶେଷତ୍ୱଟି କାହିଁକି ?**

▶ 'ଶବ୍ଦ ଓ ସ୍ୱର' ଏକ ପତ୍ରିକା, ଚେତନାର, ସମ୍ଭାବନାର ଓ ସାହିତ୍ୟର । ଏଠି ବିଭିନ୍ନ ଉଦ୍‌ଗତ ଭାବ, ଶବ୍ଦ ସମୂହକୁ ନେଇ ବିଭିନ୍ନ ବିଭାଗର ଯୁଗୋପଯୋଗୀ ଲେଖାର ଏଇ ପତ୍ରିକା ରଚିବ ବର୍ଣ୍ଣାଳୀ ! ତତ୍ ସହିତ, ଯେଉଁମାନେ ସଙ୍ଗୀତ, ସ୍ୱର ସାଧନା କରୁଛନ୍ତ, ତାଙ୍କ କଥା, ବିଲୁପ୍ତ ହୋଇ ଯାଉଥିବା ଲୋକ କଳା, ଲୋକ ଗୀତ, କେନ୍ଦେରା ପରି କରୁଣ ବାଦ୍ୟ, ଧୂଡୁକି ବଜାଉଥିବା ସ୍ୱରକାର ମାନଙ୍କର କଥା, ବ୍ୟଥାକୁ ବି ଆଗତ ପିଢ଼ି ପାଇଁ ପରଷିବ 'ଶବ୍ଦ ଓ ସ୍ୱର' !



▶ ସ୍ୱାତୀବାଳା ମହାପାତ୍ର

**୨. ଆପଣଙ୍କ ତାରୁଣ୍ୟ ସମୟର ପତ୍ରିକା ଓ ଏ ସମୟର ପତ୍ରିକା ଭିତରେ କଣ ପ୍ରଭେଦ ଦେଖିବାକୁ ପାଆନ୍ତି ?**

▶ମୋ ତାରୁଣ୍ୟ ସମୟର ପତ୍ରିକା ଯେମିତିକି ଜହ୍ନମାମୁ, ସୁନାପିଲା, ଶିଶୁ ରାଇଜ, ପଞ୍ଚତନ୍ତ୍ର କାହାଣୀ, ସୁଚରିତା– ଏସବୁକୁ ମୁଁ ତ ପିଇ ଯାଉଥିଲି । ସେଥିରେ ଥିଲା କୁହୁକ ପେଡି ! ସେ ଗପ ସବୁ ପ୍ରକୃତି ସହ ସମ୍ପର୍କିତ । ଘଟଣାବଳୀ ସମୂହରେ, ସାରଲ୍ୟ, କାରୁଣ୍ୟ, ଦୟା, ପଶୁମାନେ ଯେମିତିକି ବଉଳା, କୁମ୍ଭୀର, ମାଙ୍କଡ଼, ପିମ୍ପୁଡି ସବୁ ଆଖି ଆଗରେ ଏକ ଏକ ଚରିତ୍ର ହୋଇ ଉଭା ହୋଇଯାଉଥିଲେ । ଜହ୍ନମାମୁ, ବେତାଳ ଚିତ୍ର ଗପ ପଢିଲେ ଦେହ ଉଲୁସି ଉଠୁଥିଲା ! 'ସୁଚରିତା'ର ଗଳ୍ପ ସବୁ ବେଶ୍ ମୋହକ ଥିଲା । ଆଜିର ପତ୍ରିକା ପରିବେଶ, ବ୍ୟସ୍ତବହୁଳ ଜୀବନ, ଆଧୁନିକତା ଏସବୁରେ ଭାରାକ୍ରାନ୍ତ ! ଏଠି ଲିଭ୍ ଇନ୍ ରିଲେସନ୍‌ସିପ୍, ଅବାଂଛିତ ମାତୃତ୍ୱ, ହୃଦୟ ମାପିବା, ଭାଙ୍ଗିବା ବେଶ୍ ସାଧାରଣ କଥା ! ଆଜିର ପତ୍ରିକାରେ ଆପଣ କୋଇଲିର କୁହୁ ତାନ, କୁମ୍ଭାଟୁଆର କଜ୍ଜଳ ଆଖି, ଗୋବର ଲିପା ଅଗଣା, ଚିଠି– କିଛି ପାଇବେନି । ଏଠି ପାଇବେ କାଫେ, ହଟ୍ କେକ୍, ମୁଡ୍, ମାଉସ, ରେସ୍ତୋଁରେ, ଇଣ୍ଟରନେଟ୍– ଏପରି ଶବ୍ଦଙ୍କ ହାଟ ! ସମୟ ବଦଳୁଛି, ଲେଖାର ଢଙ୍ଗ ବି ବଦଳୁଛି, ବଦଳୁଛି ପାଠକ, ଲେଖକଙ୍କ ରୁଚି !

**୩. ଓଡ଼ିଶାରେ ପତ୍ରିକା ପ୍ରକାଶନ ଓ ଏହାର ସ୍ଥିତାବସ୍ଥା ଦିଗରେ ରହିଥିବା ଅସୁବିଧା ଦିଗ ସମ୍ପର୍କରେ ଜଣେ ସମ୍ପାଦିକା ଭାବେ ଆପଣ କଣ ମତ ରଖିବେ ?**

▶ଓଡିଶାରେ ପତ୍ରିକା ପ୍ରକାଶନରେ କିଛି ତ ଅସୁବିଧା ରହୁଛି । ମୋର ସ୍ୱଳ୍ପ ଅଭିଜ୍ଞତାରେ ବି ମୁଁ ଆକ୍ରାମାକ୍ତ, କିନ୍ତୁ ଧୈର୍ଯ୍ୟହରା ନୁହେଁ । ସମାନ ପ୍ରକାର ମୁଦ୍ରଣ ପାଇଁ ବିଭିନ୍ନ ପ୍ରେସ୍‌ରେ ବିଭିନ୍ନ ଦର । ସେ ପ୍ରାୟ ମନ ଇଚ୍ଛା ! କେଉଁଠି ୨୦୦ କପି ପତ୍ରିକାକୁ ୧୫୦୦୦ ହେଲେ ଆଉ କେଉଁଠି ସେଇ ଏକା ମୁଦ୍ରଣ ପାଇଁ ୨୫୦୦୦ । କିଛି ଗୋଟେ ଷ୍ଟାଣ୍ଡାର୍ଡ ମୂଲ୍ୟ ନାହିଁ । ଯାହା ଗୋଟେ ନୂତନ ପତ୍ରିକାର ସୃଷ୍ଟି ପାଇଁ ନିଶ୍ଚିତ ଭୟ ଉଦ୍ରେକକାରୀ ! ପତ୍ରିକା ହୋଇସାରିଲା ପରେ ତତୋଧିକ ପୀଡାଦାୟକ ତାର ବିତରଣ ! ଲେଖକ କିମ୍ବା କବି ସୌଜନ୍ୟମୂଳକ କପିଟିଏ ପାଆନ୍ତି ! କିନ୍ତୁ ଅନେକ ଉଚ୍ଚକୋଟୀର ଲେଖକ / କବିଙ୍କ ପାଖକୁ ପଢିବା ପାଇଁ ପତ୍ରିକାଟିଏ ଡାକ ଖର୍ଚ୍ଚ କରି ପଠେଇଲେ ବି ସ୍ୱଚ୍ଛଳ କବି / ଲେଖକ ପତ୍ରିକାର ମୂଲ୍ୟ ବାବଦରେ ପଚାରନ୍ତି ବି ନାହିଁ ! ଏଠି ପତ୍ରିକାଟିଏ ମରେ, ସାହିତ୍ୟ ବି ମରେ ! ଏଠି ଦର କଷାକଷି ନାହିଁ, କିନ୍ତୁ ପତ୍ରିକାଟିଏ ଚାଲୁ ରଖିବାକୁ ହେଲେ, ବଂଚିବାକୁ ହେଲେ, ପ୍ରତିଟି ପାଠକ ତାକୁ କିଣି ପଢିବା ଉଚିତ । ଆଉ ଦୋକାନରେ ବିକ୍ରି ପାଇଁ ଦେବା ତ ଆହୁରି ନୈରାଶ୍ୟଜନକ ! ଏସବୁ କଷ୍ଟ, ଜାଳ ଭିତରେ ପତ୍ରିକା ପାଳିବା ନିଶ୍ଚିତ ଦୁରୁହ ! 'ଶବ୍ଦ ଓ ସ୍ୱର' ପାଇଁ ଅଧିକ ଚାଲେଞ୍ଜ୍ ରହିଛି, ଯେଣୁ ଏହା ଏକ ବିଜ୍ଞାପନ ରହିତ ପତ୍ରିକା !

**୪. ସମ୍ପାଦକ ଓ ଲେଖକ ଭିତରେ ସମ୍ପର୍କ କିପରି ରହିବା ଉଚିତ ?**

▶ସମ୍ପାଦକ ଓ ଲେଖକ ଭିତରେ ସୁନା ଓ ସ୍ୱର୍ଣ୍ଣକାରର ସମ୍ପର୍କ ରହିବା ଉଚିତ । ସୁନା ଯୋଗୁଁ ବଣିଆ ବଞ୍ଚେ । କିନ୍ତୁ, ସୁନାକୁ ବଣିଆ ଠୁ ଗଣା ବେଶୀ କିଏ ଦେଉଥିବ ! ବଣିଆ ସୁନାକୁ ପୋଡେ, ତାକୁ ହାତୁଡିରେ ମୋଡେ, ଲମ୍ବାଏ ପୁଣି ତାର ମନ ଚାହି ରୂପ ଦିଏ । ମନ ଚାହି ରୂପ ଦେଇ ସାରିଲା ପରେ ସେଇ ଗହଣାକୁ ନେଇ ଛାତିରେ ଲଗାଏ ! ସେଇମିତି ଗୋଟେ କବି / ଲେଖକର ଲେଖା ସମ୍ପାଦକ ପାଇଁ ସର୍ବଦା ଧେୟ । କିନ୍ତୁ, ସେ ଲେଖାରେ ଯେଉଁଠି ଆବଶ୍ୟକ କତୁରୀ ଚଳେଇବ ! କୌଣସି ଲେଖକ / କବି ନିଜକୁ ମାର୍କାମରା ଭାବିବା ବା ମୋ ଲେଖା ନିଶ୍ଚିତ ଏଇ ପତ୍ରିକାରେ ବାହାରିବ ଭାବିବା ଉଚିତ ନୁହେଁ । ସମ୍ପାଦକ ମଧ୍ୟ ପକ୍ଷପାତୀ ନ ହୋଇ ପତ୍ରିକାର

★★HIGHLAND★★
*A Highland Group Entity*







Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.

# HIGHLAND DE LA MER PVT. LTD

Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
**www.highlanddelamer.in**


ସୌନ୍ଦର୍ଯ୍ୟ, ଗୁଣାତ୍ମକ ମୂଲ୍ୟ, ସାମାଜିକ ବାର୍ତ୍ତା ଓ ଦାୟିତ୍ୱକୁ ଧ୍ୟାନ ଦେବା ଉଚିତ ।

**୫. ପତ୍ରିକା ସମ୍ପାଦନା ବେଳେ ସାହିତ୍ୟର କେଉଁ ବିଭାଗଟି ବିଶେଷ ଭାବେ ଅବହେଳିତ ହେଉଥିବାର ଆପଣ ମନେ କରନ୍ତି ?**

▶ପତ୍ରିକା ସମ୍ପାଦନା ବେଳେ ଅନୁବାଦ ସାହିତ୍ୟଟି ଅବହେଳିତ ହେବାର ମନେ ହୁଏ । ବିଶ୍ୱରେ ବିଭିନ୍ନ ଭାଷାର ବହୁ କବି / ଲେଖକଙ୍କର ଉଚ୍ଚକୋଟୀର ଲେଖା ରହିଛି । ସେସବୁର ଗୁଣାତ୍ମକ ମାନର ଅନୁବାଦ ହୋଇ ପତ୍ରିକାରେ ପ୍ରକାଶିତ ହେଲେ ଆମ ପାଠକ, ଲେଖକର ଦୃଷ୍ଟିଭଙ୍ଗୀ, ଲେଖାରେ ଅନେକ ନୂତନତ୍ୱ ଆସନ୍ତା । ଆମ ଓଡ଼ିଆ ଭାଷାର ବି ଅନେକ ଭଲ ଲେଖା ସବୁ ରହିଛି । ସେସବୁ ଅନ୍ୟ ଭାଷାରେ ଅନୂଦିତ ହୋଇପାରିଲେ ଆମ ସାହିତ୍ୟର, ଭାଷାର ପରିଚିତି, ଗୁରୁତ୍ୱ, ଗୌରବ ବଢନ୍ତା ।

## ପତ୍ରିକା : ଗଦ୍ୟାଂଶ

କେତେକ ପତ୍ରିକା ସୃଷ୍ଟି ହୋଇଥାଏ ଆବେଗରୁ । ସେହିପରି ଏକ ପତ୍ରିକା ଭାବେ 'ଗଦ୍ୟାଂଶ'କୁ ତୁଳନା କଲେ ଅତ୍ୟୁକ୍ତି ହେବ ନାହିଁ । ଯେଉଁଠି ପଚିଶ ଟଙ୍କା ତଳକୁ ଚାଟ୍ ପ୍ଲେଟ୍‌ଟେ ସମ୍ଭବ ହେଉନି ସେହି କ୍ଷେତ୍ରରେ ମାତ୍ର ପାଞ୍ଚ ଟଙ୍କା ହୋଇପାରେ କି କେବେ ଏକ ପତ୍ରିକାର ମୂଲ୍ୟ ? କିନ୍ତୁ ଓଡ଼ିଆ ସାହିତ୍ୟର ଗଦ୍ୟ ବିଭାଗ ପ୍ରତି ତରୁଣ ଗାଳ୍ପିକ ସମ୍ପାଦକ **କ୍ଷୀରୋଦ ବିହାରୀ ବିଶ୍ୱାଳ**ଙ୍କ ଅସରନ୍ତି ଭଲପାଇବା, ଗପ ଉପନ୍ୟାସ ପ୍ରତି ଅହେତୁକ ଆବେଗ ପାଇଁ ହିଁ ଏ ଆଶ୍ଚର୍ଯ୍ୟ ଚକିତ କରିଦେବା ପରି କଥାଟି ସମ୍ଭବ ହୋଇପାରିଛି । ହାନିଲାଭ କିମ୍ବା କୌଣସି ପ୍ରତିଯୋଗିତା ମୂଳକ ମନୋଭାବ ନରଖି ଓଡ଼ିଆ ସାହିତ୍ୟର ବହୁ ସମୃଦ୍ଧ ଗଳ୍ପ ବଳୟର ସ୍ୱର୍ଶକୁ ପାଠକମାନଙ୍କ ଭିତରେ ଆହୁରି ନିବିଡ଼ ଆତ୍ମସ୍ଥ କରିବାର ପ୍ରଚେଷ୍ଟା ହିଁ କରି ଆସୁଚି 'ଗଦ୍ୟାଂଶ' ତାର ପ୍ରତିଟି ସଂଖ୍ୟାରେ । ଜୁଲାଇ ୨୦୨୨ରେ ହିଁ ଏହାର ପ୍ରଥମ ସଂଖ୍ୟା ପ୍ରକାଶ ପାଇଥିଲା ଯେଉଁଥିରେ 'ଏ ମାସର ଗାଳ୍ପିକ' ବିଭାଗରେ ସ୍ଥାନ ପାଇଥିଲା ପ୍ରସିଦ୍ଧ କଥାକାର ରଜନୀକାନ୍ତ ମହାନ୍ତିଙ୍କ ଏକ ଚମତ୍କାର ଗପ ସହ ଅନ୍ୟାନ୍ୟ ବିଭାଗ ଓ ଆଲୋଚନା ମାନ ଗପକୁ ନେଇ । ଯଦିଓ ପ୍ରଥମ ସଂଖ୍ୟାଟି ପ୍ରକାଶ ପାଇବା ବେଳେ ଏହାର ଅତି ଛୋଟ ଅକ୍ଷର ପଢିବାକୁ ପାଠକମାନଙ୍କ ପକ୍ଷେ କଷ୍ଟ ହୋଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ସେଦିଗ ପ୍ରତି ସମ୍ପାଦକ ସଚେତନ ହୋଇ ପତ୍ରିକାର ଅକ୍ଷରକୁ ପଠନ ଉପଯୋଗୀ କରିବା ସହ ଏହାର ସଜ୍ଜିକରଣ ଦିଗରେ ଦୃଷ୍ଟି ଦେଇଛନ୍ତ । ପତ୍ରିକାର କଳେବର ସିନା କ୍ଷୁଦ୍ର କିନ୍ତୁ ଏହାର ପ୍ରତିଟି ସଂଖ୍ୟା ଉପରେ ଦୃଷ୍ଟି ନିକ୍ଷେପ କଲେ ଯେ କେହି ବି ଅନୁଭବ କରିପାରିବ ଯେ, ଅଳ୍ପ ପରିସର ଭିତରେ ଏ ପତ୍ରିକା କିନ୍ତୁ ଗଦ୍ୟ ବିଭାଗର ଭିନ୍ନ ଭିନ୍ନ ଦିଗ ଉପରେ ଆଲୋକପାତ କରିବାକୁ ପ୍ରୟାସ କରୁଛି । ପ୍ରତିଥର ସାକ୍ଷାତକାର ବିଭାଗରେ ସ୍ନେହଲତା ଦାସଲେଙ୍କାଙ୍କ ପ୍ରଶ୍ନ ଓ ଗାଳ୍ପିକ ମାନଂକ ଉତ୍ତର ପାଠକଙ୍କ ମନକୁ ଛୁଇଁ ପାରୁଚି । ନିକଟରେ ପ୍ରକାଶ ପାଇଥିବା 'ଗଦ୍ୟାଂଶ'ର ଚତୁର୍ଥ ସଂଖ୍ୟାରେ ଅଂଶୁମାନ ସାହୁ, ଶ୍ରୀସିକ୍ତା ଶୁଭଦର୍ଶିନୀ, ସ୍ୱରୂପା ନାୟକ, ଅବକାଶ ନାୟକଙ୍କ ପରି ଗଳ୍ପ ଜଗତର ନବପ୍ରତିଭାମାନଙ୍କର ଚମତ୍କାର ଗପ ସ୍ଥାନିତ ହୋଇଥିବା ବେଳେ ସଂତୋଷୀ ସ୍ୱାଇଁ, କବିତା କୁମୁଦ ମେହେରଙ୍କ ଗପ ଦୁଇଟି ହୋଇଚି ସୁଖପାଠ୍ୟ । 'ବହି ବିଚାର'ରେ ଚିରଶ୍ରୀ ଇନ୍ଦ୍ରସିଂଙ୍କ ଗପବହି 'ସୁଅ'ର ସ୍ୱଚ୍ଛ ଆଲୋଚନା ହୋଇଥିବା ବେଳେ ନାଟକ ଚର୍ଚ୍ଚାରେ ପୁରୁଷୋତ୍ତମ ମିଶ୍ରଙ୍କ ବହୁଚର୍ଚ୍ଚିତ 'କୁଆଁରୀ' ନାଟକ ଉପରେ ସୁନ୍ଦର ସମୀକ୍ଷାଟିଏ କରିଛନ୍ତ ଡକ୍ଟର ସୁଶୀଲ କୁମାର ବାଗ । 'ଶେଷ ପୃଷ୍ଠା'ରେ ବରିଷ୍ଠ ଗାଳ୍ପିକ ଚନ୍ଦ୍ରମୋହନ ମହାପାତ୍ର ଗଳ୍ପ ରଚନା ବେଳର ସୂକ୍ଷ୍ମ କଳା କାରିଗରୀ ଉପରେ ଆଲୋକପାତ କରିଛନ୍ତ ଯାହା ଯୁବ ଲେଖକ ଓ ଗଳ୍ପପ୍ରେମୀମାନଙ୍କୁ ପ୍ରଭାବିତ କରିବ ନିଶ୍ଚୟ । ବ୍ୟଙ୍ଗକବି ଶ୍ରୀମାନ ସର୍ବଗିଳାଙ୍କ ଦ୍ୱାରା ପ୍ରସ୍ତୁତ ବାଲେଶ୍ୱର ଜିଲ୍ଲାର ବିଷ୍ଣୁପୁର ଗ୍ରାମରେ ଜନ୍ମିତ ପ୍ରତିଭା ପୁରୁଷ ତଥା ଏକାଧାରରେ ଜଣେ ଗାଳ୍ପିକ, କବି, ପ୍ରାବନ୍ଧିକ, ବ୍ୟଙ୍ଗକାର, ନାଟ୍ୟକାର ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ସାକ୍ଷାତକାର ଏବଂ ସ୍ନେହଲତା ଦାସଲେଙ୍କାଙ୍କ ଦ୍ୱାରା ପ୍ରସ୍ତୁତ ଯୁବ କଥାକାର ତଥା ଆନୀର ରୋଷେଇ ଘର, 'ନାଲିଚୁଡ଼ା' ପରି ଗପ ବହିର ସ୍ରଷ୍ଟା ଡକ୍ଟର ସୁଲଗ୍ନା ମହାନ୍ତିଙ୍କ ସହିତ ଅନ୍ତରଙ୍ଗ ଆଳାପ ଖୁବ୍ ଆକର୍ଷଣୀୟ ହୋଇପାରିଛି । 'ଗଦ୍ୟାଂଶ'ର କେବଳ ଡିସେମ୍ବର ସଂଖ୍ୟା ନୁହଁ ବରଂ ପ୍ରତିଟି ସଂଖ୍ୟା ହିଁ ଉପାଦେୟ ଓ ଏହାର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ । କାରଣ କେବଳ ଗଦ୍ୟ ସାହିତ୍ୟକୁ ନେଇ ଓଡ଼ିଆ ଭାଷାରେ ପତ୍ରିକା ସଂଖ୍ୟା କ୍ୱଚିତ ହୋଇଥିବା ବେଳେ ଏ କ୍ଷେତ୍ରରେ ଆପଣାର ନିଆରାପଣକୁ ବଳବତ୍ତର କରି ରଖିବାରେ 'ଗଦ୍ୟାଂଶ' ବେଶ୍ ତତ୍ପର ।




## ସମ୍ପାଦକ କ୍ଷୀରୋଦ ବିହାରୀ ବିଶ୍ୱାଳ ଯାହା କହନ୍ତି

**୧. ସୋସିଆଲ ମିଡିଆରେ ଲେଖକର ଅନେକ ଲେଖା ବହୁଳ ଭାବେ ପ୍ରଚାରିତ ପ୍ରସାରିତ ହେବା ବେଳେ ମୁଦ୍ରିତ ପତ୍ରିକାର ଭୂମିକା ଏ ଦିଗରେ ଧୀରେଧୀରେ ଗୌଣ ହୋଇଯାଉ ନାହିଁ କି ?**

▶ବହି, ସାହିତ୍ୟ ପତ୍ରିକା, ଖବରକାଗଜର ସାହିତ୍ୟ ପୃଷ୍ଠା, ସାହିତ୍ୟ ଆସର, ଦୂରଦର୍ଶନରେ ପ୍ରସାରିତ ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ, ୟୁଟ୍ୟୁବ୍, ଫେସ୍‌ବୁକ୍ , ହ୍ୱାଟ୍ସଆପ୍, ଗୁଗୁଲ୍‌ମିଟ୍ କିମ୍ବା ଜୁମ୍ ଆପ୍‌ରେ ହେଉଥିବା ସାହିତ୍ୟ ଆସର ଆଦି ସବୁକିଛି ସାହିତ୍ୟ ଓ ସାହିତ୍ୟିକଙ୍କୁ ପାଠକ/ ଶ୍ରୋତା/ଦର୍ଶକଙ୍କ ପାଖରେ ପହଁଚାଇବାର ମାଧ୍ୟମ । ସମୟ ବଦଳୁଛି, ସମୟ ସହିତ ସାହିତ୍ୟର ମାଧ୍ୟମ ବଦଳୁଛି । ଆଗକୁ ଆହୁରି କିଛି ନୂଆ ମାଧ୍ୟମ ବି ଆସିପାରେ । ମଣିଷ ସ୍ୱଭାବଗତ ଭାବରେ ନୂଆକୁ ଆପଣାଏ- ବ୍ୟବହାର କରେ- ପରଖେ, ଭଲ ଲାଗିଲେ ଅଭ୍ୟାସ କରେ ନହେଲେ ପୁରୁଣା ପାଖକୁ ଫେରେ । ମୋ ମତରେ କୌଣସି ମାଧ୍ୟମ ନୁହଁ ବରଂ ସାହିତ୍ୟର ପ୍ରଭାବ ହିଁ ତାର ଆୟୁ ନିର୍ଦ୍ଧାରଣ କରେ । ମୁଦ୍ରିତ ମାଧ୍ୟମ ଠାରୁ ଅନ୍‌ଲାଇନ୍ ମାଧ୍ୟମଟି ସହଜରେ ଉପଲବ୍ଧ ହୋଇଥିବାରୁ ଆଦୃତ ହେଉଛି କିନ୍ତୁ ଏହାଦ୍ୱାରା ବହିର କି ପତ୍ରିକାର ଆଦର କମିବ ବୋଲି ମୁଁ ଚିନ୍ତା କରୁନି ।

**୨. 'ଗଦ୍ୟାଂଶ'ର କଳେବର କ୍ଷୁଦ୍ର । ଅନ୍ୟ ପତ୍ରିକା ବିଶେଷ କରି ଏ ପୂଜା ସମୟରେ ଅନେକ ପତ୍ରିକା ଦେଖିଲା ବେଳେ ଆପଣଙ୍କ ମନରେ କିଛି କ୍ଷୋଭ ଆସେ କି ଏହାକୁ ନେଇ ?**

▶ ନା, କେବେ ନୁହେଁ, ବରଂ ଏତେ ବଡ଼ ବଡ଼ ପତ୍ରିକା ଓ ଗୁଣୀ ସମ୍ପାଦକମାନଙ୍କ ସହିତ

ଆମର ଏହି କୁନି ପ୍ରୟାସ ବି ପାଠକେ ପସନ୍ଦ କରୁଛନ୍ତି, ଖୋଜୁଛନ୍ତି ତାହା ଦେଖି ଆନନ୍ଦ ଲାଗେ । 'ଗଦ୍ୟାଂଶ' କେବଳ ମୋର ପତ୍ରିକା ନୁହଁ ଏଥିରେ ଦୁଇ ସହ-ସମ୍ପାଦକ ବନ୍ଧୁ ଶିବରାଜ କମ୍ପ ଓ ବନ୍ଧୁ ସ୍ନେହଲତା ଦାସଲେଙ୍କାଙ୍କର ବି ଅନେକ ପରିଶ୍ରମ ଓ ଚେଷ୍ଟା ରହିଛି ।



▶ କ୍ଷୀରୋଦ ତ୍ରିପାଠୀ

**୩. ଜଣେ ଗାଳ୍ପିକ ଓ ଜଣେ ସମ୍ପାଦକ ଭାବେ ନିଜ ଭିତରେ ଆପଣ କେଉଁ ପାର୍ଥକ୍ୟ ଦେଖନ୍ତି ?**

▶ଗାଳ୍ପିକ କ୍ଷୀରୋଦ ଠାରୁ ସମ୍ପାଦକ କ୍ଷୀରୋଦ ଅଧିକ ସଚେତନ ଓ ସତର୍କ । ସମ୍ପାଦନା ସମୟରେ ଅନେକ କଥା ପ୍ରତି ଧ୍ୟାନ ଦେବାକୁ ହୁଏ । ମୁଁ ଯେହେତୁ ସମ୍ପାଦକ ହେବାର ପ୍ରଥମ ପ୍ରକ୍ରିୟାରେ ଅଛି ସେଥିପାଇଁ ପ୍ରତି ମୁହୂର୍ତ୍ତରେ ଶିଖୁଛି ।

**୪. ବର୍ତ୍ତମାନ ସମୟରେ ପ୍ରକାଶ ପାଉଥିବା ଅନେକ ପତ୍ରିକା ମଧ୍ୟରୁ ଆପଣଙ୍କୁ ପାଠକ ଭାବେ କେଉଁ କେଉଁ ପତ୍ରିକା ଖୁବ୍ ଭଲ ଲାଗେ ?**


▶ମୁଁ ରେବତୀ, ଅର୍ପିତା, ପୁଲକ ପରି କିଛି ପତ୍ରିକାର ବାର୍ଷିକ ଗ୍ରାହକ ଓ କଥା, କାଦମ୍ବିନୀ, ସତ୍ୟବାଦୀ, ଝଙ୍କାର ପରି କିଛି ପତ୍ରିକା ପ୍ରତ୍ୟେକ ମାସରେ କିଣେ । ବ୍ୟକ୍ତିଗତ ଭାବରେ ଗପ ପ୍ରତି ବିଶେଷ ଆକର୍ଷଣ ଥିବାରୁ 'କଥା' ସବୁବେଳେ ମୋର ପ୍ରିୟ ପତ୍ରିକା । ଫିଚର୍ ମାଧ୍ୟମରେ ଅନେକ ନୂଆ କଥା ଜାଣିବାର ସୁଯୋଗ ମିଳୁଥିବାରୁ 'ରେବତୀ' ବି ବହୁତ ଭଲ ଲାଗୁଚି । ପୂଜାରେ ଅନେକ ପତ୍ରିକା କିଣେ । ଯେଉଁ ପତ୍ରିକାରେ ଭଲ ଗଳ୍ପ ଓ ଉପନ୍ୟାସ ପ୍ରକାଶିତ ହୋଇଥାଏ ସେହି ବର୍ଷ ସେହି ପତ୍ରିକା ମୋର ପ୍ରିୟ ହୋଇଯାଏ ।

**୫. ଗଦ୍ୟ ସାହିତ୍ୟକୁ ନେଇ ଆପଣଙ୍କ ପତ୍ରିକା 'ଗଦ୍ୟାଂଶ'; କଣ କଣ ଉପାଦାନ ଥିଲେ ତାହାକୁ ଏକ ଭଲ ଗପ କୁହା ଯାଇପାରିବ ବୋଲି ଉଭୟ ଜଣେ ଗାଳ୍ପିକ ଓ ସମ୍ପାଦକ ଭାବେ ଆପଣ ବିଚାର କରନ୍ତି ?**

▶ଜଣେ ଗାଳ୍ପିକ କି ସମ୍ପାଦକ ଭାବରେ ଯଦି ମୁଁ ଭଲ ଗପର ଉପାଦାନ ବାବଦରେ ଜାଣିଥାନ୍ତି, ତ ମୋର ସବୁ ଗପ ଭଲଗପ ହୋଇଥାନ୍ତା । କୋଉ ଗପ କାହାକୁ ଭଲ ଲାଗିବ ସେକଥା ଗାଳ୍ପିକର ଆୟତ୍ତ ବାହାରେ । ପ୍ରତ୍ୟକ ଲେଖକଙ୍କର ନିଜସ୍ୱ ଶୈଳୀ ଅଛି ଓ ସେହି ଅନୁସାରେ ନିଜର ଏକ ପାଠକ ଗୋଷ୍ଠୀ ଅଛନ୍ତ । କିନ୍ତୁ ଏତିକି କହି ପାରିବି ପାଠକ ଭାବରେ ମୋତେ ସେମିତି ଗଳ୍ପ ଭଲ ଲାଗେ ଯେଉଁ ଗଳ୍ପରେ ଗଳ୍ପର ଆରମ୍ଭରେ ଦ୍ୱନ୍ଦ୍ୱ କି ରହସ୍ୟଟେ ଥିବ । ଧୀରେ ଧୀରେ ଯେତେ ଗପ ଆଗଉଥିବ ସେ ଦ୍ୱନ୍ଦ୍ୱର ଉତ୍ତର ମିଳିଯାଇ ପୁଣି ଏକ ଦ୍ୱନ୍ଦ୍ୱ ତିଆରି ହେଉଥିବ ଓ ଏକ ଆକସ୍ମିକ ଭାବରେ ଗଳ୍ପର ଅନ୍ତ ହେଉଥିବ ।

## ପତ୍ରିକା : ପୂରବୀ

ଭାଷା, ଧର୍ମ, ସଂସ୍କୃତି, ନ୍ୟାୟ, ଦର୍ଶନ, ପୌରାଣିକ ଆଖ୍ୟାନ, ତର୍କଶାସ୍ତ୍ର, କଳା, ସଙ୍ଗୀତରେ ପରିପୂର୍ଣ୍ଣ ତ୍ରୈମାସିକ ପତ୍ରିକା ରୂପେ ପ୍ରଥମ କରି **ଅଜୟ କୁମାର ପାତ୍ର**ଙ୍କ ସମ୍ପାଦନାରେ ଶାରଦୀୟ ଭିଡ଼ରେ ପାଦ ଥାପିଥିବା ପତ୍ରିକା 'ପୂରବୀ'ର ସୂଚୀପତ୍ର ଉପରେ ନଜର ପକେଇବା ବେଳେ ବେଶ୍ କରି ଅନୁଭବ କରିହେବ, ସମ୍ପାଦକ କେବଳ ବହୁ ପ୍ରତିଷ୍ଠିତ ବରିଷ୍ଠ ସ୍ରଷ୍ଟାମାନଙ୍କ ସୃଷ୍ଟିକୁ ପତ୍ରିକାରେ ସ୍ଥାନିତ କରି ନାହାନ୍ତ ବରଂ ପ୍ରତିଟି ବିଭାଗରେ ଅନେକ ଯୁବ ସ୍ରଷ୍ଟାଙ୍କ ଚମକପ୍ରଦ ସୃଷ୍ଟି ସବୁକୁ ମଧ୍ୟ ସାମିଲ କରିଛନ୍ତି ପତ୍ରିକାରେ । ପ୍ରଥମ ପତ୍ରିକା ହୋଇଥିବା ସତ୍ତ୍ୱେ ଯୁବ ପିଢ଼ି ପ୍ରତି ସଂପାଦକଙ୍କ ଏ ବିଶ୍ୱାସ, ଆସ୍ଥା ତାଙ୍କ ନିର୍ମଳ ସମ୍ପାଦନାର ପରିଚୟ ବହନ କରେ । ପ୍ରବନ୍ଧ ବିଭାଗରେ ମାୟାଧର ନାୟକ, ନରେନ୍ଦ୍ର ପ୍ରସାଦ ଶତପଥୀ, ପରଂବ୍ରହ୍ମ ତ୍ରିପାଠୀ, ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ ପ୍ରବନ୍ଧ ବେଶ୍ ଚିତ୍ତାକର୍ଷକ ହୋଇ ପାରିଛି । କବିତା ବିଭାଗରେ ହର ପ୍ରସାଦ ଦାସ, ସୌଭାଗ୍ୟବନ୍ତ ମହାରଣା, ଅମୀୟ ରଂଜନ ମହାପାତ୍ର, ଶ୍ରୀଦେବ, ଡାକ୍ତର ସରୋଜିନୀ ଷଡ଼ଙ୍ଗୀ, ପିନାକୀ ମିଶ୍ର, ରବି ଶତପଥୀ, ସୁରେନ୍ଦ୍ର ପାଣିଗ୍ରାହୀ, ହରିଶ୍ଚନ୍ଦ୍ର ବେହେରା, ମମତାମୟୀ ଚୌଧୁରୀ, ବେବିନା ରଥ, ଇନ୍ଦିରା ଦାଶ,ଏଲି ମହାନ୍ତି, ଅଧ୍ୟାପକ ଶରତ କୁମାର ଦାସଙ୍କ ପରି ପ୍ରତିଷ୍ଠିତ କବିମାନଙ୍କ ଚମତ୍କାର କବିତା ପାଠକମାନଙ୍କୁ ମୁଗ୍ଧ କରିବା ସହ ଦୀପିକା ଦାଶ, ପ୍ରଦୀପ ବନ୍ଧ, ଜିନାତମାମ୍ ଦର୍ଜୀଙ୍କ ପରି ନୂଆ ପିଢ଼ିର ଲେଖକ ଲେଖିକାଙ୍କ କବିତା ନିଶ୍ଚିତ ରୂପେ ସମ୍ମୋହିତ କରିବାର ଶକ୍ତି ବହନ କରେ । ଗାୟତ୍ରୀ ସରାଫଙ୍କ 'ଭାଙ୍ଗି ଯାଇଥିବା ବରଫ', ସୁନୀଲ ମିଶ୍ର (ମୈତ୍ରେୟ)ଙ୍କ 'ରାଗ ପୂରବୀ', ସୈରିନ୍ଧ୍ରୀ ସାହୁଙ୍କ 'ବିବର୍ଣ୍ଣା ପୃଥିବୀ ଓ ଗୌତମ ଦାସ', ବିଜନବାଳା ପାଟଯୋଶୀଙ୍କ 'ଗୋଟିଏ ରାତି', ଚନ୍ଦ୍ରମୋହନ ମହାପାତ୍ରଙ୍କ 'ଗୁପ୍ତଧନ', ରବି ପଣ୍ଡାଙ୍କ 'ଝରକା', ଚିନ୍ମୟୀ ବାରିକଙ୍କ 'ଶୂନ୍ୟସ୍ଥାନ' ପରି ନିଆରା ଗଳ୍ପ ସବୁ ଗଳ୍ପ ବିଭାଗକୁ ସୁସମୃଦ୍ଧ କରି ତୋଳିଛି । ଗପ, କବିତା ଓ ପ୍ରବନ୍ଧ ବିଭାଗରେ ପ୍ରଥମ ସଂଖ୍ୟାରେ ପାଠକ ମନ ଜିଣି ପାରିଥିବା 'ପୂରବୀ' ପରବର୍ତ୍ତୀ ସଂଖ୍ୟାରେ ବହି ସମୀକ୍ଷା, ଅନୁବାଦ, ଉପନ୍ୟାସିକା, ସାକ୍ଷାତକାର ପରି ଅନ୍ୟାନ୍ୟ ବିଭାଗ ଗୁଡ଼ିକ ମଧ୍ୟ ସ୍ପର୍ଶ କରିବ ବୋଲି ଆଶା । 'ପୂରବୀ' ପତ୍ରିକା ପାଇଁ ଶୁଭେଚ୍ଛା ବାର୍ତ୍ତାରେ ଉତ୍କଳ ସାହିତ୍ୟ ସମାଜର ସଭାପତି ଗୋବିନ୍ଦ ଚନ୍ଦ୍ର ଚାନ୍ଦ 'ପୂରବୀ' ଯେପରି ଉତ୍ତରପିଢ଼ିର ସାହିତ୍ୟ ସାଧକଙ୍କ ପାଇଁ ମାର୍ଗ ପ୍ରସ୍ତୁତ କରୁ ବୋଲି ଆଶା ପୋଷଣ କରିଛନ୍ତ ସେହି ଆଶା ଓ ସ୍ୱପ୍ନକୁ ବାସ୍ତବାୟିତ କରିବା ଦିଗରେ 'ପୂରବୀ'ର ସମ୍ପାଦକ, ସହ ସଂପାଦକ ଓ ପତ୍ରିକା ସହ ସଂଶ୍ଳିଷ୍ଟ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ନିରନ୍ତର ପ୍ରୟାସ ଓ ନୂତନ ପରୀକ୍ଷଣ ଜାରି ରଖିଲେ 'ପୂରବୀ' ଆଗାମୀ ଦିନରେ ପତ୍ରିକା ଜଗତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ ନିଶ୍ଚୟ ।





▶ଡା. ବିଜୟ କୁମାର ପାତ୍ର

## ସଭାପତି ଡା.ବିଜୟ କୁମାର ପାତ୍ର ଯାହା କହନ୍ତି

**୧. ପ୍ରତିଷ୍ଠିତ ଗାଳ୍ପିକମାନଙ୍କ ସହ ଆପଣ 'ପୂରବୀ' ପତ୍ରିକାରେ ନୂଆ ଲେଖକମାନଙ୍କ ସୃଷ୍ଟିକୁ ମଧ୍ୟ ସ୍ଥାନିତ କରିଛନ୍ତି । ଜଣେ ସମ୍ପାଦକ ଭାବେ ଆପଣ ଅନୁଭବ କରୁଛନ୍ତି କି ପତ୍ରିକାରେ ବହୁ ପ୍ରତିଷ୍ଠିତ ଲେଖକଙ୍କ ଗପ ନଥିଲେ ତାହା ପତ୍ରିକା ବିକ୍ରି ଉପରେ ପ୍ରଭାବ ପକାଏ ବୋଲି ?**

▶ଶୃଙ୍ଖଳିତ ପ୍ରତିଷ୍ଠିତ ଲେଖକମାନେ ଉତ୍ତର ପିଢ଼ି ପାଇଁ ଉନ୍ନତି ଓ ପ୍ରଗତିର ରାସ୍ତା ତିଆରନ୍ତି । ନୂଆ ଲେଖକ ଅଧ୍ୟବସାୟ ଓ ନିଷ୍ଠା ବଳରେ ନିଜର କଲମକୁ ବଳଶାଳୀ କରିଥାନ୍ତି । ପ୍ରତିଷ୍ଠିତ ଲେଖକଙ୍କୁ ଖୋଜିବା ଏକ ମାନବୀୟ ରୁଚି । ନୂତନ ଲେଖାର ଅନୁସନ୍ଧାନ ଏକ ଉତ୍ସୁକତା । ଏଣୁ ମୋ ମତରେ ଉଭୟ ପ୍ରବୀଣ ଓ ତରୁଣ ଜାଗା ପାଇବା ଜରୁରୀ ।

**୨. ଅନେକ ପତ୍ରିକାଙ୍କ ଭିଡ ଭିତରେ 'ପୂରବୀ' ଆଗାମୀ ଦିନରେ ସମୁଚିତ ପାଠକୀୟ ସ୍ୱୀକୃତି ଓ ଭଲପାଇବା ପାଇ ପାରିବ ତ ! ସମ୍ପାଦକ ଭାବେ ଏ ପ୍ରଶ୍ନ, ଏ ଦ୍ୱନ୍ଦ୍ୱ ସବୁକୁ ଆପଣ କିପରି ସାମ୍ନା କରନ୍ତି ?**

▶ଭିଡ଼ ଭିତରେ ସ୍ୱୀକୃତି, ଭଲ ପାଇବା ହିଁ, ପତ୍ରିକା ସମ୍ପାଦନାର ସାର୍ଥକତା । ଏହା ପ୍ରଶ୍ନ କିମ୍ବା ଦ୍ୱନ୍ଦ୍ୱ ନୁହେଁ । ସମ୍ପାଦନା ବଳିଷ୍ଠ ହେଲେ, ଅନ୍ୟମାନେ ଆପେ ଆପେ ଅପସରି ଯାଆନ୍ତି ।

**୩. ପତ୍ରିକା ପ୍ରତି ଆକର୍ଷଣ ସୃଷ୍ଟି କରିବା ନିମନ୍ତେ ପ୍ରଚ୍ଛଦର ଭୂମିକା କେତେ ? ଏ ସଂପର୍କରେ ଜଣେ ସମ୍ପାଦକ ଭାବେ ଆପଣଙ୍କ ମତାମତ କଣ ?**

▶ପ୍ରଚ୍ଛଦ ପତ୍ରିକାର ବାସ୍ତବ ମୁଖପତ୍ର । ଏହା ପତ୍ରିକା ପୃଷ୍ଠାରେ ସ୍ଥାନିତ ସୃଷ୍ଟିମାନଙ୍କ ଚୁମ୍ବକୀୟ ପ୍ରତୀକ । ମାତ୍ର ଏବେ ଅନେକ ପତ୍ରିକା ଏକ ଅହେତୁକ ଶିହରଣ ସୃଷ୍ଟିକରିବା ପାଇଁ ଏହାକୁ ନାଟକୀୟ ଢଙ୍ଗରେ ସ୍ଥାନିତ କରୁଛନ୍ତି ।

**୪. ପୂଜା ସମୟରେ ଅନେକ ପତ୍ରିକା ପ୍ରକାଶନ ଓଡ଼ିଆ ସାହିତ୍ୟ ପାଇଁ ଶୁଭ ସଙ୍କେତ ବୋଲି ଆପଣ ବିଚାର କରନ୍ତି କି ନା ଭିଡ ଭିତରେ ଲେଖାର ମାନ କମି କମି ଯାଉଛି ବୋଲି ଆପଣ ଅନୁଭବ କରୁଛନ୍ତି ?**


▶ସାହିତ୍ୟକୁ ପ୍ରେମ କରିବା ଅତ୍ୟନ୍ତ ଭଲ । କବି କିମ୍ବା ଲେଖକଟିଏ ହେବା ମେଧା, ସୃଜନଶୀଳତା ଏବଂ ଈଶ୍ୱରୀୟ ଉପହାରର ଏକ ଫେଣ୍ଟା ଫେଣ୍ଟି ଅବସ୍ଥା । କବିଟିଏ ହେବା ପାଇଁ କୃତ୍ରିମତାକୁ ଗଳାମାଳି କରି ଭିଡ଼ ଭିତରେ ଜଣେ ହେବାକୁ ଚେଷ୍ଟା କରିବାର ଅଭୀପ୍ସା ଯୋଗୁ ଲେଖାର ମାନ କମିବା ସ୍ୱାଭାବିକ ।

**୫. ଓଡ଼ିଶାରେ ପତ୍ରିକା ପ୍ରକାଶନ ଓ ସମ୍ପାଦନା ଏକ ସଂଘର୍ଷର ପଥ ବୋଲି ମନେ କରାଯାଏ । ଏ ସମ୍ପର୍କରେ ଆପଣଙ୍କ ମତାମତ କଣ ?**

▶ନିହାତି । ପ୍ରକାଶନ ଓ ସମ୍ପାଦନା ଏକ ସଂଘର୍ଷର ପଥ । ଅବକ୍ଷୟମୁଖି ପାଠକୀୟ ରୁଚି ଏଥିପାଇଁ ଦାୟୀ । ତଥାପି ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ । ଏହି ଭିଡ଼ ଭିତରୁ ଯଦି କିୟଦାଂଶକୁ ବିଶ୍ୱାସ କରାଯାଏ, ତେବେ ଓଡ଼ିଆ ସାହିତ୍ୟରେ ଏକ ନବ ଜାଗରଣ ଯୁଗ ଅବଶ୍ୟମ୍ଭାବୀ ବୋଲି ପ୍ରତୀୟମାନ ହୁଏ ।

## ପତ୍ରିକା : ମାଳିନୀ

ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ମାଳିନୀ ଶବ୍ଦର ଅର୍ଥ ମାଳାଧାରିଣୀ । ସେପ୍ଟେମ୍ବର ୨୦୨୨ ପୂଜା ବିଶେଷାଙ୍କ ଭାବେ ପତ୍ରିକା 'ମାଳିନୀ'ର ପ୍ରଥମ ସଂଖ୍ୟାଟିକୁ ପଢ଼ିବା ବେଳେ ପାଠକ ନିଶ୍ଚିତ ରୂପେ ଅନୁଭବ କରିବ ଯେ, ପତ୍ରିକା 'ମାଳିନୀ' ଧାରଣ କରିଚି ଏପରି ଏକ ସୁନ୍ଦର ମାଳ ଯେଉଁଠି ସାହିତ୍ୟର ରଙ୍ଗିନ ଫୁଲମାନଙ୍କ ସହ ଆଧ୍ୟାତ୍ମିକତାର ଶ୍ୱେତ ପୁଷ୍ପ ମାନେ ସମ୍ମିଳିତ ହୋଇ ଅଛନ୍ତି । ଅବଶ୍ୟ ଏହାର ନାମକରଣର ଭିନ୍ନ ଦିଗକୁ ଉପସ୍ଥାପନ କରିଛନ୍ତି ଅତି ସୁନ୍ଦର ଭାବେ ସମ୍ପାଦକ ମହୋଦୟ ସଂପାଦକୀୟ ପୃଷ୍ଠାରେ । ସଂପାଦକୀୟ ପୃଷ୍ଠାରୁ ହିଁ ପାଠକ ବେଶ୍ କରି ହୃଦୟଙ୍ଗମ କରିପାରିବ, ମୁଖ୍ୟ ସମ୍ପାଦକ **ଶ୍ରୀ ରାଧାଶ୍ୟାମ ପାତ୍ର** ମହୋଦୟ ଜଣେ ଆଧ୍ୟାତ୍ମିକ ଚେତନାର ମଣିଷ । ସେଥିପାଇଁ ତ ସେ ପତ୍ରିକା ପ୍ରକାଶ କାଳରେ ସ୍ୱୀକାର କରିଛନ୍ତି:



"'ମାଳିନୀ' ପତ୍ରିକାର ଜୈତ୍ର ଯାତ୍ରା ପାଇଁ ଯେଉଁ ସ୍ୱାତୀ ନକ୍ଷତ୍ରର ଶୁଭଲଗ୍ନ ସଂଚାର ପ୍ରୟାସକୁ ପ୍ରତୀକ୍ଷା ଥିଲା, ତାହା ଏବେ ଆପଣ ମାନଙ୍କ ପ୍ରଗଳ୍‌ଭ୍ ଆବେଗ ପ୍ରବଣ ମାନସିକତାରେ ନବଜନ୍ମ ନେବାକୁ ବ୍ୟଗ୍ର ହୋଇ ଉଠିଲାଣି । ତାକୁ କିଏ କଣ ଅଟକାଇ ରଖି ପାରିବ ? ସେ ତ ଶାଶ୍ୱତ ନିର୍ଝରଣୀ, ଅମୃତ ପ୍ଲାବିନୀ, ପାବନ ପୁରୁଷ ଶ୍ରୀ ପୁରୁଷୋତ୍ତମଙ୍କ ଭାବ ଦର୍ଶନର ସନ୍ଦେଶ ।"

ଭିଡ ଭିତରେ 'ମାଳିନୀ' ପତ୍ରିକା ବାରି ହୋଇ ପଡ଼ିବାର ଏକ ବିଶେଷ କାରଣ ମଧ୍ୟ ରହିଛି । ପୂଜା ସଂଖ୍ୟାରେ ପ୍ରକାଶ ପାଉଥିବା ପତ୍ରିକା ମାନଙ୍କରେ କବିତା, ଗପ ତୁଳନାରେ ପ୍ରବନ୍ଧ ବିଭାଗଟି ସଙ୍କୁଚିତ ହୋଇଯିବା ପରି ଆମେ ଅନୁଭବ କରୁ । କିନ୍ତୁ 'ମାଳିନୀ' ପତ୍ରିକାର ସମ୍ପାଦକ ପ୍ରବନ୍ଧ ବିଭାଗଟି ଉପରେ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି । ଏକୋଇଶିଟି ମନନଶୀଳ ପ୍ରବନ୍ଧ ସ୍ଥାନ ପାଇଛି ପୂଜା ବିଶେଷାଙ୍କରେ । ଆଧାତ୍ମିକତା, ସଂସ୍କୃତି ପରମ୍ପରା, ଇତିହାସ, ନାରୀବାଦ, ନାରୀ ଶିକ୍ଷା, ଶାକ୍ତ ଉପାସନା, ପ୍ରକୃତି ଉପାସନା, ସୃଷ୍ଟିର ରହସ୍ୟ ଏହିପରି ଅନେକ ଦିଗକୁ ଛୁଇଁ ପାରିଛି ପତ୍ରିକାରେ ସ୍ଥାନିତ ହୋଇଥିବା ଉଚ୍ଚକୋଟୀର ପ୍ରବନ୍ଧ ସବୁ, ଯାହା ପାଠକର ଜ୍ଞାନ ଚକ୍ଷୁ ଉନ୍ମିଳନରେ ବିଶେଷ ସହାୟକ ହେବାର କ୍ଷମତା ବହନ କରେ । ବିଶେଷ କରି ଓଡ଼ିଆଙ୍କ ଆରାଧ୍ୟ ଠାକୁର ଶ୍ରୀ ଜଗନ୍ନାଥଙ୍କ ଉପରେ ଡ. ଭାସ୍କର ମିଶ୍ର, ଡ. ମଥୁରେନ୍ଦ୍ର ପୃଷ୍ଟି, ଡ. ସୁକାନ୍ତ ମହାପାତ୍ର, ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଗବେଷଣା ମୂଳକ ପ୍ରବନ୍ଧ ବେଶ୍ ଉପଯୋଗୀ ଓ ପ୍ରଭାବଶାଳୀ । ସମ୍ପାଦକ ଆଧୁନିକ କବିତା ଅପେକ୍ଷା ଗୀତି କବିତାକୁ ପତ୍ରିକାରେ ଅଧିକ ଗୁରୁତ୍ୱ ଦେଇ ଥିବାର ମନେହୁଏ । ସ୍ମୃତି ଓ ଅନୁଭୂତି ବିଭାଗରେ ଶ୍ରୀ ଲୋକନାଥ ସାହୁ 'ସ୍ୱପ୍ନ ସାକାର ହେଲା'ରେ ସେ ଛାତ୍ରାବସ୍ଥାରେ ଦେଖିଥିବା ସ୍ୱପ୍ନ ସବୁ ସାକାର ହେବାର ଅନିର୍ବଚନୀୟ ଆନନ୍ଦାନୁଭୂତିକୁ ଯେପରି ଉପସ୍ଥାପନ କରିଛନ୍ତି ତାହା ବେଶ୍ ଆନନ୍ଦପ୍ରଦ । ଗଳ୍ପ ବିଭାଗରେ ସ୍ଥାନିତ ହୋଇଚି ବାରଟି ବଛାବଛା ଗପ । ପତ୍ରିକାରେ ବନାନ ଗତ ଅଶୁଦ୍ଧି ପ୍ରତି ସମ୍ପାଦକ ଆଉ ଟିକେ ସଚେତନ ହୋଇ ପାରିଲେ ତାହା ପାଠକ ମାନଙ୍କର ଆହୁରି ଶ୍ରଦ୍ଧା ଭାଜନ ହୋଇପାରିବ ।

ଯେଉଁଠି ମହାବାହୁଙ୍କ ପ୍ରତି ଅତୁଟ ବିଶ୍ୱାସ, ଭକ୍ତି ଓ ଶ୍ରଦ୍ଧା ପ୍ରଚ୍ଛନ୍ନ ହୋଇ ରହିଥାଏ ସେଠି ସଫଳତା ସୁନିଶ୍ଚିତ । ତେଣୁ ପ୍ରଭୁଙ୍କ କୃପା ଲାଭ କରି 'ମାଳିନୀ' ଅସରନ୍ତି ପଥ ଏ ସାହିତ୍ୟ ଜଗତରେ ଅତିକ୍ରମ କରିବ ବୋଲି ଆମର ବିଶ୍ୱାସ ।

## ସମ୍ପାଦକ ରାଧାଶ୍ୟାମ ପାତ୍ର ଯାହା କହନ୍ତି

**୧. 'ମାଳିନୀ'ପତ୍ରିକାର ନାମକରଣରେ କଣ ବିଶେଷତ୍ୱ ରହିଛି ?**

▶ଆଜି ଯେଉଁ ସ୍ଥାନ ଶରଧାବାଲି ବୋଲି ନାମିତ, ସେ ପବିତ୍ର ସ୍ଥାନରେ ଦିନେ ମାଳିନୀ ନାମକ ନଦୀ ପ୍ରବାହିତ ହେଉଥିଲା । ସେହି ପବିତ୍ର ନଦୀର ନାମକରଣ ଅନୁସାରେ ଆମ ପତ୍ରିକାର ନାଁ ରଖା ଯାଇଛି । ମାଳିନୀ ନଦୀର ଇତିହାସ ସମ୍ପର୍କରେ ମୁଁ ମୋ ସଂପାଦକୀୟ ପୃଷ୍ଠାରେ କିଂଚିତ ସୂଚନା ଦେଇଛି ।

**୨. ପୂଜା ପତ୍ରିକା ମାନଙ୍କରେ ସାଧାରଣ ଭାବେ ପ୍ରବନ୍ଧ ବିଭାଗରେ ଲେଖା କମ୍ ଦେଖିବାକୁ ମିଳେ । କିନ୍ତୁ ଏ ଦୃଷ୍ଟିରୁ 'ମାଳିନୀ' ପତ୍ରିକାରେ ଭିନ୍ନତା ଦେଖିବାକୁ ମିଳିଛି । ପ୍ରବନ୍ଧ ଉପରେ ଆପଣ କାହିଁକି ଅଧିକ ଗୁରୁତ୍ୱ ଦେଇଛନ୍ତି ?**

▶ହଁ, ଆପଣ ଠିକ୍ ମତ ରଖିଛନ୍ତ । 'ମାଳିନୀ' ପତ୍ରିକାଟି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ଉପରେ ଆଧାରିତ । ପାଠକ ପାଠିକା ଗବେଷକମାନେ ପ୍ରବନ୍ଧ ଗୁଡ଼ିକୁ ପାଠ କଲେ ଆମ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଅନେକ କାମ କରିବାକୁ ଆଗ୍ରହୀ ହେବେ । ଗପ, କବିତା ତ ସାମୟିକ ଆନନ୍ଦ ପ୍ରଦାନ କରେ । ଅବଶ୍ୟ ସେଥିରୁ କିଛି ଶିଖିବାକୁ ବି ମିଳିଥାଏ । ସମାଲୋଚକ ଗୋଟିଏ ବିଷୟ ପ୍ରତି ସମାଲୋଚନାରେ ତାଙ୍କ ଆଭିମୁଖ୍ୟ ପ୍ରଦାନ କରିଥାନ୍ତି ଯାହା ଅନ୍ୟ ମାନଙ୍କୁ ବେଳେବେଳେ ଆକୃଷ୍ଟ କରିଥାଏ । ଭବିଷ୍ୟତରେ ସାହିତ୍ୟ ପିପାସୁ ମାନଙ୍କୁ ପ୍ରବନ୍ଧ ମାଧ୍ୟମରେ ଆମ 'ମାଳିନୀ' କିଛି ନୂଆ ତଥ୍ୟ ଓ ତତ୍ତ୍ୱ ଦେଇ ଉଦ୍‌ବୁଦ୍ଧ କରିପାରିବ ବୋଲି ମୋର ଆଶା । ଏଣୁ 'ମାଳିନୀ' ପତ୍ରିକାରେ ପ୍ରବନ୍ଧ ବିଭାଗକୁ ଅଧିକ ଗୁରୁତ୍ୱ ଦିଆ ଯାଇଛି ଓ ଆଗକୁ ଦିଆଯିବ ମଧ୍ୟ ।


▶ ରାଧାଶ୍ୟାମ ପାତ୍ର

**୩. 'ମାଳିନୀ' ପତ୍ରିକାର ଆଭିମୁଖ୍ୟ କଣ ରହିଛି ?**

▶'ମାଳିନୀ' ପତ୍ରିକା ଏକ ସାହିତ୍ୟଧର୍ମୀ ପତ୍ରିକା, ଯାହା ଓଡିଆ ଭାଷା ସାହିତ୍ୟ ସଂସ୍କୃତିକୁ ନେଇ ଆଧାରିତ । କିଛି ପୁରୁଣା କବି ଲେଖକଙ୍କ ସହିତ କିଛି ନୂତନ ପିଢ଼ିର ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେଇ ଆମ ଓଡ଼ିଆ ଭାଷାର ଅଭିବୃଦ୍ଧି କରିବା ଆମ ପତ୍ରିକାର ଲକ୍ଷ୍ୟ । ଏହାଦ୍ୱାରା ବହୁ ଯୁବ ଲେଖକ ଲେଖିକା ଆକୃଷ୍ଟ ହେବେ ସେମାନଙ୍କ ବହୁ ମୂଲ୍ୟ ଦେବାକୁ ଭଲଲେଖାଟିଏ ଲେଖି ଆମ ଭାଷା ସାହିତ୍ୟକୁ ଆହୁରି ସମୃଦ୍ଧି କରିବା ନିମନ୍ତେ ।

**୪. ଏକ ସୁସ୍ଥ ସାମାଜିକ ଜୀବନ ଉପରେ ଏକ ମାର୍ଜିତ ସୁନ୍ଦର ସାହିତ୍ୟ ପତ୍ରିକାର ପ୍ରଭାବ କିଛି ଅଛି କି ? ଏ ସଂପର୍କରେ ଆପଣଙ୍କ ମତାମତ କଣ ?**

▶ନିଶ୍ଚୟ, ଏକ ସୁସ୍ଥ ସାମାଜିକ ଜୀବନ ଉପରେ ଏକ ମାର୍ଜିତ ତଥା ସୁନ୍ଦର ସାହିତ୍ୟ ପତ୍ରିକାର ପ୍ରଭାବ ଅନେକ ରହିଛି । ସାହିତ୍ୟର ଉଦ୍ଦେଶ୍ୟ ସମାଜର ହିତ ସାଧନ । ଏହି ଭାବନା ନେଇ ହିଁ ଲେଖକ ମାନେ ସାହିତ୍ୟ ସୃଷ୍ଟି କରିବା ଉଚିତ । ଆମ ଭାଷା ସୁଦୃଢ ହେଲେ ଆମ ସମାଜ ସୁଦୃଢ ହେବ । ଆମ ଜୀବନର ଶୈଳୀ ପରିବର୍ତ୍ତିତ ହେବ । ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ।

**୫. 'ମାଳିନୀ'ର ପ୍ରଥମ ସଂଖ୍ୟାକୁ ପାଠକ ମାନେ କିପରି ଗ୍ରହଣ କରୁଛନ୍ତି ଏବଂ ଭବିଷ୍ୟତରେ ଜଣେ ସମ୍ପାଦକ ଭାବେ 'ମାଳିନୀ'କୁ ନେଇ କଣ କଣ ସବୁ ଯୋଜନା ରଖିଛନ୍ତି ?**

▶ପାଠକ ପାଠିକା ମାନେ ହିଁ ଏହାର ନିର୍ଣ୍ଣାୟକ ଓ ସୁବିଚାରକ । ସେମାନଙ୍କର ଆନ୍ତରିକତା ତଥା ପ୍ରେରଣା 'ମାଳିନୀ'କୁ ପରିମାର୍ଜିତ କରିପାରିବ ବୋଲି ମୋର ଆଶା ଓ ବିଶ୍ୱାସ । ଯଦି ସେମାନେ 'ମାଳିନୀ'କୁ ଖୁବ ଆଦର କରନ୍ତି ତେବେ ଆମେ ଅନ୍ୟ ବିଭାଗ, ଯଥା: ଶିଶୁ ରାଇଜ, ମହିଳା ବିଭାଗରେ ଲେଖା ମଧ୍ୟ ପ୍ରକାଶିତ କରିବୁ, ଯଦ୍ୱାରା ସବୁ ବର୍ଗର ପାଠକ ପାଠିକା ମାନଙ୍କ ହୃଦୟରେ 'ମାଳିନୀ' ସ୍ଥାନ ପାଇବ । ହେଲେ, ସବୁ ସେଇ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଇଚ୍ଛା ।

**ଶେଷକଥା:**

ଓଡ଼ିଆ ସାହିତ୍ୟ ଏକ ସୁଂଦର ଉପବନ । ପତ୍ରିକା ସେ ଉପବନର କୁସୁମ ପରିକା ଯାହାର ମହକ, ରଙ୍ଗ ପାଠକ ପାଠିକା, ଲେଖକ ଲେଖିକା ମାନଙ୍କୁ ଖୁବ ଆକର୍ଷିତ କରେ । ଏ ସୁଂଦର ଉପବନରେ ଆଜି କଳିକା ହୋଇ ଫୁଟିଥିବା ଏହି ନୂଆ ପତ୍ରିକା ମାନେ ଯେ ଦିନେ କାଳି ବାସ୍ନାସ୍ରାବୀ ଫୁଲ ହୋଇ ଫୁଟିବେ, ଆଉ ସେମାନଙ୍କ ମହକରେ ଆମ ଭାଷା ସାହିତ୍ୟକୁ ଆହୁରି ବିଭାନ୍ୱିତ, ସୌନ୍ଦର୍ଯ୍ୟଶାଳୀ କରିବେ- ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । କିନ୍ତୁ ସେଥିପାଇଁ ଜରୁରୀ ଧୈର୍ଯ୍ୟ ଓ ନିଷ୍ଠା ସହ ସଂପାଦନା କର୍ମ ପ୍ରତି ଅଫୁରନ୍ତ ଭଲପାଇବା । ଏ ଭଲ ପାଇବା, ନିଷ୍ଠା ବଳରେ ହିଁ ପତ୍ରିକା ପାଇଁ ଦୃଶ୍ୟମାନ ହେଉଥିବା ଅନେକ ସମସ୍ୟାର ସମାଧାନର ଦ୍ୱାର ଫିଟିଯିବ ସେମାନଙ୍କ ପାଇଁ । ସମ୍ପାଦକମାନଙ୍କ ବଳିଷ୍ଠ ସମ୍ପାଦନା, ପାଠକ ପାଠିକା ଓ ସାରସ୍ୱତ ସାଧକ ମାନଙ୍କ ପ୍ରେରଣା ଓ ପ୍ରୋତ୍ସାହନ ଏମିତି ଆମ ସାହିତ୍ୟ ଉପବନରେ ନୂତନ ପତ୍ରିକା ରୂପୀ ମହକଭରା କୁସୁମ ମାନଙ୍କୁ ସୃଷ୍ଟି କରୁଥାଉ- ଆମର ଆଶା ।

କଥା-କାହାଣୀ

# ଘାତ



# ବିନୋଦ


୬୦, କଲ୍ୟାଣ ବିହାର,ହାଇଟେକ୍, ପୋଷ୍ଟ- କୁହା,
ଭୁବନେଶ୍ୱର-୭୫୧୦୦୨
ଫୋନ: ୯୪୩୭୧୬୪୭୬୪

ଚିତ୍ର : ଈପ୍‌ସିତା ଦେ

ଆଉ କେତେ ଲାଞ୍ଛନା ସହିବ ମାନିନୀ । ବାହା ହେବାର ଦଶ ବର୍ଷ ହୋଇଗଲା । ଘର ସଂସାର କରିବା ପରେ ସୁଖରେ କାଳ କାଟିବ ବୋଲି ସେ କେତେ ଆଶା କରିଥିଲା । ସ୍ୱାମୀ, ଶାଶୂ, ଶ୍ୱଶୁର, ସନ୍ତାନ, ପରିବାର ଜ୍ଞାତିଜନ ପ୍ରମୁଖଙ୍କୁ ନେଇ ସେ କେତେ ସ୍ୱପ୍ନ ନ ଦେଖିଥିଲା । ତା'ଠାରୁ ଅଧିକ ବ୍ୟସ୍ତ ଥିଲେ ବାପା, ମା' । ଏକଇରବଲା କନ୍ୟା ଯେଉଁଦିନ ପରଘରକୁ ଗଲା ସେତେବେଳେ ସେମାନଙ୍କ ଆଖିର ଜ୍ୟୋତି ଯେପରି ହଜି ଯାଇଥିଲା । ଝିଅର ସୁନେଲି ଭବିଷ୍ୟତ ଲାଗି ସେମାନେ କେତେ ଆଶା କରି ନଥିଲେ ! ଯାବତୀୟ ଜିନିଷ ଖୋଜିଲୋଡ଼ି ଝିଅକୁ ଦେଇଥିଲେ । ପରିବାରର ଆର୍ଥିକ ଅନଟନ ସତ୍ତ୍ୱେ ଝିଅର ସୁଖମୟ ଜୀବନ ଲାଗି ବାପା, ମା'ଙ୍କ କି ଆଶା ଥିଲା ! ତଥାପି ସମୟ ତ ସବୁକିଛି । ଘରୁ ଗୋଡ଼ କାଢ଼ିଥିଲା ମାନିନୀ । ଦୁଇ ବର୍ଷ ପରେ ଯେଉଁଦିନ ଘରକୁ କନ୍ୟା ସନ୍ତାନଟିଏ ଆସିଲା ସେହିଦିନ ଘରେ ଖେଳିଗଲା ଖୁସିର ମାହୋଲ । ସ୍ୱାମୀ, ଶ୍ୱଶୁର, ଶାଶୁ... ସମସ୍ତେ କହିବାରେ ଲାଗିଲେ ଘରକୁ ଲକ୍ଷ୍ମୀ ଆସିଲା । ଏସବୁ ମତାମତ ଶୁଣି ମାନିନୀ ଭାରି ଖୁସି ହୋଇଯାଇଥିଲା । ସତରେ ତା'ର ଜୀବନ ଧନ୍ୟ ହୋଇଗଲା । କନ୍ୟା ରତ୍ନ ପ୍ରତି ପରିବାର ଥିବା ସଦିଚ୍ଛାକୁ ସେ ସମ୍ମାନ ଜଣାଇଥିଲା । ତେବେ ଯେତେବେଳେ ଘରକୁ ଆଉ ଏକ କନ୍ୟା ସନ୍ତାନ ଆସିଲା ସେତେବେଳେ ସମସ୍ତଙ୍କ ଆନନ୍ଦ ଯେପରି ମିଳାଇ ଯାଇଥିଲା । କାହାରି ଠାରୁ ସେପରି ସ୍ନେହ ପାଇ ନଥିଲା ମାନିନୀ । ତଥାପି କପାଳକୁ ଆଦରି ସେ ରହିଲା । ସେ ଲକ୍ଷ୍ୟ କରୁଥିଲା ସ୍ୱାମୀଙ୍କ ଠାରୁ ଆରମ୍ଭ କରି ସମସ୍ତେ ଏକ ପୁତ୍ର ସନ୍ତାନକୁ ଚାହିଁ ବସିଛନ୍ତି । ମାନିନୀର ଦୁଃଖିନୀ ମନରେ ଏ ପ୍ରଶ୍ନ ଜଟିଳ ଆକାର ଧାରଣ କଲା । ମନସ୍ତାପରେ ସେ ବୁଡ଼ି ରହିଲା । ତୃତୀୟ ଗର୍ଭ ଆସିବା ମାତ୍ରେ ସମସ୍ତେ ନାନା ପ୍ରକାର ମାନସିକ କଲେ । କିଏ ବଳି ତ କିଏ ଭୋଗରାଗ । କିଏ ଶହେ ଆଠ ବେଲପତ୍ର ତ କିଏ ବାନା ବାନ୍ଧିବାକୁ ସଂକଳ୍ପ କଲେ । ମାତ୍ର ସମସ୍ତଙ୍କ ଆଶା ପାଣିଫୋଟକା ପରି ମିଳାଇଗଲା ଯେତେବେଳେ ମାନିନୀ ତୃତୀୟ କନ୍ୟା ସନ୍ତାନକୁ ଜନ୍ମ ଦେଲା । ଘରେ ଏକ ବିଷାଦର ଛାୟା ଖେଳି ଯାଇଥିଲା ଯେପରି । ପିଲାକୁ ଧରିବାକୁ ବି କେହି ଆସିଲେ ନାହିଁ । ମାନିନୀ ଜୀବନକୁ ବାଜି ଲଗାଇ ଏହି ବିପଦରେ ନିଜକୁ ଠିଆ କଲା । ...ଏହାରି ଭିତରେ ଦଶ ବର୍ଷ ବିତି ଯାଇଥିଲା । ଏହା ସହ ମାନିନୀ ହୋଇ ଯାଇଥିଲା ଚତୁର୍ଥ ଥର ଗର୍ଭବତୀ । ପ୍ରଥମ ଦୁଇ ତିନି ବର୍ଷ ପର ଠାରୁ ତାକୁ ଅନେକ କିଛି ଶୁଣିବାକୁ ପଡୁଥିଲା । ଟାହିଟାପରା, ନିନ୍ଦା ଅପମାନ, ପାପୀ ଆଦି ଅନେକ ଆଖ୍ୟା । ସବୁକିଛି ନୀରବରେ ସହି ଆସୁଥିଲା ମାନିନୀ । ଏଥର ପୁଣି ଚତୁର୍ଥ ଥର ଯଦି କନ୍ୟା ହୁଏ... ? ଏହି କଥା ଚିନ୍ତା କରି ତା'ର ଦେହ ଶିହରି ଉଠୁଥିଲା । ସ୍ୱାମୀ ବେଳେବେଳେ ଉତ୍ତ୍ୟକ୍ତ ହୋଇ ତାକୁ ପିଟାମରା କରୁଥିଲେ । ଶାଶୁ ଭଲ ଭାବେ ଖାଇବାକୁ ଦେଉ ନଥିଲେ । ପାଖପଡ଼ୋଶୀ ତାକୁ ନାନା ପ୍ରକାର ସମାଲୋଚନା କରୁଥିଲେ । ମାନିନୀ ନିଜ ଦେହକୁ ପଥର କରିସାରିଥିଲା । କିଛି ଦିନ ପରେ ଚତୁର୍ଥ ସନ୍ତାନ ଜାତ ହେଲା । ପୁଣି ସେହି ଦୁର୍ଦ୍ଦଶାର ଭୟାନକ ଚିତ୍ର । କନ୍ୟା ସନ୍ତାନକୁ ଦେଖି ଏଥର ଆଶାତୀତ ନିର୍ଯାତନା ଦେବା ଆରମ୍ଭ ହୋଇଗଲା । ଏପରିକି ବାପ ଘରକୁ ଚାଲିଯିବା ଲାଗି ମଧ୍ୟ ଧମକ ଦିଆଗଲା । ଗରିବ ପରିବାରରୁ ଆସିଥିବା ମାନିନୀ ମୁଣ୍ଡରେ ବଜ୍ର ପଡ଼ିଲା । ...ଦିନେ ରାତିର କଥା । ମାନିନୀର ଦେହ ପ୍ରବଳ ଅସୁସ୍ଥ ଥିଲା । ସେ ଆଖିବୁଜି ଶେଯରେ ପଡ଼ି ରହିଥିଲା । ମିଞ୍ଜିମିଞ୍ଜି ଆଲୁଅ ଜଳୁଥିଲା । ସେ ଦେଖିଲା କେହି ଜଣେ ଘରେ ପ୍ରବେଶ କଲା । ସେ ଆଉ କେହି ନୁହଁନ୍ତି । ତା' ସ୍ୱାମୀ । ସେ କିଛି କହିଲା ନାହିଁ । ମାତ୍ର ପରେ ସେ ଯେଉଁ ଭୟଙ୍କର ଦୃଶ୍ୟ ଦେଖିଲା ସେଥିରେ ସେ ଥରି ଉଠିଲା । ସ୍ୱାମୀଙ୍କ ଦୁଇ ହାତ ନବଜାତର ବେକକୁ ଚିପି ଧରିଥିଲା । ପରେ ସବୁକିଛି ଶେଷ । ମାନିନୀ ପ୍ରବଳ ଚିତ୍କାର କଲା, ପ୍ରତିବାଦ କଲା ।

## କାହାଣୀ ପଛର କାହାଣୀ

ମଣିଷ ଏକ ସଭ୍ୟ ପ୍ରାଣୀ ହୋଇ ବି ଅନେକ ସମୟରେ ନିଜ ଭିତରେ ଥିବା ପଶୁପ୍ରବଣତାକୁ ଦୂରେଇ ପାରେ ନାହିଁ । ବିଭିନ୍ନ ପ୍ରକାର ସ୍ୱାର୍ଥକୈନ୍ଦ୍ରିକ ଚିନ୍ତା, ନିର୍ଦ୍ଦୟ ଭାବନାକୁ ରୋକିବାରେ ସେ ବିଫଳ ହୋଇଥାଏ । ମଣିଷ ଯେତେ ଆଗକୁ ଗଲେ ବି ସେତେ ପଛକୁ ଆସିବାର ପ୍ରକ୍ରିୟା ପରିଲକ୍ଷିତ ହୋଇଥାଏ । ସାମ୍ପ୍ରତିକ ପାରିପାର୍ଶ୍ୱିକ, ସାମାଜିକ, ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରେ ମଣିଷ ନିଜର ଦିଗଦର୍ଶନ ଭୁଲିଯାଇଥାଏ । ନାରୀ ପ୍ରତି ଥିବା ଅଭିଶପ୍ତ ଭାବନାର ନିଜେ ହିଁ ନିଜର ମାପକାଠି ପାଲଟିଥାଏ ମଣିଷ । ଦ୍ୱିତୀୟରେ ବିକାଶର ଜୟଜୟକାର ଭିତରେ ଏବେ ବି ସମାଜରେ ଭୟଙ୍କର ଶୋଷଣ ଜାରି ରହିଛି । ଶ୍ରମ ଆନ୍ଦୋଳନ ଏକ ନିରାକାର ଅବସ୍ଥାରେ ଉପନୀତ । ଯାହାର ଫଳ ସ୍ୱରୂପ ଦାନାହୀନ ଶ୍ରମିକଙ୍କୁ ସବୁଠାରେ ଅଶେଷ ନିର୍ଯାତନା ଦେବାର ଝଲକ ପ୍ରକାଶିତ ହୋଇଥାଏ । ଅଧିକାର ଲାଗି ଲଢ଼େଇ କରି ହାରିଯାଉଥିବା ମଣିଷ ନିକଟରେ ସାମାଜିକ ନେତୃତ୍ୱ ହେଉଛି ବିଫଳ । ତୃତୀୟତଃ ମଣିଷ ମନରେ ରହିଥିବା ଅସୀମ ଭ୍ରାନ୍ତ ଧାରଣା ଏବେ ବି ବଦ୍ଧମୂଳ ଭାବେ ଠୁଳ ହୋଇ ରହିଛି । ଅତିବିଜ୍ଞାନ ଯୁଗରେ ଉପନୀତ ମଣିଷ କେଜାଣି କାହିଁକି ନାନା କୁଚ୍ଛ୍ର ଭାବନା ଭିତରେ ନିରନ୍ତର ବୁଡ଼ି ରହିଥାଏ । ଏଥିରୁ କେବେ ମୁକ୍ତି ମିଳିବ ତାହା କେହି ବି କହିପାରିବେ ନାହିଁ । ଦ୍ୱନ୍ଦ୍ୱାତ୍ମକ ନିଷ୍ପତ୍ତି ମଧ୍ୟରେ ମଣିଷ ଯାହା କରି ବସେ ତାହାର ବିଜ୍ଞାନସିଦ୍ଧ ପ୍ରମାଣ ସେ ନ ପାଇ ସୁଦ୍ଧା ଅନେକ କାଳ୍ପନିକ ଚିନ୍ତାଧାରା ମଧ୍ୟରେ ନିଜ ଇତିହାସର ସମାଧି ଗଢ଼ିଥାଏ । ସଭ୍ୟତା, ବିକାଶ, ବିଜ୍ଞାନ, ବିପ୍ଳବ...ଆଦି ସମସ୍ତ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ହାତ । ମାତ୍ର ଏହି ନୈସର୍ଗିକ ଅଙ୍ଗ ଅନେକ ସମୟରେ ଖୋଦ୍ ମହାନ ଐତିହ୍ୟ ଲାଗି ପାଲଟିଥାଏ କଳଙ୍କର କାରଣ ।



ମାତ୍ର ସବୁକିଛି ବ୍ୟର୍ଥ । ରାତି କ୍ରମଶଃ ଅଧିକରୁ ଅଧିକ ହେବାରେ ଲାଗିଥିଲା ।

**॥୨॥**

ଦାଦନ ଖଟିବାକୁ ବାହାରକୁ ଯିବା ବ୍ୟତୀତ ରାକେଶ ସୁନା ନିକଟରେ କୌଣସି ବିକଳ୍ପ ନଥିଲା । ଆଉ କେତେ ଦିନ ସେ ମୁଣ୍ଡ ପିଟି ଏପରି ଘରେ ପଡ଼ି ରହିବ । ଯେତେ ଯାହା କାମ କଲେ ବି ପେଟ ଓ ପରିବାର ପୋଷିବା ସମ୍ଭବ ହେଉନାହିଁ । ପୁଣି ଋଣଭାର ବି ବଢୁଛି । ବାପାର ଦେହ ଲାଗି ସେ କିଛି ଟଙ୍କା ଧାର୍ ଆଣିଥିଲା । ମାତ୍ର ସୁଧ, ଚକ୍ରବୃଦ୍ଧି ସୁଧ ଆଦି ହିସାବ କରିବାବେଳକୁ ଟଙ୍କା କାହିଁ କେତେ ହେଲାଣି । ଏତେ ଟଙ୍କା ସୁଝାଯିବ କିପରି ? ଏସବୁ ଚିନ୍ତା କରି ସେ ନିଷ୍ପତ୍ତି ନେଲା ହାଇଦ୍ରାବାଦ ଚାଲିଯିବ । ସେ ସ୍ଥାନୀୟ ଠିକାଦାର ଗୋବିନ୍ଦରାଜୁ ସହ ଯୋଗାଯୋଗ କଲା । ସେଠାରେ ଏକ କପଡ଼ା କାରଖାନାରେ କାମ କରିବା ଲାଗି ଠିକାଦାର ପ୍ରତିଶ୍ରୁତି ଦେଇଥିଲା । ଅନେକ ଆଶା ନେଇ ସେ ହାଇଦ୍ରାବାଦ ଗଲା । ମାତ୍ର ସେଠାରେ ପହଂଚିବା ପରେ ଦେଖିଲା ସବୁକିଛି ଓଲଟା । ତାକୁ କପଡ଼ା କାରଖାନା ନୁହେଁ ବରଂ ଇଟାଭାଟିରେ କାମ କରିବାକୁ କୁହାଗଲା । ରାକେଶ କାମ କରି ଜାଣେ । ମାତ୍ର ଇଟା କାରଖାନାରେ କାମ କରିବାର ଅଭ୍ୟାସ ତା'ର ନଥିଲା । ଏତେ ପରିଶ୍ରମ ତା' ଦେହରେ ଯିବ ନାହିଁ ବୋଲି ସେ ଜାଣିଥିଲା । ତଥାପି ତା' ମୁଣ୍ଡ ଉପରେ ଥିବା ଋଣ ତାକୁ କୌଣସି ପ୍ରକାରେ ଏହି କାମ କରିବାକୁ ବାଧ୍ୟ କଲା । ନଚେତ ସାହୁକାର କ'ଣ ରଖାଇ ଦେବ । ବାଧ୍ୟ ହୋଇ ସେ ସେହି କାରଖାନାରେ ଖଟିଲା ।

ସେଠାକାର ଇଟା କାରଖାନାର ନିୟମ ଅଲଗା । ଅତି କମ୍‌ରେ ଦୈନିକ ୧୨ ଘଣ୍ଟା ଖଟିବାକୁ ପଡ଼ିବ । ନଚେତ ଦରମା ମିଳିବ ନାହିଁ । କେବଳ ଏତିକି ନୁହେଁ, ମାଡ଼ଗାଳି ବି ଖାଇବାକୁ ପଡ଼ିବ । ରାକେଶର ବୟସ କୋଡିଏ । ସେ ଆଉ କେତେ ଖଟିବ ? ଅସହ୍ୟ ଯନ୍ତ୍ରଣା ଭିତରେ ସେ ଦେଖିବାକୁ ଚାହୁଁଥିଲା ଜୀବନର ଏକ ମଧୁର ଖିଅଟିଏ । ସ୍ୱପ୍ନ ପରେ ସ୍ୱପ୍ନ ଭିତରେ ସେ ଆଶା କରୁଥିଲା କିଛି ଗୋଟାଏ ଭଲ ଦିନ ଆସିବ । ଅନ୍ୟମାନଙ୍କ ପରି ସେ ଭଲ ଭାବେ ବଞ୍ଚିବ । ମାତ୍ର ସବୁକିଛି ବ୍ୟର୍ଥ ହେବାରେ ଲାଗିଲା । ପଦ୍ମ ଘୁଞ୍ଚିବାରେ ଲାଗିଲା । ଦିନକୁ ଦିନ ତା' ଦେହ ଖରାପ ହେଲା । ଅଧିକ କାମ କରିପାରିଲା ନାହିଁ । ଦିନେ ସେ ଏକ ଇଟାଭାଟି କଡ଼ରେ ବସିଥିଲା । ଦୁର୍ବଳରେ ମୁଣ୍ଡ ଚକ୍କର ଖାଉଥିଲା । ଠିଆ ହେବାକୁ ବଳ ନଥିଲା । ଏହି ସମୟରେ ଜଣେ ଗାର୍ଡ ଆସି କିଛି ବୁଝିବା ପୂର୍ବରୁ ଗୋଇଠାଟିଏ ମାରିଲା । ରାକେଶ ଛାଟି ହୋଇ ତଳେ ପଡ଼ିଗଲା । ପରେ ପରେ ଆରମ୍ଭ ହୋଇଗଲା ଗାଳିବର୍ଷଣ । ସାତପୁରୁଷକୁ ଉଘାଇଲା ସେହି ଗାର୍ଡ । ମାତ୍ର ରାକେଶ କରିବ କ'ଣ ? ତା' ନିକଟରେ ଯେ ଆଦୌ କୌଣସି ବିକଳ୍ପ ନାହିଁ । ଏହି ଦୁଃଖରେ ସେଠାରେ ସାହାଭରସା ବି କେହି ନାହିଁ । ବଡ଼ କଷ୍ଟରେ ସେ ଉଠି ଠିଆ ହୋଇ ପୁଣି କାମକୁ ଗଲା ।

ସେ ଜାଣିଲା ଯେ ସେଠାରେ ଆଉ କାମ କରିହେବ ନାହିଁ । କେଉଁଦିନ ପ୍ରାଣ ଛାଡ଼ିଯିବ ତାହା କୁହା ଯାଇପାରିବ ନାହିଁ । ସେପଟେ ତା'ର ଦୁଃଖ ବୁଝିବ କିଏ ? ଏ ନେଇ ସେ କାହା ନିକଟରେ ଅଭିଯୋଗ କରିବ ? ଏଠି ତ ସାହାଭରସା କେହି ନାହାନ୍ତି । ସେପରି ଅଧାଖିଆ ପେଟରେ କାମ କରିବାକୁ ଲାଗିଲା ।

ରାକେଶ ମନରେ ଅନେକ ପ୍ରଶ୍ନ । ମଣିଷ ଜୀବନର ପ୍ରକୃତ ମୂଲ୍ୟ କ'ଣ ? କାହିଁକି ତା' ପରି ଅନେକ ଲୋକ ଏପରି ଜୀବନ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ? କେବେ ସେ ସୁଖ ଦିନ ଆସିବ ? ତା'ର ବଂଚିବାର ଅଧିକାର କିଏ ଛଡ଼ାଇ ନେଇଛି ? ଏଦୁନିଆରେ ତା' ପରି ଲୋକଙ୍କ ଲାଗି ବାର୍ତ୍ତା କ'ଣ ?

ପ୍ରଚଣ୍ଡ ଖରା । ଲୋକମାନେ ତଥାପି ହାହୁତାଶ ଭିତରେ କାମ କରୁଥାନ୍ତି । ରାକେଶର ମୁଣ୍ଡ ଘୂରି ଯାଉଥିଲା । ଦି ଚାରିଦିନ ଧରି ଜ୍ୱର ରହିବା ସହ ଖିଆପିଆ ନାହିଁ । କେତେବେଳେ କ'ଣ ଘଟିବ କେହି କହିପାରିବେ ନାହିଁ ।

ଜୀବନ ବିକଳରେ ସେ ଏକ ଗଛ ମୂଳରେ ବସି ଚିନ୍ତା କରୁଥିଲା ।

ଠିକ୍ ଏହି ସମୟରେ ଦୁଇ ଜଣ ଗାର୍ଡ଼ ତା' ନିକଟକୁ ଝପଟି ଆସିଲେ । ରାକେଶକୁ ପ୍ରବଳ ମାଡ଼ ଦେବା ସହ ତା'ର ଦୁଇ ହାତର ପାପୁଲି ଦୁଇଟାକୁ ସେମାନେ କାଟି ଦେଲେ । ଭୟଙ୍କର ଆର୍ତ୍ତନାଦରେ ଚତୁର୍ଦ୍ଦିଗ ଫାଟିଉଠିଲା ।

**॥ ୩ ॥**

ଶିଳ୍ପୀ ବିମ୍ବାଧରଙ୍କ ନାଁ ସ୍ଥାନୀୟ ଅଞ୍ଚଳରେ ଖ୍ୟାତ । ପ୍ରାଚୀନ କାରିଗରିରେ ମୂର୍ତ୍ତି ତିଆରି କ୍ଷେତ୍ରରେ ବେଶ୍ ସୁନାମ ଅର୍ଜନ କରିଥିଲେ ବିମ୍ବାଧର । ଅନେକ ମନ୍ଦିର ନିର୍ମାଣରେ ବି ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ ବିମ୍ବାଧର । ଦିନକୁ ଦିନ ଏହି ଶିଳ୍ପକଳା ମରଣ ମୁହଁକୁ ଠେଲି ହୋଇ ଯାଉଥିବା ବେଳେ ଅଜସ୍ର ସାଧନା, ପରାକାଷ୍ଠା, ଜ୍ଞାନର ଉପଯୋଗ କରି ସେ ଏହି ଶିଳ୍ପକଳାର ଜୀବନ୍ତ ଶିଳ୍ପୀ ଥିଲେ । ତାଙ୍କର ନା ଥିଲା କୌଣସି ଗର୍ବ, ନା ଅହଙ୍କାର । ଅନେକ ଶିଷ୍ୟଙ୍କୁ ଏହି ମନ୍ଦିର, ମୂର୍ତ୍ତି



ନିର୍ମାଣର କୌଶଳ ଶିକ୍ଷା ଦେଇ ନିଜକୁ ଗର୍ବିତ ବୋଧ କରୁଥିଲେ ବିମ୍ବାଧର । ଗଭୀର ନିଷ୍ଠା, ଆତ୍ମବଳ, ତ୍ୟାଗ ଜରିଆରେ ସେ ଯତ୍‌ପରୋନାସ୍ତି ଶିଳ୍ପକଳାକୁ ବଞ୍ଚାଇ ରଖିଥିଲେ ।

କେବଳ ସ୍ଥାନୀୟ ଅଞ୍ଚଳ କାହିଁକି ସାରା ଇଲାକାରେ ବିମ୍ବାଧରଙ୍କ ଖ୍ୟାତି ପ୍ରସାରିତ ହୋଇଥିଲା । ଦୂରଦୂରାନ୍ତରୁ ବି ମନ୍ଦିର ନିର୍ମାଣ କରିବାକୁ ତାଙ୍କ ନିକଟକୁ ଡାକରା ଆସୁଥିଲା ।

ବିମ୍ବାଧରଙ୍କ ବୟସ ପଞ୍ଚଷଠି ହେବ । ସାରା ଜୀବନ ଏପରି ମୂର୍ତ୍ତି ଓ ସ୍ଥାପତ୍ୟ କଳାରେ ହିଁ ବିତିଗଲା । ତଥାପି ତାଙ୍କ ମନରେ ଅନେକ ଅବସୋସ ଥିଲା ଯେ, ସେ ଏଯାଏ ଭଲ ମନ୍ଦିରଟିଏ ତିଆରି କରି ପାରିନାହାନ୍ତି ।

ମନ୍ଦିରରେ ନାନା ପ୍ରକାର କିମ୍ବଦନ୍ତୀର ଚିତ୍ର ଫୁଟାଇବାରେ ବିମ୍ବାଧର ଥିଲେ ସିଦ୍ଧହସ୍ତ । ନର୍ତ୍ତକୀଙ୍କ ନିଖୁଣ ଅଭିନୟର ମନ୍ତ୍ରମୁଗ୍ଧ ଚିତ୍ରରାଜି, ଯୁଦ୍ଧକଳା, ପ୍ରାଚୀନ ବାଣିଜ୍ୟ ଆଦିର ଭାଷା ପାଷାଣ ଦେହରେ ଖୋଦନ କରିବାରେ ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ଶିଳ୍ପୀ । ଅବିଶ୍ରାନ୍ତ ପ୍ରତିଭାର ପରମ ପୂଜନୀୟ ବିମ୍ବାଧରଙ୍କ ଜୀବନରେ ତଥାପି ଥିଲା କେବଳ ଦୁଃଖ ହିଁ ଦୁଃଖ ।

ଅନେକ ଦଶନ୍ଧି ଧରି ପଥର ଦେହରେ ଭାଷା ଫୁଟାଇଛନ୍ତି ବିମ୍ବାଧର । ଶହ ଶହ ଦେବତାଙ୍କ ପ୍ରତିମୂର୍ତ୍ତିର ମହାନାୟକ ବି ସେ ପାଲଟିଛନ୍ତି । ଭାଗ୍ୟର ଦେବୀ, ସମୁଦ୍ର ଦେବତା, ବାୟୁ ଦେବତା, ଧନର ଦେବୀ, ହନୁମାନ, ରାମ, ଲକ୍ଷ୍ମଣ, ସୀତା... କାହାକୁ ସେ ବାଦ୍ ଦେଇ ନାହାନ୍ତି । ଅନେକ ନବଗ୍ରହଙ୍କ ଚିତ୍ର ବି କଠିନ ପ୍ରସ୍ତର ବୁକୁରେ ସେ ଖୋଦିତ କରିଛନ୍ତି । ଥରେ ପଥର ଦେହରେ ନିହାଣ ଚାଲିଲେ ତାହା ସହଜରେ ବନ୍ଦ ହୁଏନା । ନିମଗ୍ନ ଚିତ୍ତ, କଠୋର ସାଧନାର ରୂପାୟନ, ନିର୍ଦ୍ଦୟ ପ୍ରସ୍ତର ଗାତ୍ରରେ ହଜାର ହଜାର ଭକ୍ତଙ୍କ ମାନସିକତାର ପୂର୍ଣ୍ଣ ଆଶା ଭରି ଦେବାକୁ ବିମ୍ବାଧର କି ବ୍ୟଗ୍ର ନୁହନ୍ତି ସତରେ !

ଭକ୍ତମାନେ ଥରେ ମନ୍ଦିରରେ ପ୍ରବେଶ କଲେ ନାନା ପ୍ରକାର ମନୋସ୍କାମନା ରଖନ୍ତି । ବ୍ୟକ୍ତିଗତ ସୁବିଧା, ସମସ୍ୟାର ମୁକୁଳିବା, ଉତ୍ତମ ଜୀବନ ଲାଭ କରି କାଳାତିପାତ କରିବା, ସମସ୍ତ ବିପଦରୁ ମୁକ୍ତି ପାଇବା...ଇତ୍ୟାଦି ଲାଗି କେଉଁ ଭକ୍ତ ବ୍ୟଗ୍ର ନୁହନ୍ତି ? ଭଜନ, କୀର୍ତ୍ତନ ଆଦି ଜରିଆରେ ନିଜ ନିଜ କାମନାର ପୂରଣ ଲାଗି ଭକ୍ତଙ୍କ ରୀତିନୀତି, ବିଧି ଚାଲି ଆସିଛି । ହେଲେ ବିମ୍ବାଧର ସମସ୍ତଙ୍କ ଠାରୁ ଊର୍ଦ୍ଧ୍ୱରେ । ସେ କେବେକେବେ କହନ୍ତି– ଆଗକୁ ଭଲ ଦିନ ଆସୁଛି । ଭକ୍ତଙ୍କ ମନୋବାଞ୍ଛା ପୂରଣ କରିବାକୁ କେଉଁ ଦେବତା କାହିଁକି କପଟ କରିବେ ?

ଗଲା କେଇଦିନ ଧରି ବେଶ୍ ମନକଷ୍ଟରେ ଥିଲେ ବିମ୍ବାଧର । କାରଣ ତାଙ୍କ ଦେହ ଅତି ଖରାପ ଅବସ୍ଥାକୁ ଚାଲି ଯାଇଥିଲା । ବୟସାଧିକ୍ୟ କାରଣରୁ ସେ ଆଉ କାମ କରିପାରୁ ନ ଥିଲେ । ତେଣେ ଘରେ ବି ଦାରିଦ୍ର୍ୟର କଳାବାଦଲ । ସର୍ବଦା ଆର୍ଥିକ ଦୁଃସ୍ଥିତି ମଧ୍ୟରେ କାଳ କାଟୁଥିଲେ ପରିବାର । କିଛି ଦିନ ତଳେ ଚିକିତ୍ସା ଅଭାବରୁ ଝିଅର ଜୀବନ ଚାଲିଯାଇଥିଲା । ଏବେ ସ୍ତ୍ରୀ ଓ ସେ ପଡ଼ିଛନ୍ତି ଦେହକଷ୍ଟରେ । ଯାହା ଟଙ୍କାପଇସା ଥିଲା ସେସବୁ ସରି ଆସିଲାଣି । ଯେଉଁମାନଙ୍କୁ ସେ ସହାୟତା ମାଗୁଛନ୍ତି ସେମାନେ ପାରିପାର୍ଶ୍ୱିକ ଅବସ୍ଥା ଦେଖି ସହାୟତା ଦେବାକୁ କୁଣ୍ଠାବୋଧ କରୁଛନ୍ତି । ବୟସ୍କ ଲୋକଙ୍କୁ ଟଙ୍କା ଦେଲେ ତାହା ପାଣିରେ ପଡ଼ିବା ସାର ହେବ । ଏଥିଲାଗି ପ୍ରାୟ ସମସ୍ତେ ବିମ୍ବାଧରଙ୍କୁ ଦେଖିଲେ ନ ଦେଖିବା ପରି ଚାଲି ଯାଉଥିଲେ ।

ଦିନେ ବିମ୍ବାଧର ଶେଯରୁ ଉଠି ପାରିଲେ ନାହିଁ । ଭୟଙ୍କର ଯନ୍ତ୍ରଣା ଓ ଜ୍ୱର । ପ୍ରଥମ ଓ ଶେଷ ଥର ଲାଗି ସେ ଅନେକ ଦେବତା ଓ ଦେବୀଙ୍କୁ ପ୍ରାର୍ଥନା କଲେ । କିଛି ସମୟ ପରେ ସେ ଚିରଦିନ ଲାଗି ଆଖି ବୁଜିଦେଲେ ।


ବାର୍ଷିକ ଗ୍ରାହକ ହୁଅନ୍ତୁ
ଘରେ ବସି ରେବତୀ ପାଆନ୍ତୁ

ରିହାତି ୧୭%

ବାର୍ଷିକ ଗ୍ରାହକ ଯୋଜନା



- ଏକ ବର୍ଷ ପାଇଁ ଟ.୫୦୦.୦୦ (ପାଞ୍ଚଶହ ଟଙ୍କା), ଡାକଖର୍ଚ୍ଚ ୨୫୦.୦୦ ଟଙ୍କା ଅତିରିକ୍ତ । ସମୁଦାୟ ୭୫୦.୦୦ ଟଙ୍କା ପଠେଇବାକୁ ପଡ଼ିବ ।
- ପତ୍ରିକା ରେଜିଷ୍ଟାର୍ଡ ଡାକ (ନିରାପଦ ଡାକ ବ୍ୟବସ୍ଥା)ରେ ଆପଣଙ୍କ ଘରେ ପହଞ୍ଚିବ । ସାଧାରଣ ଡାକରେ ପତ୍ରିକା ପଠାଯାଏ ନାହିଁ ।
- ବାର୍ଷିକ ଦେୟ 'ରେବତୀ ମିଡିଆ ହାଉସ ପ୍ରା. ଲିଃ.' ନାମରେ ଥିବା ବ୍ୟାଙ୍କ ଖାତାକୁ ପଠାଇବେ ।
- ନିଜର ସମ୍ପୂର୍ଣ୍ଣ ଡାକ ଠିକଣା, ପିନ୍‌କୋଡ୍ ନମ୍ବର ଏବଂ ଟେଲିଫୋନ୍ ନମ୍ବର ନିମ୍ନରେ ପ୍ରଦତ୍ତ ଟେଲିଫୋନ୍ ନମ୍ବରର ହ୍ୱାଟ୍‌ସ୍‌ଆପ୍‌କୁ ପଠାଇବେ ।
- ଟଙ୍କା ପୈଠ ହୋଇଥିବାର ପ୍ରମାଣ ସ୍ୱରୂପ ବ୍ୟାଙ୍କ ରିସିପ୍ଟଟି ଆମକୁ ପଠାଇବେ ।



ଯୋଗାଯୋଗ : ରେବତୀ କାର୍ଯ୍ୟାଳୟ, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ଓଟି ରୋଡ୍, ବାଲେଶ୍ୱର-୧, ଫୋନ : ୭୦୦୮୮୪୫୯୨୦

**Bank Details**
**Benificiary Name : Rebati Media House Pvt Ltd.**
**Bank Name : HDFC BANK (India), Balasore**
**Account No : 50200033907121**
**IFSC Code : HDFC0000366**

www.rebatee.in
୪୦/-
ରେବତୀ
ଆମ ମାଟିର ସ୍ୱର

ଧାରାବାହିକ
ଚରିତ-ଉପନ୍ୟାସ



# ଦାସେ ଆପଣେ

୨୯

# ଦାସେ ଆପଣେ

**ପବିତ୍ର ମୋହନ ଦାଶ**
ଅଧ୍ୟାପକ : ଇଂରାଜୀ ବିଭାଗ,
ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ, ବାଲିପୁଟ, ପୁରୀ
ଫୋନ : ୯୪୩୭୨୦୭୫୪୮

ଫଟୋ ସୌଜନ୍ୟ : ଲେଖକ
ପୋଟ୍ରେଟ୍ : ସଂଜୟ ରାଉଳ


ଔପନ୍ୟାସିକ ପବିତ୍ର ମୋହନ ଦାଶ

'ଦାସେ ଆପଣେ' କହିଲେ ଆମ ସାମ୍ନାରେ ଭାସି ଉଠେ ଯେଉଁ ଛବିଟି, ସେ ହେଲେ ଗୋପବନ୍ଧୁ ଦାସ । ଉତ୍କଳର ମଣି ସେ । ଉତ୍କଳମଣି । କୋଟି କୋଟି ଓଡ଼ିଆଙ୍କ ମନପ୍ରାଣରେ ବସା ବାନ୍ଧିଥିବା ଏ ମଣିଷ ଜଣକ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ । ଆଧୁନିକ ଯୁଗର ପଞ୍ଚସଖାମାନଙ୍କ ମଧ୍ୟରେ ସେ ଥିଲେ ଅନ୍ୟତମ । ଭକ୍ତକବି ମଧୁସୂଦନ ରାଓଙ୍କ ନିଷ୍ପତ୍ତି କ୍ରମେ, ଗୋପବନ୍ଧୁ ସାକ୍ଷୀଗୋପାଳର ବକୁଳ ଓ ଛୁରିଆନା କୁଞ୍ଜରେ ପ୍ରତିଷ୍ଠା କରିଥିଲେ ସତ୍ୟବାଦୀ ବନ ବିଦ୍ୟାଳୟ । ଏହି ବିଦ୍ୟାଳୟରୁ ସେତେବେଳେ ଜାତୀୟ ସ୍ୱାଧୀନତା ଆନ୍ଦୋଳନ ପରିଚାଳିତ ହେଉଥିଲା । ୧୯୧୮ରୁ ୧୯୨୦ ମଧ୍ୟରେ ଓଡ଼ିଶାରେ ସଂଘଟିତ ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ଅନାବୃଷ୍ଟି ତାଙ୍କୁ ମର୍ମାହତ କରିଥିଲା । ସେ ଚୂଡ଼ା, ଚାଉଳ ଧରି ପ୍ରପୀଡ଼ିତ ଅଞ୍ଚଳରେ ବାଣ୍ଟିଥିଲେ ।

ତାଙ୍କରି ଅମୂଲ୍ୟ ଓ ଅତୁଳ୍ୟ ଜୀବନକୁ ନେଇ କବି ପବିତ୍ର ମୋହନ ଦାଶ ଆରମ୍ଭ କରିଛନ୍ତି ଏଇ ଉପନ୍ୟାସ । ତେବେ ଗୋପବନ୍ଧୁଙ୍କୁ ନେଇ କାହିଁକି ? ଅନେକ ଜୀବନୀ ତାଙ୍କର ପ୍ରକାଶିତ । ତାଙ୍କ ସମସାମୟିକମାନଙ୍କ ଆତ୍ମଜୀବନୀ ଗୁଡ଼ିକରେ ମଧ୍ୟ ତାଙ୍କ ବିଷୟରେ ବର୍ଣ୍ଣନା ଉପଲବ୍ଧ । କିନ୍ତୁ ତାଙ୍କର ବୃହତ୍ ପୂର୍ଣ୍ଣାଙ୍ଗ ଜୀବନୀଟେ କାହିଁ ? ସୁତରାଂ ଜୀବନୀ ନଲେଖି ଉପନ୍ୟାସ କାହିଁକି ? ଏମିତି ଏକ ପ୍ରଶ୍ନ ଆସିପାରେ । ଗୋପବନ୍ଧୁ ଓଡ଼ିଆ ଜାତିର ଗଣ ଅବଚେତନରେ ସଂଚିତ ଏକ ଶିହରଣ । ତାଙ୍କ ନାଁ ଶୁଣିବା ମାତ୍ରେ କରୁଣା, ଉଦାରତା, ତ୍ୟାଗ, ତପସ୍ୟା, ମାନବିକତା ଓ ସତ୍ୟରେ ଗଢ଼ା ଏକ ଉଜ୍ଜ୍ୱଳ ମୂର୍ତ୍ତି ଆମ ସାମ୍ନାରେ ଉଭା ହୁଏ । ସଂଗ୍ରାମୀ, କବି, ସାମ୍ବାଦିକ, ସମ୍ପାଦକ, ଶିକ୍ଷକ, ଶିକ୍ଷାବିତ୍, ରାଜନେତା, ବିଧାୟକ, ଏମିତି କେତେ ଉପାଦାନରେ ଭରା ତାଙ୍କ ଜୀବନ । ସାଧାରଣ ଜନତା ପାଇଁ ସେ ପରମ କାରୁଣିକ । ଅବିରତ ନିଜ ଆଖିରୁ ଲୁହ ଝରାଇ ଅନ୍ୟ ଆଖିରୁ ଲୁହ ପୋଛୁଥିବା ଜଣେ ଦରଦୀ ପରିବ୍ରାଜକ । ତଙ୍କ ଜୀବନ କୌଣସି ଉପନ୍ୟାସ ଠାରୁ କମ ରୋମାଞ୍ଚକ ନୁହେଁ । ସେ ଆମ ପାଇଁ କେବଳ ଇତିହାସ ଓ ତଥ୍ୟ ନୁହଁନ୍ତି । ସେ ଚଳନ୍ତି କିମ୍ବଦନ୍ତୀ, ଓଡ଼ିଆ ଜାତିର । ତାଙ୍କ ମୃତ୍ୟୁରେ ବ୍ୟଥିତ ସେ ସମୟର ତରୁଣ ବିପ୍ଳବୀ ସୁଭାଷ ଚନ୍ଦ୍ର ବୋଷ କହିଥିଲେ, ଗୋପବନ୍ଧୁଙ୍କ ସହକର୍ମୀମାନେ ତାଙ୍କ ବିସ୍ମୟକର ଜୀବନ ବିଷୟରେ ଦୁନିଆକୁ ଜଣାନ୍ତୁ ।

ଏ ଉପନ୍ୟାସଟି ବସ୍ତୁତଃ ତାଙ୍କ ବିସ୍ମୟକର ଜୀବନ ଭିତରକୁ ପ୍ରବେଶର ଏକ ବିମଳ ପ୍ରୟାସ । ଦାସେ ଆପଣେ ଶିରୋନାମାରେ ରଚିତ ଏ ଚରିତ-ଉପନ୍ୟାସଟି ଲେଖକଙ୍କ ବହୁବର୍ଷର ଗବେଷଣା ଓ ଅନୁଧ୍ୟାନର ଫଳଶ୍ରୁତି । 'ରେବତୀ'ରେ ଏହା ଜାନୁଆରୀ ୨୦୨୦ ଠାରୁ ଧାରାବାହିକ ଭାବେ ପ୍ରକାଶ ପାଉଛି । ଆଶା, ଆମର ପାଠକଙ୍କୁ ଏହା ନୂଆ ସ୍ୱାଦ ଦେବ ।

**ପବିତ୍ର ମୋହନ ଦାଶ:** ଆମ ସମୟର ଜଣେ ପ୍ରଖର କବି । ସେ କବିତା ସର୍ଜନା ସହିତ ଉପନ୍ୟାସ ଓ ପ୍ରବନ୍ଧ ମଧ୍ୟ ଲେଖନ୍ତି । ତାଙ୍କ ରଚିତ ବହିଗୁଡ଼ିକ ହେଲା: (କବିତା) ବଜ୍ରବଂଶୀ, ରକ୍ତଶସ୍ୟ, ସ୍ୱପ୍ନମେଧ, ମେଘସଂଚାର, ବିକ୍ଷୁବ୍ଧ ସମୁଦ୍ର, ଦାଣ୍ଡିବୃତ୍ତ । (ଉପନ୍ୟାସ) ହଂସହାନି, ପାହାର । (ପ୍ରବନ୍ଧ) ମୂଲ୍ୟାୟନର ପ୍ରଶ୍ନ ।

ଦିନକର କଥା, ଗୋପବନ୍ଧୁ ସାକ୍ଷୀଗୋପାଳରେ ଥାଆନ୍ତି । ଅନ୍ୟମାନଙ୍କୁ କହିଥାନ୍ତି ମୋତେ ଟିକେ ନିରୋଳାରେ ରହିବାକୁ ଦିଅ । ଦେହ ଲାଗୁଥାଏ ସାମାନ୍ୟ ଅସୁସ୍ଥ । ବିଦ୍ୟାଳୟ, ରାଜ୍ୟ ଆଉ ଦେଶର ତ୍ରିକୋଣୀୟ ଚିନ୍ତା ଭିତରେ ତାଙ୍କୁ ଘାଣ୍ଟି ହେବାକୁ ପଡୁଥାଏ । କିଏ କଣ ଚିନ୍ତା କରୁଥାଇ ପାରେ କିନ୍ତୁ ତାଙ୍କ ମନରେ ଜହ୍ନରାତିର ସଂକଳ୍ପ ଦାଉ ଦାଉ ହୋଇ ଜଳୁଥାଏ । ମଲା ବେଳେ ଦେଶକୁ ଉନ୍ନତ ଦେଖି ମରିବାର ଶପଥ ପଥରରେ ଗାର ପରି ତାଙ୍କ ହୃଦୟରେ ଗାଢ଼ ଭାବେ ଅଙ୍କିତ ହୋଇଥାଏ । ସେ ଆଉ ଯାହା କରୁଥାନ୍ତି ସବୁ ସେଇ ଶପଥ ପୂରଣ ପାଇଁ ଯୋଜନା ଓ ଆୟୋଜନ । ହେଲେ ଏହା ଭିତରେ ପରିବାର ପ୍ରତି ଯେ ସେ ଦାୟିତ୍ୱରେ ହେଳା କରିଛନ୍ତି ଏକଥା ତାଙ୍କ ମନରେ ଥାଏ । ଏ ଭିତରେ ବଡ଼ ଝିଅ ରଙ୍ଗର ବାହାଘର ହୋଇ ଗଲାଣି । ସେ ତା'ର ସ୍ୱାମୀ ରତ୍ନାକର ସହ ଖୁସିରେ ଅଛି । ହେଲେ ବିବାହର ପୂର୍ବବର୍ତ୍ତୀ ସମୟର ବିଭିନ୍ନ କଥା ତାଙ୍କର ଝାପ୍‌ସା ମନେ ପଡ଼ୁଛି । ସତ୍ୟବାଦୀ ସ୍କୁଲ୍‌ରେ ବିଭିନ୍ନ ପ୍ରକାରର କଥା ତାଙ୍କ ମନକୁ ଆସୁଛି । ମନେ ପଡ଼ୁଛି ସେଦିନର କଥା । ପିଲାଙ୍କ କଥା ମନକୁ ଆସିଲେ ନିଜ ପିଲା ପର ପିଲା ଭିତରେ ଫରକ ଦିଶୁନି । ବିଦ୍ୟାଳୟର ପିଲା ଯେମିତି ରଙ୍ଗ କୀର୍ତ୍ତିମୟୀ ବି ସେମିତି । ପିଲେ ଯେମିତି ବାଳ ଗୋପାଳ ।



ଗୋପବନ୍ଧୁଙ୍କ ବଡ଼ ଝିଅ ରଂଗ

୧୯୧୫ ମସିହାର ଜନ୍ମାଷ୍ଟମୀ ତିଥି ମନେ ପଡେ । ଗୋପବନ୍ଧୁଙ୍କ ଲାଗି ବିଶେଷ ଦିନ । ଆକାଶରେ ନୀଳ ମେଘର ବିଶ୍ୱରୂପ । ତାଙ୍କୁ ଲାଗୁଥାଏ ସାରା ସଂସାର କୃଷ୍ଣମୟ । ସକାଳୁ ଚନ୍ଦନ ପୋଖରୀରେ ଗାଧୁଆ ସାରି ମଠା ଖଣ୍ଡିଏ ପିନ୍ଧି ଆଉ କାନିଟି କାନ୍ଧରେ ପକାଇ କଠଉ ମାଡି ସେ ସାକ୍ଷୀଗୋପୀନାଥଙ୍କୁ ଦର୍ଶନ କଲେ । ପ୍ରାର୍ଥନାରେ ଧନ, ଜନ, ଗୋପ ଲକ୍ଷ୍ମୀ ଅପେକ୍ଷା ସେ ମନାସୁଥିଲେ ଦେଶର ମଙ୍ଗଳ, ବିଦ୍ୟାଳୟର ପିଲାମାନଙ୍କର ମଙ୍ଗଳ, ଭାରତ ଜନନୀର ଦାସତ୍ୱରୁ ମୁକ୍ତି । ଆଖି ଦୁଇଟି ଯେମିତି ସେହି ମଙ୍ଗଳମୟ ମୂର୍ତ୍ତି ଉପରେ ସ୍ଥିର, ଆଉ ସବୁ କିଛି ଅବାନ୍ତର । ଏମିତି ସେ ଦିନ ସାରା କୃଷ୍ଣ ଭାବରେ ବୁଡି ରହିଲେ । ପିଲାଟିଏ କିଏ ପାଖକୁ ଆସିଲେ ଲାଗେ ଯେମିତି ବାଳ ଗୋପାଳ । ତିନିଟା ହେଲା ବେଳକୁ ବିଦ୍ୟାଳୟର ସବୁ ଛାତ୍ରଙ୍କୁ ଡକା ଗଲା । ଦେଉଳ ବେଢାର ଝୁଲଣ ମଣ୍ଡପ ଉପରେ ସମସ୍ତେ ଏକାଠି ହେଲେ । ସହଜେ ଅନେକ ସମୟରେ ସେ ଛାତ୍ରମାନଙ୍କୁ କୁହନ୍ତି ।

'ପରମ ଶାସ୍ତ୍ର ଭାଗବତ
ଅଭ୍ୟାସ କରୁଥିବ ନିତ୍ୟ ।'

ଯୋଗକୁ ପୁଣି ସେଦିନ କୃଷ୍ଣଙ୍କ ଦିନ । କୃଷ୍ଣ ଜନ୍ମ ପର୍ଯ୍ୟନ୍ତ ନିହାତି ଭାଗବତ ପଢିବା କଥା । ଗୋପବନ୍ଧୁ ଆରମ୍ଭ କଲେ ଆବୃତ୍ତି । ଭାବ ଅନୁସାରେ ତାଙ୍କ ମୁହଁ ବଦଳୁ ଥାଏ । ଆଖିରୁ ଝରି ପଡୁଥାଏ ଟୋପା ଟୋପା ଲୁହ । ମନେ ମନେ ସେ ଯେମିତି କେବଳ କୃଷ୍ଣଲୀଳା ଦେଖୁଛନ୍ତି । ଦେଖୁଛନ୍ତି ଲୀଳାମୟଙ୍କ ବିଶ୍ୱରୂପ । ସେ ରୂପ ପୁଣି ପରିଣତ ହେଉଛି ହସ ହସ ଶିଶୁଟିଏରେ । ମଣ୍ଡପ ଉପରେ ସମସ୍ତେ ସ୍ତବ୍ଧ ଓ ତଟସ୍ଥ । ପରିବେଶ ଏତେ ଭାବମୟ ହୋଇଗଲା ଯେ ଉପସ୍ଥିତ ସମସ୍ତେ ଭକ୍ତି ରସରେ ଜାରିତ ହୋଇଗଲେ । ଯେଉଁମାନେ ଗୋପବନ୍ଧୁଙ୍କ ଏ ତନ୍ମୟତା ଅନ୍ୟ କୌଣସି ଘଟଣାରେ ଦେଖି ନଥିଲେ ସେମାନେ ଚକିତ ହୋଇ ଚାହିଁ ରହିଥାନ୍ତି ।

ଶେଷରେ ପ୍ରସାଦ ସେବନ । ପିଲାଙ୍କ ପାଇଁ ତାହା ଆକାଂକ୍ଷିତ ସମୟ । ପିଲାଏ ପଙ୍ଗତରେ ବସିଲେ । ସେମାନଙ୍କୁ ଖୁଆଇବା ଗୋପବନ୍ଧୁଙ୍କୁ ଲାଗିଲା ସେ ଯେମିତି ଅନେକ ବାଳ ଗୋପାଳଂକୁ ଭୋଜନ କରାଉଛନ୍ତି । ନିଜ ପିଲା ରଙ୍ଗ(ସାରଙ୍ଗୀଣି) ଓ କୀର୍ତ୍ତିମୟୀ(କେତକୀ) ଏ ଦୁହେଁ ମଧ୍ୟ ପିଲାଙ୍କ ଭିତରେ ବସି ଥାଆନ୍ତି । ଭାବମୟ ପରିସ୍ଥିତିରେ ପର୍ବ ସରେ ।

ସେଇ ଦିନୁ ସ୍ଥିର ହୁଏ ଯେ ପ୍ରତି ବର୍ଷ ଜନ୍ମାଷ୍ଟମୀରେ ବିଦ୍ୟାଳୟରେ ଉତ୍ସବ ହେବ ।

ସେହିଭଳି ଗଣେଶ ଚତୁର୍ଥୀ ଓ ଶ୍ରୀପଞ୍ଚମୀ ଦିନ ଗୁଡ଼ିକରେ ମଧ୍ୟ ଏପରି ଉତ୍ସବ ହୁଏ । ଉତ୍ସବରେ ଜାତି ନିର୍ବିଶେଷରେ ସମସ୍ତଙ୍କୁ ନିମନ୍ତ୍ରଣ ଦିଆଯାଏ । ସ୍ଥାନୀୟ ଅଞ୍ଚଳର ମୁରବି ଓ ପୃଷ୍ଟପୋଷକ ମାନେ ଉତ୍ସବକୁ ନିମନ୍ତ୍ରିତ ହୋଇ ଆସନ୍ତି । ପଙ୍‌କ୍ତି ଭୋଜନ ବେଳେ ବିଭିନ୍ନ ହାସ ପରିହାସ ହୁଏ । କଥାଛଳରେ ଖାଇବାକୁ ନେଇ ପ୍ରତିଯୋଗିତା ମଧ୍ୟ ହୁଏ । ଥରେ ବିଦ୍ୟାଳୟର ଅନ୍ୟତମ ପୃଷ୍ଠପୋଷକ ବିହାରୀ ହୋତାଙ୍କୁ ଗୋପବନ୍ଧୁ ଟିକେ ଛଳେଇ କରି କହିଲେ, "ହୋତା ମହାଶୟ ! ଆଉ ଦୁଇଟି ଅମାଲୁ ହେଉ ।"

"ଆଉ ଅମାଲୁ ! ମୋର ପେଟର ଅବସ୍ଥା ଦେଖୁଛନ୍ତି ତ ଆପଣେ ? ତହିଁକି ଆହୁରି ଗିଳିବି ?" ଉତ୍ତର ଦେଲେ ହୋତାଏ ।

ଗୋପବନ୍ଧୁ ଆଉ ଟିକେ ଛଳେଇ କହିଲେ, "ଯେଉଁ ପେଟ ଆଠଟି ଅମାଲୁ ଖାଇପାରେ ସେ କଣ ଆଉ ଦୁଇଟିକୁ ହଜେଇ ଯିବ ?"

ଗୋପବନ୍ଧୁଙ୍କ ଏ ଉତ୍ତରରେ ଟିକେ ଭିଡି ମୋଡି ହୋଇସାରି ହୋତାଏ କହିଲେ, "ଆପଣଙ୍କ ଶରଧାକୁ ତ ଆଉ ଏଡି ଦେଇ ହେବନି ।"

ତା ପରେ ଆଉ ଦୁଇଟି । ଏମିତି କୌତୁକ ଓ ବିନୋଦନ ଭିତରେ ହୋତା ମହାଶୟ ଢେର ଅମାଲୁ ଖାଇଲେ । ପିଲାମାନଙ୍କ ମେଳରେ ତାହା ହସ ହୋଇ ସଂଚରି ଗଲା । ଏମିତି ବିଦ୍ୟାଳୟ ବଢି ଉଠୁଥାଏ, ସତ୍ୟବାଦୀ ବିଦ୍ୟାଳୟର ସ୍ଥିତି,ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ସଂଘର୍ଷ ଭିତରେ ଗୋପବନ୍ଧୁ ଭୁଲି ସାରିଥିଲେ ଯେ ତାଙ୍କ ଦୁଇ ଝିଅ ବଡ଼ ହେଉଛନ୍ତି । ସେମାନଙ୍କ ରହିବାରେ ମଧ୍ୟ ଠିକଠିକଣା ବୋଲି କିଛି ନଥାଏ । ସେମାନଙ୍କର ପାଠ ପଢ଼ାର ବିଶେଷ ଯତ୍ନ କିଛି ନିଆ ହେଉ ନଥାଏ । ଜାଣିବା ଲୋକେ କହନ୍ତି, "ଗୋପ ଦେଶକୁ ଟେକି ଧରିବାକୁ ପଣ କରିଛି । ଏଣେ ନିଜ ପିଲେ ହନ୍ତସନ୍ତ ।" ପ୍ରକୃତରେ ଦୁଇ ଝିଅ ରଙ୍ଗ ଓ କେତକୀଙ୍କର ରହିବାରେ କୌଣସି ଠିକଠିକଣା ନଥାଏ । ବେଳେବେଳେ ଗୋପବନ୍ଧୁ ଚିନ୍ତା କରୁଥାନ୍ତି ମୋତି ଥିଲେ କଣ ସେ ପିଲାମାନଙ୍କ ପ୍ରତି ଏତେ ଦାୟିତ୍ୱହୀନ ହୋଇ ପାରିଥାନ୍ତେ ? ହୁଏତ ତାଙ୍କ ପାଇଁ କାମ ନରଖି ମୋତି ପିଲାଙ୍କ କଥା ବୁଝିଥାନ୍ତେ । ଅନ୍ୟ କଥା ପଛକୁ ଥାଉ ସେ ନିଜେ ପିଲା ଦୁହିଁଙ୍କ ସହ କେତେ ବା ସମୟ କାଟୁଛନ୍ତି ? ମାତୃହୀନା ନିରୀହ ପ୍ରାଣ ଦୁଇଟିକୁ ସେ କଣ ଶ୍ରଦ୍ଧା କରିବାକୁ ବେଳ ପାଉଛନ୍ତି ? ସେମାନଙ୍କ ଜୀବନ ଲାଗି କୌଣସି ନିର୍ଦ୍ଦିଷ୍ଟ ଯୋଜନା ମଧ୍ୟ ହେଉ ନାହିଁ । ସେମାନଙ୍କ ପାଠପଢାକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆ ଯାଉନାହିଁ । ବାହାର ଲୋକେ ହୁଏତ ନିକୁଟି ଦେଖିଲେ କହନ୍ତେ, "ଦାଣ୍ଡ ଆଲୁଅ କରିବ ବୋଲି କଣ ଘର ଅନ୍ଧାର ରଖିବ ?"

ରଙ୍ଗ ଓ କେତକୀ କେତେବେଳେ ନନାଙ୍କ ସାଙ୍ଗେ ପୁରୀ ଯାଇ ଦଇତାପତା



ଗୋପବନ୍ଧୁଙ୍କ ସାନ ଝିଅ କେତକୀ

ସାହିରେ ରହନ୍ତି ତ କେତେବେଳେ ସୁଆଣ୍ଡୋରେ ଦଦେଇ ଓ ଦେଠେଇଙ୍କ ପାଖେ । ବେଳେବେଳେ ସତ୍ୟବାଦୀ ବୋଡିଙ୍ଗ୍‌ରେ ରହନ୍ତି । ଦିନକର, ଗୋପବନ୍ଧୁ କ୍ଳାନ୍ତିରେ ଘାଲେଇ ପଡ଼ିଥାନ୍ତି । ଛାଇ ନିଦରେ କାନରେ ପଡିଲା ରଙ୍ଗ ଓ କେତକୀର ଦୁଇ ଭଉଣୀଙ୍କର କଥାବାର୍ତ୍ତା । ଦିହେଁ ଧରି ନେଇଥାନ୍ତି ନନା ଶୋଇ ପଡିଛନ୍ତି । କେତେ କୁଆଡୁ ବୁଲାବୁଲି କରି ଆସିଛନ୍ତି । ନିଦ ଗାଢ଼ ହୋଇଥିବ । ତେଣୁ ଦି ଭଉଣୀ ଖୋଲା ମନରେ କଥା ହେଉଥାନ୍ତି ।

ରଙ୍ଗ କହେ, "ଆମ ନନାଙ୍କ କଥା ତ ଶୁଣିଥିବୁ ?"

କେତକୀ ଉତ୍ତର ଦିଏ, "କୋଉ କଥା ।"

"ନନାଙ୍କ ବାହାଘର କଥା । ବୋଉ ଗଲା ପରେ ତ ନନାଙ୍କୁ ଦଦେଇ ଆଉ ଥରେ ବାହା ହେବାକୁ ପ୍ରବର୍ତ୍ତାଇଲେ, ହେଲେ ନନା ଅମଙ୍ଗ ହେଲେ । କହିଲେ ମୁଁ ମରିଥିଲେ କଣ ତା ପାଇଁ ବର ଖୋଜିଥାନ୍ତ ? ଲୋକେ ସେତେବେଳେ ଧନ୍ୟ ଧନ୍ୟ କହିଲେ । ସେତିକିରେ ଅନ୍ୟମାନେ ଚୁପ୍ ହୋଇଥିଲେ । ଏବେ ମେଦିନୀପୁର ଅଞ୍ଚଳରେ ତାଙ୍କ ପାଇଁ ଲୋକ ପ୍ରସ୍ତାବ ପକାଇଥିଲେ । ସେଠାକାର ଜଣାଶୁଣା ଓକିଲ ରାଧାନାଥ ପତିଙ୍କ ଝିଅକୁ ଠିକ କରାହୋଇଥିଲା ।"

ନାନାଙ୍କର ଜଣେ ବନ୍ଧୁ କହିଲେ, "ଆପଣ ଦ୍ୱିତୀୟ ବିବାହ ପାଇଁ ପ୍ରଥମେ ମନା କଲେ ନୈତିକ କାରଣରୁ । ହେଲେ ଏବେ ଜାତୀୟ ଆବଶ୍ୟକତା ଲାଗି ଆପଣଙ୍କୁ ବିବାହ କରିବାକୁ ପଡିବ ।"

"ଜାତୀୟ ଆବଶ୍ୟକତା ଏଠି କେଉଁଠି ଆସିଲା । ବିବାହ ତ ଏକାନ୍ତ ବ୍ୟକ୍ତିଗତ ପ୍ରସଙ୍ଗ ।"

ଗୋପବନ୍ଧୁଙ୍କ ଏ ପ୍ରକାର ଉତ୍ତରରେ ସେମାନେ କହିଥିଲେ, "ଆପଣ ମେଦିନୀପୁର ଓଡିଶାର ବୋଲି ମାନୁଛନ୍ତିଟି ?"

"ମୁଁ ତ ସେଥିପାଇ ସର୍ବାନ୍ତକରଣରେ ଲଢୁଛି ।"

"ହଁ ଯେ । କିଛି କଥା ସୂତାକରେ ଛିଣ୍ଡେ ଆଉ କିଛି ପାଇଁ କୁରାଢୀ ଲୋଡ଼ା ପଡେ । ମେଦିନୀପୁର ନେତୃ ସ୍ଥାନୀୟ ଲୋକେ କହିଛନ୍ତି ଆମ ମାନଙ୍କ ଭିତରେ ବୈବାହିକ ସମ୍ପର୍କ ବଢିଲେ ମିଳନ ସହଜ ହେବ । ଗୋପବନ୍ଧୁ ବାବୁ ଜଣେ ନେତୃ ସ୍ଥାନୀୟ ଲୋକ ହିସାବରେ ଓକିଲ ରାଧାନାଥ ପତିଙ୍କ ଝିଅକୁ ବିବାହ କଲେ ମେଦିନୀ ପୁରର ମନ ବଦଳନ୍ତା ପର । ସେମାନେ ଗୋପବନ୍ଧୁଙ୍କୁ ଉଦାହରଣ ପରି ମନେ କରନ୍ତେ ।"

ହେଲେ ନନା କହିଲେ, "ଆଉ ବିବାହ କଲେ ମୁଁ ସତ୍ୟରେ ଦୋରେହା ହେବି । ରଙ୍ଗ, କେତକୀଙ୍କ ପାଖେ ଅପରାଧୀ ହେବି ।"

"ଏମିତି ହେଲେ କୁଆଡେ ମେଦିନୀପୁର ଆମ ରାଇଜ ସଂଗେ ମିଶିବା ସହଜ ହୋଇଥାନ୍ତା । ନନା ଏକଥାର ମର୍ମ ବୁଝୁଥିଲେ । ହେଲେ ସଫା ମନା କରିଦେଲେ । ନନା କମଳା ମା'ର ବିଧବା ହେବା କଥା ବୋଧେ ବେଶୀ କଷ୍ଟ ପାଇଛନି । ବେଳେ ବେଳେ ତ କହନ୍ତି– ଯଦି ନାନୀ ଅଳ୍ପ ବୟସରୁ ବିଧବା ହୋଇ ରହିଲା । ଏ ସମାଜ ତାକୁ ଦ୍ୱିତୀୟ ବିବାହର ସୁଯୋଗ ଦେଲା ନାହିଁ ତେବେ ମୁଁ କଣ ପୁରୁଷ ବୋଲି ସ୍ତ୍ରୀ ମଲା ପରେ ବିବାହ କରିଯିବି ? କେତେ ଜଣ ବିଧବା ପୁଣି ବାହା ହୋଇ ଘର କରିବାକୁ ସମର୍ଥ ହେଉଛନ୍ତି ?" ତାଙ୍କ କଥା ଆଉ ଛଳଛଳ ଆଖି ଦେଖି ସଭିଏଁ ଚୁପ । – ସିଏ ଏମିତି ବୈରାଗୀ ହୋଇ ରହିବେ । ସଂସାରଟେ ଥାଇ ବି ସେ ଅଘୋରୀ । ହେଲେ ଆମର କଣ ହେବ ? ଆମକୁ ଖାଲି ବିଲେଇ ଛୁଆ ପରି ପୁରୀରୁ ଗାଁ, ସୁଆଣ୍ଡୋରୁ ସତ୍ୟବାଦୀ ନେଇ ରଖୁଥିବେ ?"

ଏ କଥାର ଉତ୍ତରରେ କେତକୀ ବା କଣ କହନ୍ତା । ଧୀରେ କହିଲା, "ହଁ ଆମ କପାଳରେ ଯାହା ଥିବ ନାନୀ । ଆମକୁ ତ ବୋଉ ପର କରି ସଂସାର ଛାଡିଲା । ମା ମଲା ପିଲାର ଗେଲବସର ଆଉ କାହା ପାଖେ ।"

ଏମିତି ସୁଖଦୁଃଖ ହୋଇ ଦୁଇ ଭଉଣୀ ଶୋଇ ପଡିଲେ । ହେଲେ ଛାଇ ନିଦରେ ଥିବା ଗୋପବନ୍ଧୁଙ୍କ ନିଦ ଭାଙ୍ଗିଗଲା । ଆଉ ଆଖି କଷା ପଡି ନଥିଲା ।

ଏ କଥା ଗୋପବନ୍ଧୁଙ୍କ ଅନ୍ତର ମନ୍ଥି ପକାଇଲା । ଦେଶ କାର୍ଯ୍ୟ ଭିତରେ ବୁଡି ରହି ସେ ଯେ ପିଲାମାନଙ୍କ ପ୍ରତି କେତେ ଅନ୍ୟାୟ କରିଛନ୍ତି ତାହା ତାଙ୍କୁ ବେଶୀ ଘାରିଲା । ମୋତି ଜିଇଁଥିଲା ବେଳେ ସେ ପିଲାଙ୍କ ଜଞ୍ଜାଳ ଶ୍ରଦ୍ଧାର ସହ ତୁଲାଉଥିଲେ । ତା ନିଜ ପାଇଁ ଓ ପିଲାଙ୍କ ପାଇଁ ସେ ସମୟ ଦେଇ ପାରୁନାହାନ୍ତି ବୋଲି ମୁହଁରେ କେବେ ପ୍ରତିବାଦ କରି ନାହିଁ । ଅବହେଳା ଭିତରେ ତା'ର ଜୀବନ ଯାଇଛି । ଖାଲି ନିରବରେ ତାର ସବୁ କଥାକୁ ସମର୍ଥନ । ବ୍ରାହ୍ମଣ ଶାସନର ସବୁ ରକ୍ଷଣଶୀଳତା ବହୁ କଷ୍ଟରେ ସେ ସହିଛି । ତାକୁ ସେମିତି ସହିବା ହୁଏତ ଢେର କଷ୍ଟ ହୋଇଥିବ । ତା ଜୀବନ ସିନା ମୋ ସଙ୍ଗେ ଛନ୍ଦି ହୋଇଥିଲା । ହେଲେ ପିଲାମାନଙ୍କର ତ ପୁଣି ନିଜ ଜୀବନ ଅଛି । ସତରେ ସେ ସେମାନଙ୍କ ସୁଖ, ଦୁଃଖକୁ ବିଶେଷ ନଜର ଦେଇ ନାହାନ୍ତି ।

ଏବେ ବି ମନେ ପଡୁଛି ରଙ୍ଗ ବାହାଘରର ପ୍ରେକ୍ଷାପଟର ଘଟଣାବଳୀ ।

୧୯୧୬ ମସିହାର ଖରାଦିନ । ଝିଅ ଦୁହିଁଙ୍କ କଥବାର୍ତ୍ତା ଗୋପବନ୍ଧୁଙ୍କ ମନରେ ଥାଏ । ନିରୋଳାରେ ବସି ପଡିଲେ ମନ ଆଉଟି ହୁଏ । ଆଖିରୁ ଝରେ ଅବାରିତ ଲୁହ । ସତରେ ସେ ଦେଶ ଦଶର କାମ ନାଁରେ ମୋତି ଓ ଦୁଇ ଝିଅଙ୍କ ଘୋର ଅପମାନ କରିଛନ୍ତି । କାନ୍ଦି କାନ୍ଦି ଆଖି ଲାଲ ପଡିଯାଇଥାଏ । ଯୋଗକୁ ସେତିକି ବେଳେ ପହଂଚି ଗଲେ ବାସୁ ମହାପାତ୍ରେ ।

"ପ୍ରଣାମ ଆପଣେ ।" କହିଲେ ବାସୁଦେବ ।

"ହଁ ବାସୁଦେବ । ଆସ ବସ ।"

ନିଜ ଉପରେ ଟିକେ ବିରକ୍ତି ମିଶା ଗଳାରେ ନିରୁତ୍ସାହ ଭାବେ କହିଲେ ଗୋପବନ୍ଧୁ ।

"ଆପଣଙ୍କ ଆଖିର ଇଏ କି ରଙ୍ଗ ? କାନ୍ଦି କାନ୍ଦି ଲାଲ ।" ମୁହଁକୁ ଚାହିଁ ସେ ଅନୁମାନ କଲେ ଆପଣେ ଦୀର୍ଘ ସମୟ ଧରି ଲୁହ ଗଡାଇଛନ୍ତି ।

"ତୁମେ ରଙ୍ଗ କହିଲ ତ, ମୋ ଝିଅ ରଙ୍ଗ କଥା ମୋତେ ଘାରୁଛି । ଦୁଇ ଝିଅଙ୍କ କଥା ଯେବେଠୁ ଶୁଣିଲିଣି ମୋ ମନ ଅଣାୟତ୍ତ । ବଡ଼ ଝିଅ ରଙ୍ଗର ବିବାହ ନ ହେଲେ ମୁଁ ଏ ଜୀବନ ହାରିଦେବି । ସତ କହୁଛି ବାସୁ ମୁଁ ଆଉ ଏ ଗ୍ଲାନିର ଭାର ବୋହି ପାରୁନି । ଯେଉଁ ବାପ ଝିଅର କଥା ନ ବୁଝେ ତା'ର

ବଂଚି ରହିବା ନିରର୍ଥକ ।"

ଚମକି ପଡିଲେ ବାସୁଦେବ- ଯାହାର ସ୍ଥିତପ୍ରଜ୍ଞ ରୂପରେ ପରିବେଶ ନିରବ ହୋଇଯାଏ, ଯିଏ ପାହାଡ଼ ମୁଣ୍ଡାଇବାକୁ ବି ପଛାଏ ନାହିଁ, ଯିଏ ଅସହ୍ୟ ଦୁର୍ଦ୍ଦିନରେ ମଧ୍ୟ ଅଟଳ ସେ ଆଜି ଏତେ ଅଧୀର । ତହୁଁ ବାସୁଦେବ ପଚାରିଲେ, "କଣ କିଛି ଘଟିଛି ।"

"କଣ ଆଉ ଘଟିବ । ତୁମେ ରତ୍ନାକରକୁ ଧରି ପୁରୀ ଆସିବ ଦିନଠୁ ମୁଁ ଏକପ୍ରକାର ରଙ୍ଗ ପାଇଁ ତାକୁ ପାତ୍ର ବୋଲି ଧରି ନେଇଥିଲି । ଭାବିଥିଲି ପାଠ ପଢା ସରିଲେ କଥା ଆଗକୁ ବଢ଼ାଇବି । ସେ କାର୍ଯ୍ୟ କିପରି ହେବ ମୁଁ ଏବେ ବୁଝି ପାରୁ ନାହିଁ । ମୋ ଦି ଝିଅଙ୍କ କ୍ଷୋଭ ମୋ ଅନ୍ତର କୋରି ପକାଉଛି । ରଙ୍ଗ ଆଉ କେତକୀ ଭାବୁଛନ୍ତି ଯେ ସେମାନଙ୍କ ଭଲ ପାଇଁ ମୁଁ ଚିନ୍ତିତ ନୁହେଁ । ଏ କଥା ଜାଣିବା ପରେ ମୁଁ ଯୋଗାଯୋଗ ଆରମ୍ଭ କଲି । ହେଲେ ଏବେ ରତ୍ନାକର ଅମଙ୍ଗ । ନୀଳକଣ୍ଠ, ହରି କେହି ତାକୁ ବୁଝାଇ ପାରୁ ନାହାଁନ୍ତି । ତା ଭଳି ହୀରା ଖଣ୍ଡେ ଆଉ ପାଇବି କାହୁଁ !"

ବାସୁଦେବଙ୍କ ମନେ ପଡିଗଲା ଦି ବର୍ଷ ତଳର କଥା । ସେ ଓ ରତ୍ନାକର ପୁରୀ ଆସିଥାନ୍ତି ।

ମନରେ ସେ ସ୍ମୃତି ସାଇତା ହୋଇ ଅଛି । ଦି ବର୍ଷ ତଳ କଥା । ମନେ ପକାଇଲେ ବାସୁଦେବ । ପରୀକ୍ଷା ପରେ ରତ୍ନାକର ଓ ସେ ପୁରୀ ଆସିଥିଲୁ । ଆପଣେ ସେତେବେଳେ ହେରାଗୋହିରୀ ସାହିରେ ମାଧବବାବୁଙ୍କ ଘରେ ରହି ଓକିଲାତି କରିଥାନ୍ତି । ଦୁଇ ଝିଅ ରଙ୍ଗ ଓ କେତକୀ ଅଗଣାରୁ ଅନାବନା ଶାଗ ବାଛୁ ଥାଆନ୍ତି । ଆପଣେ କୁଆଡେ ଯାଇଥାନ୍ତି । ଆମ ଦୁହିଁଙ୍କ ପାଇଁ ଚାଉଳ ପକାଇବାକୁ କହି ଦୁହେ ମନ୍ଦିର ଗଲୁ । ତିନି ଠାକୁରଙ୍କ ଦର୍ଶନ ବଡ଼ ସୁଖଦ ହେଲା । ଗହଳି କମ ଥିବାରୁ ଆମେ ଠାକୁରଙ୍କର ମନଲୋଭା ଦର୍ଶନ ପାଇଲୁ । ଘରେ ପହଁଚିଲା ବେଳକୁ ଗୋପବନ୍ଧୁ ପହଁଚି ଯାଇଥାନ୍ତି । ଉଭୟେ ପ୍ରଣାମ କଲେ । ଆପଣେ ରତ୍ନାକରଙ୍କ ବିନୟରେ ମୁଗ୍ଧ ହୋଇ କହିଲେ, "ତୁମର ଜୋତା ଛତା ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଇତ୍ୟାଦି କାହିଁ ?"

"ମୁଁ ଜୋତା ଓ ଛତା ଇତ୍ୟାଦି ବ୍ୟବହାର କରେନା । କୁର୍ତ୍ତା ବୋଇଲେ ମୋର ଦୁଇଖଣ୍ଡ । ଖଣ୍ଡେ ପିନ୍ଧିଲେ ଆଉ ଖଣ୍ଡେ ଧୋବା ଘରେ । ଯେତେ ଦ୍ରବ୍ୟ ବଢିବ ସେତେ ଜଂଜାଳ ।"

"ବିସ୍ମୟକର କଥା । ତୁମେ ବି.ଏ. ପଢ଼ା ସାରିବାକୁ ବସିଲଣି ଅଥଚ ଜୋତା ବ୍ୟବହାର କରନାହିଁ ।"

"ବି.ଏ.ପାଠ ସହିତ ଜୋତା ପିନ୍ଧିବାର ତ କୌଣସି ବିଶେଷ ସମ୍ବନ୍ଧ ନାହିଁ ।" କଥା ଟିକେ ହାଲୁକା କରିବାକୁ କହିଥିଲେ ରତ୍ନାକର ।

ଆପଣେ କହିଲେ, "କେତେ ପଢୁଆ ପିଲାଙ୍କୁ ଦେଖିଛି, ଦେଖୁଛି । ସେମାନଙ୍କର କେତେ ସୌକୀ । ହେଲେ ତୁମେ ଭିନ୍ନ । ତୁମ ନିଷ୍ଠା ସତରେ ପ୍ରଶଂସନୀୟ ।"

ଉତ୍ତରରେ ରତ୍ନାକର କହିଲେ, "ସ୍ନାତକ ଅଧ୍ୟୟନ ପାଇଁ ଜୋତା ପିନ୍ଧିବା ବାଧ୍ୟ, ଏକଥା ତ କେଉଁଠି ଲେଖା ଯାଇନାହିଁ ?"

ଏପରି କଥା ଶୁଣି ଆପଣେ ଅଳ୍ପ ହସିଲେ ଓ ପଚାରିଲେ, "ଆଚ୍ଛା ରତ୍ନାକର ! ତୁମେ ମୋତେ ଟିକେ ମିଲଙ୍କର ୟୁଟିଲିଟାରିଆନିଜମ୍ ବୁଝାଇ ପାରିବ । ବହି ଖଣ୍ଡକ ପଢିଥିଲେ ମଧ୍ୟ ମୁଁ ଭଲରେ ହୃଦ୍‌ଗତ କରିପାରି ନାହିଁ ।"

ତାପରେ ବଡ଼ ଧୀର ସ୍ଥିର ଭାବେ ରତ୍ନାକର ସମ୍ପୃକ୍ତ ବିଷୟରେ ଇଂରାଜୀରେ ଛୋଟ ବକ୍ତୃତା ଦେଇ ବୁଝାଇଲେ । It is a matter of ethics. ଗୋପବନ୍ଧୁ ବଡ଼ ଖୁସିଟିଏ ହୋଇ କହିଲେ, "ଯାହା ହେଉ ଏତେ ଦିନକେ ସେ ପାଠକୁ ନେଇ ମୋ ଅଭୀଷ୍ଟ ପୂରଣ ହେଲା ।" ମନ୍ଦିରରେ ଅବଢ଼ା ପଖାଳ ଓ ଡାଲମା ପାଇଥିଲେ । ଗୋପବନ୍ଧୁଙ୍କ ଘରେ ମଧ୍ୟ ଟିକେ ବସିବାକୁ ପଡିଲା । ଖାଇ ବସିବା ବେଳେ ଗୋପବନ୍ଧୁ କହିଲେ, "ମୋର ତରକାରୀ ବୋଇଲେ ଗୋଟିଏ ।" ତାଙ୍କ ଆଦର୍ଶର କଥା ରତ୍ନାକରଙ୍କୁ ମଧ୍ୟ ଭଲ ଲାଗିଲା ।

"କଣ ଅନ୍ୟମନସ୍କ ହୋଇଗଲ କି ବାସୁଦେବ ?"

"ନାଇଁ ଆପଣେ । ମୁଁ ଟିକେ ପୁରୁଣା କଥାରେ ହଜି ଯାଇଥିଲି ।"

"ତୁମକୁ କଣ କହିବି ବାସୁ । ମୋର ଦି ଝିଅ କଥା ହେଉଛନ୍ତି ବୋଧହୁଏ ମୁଁ ଆଉ ସେମାନଙ୍କ କଥା ମନରେ ଆଣୁନାହିଁ । ନିଜେ ଦ୍ୱିତୀୟ ଥର ବାହା ହେଲିନାହିଁ, ସେମାନଙ୍କ ସୁଖଦୁଃଖରେ ମଧ୍ୟ ବୋଧହୁଏ ମୋର ଆଗ୍ରହ ନାହିଁ । ସେମାନଙ୍କ ଭିତରେ କଥୋପକଥନ ଶୁଣି ମୋ ମନ ହୁଏ ଏ ପୋଡ଼ା ଜୀବନ ତ୍ୟାଗ କରି ଦେବାକୁ ।"

"ଆପଣେ କଣ କିଛି ଉଦ୍ୟମ କରିଥିଲେ ?"

"ହଁ ବାସୁ ସେତେବେଳେ ରତ୍ନାକର କଲିକତାରେ ଦର୍ଶନ ଶାସ୍ତ୍ରରେ ଅଧ୍ୟୟନ କରୁଥାନ୍ତି । ପୂଜା ଅବକାଶରେ ଆସିଥାନ୍ତି କଟକ । ପଢାପଢି ସୁବିଧା ପାଇ ରହୁଥାନ୍ତି ଛୋଟ ଭଡା ଘରେ । ତାକୁ ମନେଇବା ପାଇଁ ତା ଗୁରୁ ହରିହର, ନୀଳକଣ୍ଠ, ଗୋଦାବରୀଶ ଓ ତୁମକୁ ପଠାଇଥିଲି ।"

"ହଁ ଆପଣେ ମୋର ସେସବୁ କଥା ମନେ ଅଛି ।"

"ରତ୍ନାକର ହରି ଠାରୁ ଆରମ୍ଭ କରି ତୁମ ପର୍ଯ୍ୟନ୍ତ କାହାରି କଥା ବୁଝିଲା ନାହିଁ । ତା ପରେ ଦୁହେଁ ସେଦିନର ଘଟଣା ସବିଶେଷ ମନେ ପକାଇଲେ ।




ହରିହର ତ ପ୍ୟାରୀମୋହନ ଏକାଡେମୀରେ ତା'ର ଗୁରୁ ଥିଲା । ସେଠି କୌଣସି ମତେ କଥା ଆରମ୍ଭ କଲେ ଗୋଦାବରୀଶ । ତାପରେ ଭିତରେ କିଛି ନ ରଖି ସଳଖେ ପଚାରିଲେ, "ରତ୍ନାକର ଆମେ ଗୋଟିଏ ଉଦ୍ଦେଶ୍ୟରେ ତୁମ ଘରକୁ ଆସିଛୁ । ତୁମେ ତ ଜାଣ ଦାସେ ଆପଣଙ୍କର ଦୁଇଟି ଝିଅ । ସେ ତୁମ ଆଚାର ବ୍ୟବହାରରେ ଓ ପାଣ୍ଡିତ୍ୟରେ ମୁଗ୍ଧ ହୋଇ ତାଙ୍କର ବଡ଼ ଝିଅ ରଙ୍ଗକୁ ତୁମ ହାତରେ ଟେକି ଦେବାକୁ ସ୍ଥିର କରିଛନ୍ତି । ତୁମର ମତ କଣ ?"

"ଆପଣମାନେ ତ ଜାଣନ୍ତି ଆମ ପରିବାରର ଦାରିଦ୍ର୍ୟ କଥା । ତା ଛଡା ଦାସେ ଆପଣେ ଧନୀ ଲୋକ । ତାଙ୍କ ଘରେ ବିବାହ କଲେ ତାଙ୍କର ଦାକ୍ଷିଣ୍ୟରେ ଅଛି ବୋଲି ପ୍ରତେ ହେବ ।"

ରତ୍ନାକରର ଏପରି କଥା ଶୁଣି ନୀଳକଣ୍ଠ କହିଲେ, "ରତ୍ନାକର ଆପଣେ ନିଜେ ଦରିଦ୍ର ହୃଦୟ ସମ୍ରାଟ ବୋଲି ପରିଚିତ । ତା ଛଡା ସେ ବିଦ୍ୟାକୁ ମହାଧନ ମନେ କରନ୍ତି ।

ଯୋଗାଯୋଗ:
ପେନ ଇନ ବୁକ୍ସ
୦୬୭୪୨୫୪୦୨୦୩




ପଢନ୍ତୁ କବି ଓ ଗାଳ୍ପିକା ବନ୍ଦନା ପଣ୍ଡାଙ୍କ
ପ୍ରଥମ ଗପବହି

ଆଉ ସେ ଦିଗରୁ ତୁମେ ତ ଢେର ଧନୀ ।"

ନୀଳକଣ୍ଠ ଓ ହରିହରଙ୍କର କଥାର ଜବାବରେ ରତ୍ନାକର କହିଲେ, "ବନ୍ଧୁତା ସମାନ ସ୍ତରରେ ହେବା ଶାସ୍ତ୍ର ସମ୍ମତ । ଗାଁରେ ରହିବ ପାଇଁ ଭଲ ଘର ଖଣ୍ଡିଏ ମଧ୍ୟ ନାହିଁ । ଏଣେ ମୋ ଅଧ୍ୟୟନ ଶେଷ ହୋଇନାହିଁ । ଆମେ ତାଙ୍କ ସମାନ ନୋହୁଁ । ତାଙ୍କ ଝିଅ ଅସୁବିଧା ଭୋଗି ପାରେ । ତା ଛଡା ଘରେ ବୋଉ, ବିଧବା ଭାଉଜ, ମୁରବି ଭାଇ ବି ଅଛନ୍ତି ।"

ତହୁଁ ହରିହର କହିଲେ, "ତେବେ ଚାଲ ତୁମ ମୁରବୀମାନଙ୍କ ସହ କଥା ହେବା ।"

ସେଠୁ ସମସ୍ତେ ବାହାରି ଯାଇଥଲେ ବିରିବାଟୀ । କିଛି ଖାଦ୍ୟ ଦ୍ରବ୍ୟ ଧରି ଆଗରୁ ଗାଁକୁ ଯାଇଥିଲେ ରତ୍ନାକର । ସେଠି ନିଜ ମାଆଙ୍କୁ ରତ୍ନାକର ଗୋପନରେ ବୁଝାଇଲେ, "ବୋଉ ଦେଖ ସେ ବଡ଼ ଘରର ଝିଅ । ଅୟସରେ ବଢ଼ିଛି । ମୋଟେ ତୋର ସେବା କରିବ ନାହିଁ । ତୋତେ ଆଡ଼ ନଜର କରିବା ମୁଁ ସହି ପାରିବି ନାହିଁ । ତୁ ମନା କରିଦେବୁ ।"

ତା ପରେ ବାସୁଦେବ କହିଲେ, "ସେଠି ହରିହର ତାଙ୍କ ମା'ଙ୍କୁ ଏପରି ବୁଝାଇଲେ ଯେ ସେ ଖୁସି ହୋଇଗଲେ ।"

ତାଙ୍କ ଖୁସି ହେବା ଠିକ । ତେବେ ଏ ପର୍ଯ୍ୟନ୍ତ କଥା ତ ଆଗକୁ ଯାଉନି । ରତ୍ନାକରଙ୍କର ମନରେ ଅଛି- ମୁଁ କାଳେ ଧନୀ ।"

"ଠିକ ଅଛି ଆପଣେ । ଏଥିପାଇଁ ମୋତେ କିଛି ସମୟ ଦିଅନ୍ତୁ । ରତ୍ନାକର ବଡ଼ ହୃଦୟବାନ । କିନ୍ତୁ ଯେଉଁ ଅନଟନ ଭିତରେ ସେ ପାଠ ପଢ଼ିଛନ୍ତି ତା'ର ପଟାନ୍ତର ନାହିଁ । କଟକ ଏକାଡେମୀ ସ୍କୁଲରେ ପାଠ ପଢିବା ବେଳେ ସେ ସବୁଦିନ ଚାଲିଚାଲି ନିଜ ଗାଁ ବିରିବାଟିରୁ ଆସନ୍ତି ପୁଣି ଫେରି ବି ଯାଆନ୍ତି । ରଇରୁଦ୍ର ଖରାବେଳେ ଚାଲିଚାଲି ଫେରିବା ବେଳେ ତାଙ୍କ କଣ୍ଠ ଶୁଖିଯାଏ । ରାସ୍ତାରେ ଥିବା ଓଉ ଗଛରେ ଚଢ଼ି ସେ ଗୋଟିଏ ଦୁଇଟି ଓଉ ତୋବାଇ ଖାଆନ୍ତି । ସେଥିରେ ଗଲା ଓଦା ହୁଏକି ନା ସେ ଜାଣନ୍ତି । ପାଠ୍ୟ ପୁସ୍ତକ କିଣିବାକୁ ଅର୍ଥ ନଥାଏ । ସହପାଠୀ ଭାଗିରଥୀ ମହାପାତ୍ରଙ୍କ ଠାରୁ ବହି ମାଗି ପଢ଼ନ୍ତି । ଭାଗୀରଥି ଜମିଦାର ଘର ପିଲା, ଅଭାବ ଜାଣି ନାହିଁ । ହେଲେ ରତ୍ନାକର ଯେବେ ରୋଷେଇ କରି ବସନ୍ତି ଲଣ୍ଠନ ଯୋଗାଡି ନ ପାରି ଚୁଲୀ ମୁଣ୍ଡ ନିଆଁରେ ବସି ପାଠ ପଢ଼ନ୍ତି । ତେଣୁ ତାଙ୍କ ମନରେ ହୁଏତ ନାନାଦି ଦ୍ୱନ୍ଦ୍ୱ ରହିଛି । ତେବେ ଖୁବ୍ ଶୀଘ୍ର ମୁଁ ରତ୍ନାକର ବାବୁଙ୍କୁ ଓ ତାଙ୍କର କିଛି ଲୋକଙ୍କୁ ଧରି ଆସିବି । ଆପଣେ ସେମାନଙ୍କ ସତ୍କାରର ବ୍ୟବସ୍ଥା କରିଥିବେ ।"

"ତେବେ ହରିହର ତାଙ୍କ ମା'ଙ୍କ ମନ ଜିତି ନେଇଥିଲେ । ବୁଢ଼ୀ କହି ଉଠିଥିଲେ ହଁ ମୁଁ ରାଜି । ହେଲେ ଶେଷ କଥା କିଛି ହୋଇପାରିନଥିଲା । ତାଙ୍କ ମନରେ ଧାରଣା ବସା ବାନ୍ଧିଥିଲା ଯେ ଗୋପବନ୍ଧୁ ଧନୀ ଓ କ୍ଷମତା ସମ୍ପନ୍ନ ।"

ଏଥର କଟକରେ ପହଁଚି ବାସୁଦେବ ରତ୍ନାକରଙ୍କୁ ଭେଟିଲେ ।

କୌଣସି ଉପଚାର ନକରି ସେ ପଚାରିଲେ, "ରତ୍ନାକର ବାବୁ ଦାସେ ଆପଣେ କେଉଁଆଡୁ ଆପଣଙ୍କୁ ଧନୀ ବୋଲି ଲାଗିଲେ ?"

"ସେ ତ ବଡ଼ ଓକିଲ ବଡ଼ ନେତା । ଆମେ ତାଙ୍କ ଆଗରେ ତୁଚ୍ଛ ।"

"ତାଙ୍କୁ ତମେ ଧନୀ ବୋଲି କହୁଛ ଯିଏ ସକଳ ଧନକୁ ତୁଚ୍ଛ ମଣିଛି, ଯିଏ ସଂସାର କରି ଅଘୋରୀ, ଯାହାର ଧନ ସଂଚୟର ମନୋଭାବ ନାହିଁ । ଯିଏ ଭ୍ରମୁରା ତା ପାଖରେ ଧନର ବନ୍ଧନ କାହିଁ ? ଆଉ ଯୋଉ ଝିଅ ରଙ୍ଗଙ୍କୁ ସେଦିନ ଆପଣ ଦେଖିଲେ କି ସୁନ୍ଦର ବ୍ୟବହାର ତାର । ଦାସେ ଆପଣେଙ୍କ ସଂସ୍କାର ସେ ପାଇଛି । ବଡ଼ ବିନୟୀ, ସ୍ନେହୀ ଓ ସୁଲକ୍ଷଣୀ । କଣ କହୁଛ ? ତମେ ଯେ ବ୍ରହ୍ମଚର୍ଯ୍ୟ କଥା କହୁଛ ତାକୁ ଟିକେ ଭଲ ଭାବେ ବିଶ୍ଳେଷଣ କର । ସଂସାର ବୋଲି ଗୋଟିଏ କିଛି ଅଛି ନା ନାହିଁ । ଆଉ ଯାହା ଅନ୍ତରରେ ବୈରାଗ୍ୟ ଅଛି ସେ ତ ପଦ୍ମ ପତ୍ର ଉପରେ ଜଳ ଭଳି ଏସଂସାରରେ ଚଳିବ ।" ବସୁଦେବଙ୍କ କଥାର ପ୍ରଭାବରେ ସେ ଗାଁରୁ କିଛି ଲୋକଙ୍କୁ ଖବର ଦେଲେ । ସେମାନେ ଏକତ୍ର ସାକ୍ଷୀଗୋପାଳରେ ପହଁଚିଲେ । ସେଠାରେ ଏକ ଔପଚାରିକ ନିର୍ବନ୍ଧ ହୋଇଗଲା । ବିବାହ ଦିନ ମଧ୍ୟ ସ୍ଥିର ହେଲା । ସେଠି ରତ୍ନାକର କହିଲେ, "ବିବାହରେ କିଛି ଦିଆନିଆ ହେବ ନାହିଁ ।"

ବାସୁଦେବଙ୍କ ଆଡ଼କୁ ଚାହିଁ କହିଲେ, "ବିବାହର ଖର୍ଚ୍ଚ ମୋ ପାଇଁ ତୁମେ କରିବ । ପରବର୍ତ୍ତି ସମୟରେ ମୁଁ ସେସବୁ ପରିଶୋଧ କରିବି ।"

ବାସୁଦେବ ଏଥିରେ ସମ୍ମତି ଜଣାଇଲେ । ମଝିରେ ପୁଣି ଥରେ ରତ୍ନାକରଙ୍କୁ ଧରି ପୁରୀ ଆସିଥିଲା ବେଳେ ଗୋପବନ୍ଧୁଙ୍କ ସହ ସାକ୍ଷାତ ହେଲା । ସେ ପ୍ରଣାମ କଲେ । ଗୋପବନ୍ଧୁ ତାଙ୍କୁ ଏକ ପ୍ରକାର କୁଣ୍ଢାଇ ପକାଇ କହିଲେ, "ତୁମ ହାତରେ ରଙ୍ଗକୁ ଅର୍ପଣ କଲେ ମୁଁ ପରମ ତୃପ୍ତି ପାଇବି ।"

ରତ୍ନାକର ଉତ୍ତର ଦେଲେ, "ଆପଣଙ୍କ କଥାରେ ମୁଁ ବାଧ୍ୟ । ଆପଣଙ୍କ ସ୍ନେହର ବନ୍ଧନ ଅତୁଟ ।"

ଯଥାରୀତି ବିବାହ ଦିନ ଆସିଲା । ବାଜାବାଣର କୌଣସି ଆଟୋପ ରହିଲା ନାହିଁ । ବାଟ ଘସା ଦିନ କଲିକତାରୁ ଆସି ପହଁଚିଲେ ରତ୍ନାକର । ଯେଉଁ ଦଶ ବାର ଜଣ ବରଯାତ୍ରୀ ଠିକ ହୋଇଥିଲେ ସେ ସମସ୍ତେ ଚାଲି ଚାଲି ଗାଡିକୁ ଆସିଲେ । ବିବାହ ବେଦୀରେ ରତ୍ନାକର ମୁକୁଟ ପିନ୍ଧିବାକୁ ମନା କରିଦେଲେ । କହିଲେ, "ଏଣେ ଛାତ୍ର ଜୀବନ ସରିବା ଆଗରୁ ଏ ଗାର୍ହସ୍ଥ ଜୀବନର ଘନଘଟା । ଏଥକୁ ମୋର କୋଉ ବିଜୟ ଘଟିଲା ଯେ ମୁକୁଟ ପିନ୍ଧିବି ।"

ବେଦୀ ଚାରି ଖୁଣ୍ଟକୁ ଆବୋରି ବସିଥାନ୍ତି ଚାରି ନିଶୁଆ - ନୀଳକଣ୍ଠ, ଗୋଦାବରୀଶ, କୃପାସିନ୍ଧୁ ଓ ଶଶି ଭୂଷଣ ରଥ । ସମସ୍ତେ ତାଙ୍କୁ ପ୍ରବର୍ତ୍ତାଇବାକୁ ଚେଷ୍ଟା ମୁକୁଟ ପିନ୍ଧିବାକୁ ।

ସମସ୍ତେ ବିବ୍ରତ । ନୀଳକଣ୍ଠ କହିଲେ, "ମୁକୁଟର ସାଙ୍କେତିକ ଅର୍ଥ ଅଛି । ତେଣୁ ରତ୍ନାକରଙ୍କୁ ପିନ୍ଧିବାକୁ ହେବ ।"

କୃପାସିନ୍ଧୁ କହିଲେ, "ଏତେ ଛୋଟ କଥାରେ ଅରଠି କାହିଁକି ?"

ଗୋଦାବରୀଶ କହିଲେ, "ତୁମେ ମୁକୁଟ ପଛରେ ଥିବା ଶ୍ରଦ୍ଧା ଦେଖ ।"

ରତ୍ନାକର କହୁଥାନ୍ତି, "ଆମମାନଙ୍କ ଭିତରୁ କେତେ ପ୍ରକାରର ସଂସ୍କାର କଥା କହୁଛି କିଏ ନିଶ ରଖି ଶାସେନି ବ୍ରାହ୍ମଣଙ୍କ ଅହଂ ଉପରେ ଆଘାତ କରୁଛି । କିଏ ପଇତା ଛାଡି ଦେଇଛି । କିଏ ପୁଣି ବ୍ରାହ୍ମଣଙ୍କୁ କୁସଂସ୍କାର ଛାଡିବା ପାଇଁ ଡାକରା ଦେଉଛି । ଅଥଚ ମୋ ବିବାହ ବେଳକୁ ଏ ମୁକୁଟ ବନ୍ଧା ଉପରେ ଜୋର କାହିଁକି ।"

"ମୁ କୋଉ ରାଜା ନା ସାଆନ୍ତ ।"

ନିଜେ ଗୋପବନ୍ଧୁ ବିଫଳ ହେଲା ପରେ ଖୋଜ ପଡିଲା ବାସୁଦେବଙ୍କୁ । ଶେଷରେ କଥା ଆସିଲା ବାସୁଦେବଙ୍କ ପାଖକୁ ।

ବାସୁଦେବ ଟିକେ କଟାକ୍ଷ କରି କହିଲେ, "ଏ ତ ତୁମର ବାଲ୍ୟ ଚପଳାମି । ତୁମେ ତ ବଡ଼ ବଡ଼ ସଂସ୍କାରର କଥାକୁ, ଏ ମୁକୁଟଟିକୁ ସମାଜର ପ୍ରଥା ବୋଲି ବୁଝି ପିନ୍ଧି ହେବ ନାହିଁ । ଏହାକୁ ପିନ୍ଧିଲେ ତ କାହାରି ଅହିତ ହେଉନାହିଁ ।" ଶେଷରେ ରତ୍ନାକର ମୁକୁଟ ପିନ୍ଧିଲେ । ବିବାହ ନୀତି ସମ୍ପନ୍ନ ହେଲା । ତା ପରେ ଭୋଜି । ବାସୁଦେବଙ୍କ ତତ୍ତ୍ୱାବଧାନରେ ଗ୍ରାମୀଣ ଶୈଳୀରେ ରଂଧା ହୋଇଥିଲା । କାନିକା,ସାଦା ଭାତ, ମୁଗ ଡାଲି,ବୁଟ ଡାଲି, ସାଦା ତରକାରୀ, ମଧୁରୀ ମାଛ ବେଶର, ଲୁଣି ମାଛ ବେଶର କଖାରୁ ମଧୁରୁଚି, ଖୀରି ଅମାଲୁ ଇତ୍ୟାଦି । ନାରାୟଣ ସବୁ ବ୍ୟବସ୍ଥା କରି ରଖିଥିଲେ । ବାଇଶିଟି ଶଗଡ଼ରେ ଜିନିଷ ପତ୍ର ପଠାଗଲା ।"

ଆଜି ଏସବୁ କଥା ମନେ ପଡିବାରୁ ଗୋପବନ୍ଧୁ ଏକ କାଳୀନ ଖୁସି ଓ ଦୁଃଖୀ ବି ହେଲେ । ତାଙ୍କ ମନେ ମନେ ସେ ବାସୁଦେବଙ୍କ ଅଶେଷ ଧନ୍ୟବାଦ ଦେଲେ । ଆଉ ନିଜ ହୃଦୟରେ ବୁଝିଲେ ସଂସାରୀ ନ ହୋଇ ଅଘୋରୀ ହେଲେ ଦେଶ ମାତୃକାର ସଠିକ ପୂଜା କରି ହୁଏ ।

# ଭୃସଙ୍ଗ ପତ୍ର : ଛୁଇବ ନାହିଁ ଏହି ୫ଟି ରୋଗ



ବର୍ତ୍ତମାନ ଖାଦ୍ୟରେ ଅନେକ ପ୍ରକାରର ରାସାୟନିକ ପଦାର୍ଥ ରହିଥାଏ । ଯାହାକି ଆମ ଶରୀରକୁ ବହୁ ମାତ୍ରାରେ ପ୍ରଭାବିତ କରୁଛି । ତେବେ ଏପରି ପରିସ୍ଥିତିରେ ସବୁଠୁ ସହଜ ଓ ଶସ୍ତାରେ ମିଳୁଥିବା ଭୃସଙ୍ଗ ପତ୍ର ଆପଣଙ୍କ ଶରୀର ସୁସ୍ଥ ରଖିବାରେ ବେଶ୍ ସହାୟକ ହୋଇପାରେ । ଯାହାକୁ ପ୍ରତ୍ୟେକ ଦିନ ସେବନ କରିବା ଦ୍ୱାରା ଆପଣମାନେ ଏହି ୫ଟି ରୋଗରୁ ନିଜକୁ ରକ୍ଷା କରିପାରିବେ । ବର୍ତ୍ତମାନ ଆସନ୍ତୁ ଜାଣିବା ଭୃସଙ୍ଗ ପତ୍ର ଚୋବାଇବା ଦ୍ୱାରା ଶରୀରକୁ କେଉଁ ଲାଭ ମିଳିଥାଏ ।

ପ୍ରତ୍ୟେକ ରୋଷେଇ ଘରେ ଭୃସଙ୍ଗ ପତ୍ର ବହୁଳ ମାତ୍ରାରେ ବ୍ୟବହାର ହୋଇଥାଏ । ଏହାକୁ ତରକାରୀରେ ପକାଇଲେ ଏହା ତରକାରୀକୁ ଭିନ୍ନ ଏକ ସ୍ୱାଦ ଦେଇଥାଏ । ବିଶେଷକରି ଦକ୍ଷିଣ ଭାରତର ଅଧିକାଂଶ ଖାଦ୍ୟରେ ଏହି ପତ୍ର ବହୁଳ ମାତ୍ରାରେ ବ୍ୟବହାର ହୋଇଥାଏ । ତେବେ ଅନେକ ଲୋକେ ଭୃସଙ୍ଗ ପତ୍ର ବଜାରରୁ କିଣୁଥିବା ବେଳେ କିଛି ଲୋକେ ଏହାକୁ ଘରେ ମଧ୍ୟ ଲଗାଇଥାନ୍ତି । ଭୃସଙ୍ଗ ପତ୍ରରେ ଫସ୍‌ଫରସ୍, କ୍ୟାଲସିଅମ୍, ଆଇରନ୍, ଭିଟାମିନ୍ ଏବଂ ମ୍ୟାଗ୍ନେସିୟମ୍ ପରି ଅନେକ ପୁଷ୍ଟିକର ତତ୍ତ୍ୱ ରହିଥାଏ । ଯାହାଦ୍ୱାରା ଶରୀରକୁ ଅନେକ ପ୍ରକାରର ଫାଇଦା ହୋଇଥାଏ । ତେଣୁ ପ୍ରତ୍ୟେକ ଦିନ ୩ରୁ ୪ଟି ଭୃସଙ୍ଗ ପତ୍ର ଖାଇବା ଦ୍ୱାରା ଏହିସବୁ ରୋଗକୁ ଆମେ ଦୂରେଇ ରଖିପାରିବା ।

### ଆଖି ପାଇଁ ଲାଭଦାୟକ ଭୃସଙ୍ଗପତ୍ର

ଭୃସଙ୍ଗ ପତ୍ର ଖାଇବା ଦ୍ୱାରା ଅନ୍ଧାରକଣା ସମେତ ଆଖି ସହ ଜଡ଼ିତ ଅନ୍ୟାନ୍ୟ ରୋଗ ହେବାର ଆଶଙ୍କା ଦୂର ହୋଇଥାଏ । କାରଣ ଏଥିରେ ଆବଶ୍ୟକୀୟ ପୁଷ୍ଟିକର ଭିଟାମିନ-ଏ ରହିଥାଏ । ଯାହା ଦୃଷ୍ଟି ଶକ୍ତି ବୃଦ୍ଧିରେ ଖୁବ୍ ସହାୟକ ହୋଇଥାଏ ।

### ମଧୁମେୟ ରୋଗୀ ପାଇଁ ସାହାଯ୍ୟକାରୀ

ମଧୁମେୟ ରୋଗୀଙ୍କୁ ପ୍ରାୟତଃ ଭୃସଙ୍ଗ ପତ୍ର ଚୋବାଇବାକୁ ପରାମର୍ଶ ଦିଆଯାଇଥାଏ । କାରଣ ଏଥିରେ ହାଇପୋଗ୍ଲାଇସେମିକ୍ ଗୁଣ ରହିଥାଏ । ଯାହା ମଧୁମେୟ ରୋଗୀଙ୍କ ରକ୍ତରେ ଥିବା ଶର୍କରାକୁ ନିୟନ୍ତ୍ରଣ କରିଥାଏ ।

### ହଜମ ଭଲ ହୋଇଥାଏ

ଭୃସଙ୍ଗ ପତ୍ରରେ ଆଂଟିଫଙ୍ଗାଲ୍ ଏବଂ ଆଂଟି ବାୟୋଟିକ୍ ଗୁଣଗୁଡ଼ିକ ରହିଥାଏ । ଯାହାକି ଅନେକ ପ୍ରକାରର ସଂକ୍ରମଣକୁ ରୋକିଥାଏ ଏବଂ ରୋଗ ହେବାର ଆଶଙ୍କାକୁ ମଧ୍ୟ ଦୂର କରାଇଥାଏ ।

### ଓଜନ ହ୍ରାସରେ ସାହାଯ୍ୟ କରେ

ଭୃସଙ୍ଗ ପତ୍ରକୁ ଚୋବାଇବା ଦ୍ୱାରା ଏହା ଓଜନ ଓ ପେଟର ଚର୍ବିକୁ କମ୍ କରିବାରେ ସାହାଯ୍ୟ କରେ । ଏହି ପତ୍ରରେ ଏଥିଲ, ଏସିଟେଟ୍, ମହାନିମ୍ୱାଇନ୍ ଏବଂ ଡିକ୍ଲୋରୋମେଟେନ୍ ଭଳି ପୋଷକ ତତ୍ତ୍ୱ ରହିଥାଏ । ଯାହା ପେଟର ବଢୁଥିବା ଚର୍ବି ଏବଂ ଓଜନ ହ୍ରାସରେ ସାହାଯ୍ୟ କରେ ।

ତେଣୁ ପ୍ରତ୍ୟେକ ଦିନ ସକାଳୁ ୩ରୁ ୪ ଟି ଭୃସଙ୍ଗ ପତ୍ରକୁ ଖାଲି ପେଟରେ ଖାଇବା ଦ୍ୱାରା ଏହା ଆମ ଶରୀରକୁ ସୁସ୍ଥ ରଖିଥାଏ । ଏଥିସହିତ ଏହାକୁ ତରକାରୀରେ ବ୍ୟବହାର କଲେ ଏହା ତରକାରୀକୁ ଭିନ୍ନ ଏକ ସ୍ୱାଦ ଦେଇଥାଏ ।

## ରସୁଣ

ରକ୍ତରେ କୋଲେଷ୍ଟରାଲ ମାତ୍ରା ଅଧିକ ହେଲେ ଏହା ହାର୍ଟ ଆଟାକ୍ ଭଳି ବିପଦ ସୃଷ୍ଟି କରିଥାଏ । ହାଇକୋଲେଷ୍ଟରାଲ୍ ଶରୀରରେ କୌଣସି ସଂକେତ ଦେଇ ନଥାଏ, ଏଥିପାଇଁ ଏହାକୁ ସାଇଲେଂଟ୍ କିଲର୍ କୁହାଯାଏ । ଆଜିକାଲି ଲକ୍ଷ ଲକ୍ଷ ଲୋକ ହାଇକୋଲେଷ୍ଟରାଲ୍ ସମସ୍ୟାର ସାମନା କରୁଛନ୍ତି । କୋଲେଷ୍ଟେରାଲ୍ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ଗୋଟିଏ ଭଲ ବା ଗୁଡ଼ କୋଲେଷ୍ଟରାଲ ଓ ଅନ୍ୟଟି ବ୍ୟାଡ୍ ବା ଖରାପ କୋଲେଷ୍ଟରାଲ୍ । ଭାରତର ଲୋକ ବହୁ ତେଲଯୁକ୍ତ ଖାଦ୍ୟ ଖାଆନ୍ତି, ଯେଉଁ କାରଣରୁ ଧୀରେ ଧୀରେ ଖରାପ କୋଲେଷ୍ଟ୍ରଲ୍ ସେମାନଙ୍କ ଶରୀରରେ ଜମା ହେବା ଆରମ୍ଭ କରେ ଯାହା ଦ୍ୱାରା ମଧୁମେହ, ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ହୁଏ । ଏହା ଗୁରୁତର ରୋଗର କାରଣ ହୋଇଯାଏ ।

- ଏପରି ପରିସ୍ଥିତିରେ, ଯଦି ଆପଣ ଏକ ନିର୍ଦ୍ଦିଷ୍ଟ ପନିପରିବା ବ୍ୟବହାର କରନ୍ତି, ତେବେ ଆପଣଙ୍କ ରକ୍ତରେ ଜମା ହୋଇଥିବା ଖରାପ କୋଲେଷ୍ଟ୍ରଲ୍ କମିଯିବ । ଆମେ ଏଠାରେ **ରସୁଣ** ବିଷୟରେ କହୁଛୁ, ଯାହା ଖାଦ୍ୟର ସ୍ୱାଦ ବଢ଼ାଇବା ପାଇଁ ବ୍ୟବହୃତ ହୁଏ, କିନ୍ତୁ ଏହା ସ୍ୱାସ୍ଥ୍ୟ ପାଇଁ ଅନେକ ଉପାୟରେ ଲାଭଦାୟକ ପ୍ରମାଣିତ ହୋଇପାରେ । ଆସନ୍ତୁ ଜାଣିବା ଜିଏମ୍‌ଏସ୍ ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିବା ଜଣେ ପ୍ରସିଦ୍ଧ ଡାଏଟିସିଆନ୍ ଏହା ବିଷୟରେ କଣ କହିଛନ୍ତି ।

ରସୁଣରେ ଭିଟାମିନ୍, ମିନେରାଲ୍ସ, ଆମିନୋ ଏସିଡ୍ ଓ ଅର୍ଗାନୋସୁଲଫର୍ ଯୌଗି ଯେପରିକି ଆଲିସିନ୍, ଆଜୋଏନ୍, ଏସ୍-ଇଥାଇଲସିଷ୍ଟାଇନ୍ ଓ ଡାଏଲିଲସୁଲଫାଇଡ୍ ଥାଏ । ଆହୁରି ମଧ୍ୟ, ଏଥିରେ



ଥିବା ସଲ୍‌ଫର୍ ଯୌଗିକ ଗୁଡ଼ିକ ହର୍ବଲ୍ ଗୁଣରେ ପରିପୂର୍ଣ୍ଣ । ଖରାପ କୋଲେଷ୍ଟ୍ରଲ ଏହାକୁ ଖାଇବା ଦ୍ୱାରା ହ୍ରାସ କରାଯାଇପାରେ । ଯଦି ଆପଣ ପ୍ରତିଦିନ କଞ୍ଚା ରସୁଣ ଖାଆନ୍ତି, ତେବେ ରକ୍ତଚାପ ମଧ୍ୟ ନିୟନ୍ତ୍ରଣରେ ରହିବ ।

– ଯଦି ଆପଣଙ୍କ ଶରୀରରେ କୋଲେଷ୍ଟ୍ରଲ ସ୍ତର ବୃଦ୍ଧି ପାଇବାରେ ଲାଗିଛି, ତେବେ ଏଥିପାଇଁ ରସୁଣ ଓ ଲେମ୍ବୁ ମିଶ୍ରଣ କରି ପିଇପାରିବେ । ଏହା କରିବା ଦ୍ୱାରା ଲିପିଡ୍‌ସ୍ତର ଉନ୍ନତ ହୁଏ ଓ ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।

–ଆପଣ ପ୍ରତିଦିନ ସକାଳେ ଉଠିବା ପରେ କଞ୍ଚା ରସୁଣ ଖାଇପାରିବେ, ଏହା କରିବା ଦ୍ୱାରା ଆପଣ କିଛି ଦିନ ମଧ୍ୟରେ ଏହାର ପ୍ରଭାବ ଦେଖିବାକୁ ପାଇବେ । ଯଦି ଆପଣ ପରୀକ୍ଷା କରିବେ, ଜାଣିପାରିବେ ଯେ କୋଲେଷ୍ଟ୍ରଲ ସ୍ତର ତଳକୁ ଖସି ଆସୁଛି ବୋଲି ।

–ଆପଣ ନିଶ୍ଚୟ ଧ୍ୟାନ ଦେଇଥିବେ ଯେ ରସୁଣର ଗନ୍ଧ ଅତ୍ୟନ୍ତ ଶକ୍ତିଶାଳୀ, ଏହାର କାରଣ ହେଉଛି ରସୁଣରେ ଅନେକ ଆଲିସିନ୍ ମିଳିଥାଏ ଯାହା ଶରୀରକୁ ସୁସ୍ଥ କରିଥାଏ ।

–ରସୁଣର ପ୍ରଭାବ ଗରମ । ତେଣୁ ଯଦି ଆପଣ ଏହାକୁ ଗ୍ରୀଷ୍ମ ଋତୁରେ ଆବଶ୍ୟକତା ଠାରୁ ଅଧିକ ଖାଆନ୍ତି, ତେବେ ସ୍ୱାସ୍ଥ୍ୟ ମଧ୍ୟ କ୍ଷତିଗ୍ରସ୍ତ ହୋଇପାରେ ।

## ଫୁଲକୋବି


ଫୁଲକୋବି ଖାଇବା ଯେମିତି ସ୍ୱାଦିଷ୍ଟ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହିତକର । ଶୀତଦିନେ ଫୁଲକୋବି ଖାଇବା ନିହାତି ଦରକାର । କାରଣ ଏହା ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଘଟିଥାଏ । ଆସନ୍ତୁ ଫୁଲକୋବିର ଉପକାରିତା ବିଷୟରେ ଆଲୋଚନା କରିବା ।

ଫୁଲକୋବିରେ ଫାଇବର୍ ପ୍ରଚୁର ମାତ୍ରାରେ ଭରି ରହିଥିବାରୁ ଏହା ଶରୀରରେ ବ୍ୟାକ୍ଟେରିଆ ଓ ପାଚନ ଶକ୍ତି ବୃଦ୍ଧି କରିଥାଏ ।

ଫୁଲକୋବିରେ କ୍ୟାଲୋରୀ କମ୍ ଓ ଭିଟାମିନ ଭରପୁର ମାତ୍ରାରେ ରହିଥାଏ, ଯାହାକି ଆମ ଶରର ପାଇଁ ବହୁତ ଜରୁରୀ । ଏଥିରେ ଭିଟାମିନ-ସି, ଭିଟାମିନ-କେ ରହିଥାଏ ।

ଫୁଲକୋବି ଆଣ୍ଟିଅକ୍ସିଡେଣ୍ଟର ଏକ ପ୍ରମୁଖ ମାଧ୍ୟମ । ଯାହା ଫଳରେ ଶରୀରର କୋଷିକା ଗୁଡ଼ିକୁ ଏହା ଅନେକ ସଂକ୍ରମଣରୁ ବଂଚାଇଥାଏ ।

ଫୁଲକୋବିରେ ସଲଫୋରଫେନ ଥିବାରୁ ଏହା ଆମକୁ କିଡନୀ ରୋଗ, ମଧୁମେହ ଆଦିରୁ ରକ୍ଷା କରିଥାଏ । ଏହାସହ ବ୍ଲଡ଼ପ୍ରେସର୍ କମ କରିବା ସହ ଧମନୀ ଗୁଡ଼ିକୁ ସୁସ୍ଥ ରଖିଥାଏ ।





ଏଥିରେ କ୍ୟାଲେରୀ କମ ମାତ୍ରାରେ ଥିବାରୁ ଏହା ଶରୀରର ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ । ଫାଇବର ଅଧିକ ମାତ୍ରାରେ ଥିବାରୁ ଏହାକୁ ଖାଇବା ପରେ ଆମକୁ ଶୀଘ୍ର ଭୋକ ହୁଏ ନାହିଁ, ଫଳରେ ଅଧିକ ଖାଇବାରୁ ଆମେ ରକ୍ଷା ପାଇଥାଉ ।

## ଗଜାମୁଗ



ଗଜାମୁଗ ପ୍ରାୟ ସମସ୍ତେ ଖାଇବାକୁ ପସନ୍ଦ କରନ୍ତି କାରଣ ଏଥିରୁ ବହୁତ ଫାଇଦା ମିଳିଥାଏ । ଏଥିରେ କ୍ୟାଲୋରୀ, ଫାଇବର ଓ ପ୍ରୋଟିନ୍ ଭରପୁର ରହିଛି । ଏହାବ୍ୟତୀତ ଆଇରନ, କପର, ଫୋଲେଟ୍ ଓ ମାଙ୍ଗାନିଜ ମଧ୍ୟ ରହିଛି । ତେବେ ଚାଲନ୍ତୁ ଜାଣିବା ଗଜା ବୁଟ ଖାଇବା ଦ୍ୱାରା ଆମ ସ୍ୱାସ୍ଥ୍ୟକୁ କଣ ଲାଭ ମିଳିଥାଏ । ସାଧାରଣତଃ ଆମମାନଙ୍କ ମଧ୍ୟରୁ ଅନେକ ଲୋକ ମାନିଥାନ୍ତି ଯେ ସକାଳର ଜଳଖିଆ ବହୁତ ହାଲୁକା ଫୁଲକା ହେବା ଆବଶ୍ୟକ କିନ୍ତୁ ଏହା ଭୁଲ୍ । ରାତ୍ରିଭୋଜନ ପରେ ସକାଳର ଜଳଖିଆ ପର୍ଯ୍ୟନ୍ତ ଏହା ମଧ୍ୟରେ ସମୟର ବ୍ୟବଧାନ ବହୁତ ଅଧିକ ହୋଇଥାଏ । ସେଥିପାଇଁ ସକାଳୁ ସକାଳୁ ଏକ ପୌଷ୍ଟିକ ଆହାର ଆମ ଶରୀରର ପାଇଁ ବହୁତ ଆବଶ୍ୟକୀୟ ହୋଇଥାଏ ।

### ମିଳେ ଭରପୁର ଫାଇବର

ଫାଇବର୍‌ରେ ଭରପୁର ଖାଦ୍ୟ ଖାଇବା ଦ୍ୱାରା ଅନ୍ତଃସ୍ଥଳୀର ଉନ୍ନତି ହୋଇଥାଏ । ଏହା ସହିତ, ଏହା ଆପଣଙ୍କ ଗୁପ୍ତ ମାଇକ୍ରୋବ ପାଇଁ ମଧ୍ୟ ଲାଭଦାୟକ ଏବଂ ଆପଣଙ୍କ ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରେ । ତଥାପି, ଆପଣ ଗୋଟିଏ ଦିନରେ କେତେ ପରିମାଣର ଗଜା ମୁଗ ଖାଉଛନ୍ତି ତାହା ଉପରେ ଧ୍ୟାନ ରଖିବା ଜରୁରୀ ।

### ରହିଛି କମ୍ କ୍ୟାଲୋରୀ

ଖାଦ୍ୟରେ କ୍ୟାଲୋରୀ ଅଧିକ ଥିବା ଖାଦ୍ୟ ଆପଣଙ୍କ ଓଜନକୁ ବଢ଼ାଇପାରେ ଏବଂ ସେଥିପାଇଁ ଆପଣ କମ୍ କ୍ୟାଲେରୀର ଖାଦ୍ୟ ଖାଇବା ଉଚିତ୍ । ଗଜା ମୁଗରେ କ୍ୟାଲେରୀର ପରିମାଣ କମ୍ ଅଟେ ଏବଂ ଏହାକୁ ଆପଣଙ୍କର ନିୟମିତ ଖାଦ୍ୟରେ ଯୋଡ଼ିବା ଆପଣଙ୍କ ଓଜନରେ ବୃଦ୍ଧି କରିବ ନାହିଁ ।

### ମିଳିଥାଏ ପ୍ରଚୁର ପ୍ରୋଟିନ୍

ପ୍ରୋଟିନ୍ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ । ଏହା ମାଂସପେଶୀ ନିର୍ମାଣରେ ସାହାଯ୍ୟ କରେ ଏବଂ ଏହା ସହିତ ଆପଣଙ୍କ ପେଟ ଅଧିକ ସମୟ ପୂରା ରଖିଥାଏ । ଗଜା ମୁଗରେ ପ୍ରୋଟିନ୍ ଥାଏ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ।

### ଓଜନ ହ୍ରାସ କରିବାରେ ସାହାଯ୍ୟ କରେ

ଗଜାମୁଗ ଅଧିକ ପରିମାଣର ଫାଇବର ଏବଂ ପ୍ରୋଟିନ୍ ଥିବାରୁ, ଏହା ଅଧିକ ସମୟ ଆପଣଙ୍କ ପେଟ ପୂର୍ଣ୍ଣ ରଖିବାରେ ସାହାଯ୍ୟ କରିଥାଏ ଏବଂ ଖାଇବା ବନ୍ଦ କରିଦିଏ । ଯାହା ଫଳରେ ଆପଣଙ୍କର ମୋଟାପଣ କମିବା ସହ ଓଜନ ହ୍ରାସ ପାଇଥାଏ ।

ପ୍ରସ୍ତୁତି: **ରବୀନ୍ଦ୍ର କୁମାର ବିଶ୍ୱାଳ**
ଭୁବନେଶ୍ୱର, ଫୋନ: ୯୯୩୭୨୮୮୫୫୪

# ସ୍ୱାସ୍ଥ୍ୟକର ଖାଦ୍ୟ

**ରଷିକା ରୁଚିରମ୍ୟା**

ଶ୍ରୀସ୍ୱସ୍ତିକ ଆପାର୍ଟମେଣ୍ଟ୍, ଫ୍ଲାଟ୍ ନଂ-୨୦୪,
ବୈଦ୍ୟନାଥ ନଗର, ସେଲ୍‌ସ୍‌ଟ୍ୟାକ୍ସ ଅଫିସ୍
ସ୍କୋୟାର୍, ବ୍ରହ୍ମପୁର-୭୬୦୦୧୦,
ଫୋନ:୯୦୭୮୪୪୧୭୧୧



## ଲୋକି ଓ ଗୋଜି ବୁଟ ତରକାରୀ

ସାଧାରଣତଃ ଗୋଜିବୁଟ ବା କଳା ଚଣାକୁ କେବଳ କେବେ କେମିତି ଭଜାଭାବରେ ବା ଘାଣ୍ଟ ଆଦି ତରକାରୀରେ ଅତି ଅଳ୍ପ ପରିମାଣରେ ବ୍ୟବହାର କରି ଆମେ ଖାଇଥାଉ । ବୁଟସିଝା ମଧ୍ୟ ଖିଆ ଯାଇଥାଏ । ତେବେ ଆମର ଦୈନ୍ୟନ୍ଦିନ ଖାଦ୍ୟରେ ଏହାର ବ୍ୟବହାର ଖୁବ୍ କମ୍ ହୋଇଥାଏ । ଲୋକି ବା ଲାଉ ବି ସେଭଳି ଖୁବ୍ କମ କେବେ କେମିତି ଘରେ ତରକାରୀ ହୁଏ । ଏହାର କାରଣ ଏହାର ସ୍ୱାଦ ଦୃଷ୍ଟିରୁ ଏହା ସମସ୍ତଙ୍କୁ ଖାଇବାକୁ ପସନ୍ଦ ହୋଇ ନଥାଏ । ତେବେ ଏହି ଦୁଇଟିରେ ଅତି ମାତ୍ରାରେ ପ୍ରୋଟିନ, ଭିଟାମିନ ଆଦି ଭରପୁର ଥିବାରୁ ଖାଦ୍ୟମୂଲ୍ୟ ଯଥେଷ୍ଟ ଅଧିକ ଅଟେ । ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହାକୁ ପ୍ରତିଦିନ ଖାଦ୍ୟ ରୂପେ ଗ୍ରହଣ କରିବା ଉଚିତ୍ । ଏହି ଦୁଇଟିକୁ ନେଇ ଆଜିର ଏଥରର ସ୍ୱାସ୍ଥ୍ୟକର ଓ ସ୍ୱାଦିଷ୍ଟ ତରକାରୀ ପ୍ରସ୍ତୁତ ହୋଇଛି ଯାହା ଖାଇବାକୁ ଆଗ୍ରହ ବଢ଼ିବ ।

**ଆବଶ୍ୟକ ସାମଗ୍ରୀ :** ଗୋଜିବୁଟ- ଅଧା କପ୍, ଲାଉ-୪୦୦ଗ୍ରାମ, କ୍ୟାପ୍ସିକମ୍-୧ଟି, ରିଫାଇନ ତେଲ- ୩ବଡ଼ ଚାମଚ, ପିଆଜ ୨ଟି, ଅଦା- ୨ଇଞ୍ଚ, ରସୁଣ-୭/୮ କୋଲା, କଞ୍ଚାଲଙ୍କା- ୨ଟି, ହିଙ୍ଗୁ- ଟିପେ, ଜିରା-୨ଚାମଚ, ଖାଇବା ସୋଡ଼ା- ଟିପେ, ପିଆଜ ବଟା-୨ଟିର, ଧନିଆଁଗୁଣ୍ଡ -୧ଚାମଚ, ଜିରାଗୁଣ୍ଡ-୧ଚାମଚ, ଲଙ୍କାଗୁଣ୍ଡ-୧ଚାଚ, ହଳଦୀଗୁଣ୍ଡ-୧ଚାମଚ, ଗରମମସଲା ଗୁଣ୍ଡ-୧ଚାମଚ, ଟମାଟୋ ପ୍ୟୁରୀ-୨ଟି ଟମାଟୋର, ମଲାଇ/କ୍ରିମ-୩/୪ଚାମଚ, କସ୍ତୁରୀ ମେଥି-୧ଚାମଚ, ଲୁଣ-ସ୍ୱାଦ ଅନୁସାରେ, ବେସନ-୩/୪ଚାମଚ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଜିବୁଟକୁ ରାତିରୁ ଭିଜାଇ ରଖି ଦିଅନ୍ତୁ । ଲୋକି/ଲାଉକୁ କାଟି ଖଣ୍ଡଖଣ୍ଡ କରନ୍ତୁ, ଭିଜା ବୁଟକୁ ପାଣିରୁ ଛାଣି ତା ସହ ଲାଇର କଟା ଖଣ୍ଡ, ଗୋଟେ ପିଆଜ ଖଣ୍ଡ କରି, ଏକ ଇଞ୍ଚ ଅଦା, ୨ଟି କଞ୍ଚା ଲଙ୍କା କାଟି ସେଥିରେ ମିଶାଇ (ପାଣି ନ ଦେଇ) ମିକ୍ସିରେ ଚିକ୍କଣ କରି ବାଟି ନିଅନ୍ତୁ । ଏହି ମିଶ୍ରଣରେ ୩/୪ଚାମଚ ବେସନ, ୧ ଚାମଚ ଜିରା, ଅଧା ଚାମଚ ହଳଦୀ, ଅଧା ଚାମଚ ଗରମ ମସଲା, ଟିପେ ହିଙ୍ଗୁ, ଟିପେ ଖାଇବା ସୋଡ଼ା, ଅଡ଼ା ଚାମଚ କସ୍ତୁରୀ ମେଥି, ଆବଶ୍ୟକୀୟ ଲୁଣ ମିଶାଇ ଫେଣ୍ଟି ନିଅନ୍ତୁ । ଏହି ମିଶ୍ରଣକୁ ଗୋଟିଏ ଥାଳିରେ ତେଲ ମାରି ଢାଳି ସମାନ ଭାବେ ସ୍ପ୍ରେଡ୍ କରି ଦିଅନ୍ତୁ । ଗୋଟେ ବଡ଼ କଡ଼େଇରେ ପାଣି ଦେଇ ସେଥିରେ ଷ୍ଟାଣ୍ଡ୍‌ଟିଏ ରଖନ୍ତୁ । ତା ଉପରେ ମିଶ୍ରଣ ଥିବା ଥାଳି ରଖି ଢାଙ୍କୁଣୀ ଦେଇ ସିଝାନ୍ତୁ । ଭଲ ଭାବେ ସିଝିଗଲେ, ଥଣ୍ଡା କରି ଇଚ୍ଛାନୁସାରେ ଖଣ୍ଡଖଣ୍ଡ କରି ରଖନ୍ତୁ । ଏହାପରେ କଡ଼େଇ ଗ୍ୟାସ୍‌ରେ ବସାଇ ତେଲ ଏକ ଚାମଚ ଦେଇ ଗୋଟିଏ ପିଆଜ ଓ ଗୋଟିଏ କ୍ୟାପ୍ସିକମକୁ ବଡ଼ବଡ଼ ଖଣ୍ଡ କରି ଦରଦର ଭଜା କରି ବାହାର କରିରଖନ୍ତୁ । କଡ଼େଇରେ ଥିବା ବଳକା ତେଲରେ ୧ ବଡ଼ ଚାମଚ ତେଲ ଦିଅନ୍ତୁ, ସେଥିରେ ୧ ଚାମଚ ଜିରା, ଟିପେ ହିଙ୍ଗୁ, ୨ ଚାମଚ ଅଦା ରସୁଣ ଛେଚା, ୨ଟି କଞ୍ଚାଲଙ୍କା କଟା, ୨ ବଡ଼ ପିଆଜ ବଟା ଦେଇ ଭାଜନ୍ତୁ, ଅଧା ଭଜା ହୋଇଗଲେ ସେଥିରେ ୧ ଚାମଚ ଧନିଆଁଗୁଣ୍ଡ, ୧ ଚାମଚ ଜିରାଗୁଣ୍ଡ, ୧ ଚାମଚ ଲଙ୍କା ଗୁଣ୍ଡ ଅଧା ଚାମଚ ହଳଦୀ ଗୁଣ୍ଡ ପକାଇ ଅଳ୍ପ ଭାଜି, ୨ଟି ବଡ଼ ଟମାଟୋର ପ୍ୟୁରୀ ଦେଇ ଭଲ ଭାବେ ମସଲା କଷିଦିଅନ୍ତୁ । ଏହାପରେ ୩/୪ଚାମଚ ମଲାଇ ପକାଇ କଷି ୨/୩କପ ପାଣି ଦେଇ ଗ୍ରେଭି ପ୍ରସ୍ତୁତ କରନ୍ତୁ । ଗ୍ରେଭି ଫୁଟିଗଲେ, କଟା ହୋଇଥିବା ଲୋକି ଖଣ୍ଡ ପକାଇ ଦିଅନ୍ତୁ, ୧ ମିନିଟ ପରେ ଭଜା ପିଆଜ, କ୍ୟାପ୍ସିକମ୍ ପକାଇ, କସ୍ତୁରୀ ପକାଇ, ଗୋଟିଏ ଫୁଟା ପରେ ତରକାରୀ ଓହ୍ଲାଇ ଦିଅନ୍ତୁ ।

ପନିର ବା ଛେନା ନ ଖାଉଥିବା ବ୍ୟକ୍ତିଙ୍କ ପାଇଁ ଏହା ଏକ ସ୍ୱାସ୍ଥ୍ୟକର ବିକଳ୍ପ । ଏହାଛଡ଼ା ଲୋକି ଓ ବୁଟ ଖାଇବା ପାଇଁ ଇଚ୍ଛା ନ କରୁଥିବା ବ୍ୟକ୍ତିମାନେ ଏହିପରି ତରକାରୀ କରି ନିଜ ଖାଦ୍ୟରେ ସାମିଲ କରି ପାରିବେ ।



## ଗୋଜିବୁଟ/କଳାଚଣାର ପୌଷ୍ଟିକତତ୍ତ୍ୱ :

ଗୋଜିବୁଟ/କଳା ଚଣାରେ ପ୍ରଚୁର ପରିମାଣରେ ଥିବା ପ୍ରୋଟିନ, ଫାଇଭର, ମିନେରାଲସ ପାଇଁ ଏହାକୁ 'Power house' କୁହାଯାଏ । ସର୍ଭେରୁ ଜଣାଯାଇଛି- "ଯଦି କେହି ପ୍ରତିଦିନ ଭଜା ବା ସିଝା ବୁଟ ଖାଏ, ଏହା ସେହି ବ୍ୟକ୍ତିର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଉପକାରୀ ପ୍ରମାଣିତ



ହୋଇଥାଏ ।

**୧୦୦ଗ୍ରାମ ବୁଟର ପୋଷକତତ୍ତ୍ୱ:**

ପ୍ରୋଟିନ-୨୦ଗ୍ରାମ୍, ଡାଏଟାରୀ ଫାଇଭର-୧୨ଗ୍ରାମ, କାର୍ବୋହାଇଡ୍ରେଟ-୬୩ଗ୍ରାମ, ଫ୍ୟାଟ-୬ଗ୍ରାମ, କ୍ୟାଲସିୟମ-୫୭ଗ୍ରାମ, ଆଇରନ-୪.୩୧ଏମଜି, ପୋଟାସିଅମ-୭୧୮ଏମଜି, କ୍ୟାଲୋରୀ-୩୭୮ଗ୍ରାମ ।

**ଗୋଜିବୁଟର ଖାଦ୍ୟ ମୂଲ୍ୟ / ଉପକାରିତା:**

■ଗୋଜିବୁଟରେ ପ୍ରଚୁର ଫାଇଭର ଥିବାରୁ ଏହାକୁ ଅଳ୍ପ ଖାଇଲେ ପେଟ ପୁରିବା ଭଳି ଲାଗେ ଓ ବହୁ ସମୟ ପର୍ଯ୍ୟନ୍ତ ପେଟ ଭରିଥିବା ଭଳି ଲାଗୁଥିବାରୁ ଶୀଘ୍ର ଭୋକ ଲାଗେ ନାହିଁ । ଖାଦ୍ୟ ଭଲ ଭାବେ ହଜମ ହୁଏ, ଫଳରେ ଓଜନ ନିୟନ୍ତ୍ରଣରେ ରହେ ।

■ସର୍ଭେରୁ ଜଣାଯାଇଛି ଯେ ଯେଉଁମାନେ ନିୟମିତ ଗୋଜିବୁଟ ଖାଆନ୍ତି, ସେମାନଙ୍କ ମଧ୍ୟରୁ ୫୩% ଲୋକଙ୍କର BMI(body mass index) ୩୦ରୁ କମ ରୁହେ ।

■ଏହା low glycaemic food (GM) ହୋଇଥିବାରୁ ଶରୀରରେ ରକ୍ତ ଶର୍କରା ସ୍ତରକୁ ଠିକ୍ ରଖିବାରେ ସକ୍ଷମ ହୋଇଥାଏ । ସେଥିରେ ଥିବା ପ୍ରୋଟିନ ଓ ଫାଇଭର ଶରୀରର କାର୍ବୋହାଇଡ୍ରେଟକୁ ଅବଶୋଷିତ (Absorption) ହେବାକ୍ରିୟାକୁ ମନ୍ଥର କରାଏ । ଯାହା ଫଳରେ ହଠାତ୍ ରକ୍ତଶର୍କରା ବଢ଼ିଯାଇ ପାରେ ନାହିଁ । ଶର୍କରାସ୍ତର ନିୟନ୍ତ୍ରିତ ରହେ । ଖାଇସାରିବା ପରେ ନିୟମିତ ଗୋଜିବୁଟ ଖାଉଥିବା ବ୍ୟକ୍ତିଙ୍କ ପାଇଥିବା ଶର୍କରା ୩୬% କମିଥାଏ ।

■ଏଥିରେ ଥିବା ପ୍ରୋଟିନ ଭୋକ ନିୟନ୍ତ୍ରଣ କରୁଥିବା ହର୍ମୋନ ଅଧିକ ସୃଷ୍ଟି କରିଥାଏ, ଫଳର ବ୍ୟକ୍ତି over eating କରେନାହିଁ ।

■ଗୋଜିବୁଟରେ ଥିବା ପୋଟାସିଅମ, ମ୍ୟାଗ୍ନେସିଅମ ଶରୀରରେ ଉଚ୍ଚ ରକ୍ତଚାପ ହେବାରୁ ରକ୍ଷା କରିବାରେ ସାହାଯ୍ୟ କରେ । ଯାହା ବ୍ୟକ୍ତିକୁ ହୃଦ୍‌ଘାତ ହେବାର ସମ୍ଭାବନାକୁ କମ କରିଥାଏ । The soluble fibres present in it takes care of the triglycerides and low density lipoproteins which are main factors of major heart problems.

■ ଗୋଜିବୁଟ Butyrate ନାମରେ ଫ୍ୟାଟି ଏସିଡ ସୃଷ୍ଟି କରେ ଯାହା Colon କ୍ୟାନ୍ସର ହେବାରୁ ରକ୍ଷା କରେ । ସପୋନିନ ନାମରେ Plant compund ଗୋଜି ବୁଟରେ ଥିବା ଯୋଗୁଁ Cancerous Cell growth ହୋଇ ପାରେନାହିଁ ଫଳରେ ଫୁସ୍‌ଫୁସ୍ ଓ ସ୍ତନ କର୍କଟ ହେବାର ସମ୍ଭାବନା କମ ରହେ ।

■ ଏହା type2 ଡାଇବେଟିସ ରୋଗୀଙ୍କ ରକ୍ତ ଶର୍କରା ସନ୍ତୁଳିତ ରଖିବାରେ ସାହାଯ୍ୟ କରେ ।

■ଏଥିରେ ଥିବା ମାଗ୍ନେସିଅମ ନର୍ଭ ସିଷ୍ଟମକୁ ସୁସ୍ଥ ରଖେ ।

■ ଗୋଜିବୁଟ Prolineର ଏକ ବଡ଼ ସ୍ରୋତ । Which is key nutrient in the production of chemical messengers like neurotransmitters in brain.

■ ଏଥିରେ ଥିବା selenium, magnesium, zink ଆଦି ଅନ୍ୟ ମିନେରାଲସ brain ର ସ୍ୱାସ୍ଥ୍ୟ ମୋଟାମୋଟି ଭାବରେ ଭଲ ରଖିବାରେ ବହୁତ ସାହାଯ୍ୟ କରିଥାନ୍ତି ।

**ଲୋକି/ଲାଉର ପୌଷ୍ଟିକ ତତ୍ତ୍ୱ (୧୦୦ଗ୍ରାମ)**

୧୦୦ ଗ୍ରାମ ଲୋକି- ୧୫ cal

100gm of portion ରେ- 1fm fat

Water contains-96%

It is low in saturated fat cholesterol and high in dietary fiber, vit-c, ribloflanin, zink, thiamine, iron, magnesium and manganese.

**ଲୋକି/ ଲାଉର ସ୍ୱାସ୍ଥ୍ୟଗତ ଉପକାରିତା**

◆ ଲାଉ ଅତି କମ କ୍ୟାଲୋରୀ ଯୁକ୍ତ ଖାଦ୍ୟ ହୋଇଥିବାରୁ ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ସୁପର ଫୁଡ ।

◆ ଲାଉରେ ମଧ୍ୟମ ମାତ୍ରାରେ Vit-c ମିଳେ । (100gm ରେ 10mg vit-c) ଏକ ଶକ୍ତିଶାଳୀ ପ୍ରାକୃତିକ ଆଣ୍ଟିଆକ୍ସିଡାଣ୍ଟ ଅଟେ ।

◆ ଏହା ପାଚନ କ୍ରିୟାକୁ ତ୍ୱରାନ୍ୱିତ କରିଥାଏ । ଏହା ଅନ୍ତସ୍ଥ ମଇଳାକୁ ସହଜରେ ନିଷ୍କାସନ କରିବା ଯାଏ କ୍ରିୟାଶୀଳ ଥାଏ ତେଣୁ ଲାଉ ପାଚନ କ୍ରିୟା ସହ କୋଷ୍ଠକାଠିନ୍ୟ ଦୂର କରିଥାଏ ।

◆ ଗର୍ଭବତୀ ମହିଳାମାନେ ପ୍ରାଥମିକ ଅବସ୍ଥାରେ ଲାଉ ଖାଇଲେ ସେଥିରେ ଥିବା folates (100gm ରେ 6mg) helps reduce the incidence of neural dysfunctional issue in newborn. ଏଥିରୁ ମଧ୍ୟମ ମାତ୍ରାରେ thiamin, niacin, Pantothenic acid, Pyridoxine ଓ ମିନେରାଲ୍ସ, କ୍ୟାଲସିୟମ, ଆଇରନ, Zink , ପୋଟାସିଅମ, ମାଗ୍ନେସିଅମ ଓ ମାଙ୍ଗାନିଜ ଆଦି ମିଳିଥାଏ ।

◆ ଲାଉ/ଲୋକିର କଅଁଳ ପତ୍ର ଓ ଡଙ୍କକୁ ମଧ୍ୟ ଖାଦ୍ୟ ଭାବେ ଗ୍ରହଣ କରାଯାଏ । ସେଥିରୁ ମଧ୍ୟ ଭିଟାମିନ ଓ ମିନେରାଲ୍ସ ଉତ୍ତମ ମାତ୍ରାରେ ମିଳିଥାଏ ।

◆ ଲୋକି / ଲାଉ ଜୁସ୍‌କୁ ପ୍ରତିଦିନ ଉତ୍ତମ ସ୍ୱାସ୍ଥ୍ୟ ଓ ହଜମ ପାଇଁ ପିଇବା ଉଚିତ । କିନ୍ତୁ ଏଥିରେ ଅନ୍ୟ କିଛି ମିଶାଇବା ଉଚିତ ନୁହଁ ।

◆ ଯେହେତୁ ଏଥିରେ ୯୬% ଜଳୀୟ ଅଂଶ ତେଣୁ ଖରାଦିନ dehydration ରକ୍ଷା ପାଇଁ ଏହା ଏକ ଉତ୍ତମ ଖାଦ୍ୟ, ଏମିତିକି dehydration ରେ ଥିବା ବ୍ୟକ୍ତି ବି ଲାଉରୁ ଯେକୌଣସି ଭାବେ (ଜୁସ, ତରକାରୀ, ସିଝା) ଖାଇ ପାରିବେ ।

◆ ବୁଟ ଡାଲି ପକାଇ ଲାଉପତ୍ର ଶାଗ କରି ଖିଆ ଯାଇପାରେ ।

◆ କଅଁଳ ଲାଉ ପତ୍ର ସିଝାଇ କଞ୍ଚା ଲଙ୍କା, ରସୁଣ ସହ ବାଟି ଚଟଣି ବା ଭର୍ତ୍ତା ବଙ୍ଗାଳୀମାନଙ୍କର ଏକ ପ୍ରିୟ ଖାଦ୍ୟ ।

◆ ଗଜାବୁଟ କରି କାକୁଡ଼ି ପିଆଜ ଇତ୍ୟାଦି ସହ ବୁଟ ଖିଆ ଯାଇପାରେ ।

◆ ସିଝା ଗୋଜିବୁଟକୁ ଅଳ୍ପ ଜିରା ପିଆଜ ଭୃସଙ୍ଗ ପତ୍ର ଛୁଙ୍କ କରି, ନଡ଼ିଆ କୋରି ଅଳ୍ପ ଉପରେ ପକାଇ ଉପର ବେଳା ଅଳ୍ପ କିଛି ଖାଇହେବ ।

ସାଧାରଣତଃ ରୁଚିକର ଓ ଦାମୀ ମନେ ହେଉ ନଥିବା ଏହି ଦୁଇଟି ଖାଦ୍ୟ ପୋଷକ ତତ୍ତ୍ୱ ଦୃଷ୍ଟିରୁ ଅତ୍ୟନ୍ତ ମୂଲ୍ୟବାନ । ଏହାକୁ ବିଭିନ୍ନ ଭାବରେ ଯେତେ ସେବନ କରିବେ ସେତେ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହେବ ।

# ଭେରାଇଟି ବ୍ରେଡ୍


## ରୋନାଲିସା ପଣ୍ଡା

ମାର୍ଫତ : ଅରୁଣାଂଶୁ ପାଣିଗ୍ରାହୀ, ସହଦେବଖୁଣ୍ଟା,
ବାଲେଶ୍ୱର-୭୫୬୦୦୧
ଫୋନ:୭୦୦୮୪୮୬୬୩୮


ଫଟୋ ସୌଜନ୍ୟ : ଲେଖିକା



### ମସଲା ବ୍ରେଡ୍

**ଆବଶ୍ୟକ ସାମଗ୍ରୀ :** ବ୍ରେଡ୍, କଟା ପିଆଜ, କଟା ଟମାଟୋ, କଟା କଂଚାଲଙ୍କା, କଟା ଧନିଆପତ୍ର, ଅଳ୍ପ ସିଝା ମକ୍କା ମଂଜି, ଗୋଲ ମରିଚ ଗୁଣ୍ଡ, ଲୁଣ, ଟମାଟୋ ସସ୍ ଅଳ୍ପ, ଚିଜ୍ ଅଳ୍ପ, ସେକିବା ପାଇଁ ତେଲ କିମ୍ବା ବଟର୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ସବୁ କଟା ପରିବାକୁ ଭଲ ଭାବରେ ଗୋଳାଇ ରଖନ୍ତୁ । ଏହାପରେ ସେଥିରେ ଗୋଲ ମରିଚ ଗୁଣ୍ଡ ଲୁଣ ପକାଇ ରଖନ୍ତୁ । ବ୍ରେଡ୍‌କୁ ତାର ଭିତରେ ପାଖରେ ଟମାଟୋ ସସ୍ ଲଗାଇ ପରେ ପ୍ରସ୍ତୁତ ପରିବା ଗୋଟେ ପାଖରେ ଲଗାନ୍ତୁ । ଉପରେ ଚିଜ୍ ପକାଇ ଆଉ ଏକ ବ୍ରେଡ୍ ଲଗାନ୍ତୁ । ଗରମ ତାୱାରେ ଘିଅ କିମ୍ବା ବଟର୍ ପକାଇ ଧୀରେ ଧୀରେ ସେକନ୍ତୁ ଓ ସର୍ଭ କରନ୍ତୁ ଗରମାଗରମ ମସଲା ବ୍ରେଡ୍ ।

### ହରିଆଲି ବ୍ରେଡ୍

**ଆବଶ୍ୟକ ସାମଗ୍ରୀ :** ଅଳ୍ପ ପନିର, ଚଟଣୀ ପାଇଁ ଧନିଆ ପତ୍ର ୧୦୦ଗ୍ରାମ, ଦହି ୫୦ଗ୍ରାମ, କାଜୁ ୪ଟା, ବାଦାମ ୪ଟା, ରସୁଣ ୪ଟା, କଂଚା ଲଙ୍କା ୨ଟା, ଚିନି ଓ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବ୍ରେଡ୍‌ର ଚାରିପଟ କାଟି ଦିଅନ୍ତୁ । ଗୋଟେ ଗ୍ରାଇଣ୍ଡରରେ ଚଟଣି ପାଇଁ ଆବଶ୍ୟକ ସାମଗ୍ରୀ ଗ୍ରାଇଣ୍ଡ୍ କରି ପରେ ସେଥିରେ ଚିନି, ଲୁଣ ଓ ଦହି ଦେଇ ପ୍ରସ୍ତୁତ କରନ୍ତୁ ହରୀଆଲି ଚଟଣୀ ଓ ସେଥିରେ ପନିରକୁ ଛୋଟଛୋଟ କାଟି ଗୋଳାଇ ରଖନ୍ତୁ । ପରେ ବ୍ରେଡ୍‌ରେ ତାହା ଲଗାଇ କରନ୍ତୁ ହରିଆଲି ବ୍ରେଡ୍ ।



### ପନିର ଟିକା ବ୍ରେଡ୍

**ଆବଶ୍ୟକ ସାମଗ୍ରୀ :** ପନିର ୫୦ଗ୍ରାମ, ବ୍ରେଡ୍ ୪ଟା, ଦହି ୩ ଚାମଚ, ବଟର୍ କିମ୍ବା ତେଲ ଅଳ୍ପ, ଟିକା ମସଲା ୧/୨ ଚାମଚ, କିମ୍ବା (ଲଙ୍କା ଗୁଣ୍ଡ, ଜିରାଗୁଣ୍ଡ, ଧନିଆଗୁଣ୍ଡ, ହଳଦୀଗୁଣ୍ଡ, ଆମ୍‌ଚୁର ଗୁଣ୍ଡ, କସୁରି ମେଥି, ଅଦା ରସୁଣ ବଟା ସବୁଥିରୁ ୧/୨ ଚାମଚ ଲେଖେ ମିଶାଇ ଘରେ ପ୍ରସ୍ତୁତ କରନ୍ତୁ ଟିକା ମସଲା, ଲୁଣ ଅଳ୍ପ ।



**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଦହି ଓ ଟିକା ମସଲାକୁ ଭଲ ଭାବରେ ଗୋଳେଇ ଦିଅନ୍ତୁ ଓ ସେଥିରେ ପନିର୍‌କୁ ଛୋଟ ଛୋଟ କାଟି ଗୋଳାଇ ରଖନ୍ତୁ । ବ୍ରେଡ୍‌କୁ ତାର ଚାରି ପଟେ କାଟି ଦିଅନ୍ତୁ ଓ ସେଥିରେ ପ୍ରସ୍ତୁତ ପନିର ଲଗାଇ ତାୱାରେ ତେଲ କିମ୍ବା ବଟର୍ ଲଗାଇ ସେକି ଗରମ ଗରମ ପରିବେଷଣ କରନ୍ତୁ ।



# ଗୀତିକାଙ୍କ ରାନ୍ଧଣା


## ଗୀତିକା ଜ୍ୟୋତିପର୍ଣ୍ଣା

ନିଉ କଲୋନୀ, ନେଳିଆବାଗ,
ଶ୍ରୀକଣ୍ଠପୁର, ବାଲେଶ୍ୱର-୭୫୬୦୦୧,
ଫୋନ:୬୩୭୦୪୬୦୩୦୬
@foodiebliss47/mysterious_geet


ଫଟୋ ସୌଜନ୍ୟ : ଲେଖିକା





### କେ.ଏଫ୍.ସି. ଚିକେନ୍

**ଆବଶ୍ୟକ ସାମଗ୍ରୀ :** ୫୦୦ଗ୍ରାମ ଚିକେନ, ଦେଢ଼ କପ୍ ମଇଦା, ଅଧାକପ୍ କର୍ଣ୍ଣଫ୍ଲୋର, ୨ ଚାମଚ ଅଦା ପେଷ୍ଟ, ୨ ଚାମଚ ରସୁଣ ପେଷ୍ଟ, ୧ ଚାମଚ ରେଡ୍ ଚିଲ୍ଲି ପାଉଡ଼ର, ୨ ଚାମଚ ସୋୟାସସ୍, ୧ ଚାମଚ ଗୋଲମରିଚ ଗୁଣ୍ଡ, ରସୁଣ ଗୁଣ୍ଡ (ପାଉଡର), ଅଦା ଗୁଣ୍ଡ (ପାଉଣ୍ଡର୍), ଅଧା ଚାମଚ ହଳଦୀ ଗୁଣ୍ଡ, ସ୍ୱାଦ ଅନୁଯାୟୀ ଲୁଣ, ଛାଣିବା ପାଇଁ ରଫାଇନ୍ ତେଲ ଏବଂ ୧ ଗ୍ଲାସ୍ ପାଣି ।


**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଚିକେନ୍ ଖଣ୍ଡ ଗୁଡ଼ିକୁ ଭଲ ଭାବେ ଧୋଇ ରଖନ୍ତୁ । ବର୍ତ୍ତମାନ ଚିକେନ୍ ମେରିନେସନ୍ ପାଇଁ ଏକ ପାତ୍ରରେ ସୋୟାସସ୍, ଅଦା, ରସୁଣ ପେଷ୍ଟ, ରେଡଚିଲ୍ଲି ପାଉଡ଼ର, ଗୋଲମରିଚ ଗୁଣ୍ଡ ପକାଇ ଗୋଳାନ୍ତୁ ଏବଂ ସେଥିରେ ଚିକେନ ପକାଇ ଭଲ ଭାବେ କୋଟ୍ କରି ୨ଘଂଟା ପର୍ଯ୍ୟନ୍ତ ଘୋଡ଼ାଇ ମେରିନେଟ୍ କରନ୍ତୁ । ବର୍ତ୍ତମାନ ଏକ ପାତ୍ରରେ ମଇଦା କର୍ଣ୍ଣଫ୍ଲୋର, ହଳଦୀଗୁଣ୍ଡ, ଅଦା ପାଉଡ଼ର୍ ଏବଂ ରସୁଣ ପାଉଡର ପକାଇ ଭଲ ଭାବେ ମିଶାନ୍ତୁ । ମସଲା ସବୁ ମିଶିଯିବା ପରେ ସେଥିରେ ଚିକେନ୍ ପକାଇ କୋଟ୍ କରନ୍ତୁ । ସାଥିରେ ଏକ ପାତ୍ରରେ ପାଣି ରଖନ୍ତୁ । ପ୍ୟଥମ କୋଟିଂ ପରେ ଚିକେନ୍ ପିସକୁ ପାଣି ବୁଡ଼ାଇ ପୁନଶ୍ଚ ମଇଦାରେ କୋଟ୍ କରନ୍ତୁ । (ଏହା କରିବା ଦ୍ୱାରା ଚିକେନ୍‌ର ମଇଦାରେ ଏକ ମୋଟା ପରସ୍ତ ପଡ଼ିଥାଏ ଏବଂ ଚିକେନ୍ ଅଧିକ କ୍ରିସ୍‌ପି / କୁର୍ କୁର୍ ସ୍ୱାଦ ଆସିଥାଏ) । ଏବେ ଏକ କଡ଼େଇରେ ରିଫାଇନ୍ ତେଲ ଭଲ ଭାବେ ଗରମ କରି ଚିକେନ୍‌କୁ ଧିମା ଆଞ୍ଚରେ ଛାଣନ୍ତୁ (ଏତଦ୍‌ଦ୍ୱାରା ଚିକେନ୍ ଭଲ ଭାବେ ଭିତରୁ ପୋଡ଼ିଥାଏ) । ଚିକେନ୍‌କୁ ଅତି କମ୍‌ରେ ୧୨ରୁ ୧୫ ମିନିଟ୍ ଛାଣନ୍ତୁ । ଏହାକୁ ଗରମ ଗରମ ଟମାଟୋ ସସ୍ ସହିତ ପରଷି ଦିଅନ୍ତୁ ।

**ସୂଚନା:** କେ.ଏଫ୍.ସି.ଚିକେନ୍ ଏକ ପ୍ରଖ୍ୟାତ ଆମେରିକାନ୍ ଫାଷ୍ଟ୍‌ଫୁଡ୍ । ଯାହାକି ବର୍ତ୍ତମାନ ଭାରତରେ ମଧ୍ୟ ଖୁବ୍ ଲୋକପ୍ରିୟ ।

### ମଲାଇ କେସର ପିସ୍ତା ଆଇସ୍‌କ୍ରିମ୍:

**ଆବଶ୍ୟକ ସାମଗ୍ରୀ :** ୨ଲିଟର କ୍ଷୀର, ଚିମୁଟାଏ କେଶର (ସାଫ୍‌ରନ୍ ପୁଷ୍ପ), ୩ ଚାମଚ ଅମୁଲ ଗୁଣ୍ଡ, ୨ ଚାମଚ କାଜୁ, ୨ ଚାମଚ ପିସ୍ତା, ୧ ଚାମଚ ଆଲ୍‌ମଣ୍ଡ (କଟା ହୋଇଥିବା) ଅଧାକପ୍ ଚିନି, ଚିମୁଟାଏ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ପ୍ୟାନ୍‌ରେ କ୍ଷୀରକୁ ଗରମ କରନ୍ତୁ । କ୍ଷୀର ଫୁଟି ଆସିଲେ ସେଥିରେ କେଶର ଗୁଣ୍ଡ ପକାଇ ମିଶାନ୍ତୁ (ଏତଦ୍‌ଦ୍ୱାରା କ୍ଷୀରରେ ଭଲ ହଳଦିଆ ରଙ୍ଗ ହୁଏ ଏବଂ ଭଲ ସ୍ୱାଦ ଆସିଥାଏ) କ୍ଷୀରର ରଙ୍ଗ ବଦଳିବା ପରେ କ୍ଷୀରକୁ ୧୫ରୁ ୨୦ ମିନିଟ୍ ଫୁଟାନ୍ତୁ, କ୍ଷୀର ପ୍ୟାନ୍‌ରେ ନଲାଗିଯିବା ପାଇଁ ମଝିରେ ମଝିରେ କ୍ଷୀରକୁ ଚଳାନ୍ତୁ । କ୍ଷୀର ଗାଢ଼ ଅବସ୍ଥାକୁ ଆସିଯିବା ପରେ କାଜୁ, ପିସ୍ତା, ଆଲ୍‌ମଣ୍ଡ, ଅମୁଲ, ଲୁଣ, ଚିନି ପକାଇ ଆଉ ୩୦ ମିନିଟ୍ ଫୁଟାନ୍ତୁ । ଯେତେବେଳେ କ୍ଷୀର ପୁରାପୁରି ବହଳିଆ ହୋଇ ମଲାଇ ରୂପ ନେବ, ସେତେବେଳେ ପ୍ୟାନ୍‌ଟିକୁ ଗ୍ୟାସ୍‌ରୁ ଓହ୍ଲାଇ ଆଣନ୍ତୁ । ମଲାଇ ସଂପୂର୍ଣ୍ଣ ଥଣ୍ଡା ହେବା ପରେ ଏହାକୁ ଏକ ଟାଇଟ୍ ଡବାରେ ଢାଳି ଏବେ ଡିପ୍‌ଫ୍ରିଜର୍‌ରେ ୧୦ରୁ ୧୨ଘଣ୍ଟା କିମ୍ବା ଗୋଟେ ରାତି ପାଇଁ ଷ୍ଟୋର୍ କରି ରଖନ୍ତୁ । ଆଇସ୍‌କ୍ରିମ୍ ଜମିଯିବା ପରେ ଏହାକୁ ଏକ ସ୍କୁପ୍ କିମ୍ବା ଚାମଚ୍ ଦ୍ୱାରା ପ୍ଲେଟ୍‌ରେ ପରଷି ଦିଅନ୍ତୁ । ଆଇସ୍‌କ୍ରିମ୍ ସଜାଇବା ପାଇଁ ଉପରେ କିଛି ପିସ୍ତା ଖଣ୍ଡ ପକାଇ ଦିଅନ୍ତୁ ।



Ohm
PVC HDPE Pipes & Fittings

# OHM PIPES PVT. LTD.




"An ISO 9001-2015 Certified Company"

## OHM PIPES, Symbol of Trust

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

ଶେଷପୃଷ୍ଠା

# ନବପ୍ରଜନ୍ମର ପ୍ରତିବଦ୍ଧତା

ସେଦିନ କଥା ହେଉଥିଲି ଆମ ସମୟର ଜଣେ ସକ୍ରିୟ ଲେଖକଙ୍କ ସହିତ ନବପ୍ରଜନ୍ମ ଲେଖକଙ୍କ ଲେଖାଲେଖିକୁ ନେଇ ସେମାନଙ୍କ ପ୍ରତିବଦ୍ଧତା ସମ୍ପର୍କରେ । ବର୍ତ୍ତମାନ ନୂଆପିଢ଼ି ବା ତରୁଣପିଢ଼ିଙ୍କର ଆବିର୍ଭାବ ଆମ ସାହିତ୍ୟକୁ ପୁଷ୍ପିତ କରିଛି, ଏଥିରେ ଦ୍ୱିମତ ହେବାର ନାହିଁ । କିନ୍ତୁ ତଦନୁସାରେ ଓଡ଼ିଆ ସାହିତ୍ୟର ପତ୍ରପତ୍ରିକା ଓ ବହିପତ୍ରର ବିପଣନରେ ବୃଦ୍ଧି ନାହିଁ କି ଆମର ପାଠକ ସଂଖ୍ୟାରେ ମଧ୍ୟ ଅଭିବୃଦ୍ଧି ଘଟିନାହିଁ । ଏହାର କାରଣ କ'ଣ ? ଲେଖକ ନୂଆ ନୂଆ ପ୍ରବେଶ କରୁଥିବା ବେଳେ ପାଠକ ସଂଖ୍ୟା ବଢୁନାହିଁ କାହିଁକି ? ଏ ସମ୍ପର୍କରେ ଚିନ୍ତାଭାବନା କଲେ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଯେଉଁମାନେ ବର୍ତ୍ତମାନ ନବପ୍ରଜନ୍ମର ଲେଖକ, ସେମାନେ ଅଧିକାଂଶ କେବଳ ଲେଖକର ପରିଚୟଟେ ନେଇ ସାହିତ୍ୟକୁ ଆସୁଛନ୍ତି । ଆସୁ ଆସୁ ନିଜର ବହି ପ୍ରକାଶ କରୁଛନ୍ତି ଏବଂ ତା'ପରେ ପରେ ହିଁ ସେ ବହି ପାଇଁ ପାଠକ ଖୋଜୁଛନ୍ତି । ଆଶ୍ଚର୍ଯ୍ୟର କଥା ଯେ ପାଠକ କ'ଣ ସ୍ୱର୍ଗରୁ ଖସିବେ ? ଆମକୁ ପାଠକ ତିଆରିବାର ଅଛି ଅର୍ଥାତ୍ ଆମରି ଲେଖା ମାଧ୍ୟମରେ ଆମେ ନିଜର ଏକ ପାଠକ ବଳୟ ତିଆରି କରିବା ଆବଶ୍ୟକ । କିନ୍ତୁ ପ୍ରଶ୍ନ ଉଠୁଛି, ଆମେ ସେପରି କରୁକି ?

ନା, ସେପରି ହୁଏନା । ହୁଏ କ'ଣ ? ହଠାତ୍ ଜଣେ ଲେଖକ ଭାବରେ ଉଭା ହୁଏ ଏବଂ ଆଜିକାଲିର ଟେକ୍ନୋଲୋଜି ଯୁଗରେ ଡିଜିଟାଲ୍ ଲେଖାଲେଖି କରି ପ୍ରଶଂସା ଓ ପ୍ରଶଂସକ ସାଉଁଟିବା କାର୍ଯ୍ୟଟି ହୁଏ । ପରେ ପରେ ବହିଟିଏ ପସ୍ତୁତ କରାଯାଏ । ତା'ପରେ ବହିଟି ଆସିଯାଏ ବହି ବଜାରକୁ । ଭୁଲିଯିବା ଉଚିତ୍ ନୁହେଁ ଯେ, ଭର୍ଚୁଆଲ୍ ଦୁନିଆର ସାହିତ୍ୟ ଓ ବାସ୍ତବ ଜଗତର ସାହିତ୍ୟ ଏକାକଥା ନୁହେଁ । ଫେସ୍‌ବୁକ୍ ହେଉ କିମ୍ୱା କୌଣସି ଡିଜିଟାଲ୍ ମାଧ୍ୟମ ହେଉ, ଏଥିରେ ଯେଉଁ ଲେଖା ଆସେ ଏବଂ ତାହାକୁ ପଢ଼ି ଯେଉଁମାନେ ପ୍ରଶଂସାରେ ପୋତି ପକାନ୍ତି, ସେମାନେ କିନ୍ତୁ ଫେକ୍ ପାଠକ, ରିଏଲ୍ ପାଠକ ନୁହନ୍ତି । ସେମାନେ କେବେ ପତ୍ରପତ୍ରିକା କିଣି ପଢ଼ନ୍ତି ନାହିଁ । ବସ୍ତୁତଃ ସେମାନେ ସେ ପ୍ରକାର ଏକ ଅଭ୍ୟାସ ସହ ଅଭ୍ୟସ୍ତ ନୁହନ୍ତି । ମୋର କହିବାର କଥା ହେଲା, ଲେଖକଟି ଲେଖକ ହେବା ଆଗରୁ ଆଗ ପାଠକ ହେଉ । ପଢ଼ାପଢ଼ି କରୁ । ଆମେ ସମସ୍ତେ ପଢ଼ାପଢ଼ିରୁ ହିଁ ଲେଖାଲଖି କ୍ଷେତ୍ରକୁ ଆସିଛୁ । ମୁଁ ମୋ ନିଜକଥା କହିବି । ପ୍ରଥମେ ପଢ଼ାପଢ଼ି ପ୍ରଚୁର କରିବା ଫଳରେ ଲେଖିବା ପ୍ରତି ଏକ ପ୍ରକାର ଆଗ୍ରହ ଆସିଲା । ଅବଶ୍ୟ ସୃଜନଶୀଳ ଗୁଣଟି ତ ରହିବା ଜରୁରୀ । ସେତିକି ନଥିଲେ ଜଣେ ସାହିତ୍ୟ ସମ୍ପର୍କିତ ପତ୍ରପତ୍ରିକା ପଢ଼ିବା ପାଇଁ ମଧ୍ୟ ଛୁଇଁବ ନାହିଁ । ସୁତରାଂ ପଢ଼ାପଢ଼ି ଦିଗରେ ଜଣେ ମନୋନିବେଶ କରୁ କରୁ ଲେଖାଲେଖି ଆଡ଼କୁ ଅଗ୍ରସର ହେଲେ ତା'ପାଖରେ ଶେଷଯାଏଁ ପଢ଼ିବା ଗୁଣଟି ବିଦ୍ୟମାନ ରହେ । ଯାହା ଆଜିର ସମୟରେ ପାଇବା କଷ୍ଟ ।

ଆଜିର ସମୟରେ ଆଉ ଗୋଟିଏ ଅଭିଯୋଗ ଶୁଣିବାକୁ ମିଳେ ଯେ, ନବପ୍ରଜନ୍ମ ଲେଖକଙ୍କୁ ସିନିୟର୍ ଲେଖକମାନେ ପଢ଼ନ୍ତି ନାହିଁ । ଏହା ଆଂଶିକ ସତ୍ୟ ହୋଇପାରେ, ସମ୍ପୂର୍ଣ୍ଣ ସତ୍ୟ ନୁହେଁ । କାରଣ ଏଇ ନିକଟରେ କବି କମଳ କୁମାର ମହାନ୍ତି ଖୋଜି ଖୋଜି ନବପିଢ଼ି ଲେଖକଙ୍କ ବହି କିଣିବା ଏବଂ ପଢ଼ି ସାରି ମତାମତ ଦେବା ବିଷୟରେ ମୁଁ ଅବଗତ ହୋଇଥିଲି । ଏହା ଅତ୍ୟନ୍ତ ଖୁସିର କଥା । ସେହିପରି ବରିଷ୍ଠ କବି ରାଜେଂଦ୍ର କିଶୋର ପଂଡ଼ାଙ୍କୁ ଯେତେଦୂର ଜାଣିଛି ସେ ନୂଆପିଢ଼ିଙ୍କୁ ପଢ଼ନ୍ତି ଓ ମନେ ରଖନ୍ତି । ସେହିପରି ପତ୍ରପତ୍ରିକାରୁ ନବପିଢ଼ି ଲେଖକଙ୍କୁ ପଢ଼ି ନିଜସ୍ୱ ମତରଖନ୍ତି ବିଶିଷ୍ଟ କବି ହରପ୍ରସାଦ ଦାସ । ବରିଷ୍ଠ କବି ଶ୍ରୀଦେବ ସବୁବେଳେ ନୂଆମାନଙ୍କୁ ଖୋଜନ୍ତି ଓ ପଢ଼ି ମୁଗ୍ଧ ହେଲେ ପିଠି ଆଉଁଷି ଦେବା ବରାବର ମୁଁ ଦେଖି ଆସିଛି । ଏମିତି ଅନେକ ଲେଖକ ଅଛନ୍ତି ଆମ ଅଜ୍ଞାତରେ, ଯେଉଁମାନେ ନବପିଢ଼ି ଲେଖକଙ୍କୁ ରୀତିମତ ପଢ଼ନ୍ତି ଏବଂ ଆଲୋଚନା କରନ୍ତି । କବି ଚିତ୍ତରଂଜନ ନାୟକ ତ ସବୁବେଳେ ପ୍ରସ୍ତୁତ ଥାଆନ୍ତି ନୂଆ ଲେଖକଙ୍କୁ ପାଇବା ମାତ୍ରେ ପଢ଼ିବାକୁ । ଖାଲି ସେତିକି ନୁହେଁ କେଉଁ ଲେଖକଙ୍କର କେତେ ସମ୍ଭାବନା ସେକଥା ମଧ୍ୟ ତାଙ୍କ ତୁଣ୍ଡରେ ଥାଏ । ମୁଁ ନିଜେ ତ ନୂଆ ଲେଖକଙ୍କୁ ପାଇବା ମାତ୍ରେ ହାତ ଧରି ଆଗକୁ ନେବାକୁ ପଛାଏ ନାହିଁ । ବର୍ଷ ବର୍ଷ ଧରି ଏ କାମ ଚାଲିଛି । ଠିକ୍ ସେହିପରି କବି ସରୋଜ ବଳ ତ ନୂଆ ଲେଖକଙ୍କ ପାଇଁ ବତୀଘର ସଦୃଶ । ଜଳରୁ ମାଛ ଛାଣି ଆଣିବା ପରି ସେ ନୂଆ ଲେଖକଙ୍କୁ ଛାଣି ଆଣନ୍ତି ଓ ସେମାନଙ୍କୁ ଗୋଟିଏ ଗୋଟିଏ ଆଇ.ଡି. ଧରାଇ ଦେଇ କହନ୍ତି: ଦୌଡ଼, ଆଗକୁ ରାସ୍ତା ବହୁଦୂର । ଠିକ୍ ସେହିପରି ସମ୍ବାଦ ସାହିତ୍ୟ ପୃଷ୍ଠା ମାସକୁ ଥରେ ନୂଆ ଲେଖକଙ୍କୁ ଚୟନ କରି ପ୍ରକାଶ କରେ । 'କଥା ନବପ୍ରତିଭା', 'କାଦମ୍ବିନୀ ନବଉନ୍ମେଷ' ମଧ୍ୟ ନୂଆ ଲେଖକଙ୍କ ପାଇଁ ବାଟ ଫିଟାଏ । ମୋଟ ଉପରେ ନୂଆପିଢ଼ିଙ୍କ ପାଇଁ ସବୁ ପ୍ରକାର ସୁଯୋଗ ଓ ପ୍ରୟାସ ଜାରି ରହିଛି । ଯାହା ଆମମାନଙ୍କ ସମୟରେ ନଥିଲା କହିଲେ ଚଳେ । ନା ଥିଲା ଫେସ୍‌ବୁକ୍ ନା ଥିଲା ଡିଜିଟାଲ୍ ପ୍ଲାଟ୍‌ଫର୍ମ । ପଢ଼ିବା ପାଇଁ କେବଳ ମୁଦ୍ରିତ ପତ୍ରିକା ବା ବହି ହିଁ ଏକମାତ୍ର ପନ୍ଥା ଥିଲା । ଲେଖାଲେଖି କରି ପଠାଇବା ପାଇଁ ଆଜିଭଳି ଏତେ ତ୍ୱରିତ ଉପାୟ ବା ହ୍ୱାଟ୍ସଆପ୍ ନଥିଲା । ଡାକ ମାଧ୍ୟମରେ ପଠାଇବାକୁ ପଡୁଥିଲା ଏବଂ ତା' ପ୍ରାପ୍ତିସୂଚନା ପାଇଁ ଅପେକ୍ଷା କରିବାକୁ ପଡୁଥିଲା ଦିନ ଦିନ । ଏତେ ସବୁ ଅସୁବିଧା ସତ୍ତ୍ୱେ ଲେଖାଲେଖି ଜଗତରେ ତିଷ୍ଠିରହିବା ମୂଳରେ ଏକ ନିରବଚ୍ଛିନ୍ନ ସାଧନା ଯେ ଥିଲା, ତାହା ସୁନିଶ୍ଚିତ । ସାହିତ୍ୟ ଏକ ସାଧନା । ସାଧନାର ସିଦ୍ଧି ରାତାରାତି ପ୍ରାପ୍ତ ହୁଏନା । ଏଥିପାଇଁ ସମୟ ଦେବାକୁ ପଡ଼େ । ଶ୍ରମ ଦେବାକୁ ପଡ଼େ । ଏସବୁ କିଛି ନଦେଇ ଗୋଟିଏ ରାତିରେ ଲେଖକ ବନିଯିବାର ପ୍ରବଳ ଇଚ୍ଛା ହିଁ ଆମକୁ ଏକ ପାଠକ-ଶୂନ୍ୟ ସାହିତ୍ୟ-ଜଗତ ଆଡ଼କୁ ଘେନି ଯାଉଛି । ଏବେ ପାଲଟା ପ୍ରଶ୍ନଟିଏ ମୁଁ କହିବି, ନବପିଢ଼ି ଲେଖକମାନେ କେତେ ପଢୁଛନ୍ତି ସିନିୟର ଲେଖକଙ୍କୁ ? ଏହାର ଉତ୍ତର ବେଶ୍ ନୈରାଶ୍ୟଜନକ । ଥରେ ଜଣେ ନବପିଢ଼ି ଲେଖକକୁ ମୁଁ ତରୁଣକାନ୍ତି ମିଶ୍ରଙ୍କୁ ପଢ଼ିଛ କି ବୋଲି ପଚାରିଦେଲି । ସେ ମନା ତ କଲେ, କିନ୍ତୁ ମୋତେ ଯେଉଁ ପ୍ରଶ୍ନିଳ ଦୃଷ୍ଟିରେ ଅନେଇଲେ, ତା'ର ଅର୍ଥ ହେଲା ଏ ତରୁଣକାନ୍ତି ମିଶ୍ର ଜୀବଟି କିଏ ? ଅନେକ ନବପିଢ଼ି ଲେଖକ ଅଛନ୍ତି, ସେମାନେ ପଢ଼ିନାହାନ୍ତି ସଦାନନ୍ଦ ତ୍ରିପାଠୀଙ୍କୁ, ରଜନୀକାନ୍ତ ମହାନ୍ତିଙ୍କୁ, ଗିରି ଦଣ୍ଡସେନାଙ୍କୁ, ମଳୟ ମିଶ୍ରଙ୍କୁ ଏବଂ ଆହୁରି ଅନେକଙ୍କୁ ! ପଢ଼ିବା ମାନେ ନୁହେଁ କେବଳ ରମାକାନ୍ତ ରଥ, ବିଭୂତି ପଟ୍ଟନାୟକ, ପ୍ରତିଭା ରାୟ ? ହଁ ଏମାନଙ୍କୁ ପଢ଼ିବା ସହ ଉପରେ ଉଲ୍ଲେଖ କରିଥିବା ପର୍ଯ୍ୟାୟର ଲେଖକମାନଙ୍କୁ ମଧ୍ୟ ପଢ଼ାଯାଉ ।




SMILE GOLD JEWELLERS
SG
SMILE GOLD
JEWELLERS
Festival Season Offer
Flat Making Charges 399
Flat Making Charges 499
ZERO
Making on advance deposits
Pay 11 months equally, after the 11th month you will be eligible to buy gold ornament for the same amount with absolutely free making charges. T&C Apply.
• Lowest Gold price in Odisha • Free Gold Testing
• Guarantee for Purity • Life time free Servicing
Plot No B38, Fancy Market, Saheed Nagar,
BBSR, 9438019696, 9438029797


HIGHLAND
A Highland Group Entity
A state of the art shrimp processing plant
Our Certifications :
FSSC 22000
BRCS
Best Aquaculture Practices
Follow us on :
/ highlandagro
Product Profile
Headless (HL)
PUD
PD
Karikadi
Easy Peel
PDTO
/highlandagro
HIGHLAND AGRO FOOD PVT. LTD.
Plot No. 347-358, Gadabhanga, Khantapada, Balasore, Odisha, India - 756043
Email : info@highlandgroups.com
Website : www.highlandgroups.com